ଘାସଫୁଲ

ସପ୍ତଦଶ ବର୍ଷ ପ୍ରଥମ ସଂଖ୍ୟା ମକର-୨୦୨୬
17th Year 1th Issue Makar -2026

ପ୍ରତିଷ୍ଠାତା ସମ୍ପାଦକ: **ବିଷ୍ଣୁ ସେଠୀ**

ସଂପାଦିକା : **ଉର୍ମିଳାରାଣୀ ପାଣିଗ୍ରାହୀ**
ଅତିଥି ସଂପାଦକ : **ସୂର୍ଯ୍ୟବଂଶୀ ସୂରଜ**

ସୃଜନୀ ସମ୍ପାଦକ : **ଅଭୟ ଦ୍ୱିବେଦୀ**

ନିର୍ବାହୀ ସଂପାଦକ: **ବ୍ୟୋମକେଶ ସେନାପତି**
କଳା-ସଂପାଦକ : **ଚୂଡ଼ାମଣି ଦାସ**

ଅକ୍ଷର ସଜ୍ଜା : **ମା' ସନ୍ତୋଷୀ କମ୍ପ୍ୟୁଟର**
ମୁଦ୍ରଣ : **ରିକି ପ୍ରମୋଟର**

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ: ୭୦୦୮୫ ୯୮୮୩୨, ୯୯୩୭୬ ୧୧୨୨୮
E-mail: ghasaphula02@gmail.com

ଦୃଷ୍ଟ୍ୱା ମକର ସଂକ୍ରାନ୍ତଙ୍କ
ଲିଙ୍ଗଂ ତ୍ରିଭୁବନେଶ୍ୱରମ୍
ଘୃତକମ୍ବଳ ସଂଯୁକ୍ତମ୍
ଅଗ୍ନିଲୋକମବାପ୍ନୁୟାତ୍ ।
(ଶିବ ପୁରାଣ)

ମୂଲ୍ୟ
୫୦ଟଙ୍କା ମାତ୍ର



ଗଛ ମାଛ ଆଗପଛ

ଗଛ ମଲେ ଜାଳ ।
ମାଛ ମଲେ ଶୁଖୁଆ ।
ପିଣ୍ଡ ଛାଡ଼ିଲେ ମଣିଷ ? ଶବ, ଭୂତ, ମୂର୍ଦ୍ଦାର, ମୁତାଫା ଇତ୍ୟାଦି
ସେତକୁ ବି ନିଲଠା ବିକ୍ରି ପାଇଁ ଅଯୋଗ୍ୟ
ଆହାର ଶିଆଳ ଶାଗୁଣାମାନଙ୍କର ।

ଜାଳ କ୍ୱିଣ୍ଟାଲ ମହରଗ
କାଠ କଣ୍ଟ ତ ନିଲାମ
କଳାପଥର ଶୁଖୁଆ ମାର୍କେଟ ଦେଖିଛ ?
ପୁରୀ ଖଜା ମିଠେଇ ପରି ସଜାଇ ବସିଥାଏ
ରାଜରାସ୍ତା କଡ଼ରେ ମାଈପୁଅ
ଗଛ ଦେଇ ଦେଇ ବି ମଲା
ମଲାମାଛ ଶୁଖି ଶୁଖି ଗଲେ ମାର୍କେଟ ତ ନିଆରା
ମଲା ମଣିଷର ବିକ୍ରି କେନ୍ଦ୍ର କେଉଁଠି

ବିନା ଗରାଖର ବିଂଧାଣୀ
ମାଛ ଗଛ
ଆଗପଛ
ଆଗରୁ (ଜୀବିତ) ଥିଲା, ଏବେ ନାହିଁ
ମଣିଷ ଶବର କେମିକାଲ
ଟ୍ରେଲର ଧରା ମାଛଙ୍କ ଉପରେ
ମାଈ କୁଳ ଖତମ

ଫୋରେନ୍‌ସିକ୍ ଲାବୋରେଟୋରୀର ପେଟ ଓ ପେଟରା


ଧପାଲିଲା ମାଝି ଘର ମଝିଆଁ ପୁଅ ମହାରାଷ୍ଟ୍ର, ଗୁଜୁରାଟ
ଆସିଥିଲା ଗାଁକୁ, ଫସେଇ ଦେଲା, ତେଲିଘର ଝିଅକୁ
ଟ୍ରେନ୍ ଟିକେଟ କିଣି ବସିଲେ ଗାଡ଼ିରେ ଅଂଧାର ରାତିରେ
ଝିଅକୁ ଖୋଜିଲେ ମିଛରେ ତେଲି ଘର ଲୋକେ

ଓଡ଼ିଶାରେ ଯେଉଁଠି ଜଂଘଲ ଥିଲା ସେଠିଆଉ


ଗଛ ନାହିଁ
ଆମର ପୋଖରୀ ଅଛି
ମାଛ ନାହିଁ
ମାଛ ଆସୁଛି ଆଂଧ୍ରାରୁ
ସତେକି ଆମେ ସବୁ ଦରବ ଭାରତରୁ
କିଣିବାକୁ ଜନମ
ବୋଧେ ଗୋଟେ ଦୁର୍ବଳ ଜାତିକୁ
ବିକିହୁଏ ଏ ସବୁ ପଦାର୍ଥ, ପଚା ଚିଙ୍ଗୁଡ଼ି ମାଛ ବି ।

କ'ଣ ? ଚିଙ୍ଗୁଡ଼ି ଗୋଟେ ମାଛ ନୁହେଁ ?
ମାଛ ନ ହେଇ ଚିଙ୍ଗୁଡ଼ି
ଫେରି ଆସିଲା କି ଘୂରି ଘୂରି
ଏକ୍ସପୋର୍ଟ ହେଉଛି ପା

ବଡ଼ ବଡ଼ିଆଙ୍କ ମେନୁ ।
ତେଲୀ ଘର ଝିଅ (ଝିଅର ଗୁଣ ଛାଡ଼ି ଏବେ ବୋହୂ ହେଲାଣି)
ଫେରିଲା ଦିନେ ଗାଁକୁ
ଛୋଟ ଜାତିରେ ଗଲା, ପିତୃପୁରୁଷଙ୍କୁ ପାଣି ମନା
ମାଝୀଘର ଭାଇ ବିରାଦ ସବୁ ମୂର୍ଖାନ୍ତିଆ
ତେଲୀ ବୁଢ଼ା ଥାନାରୁ କେଶ୍ ଉଠାଇ ଆଣିଲା ।
ଏବେ ସବୁ ଠିକ ଠାକ୍ ।
ଯା' ଆସ ଚାଲିଛି
ତେଲୀ ଘରୁ ମାଝୀ ଘରକୁ
ପୁଣି ମାଝୀ ଘରୁ ତେଲୀ ଘରକୁ ।



(କବିଙ୍କର ସଦ୍ୟତମ ପ୍ରକାଶିତ 'ଆଲୋମୟ ଅପ୍ସରା' ସଙ୍କଳନରୁ ସଂଗୃହୀତ)





ସମ୍ପାଦିକାଙ୍କ ପୃଷ୍ଠା

ଯୁବଶକ୍ତିର ଜୟ ହେଉ

ଉର୍ମିଳାରାଣୀ ପାଣିଗ୍ରାହୀ

ଚଳିତ ସଂଖ୍ୟାରୁ କବି ବିଷ୍ଣୁ ସେଠୀଙ୍କ ଗେହ୍ଲା ଝିଅ 'ଘାସଫୁଲ' ୧୭ ବର୍ଷରେ ପଦାର୍ପଣ କଲା । ଯୌବନର ପ୍ରଥମ ପାହାଚ । ଆଖିରେ ଅନେକ ସ୍ୱପ୍ନ ଓ ପ୍ରାଣରେ ପ୍ରଚୁର ସମ୍ଭାବନା । ଏହି ଭାବଟି ହୃଦୟରେ ସଂଚରି ଗଲେ ଦୂର ଆକାଶର ପକ୍ଷୀଟିଏ ମଧ୍ୟ ଆପଣା ଭିତରେ ଗୁମୁରି ଉଠେ । ନୀଳ ଆକାଶକୁ ଉଡ଼ି ଯିବାର ଆକାଂକ୍ଷା ଚାରିଆଡ଼େ ପରିବ୍ୟାପ୍ତ ହୋଇଯାଏ । ଯୁବାବସ୍ଥା ଏକ ଅବସର; ଜୀବନର ସର୍ବୋତ୍ତମ ପର୍ଯ୍ୟାୟ ଯେଉଁ ସମୟରେ ଆତ୍ମବିଶ୍ୱାସ ଓ ସ୍ୱପ୍ନ ଦୃଢ଼ ଭାବେ ବିକଶିତ ହୋଇଥାଏ । ସାହିତ୍ୟରେ ଏହି କାଳଖଣ୍ଡ ହେଉଛି ଆଶା, ଉତ୍ସାହ ଓ ସୃଜନଶୀଳତାର ପ୍ରତୀକ ଓ ଇତିହାସରେ ବିପ୍ଳବ, ଆନ୍ଦୋଳନ ଓ ସଂସ୍କାରର ଆଧାର । ଘାସଫୁଲ ଆଜି ସେହି ମାହେନ୍ଦ୍ର ମୁହୂର୍ତ୍ତରେ ଉପନୀତ ହୋଇଛି ।

୨୦୨୬ ମସିହା ଘାସଫୁଲ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ପ୍ରତିବର୍ଷ କବି ବିଷ୍ଣୁ ସେଠୀଙ୍କର ଜନ୍ମଦିନ ଜୁନ୍ ୫ ତାରିଖରେ ଘାସଫୁଲର ବାର୍ଷିକୋତ୍ସବ ଆୟୋଜିତ ହେବ । ଘାସଫୁଲର ଲେଖକ/ଲେଖିକା, ପୃଷ୍ଠପୋଷକ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ପାଇଁ ଏହା ପ୍ରକୃଷ୍ଟ ଅବସର । ସେହି ଅବସରରେ ଚଳିତ ବର୍ଷ ଘାସଫୁଲର ୱେବ୍‌ସାଇଟ ଉନ୍ମୋଚିତ ହେବାର ଯୋଜନା ରହିଛି । ଫଳରେ ଓଡ଼ିଶା ବାହାରେ ରହୁଥିବା ଅଗଣିତ ଓଡ଼ିଆ ପାଠକ/ଶୁଭେଚ୍ଛୁ ଘାସଫୁଲ ପଢ଼ିବାର ସୁଯୋଗ ପାଇବେ ।

ଚଳିତ ବର୍ଷ ଘାସଫୁଲର କଥାବସ୍ତୁରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଯୋଜନା ରହିଛି । ଏହାର ପରିସର କେବଳ ପାରଂପରିକ ରୀତିରେ ପ୍ରବନ୍ଧ, ଗଳ୍ପ, କବିତା ଆଦିରେ ସୀମିତ ରହିବ ନାହିଁ । ଜ୍ଞାନ ବିଜ୍ଞାନର ପ୍ରତିଟି ପ୍ରାନ୍ତକୁ ସ୍ପର୍ଶ କରିବା ପ୍ରୟାସ କରାଯିବ ।

ଆଜିର ସମୟରେ ପରିବେଶ ସୁରକ୍ଷା ହେଉଛି ଆମ ସମସ୍ତଙ୍କର ପ୍ରାଥମିକତା । ସଦ୍ୟତମ ରିପୋର୍ଟ ଅନୁଯାୟୀ ଆମ ରାଜ୍ୟର ସାତଟି ଜିଲ୍ଲାର ବାୟୁ ଗୁଣବତ୍ତା ଅତି

ନିମ୍ନମାନର , ଏପରିକି ରାଜଧାନୀ ଦିଲ୍ଲୀ ଠାରୁ ଆହୁରି ନ୍ୟୁନ । ସେଗୁଡ଼ିକ ହେଉଛନ୍ତି ଅନୁଗୋଳ ଜିଲ୍ଲାର ଅନୁଗୋଳ ଏବଂ ତାଳଚେର ସହର,ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର, ମୟୁରଭଂଜ ଜିଲ୍ଲାର ବାରିପଦା,ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର,କଟକ ଜିଲ୍ଲାର କଟକ, କେଉଁଝର ଜିଲ୍ଲାର କେଉଁଝର । ଏ ସମସ୍ତ ସହରର ବାୟୁର ଗୁଣବତ୍ତା (AQI) ୩୦୦ micrograms per cubic metre (mg/m3) ଠାରୁ ଅଧିକ । ଅନ୍ୟ ଅର୍ଥରେ କହିଲେ ଏହି ଦୂଷିତ ବାୟୁ ସେବନ କରିବା ଅର୍ଥ ଦିନକୁ ଗୋଟିଏ ପ୍ୟାକେଟ ସିଗାରେଟ ଧୂମ ସେବନ କରିବା ସହିତ ସମାନ । ଜଣେ ନବ ଜାତକକୁ ପୁଷ୍ଟିକର ଖାଦ୍ୟ ସହିତ ଯଦି ପ୍ରତିଦିନ ଗୋଟିଏ ପ୍ୟାକେଟ ସିଗାରେଟ ସେବନ କରିବା ପାଇଁ ବାଧ୍ୟ କରାଯାଏ, ତାହାର ଭବିଷ୍ୟତ ସଂପର୍କରେ ଆସନ୍ତୁ ଆମେ ସମସ୍ତେ ଚିନ୍ତା କରିବା । ତେଣୁ ଏ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଘାସଫୁଲର ପ୍ରାଥମିକତା ହେବ । ଏହି ସଂଖ୍ୟାରେ ପରିବେଶ ସଚେତନ ସପର୍କୀୟ ଆଲେଖ୍ୟ ସହିତ ବିଜ୍ଞାନର ନୂତନ ଉଦ୍‌ଭାବନ 'କୃତ୍ରିମ ସୂର୍ଯ୍ୟ' ଉପରେ ଅନ୍ୟ ଗୋଟିଏ ନିବନ୍ଧ ପ୍ରକାଶ ପାଇଛି ।

୨୦୨୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସାରା ଦେଶରେ ମହାନ ସ୍ୱାଧୀନତା ସେନାନୀ ବଙ୍କି ଚନ୍ଦ୍ରଙ୍କ ରଚିତ 'ବନ୍ଦେ ମାତରମ' ସଙ୍ଗୀତର ୧୫୦ତମ ଜୟନ୍ତୀ ସମାରୋହ ଆଗ୍ରହ ଓ ଉତ୍ସାହର ସହିତ ପାଳିତ ହୋଇଛି । ବିଦେଶୀ ଶାସନ କବଳରୁ ମୁକ୍ତ କରିବା ସହିତ ସାରା ଦେଶବାସୀଙ୍କୁ ଦେଶପ୍ରେମର ଉତ୍ତୁଙ୍ଗ ଆଦର୍ଶରେ ବାନ୍ଧି ରଖିବା ପାଇଁଏହି ସଙ୍ଗୀତ ସମର୍ଥ ହୋଇଥିଲା । ଫାଶୀଗୁଳାକୁ ହସି ହସି ଯାଉଥିବା ଅମର ସଂଗ୍ରାମୀଙ୍କ କଣ୍ଠରେ ଏହି ସଙ୍ଗୀତର ଧୂନ , ଗଗନ ପବନ ପ୍ରକମ୍ପିତ କରି ଦେଉଥିଲା । ଆମ ଓଡ଼ିଶାରେ କନିକାର ସ୍ୱେଚ୍ଛାଚାରୀ ରାଜା ରାଜେନ୍ଦ୍ର ନାରାୟଣଙ୍କ ଅତ୍ୟାଚାରୀ ଶାସନରୁ ମୁକ୍ତି ପାଇବା ନିମନ୍ତେ ଆନନ୍ଦ ଚନ୍ଦ୍ରଙ୍କ ରଚିତ 'ଦୁଃଖିନୀ କନିକା'ର ପ୍ରଭାବ ଅନୁରୂପ ଥିଲା । ଏହି ସଙ୍ଗୀତ ପ୍ରଜା ଆନ୍ଦୋଳନକୁ ତେଜୀୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ସଂଖ୍ୟାରେ ଏହି ଦୁଇଟି କାଳଜୟୀ କବିତା ଉପରେ ଗୋଟିଏ ସ୍ୱତନ୍ତ୍ର ପ୍ରସଙ୍ଗ ଉପସ୍ଥାପନା ସହିତ 'ଦୁଃଖିନୀ କବିତା' ଆଜି ଦୁଷ୍ପ୍ରାପ୍ୟ ହୋଇଥିବାରୁ ଏହାର ଅବିକଳ ମୁଦ୍ରଣ କରାଯାଇଛି ।

'ଘାସଫୁଲ'ର ସମସ୍ତ ଲେଖକ/ଲେଖିକା, ପାଠକ ବନ୍ଧୁ ଏବଂ ପୃଷ୍ଠପୋଷକ ଓ ସହଯୋଗୀମାନଙ୍କୁ ପବିତ୍ର ମକର ସଂକ୍ରାନ୍ତି ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଶ୍ରୀମତୀ ଶ୍ରାବଣୀ ପାଣିଗ୍ରାହୀ

❐

ସୂଚିପତ୍ର

କ୍ରମାଙ୍କ	ବିଷୟ	ଲେଖକ	ପୃଷ୍ଠା
୦୧.	ପ୍ରତିଷ୍ଠାତାଙ୍କ ପୃଷ୍ଠା	ବିଷ୍ଣୁ ସେଠୀ	୦୨
୦୨.	ସମ୍ପାଦିକାଙ୍କ ପୃଷ୍ଠା	ଉର୍ମିଳାରାଣୀ ପାଣିଗ୍ରାହୀ	୦୪
୦୩.	ଅତିଥି ସମ୍ପାଦକଙ୍କ ପୃଷ୍ଠା	ସୂର୍ଯ୍ୟବଂଶୀ ସୂରଜ	୨୧
	ମକର ସ୍ୱତନ୍ତ୍ର		
୦୪.	ମକର ପର୍ବ ଓ ଉତ୍ତରାୟଣ	ବୀରେନ୍ଦ୍ର କୁମାର ପଣ୍ଡା	୦୯
୦୫.	.ମକର ସଂକ୍ରାନ୍ତିର ମହତ୍ତ୍ୱ	ଡ. ପ୍ରମୋଦ କୁମାର ନାୟକ	୧୩
	ସ୍ୱତନ୍ତ୍ର ପ୍ରସଙ୍ଗ		
୦୬.	ବନ୍ଦେ ମାତରମ୍	ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ	୨୦
୦୭.	'ଦୁଃଖିନୀ କନିକା'	ଆନନ୍ଦ ଚନ୍ଦ୍ର ଜେନା	୨୫
	ପୁସ୍ତକ ସମୀକ୍ଷା		
୦୮.	ଆଲୋମୟ ଅପ୍ସରା	ସୁଚିତ୍ରା ପାଣିଗ୍ରାହୀ	୫୨
	ସାକ୍ଷାତକାର ସ୍ୱତନ୍ତ୍ର		
୦୯.	ମନୋଜ ଦାସ : ଶ୍ରଦ୍ଧାଞ୍ଜଳି	ଅଭୟ ଦ୍ୱିବେଦୀ	୬୦

ପ୍ରବନ୍ଧ ସ୍ୱତନ୍ତ୍ର

୧୦.	ହା-ଅନ୍ନ ଉପନ୍ୟାସର ପୃଷ୍ଠଭୂମି	କାହ୍ନୁ ଚରଣ	୭୮
୧୧.	'ଭାରତ ପ୍ରତି ଇଂଲଣ୍ଡର ଋଣ'	ପ୍ରଦୀପ୍ତ କୁମାର ସାମଲ	୮୨
୧୨.	ଭାରତ ଉପରେ ଇଂଲଣ୍ଡର...	ଲଜପତ ରାୟ	୮୫
୧୩.	ସବା ମୂଳରେ ମଣିଷ'ରେ...	ଡ. ବ୍ରଜମୋହନ ମିଶ୍ର	୯୧
୧୪.	ସତ୍ୟବାଦୀ ସ୍କୁଲ	ଡ. ଶିଶିର ବେହେରା	୧୧୦
୧୫.	ଲାସ୍‌ଲୋ କ୍ରାଶନାହୋରକାଇ	ଡ. ସୁକାନ୍ତି ମହାପାତ୍ର	୧୨୪
୧୬.	ସ୍ଥିତିବାଦୀ କମଳାକାନ୍ତ	ଡ. କୁଞ୍ଜବିହାରୀ ଧଳ	୧୩୦
୧୭.	ଭାଗୀରଥି ମହାପାତ୍ର	ବିଜୟ କୁମାର ବହଳୀ	୧୩୬
୧୮.	ସାଧନାମୟ ଜୀବନ	ହରମୋହନ କୁଅଁର	୧୪୨
୧୯.	ଜଗତୀକରଣର ମୁଦ୍ରାଙ୍କ	ଡ. ବାସୁଦେବ ଦାସ	୧୪୭
୨୦.	ଅଟଳ-କବିତାରେ...	ପ୍ରକାଶ କିଶୋର ମହାପାତ୍ର	୧୫୫

ପରିବେଶ ସ୍ୱତନ୍ତ୍ର

୨୧.	ପରିବେଶ ସୁରକ୍ଷା ନିମନ୍ତେ	ବେଲାଳସେନ	୧୬୦

ଗଳ୍ପ ସ୍ୱତନ୍ତ୍ର

୨୨.	ସଭା	ଡ. ରତ୍ନାକର ଦାସ	୧୬୪
୨୩.	ଲହୁଣୀ	ମଦନ ମୋହନ ମହାକୁଡ	୧୬୭
୨୪.	ବୁଢା ଶଙ୍ଖାରିର ଲୁହ	ଚୌଧୁରୀ ବରଦାପ୍ରସନ୍ନ ଦାସ	୧୭୩
୨୫.	ବଡ଼ବାପା ଯାଇନାହାଁନ୍ତି	ରୁଚି ପାଣିଗ୍ରାହୀ	୧୭୭

ବିଜ୍ଞାନ ସ୍ୱତନ୍ତ୍ର

୨୬.	ଦ୍ୱିତୀୟ ସୂର୍ଯ୍ୟ	ଉଦ୍ଧବ	୧୮୦




କବିତା ସ୍ୱତନ୍ତ୍ର

୨୭.	ଭାଗ୍ୟ କାହିଁ ମୋର	ଡ. ସରୋଜିନୀ ଷଡ଼ଙ୍ଗୀ	୧୮୪
୨୮.	ଅନାମଧେୟ	ପୀତାମ୍ବର ତରାଇ	୧୮୫
୨୯.	ପରାଜିତ ସୈନିକ	ରଘୁନାଥ ପାତ୍ର	୧୮୮
୩୦.	ତମେ, ତମେ ହେଇ ଆସ	ଡାକ୍ତର ନୀଳମାଧବ କର	୧୮୯
୩୧.	ମୋ ଗାଆଁ	ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି	୧୯୦
୩୨.	ନିଜକୁ ଶୂନ ଭାବିଦେଲେ	ଜ୍ୟୋତି ପ୍ରକାଶ କର	୧୯୧
୩୩.	ଆହ୍ୱାନ	ରସାନନ୍ଦ ମହାପାତ୍ର	୧୯୨
୩୪.	ଯଦି ମିଳେ ଆଉ ଗୋଟେ ଜନ୍ମ	କିଶୋର ପାଣିଗ୍ରାହୀ	୧୯୪
୩୫.	ବୟସ ବଢ଼ିଲେ	ସୁରଞ୍ଜନ ପାତ୍ର	୧୯୫
୩୬.	ବୟସ ନଦୀର ତୀରେ	ବେଣୁଧର ସୂତାର	୧୯୬
୩୭.	କଳାକାର	ଶ୍ରୀମତୀ ବସନ୍ତ ମିଶ୍ର	୧୯୭
୩୮.	ମୁଁ ଯେ ଅମୃତର ବିନ୍ଦୁ	ଦେବସ୍ମିତା ମିଶ୍ର	୧୯୮
୩୯.	ଗୋଟେ ଲମ୍ବା ରାତିର କଥା	ପ୍ରଜ୍ଞା ପାରମିତା ମିଶ୍ର	୧୯୯
୪୦.	ଶରତ	ଶୁଭ୍ରାଂଶୁ ଶେଖର ମାହୁନ୍ତ	୨୦୧
୪୧.	ସେଇ ଜ୍ଞାନ ବୁଦ୍ଧି ଦିଅ	ଅନନ୍ତ କୁମାର ସେନାପତି	୨୦୨
୪୨.	କାନ୍ତକବିଙ୍କ ସ୍ମରଣେ	ଗୋଲକ ପ୍ରସାଦ ବୈୟାରୀ	୨୦୩
୪୩.	ତୁମ ଗାଁ ଶୀତ	ମନୋଜ ଭଳ	୨୦୪
୪୪.	ଝରେ	ରମେଶ ଚନ୍ଦ୍ର ଦାସ	୨୦୫
୪୫.	ସଜୀବ ପୂଜା	ସ୍ୱର୍ଗତ ପଦ୍ମନାଭ ବେହେରା	୨୦୬
୪୬.	ଜୀବନ	ରମେଶ ଚନ୍ଦ୍ର ସ୍ୱାଇଁ	୨୦୭
୪୭.	ବାସ୍ତବ ର ଆଢୁଆଳେ	ନିରୁପମା ପାଣି	୨୦୮
୪୮.	ତୁମେ ଗଲା ପରେ	ସୁରଥ କୁମାର ରାଉତ	୨୦୯

❐

ମକର ପର୍ବ ଓ ଉତ୍ତରାୟଣ



ବୀରେନ୍ଦ୍ର କୁମାର ପଣ୍ଡା

ବେଦଭବନ, କୁଆଁସ, ଭଦ୍ରକ
ଫୋନ୍ - ୯୩୩୭୮ ୯୦୦୦୧

ସଂସାରରେ ସମସ୍ତେ ମନୁଷ୍ୟ ସମୂହରେ ତଥା ବିଭିନ୍ନ ମହାତ୍ମା, ମହାପୁରୁଷ, ଜ୍ଞାନୀ, ଗୁଣୀ ପରୋପକାରୀମାନଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ଉତ୍ସବ ପାଳନ କରାଯିବାର ପରମ୍ପରା ଦେଖାଯାଏ । ମାତ୍ର ବିଶ୍ୱର ଅନେକ ସ୍ଥାନରେ ବିଶେଷତଃ ଆର୍ଯ୍ୟାବର୍ତ୍ତରେ ଏପରି ଅନେକ ପର୍ବ ଅଛି ଯାହା ଋତୁ, ଅୟନ, ପ୍ରାକୃତିକ ପରିବେଶ, ଶସ୍ୟ ଉତ୍ପନ୍ନ ସମୟ ତଥା ବିବିଧ ଗ୍ରାମୀଣ ପରମ୍ପରାକୁ ନେଇ ପର୍ବ ପାଳନ କରାଯାଏ । ନିଜର କର୍ମମୟ ଜୀବନକୁ କ୍ଲାନ୍ତ, ଦିନଚର୍ଯ୍ୟାକୁ ସରସ, ସୁନ୍ଦର କରିବା ପାଇଁ ସେ ଅନେକ ପର୍ବର ଆୟୋଜନ କରେ । ପ୍ରତି ପରିବାରରେ ଜନ୍ମଦିନ, ଶ୍ରାଦ୍ଧ ବା ସ୍ମୃତି ଦିବସ, ବିବାହ ସ୍ମାରକୀ ଆଦି ମଧ୍ୟ ପାଳନ କରାଯାଏ । ଶ୍ରମର ଆଧିକ୍ୟ ହେଲେ ଶରୀର କଷ୍ଟ ପାଏ ତେଣୁ ଶରୀରର ଯଥାର୍ଥ ସନ୍ତୁଳନ ପାଇଁ ମଝିରେ ମଝିରେ ବିଶ୍ରାମ ଆବଶ୍ୟକ । ସେଥିପାଇଁ ବାର ମାସରେ ତେର ପର୍ବ କଥା ସମ୍ମୁଖକୁ ଆସେ । ଏହି ପରମ୍ପରା ବିଶ୍ୱରେ

ଅନେକ ସମ୍ପ୍ରଦାୟମାନଙ୍କ ଠାରେ ମଧ୍ୟ ଦେଖାଯାଏ ।

ଆର୍ଯ୍ୟ ବା ହିନ୍ଦୁ ପରମ୍ପରାରେ ବୈଦିକ ବିଚାର ଚାଲୁଥିବା ସମୟରେ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ଆଦିକୁ ନେଇ ଓ ଋତୁ ଅନୁକୂଳ ତଥା ଶସ୍ୟ ଆଦାୟ ସମୟକୁ ନେଇ ଉତ୍ସବ ପାଳନ କରାଯାଉଥିଲା । ସମୟକ୍ରମେ ବିଶ୍ୱରେ ହିନ୍ଦୁଙ୍କ ସହ ମୁସଲମାନ, ଈଶାଇ, ଇହୁଦୀ ଆଦି ବିଚାରଧାରା ପ୍ରଚଳିତ ହେଲା । ମୁସଲମାନମାନେ ଶୁକ୍ରବାରକୁ, ଈଶାଇ ରବିବାରକୁ ମାନିବା ଆରମ୍ଭ କରୁଥିଲାବେଳେ ଆର୍ଯ୍ୟ ପରମ୍ପରାରେ ପ୍ରତି ଦିନକୁ ଶିବ, ମଙ୍ଗଳା, ଚନ୍ଦ୍ର, ବୁଧ, ଲକ୍ଷ୍ମୀ ଆଦି ନାମରେ ନାମିତ କରି ପାଳନ ଆରମ୍ଭ କରିଥିଲା । ଏଥିପାଇଁ ବିଶ୍ୱରେ ପର୍ବ ପାଳନର ପରମ୍ପରା ସର୍ବତ୍ର ଦେଖାଯାଉଥିଲେ ବି ନିର୍ଦ୍ଦିଷ୍ଟ ପରମ୍ପରା ସର୍ବତ୍ର ପ୍ରତିଭାତ ହେଉ ନ ଥିଲା । ସେଥିପାଇଁ ନୂତନ ବର୍ଷ ଆରମ୍ଭ ପର୍ବ ପାଳନରେ ଆମେ ବିବିଧତା ଦେଖିବାକୁ ପାଉ । କାରଣ କିଛି ପ୍ରକୃତିକୁ ଆଧାର କରି, ସୃଷ୍ଟି ଆରମ୍ଭକୁ ଆଧାର କରି ଓ ମହାତ୍ମାମାନଙ୍କ ଜନ୍ମଦିନକୁ ମଧ୍ୟ ଆରମ୍ଭ ଦିନ ବୋଲି ବିଚାର କରିଥିଲେ ।

ଅନେକ ପର୍ବ ମହାତ୍ମାମାନଙ୍କ ଜନ୍ମଦିନରେ, ସ୍ମୃତିଦିନରେ ପାଳନ ପରମ୍ପରା ଥିଲା । ସମୟକ୍ରମେ ତାଙ୍କ ଅନୁଗାମୀମାନେ ମହାତ୍ମାଙ୍କ ସ୍ମୃତି ପାଇଁ ଅବ୍ଦ ପ୍ରଚଳନ କଲେ । ଯଥା ବିକ୍ରମାବ୍ଦ, ଶକାବ୍ଦ, ଖ୍ରୀଷ୍ଟାବ୍ଦ, ଦୟାନନ୍ଦାବ୍ଦ ଆଦି । କିନ୍ତୁ ଭାରତରେ ଅନେକ ପର୍ବ ସୂର୍ଯ୍ୟକୁ ଆଧାର କରି ପାଳନ କରାଯାଏ । ଋତୁ ଅନୁସାରେ ସୂର୍ଯ୍ୟଙ୍କ ଅୟନ ସହ ପୃଥିବୀର ପରିକ୍ରମାରେ ମଧ୍ୟ ସାମାନ୍ୟ ସ୍ଥିତି ପରିବର୍ତ୍ତନ ଲକ୍ଷ୍ୟ ହୁଏ । ଦିନ ଛୋଟ ଓ ବଡ଼ ହେବା ଏହାର ପରିଣାମ । ଏଥିପାଇଁ ସମଗ୍ର ବିଶ୍ୱରେ ବିବିଧ ଭାବରେ ଅନେକ ପରମ୍ପରାରେ ପର୍ବ ପାଳନ କରାଯାଏ ।

ପର୍ବ ଶବ୍ଦ 'ପର୍ବ ପୂରଣେ' ଧାତୁରୁ ନିର୍ମିତ ।

"ପର୍ବତି ପୂରୟତି ଜନାନାନନ୍ଦେନେତି ପର୍ବ" ପର୍ବ ଶବ୍ଦ ସଂସ୍କୃତ ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି । -

ପର୍ବ ସ୍ୟାଦୁତ୍ସବେ ଗ୍ରନ୍ଥୌ ପ୍ରସ୍ତାବେ ବିଷୁବାବିଷୁ ।
ଦର୍ଶ-ପ୍ରତିପଦୋଃ ସନ୍ଧୌ ସ୍ୟାତ୍ତିଥୌଃ ପଞ୍ଚକାନ୍ତରେ ॥

ପର୍ବର ମୁଖ୍ୟ ଉଦ୍ଦେଶ୍ୟ ଉତ୍ସବ ଥିଲେ ମଧ୍ୟ ଆର୍ଯ୍ୟମାନେ ପ୍ରତି ପର୍ବକୁ ଧର୍ମ ସହ ସଂଯୋଜିତ କରିଥିଲେ । ସେହି ପର୍ବମାନଙ୍କ ମଧ୍ୟରେ ସକଳ ଜଗତର ଉତ୍ପାଦକ ସୂର୍ଯ୍ୟଙ୍କୁ ଆଧାର କରି ଅନେକ ପର୍ବପର୍ବାଣୀ ଆମ ଦେଶରେ ପ୍ରଚଳିତ ହୁଏ । ତନ୍ମଧ୍ୟରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ପର୍ବ ମକର ସଂକ୍ରାନ୍ତି ଅନ୍ୟତମ । ଅୟନର ଅର୍ଥ ମାର୍ଗ ବା ଷାଣ୍ମାସିକ ସୂର୍ଯ୍ୟଦେବଙ୍କ ଗତି । ଏହାର ଦକ୍ଷିଣ ଓ ଉତ୍ତର ନାମରେ ଦୁଇ ଭାଗରେ ବିଭକ୍ତ ।

ଯେଉଁ ସମୟ ମଧ୍ୟରେ ପୃଥିବୀ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ପରିକ୍ରମା କରନ୍ତି ତାକୁ ଏକ ସୌର ବର୍ଷ କୁହାଯାଏ । ଯେଉଁ ଲମ୍ବ ବହୁଳାକାର ପରିଧି ଦେଇ ପୃଥିବୀ ପରିଭ୍ରମଣ

କରେ ତାକୁ କ୍ରାନ୍ତିବୃତ୍ତ କୁହାଯାଏ । ଜ୍ୟୋତିଷ ଶାସ୍ତ୍ରରେ ଏହି କ୍ରାନ୍ତିବୃତ୍ତିକୁ ୧୨ ଭାଗରେ କଳ୍ପନା କରାଯାଇଛି । ଏହି ୧୨ ଭାଗକୁ ଆକାଶସ୍ଥ ନକ୍ଷତ୍ରପୁଞ୍ଜ ଆଜିର ଆକୃତିକୁ ଆଧାର କରି ନାମକରଣ କରାଯାଇଛି । ଯଥା- ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ତଥା ମୀନ । ଏହି ପ୍ରତ୍ୟେକ ଭାଗକୁ ରାଶି କୁହାଯାଏ । ପୃଥିବୀ ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ସଂକ୍ରମଣ କଲେ ତାକୁ ଆମେ ସଂକ୍ରାନ୍ତି ବୋଲି କହୁ । ଛଅମାସ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରକୁ ଲକ୍ଷ୍ୟ ପୂର୍ବକ ଉଦୟ ହୁଏ ଓ ଅନ୍ୟ ଛଅମାସ ଦକ୍ଷିଣକୁ ଲକ୍ଷ୍ୟକରି ଉଦୟ ହୁଏ । ସେହି ସମୟ ଅବଧିକୁ ଅୟନ କୁହାଯାଏ । ଉତ୍ତରକୁ ଲକ୍ଷ୍ୟ କରି ଉଦୟକୁ ଉତ୍ତରାୟଣ ଓ ଦକ୍ଷିଣକୁ ଲକ୍ଷ୍ୟ ପୂର୍ବକ ଉଦୟକୁ ଦକ୍ଷିଣାୟନ କୁହାଯାଏ । ଉତ୍ତରାୟଣ ସମୟରେ ଦିନ କ୍ରମଶଃ ବୃଦ୍ଧି ପାଏ ଓ ଦକ୍ଷିଣାୟନ ସମୟରେ ରାତ୍ରି କ୍ରମଶଃ ବୃଦ୍ଧି ପାଏ । ସୂର୍ଯ୍ୟଙ୍କ ମକରରାଶିକୁ ସଂକ୍ରମଣକୁ ଉତ୍ତରାୟଣ ଓ କର୍କଟ ରାଶିର ସଂକ୍ରମଣକୁ ଦକ୍ଷିଣାୟନ କୁହାଯାଏ । ସୂର୍ଯ୍ୟଙ୍କ ପ୍ରକାଶ ଅଧିକା କାରଣରୁ ଉତ୍ତରାୟଣକୁ ଅଧିକ ମହତ୍ୱ ଦିଆଯାଏ । ଏଣୁ ମକର ସଂକ୍ରାନ୍ତିଙ୍କୁ ବିଶ୍ୱରେ ଅଧିକ ମହତ୍ତ ଦିଆଯାଇଛି । ନକ୍ଷତ୍ର ଓ ରାଶି ଅନୁସାରେ ଗଣନା ବା ଚନ୍ଦ୍ରଗଣନା ଓ ସୂର୍ଯ୍ୟଙ୍କୁ ଆଧାରକରି ଗଣନା ସୌରଗଣନାରେ ପାର୍ଥକ୍ୟ ସର୍ବଦା ରହିଆସିଛି । କାରଣ ନକ୍ଷତ୍ର ୨୭ ହେବାସ୍ଥଳେ ମାସ ୩୦ ବା ୩୧ ଦିନ ହୋଇଅଛି ।

ମକର ସଂକ୍ରାନ୍ତି ସମୟରେ ଶୀତ ଯୁବାବସ୍ଥାରେ ଥାଏ । ଗ୍ରାମ, ନଗର ଅରଣ୍ୟ ଆଦି ସବୁ ସ୍ଥାନରେ ଶୀତର ପ୍ରଭାବ ଦେଖାଯାଏ । ସେଥିପାଇଁ ପ୍ରତି ଲୋକ ଶରୀର ଆଚ୍ଛାଦିତ ପାଇଁ ଶୀତବସ୍ତ୍ରର ପ୍ରୟୋଗ କରେ । ରାତ୍ରିର ଅବଧି ଅଧିକ ଥିବା କାରଣରୁ ବିଶ୍ରାମ ସମୟ ବୃଦ୍ଧି ପାଉଥିଲା । ତେଣୁ କର୍ମମୟ ଜୀବନ ସଂକୁଚିତ ହେଇଯାଉଥିଲା । ଆଜିଠାରୁ ବିଶ୍ରାମ ବିଦାୟ ନେବ ଓ ଶ୍ରମ ସମୟ ବୃଦ୍ଧି ପାଇବ ବୋଲି ଲୋକେ ଆନନ୍ଦିତ ହୁଅନ୍ତି । ବୈଦିକ ଗ୍ରନ୍ଥମାନଙ୍କରେ ଏହି ସମୟକୁ 'ଦେବଯାନ' କୁହାଯାଏ । ଅନେକ ସାଧକ ତଥା ମହାତ୍ମାମାନେ ଏହି ଉତ୍ତରାୟଣରେ ଦେହତ୍ୟାଗ ଇଚ୍ଛା ରଖିଥାନ୍ତି । ତାଙ୍କ ବିଚାରରେ ଏହି ସମୟର ଦେହତ୍ୟାଗ ସୂର୍ଯ୍ୟାଲୋକ ହୋଇ ପ୍ରକାଶ ମାର୍ଗରେ ପ୍ରୟାଣ କରିଥାଏ । ଆଜୀବନ ବ୍ରହ୍ମଚାରୀ ଭୀଷ୍ମ ପିତାମହ ଏହି ଉତ୍ତରାୟଣ ଆଗମନ ପର୍ଯ୍ୟନ୍ତ ଶରଶଯ୍ୟାରେ ରହି ପ୍ରାଣ ବିସର୍ଜନ କରିଥିଲେ । ଏପରି ପବିତ୍ର ବିଚାର ନେଇ ଲୋକେ ଏହି ଦିନକୁ ପର୍ବ ଭାବରେ ପାଳନ କରନ୍ତି । ଅବଶ୍ୟ ଏହି ମକରସଂକ୍ରାନ୍ତି ପର୍ବକୁ ଏକ ପ୍ରକାର ସବୁଠି ପାଳନ କରାଯାଇ ନ ଥାଏ । ସ୍ଥାନ ଓ କାଳକୁ ନେଇ ଅନେକ ନାମକରଣରେ ପ୍ରଭେଦ ରହିଆସିଅଛି ।

ଏହି ପର୍ବ ଦିନ ଯେଉଁ ହବନ କରାଯାଏ ସେଥିରେ କିଛି ସ୍ୱତନ୍ତ୍ର ବିଧାନ କରାଯାଏ । ଆୟୁର୍ବେଦ ଶାସ୍ତ୍ରରେ ତିଳ, ତେଲ, ତୁଳାକୁ ଶୀତର ପ୍ରତିକାର ଭାବେ ସ୍ୱୀକାର

କରାଯାଇଛି । ଏମାନଙ୍କ ମଧ୍ୟରୁ ତିଳର ପ୍ରଭାବ ସ୍ୱତନ୍ତ୍ର । ତେଣୁ ଏଥିପାଇଁ ଏହି ପର୍ବଦିନ ତିଳ ତପାତ ତିଳଦାନ ଆଦି କରି ତିଳକୁ ପାପନାଶନ ବୋଲି କୁହାଯାଇଛି କିନ୍ତୁ ପାପନାଶନ ସହ ତିଳର ସଂପର୍କ ନାହିଁ । ବାୟୁମଣ୍ଡଳର ଶୁଦ୍ଧିପାଇଁ ଯଜ୍ଞରେ ଅର୍ପଣ କରାଯାଏ ବୋଲି କୁହାଯାଇଛି । ପୁରାଣରେ କୁହାଯାଇଛି :-

ତିଳସ୍ନାୟୀ ତିଳୋଦ୍ଧର୍ତ୍ତୀ ତିଳହୋମୀ ତିଳୋଦକୀ ।
ତିଳ ଭୁକ୍ ତିଳଦାତାଚ୍ଚ ଷଟତିଳାଃ ପାପନାଶନା ॥

ତିଳମିଶ୍ରିତ ଜଳରେ ସ୍ନାନ, ତିଳ ସମର୍ପଣ, ତିଳରେ ଭବନ, ତିଳଜଳପାନ, ତିଳଭୋଜନ ତଥା ତିଳଦାନକୁ ପାପନାଶନ ବୋଲି କୁହାଯାଏ । ମକର ସଂକ୍ରାନ୍ତି ଦିନ ଭାରତର ଅନେକ ପ୍ରାନ୍ତରେ ତିଳ, ଗୁଡ଼ର ଲଡୁ ତିଆରି କରି ଦାନ କରାଯାଏ । ମିତ୍ରଗଣଙ୍କୁ ବଣ୍ଟନ କରାଯାଏ । ଅନେକ ସ୍ଥାନରେ କନ୍ୟାମାନେ ହଳଦୀ, ରୁଲି, ତିଳ ଓ ଗୁଡ଼ ପରସ୍ପରକୁ ଉପହାର ଦିଅନ୍ତି । ଗ୍ରୀକ୍ ଆଦି ଦେଶରେ ପ୍ରାଚୀନ କାଳରେ ବଧୂ ବରଙ୍କୁ ସୁନ୍ଦର ସନ୍ତାନ ପାଇଁ ତିଳର ଅନ୍ୟ ବ୍ୟଞ୍ଜନ ଆଦି ଖାଇବାକୁ ଦେଉଥିଲେ । ଏସବୁ ଦୃଷ୍ଟିରୁ ତିଳର ପ୍ରୟୋଗ ପ୍ରାଚୀନ କାଳରେ ଅନେକ ଥିଲା ବୋଲି ଜଣାଯାଏ । ରୋମ ଆଦି ଦେଶରେ ଏହିଦିନ ଗୁଡ଼, ମହୁ, ଖଜୁରୀ, ଲୋକଙ୍କୁ ଉପହାର ଦିଆଯାଏ । ଏହାଦ୍ୱାରା ମକରସଂକ୍ରାନ୍ତି ପର୍ବର ସାର୍ବଜନୀନ ପାଳନର ମହତ୍ୱ ଜଣାଯାଏ ।

ଆମଦେଶରେ ମକରସଂକ୍ରାନ୍ତି ଦିନ ଶୀତ ନିବାରଣ ପାଇଁ କମ୍ବଳ ଓ ଘୃତଦାନ କରିବାର ପ୍ରଥା ହିନ୍ଦୁସମାଜରେ ପ୍ରଚଳିତ ଅଛି । ସାଧୁ, ସନ୍ଥମାନଙ୍କ ଶୀତ ନିବାରଣ ପାଇଁ କମ୍ବଳ ଓ ଶରୀର ମର୍ଦ୍ଦନ ସହ ଘୃତାହୁତି ପାଇଁ ପ୍ରାୟ ଭାରତର ସବୁ ପ୍ରାନ୍ତରେ ଘୃତଦାନ ପରଂପରା ରହିଆସିଛି । ବିବିଧ ପର୍ବରେ ଦାନ ପରଂପରା ଭାରତୀୟ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ଅଛି । ଏହି ସମୟରେ ଅନେକ ସ୍ଥାନରେ ଅଗ୍ନି ଜଳାଇ ଶୀତକୁ ଦୂରକରିବା ପାଇଁ ଆୟୋଜନ କରାଯାଏ । ପୂର୍ଣ୍ଣମୀ ଦିନ ଅଗ୍ନିଜାଳି ଅଗ୍ନିଉତ୍ସବ ମଧ୍ୟ ଲୋକେ ପାଳନ କରନ୍ତି ।

ତେବେ ପ୍ରତି ପର୍ବ ପରି ମକରସଂକ୍ରାନ୍ତି ପର୍ବର ସ୍ୱାତନ୍ତ୍ର୍ୟ ଅଛି । ମନୁଷ୍ୟ ଦକ୍ଷିଣାୟନରେ ସାଧନା କରେ ଓ ଉତ୍ତରାୟଣରେ ସମାଜ କଲ୍ୟାଣ । ଜୀବନକୁ ଅଧିକ ସଂସ୍କାରମୟ ତଥା ସମୁନ୍ନତିମୟ କରିବା ଉତ୍ତରାୟଣର ମୁଖ୍ୟ ଉଦ୍ଦେଶ୍ୟ । ଆସନ୍ତୁ ଆମେ ସଂକଳ୍ପ ନେବା ଜୀବନର ସମସ୍ତ ଦୋଷକୁ ଦୂର କରି ଗୁଣକୁ ଧାରଣ କରିବା ଓ ସମାଜ ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ।

❐

ମକର ସଂକ୍ରାନ୍ତିର ମହତ୍ତ୍ୱ



ଡ. ପ୍ରମୋଦ କୁମାର ନାୟକ

କରୁଣାମାର୍ଗ, ସାଳନ୍ଦୀନଗର,
ଭଦ୍ରକ - ୭୫୭୧୦୦
ଫୋନ୍ - ୭୦୦୮୩୨୧୬୩୪

ସୂର୍ଯ୍ୟାଦ୍ ଭବନ୍ତି ଭୂତାନି
ସୂର୍ଯ୍ୟେଣ ପାଳିତାନି ତୁ
ସୂର୍ଯ୍ୟେ ଲୟଂ ପ୍ରାପ୍ନୁବନ୍ତି
ଯଃ ସୂର୍ଯ୍ୟଃ ସୋଽହମେବଚ୍ ।

(ବୃହଦ୍‌ଦେବତା, ମହର୍ଷି ଶୌନକ)

ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବଙ୍କୁ ସୃଷ୍ଟି, ସ୍ଥିତି ଓ ବିଲୟର କାରଣ ରୂପେ ସ୍ୱୀକାର କରାଯାଇଥାଏ । ଭୂଲୋକଠାରୁ ଅନେକ ଦୂରରେ ଅବସ୍ଥାନ କରୁଥିବା ସୂର୍ଯ୍ୟଙ୍କ ଗତିର ପୂର୍ଣ୍ଣ ପ୍ରଭାବ ପୃଥିବୀପୃଷ୍ଠରେ ଅନୁଭୂତ ହୋଇଥାଏ । ଏଥିପାଇଁ ସୂର୍ଯ୍ୟଶବ୍ଦର ବ୍ୟୁତ୍ପତ୍ତି କରିବା ଅବସରରେ ଆଚାର୍ଯ୍ୟମାନେ କହିଛନ୍ତି - ସରତି ଗଚ୍ଛତି ଆକାଶେ ଇତି ସୂର୍ଯ୍ୟଃ । ଅର୍ଥାତ୍ ଆକାଶରେ ଯିଏ ଗତି କରିଥାଆନ୍ତି, ସେ ସୂର୍ଯ୍ୟ ଅଟନ୍ତି । ନିରୁକ୍ତକାର ମହର୍ଷି ଯାସ୍କ ମଧ୍ୟ "ସୂର୍ଯ୍ୟଃ ସତେର୍ବା ସୁବତେର୍ବା" ବୋଲି କହି ଉକ୍ତ ମତକୁ ପରିପୁଷ୍ଟ କରିଅଛନ୍ତି ।

ସୂର୍ଯ୍ୟଙ୍କର ଏହି ଗତିକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଥାଏ ।

ପ୍ରଥମଟି ଉତ୍ତରାୟଣ ଏବଂ ଅନ୍ୟଟି ଦକ୍ଷିଣାୟନ । ଅୟନ ଶବ୍ଦର ଅର୍ଥ ହେଉଛି ଗତି ବା ଗମନ କରିବା । ଯେତେବେଳେ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧକୁ ଗମନ କରନ୍ତି, ସେତେବେଳେ ଦକ୍ଷିଣାୟନ ହୋଇଥିବାବେଳେ ଉତ୍ତରଗୋଲାର୍ଦ୍ଧର ଗତି ଉତ୍ତରାୟଣ ଭାବରେ ପରିଚିତ ହୋଇଥାଏ । ଧର୍ମଶାସ୍ତ୍ରକାରମାନେ ଦକ୍ଷିଣାୟନ ଗତିକୁ ପିତୃମାନଙ୍କର ବୋଲି ଗ୍ରହଣ କରିଥିବାବେଳେ ଉତ୍ତରାୟଣ ଗତିକୁ ଦେବତାମାନଙ୍କର ବୋଲି ସ୍ୱୀକାର କରିଥାଆନ୍ତି । ପୁରାଣ ଶାସ୍ତ୍ରରେ ସୂର୍ଯ୍ୟଙ୍କର ଉତ୍ତରାୟଣକୁ ଦେବତାମାନଙ୍କର ଦିନ ଓ ଦକ୍ଷିଣାୟନକୁ ଦେବତାମାନଙ୍କର ରାତ୍ରିବୋଲି ବର୍ଣ୍ଣନା କରାଯାଇଅଛି । ସୁତରାଂ ଦେବତାମାନଙ୍କର ଦିନ ଏହି ମକରସଂକ୍ରାନ୍ତି ଠାରୁ ହିଁ ଆରମ୍ଭ ହୋଇଥାଏ ।

ଜ୍ୟୋତିଷ ଶାସ୍ତ୍ରରେ ସମସ୍ତ ଆକାଶମଣ୍ଡଳକୁ ବାର ଭାଗରେ ବିଭକ୍ତ କରାଯାଇ ପ୍ରତ୍ୟେକ ଭାଗକୁ ମେଷ, ବୃଷ ପ୍ରଭୃତି ରାଶି ନାମରେ ନାମିତ କରାଯାଇଅଛି । ସୂର୍ଯ୍ୟଦେବ ଗୋଟିଏ ରାଶିରେ ଅବସ୍ଥାନ କରୁଥିବା ସମୟ ବା ମାସ ସେହି ରାଶିର ନାମ ଅନୁସାରେ ନାମିତ ହୋଇଥାଏ । ଅତଏବ ମେଷମାସ, ବୃଷମାସ, ମିଥୁନମାସ ପ୍ରଭୃତି ଦ୍ୱାଦଶ ମାସ ସୂର୍ଯ୍ୟଙ୍କୁ ଆଧାର କରି ପ୍ରଚଳିତ ହୋଇଥାଆନ୍ତି । ଭାରତବର୍ଷରେ ଯେଉଁ ପାଞ୍ଚ ପ୍ରକାର ବର୍ଷମାନଙ୍କର ପ୍ରଚଳନ ହୋଇଥାଏ, ସେସବୁ ହେଲା - ସୌରବର୍ଷ, ଚାନ୍ଦ୍ରବର୍ଷ, ନାକ୍ଷତ୍ରବର୍ଷ, ସାୟନ (ସାବନ) ବର୍ଷ ଓ ବାର୍ହସ୍ପତ୍ୟ ବର୍ଷ । ସୌର ବୃହସ୍ପତିସାୟନ - ଶଶଧର ନାକ୍ଷତ୍ରିକାଃ କ୍ରମେଣ ସ୍ୟୁଃ । (ଜ୍ୟୋତିଷତନ୍ତ) । ଏଥିମଧ୍ୟରୁ ସୌରବର୍ଷ ୩୬୫ ଦିନ, ଚାନ୍ଦ୍ରବର୍ଷ ୩୫୪ ଦିନ, ନାକ୍ଷତ୍ରବର୍ଷ ୩୨୪ ଦିନ ସାୟନବର୍ଷ ୩୬୦ ଦିନ ହୋଇଥିବାବେଳେ ବାର୍ହସ୍ପତ୍ୟବର୍ଷର ବ୍ୟବହାର ମୁଖ୍ୟତଃ ହୋଇ ନ ଥାଏ । ସୌର ବର୍ଷରେ ସୂର୍ଯ୍ୟଦେବ ଗୋଟିଏ ରାଶିକୁ ପରିତ୍ୟାଗ କରିବା ଶେଷ ଦିବସକୁ ମାସାନ୍ତ ବୋଲି କୁହାଯାଇଥିବାବେଳେ ଅନ୍ୟରାଶିକୁ ପ୍ରବେଶ କରିବାର ପ୍ରଥମ ଦିବସକୁ ସଂକ୍ରାନ୍ତି ବୋଲି ଅଭିହିତ କରାଯାଇଥାଏ । ସୁତରାଂ ସୌରବର୍ଷରେ କର୍କଟମାସ ଠାରୁ ଆରମ୍ଭ କରି ଧନୁମାସ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କର ଅବସ୍ଥାନ ସମୟକୁ ଦକ୍ଷିଣାୟନ ଏବଂ ମକର ରାଶିରୁ ମିଥୁନରାଶି ପର୍ଯ୍ୟନ୍ତ ଅବସ୍ଥାନ ସମୟକୁ ଉତ୍ତରାୟଣ ବୋଲି କୁହାଯାଇଥାଏ ।

ଆର୍ଯ୍ୟ ସଂସ୍କୃତିରେ ମକରସଂକ୍ରାନ୍ତି ଏକ ମହାନପର୍ବ ଭାବରେ ପାଳିତ ହୋଇଥାଏ । ହିନ୍ଦୁମାନଙ୍କ ସମେତ ବୌଦ୍ଧ, ଶିଖ ଓ ଜୈନମାନେ ମଧ୍ୟ ଭିନ୍ନ ଭିନ୍ନ ରୀତିରେ ଉକ୍ତ ପର୍ବ ପାଳନ କରିଥାଆନ୍ତି ।

ମକରସଂକ୍ରାନ୍ତି ଦିନ ଶିବଙ୍କୁ ଘୃତକମ୍ବଳ ଲାଗିକରିବା ବିଧେୟ । ଏଥିପାଇଁ ଭୁବନେଶ୍ୱରସ୍ଥିତ ଶ୍ରୀଲିଙ୍ଗରାଜଙ୍କୁ ଘୃତକମ୍ବଳ ଲାଗି କରିବା ନିମିତ୍ତ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଅଛି ।

ଦୃଷ୍ଟ୍ୱା ମକର ସଂକ୍ରାନ୍ତଙ୍କ
ଲିଙ୍ଗଂ ତ୍ରିଭୁବନେଶ୍ୱରମ୍
ଘୃତକମ୍ବଳ ସଂଯୁକ୍ତମ୍
ଅଗ୍ନିଲୋକମବାପ୍ନୁୟାତ୍ । (ଶିବ ପୁରାଣ)

ମକରସଂକ୍ରାନ୍ତି ଦିନ ବ୍ରାହ୍ମଣଙ୍କୁ ମଧ୍ୟ ଘୃତକମ୍ବଳ ଦାନ ଦେବାର ବିଧି ରହିଅଛି । ସାମାଜିକ ପରମ୍ପରାରେ ଶ୍ୱଶୁରାଳୟରୁ ଜାମାତାଙ୍କୁ ଘୃତ ଓ କମ୍ବଳ ଉପହାର ଦେବାର ପରମ୍ପରା ଅନେକତ୍ର ପରିଦୃଷ୍ଟ ହୋଇଥାଏ ।

ଉତ୍ତରାୟଣ ସମୟରେ ଯେଉଁ ମନୁଷ୍ୟ ମୃତ୍ୟୁବରଣ କରିଥାଆନ୍ତି, ସେହି ମନୁଷ୍ୟଙ୍କର ସଦ୍‌ଗତି ପ୍ରାପ୍ତି ହେବା ସହିତ ସେ ଭଗବାନ୍ ମହାବିଷ୍ଣୁଙ୍କର ଶଙ୍ଖଚକ୍ର ଗଦାପଦ୍ମ ଧାରୀ ଚତୁର୍ଭୁଜ ସ୍ୱରୂପର ଦର୍ଶନ ଲାଭ କରିବା ସଙ୍ଗେ ସଙ୍ଗେ ମୋକ୍ଷଲାଭ କରିଥାଆନ୍ତି । ଏଥିପାଇଁ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ଶରାଘାତରେ ଆହତ ପିତାମହ ଭୀଷ୍ମ ଉତ୍ତରାୟଣ ସମୟକୁ ହିଁ ଅପେକ୍ଷା କରିଥିଲେ । ଏଥିନିମିତ୍ତ ତାଙ୍କୁ ଛପନଦିନ (କେତେକଙ୍କ ମତରେ ଅଠାବନ ଦିନ) ଶରଶଯ୍ୟାରେ ଅବସ୍ଥାନ କରିବାକୁ ହୋଇଥିଲା । ଭୀଷ୍ମଦେବ ମାଘମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଇଚ୍ଛାମୃତ୍ୟୁ ଗ୍ରହଣ କରିଥିଲେ, ଯାହାକି ଭୀଷ୍ମାଷ୍ଟମୀ ନାମରେ ଖ୍ୟାତ ।

ଅନ୍ୟ ଏକ ପୌରାଣିକ ଉପାଖ୍ୟାନରୁ ଜଣାଯାଏ ଯେ, ମହାରାଜ ସଗରଙ୍କ ଷାଠିଏ ହଜାର ପୁତ୍ରମାନେ ଆପଣାର ଯଜ୍ଞ ଅଶ୍ୱକୁ ଅନେକ ସ୍ଥାନ ଅନ୍ୱେଷଣ କରିବା ପରେ ମଧ୍ୟ ଯେତେବେଳେ ପ୍ରାପ୍ତ ହୋଇ ନ ଥିଲେ, ସେତେବେଳେ ସେମାନେ ପାତାଳ ଲୋକକୁ ଯାତ୍ରାରମ୍ଭ କରିବା ନିମିତ୍ତ ଭୂଗର୍ଭଖନନ କରିଥିଲେ । କିୟଦ୍‌ଦୂର ଅତିକ୍ରମ କରିବାପରେ ଜଣେ ସନ୍ନ୍ୟାସୀଙ୍କ ନିକଟରେ ତାଙ୍କର ଯଜ୍ଞାଶ୍ୱ ବନ୍ଧା ହୋଇଥିବାର ଦେଖିବାକୁ ପାଇଥିଲେ । କୌଣସି ଏକ ଚୋର ସେମାନଙ୍କ ଯଜ୍ଞାଶ୍ୱକୁ ଅପହରଣ କରି ଆଣିଅଛି ଏବଂ ଛଦ୍ମ ସନ୍ନ୍ୟାସୀବେଶରେ ଏଠାରେ ତପସ୍ୟା କରୁଅଛି ବୋଲି ବିଚାର କରି ସେମାନେ ସେହି ସନ୍ନ୍ୟାସୀଙ୍କୁ ଆକ୍ରମଣ କରିଥିଲେ । ମାତ୍ର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଇନ୍ଦ୍ରପଦ ଚାଲିଯିବାର ଆଶଙ୍କାରେ ଦେବରାଜ ଇନ୍ଦ୍ର ସେମାନଙ୍କର ଯଜ୍ଞାଶ୍ୱକୁ ଅପହରଣ କରି ତପସ୍ୟାରତ ସାଂଖ୍ୟଦର୍ଶନର ପ୍ରଣେତା ମହର୍ଷି କପିଳଙ୍କ ଆଶ୍ରମରେ ସ୍ଥାନିତ କରି ସେଠାରୁ ପଳାୟନ କରିଥିଲେ । ସଗର ପୁତ୍ରମାନଙ୍କର ଆକ୍ରମଣରେ ମହର୍ଷି କପିଳଙ୍କର ତପୋଭଗ୍ନ ହୁଅନ୍ତେ, ସେ ସ୍ୱକୀୟ କ୍ରୁଦ୍ଧନେତ୍ରାଗ୍ନିରେ ଏହି ସକଳ ପୁତ୍ରଙ୍କୁ ଭସ୍ମ କରାଇଥିଲେ । ଅସହ୍ୟ ଯନ୍ତ୍ରଣାରେ ଦଗ୍ଧୀଭୂତ ସଗର ରାଜପୁତ୍ରମାନଙ୍କୁ ସେହି ବଂଶରେ ଜନ୍ମଗ୍ରହଣ କରିଥିବା ମହାରାଜ ଭଗୀରଥ କଠୋର ତପସ୍ୟାକରି ସ୍ୱର୍ଗଲୋକରୁ ଗଙ୍ଗାଦେବୀଙ୍କୁ ମର୍ତ୍ତ୍ୟପୁରକୁ କପିଳମୁନିଙ୍କର ଆଶ୍ରମରେ ଅବସ୍ଥାନ ପୂର୍ବକ ଆଗମନ କରାଇ

ସେହି ପରମ ପାବନୀ ଗଙ୍ଗାଙ୍କର ଦିବ୍ୟସ୍ରୋତ ସେମାନଙ୍କ ଉପରେ ପ୍ରବାହିତ କରାଇଥିଲେ; ଯଦ୍‌ଦ୍ୱାରା ସେହି ରାଜପୁତ୍ରଗଣ ଏହି ମକର ସଂକ୍ରାନ୍ତି ଦିନ ହିଁ ମୋକ୍ଷଲାଭ କରିଥିଲେ । ଏଥିପାଇଁ ଶାସ୍ତ୍ରରେ କୁହାଯାଇଛି- ମକର ସଂକ୍ରାନ୍ତିରେ ମୃତ୍ୟୁଗ୍ରହଣ କରିଥିବା ସକଳ ମନୁଷ୍ୟମାନଙ୍କ ନିମିତ୍ତ ସ୍ୱର୍ଗର ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଥାଏ । ମହାରାଜ ଭଗୀରଥଙ୍କ ଦ୍ୱାରା ସ୍ୱର୍ଗପୁରରୁ ମର୍ତ୍ତ୍ୟପୁରକୁ ଆନୀତ ହୋଇଥିବା କାରଣରୁ ଗଙ୍ଗାଙ୍କର ଅନ୍ୟନାମ ଭାଗୀରଥି ହୋଇଅଛି । ଠିକ୍ ସେପରି ସଗର ପୁତ୍ରମାନଙ୍କ ଦ୍ୱାରା ଖୋଦିତ ହୋଇଥିବା କାରଣରୁ ସମୁଦ୍ରର ଅନ୍ୟନାମ ସାଗର ହୋଇଅଛି । ଏହି ପାବନସ୍ମୃତିକୁ ସ୍ମରଣ କରାଇବା ଉଦ୍ଦେଶ୍ୟରେ ଆଜି ମଧ୍ୟ ଗଙ୍ଗାସାଗର ମେଳାର ଆୟୋଜନ ହେଉଥିବାବେଳେ ସ୍ଥାନେ ସ୍ଥାନେ ମୁନିମେଳାମାନ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ ।

ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟଦେବ ମକର ରାଶିକୁ ଆଗମନ କରିଥାଆନ୍ତି । ସମସ୍ତ ରାଶିର ଅଧିପତି ଗ୍ରହଗଣ ଅଟନ୍ତି । ମକରରାଶିର ଅଧିପତି ଶନିମହାଗ୍ରହ, ଯିଏକି ସୂର୍ଯ୍ୟଦେବଙ୍କର ପୁତ୍ର । ଏ ସମ୍ପର୍କରେ ଯେଉଁ ପୌରାଣିକ ଆଖ୍ୟାନ ରହିଅଛି, ତାହା ହେଉଛି - ସୂର୍ଯ୍ୟଦେବଙ୍କର ପତ୍ନୀ ଛାୟା (ସବର୍ଣ୍ଣା)ଙ୍କ ଠାରୁ ଶନିଦେବଙ୍କର ଜନ୍ମ । ମାତ୍ର ଶନିଦେବଙ୍କର ଶରୀର କୃଷ୍ଣବର୍ଣ୍ଣ ଓ ଅତ୍ୟଧିକ ତେଜୀୟାନ୍ ହୋଇଥିବା କାରଣରୁ ସୂର୍ଯ୍ୟଦେବ ଶନିଙ୍କୁ ଆପଣା ପୁତ୍ରର ମର୍ଯ୍ୟାଦା ପ୍ରଦାନ କରି ନଥିଲେ । ଏହି ଅବିଶ୍ୱାସ ହେତୁ ପୁତ୍ର ଶନି ଓ ମାତା ଛାୟାଦେବୀ ଅତ୍ୟନ୍ତ ଅପମାନବୋଧ କରିଥିଲେ । ଏଥିପାଇଁ ଶନିଦେବ ଭଗବାନ୍ ଶିବଙ୍କୁ କଠୋର ତପସ୍ୟା କରିଥିଲେ । ଶିବଙ୍କ ବରରେ ଶନିଦେବ ନ୍ୟାୟର ଦେବତା ଭାବେ ଗ୍ରହମଣ୍ଡଳୀରେ ସ୍ଥାନ ପାଇଥିଲେ । ସେ ସମସ୍ତଙ୍କୁ କର୍ମ ଅନୁଯାୟୀ ଫଳପ୍ରଦାନ କରିଥାଆନ୍ତି । ଏହାପରେ ପିତା ସୂର୍ଯ୍ୟଦେବ ଓ ପୁତ୍ର ଶନିଦେବଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପିତ ହୋଇଥିଲା । ଯେଉଁଥିପାଇଁକି ପୁତ୍ରବାତ୍ସଲ୍ୟ ହେତୁ ପିତା ଭଗବାନ ସୂର୍ଯ୍ୟଦେବ ପୁତ୍ର ଗୃହରେ ଏକମାସ ନିମିତ୍ତ ଅବସ୍ଥାନ କରି ଥାଆନ୍ତି । ମକର ସଂକ୍ରାନ୍ତିରେ ସୂର୍ଯ୍ୟଦେବ ଓ ଶନିଙ୍କର ଉପାସନା ଦ୍ୱାରା ପିତାପୁତ୍ରଙ୍କ ମଧ୍ୟରେ ସମ୍ପର୍କ ଅଧିକ ନିବିଡ଼ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ମକର ମାସରେ ଜନ୍ମଗ୍ରହଣ କରିଥିବା ଶିଶୁ ଅତୀବ ଭାଗ୍ୟଶାଳୀ ହୋଇଥାଏ । ଏଥିପାଇଁ କୁହାଯାଇଛି -

ମକରସ୍ଥେ ରବୌଜାତୋ
ନୃପସେବୀ ଦୃଢବ୍ରତଃ
କାର୍ଯ୍ୟଶୀଲୋଽତିବିଖ୍ୟାତଃ
ଶୀତଚିତ୍ତୋ ଧନପ୍ରିୟଃ ।

ଅର୍ଥାତ୍ ମକର ରାଶିରେ ସୂର୍ଯ୍ୟ ଅବସ୍ଥାନ କରୁଥିବା ସମୟରେ ଜନ୍ମଗ୍ରହଣ କରିଥିବା ଶିଶୁ ଆପଣାର ଭବିଷ୍ୟତ ଜୀବନରେ ଉଚ୍ଚ ରାଜପଦଗ୍ରାହୀ, ଦୃଢ ସଂକଳ୍ପବାନ୍,

କାର୍ଯ୍ୟକୁଶଳୀ, ଯଶସ୍ୱୀ, ଶାନ୍ତସ୍ୱଭାବ ଓ ଧନପ୍ରିୟ ହୋଇଥାଏ ।

ବୈଶାଖ ଜ୍ୟେଷ୍ଠ ପ୍ରଭୃତି ଦ୍ୱାଦଶ ମାସରେ ଭଗବାନ୍ ବିଷ୍ଣୁ ପୃଥକ୍ ପୃଥକ୍ ନାମ ଗ୍ରହଣ କରିଥାଆନ୍ତି । ଏହି କ୍ରମରେ ମକରମାସରେ ବିଷ୍ଣୁଙ୍କର ନାମ ମାଧବ ହୋଇଥାଏ । ଏଥିପାଇଁ ମାଘ ଶୁକ୍ଳ ଏକାଦଶୀର ନାମ ମାଧବ ଏକାଦଶୀ । କଟକ ଜିଲ୍ଲାର ନିଆଳିସ୍ଥିତ ମାଧବଙ୍କର ଏହା ଜନ୍ମ ଦିବସ ଅଟେ । ଏହି ମାଧବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମାମୁଁ ଅଟନ୍ତି । ପ୍ରଥମାଷ୍ଟମୀରେ ଶ୍ରୀମାଧବଙ୍କ ମନ୍ଦିରରୁ ଚତୁର୍ଦ୍ଧାବିଗ୍ରହଙ୍କ ନିମିତ୍ତ ପୋଡୁଆଁଭାର ଯାଇଥାଏ ।

ମକର ସଂକ୍ରାନ୍ତିରେ ଅତିପ୍ରିୟ ତଥା ସର୍ବଜନାଦୃତ ଭୋଗ ହେଉଛି ମକର ଚାଉଳ । ଗୃହଦେବତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିର ତଥା ସ୍ୱର୍ଗତ ପିତୃପୁରୁଷଙ୍କୁ ଏହି ମକର ଚାଉଳ ଅର୍ପଣ କରାଯାଇଥାଏ । ଏହି ପ୍ରସାଦକୁ ଭାବାତିଶୟ୍ୟରେ ଅନ୍ୟକୁ ପ୍ରଦାନ କରି ଓଡ଼ିଶାରେ ମକର ବସିବାର ବିଧି ପ୍ରଚଳିତ । ମହାଲକ୍ଷ୍ମୀ ଧନୁସଂକ୍ରାନ୍ତିରେ ଧନୁମୁଆଁ ସଙ୍ଗରେ ନେଇ ସ୍ୱପିତ୍ରାଳୟ ବରୁଣଭବନଙ୍କୁ ଏକମାସ ନିମିତ୍ତ ଯାତ୍ରାକରି ଥାଆନ୍ତି । ଯାତ୍ରାବଧି ଶେଷ ହୁଅନ୍ତେ ଏହି ମକର ସଂକ୍ରାନ୍ତି ଦିନ ବରୁଣ ଅତିଯତ୍ନରେ ମକର ଚାଉଳ ପ୍ରସ୍ତୁତ କରାଇ କନ୍ୟାହସ୍ତରେ ଜାମାତାଙ୍କ ଗୃହ ଶ୍ରୀମନ୍ଦିରକୁ ଭାର ପଠାଇଥାଆନ୍ତି ।

ପ୍ରାଚୀନ ଭାରତରେ ଦୁଇପ୍ରକାର ଧାନ ଅମଳ କରାଯାଉଥିଲା । ଗୋଟିଏ ଶାଳିଧାନ ଓ ଅନ୍ୟଟି ବ୍ରୀହିଧାନ । ଶରତ୍‌ପକ୍ୱଂ ଧାନ୍ୟଂ ବ୍ରୀହିଃ । ଅର୍ଥାତ୍ ଶରତକାଳରେ ଯେଉଁ ଧାନ ଅମଳକ୍ଷମ ହୋଇଥାଏ, ତାକୁ ବ୍ରୀହିଧାନ୍ୟ ବୋଲି କୁହାଯାଏ । ଠିକ୍ ସେପରି ହେମନ୍ତପକ୍ୱଂ ଧାନ୍ୟଂ ଶାଳିଃ । ହେମନ୍ତ ଋତୁରେ ଯେଉଁ ଧାନର ଅମଳ କରାଯାଇଥାଏ, ସେହି ଧାନ ଶାଳିଧାନ ଅଟେ । ମକର ଚାଉଳ ଏହି ଶାଳିଧାନ୍ୟରେ ହିଁ ପ୍ରସ୍ତୁତ ହୋଇଥାଏ । ଏହି ମକର ମାସରୁ ରବିଫସଲ ଆରମ୍ଭ ହୋଇଥାଏ । ବର୍ଷାଦିନରେ ହେଉଥିବା ଫସଲ ବର୍ଷାଜଳ ଉପରେ ନିର୍ଭର କରୁଥିବାବେଳେ ରବିଫସଲ କାକର ଉପରେ ନିର୍ଭର କରିଥାଏ । ଯେଉଁଥିପାଇଁ କି ଆଜି ମଧ୍ୟ ଏହି ସମୟରେ ହେଉଥିବା ମାଣ୍ଡିଆ ଫସଲକୁ କାକେରି ମାଣ୍ଡିଆ ବୋଲି କୁହାଯାଏ ।

ଶାଳିଧାନ୍ୟରେ ପ୍ରସ୍ତୁତ ମକର ଚାଉଳ ସୂର୍ଯ୍ୟଦେବଙ୍କୁ ଅର୍ପଣ କରାଯାଇଥିବା ବେଳେ ବ୍ରୀହିଧାନ୍ୟରୁ ପ୍ରସ୍ତୁତ ଆଞ୍ଜୁଳି ଭରାଖଇ ଓ ଖଇଚକଟାକୁ କୁମାରପୂର୍ଣ୍ଣିମା ସନ୍ଧ୍ୟାରେ ଝିଅମାନେ ଚନ୍ଦ୍ରଙ୍କୁ ଅର୍ପଣ କରିଥାଆନ୍ତି । ବାସ୍ତବରେ ଶସ୍ୟ ଉତ୍ପାଦନର ମାସ ମକର ମାସ । ଯାହାକି ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥାଏ । ଏଥିପାଇଁ ଭାରତର ବିଭିନ୍ନ ସ୍ଥାନରେ ଏହି ପର୍ବକୁ ପୋଙ୍ଗଲ, ଲୋହଡ଼ୀ, ବିହୁ ଆଦି ନାମରେ ପାଳନ କରାଯାଇଥାଏ ।

ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣଦେବତା । ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଓଡ଼ିଶାରେ

ସମସ୍ତ ପୂଜାପର୍ବ ନୀତିକାନ୍ତି ପ୍ରଚଳିତ । ମକର ସଂକ୍ରାନ୍ତି ଦିନ ଶ୍ରୀଜୀଉଙ୍କ ପାଖରେ ମକର ଚଉରାଶିଆ ଭୋଗ ଲାଗି ହୋଇଥାଏ । ଏହି ଭୋଗରେ ଚଉରାଶି ପ୍ରକାର ପଦାର୍ଥ ରହିଥିବାରୁ, ଏହି ଭୋଗର ନାମକରଣ ଏପରି ହୋଇଅଛି । ସେସବୁ ହେଲା - ଜଗନ୍ନାଥବଲ୍ଲଭ, ଖଜା, ଗଜା, ଶ୍ୱେତଫେଣି, ମିଠାଫେଣି ଇତ୍ୟାଦି । ଏହିଦିନ ତ୍ରିମୁଣ୍ଡିରେ ମକରଚୂଳ ଲାଗି ହୋଇଥାଏ । ସେବକମାନେ ବାଘମୁହଁ ବାନ୍ଧି ଘଣ୍ଟଛତ୍ର କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିରକୁ ତିନିଥର ପ୍ରଦକ୍ଷିଣ କରିଥାଆନ୍ତି । ଏହାକୁ ମକର ବେଢ଼ା କୁହାଯାଏ ।

ବାସ୍ତବରେ ଏକ ସୌରବର୍ଷ ମଧ୍ୟରେ ଉପସ୍ଥିତ ଦ୍ୱାଦଶ ସଂଖ୍ୟକ ସଂକ୍ରାନ୍ତି ନିଜ ନିଜ ଗୁରୁ ଗୌରବରେ ଅତ୍ୟନ୍ତ ଗରୀୟାନ୍ । ସଂକ୍ରାନ୍ତି ଶବ୍ଦର ଅନ୍ୟତମ ଅର୍ଥ ହେଉଛି ବିଦ୍ୟାପ୍ରଦାନ କରିବାର ଶକ୍ତି । ଅର୍ଥାତ୍ ସୂର୍ଯ୍ୟ ଯେପରି ସ୍ୱକୀୟ ଦୁଲ୍ଲର୍ଭ ପୋଷଣ ଶକ୍ତି ବିତରଣ କରି ଜଗତ ପରିପାଳନ କରିଥାଆନ୍ତି, ସେହିପରି ଆପଣାର ଜ୍ଞାନକୁ ଶିଷ୍ୟାଦି ମଧ୍ୟରେ ଗୁରୁ ଯେଉଁ ଶକ୍ତି ବଳରେ ବିତରଣ କରିଥାଆନ୍ତି, ସେହି ଶକ୍ତିକୁ ମଧ୍ୟ ସଂକ୍ରାନ୍ତି ବୋଲି କୁହାଯାଇଥାଏ । ପ୍ରତ୍ୟେକ ସଂକ୍ରାନ୍ତି ଆତ୍ମସମୀକ୍ଷା ତଥା ଅଗ୍ରସର ହେବାର ମାହେନ୍ଦ୍ର ମୁହୂର୍ତ୍ତ । ବିନା ସ୍ୱାର୍ଥରେ ରାଷ୍ଟ୍ର ନିର୍ମାଣ ଯଜ୍ଞରେ ଆହୁତିଟିଏ ହେବାର ଶିକ୍ଷା ଅନ୍ୟ ସଂକ୍ରାନ୍ତିମାନଙ୍କ ପରି ମକର ସଂକ୍ରାନ୍ତି ମଧ୍ୟ ଆମମାନଙ୍କୁ ପ୍ରଦାନ କରିଥାଏ ।

❐



ପ୍ରକାଶ ପାଇଛି
ବିଜ୍ଞାନ ଜଗତରେ ଚହଳ
ପକାଇଥିବା
ପ୍ରଯୁକ୍ତି ବିଦ୍ୟାର
ଅଭିନବ ଜ୍ଞାନ କୌଶଳର
ସଂକ୍ଷିପ୍ତ ସାରମର୍ମ

ବନ୍ଦେ ମାତରମ ଓ ଦୁଃଖିନୀ କନିକା

ବଙ୍କିମ ଚନ୍ଦ୍ରଙ୍କ ରଚିତ 'ବନ୍ଦେ ମାତରମ' ଥିଲା ବ୍ରିଟିଶ ସରକାର ବିରୋଧରେ ରଣହୁଙ୍କାର । ବିଦେଶୀ ଶାସନକୁ ପ୍ରତିହତ କରିବା ପାଇଁ ଏହା ଥିଲା ଭାବନାତ୍ମକ ଏକତା ଓ ପ୍ରତିରୋଧର ପ୍ରତୀକ । ସେଥି ନିମନ୍ତେ ସର୍ବସାଧାରଣ ସ୍ଥାନରେ ଏହା ଗାନ କରିବା ଆଇନତଃ ନିଷିଦ୍ଧ ଥିଲା । ବିଦେଶୀ ଶାସନ ବିରୋଧରେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ଏହା ଥିଲା ଅମୋଘ ଅସ୍ତ୍ର । ଯେଉଁ ସଂଗ୍ରାମୀମାନେ ହସି ହସି ଜୀବନ ବଳିଦାନ କରିବାକୁ ଆଗେଇ ଆସିଥିଲେ, ସମସ୍ତଙ୍କ କଣ୍ଠରେ ବନ୍ଦେ ମାତରମ ଧ୍ୱନି ପ୍ରକଂପିତ ହେଉଥିଲା । ଏହି ମହାନ ବୈପ୍ଳବିକ ସଙ୍ଗୀତର ୧୫୦ତମ ଜୟନ୍ତୀ ୨୦୨୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶବ୍ୟାପୀ ଆଗ୍ରହ ଓ ଉତ୍ସାହର ସହିତ ପାଳିତ ହୋଇଛି ।

ସେହି ମର୍ମରେ ଆନନ୍ଦ ଚନ୍ଦ୍ର ଜେନାଙ୍କ ରଚିତ 'ଦୁଃଖିନୀ କନିକା' କବିତା ଥିଲା କନିକା ଅଞ୍ଚଳରେ 'ବନ୍ଦେ ମାତରମ' ସଙ୍ଗୀତର ପ୍ରତିରୂପ । କନିକା ପ୍ରଜା ଆନ୍ଦୋଳନ ଦାନା ବାନ୍ଧିବାର ବହୁ ପୂର୍ବରୁ ପ୍ରତ୍ୟେକ କନିକାବାସୀଙ୍କ କଣ୍ଠରେ ଏହାର ପ୍ରତିଟି ପଂକ୍ତି ଅନୁରଣିତ ହେଉଥିଲା । ଏହି କବିତା ସମସ୍ତ କନିକାବାସୀଙ୍କୁ ଏକଜୁଟ କରିବାରେ ଏବଂ ଅତ୍ୟାଚାରୀ କନିକା ରଜା ବିରୋଧରେ ଜନ ଆନ୍ଦୋଳନ ଜାଗରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ବନ୍ଦେ ମାତରମ ସଙ୍ଗୀତ ଥିଲା ବିଦେଶୀ ସାମ୍ରାଜ୍ୟବାଦ ପ୍ରତି ପ୍ରଚଣ୍ଡ ଆହ୍ୱାନ ଏବଂ ଦୁଃଖିନୀ କନିକା ଥିଲା ଅତ୍ୟାଚାରୀ ସାମନ୍ତଶାହୀକୁ ପ୍ରଚଣ୍ଡ ଆକ୍ରମଣ ।

ବନ୍ଦେ ମାତରମ ଏବଂ ଦୁଃଖିନୀ କନିବା ଏହି ସତ୍ୟ ପ୍ରତିବାଦନ କରନ୍ତି - ରାଜନୀତି ଏବଂ ସାହିତ୍ୟ ବିପରୀତ ଧର୍ମୀ ନୁହଁନ୍ତି । ଆବଶ୍ୟକ ହେଲେ ସାହିତ୍ୟ , ରାଜନୈତିକ ପ୍ରତିରୋଧର ମାରଣାସ୍ତ୍ର ପାଲଟିଯାଏ ।

ଏହି ସଂଖ୍ୟାରେ 'ବନ୍ଦେ ମାତରମ' କବିତାର ଲୋକପ୍ରିୟ ପଂକ୍ତି ସହିତ 'ଦୁଃଖିନୀ କନିକା' ଏବେ ଦୁଷ୍ପ୍ରାପ୍ୟ ଥିବାରୁ ତାହାର ଅବିକଳ ପୂର୍ଣ୍ଣ ସଂକଳନ ପ୍ରକାଶ କରାଯାଇଛି ।

-ସଂପାଦିକା

ବନ୍ଦେ ମାତରମ୍



ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ

ବନ୍ଦେ ମାତରମ୍ ।
ସୁଜଳାଂ ସୁଫଳାଂ ମଳୟଜ ଶୀତଳାମ୍
ଶସ୍ୟ ଶ୍ୟାମଳାମ୍ ମାତରମ୍ ।
ବନ୍ଦେ ମାତରମ୍ ।
ଶୁଭ୍ରଜ୍ୟୋସ୍ନା ପୁଲକିତ ୟାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଳଶୋଭିନୀମ୍
ସୁହାସିନୀଂ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ।
ବନ୍ଦେ ମାତରମ୍ ।
କୋଟି – କଣ୍ଠ – କଳ – କଳ – ନିନାଦ କରାଳେ
କୋଟି – କଣ୍ଠ – ରଭ – କୋଟି – ଭୂଜୈଧୃତ
ଖରକରବାଳେ
କେ ବୋଲେ ମାଁ ତୁମି ଅବଳେ
ବହୁବଳ ଧରିଣୀଂ ନମାମି ତାରିଣୀମ୍
ରିପୁଦଳ ବାରିଣୀଂ ମାତରମ୍
ବନ୍ଦେ ମାତରମ୍ ।

ତୁମି ବିଦ୍ୟା, ତୁମି ଧର୍ମ,
ତୁମି ହୃଦି, ତୁମି ମର୍ମ,
ତ୍ୱମ୍ ହି ପ୍ରାଣାଃ ଶରୀରେ,
ବାହୁତେ ତୁମି ମାଁ ଶକ୍ତି
ହୃଦୟେ ତୁମି ମାଁ ଭକ୍ତି
ତୋମାରେଇ ପ୍ରତିମା ଗଡ଼ି ମନ୍ଦିରେ ମନ୍ଦିରେ ।
ବନ୍ଦେ ମାତରମ୍ ।

ତ୍ୱଂହି ଦୁର୍ଗା ଦଶ – ପ୍ରହରଣଧାରିଣୀ
କମଳା କମଳାଦଳ – ବିହାରିଣୀ
ବାଣୀ ବିଦ୍ୟାଦାୟିନୀ, ନମାମି ତ୍ୱାମ୍
ନମାମି କମଳାମ୍ ଅମଳାମ୍ ଅତୁଳାମ୍
ସୁଜଳାଂ ସୁଫଳାଂ ମାତରମ୍ ।
ବନ୍ଦେ ମାତରମ୍ ।
ଶ୍ୟାମଳାମ୍ ସରଳାମ୍ ସୁସ୍ମିତାମ୍ ଭୂଷିତାମ୍
ଧରଣୀମ୍ ଭରଣୀମ୍ ମାତରମ୍ ।
ବନ୍ଦେ ମାତରମ୍ ।

❐

‘ଦୁଃଖିନୀ କନିକା’ରେ ପ୍ରଜା ଅତ୍ୟାଚାରର ଚିତ୍ର

“ଦୁଃଖିନୀ କନିକା” ବିପ୍ଳବୀ କବି ଆନନ୍ଦଚନ୍ଦ୍ର ଜେନାଙ୍କ ଏକ ଅନବଦ୍ୟ ସୃଷ୍ଟି, ଯେଉଁ ପୁସ୍ତକରେ ତତ୍‌କାଳୀନ କନିକା ରାଜାଙ୍କ ଦ୍ୱାରା ଉପେକ୍ଷିତ, ଅପମାନିତ, ଘୃଣିତ ଓ ଅମାନବୀୟ ଅତ୍ୟାଚରିତ କାହାଣୀ ସବୁ ପ୍ରତିବିମ୍ବିତ ହୋଇଛି । ଓଡ଼ିଆ ଭାଗବତ ପରି ନବାକ୍ଷରୀ ଛାନ୍ଦରେ ଲିଖିତ ଏହି “ଦୁଃଖିନୀ କନିକା” କବିତା ଗୁଚ୍ଛରେ ରହିଛି ଚଉଷଠି ପ୍ରକାର କର, ଧାନ ଚଉଳ ପାଇଁ ତଗାବି ଦେଇ ସୁଧ ଆଦାୟ କରିବା, ପୋଖରୀ ଆଦି ଖୋଳିବା ପାଇଁ ବେଗାରୀ ଖଟାଇବା, ରାସ୍ତା ତିଆରି କରି ରାଜକର୍ମଚାରୀମାନେ ରାଜସ୍ୱ ତୋଷାରପାତ କରିବା, ଖଜଣା ଛାଡ଼ ଯୋଗ୍ୟ ଜମିରୁ ଜବରଦସ୍ତ ଖଜଣା ଆଦାୟ କରିବା, ମାଣକେ ଦଶଟଙ୍କା କରଜ ଦେଇ ସାଢ଼େ ବାରଟଙ୍କା ସୁଧ ଆଦାୟ କରିବା, ବିଧବାମାନଙ୍କୁ ସ୍ୱାମୀଙ୍କ ସମ୍ପତ୍ତି ଅଧିକାରରୁ ବଞ୍ଚିତ କରିବା, ବ୍ରାହ୍ମଣମାନଙ୍କୁ ସମ୍ମାନ ପ୍ରଦାନ ନ କରିବା, କୈବର୍ତ୍ତ, ମାଳୀ, ଗୁଡ଼ିଆ, ଗୌଡ଼, ରଜକ, ଚମାର ଓ କୁମ୍ଭାର ଆଦି ଜାତିମାନଙ୍କର ଜୀବିକାକୁ ନଷ୍ଟ ବିନିଷ୍ଟ କରିବା, ବିଦ୍ୟାଳୟରେ କେବଳ ଧନୀ ପିଲାମାନଙ୍କୁ ପାଠପଢ଼ାଇବାର ସୁଯୋଗ ଦେବା, “କର” ଆଦାୟ ପାଇଁ ପିଠିରେ ମାଡ଼ ମାରିବା ସହିତ ସୁନ୍ଦରୀ ବିଧବା, କନ୍ୟା ଓ ସଦ୍ୟ ବିବାହିତ ଯୁବତୀମାନଙ୍କୁ ବଳପ୍ରୟୋଗ ଘୋଷାଡ଼ି ନେଇ ପାଶବିକ ଅତ୍ୟାଚର କରିବା ଓ ଦେଢ଼ଶୁର ଭାଇବୋହୂକୁ ନେଇ ପିଅନ ପାଖରେ ନ ପହଞ୍ଚାଇପାରିଲେ ଦେଢ଼ଶୁରକୁ ମାଡ଼ମାରି ତା ସମ୍ମୁଖରେ ଭାଇବୋହୂ ଉପରେ ଅତ୍ୟାଚର କରିବା ଆଦି ମର୍ମସ୍ପର୍ଶୀ ଓ ହୃଦୟ ବିଦାରକ ଦୃଶ୍ୟର ଚିକିନିଖି ବର୍ଣ୍ଣନାରେ ପୂରି ରହିଛି “ଦୁଃଖିନୀ କନିକା” ପୁସ୍ତକ ।

ବିପ୍ଳବୀ କବି ଆନନ୍ଦଚନ୍ଦ୍ର ଜେନାଙ୍କ “ଦୁଃଖିନୀ କନିକା” ପୁସ୍ତକକୁ ଗଭୀର ଭାବେ ଅନୁଧ୍ୟାନ କଲେ, ପାଠକକୁ ସ୍ୱତଃ ପ୍ରବୃତ୍ତ ଭାବେ ମ୍ରିୟମାଣ ହେବାକୁ ପଡ଼ିଥାଏ । ଯେଉଁଠି ପ୍ରଜାକୁଳ ରାଜାଙ୍କୁ ‘ପିତା’ର ଆସନରେ ଅଳଙ୍କୃତ କରିଛନ୍ତି ଖୋଲା ହୃଦୟ ଓ ପରିଷ୍କାର ମନରେ ସେଠାରେ ରାଜା କିପରି ପ୍ରଜା ବିଦ୍ୱେଷୀ ସାଜି, ନିଜର ପ୍ରସାରିତ ବାହୁ ବଳରେ ତିଳତିଳ କରି ସେମାନଙ୍କୁ ଭୂଲୁଣ୍ଠିତ କରିବାକୁ ତିଳେମାତ୍ର ପଛକୁ ଫେରିନାହାଁନ୍ତି, ତାହା “ଦୁଃଖିନୀ କନିକା”ର ଦୁଃଖଦ ବର୍ଣ୍ଣନାରୁ ଉପଲବ୍ଧ ହୋଇଥାଏ । ମା’ ମାଟି ଓ ମମତାକୁ ଜଳାଞ୍ଜଳି ଦେଇ କଟକ ସହରସ୍ଥିତ ବିଳାସପୂର୍ଣ୍ଣ ପ୍ରାସାଦରେ ଜୀବନ ଅତିବାହିତ କରିବାକୁ ଅଧିକ ପସନ୍ଦ କରୁଥିବା ଏହି ବିଳାସୀ ରାଜା ଜଣେ ନୀତିଭ୍ରଷ୍ଟ ଶାସକ ଭଳି ନିଜ ରାଜ୍ୟର ନିରୀହ ପ୍ରଜାମାନଙ୍କ ଠାରୁ ୬୪ ପ୍ରକାର ‘କର’ ଆଦାୟ କରିବାର ହୁକୁମତି ଘୋଷଣା କରିଥିଲେ । ‘କର’ ଅଣଆଦାୟ ବଳରେ ଜମି ‘ଜବରଦସ୍ତ ନିଲାମ’ , ପିଠିରେ ନିଷ୍ଠୁକ ପ୍ରହାର ଏପରିକି ପରିବାର ମଧ୍ୟରେ ସୁନ୍ଦରୀ

କନ୍ୟା, ବୋହୂମାନଙ୍କୁ ବିନା ଦ୍ୱିଧାରେ ଉଠାଇ ଆଣି ପାଶବିକ ଅତ୍ୟାଚାର କରିବାକୁ ପଛାଉ ନ ଥିଲେ ଏହି ରାଜାଙ୍କ ପୋଷା କର୍ମଚାରୀମାନେ । ରାଜା ଏଥିପାଇଁ ଅଭୟମୁଦ୍ରାର ହିମତ୍ ପ୍ରଦାନ କରିଥିଲେ ସେମାନଙ୍କୁ । ଜୀବନ ମରଣ ଚକ୍ରବ୍ୟୂହରେ ପଡ଼ି ଶୋଷିତ, ଦଳିତ ଓ ଲାଞ୍ଛିତ ପ୍ରଜା ୬୪କର ଦେବାକୁ ବାଧ ହେଉଥିଲା ଅୟସ କରୁଥିବା ରାଜାଙ୍କୁ ।

ଚଉଷଠି କର

କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ କାରଣ ବହୁଳ ଆଲୋଚିତ ଚଉଷଠି କର ହେଲା :- ୧- ଜମିକର ୨- ଜଳକର ୩- ପଥକର ୪-ବନ୍ୟକର ୫- ବିବାହକର ୬- ମଧୁଶଯ୍ୟାକର ୭- ପିଲାଙ୍କ ନାମଲେଖାକର ୮- ନାମକଟାକର ୯- ନୌକାକର ୧୦- ସୁନିଆଁ କର ୧୧- ମତ୍ସ୍ୟକର ୧୨- ମଛଦିଆକର ୧୩- ଜମିଖରିଦକର ୧୪- ଜମିବିକ୍ରିକର ୧୫- ରେଜେଷ୍ଟ୍ରୀକର ୧୬- ରଫାନାମାକର ୧୭- ଜମିବଣ୍ଟନକର ୧୮- ପଶୁଚରକର ୧୯- ମଧୁକର ୨୦- ଅଣ୍ଡାକର ୨୧- କଷାକର ୨୨- ଫଳକର ୨୩- ଲତାକର ୨୪- ଗଛକର ୨୫- ଖଜାକର ୨୬- ମହୁବସାକର ୨୭- ଅଣ୍ଡିରାବାଛୁରୀବ୍ରତାଇବାକର ୨୮- ହାଣ୍ଡିଗଢ଼ାକର ୨୯- ହାଣ୍ଡିବିକ୍ରିକର ୩୦- ମାଟିକର ୩୧- ଚର୍ମକର ୩୨- ପରକର ୩୩- ଘାଟକର ୩୪- ବନପଥକର ୩୫- ବାଣିଜ୍ୟକର ୩୬-ଶୈଚକର ୩୭- ଦିଅଁମଙ୍ଗୁଳାକର ୩୮- ଦାନକର ୩୯- ଗୃହନିର୍ମାଣକର ୪୦- ଚୂନକର ୪୧- ଲୁଣକର ୪୨- ରବିଫସଲକର ୪୩- ନଦୀକର ୪୪- ପୋଲକର ୪୫- ଯୌତୁକକର ୪୬- ଅଳଙ୍କାରକର ୪୭- ନାମସାମିଲିକର ୪୮- ପୁଷ୍କରିଣୀକର ୪୯- ଶବଦାହକର ୫୦- ବିକ୍ରିକର ୫୧- ବନ୍ଦୋବସ୍ତକର ୫୨- ମହାଜନୀକର ୫୩- ଧାନଦେଢ଼କର ୫୪- ନାଳିଆକର ୫୫- ବଗିଚାକର ୫୬- ହେନ୍ତାଳପତ୍ରକର ୫୭- ପାଲିଙ୍କିକର ୫୮- ଦୋକାନକର ୫୯- ମହମକର ୬୦- ଚୂଳପକାଇବାକର ୬୧- ସ୍ୱାସ୍ଥ୍ୟସେବାକର ୬୨- ତେଲମାରିବାକର ୬୩- ଦିଅଁମାର୍ଜନାକର ୬୪- ବେତକର ।

୧୯୧୪-୧୫ ମସିହାରେ କଲିକତାରୁ ଗୃହକୁ ପ୍ରତ୍ୟାବର୍ତ୍ତନ କରି ସାରିବା ପରେ ଶୁଣିଥିବା କନିକା ପ୍ରଜାଙ୍କର ଉପରେ ରାଜାଙ୍କ ଅତ୍ୟାଚାରକୁ ପ୍ରତ୍ୟକ୍ଷ ଭାବେ ସ୍ୱ-ଚକ୍ଷୁରେ ଦେଖି ଅଭିଭୂତ ହୋଇଯାଇଥିଲେ କବି ଆନନ୍ଦ ଚନ୍ଦ୍ର ଜେନା । ତାଙ୍କର ଯୁବକ ରକ୍ତ ସବୁ ଟକ୍‌ମକ୍ କରି ଫୁଟି ଉଠିଥିଲା । ନିଜକୁ ଜଣେ ଉଚ୍ଚ ଶିକ୍ଷିତ ନୀତିନିଷ୍ଠ, ଆଦର୍ଶ, ଦେଶପ୍ରେମୀ ଶାସକଭାବେ ଦେଶ, ବିଦେଶରେ ପରିଚିତ କରାଇଥିବା କନିକା ରାଜା ରାଜେନ୍ଦ୍ର ନାରାୟଣଙ୍କ ପ୍ରତି ତାଙ୍କ ମନରେ ସ୍ୱତଃସ୍ଫୂତ ସୃଷ୍ଟି ହୋଇଥିଲା ଆକଣ୍ଠ ଘୃଣା । ବିଦ୍ୱେଷ ଓ ଗ୍ଲାନିରପ୍ରସ୍ତରଖଣ୍ଡ ସବୁ ତାଙ୍କ ଛାତି ତଳେ ପିଟି ହୋଇଥିଲା । ତେବେ ଚତୁଃପାର୍ଶ୍ୱରେ ନଦୀ, ନାଳ, ଯୋଡ଼ି ଓ ସମୁଦ୍ର ଜଙ୍ଗଲ ଘେରା ଇଲାକାରେ କନିକାରେ

ବାସ କରୁଥିବା ନିରୀହ ପ୍ରଜାଙ୍କର ଏହି ଅମାନୁଷିକ କାହାଣୀ ଓଡ଼ିଶାର ଲୋକେ ଆଦୌ ଅବଗତ ହୋଇପାରି ନ ଥିଲେ । ସେ ସମୟରେ ମଣିଷର ଭାବ ଓ ସାମାଜିକ କାର୍ଯ୍ୟକଳାପକୁ ଲୋକାଭିମୁଖୀ କରାଇବାର ଗୋଟିଏ ମାଧ୍ୟମ ଥିଲା ପୁସ୍ତକ । ତେଣୁ କିଂକର୍ତ୍ତବ୍ୟ ବିମୂଢ଼, ନିରସ୍ତ, ନିର୍ଦ୍ଧନ ତଥା ସଚେତନଶୀଳ ଯୁବକ ଆନନ୍ଦଚନ୍ଦ୍ରଙ୍କର ମନ ଓ କଲମ ବ୍ୟସ୍ତ ହୋଇ ଉଠିଥିଲା ଖଣ୍ଡିଏ ପୁସ୍ତକ ରଚନା କରି ପ୍ରଥମତଃ ରାଜା ଓ ଦ୍ୱିତୀୟରେ କନିକାବାସୀ ଏବଂ ତୃତୀୟରେ ସମଗ୍ର ଓଡ଼ିଶାବାସୀଙ୍କୁ କନିକାର ଅତ୍ୟାଚାର ବିଷୟରେ ଦୃଷ୍ଟି ଆକର୍ଷଣ କରିବା ।

ଏଥିପାଇଁ ଆନନ୍ଦଚନ୍ଦ୍ର ବର୍ତ୍ତନୀ ଗ୍ରାମର ଦୀନବନ୍ଧୁ ଖଣ୍ଡାୟତ ରାୟଙ୍କ ପ୍ରେରଣାରେ ପୁସ୍ତକ ରଚନାରେ ଅଗ୍ରସର ହୋଇଥିଲେ । କାରଣ ଦୀନବନ୍ଧୁଙ୍କ ଘରେ ପ୍ରତିଦିନ ସେ ଅଞ୍ଚଳର ଜଣାଶୁଣା ଲୋକମାନେ ସନ୍ଧ୍ୟା ଆସରଟିଏ ଜମାଉଥିଲେ । ସେହି ଆସରରେ ସମଗ୍ର କନିକା ଅଞ୍ଚଳର ହାନି, ଲାଭ, ରାଜକର୍ମଚାରୀମାନଙ୍କର ଦୌରାତ୍ମ୍ୟ, ନଈବଢ଼ି, ଝାଡ଼ ଜଙ୍ଗଲ, ମାଛଧରା ଓ ପଶୁମରା ଆଦି ବିଭିନ୍ନ ବିଷୟ ଆଲୋଚନା ହେଉଥିଲା । ଦୀନବନ୍ଧୁ ଖଣ୍ଡାୟତ ରାୟ ଏ ସବୁରେ ଅଂଶ ଗ୍ରହଣ କରି ନିଜର ମତାମତ ଦେଉଥିଲେ ଓ ଆସର ମଝିରେ କଲିକତା ଚଗୁଣ୍ଡ ଓ ମଇଁଷି ଦୁଧରେ ଘ କରି ସମସ୍ତଙ୍କୁ ଦେବାର ଦାୟିତ୍ୱ ନେଇଥିଲା ବିଶୁନି । ଏହି ଆଲୋଚନାବେଳେ ଆନନ୍ଦଚନ୍ଦ୍ର ସବୁ ବୃତ୍ତାନ୍ତ ଶୁଣି ବଡ଼ ବ୍ୟଥିତ ହୋଇ ପଡୁଥିଲେ । ପ୍ରଥମେ ଦୀନବନ୍ଧୁ ତାଙ୍କୁ କହିଥିଲେ - "ଆନନ୍ଦଚନ୍ଦ୍ର !ତୁମେ ଏହି ସବୁ ବିଷୟରେ ଗୋଟିଏ ପୁସ୍ତକ ରଚନା କର, ତୁମେ ଶିକ୍ଷିତ ଲୋକ, ତୁମ ପୂର୍ବପୁରୁଷ ପ୍ରତାପ ଜେନା ପ୍ରଭୃତି ସେ ସମୟରେ କନିକା ଓ ଆଳି ରାଜ୍ୟରେ କବି ଭାବରେ ସମ୍ମାନ ପାଉଥିଲେ । ତୁମେ ତାଙ୍କର ଉତ୍ତର ଦାୟାଦ, କଷଣ ଭୋଗୁଥିବା ଏହି ଲୋକଙ୍କ ସମ୍ବନ୍ଧରେ ତୁମେ ହିଁ ଲେଖି ପାରିବ, ଆନନ୍ଦଚନ୍ଦ୍ର"। ପିତୃତୁଲ୍ୟ ଦୀନବନ୍ଧୁଙ୍କ କଥା ଗଭୀର ରେଖାପାତ କରିଥିଲା ଆନନ୍ଦଚନ୍ଦ୍ରଙ୍କ ମନ ମଧ୍ୟରେ । ସେଦିନ କେବଳ ମୁରୁକି ହସଟିଏ ମାରି ନୀରବରେ ସମ୍ମତି କରିଥିଲେ । ମାତ୍ର ଉକ୍ତଦିନ ଠାରୁ ଆରମ୍ଭ କରିଥିଲେ ପୁସ୍ତକ ରଚନା । ସେତେବେଳେ ବର୍ତ୍ତମାନ ପରେ ଏତେ ସଫା ଧଳାକାଗଜ ମିଳୁନଥିଲା । ଇଷତ୍ ହଳଦୀରଙ୍ଗ ବା ମାଟିଆ ରଙ୍ଗର କାଗଜରେ ଆନନ୍ଦଚନ୍ଦ୍ର ଲେଖିବା ପରେ ପ୍ରତିଦିନ ସନ୍ଧ୍ୟା ସମୟରେ ତାହାକୁ ପ୍ରତିଲୋକଙ୍କୁ ଶୁଣାଉଥିଲେ ।

ବିପ୍ଳବୀ କବି ଆନନ୍ଦଚନ୍ଦ୍ର ଜେନାଙ୍କ ଦ୍ୱାରା ରଚିତ "ଦୁଃଖିନୀ କନିକା" ପୁସ୍ତକ ଥିଲା କନିକା ପ୍ରଜା ବିଦ୍ରୋହର ମୂଳମଞ୍ଜି ଏହା ସ୍ୱୀକାର୍ଯ୍ୟ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଶ୍ରଦ୍ଧାରେ ଆନନ୍ଦଚନ୍ଦ୍ରଙ୍କୁ "ଦୁଃଖିନୀ କନିକା" ବୋଲି ଡାକୁଥିଲେ । ସମ୍ଭବତଃ କନିକା ମାଟିର ଦୁର୍ଦ୍ଦଶା ଓ ଆତଙ୍କକୁ ନିଜସ୍ୱ ଲେଖନୀ ମୁନରେ ପ୍ରକାଶ କରିଥିବାରୁ ଉତ୍କଳମଣି ତାହାଙ୍କୁ ଏପରି ସମ୍ବୋଧନ କରିବାକୁ ଉଚିତ୍ ମନେ କରୁଥିଲେ । ଏଥିପାଇଁ

କନିକା ବିପ୍ଳବର ମୂଳ କାରଣ ବୋଲି କବି ଆନନ୍ଦଚନ୍ଦ୍ର ଜେନାଙ୍କ "ଦୁଃଖିନୀ କନିକା" କୁହାଯାଇଥାଏ । ରାଜା ଯଦି ପ୍ରଜାବତ୍ସଳ ହୋଇଥାଆନ୍ତେ, ଅଥବା ତାଙ୍କ ଅନୁପସ୍ଥିତିରେ କିମ୍ବା ତାଙ୍କ ଅଜ୍ଞାତରେ ଘଟୁଥିବା ଏହି ଘଟଣାର ଅନୁସନ୍ଧାନ କରି ଏହାର ପ୍ରତିକାରାର୍ଥେ ଦୋଷୀ ରାଜକର୍ମଚାରୀମାନଙ୍କୁ ଦଣ୍ଡ ପ୍ରଦାନ କରିଥାଆନ୍ତେ, ତେବେ ଯୁଗଯୁଗ ପାଇଁ କନିକା ରାଜାଙ୍କର ଯଶ ଓ କୀର୍ତ୍ତି ଅମଳିନ ଭାବରେ ରହିଥାଆନ୍ତା । ମାତ୍ର ରାଜା ଥିଲେ ଅର୍ଥଲୋଭୀ, ତୋଷାମଦିଆ ମାନଙ୍କର ପ୍ରଭୁ ଓ ପ୍ରଜାଙ୍କ ଠାରୁ ସଂଗୃହୀତ ଅର୍ଥରେ ଜଣେ ଧନୀ, ଦାନୀ ରାଜା ଭାବେ ସମଗ୍ର ଓଡ଼ିଶା ମୂଲକରେ ବେଶ୍ ଜଣାଶୁଣା । ତେଣୁ ସେ ଇଂରେଜ ସରକାରଙ୍କ ସାହାଯ୍ୟରେ, କନିକା ରାଜ୍ୟ ମଧ୍ୟରେ ଜୋର ଜବରଦସ୍ତି ଏହି ପ୍ରଜା-ଆନ୍ଦୋଳନକୁ ବିଲୋପ କରିବା ପାଇଁ ଆପ୍ରାଣ ପ୍ରଚେଷ୍ଟା କରିଥିଲେ ।


ଗାନ୍ଧି, ଗୋପବନ୍ଧୁ ଓ 'ଦୁଃଖିନୀ କନିକା'

ପ୍ରଥମ ଦଫାରେ କନିକା ନରେଶ ବିପ୍ଳବୀ ଆନନ୍ଦଚନ୍ଦ୍ରଙ୍କ ଦ୍ୱାରା ଲିଖିତ "ଦୁଃଖିନୀ କନିକା" ପୁସ୍ତକକୁ ବାଜ୍ୟାପ୍ତି କରି ଦେଇ ବିପ୍ଳବକୁ ପରୋକ୍ଷରେ ନିମନ୍ତ୍ରଣ କରିଥିଲେ । ଫଳତଃ ବାଜ୍ୟାପ୍ତି ପୁସ୍ତକର ମହତ୍ତ୍ୱ କନିକା ରାଜ୍ୟ ବାହାରେ ବିଶେଷ ବଢିଯାଇଥିଲା । ସଚେତନଶୀଳ ଲୋକେ, କଂଗ୍ରେସ ନେତା ଓ ଆଞ୍ଚଳିକ ମୁରବୀମାନଙ୍କ କୌଶଳରେ ବହିଟିକୁ ହସ୍ତଗତ କରି "ଦୁଃଖିନୀ କନିକା" ବିଷୟରେ ସମସ୍ତ ଘଟଣା ଜାଣିପାରିଥିଲେ । ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଏହା ଇଂରାଜୀରେ ଅନୁବାଦ ହୋଇ ଗାନ୍ଧିଜୀଙ୍କ ସମ୍ପାଦିତ "ୟଙ୍ଗ୍ ଇଣ୍ଡିଆ' ନାମକ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା । ଫଳତଃ ତତ୍କାଳୀନ ଓଡ଼ିଶା ଗଡ଼ଜାତ ସମୂହର ରାଜା, ମହାରାଜା, ଭାରତବର୍ଷର ସୁଜ୍ଞାନୀ ଲୋକମାନେ ଅଧ୍ୟୟନ କରି, କନିକା ରାଜାଙ୍କ ପ୍ରତି ତାତ୍ସଲ୍ୟତା ପ୍ରକାଶ କରିଥିଲେ ଓ କନିକା ରାଜା ରାଜେନ୍ଦ୍ରନାରାୟଣଙ୍କ ଉପରେ ଦେଖାଣିଆ ମାନବିକତା, ସୌଜନ୍ୟତା, ଆତ୍ମୀୟତା ଆଦରି ବିପରୀତ ରୂପ ସ୍ପଷ୍ଟ ଦୃଷ୍ଟିଗୋଚର ହୋଇଥିଲା । ପ୍ରଜାଙ୍କ ଠାରୁ ଜୋରଜବରଦସ୍ତ, ବେକରେ ତରବାରୀ ଲଗାଇ, ଝିଅବୋହୂଙ୍କ ଇଜ୍ଜତ ଲୁଣ୍ଠନ୍ କରି ୬୪ ପ୍ରକାରର ଅର୍ଥ ଆଦାୟ କରି ଯେଉଁ ଅର୍ଥ ରାଜ୍ୟବାସୀଙ୍କ ଉନ୍ନତି କଳ୍ପେ ଦାନ କରି ଯଶସ୍ୱୀ ପାଲଟି ଯାଇଥିଲେ, ତାହାର ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ବେଶୀ ସମୟ ଲାଗି ନଥିଲା ।

ଏହି ସବୁର ମୂଳ କାରଣ ଥିଲା "ଦୁଃଖିନୀ କନିକା" ପୁସ୍ତକ । ତେଣୁ କନିକା ପ୍ରଜା ଆନ୍ଦୋଳନରେ "ଦୁଃଖିନୀ କନିକା"ର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଓ ସ୍ଥଳ ବିଶେଷରେ ଏହି ପୁସ୍ତକକୁ ଆନ୍ଦୋଳନର ମୁଖ୍ୟ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ ନିଶ୍ଚୟ ।
ନିରଂଜନ ମେକାପଙ୍କ ରଚିତ "ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର" ପୁସ୍ତକରୁ ଉଦ୍ଧୃତ

-ସଂପାଦିକା

‘ଦୁଃଖିନୀ କନିକା’ ମୂଳ କାବ୍ୟ



ଆନନ୍ଦ ଚନ୍ଦ୍ର ଜେନା

ନମଇ ଜଗତ କାରଣ,
କନିକା ବାସୀଙ୍କ କଷଣ,
ମାଗୁଛି ମୁକତିର ବାଟ,
ବିଳମ୍ବ କେବେ ନ କରନ୍ତୁ,
କନିକା ପତିଙ୍କ ହୃଦୟ,
ନହେଲେ ସର୍ବେ ଯିବୁ ମରି,
ଭୂସ୍ୱତ୍ୱେ ଆମ୍ଭ ଅଧିକାର,
ସଂପଦ ବହି ନେଉଛନ୍ତି,
ଏ ଆଦି ଯେତେ ଅତ୍ୟାଚାର,
ଯାହାର ଯୋଗେ ଇଷ୍ଟେଟର,
ଯମର ଶାସନକୁ ବଳେ,
ଏଣିକି ପ୍ରାଣ ନ ରଖିବ,
ଏ ଘେନି ଛାମୁଙ୍କୁ ଡକାଇ,
ପ୍ରାର୍ଥନା କରଇ ଅଧମ,
ଭାଇଙ୍କି ବୁଝାଇବା ଛଳେ,
କନିକା ଦେବୀ ଆମ୍ଭ ମାତା
ପିତାଙ୍କୁ କେବେ ନ ଛାଡ଼ିବା,
ସେ ଯଦି ଦେବେ ଅପମାନ,
ପୁଣି ହିଁ ଚରଣେ ପଡ଼ିବା,
ଇଷ୍ଟେଟ ହେତୁ ପିତାଙ୍କର,
ଅଶେଷ ବିଘ୍ନ ବିନାଶନ ।
ଶ୍ରୀପଦେ କରି ନିବେଦନ ।
ଫିଟାଇ ଦିଅନ୍ତୁ କବାଟ ।
ଆମ୍ଭଙ୍କୁ ସଙ୍କଟୁ ତାରନ୍ତୁ ।
ଦ୍ରବାନ୍ତୁ ହୋଇଣ ସଦୟ ।
ଏହାକୁ ସୁମରି ସୁମରି ।
ତୁଟାଇ କଲେ ନାରଖାର ।
ଭୀଷଣ କଷଣ ଦିଅନ୍ତି ।
ହେଲାଣି ତାହା ନିତ୍ୟାଚାର ।
କ୍ଷମତା ମହା ଭୟଙ୍କର ।
ଏ ପ୍ରାଣ ଥାଉଁ ଥାଉଁ ଜଳେ ।
ଏକତ୍ରେ ସର୍ବଙ୍କୁ ଭକ୍ଷିବ ।
କନିକା ପତିଙ୍କୁ ଦେଖାଇ ।
ପାଳନ୍ତୁ ଆପଣା ସ୍ୱଧର୍ମ ।
ଜଣାଏ ଶ୍ରୀଚରଣ ତଳେ ।
ତାଙ୍କର ସ୍ୱାମୀ ଆମ୍ଭ ପିତା ।
ସର୍ବଦା ଛାମୁରେ ଗଡ଼ିବା ।
ମନେ ନ ଘେନିବା ମାନ ।
ଏ ଦୁଃଖ ନାଶନେ ଲଢ଼ିବା ।
ଗୁଣ ହିଁ ହେଉଛି ଦୁଷ୍କର ।

ଆମ୍ଭର ଦୋଷ ଅଛି ଭାଇ,
ତାହା ତ ନ ପାରେ ଲୁଚାଇ ।
ପ୍ରଥମେ ପିତୃ ଉପକାର,
ଶୁଣନ୍ତୁ ସେ ଯେତେ ପ୍ରକାର ।
ଦେଖୁଛେଁ ପରା ଧନ ଦାନେ,
ଅର୍ଜ୍ଜନ୍ତି ଧର୍ମ ଧନୀମାନେ ।
ଆମ୍ଭର ପିତା ସେହି ପରି,
ଧରମ ପଥ ଅନୁସରି ।
ଡକାଇ ନିଜ ଭାବି ଫଳେ,
ବସନ କିଛି ଦାନ କଲେ ।
ଯଦି କେ ତାଙ୍କୁ ଅନୁସରେ,
ଅଥବା ଗୁଣେ ବଶ କରେ ।
ପରଜା କିବା ହେଉ ଅନ୍ୟ,
ତାଙ୍କରି ଯୋଗେ ହୁଏ ଧନ୍ୟ ।
ତାଙ୍କୁ ସେ ସସ୍ନେହେ ଦେଖନ୍ତି,
ପଠନେ ସହାୟ ହୁଅନ୍ତି ।
ଆହୁରି ନାନା ସତ୍‌କାର୍ଯ୍ୟରେ,
ମିଶନ୍ତି ପରା ସହଜରେ ।
ବିପୁଳ ଧନ ଦାନ କରି,
ମନରେ କୁଭାବ ନ ଧରି ।
ବିପନ୍ନ ତାରଣେ ତତ୍ପର,
ହୁଅନ୍ତି ପରା ନିରନ୍ତର ।
କେବଳ ଆମ୍ଭ ପାଇଁ ଭାଇ,
ସେ ଦିବ୍ୟ ହୃଦେ ଦୟା ନାହିଁ ।
ଜାଣନ୍ତି ଅବା ଏହି ନୀତି,
ସ୍ୱଜନେ କଲେ ହେଁ ଅପ୍ରୀତି ।
ଲଜ୍ୟାରେ କିଛି ନ କହିବେ,
ପରନ୍ତୁ ନୀରବେ ରହିବେ ।
ସ୍ୱଜନଗଣ ବଶ କଲେ,
ଯଶ ତ ନ ବଢ଼ଇ ଭଲେ ।
ତେଣୁ ସେ ଆମ୍ଭଙ୍କୁ ଉପେକ୍ଷି,
ହୁଅନ୍ତି ଅନ୍ୟ ଦୁଃଖେ ଦୁଃଖୀ ।
ସେ ହେତୁ ଆମ୍ଭେମାନେ ସିନା,
ବିପନ୍ନ ତାଙ୍କ ସ୍ନେହ ବିନା ।
ଏଥିକି ହେବା ବିଚଳିତ,
ଆମ୍ଭର ନୁହଁଇ ଉଚିତ ।
ତଥାପି ଆମ୍ଭରି ସକାଶେ,
ତାଙ୍କର ଦୟା ଯା' ବିକଶେ ।
ଇଷ୍ଟେଟ କର୍ତ୍ତୃପକ୍ଷମାନେ,
ଚଲାନ୍ତି ତାକୁ ଦୁର୍ବିଧାନେ ।
ଦେଖନ୍ତୁ ସେ ଉଦାହରଣ,
ଦେଖାଏଁ କରି ତନ୍ନ ତନ୍ନ ।
ଆମ୍ଭର ରୋଗ ବିନାଶନ,
ନିମିତ୍ତ ହୋଇ ସୁପ୍ରସନ୍ନ ।
ଡ଼ାକ୍ତରଖାନା ବସାଇଲେ,
ବହୁତ ଅର୍ଥ ବ୍ୟୟ କଲେ ।
ପିତାଙ୍କ ଦୟା ଏହିପରି,
ଆମ୍ଭେ ବା ଭୁଲନ୍ତେ କିପରି ।
ମାତ୍ରକେ ଆମ୍ଭେ କେଉଁ କାଳେ
ଯାଆନ୍ତେ ଅକାଳେ ସକାଳେ ।
ସେଠାରେ ଔଷଧ ନ ଥାଏ,
କେବଳ ପାଆନ୍ତି କଥାଏ ।
ଔଷଧ ସରିଗଲାଣି ତ,
କି ଅବା ନାହିଁ ଏକ୍ଷଣି ତ ।
ଯଦି କେ କହେ ସବୁଦିନେ,
ସରୁଛି ନ ପାଉଛୁଁ ଦିନେ ।
ଡାକ୍ତର ଉକ୍ତି ଏଥିପାଇଁ,
ଜାଣୁ ତ, ଆସିଲୁ କିପାଇଁ ।
ଅନ୍ୟଥା ଶିଶି କୁପଜଳ,
ଦିଶେ ଯେ ଅତ୍ୟନ୍ତ ଉଜ୍ୱଳ ।

ତଦ୍ଦ୍ୱାରା ରୋଗ ଉପଶମ,
ପ୍ରକୃତ ଔଷଧ ଯେତେକ,
ତା'ପରେ ଆଉ ଯାହା ବଳେ,
ଏ ହେତୁ ସେ ଔଷଧାଳୟ,
ଇଷ୍ଟେଟଙ୍କର କର୍ମଚାରୀ,
ପିତାଙ୍କୁ ଏହା ଅବିଦିତ,
ଦେଖନ୍ତୁ ଶିକ୍ଷା ବିଷୟରେ,
ଇଂରାଜୀ ଉଚ୍ଚ ବିଦ୍ୟାଳୟ,
ମୋହର ପ୍ରଜା ଅଶିକ୍ଷିତ,
ଏମନ୍ତ ବିଚାରି ମନରେ,
ପିତାଙ୍କ ଦୟା ଏହିପରି,
ତାହାର ଫଳ ଏ ହୋଇଲା,
ଆମ୍ଭରି ଠାରୁ ଚାନ୍ଦା ନେଲେ,
ତଥାପି ଧନରେ ସବଳ,
ଏଠାରେ ସୁବିଧା ନ ଥିଲେ,
ପ୍ରଭେଦ ଏହି ମାତ୍ର ସିନା,
ଅନ୍ୟଥା ଦୂର ଅଟେ ଭଲ,
ଯେ ହେଉ ତ୍ରିଂଶ ବା ଚାଳିଶ,
ଦରିଦ୍ରେ ନିରାଶ ହୋଇଲେ,
ଯେଣୁ ଏ ଇଷ୍ଟେଟ ପ୍ରଭାବେ,
ଗ୍ରାମରୁ ବିଦ୍ୟାଳୟମାନ,
ଶିକ୍ଷକମାନଙ୍କୁ ବିପଦେ,
ପିଲାଙ୍କୁ ମୂର୍ଖ କରାଇଲେ,
ପିତାଙ୍କ ମହତ କାର୍ଯ୍ୟର,
ଆହୁରି ବାଧା ଅଛି ଯେତେ,
ପିତାଙ୍କୁ ଏହା ଅବିଦିତ,
ତେରଶ ଛବିଶ ସାଲରେ,
ଆମ୍ଭେ ଯେ ହାହାକାର ରବେ,
ପିତାଙ୍କ କର୍ଣ୍ଣେ ସମ୍ଭାଇଲା,
ଚଉଳ ଚୂଡା ବଣ୍ଟାଯାଉ,

ନହୋଇ ହୁଅଇ ବିଷମ ।
କର୍ତ୍ତାଏ ନିଅନ୍ତି ତେତେକ ।
ସେ ଯାଏ ଅମଲାଙ୍କ ତଳେ ।
ଆମ୍ଭର ନୁହଇ ଆଶ୍ରୟ ।
ଅଟନ୍ତି ତା'ର ଅଧିକାରୀ ।
ଥିବାର ହୁଏ ଅନୁମିତ ।
ଆମ୍ଭରି ପିତା ସଦୟରେ ।
ନିମିତ୍ତ କଲେ ବହୁ ବ୍ୟୟ ।
କି ରୂପେ ହୋଇବେ ଶିକ୍ଷିତ ।
ମାତିଲେ ଯଥା ବିଧାନରେ ।
ଆମ୍ଭେ ବା ଭୁଲନ୍ତେ କିପରି ।
ଇଷ୍ଟେଟ ପରା ଭିଆଇଲା ।
ଅନ୍ୟ କେ କିଛି କିଛି ଦେଲେ ।
ଯେ କେହି ପଢ଼ିଲେ କେବଳ ।
ଅନ୍ୟତ୍ର ଯେ ପଢ଼ନ୍ତେ ହେଲେ ।
ନିକଟ ଦୂର ଭାବ କିନା ।
ଏଠାରେ ଯେଣୁ କଲବଲ ।
ପାଆନ୍ତି ଏଥେ ଉପଦେଶ ।
କରମ ଆଦରି ରହିଲେ ।
ସକଳେ ପଡ଼ିଛେ ଅଭାବେ ।
ଉଠାଇ ବହି ଅଭିଧାନ ।
ପକାଇ ମାତ୍ର ପଦେ ପଦେ ।
ଆମ୍ଭଙ୍କୁ ଦୁଃଖେ ଭରାଇଲେ ।
ମୂଲ୍ୟ ହିଁ ହେଲା ନୀରତର ।
ଜାଣନ୍ତି ଭିତରେ ସମସ୍ତେ ।
ଥିବାର ହୁଏ ଅନୁମିତ ।
ବନ୍ୟାର ପ୍ରଭାବ କାଳରେ ।
ବିକଳେ କାନ୍ଦନ୍ତେ ସରବେ ।
ତେଣୁ ଏ ଆଦେଶ ହୋଇଲା ।
ଯେ ଯେଣେ ଯିବ ତେଣେ ନେଉ ।

ପିତାଙ୍କ ଦୟା ଏହିପରି,
ଆନନ୍ଦ ଅମଲା ମଧ୍ୟରେ,
କେ କେତେ କେଶେ ନେଇଗଲେ,
ଗ୍ରାମକେ ଏକ ଏକ ସେର,
କେଉଁଠି ଅଧ ସେର ଦେଇ,
ଆପଣା ଆତ୍ମସାତ କଲେ,
କହିଲେ ସକଳ ବାଣ୍ଟିଲୁ,
ଏତେକେ ପିତା ଭୁଲିଗଲେ,
ପିତାଙ୍କ ଚାଉଳ ସରିଲା,
ଅମଲାମାନେ ମାରିନେଲେ,
ଆମ୍ଭର କେହି ଜଣେ ଭାଇ,
ଅମଲା କୁହାଇ ନଦେଲେ,
ପିତାଙ୍କୁ ଏହା ଅବିଦିତ,
ଯେପରି ବନ୍ୟା ଛାଡ଼ିଗଲା,
ଆସନ୍ତେ ଜିଲ୍ଲା ମାଜିଷ୍ଟର,
ତାଙ୍କର ଆସିବା ତକାଇ,
ତିନିଟି କାର୍ଯ୍ୟ ଏକାବେଳେ,
ଜାଗାଏ ଅନ୍ନଛତ୍ର ଦେଲେ,
ଜାଗାଏ ଆମ୍ଭଙ୍କୁ ବସାଇ,
ତାହାଙ୍କ ସମ୍ମୁଖକୁ ନେଲେ,
ହାକିମ ଦେଖି ଏ ଘଟନା,
ଦିନେକ ରହି ମାଜିଷ୍ଟର,
ତାଙ୍କର ପଛେ ପଛେ ପରା
ଏ କାର୍ଯ୍ୟ କରି କର୍ତ୍ତାଗଣ,
ପିତାଙ୍କୁ ଏକଥା ବିଦିତ,
ତା'ପରେ ତଗାବିର କଥା,
ଦରିଦ୍ରେ ଚାଉଳ ପାଇଲେ,
କେବଳ ମଧ୍ୟମ ଶ୍ରେଣୀର,
ଆମ୍ଭରି ଠାରୁ ଯେଉଁ ଧାନ,
ଏହାର ବିଶେଷ କାରଣ,

ଆମ୍ଭେ ବା ଭୁଲନ୍ତେ କିପରି ।
ବଢ଼ିଲା ଉକ୍ତ ଆଦେଶରେ ।
ଆମ୍ଭଙ୍କୁ ବାଣ୍ଟିବାର ଛଳେ ।
କାହିଁ ବା ଦୁଇ ତିନି ସେର ।
କାହିଁ ବା ମୂଳହୁଁ ନ ଦେଇ ।
ବୃଥାରେ ତାଲିକାଏ ଦେଲେ ।
ଅନେକ କଷ୍ଟରେ ଖଟିଲୁ ।
ମିଛକୁ ସତ ମନେକଲେ ।
କାହାର ପେଟ ନ ପୂରିଲା ।
ଶେଷରେ ଆମ୍ଭ ନାମ ଦେଲେ ।
କହନ୍ତେ ପିତାପାଶେ ଯାଇ ।
ବିରକ୍ତେ ଆଖି ତରାଟିଲେ ।
ଥିବାର ହୁଏ ଅନୁମିତ ।
ସକଳେ ଜାଣିଛେ ତ ଭଲା ।
ଇଷ୍ଟେଟ ହୋଇ ତରତର ।
ସତରେ ଆମ୍ଭଙ୍କୁ ଡ଼କାଇ ।
ଖୋଲିଲେ ଦେଖିଛେ ସକଳେ ।
ଜାଗାଏ ଚାଉଳ ବାଣ୍ଟିଲେ ।
ତଗାବୀ ଦେବା ଛଳେ ଭାଇ ।
ତଗାବୀ କେତେକଙ୍କୁ ଦେଲେ ।
ବୋଇଲେ ଧନ୍ୟ ଧନ୍ୟ ସିନା ।
ଏଠାରୁ ହେଲେ ସ୍ଥାନାନ୍ତର ।
ବାଜିଲା ନିଷେଧ ନାଗରା ।
ଆନନ୍ଦେ ହୋଇଲେ ମଗନ ।
ଥିବାର ହୁଏ ଅନୁମିତ ।
ତାହାର ପରା ଏହି ପ୍ରଥା ।
ଧନୀଏ କିଛି ନ ଚାହିଁଲେ ।
ପ୍ରଜାଙ୍କ ସକାଶେ ତତ୍ପର ।
ନିଅନ୍ତି ଲଗାଇ ଦାଦନ ।
ଅନ୍ୟତ୍ର ଶୁଣିବେ ଆପଣ ।

ଯେ ହେଉ ଧାନ ରଖିଥାନ୍ତି,
ଥାଆନ୍ତି ନେଇ ଯେଉଁ ଦରେ,
କେବଳ ଟଙ୍କା ବାକି ରହେ,
ବର୍ଷକୁ ଶତକରା ହାର,
ଅଥବା ସାଢ଼େ ବାର ଟଙ୍କା,
ନିଅନ୍ତି ଜୀବନ ବିକଳେ,
ସେ କାଳେ ଇଷ୍ଟେଟଙ୍କ ଦାଉ,
ପିତାଙ୍କୁ ଏକଥା ବିଦିତ,
ଆହୁରି ଶୁଣ ଏ ଅନ୍ତରେ
ଇଷ୍ଟେଟ ହୋଇ ତରତର,
ବାଇଶା କୁଟା ପରମାଣେ,
ବେପାର ନୀତି ଅନୁସରି,
ବିକିଲେ ଯେ ରୂପେ ଚାଉଳ,
ହୋଇଲା କିଛି କ୍ଷତି ନାହିଁ,
ଯେତିକି ଦେଇ କିଣିଥିଲେ,
ଅକାଳେ ଇଷ୍ଟେଟଙ୍କ ଲାଭ,
ତହିଁରେ ଶୁଣି ଏ ରହସ୍ୟ,
ଆମ୍ଭଙ୍କୁ ଆମ୍ଭ ଧନ ଦେଇ
କହନ୍ତି ତୁମ୍ଭଙ୍କୁ ପାଲୁଛୁଁ,
ପିତାଙ୍କୁ ଏକଥା ବିଦିତ,
ଏ କିଲା ନାମ ଜାଗରଣେ,
ଖରଚ କଲେ ଯେତେ ଅର୍ଥ,
ମାଟିଆ ବଦଳରେ ମାତ୍ର,
ତଥାପି ଗୋଇଠାଦି ଖାଇ,
ସହିଲେ ଆମ୍ଭେ ଯେ ଗଞ୍ଜଣା
ଇଷ୍ଟେଟ କର୍ତ୍ତୃପକ୍ଷ ଚୟ,
ଚନ୍ଦନ ପୋଖରୀ ସକାଶେ,
ପିତାଙ୍କୁ ଏକଥା ବିଦିତ,
ଚାଲିବା ନିମନ୍ତେ ଆମ୍ଭର,
ତାହାକୁ ପରା ଆମ୍ଭେମାନେ,

ତଗାବି ଛଳରେ ବିକନ୍ତି ।
ବିକନ୍ତି ଅଢ଼େଇ ଗୁଣରେ ।
ତଗାବି ନାମ ସେହି ବହେ ।
ସଉଆ ଛ'ଟଙ୍କା ଯାହାର ।
ଆମ୍ଭର ତେଣେ ନାହିଁ ଶଙ୍କା ।
ଦିଅନ୍ତି ପୁଣି ଯେଉଁ କାଳେ ।
ଅନ୍ୟତ୍ର କହିବାକୁ ଆଉ ।
ଥିବାର ହୁଏ ଅନୁମିତ ।
ଦୁଃଖିତ ଆମ୍ଭରି ଦୁଃଖରେ ।
କରନ୍ତି ଧାନ କାରବାର ।
ଲଗାନ୍ତି ଚାଉଳ ଦାଦନେ ।
ଗୋଦାମ ସ୍ଥାନେ ସ୍ଥାନେ କରି ।
ସେ ଯୋଗେ ଲାଭ ହିଁ ବହୁଳ ।
ଅଧିକ କି କହିବି ଭାଇ ।
ସେ ତିନି ସେତିକି ପାଇଲେ ।
ନିର୍ଣ୍ଣୟ କରା ଅସମ୍ଭବ ।
ପୀଡ଼ଇ ମନକୁ ଅବଶ୍ୟ ।
ମଝିରେ ମଇତ୍ର ବୋଲାଇ ।
ଅକାଳେ ସହାୟ ହେଉଛୁଁ ।
ଥିବାର ହୁଏ ଅନୁମିତ ।
ପୋଖରୀ ଖୋଳିବା କାରଣେ ।
ହେଲା କି ସେ ସବୁ ବିଅର୍ଥ ।
ହୋଇଲେ ଆମ୍ଭେ ସେହି ପାତ୍ର ।
ଭକତି ଦେଖାଇ ଦେଖାଇ,
କାହାକୁ ନଥିବ ଅଜଣା ।
କଲେଟି ଏ ଯଶ ସଞ୍ଚୟ ।
କନିକା ସ୍ୱନାମ ବିକାଶେ ।
ଥିବାର ହୁଏ ଅନୁମିତ ।
ଯେ ରାସ୍ତା ହୋଇଛି ତିଆର
ତିଆରି କରିଛେଁ ଯତନେ ।

ଇଷ୍ଟେଟ ତତ୍ତ୍ୱ ନେଉଥାନ୍ତି,
ସେ ରାସ୍ତା ବନ୍ଧାଇବା ବେଳେ,
ତାହାକୁ କଲେ ସୁମରଣ,
ତଥାପି ଇଷ୍ଟେଟ ସୁବିଧା,
ସ୍ୱତନ୍ତ୍ର ଆମ୍ଭପାଇଁ ଭାଇ,
ସେ ହେତୁ ପରା ରାସ୍ତାମାନ,
ପାହିକି ବଳଦ ନିଅନ୍ତେ,
ତାହାର କୃଷି ହୁଏ ନଷ୍ଟ,
ଆମ୍ଭରି ଭାଇଙ୍କ ମଧ୍ୟରେ,
ତାହାର ଫଳ ଏ କି ଭାଇ,
ପିତାଙ୍କୁ ଏହା ଅବିଦିତ,
ଆମ୍ଭର କୃଷି ରକ୍ଷାପାଇଁ,
ଇଷ୍ଟେଟ ତତ୍ତ୍ୱ ନ୍ୟନ୍ତି ମାତ୍ର,
ବାର ମୁଣ୍ଡିଆ ଆମ୍ଭେ ଯେଣୁ,
ସାମାନ୍ୟ ବନ୍ୟାରେ ଭାଙ୍ଗଇ,
ଏଣିକି ସାବଧାନ ହେବା,
ଏ ଯେଉଁ ବନ୍ଧ ରାସ୍ତା ପାଇଁ,
ହୁଅନ୍ତି କିଏ କଣ୍ଟ୍ରାକ୍ଟର,
ହାକିମ ଜାଣି ଏ ଖବର,
ଓଲଟି ବିରକ୍ତ ହୁଅନ୍ତି,
ଆମ୍ଭେ ତ ନିରାଶେ ଆସନ୍ତି,
ପିତାଙ୍କୁ ଏହା ଅବିଦିତ,
ବୋଇଲେ ପୋଲ ଦରକାର,
ଏକର ପ୍ରତି ଆଠଅଣା,
କି ଅବା ଦେଇ ଦେଇ ଟଙ୍କା
ତଥାପି ଯା'ନ୍ତି ବେଠି କରି,
ହୁଅନ୍ତି ହରବର ଯାହା,
ଭୋଗିଲେ ସୁଦ୍ଧା ଏତେ କଷ୍ଟ,
ଆମ୍ଭର ଟଙ୍କା ଅପବ୍ୟୟ,
ପିତାଙ୍କୁ ଏହା ଅବିଦିତ,

ଆମ୍ଭେ ତ ସେ ରାସ୍ତା ବାନ୍ଧନ୍ତି ।
ଯେ ଥାଏ ଆମ୍ଭର କପାଳେ ।
ଜୀବନ ହୁଏ କନକନ ।
ପାଇଁ ସେ ରାସ୍ତା ସାଧାସିଧା ।
କୌଣସି ଠାରେ ରାସ୍ତା ନାହିଁ ।
ଅଟକ ହୋଇଥାଏ ଜାଣ ।
କାହାରି କ୍ଷେତରେ ଚାଲନ୍ତେ ।
ସେ ଯୋଗେ ପଡ଼େ ବଡ଼ କଷ୍ଟ ।
ବିବାଦ ବଢ଼ଇ ସତ୍ୱରେ ।
ହୁଅନ୍ତି ତୁନି ବିଧା ଖାଇ ।
ଥିବାର ହୁଏ ଅନୁମିତ ।
ଆମ୍ଭେତ ବନ୍ଧ କରୁଥାଇଁ ।
କେବଳ ହୋଇ ମଧ୍ୟପାତ୍ର ।
ବନ୍ଧ ଦୋରସ୍ତ ନୁହେଁ ତେଣୁ ।
ଫସଲ ବିନଷ୍ଟ ହୁଅଇ ।
ବୃହତ ବନ୍ଧ ହିଁ କରିବା ।
ମଜୁରା ବାହାନା ଅଛଇ ।
ତାଙ୍କରି ଲାଭ ହିଁ ଅପାର ।
ନକରି ଉଚିତ ବିଚାର ।
କି ଅବା ଲାଭ ସେ କରନ୍ତି ।
କରମ ଆଦରି ରହନ୍ତି ।
ଥିବାର ହୁଏ ଅନୁମିତ ।
ଆମ୍ଭେ ହିଁ ଦେଉଥାଇଁ କର ।
ବିଳମ୍ବେ ସହୁଛେଁ ଗଞ୍ଜଣା ।
ଭୋଗୁଛେଁ ଜୀବନ ଆଶଙ୍କା ।
ନଗଲେ କାଳ ଅନୁସରି ।
ସକଳେ ଭୋଗୁଅଛେଁ ତାହା ।
ଅଳ୍ପକେ ପୋଲ ହୁଏ ନଷ୍ଟ ।
ହୁଅଇ ମାତ୍ର ନାହିଁ ଜୟ ।
ଥିବାର ହୁଏ ଅନୁମିତ ।

ଖଜଣା ବିନା ଅନ୍ୟ କେତେ
ଛାଡ଼ିବା ପ୍ରଥାଟି ଅଛଇ,
ଛାଡ଼ି ପାଇବା ଯୋଗ୍ୟ ଯିଏ,
ତାହାକୁ ମାରି ମାରି ପରା,
ମାଡ଼ରେ ହାଡ଼ ଭାଙ୍ଗିଯାଏ,
ଛଡ଼ିର ମହିମା ଏମନ୍ତ,
ପିତାଙ୍କୁ ଏହା ଅବିଦିତ,
କରଜ କଥା ମନେ ପଡ଼େ,
ସକଳ ରୂପେ କରାୟତ,
ଉଠାଇ ଆନ ମହାଜନୀ,
ମାଣକେ ଦଶଟଙ୍କା କରି,
ସୁଧର ହାର ଶତକରା,
ଏଥିରେ ଆମ୍ଭେ ଭୁଲି ଗଲେ,
ପୂରୁବ ମହାଜନ ଛାଡ଼ି,
ଶେଷରେ ଜମି ଘରବାଡ଼ି,
ଅନ୍ୟାନ୍ୟ ମହାଜନମାନେ,
ଜମି ଇସ୍ତଫା ଚାହାନ୍ତି କି,
କରଜ ଦେଇଣ ମୋହିଲେ,
ପିତାକୁ ଏକଥା ବିଦିତ,
ଏ ସବୁ ଗଲା ପିତୃ ଋଣ,
ଏଠାରେ ମୋ'ର ଭାଇମାନେ,
ଏହି ଯେ ଆମ୍ଭର ଜନନୀ,
କି ସୁଖେ କାଳ କାଟୁଥିଲେ,
ଆମ୍ଭେ ଯେ ତାଙ୍କରି ନନ୍ଦନ,
ମାତାଙ୍କ ଶିରା ହଜିବାରୁ,
ଅଥବା ଖାଇବା ନିମନ୍ତେ,
କି ଅବା ପିନ୍ଧିବା ଅଭାବେ,
ଏ ନୁହେଁ କାନ୍ଦିବା ସମୟ,
ସୁଖରେ ନକରି ଚାତର,
ଉଭୟେ ସମାନ ଘେନଇ,

ପ୍ରକାର ପାଉଣାରୁ ଯେତେ ।
ଫଳରେ ତାହା ନଘଟଇ ।
ତା'ପରି ବିଧା ଖାଏ କିଏ ।
ନିଶ୍ଚୟ କରନ୍ତି ଦଦରା ।
ତେବେ ବା ସେହି ଛାଡ଼ ପାଏ
ପୀଡ଼ଇ ମରଣ ପର୍ଯ୍ୟନ୍ତ ।
ଥିବାର ହୁଏ ଅନୁମିତ ।
ସେ ଏହି ମରମେ କି ଜଡ଼େ ।
ଆମ୍ଭଙ୍କୁ କରିବା ନିମିତ୍ତ ।
ଇଷ୍ଟେଟ ଏକା ହୋଇ ଧନୀ ।
କରଜ ଦିଅନ୍ତି ଆଦରି ।
ସାଢେ ବାରଟି ଟଙ୍କା ପରା ।
ନିର୍ବୋଧେ ଅକରମ କଲେ ।
ବୃଥାରେ ହୋଇଲେ ଅଗାଡ଼ି ।
ହରାଉଛନ୍ତି ହୋଇ ଜାରି ।
କରଜ ଦେଇ କେଉଁ ଦିନେ ।
ନଦେଲେ ହାଡ଼ ଭାଙ୍ଗନି କି ।
କୌଶଳେ ଜମିବାଡ଼ି ନେଲେ ।
ଥିବାର ହୁଏ ଅନୁମିତ ।
ତା'ପରେ ଅନ୍ୟ କଥା ଶୁଣ ।
କାହିଁକି ବସିଛ ମଉନେ ।
କନିକା ଶଶୀ ପୂର୍ଣ୍ଣାନାନୀ ।
ଏବେ ସେ ବିପଦେ ପଡ଼ିଲେ ।
କରୁଛେଁ ସେ ଘେନି କ୍ରନ୍ଦନ ।
ଭୀଷଣ ଦୁଃଖ ପଡ଼ିବାରୁ ।
ବିକଳେ କାନ୍ଦୁଛେ ସମସ୍ତେ ।
କାନ୍ଦୁଛେ ପରା ଏହି ଭାବେ ।
ନହୁଅ କଦାପି ବିସ୍ମୟ ।
ଦୁଃଖରେ ନହୋଇ କାତର ।
ଯେ ଭେଦାଭେଦ ନ ଜାଣଇ ।

ଏହି ଯେ ଭେଦାଭେଦ ଜ୍ଞାନ,
ଆଗରୁ ନଥିଲେ ସେପରି,
ଭାବନ୍ତୁ ଯା ହେଲା ଅତୀତ,
କେ ଗଧ ଟୋପି ମୁଣ୍ଡାଇଲା,
ରୌଦ୍ରେ କେ ବସିଲା ଉଠିଲା,
ବିବିଧ ମାଡ଼ କେ ମହିଲା,
କେ କାଦୁଅରେ ପୋତାଗଲା,
ଗୋଇଠା ଖାଇ କେ ରଡ଼ିଲା,
ପାଦରେ କେ ଦଳି ହୋଇଲା,
ନୀବିବାସ ବାପ ପୁଅର,
ଏପରି କେତେ କହିବଇଁ,
ଆଉ ସେ ନୁହେଁ କହିବାର,
ଏକାଳ ନୁହଁଇ ସେ ପରି,
ସକଳେ ଆସି ହୁଅ ଛିଡ଼ା,
ସାହସେ ନିର୍ଭୟରେ ରହ,
ଅତି ହିଁ ସହୁଥିଲେ ଭାଇ,
ଯଦିଚ ମେଣ୍ଟିବ ଯାତନା,
ଭାରତ ଈଶ୍ୱରେ ସୁମର,
ଏ ପରେ ଶୁଣ ଭାଇମାନେ,
ଆମ୍ଭର ପୁରୁଷାନୁକ୍ରମେ,
ଦେଖନ୍ତୁ ଥାନି ମିହ୍ନା ପାଇଁ,
ତହିଁରେ କର ବସାଇଲେ,
ଏଥିରୁ ମୁକ୍ତ ହେବା ପାଇଁ,
ତେରଶ ଚଉଦ ସାଲରୁ,
ଯା' ଯୋଗେ ସହି ଦୁର୍ଘଟଣା,
ତହିଁରୁ ଉଦ୍ଧାରିବା ପାଇଁ,
ଦୁର୍ଭିକ୍ଷେ ଅନ୍ନ ନ ପାଇଲେ,
ଖଜଣା ଛାଡ଼ ପାଆନ୍ତି କି ?
ସର୍କାର ଛାଡ଼ିଛନ୍ତି ଯାହା,
ଇଷ୍ଟେଟ ଯଦି ନଆଣିଲେ,

ଆମ୍ଭଙ୍କୁ କରିଛି ଅଜ୍ଞାନ ।
ହୋଇ ନଥାନ୍ତେ ଏତେ ସରି ।
କେବଳ ସମତା ବ୍ୟତୀତ ।
କେ କାନ ମୋଡ଼ିଆ ଖାଇଲା ।
ପଥରେ ନାକ କେ ଘଷିଲା ।
କେ ଗଳେ ନାଗରା ବହିଲା ।
କେ ସାତ ବେଣ୍ଟିଆ ହୋଇଲା ।
କେ ବେତ ପ୍ରହାର ସହିଲା ।
କେ ସ୍ଥାନ ଛାଡ଼ି ପଳାଇଲା ।
ବନ୍ଧନ ହେଲା କେତେ ଥର ।
ଯା'ଭାବ ହୃଦୟ ଦହଇ ।
ବିଷାଦ ଆଣେ ବାରମ୍ବାର ।
ରହିବା କରମ ଆଦରି ।
ନ ରଖି ଆପତ୍ତିରେ କ୍ରୀଡ଼ା ।
ହୃଦୟ ଖୋଲି କଥା କହ ।
ଆମ୍ଭଙ୍କୁ ରଖିଦେବେ ନାହିଁ ।
ଅଯଥା ଝଟୁରେ ଭୁଲନା ।
କର୍ତ୍ତବ୍ୟ ପଥ ଅନୁସର ।
କହୁଛି ଉଚିତ ପ୍ରମାଣେ ।
ଆସିଛେ ଚଳି ଏହି ଧର୍ମେ ।
ଖଜଣା ଦିଅନ୍ତି କି ଭାଇ ।
କୌଶଳେ ଆମ୍ଭଙ୍କୁ ଠକିଲେ ।
ସୁମର ଭାରତର ସାଇଁ ।
ଏ ଧୋଇ ମରୁଡ଼ି ଦାଉରୁ ।
ପିନ୍ଧିଅଛନ୍ତି କଳାକନା ।
ଉପାୟ ହୋଇଛି କି ଭାଇ ।
କି ଅବା ଗଡ଼ି ଯାଉଥିଲେ ।
ବିଳମ୍ବେ ବିଧା ନଥାନ୍ତି କି ?
ଆମ୍ଭର ଭାଗ୍ୟେ କାହିଁ ତାହା ।
ତାଙ୍କର ଲାଭ ନ ଛାଡ଼ିଲେ ।

ଆମ୍ଭର କେଉଁ ଦୋଷ ଭାଇ,
ଶସ୍ୟ ହାନିରୁ ବେଶି ଦର,
ଏକେତ ହେଲା ଏହି ବିଧି,
ଏଥିରୁ ମୁକ୍ତ ହେବା ପାଇଁ,
ନିଷ୍କର ଟଙ୍କି ବ୍ରହ୍ମୋତ୍ତର,
ସକଳ କରି ସରିସମ,
ନିଷ୍କର ଆଦି ବିକ୍ରି ହେଲେ,
ଏଥିରୁ ମୁକ୍ତ ହେବା ପାଇଁ,
ଘରୋଇ ଦେବତା ସ୍ଥାପିଲେ,
କେତେକ କାଳ ଅନ୍ତେ ଭାଇ,
ତୁଟାଇ ଆମ୍ଭ ଅଧିକାର,
ଦେବେ ଆନର ହାତେ ନେଇ,
ଏ ହେତୁ ଆମ୍ଭ ସେବାୟତ,
ଜମାକୁ ବଢ଼ାଇଲେ ଯେଣୁ,
ପୂର୍ବରେ ଅତି ଅଳ୍ପ ଥିଲା,
ଜମାରେ ବଣକର ଭରି,
କିଲାରେ ଆଉ ଯେତେ କର,
ଏ ପଥକର ପୂର୍ବ ପ୍ରଥା,
ଏହାର ପ୍ରତିକାର ପାଇଁ,
ସୁକିଏ ବଣ କର ଥିଲା,
ତହିଁରେ ଆଶା ନ ପୂରନ୍ତେ,
ସାମିଲ ଜମା ସଙ୍ଗେ କଲେ,
ଇଷ୍ଟେଟଙ୍କର ବହୁ ଲାଭ,
ତଥାପି ଜଙ୍ଗଲ ଅଟକ,
ଗୋଲାରେ କାଠ ବିଳାଇଲେ,
ନିତାନ୍ତ ପଦା ଜଙ୍ଗଲକୁ,
କ୍ରମେ ସେ ଶୂନ୍ୟ ହେଲା ଯହୁଁ,
ଗଛର ମୂଳ ରହୁଥିଲେ,
ମୂଳ ଉଠାଇ ଦେଉଥାନ୍ତି,
ଆମ୍ଭେ ସେ ଚିରକାଳ ପାଇଁ,

ଛାଡ଼ ନ ପାଇଲେ କିମ୍ପାଇଁ ।
ହୋଇଛି ଧାନ ଚାଉଳର ।
ଜମିବା ଛଳେ ଜମାବୃଦ୍ଧି ।
ସୁମର ଭାରତର ସାଇଁ ।
ମେଳର ପାହି ଦେବୋତ୍ତର ।
ପୂରାଇ ଅଛନ୍ତି ବିଷମ ।
ସର୍କାର କରୁଥାନ୍ତି ହେଲେ ।
ସୁମର ଭାରତର ସାଇଁ ।
ତାହାଙ୍କୁ ସର୍ବସ୍ୱ ଅର୍ପିଲେ ।
ଏହି ବିପଦେ ପଡୁଥାଇ ।
ଇଷ୍ଟେଟ କରନ୍ତି ତାଙ୍କର
ନୋହିବା ଆମ୍ଭେ ଯଦି କେହି ।
ଉଠାଇ ଦେଲେଣି ସଂପ୍ରତି ।
ବଢ଼ିଲା ପଥକର ତେଣୁ ।
ଏବେତ ବହୁତ ହୋଇଲା ।
ନିଅନ୍ତି ପଥକର ଧରି ।
ତହିଁରେ ନ୍ୟନ୍ତି ପଥକର ।
ଏବେତ କରିଛନ୍ତି ବୃଥା ।
ସୁମର ଜଗତ ଗୋସାଇଁ ।
ତା'ପରେ ଆଠଣା ହୋଇଲା ।
ଅଦ୍ଭୁତ ବୁଦ୍ଧିଏ ସ୍ଫୁରନ୍ତେ ।
ଟଙ୍କାରେ ଦି ପଇସା ଛଳେ ।
ହୋଇଲା ନାହିଁତ ଅଭାବ ।
ଦେଖ ସେ ବୁଦ୍ଧିର ଛଟକ ।
ଅଯଥା ଆମ୍ଭଙ୍କୁ ଠକିଲେ ।
କେବଳ ଛାଡ଼ିଲେ ଆମ୍ଭଙ୍କୁ ।
କବୁଲିୟତ ଦେଲେ ତହୁଁ ।
ଜଙ୍ଗଲ ହେଉଥାନ୍ତା ବଳେ ।
ଜମିକି ଆବାଦି କରନ୍ତି ।
ଜଙ୍ଗଲ କର ଦେବା ଭାଇ ।



ଜଙ୍ଗଲ ଜମି ତ ମରୁଛି,
ଦେଖୁଛେ ଏକଇ ଦେପାରେ,
ଏଥିରୁ ମୁକ୍ତ ହେବା ପାଇଁ,
ନାମ ପରିବର୍ତ୍ତନ ପାଇଁ,
ଆଠମାଣରୁ ବେଶୀ ହେଲେ,
ଆଠମଣାରୁ ଯଦି ଉଣା,
ତହିଁରେ ଅଂଶୀଦାର ଯେତେ,
ନାମ ସାମିଲ ଅଂଶ ବାଜେ
ଏ ନୀତି ଉଠାଇବା ପାଇଁ,
ଦେଖନ୍ତୁ ହିଂସାଫାଡ଼ କଥା,
ନାମ ପରିବର୍ତ୍ତନ ଗତି,
ଏ ହିଂସା ଫାଡ଼େ ଜମାବୃଦ୍ଧି,
ବୁଝିଛ ଭଲ ରୂପେ ଭାଇ,
ଏହାର ପ୍ରତିକାର ପାଇଁ,
ଇଷ୍ଟେଟ ଯଦି ଭୁଲିଗଲେ,
ସେ ଦୋଷ ଆମ୍ଭର ହେଉଛି,
ଦେଉଛେଁ ସଂଶୋଧନ ପାଇଁ,
ଏଥିରେ ଅଂଶୀଦାର ଗଣେ,
ଏଥିର ପ୍ରତିକାର ପାଇଁ,
ଏ ନବ ବନ୍ଦୋବସ୍ତ ଜାଣ,
ଯାହାର ମୂଲ୍ୟ ପାଞ୍ଚଅଣା,
ଫୋପାଡ଼ି ଦେଇ ଆମ୍ଭ ଦ୍ୱାରେ,
ପାଉତି ଖଣ୍ଡେ ପାଞ୍ଚଣାର,
ବିବିଧ ଅସଭ୍ୟ ଭାଷାରେ,
ସାଙ୍ଗରେ ମୋହରୀର ଥାନ୍ତି,
ନେବାକୁ ଯେ ହୁଏ କୁଣ୍ଠିତ,
ଏହାର ପ୍ରତିକାର ପାଇଁ,
ଏମନ୍ତ ରାତି ଥିଲା ପୂର୍ବେ,
କେବଳ ଏକ ସମୟରେ,
ଏବେ ସେ ରାତି ବୁଡ଼ିଗଲା,

ଆମ୍ଭର କି ସ୍ୱାର୍ଥ ରହୁଛି ।
ଇଷ୍ଟେଟ ନ୍ୟସ୍ତି ତ୍ରି ପ୍ରକାରେ ।
ସୁମର ଜଗତ ଗୋସାଇଁ ।
ଫିଇଜି କେତେ ଦେଉଥାଇ ।
ମାଣକେ ଦୁଇଅଣା ଦେଲେ ।
ଖାତାକେ ଏକ ଟଙ୍କା ସିନା ।
ସରବେ ଦ୍ୟସ୍ତି ସେତେ ସେତେ ।
ଉପର ରୀତି ପରା ସାଜେ ।
ସୁମର ଭାରତ ଗୋସାଇଁ ।
ମାନସେ ଦିଏ ପରା ବ୍ୟଥା ।
ଏହାର ପରା ମୂଳ ଭିତ୍ତି ।
ହୁଅଇ ନୀତିକି ବିରୋଧୀ ।
ସେ ହେତୁ ଆଜି କହୁ ନାହିଁ ।
ସୁମର ଭାରତର ସାଁଇ ।
କାଗଜ ବିପରୀତ କଲେ ।
ଏ କେଉଁ ନୀତି କି ପାଉଛି ।
ଟଙ୍କାକେ ବାର ଅଣା ଭାଇ ।
ଦିଅନ୍ତି ପରା ପ୍ରତି ଜଣେ ।
ସୁମର ଭାରତର ସାଇଁ ।
ଯେ ଜମାବନ୍ଦୀ ଖତିୟାନ ।
ନଥିବ କାହାକୁ ଅଜଣା ।
ପିଅନେ ପରା ବଳାତ୍କାରେ ।
ଦେବାକୁ ଝଗଡ଼ି ଅପାର ।
ଦିଅନ୍ତି ଗାଳି କଦାକାରେ ।
ପାଉତି କାଟି ସେ ଦିଅନ୍ତି ।
ସେ ପରା ହୁଅଇ ଦଣ୍ଡିତ ।
ସୁମର ଭାରତର ସାଇଁ ।
ହୁଅଇ ବନ୍ଦୋବସ୍ତ ଯେବେ ।
ସଂପୂର୍ଣ୍ଣ କିଲା କାର୍ଯ୍ୟ ସରେ ।
ପ୍ରତ୍ୟେକ ବର୍ଷେ କାର୍ଯ୍ୟ ହେଲା ।

ଇଲାକା ଇଲାକା କାହିଁକି,
ପୂର୍ବରେ ଏକା ମାନେଜର,
ତଥାପି ବନ୍ଦୋବସ୍ତ କରି,
ନୂତନ ବନ୍ଦୋବସ୍ତ ଫଳ,
ଏବେ ତ ତିନିଜଣ ଛନ୍ତି,
ହୁଅଇ ବନ୍ଦୋବସ୍ତ କାହିଁ,
କେଉଁଠି ଫିଇସି ଆଦାୟେ,
ମିହ୍ନାରେ କର କେଉଁଠାଇଁ,
ଏ ନୂଆ ପ୍ରଶ୍ନ ଚାରିଟିର,
ଏହାର ପ୍ରତିକାର ପାଇଁ,
ଦାଖଲ ଖାରଜର ଭାଇ,
ସଲାମୀ ଜରସମନର,
ଚଉଠି ଦେଉଛନ୍ତି ସିନା,
ଏଥିରେ ପଡ଼ିଲେ ବାରଣ,
ତିନିରୁ ଲାଭବାନ ଯିଏ,
ଏ ରୀତି ପୂର୍ବରେ ନଥିଲା,
କେବଳ ପରା ଅଳ୍ପକରେ,
ସଂପୂର୍ଣ୍ଣ ଖାତା ବା ନମ୍ବର,
ନୁହଁଇ ଜାଣିଛେ ସରବେ,
ତଥାପି ପୁରା ନମ୍ବରରେ,
ନୋଟିସ୍ ଫିଇସି ଡବଲ,
ପାହିରୁ ଜମି ବିକ୍ରୀ ବେଳେ,
ବାୟାର ଜମି ହିସାବରେ,
ମଥୋଟ ଜମା ଯେତେ ହୁଏ,
ଅଧିକ ଚାରିଅଣା କରି,
ଏ ରୂପେ ପ୍ରତି ଏକରରେ,
ଦେଖନ୍ତୁ ଦାଖଲ ଖାରଜେ,
ଆମ୍ଭର ଯେତେ ଧନୀ ଭାଇ,
ସଲାମୀ ଟଙ୍କାରେ ଛ'ଅଣା,
ସେମାନେ ଦେବାକୁ ବାଧିତ,

ମୁକା ବା ମଉଜା ନୁହେଁ କି ?
ସମ୍ଭାଳୁ ଥିଲେ କିଲା ଭାର ।
ଅଳପ କାଳେ ଦ୍ୟନ୍ତି ସାରି ।
ଏକତ୍ରେ ଭୋଗନ୍ତି ସକଳ ।
ସପତ ବର୍ଷେ ନ ପାରନ୍ତି ।
କେବଳ ଜମାବୃଦ୍ଧି ପାଇଁ ।
ବନ୍ଦୋବସ୍ତ ଆଶ୍ରୟ ହୁଏ ?
ହୁଅଇ ବନ୍ଦୋବସ୍ତ ଭାଇ ?
ମୀମାଂସା ହେଲା କନିକାର ।
ସୁମର ଜଗତ ଗୋସାଇଁ ।
ବହୁତ ବ୍ୟୟ କରୁଥାଇ ।
କି ଅବା ମଉଜା ଦରର ।
ଆହୁରି ଅଛି ଏହା ବିନା ।
ଦିଅନ୍ତି ଜମାର ଛ'ଗୁଣ ।
ଇଷ୍ଟେଟ ଗ୍ରାହ୍ୟ ସେହି ହୁଏ ।
ଏବେତ ପ୍ରମାଦ ହୋଇଲା ।
ଦାଖଲ ଖାରଜ ହିଁ ସରେ ।
ବିକ୍ରୟେ ଅମୀନ ଦର୍କାର ।
ସେ ଅବା ଆସି କି କରିବେ ।
ଅମୀନ ଖର୍ଚ୍ଚା ଦ୍ୟନ୍ତି ଡ଼ରେ ।
ଅନ୍ୟଥା ଦେଉଛେଁ କେବଳ ।
ଏ ରୂପେ ଦେଉଥାଇଁ ହେଳେ ।
ନକଟେ ଜମା କେଉଁଠାରେ ।
ତହିଁରୁ ଚାରିଅଣା ରହେ ।
ମୁସ୍ତରୀ ଠାରୁ ନ୍ୟନ୍ତି ଧରି ।
ବଢ଼ଇ ଆଠଣା ସ୍ୱତ୍ତ୍ୱରେ ।
ବଢ଼ଇ ଜମା କି ମଉଜେ ।
ପୃଥକ ନୀତି ତାଙ୍କ ପାଇଁ ।
ନଚେତ ଜମାର ନ ଗୁଣା ।
ନ ହେଲେ ହୁଅନ୍ତି ଲାଞ୍ଛିତ ।

ଆହୁରି ଦାଉ ଅଛି ଏକେ,
ସଲାମୀ ନିର୍ଦ୍ଦିଷ୍ଟ ଦିନରେ,
ଆପତ୍ତି କରୁ କରୁ ଭାଇ,
ଏ ନଥି ଖାରଜ କାରଣ,
ଯେ ହେଉ ଆମ୍ଭେ ବାଧ୍ୟ ହୋଇ,
ଭିତିରି କିଛି ଖର୍ଚ୍ଚ କଲେ,
ନୂତନ ଧାର୍ଯ୍ୟ ଜମା ମାନି,
ଅନ୍ୟଥା ଜମି ଖମାରରେ,
ଯଦିବା ନାବାଳକ ଜମି,
ତା'ଠାରୁ ଏକ ଟଙ୍କା ନେଇ,
ନିଅନ୍ତି ତାର ଏହି ତତ୍ତ୍ୱ,
ପ୍ରକୃତ ଏ ଅଟେ ବାହାନା,
ଅନ୍ୟଥା ଜମି ନ ବିକଇ,
ବିକନ୍ତା ଅଳ୍ପ ଜମି ଯେବେ,
ସେ କଥା ନ ହୁଅଇ ଯେଣୁ,
ଯେ କାଳେ ହୁଏ ସାବାଳର,
ମାଣକ ସ୍ଥଳେ ପାଞ୍ଚମାଣ,
ବାଳକ ଦୁଃଖେ ଦୁଃଖୀ ଯେବେ,
ବିଧବାମାନଙ୍କ କଷଣ,
ତାଙ୍କର ଜମି ଥାଉ ଥାଉ,
ଯେଣୁ ସେ ବିକି ନ ପାରନ୍ତି,
ବହୁତ କରଜ ଥିଲେ ହେଁ,
ଦାନ ବା କରିବେ କିପରି,
ବିଧବା ହସ୍ତେ ଋଣ ଦେଇ,
କେ ଅବା ଫେରାଦ ହୋଇଲେ,
ଏ ହେତୁ ବିଧବାଙ୍କ ଦୁଃଖେ,
ତା ଜମି ବନ୍ଧକ ସୂତ୍ରରେ,
ନିଲାମ ଉଚ୍ଛେଦ ହୁଅଇ,
ଇଷ୍ଟେଟ ଯୋଗେ ବିଧବାର,
ବଢ଼ଇ ଦିନୁ ଦିନ ଯାହା,

ତହିଁରେ ପଡୁଛି ଅନେକେ ।
ଦେଇ ନ ପାରି ଅଭାବରେ ।
ନଥିଟି ଖାରଜ ହୁଅଇ ।
କେବଳ ଜମାର ବର୍ଦ୍ଧନ ।
ତଲାସ ଫିଇସାଦି ଦେଇ ।
ପାଉଛେ ଯଦି ଭାଗ୍ୟ ବଳେ ।
କରୁଛେଁ ଆପଣାର ହାନି ।
ଆସୁଛେଁ ଆମେ ହତାଶରେ ।
ବିକ୍ରୟେ ହୁଅଇ କାଏମି ।
ଇଲାକା ଅଫିସିକି ଦେଇ ।
ଏହାର ଅଛି କେତେ ସ୍ୱତ୍ୱ ।
ଟଙ୍କାଟି ନେବା ଅର୍ଥେ ସିନା ।
କରଜ ମୁଣ୍ଡାଇ ରହଇ ।
କରଜୁ ମୁକ୍ତ ହୋନ୍ତା ତେବେ ।
କରଜ ସଂଖ୍ୟା ବଢ଼େ ତେଣୁ ।
ବିକଶେ ତା'ର ଏ ଅଭାଗ୍ୟ ।
ବିକଇ ବାଧ୍ୟ ହୋଇ ଜାଣ ।
କାହିଁକି ଟଙ୍କା ନ୍ୟସ୍ତି ତେବେ ।
ଅଟଇ କଦର୍ଯ୍ୟ ଭୂଷଣ ।
ନ ପାନ୍ତି ଖାଇବାକୁ ଆଉ ।
ସ୍ୱତ୍ୱର ମାଲିକ ନୁହନ୍ତି ।
ଇଷ୍ଟେଟ ନ ଶୁଣେ ତିଳେ ହେଁ ।
କ୍ଷମତା ନାହିଁ ଯେଣୁ କରି ।
ନଯାନ୍ତି ସହଜରେ କେହି ।
ଲାଞ୍ଛିତ ହୁଅନ୍ତି ସେ ଭଲେ ।
ଦାୟୀ କେ ନୁହନ୍ତି ବିମୁଖେ ।
ଘେନନ୍ତି ନାହିଁ କେହି ଡରେ ।
ବିଧବା ବିକି ନ ପାରଇ ।
ଭୀଷଣ କଷଣ ଦୁର୍ଭାର ।
କାହିଁ ତା ପଟାନ୍ତର ଆହା ।

ସମ୍ପତ୍ତି ଥାଉ ଭିକାରୁଣୀ,
ଏ ଯୋଗେ ଅନ୍ୟ ସ୍ନେହ ଥାଉ,
ଦେଖନ୍ତୁ ଖଜଣା ଆଦାୟେ,
ତାହା ତ ଦେଖୁଛେଁ ସକଳେ,
ଯେ ହେଉ ବିଧବା ମରଣ,
ଜମିକି ଖମାରେ ଭରନ୍ତି,
ଆଶ୍ରୟହୀନା ବିଧବାର,
ଭାଇଆ ଅଛନ୍ତି ଯାହାର,
ସହଜେ ଜମି ବିକି ପାରେ,
ସ୍ୱଇଚ୍ଛା ଦାନ ଦିଏ ସେହି,
ଏହିତ ତାହାର କାରଣ,
ସ୍ୱତ୍ୱାଧିକାରୀ ହେବେ ଯେଣୁ,
ଉଭୟ ବିଧବାଙ୍କ କଥା,
ଦାଖଲ ଖାରଜ ନକରି,
ତାହାର ଅଦୃଷ୍ଟ ବିପାକ,
ବାୟା ତ ଟଙ୍କା ନେଇଯାଏ,
ଅଧିକ ଟଙ୍କା ଦେଇ ଆଉ,
ଦେବାକୁ ଅକ୍ଷମ ହୁଅଇ,
ସେ ଜମି ରହେ ଖାଆସରେ
ଟଙ୍କାକେ ଆଠଅଣା କରି,
ତହିଁରେ ପୁଣି ବଢ଼େ ଜମା,
ନଚେତ ଜମି ଖମାରରେ,
ଯା' ଜମି ଖମାରରେ ଥାଏ,
ତା' ହେଲେ ତାକୁ ଦର କରି,
ଇଷ୍ଟେଟ ଟଙ୍କା ନେଉଛନ୍ତି,
ଏକାଳେ ଯଦି ଅନ୍ୟ କେହି
ପଇସା ଲୋଭେ ଭୁଲିଯାଇ,
ଗ୍ରାସଇ ନଦୀ ଜମି ଯା'ର,
କବୁଲିୟତ ସେ ନ ପାଏ,
ଏ ସୂତ୍ରେ ଚଷିବାର ପାଇଁ,
ଦଇବେ ଆଗରୁ ସେ ଋଣୀ ।
ଆତ୍ମୀୟେ ନ ଘେନନ୍ତି ଆଉ ।
ବିଧବା ପଡ଼େ ଯେଉଁ ଦାୟେ ।
ବର୍ଣ୍ଣନେ ଲେଖନୀ ନ ଚଳେ ।
ଡକାଇ କର୍ତ୍ତୃପକ୍ଷଗଣ ।
ତିଳେ ହେଁ ହେଳା ନ କରନ୍ତି ।
ଘଟନ୍ତା ଉକ୍ତ ପରକାର ।
ତାହାର ରୀତି ଏ ପ୍ରକାର ।
ପଡ଼ିଲେ ଦାୟ ସବୁ ସାରେ ।
ତହିଁରେ କିମ୍ପା ବାଧା ନାହିଁ ।
ତା'ଅନ୍ତେ ଉଆରସ ଗଣ ।
ଇଷ୍ଟେଟ ନ ବୁଝନ୍ତି ତେଣୁ ।
ମନରେ ଦେଉଅଛି ବ୍ୟଥା ।
ଯେ ନିଏ କରି ରେଜିଷ୍ଟରି ।
ଭୁଞ୍ଜାଇ ଦେହ ଥିବା ଯାକ ।
ଦାଉରେ ସେହି ପଡ଼ିଥାଏ ।
ନେବାକୁ ଇଷ୍ଟେଟ ବଢ଼ାଉ ।
ଜମିକି ନେଇ ନ ପାରଇ ।
ମୁସ୍ତରୀ ଯାଏ ହତାଶରେ ।
ସଲାମୀ ନେଉଥାନ୍ତି ଧରି ।
ଯାହାର ନାହିଁ ସ୍ଥିର ସୀମା ।
ରହଇ ପରା ଭାବ ଥରେ ।
ସେ ଯଦି ନେବା ପାଇଁ ଚାହେଁ ।
ବେପାରେ ଅନ୍ୟ ଦ୍ରବ୍ୟ ପରି ।
ଜମାକୁ ବୃଦ୍ଧି କରୁଛନ୍ତି ।
ନେବାକୁ ଚାହେଁ ବେଶି ଦେଇ ।
ତାହାକୁ ଦେଉଛନ୍ତି ଭାଇ ।
ମଥୋଟା ପାଳ ପରା ତାର ।
ସଞ୍ଜା ବା ଭାଗେ ଚଷିଥାଏ ।
ବହୁତ ଖର୍ଚ୍ଚ କରି ଥାଇ ।

ବର୍ଷକୁ ବର୍ଷ ସଞ୍ଜା ବଢ଼େ,
ଭାବି କବୁଲିୟତି ଯାଇଁ,
ସଞ୍ଜାରେ ବଶ ପଥ କର,
ତଥାପି ଜମି ହସ୍ତାନ୍ତରେ,
ତା' ଯତ୍ନ ବିଫଳ ହୁଅଇ,
ପ୍ରବଳ ବନ୍ୟା ଆଘାତରେ,
ସେ ଯେଉଁ ଆତଙ୍କ ପଡ଼ଇ,
ସେ କାଳେ ଦେଖି ଉଚ୍ଚ ସ୍ଥଳି,
ତା'ପଛେ ଏ ବିପଦ ଆସେ,
ମାଣକୁ ଦଶଟଙ୍କା ଦରେ,
ନିଅନ୍ତି ବନ୍ଦୋବସ୍ତ ଠାରୁ,
ସାମାନ୍ୟ ତଳି ଭୂମି ପାଇଁ।
ଏବେ ସେ ନିଷେଧ ହୋଇଛି,
ଏହାର ପ୍ରତିକାର ପାଇଁ,
ଗୋଦଣ୍ଡା ପାଖ ଜମି ଯା'ର,
ଅମୀନେ ସଦା ବୁଲୁଥାନ୍ତି,
ଚକ୍ଷୁ ନ ଚକ୍ଷୁ ପଛେ ସେହି,
ଚଷିଛୁ ରାଜ ସରକାର,
ସତ୍ୱର ଦିଏ ଟଙ୍କା ଆଣି,
ଯଦି ସେ ଅମିନକୁ ସେବେ,
ବାକି ଗୁଡ଼ିକ ସେ ଦିଅଇ,
ବିଳମ୍ବ କରେ ଯେ ଦେବାକୁ,
ଏ ରୂପେ ନେଇଛନ୍ତି ତଣ୍ଟ,
ନଦୀରେ ଜମି ଯାଏ ଯା'ର
ଜାଣିଛେଁ ଅମିନେ ବୁଲନ୍ତି,
ସେ ଯାଇ ଦରଖାସ୍ତ ଦେଇ,
ତଦ୍‌ନ୍ତେ ଅମିନର ଦାଉ,
ଅନ୍ୟଥା ହେଡଅମୀନ ଆସେ,
ଏହାଙ୍କୁ ନ ବୋଧିଲେ ଭାଇ,
ସେ ଯେବେ କିଛି ନ ପାଆନ୍ତି,

ଅକାଳେ କଦାପି ନ ଛିଡ଼େ।
ସେ ବୃଦ୍ଧି ସଞ୍ଜା ଦେଉଥାଇ।
ଦିଅଇ ନକରି ଓଜର।
ଯିବାରୁ ପଡ଼େ ହତାଶରେ।
ସେ ଭାଗ୍ୟ ଆଦରି ରହଇ।
ଫସଲ ନିର୍ମୂଳ କାଳରେ।
ଭାବିଲେ ହୃଦୟ ଥରଇ।
ପକାଇ ଥାନ୍ତି ଯଦି ତଳି।
ଆୟର ମହତ୍ତ୍ୱ ବିନାଶେ।
ଖଜଣା ଧରି ହିସାବରେ।
ବିନା ଅନୁମତି ଦୋଷରୁ।
ଏ ରୂପେ ତଣ୍ଟ ଦେଇ ଥାଇଁ।
ତଥାପି ଭାବି ଭୟ ଅଛି।
ସୁମର ଜଗତ ଗୋସାଇଁ।
ବିପଦ କଳି ନୁହେଁ ତା'ର।
ଯାହାର ସେପରି ଦେଖନ୍ତି।
ଅମିନେ ତାକୁ ଦ୍ୟନ୍ତି କହି।
ଖଜଣା ନ ଦେଇ ରାଜାର।
ନ ଦେଲେ ଖାଇବୁ କହୁଣୀ।
କମଇ କିଛି ମାତ୍ର ତେବେ।
ଭୟରେ ନୀରବ ରୁହଇ।
ମାଡ଼ରେ ଭଙ୍ଗାଏ ହାଡ଼କୁ।
ଆୟଙ୍କୁ କରି ଲଣ୍ଡଭଣ୍ଡ।
ବିପଦ ଅଛି ପୁଣି ତା'ର।
ତହିଁକି ଦୃଷ୍ଟି ନ କରନ୍ତି।
ଅମିନ ଖର୍ଚ୍ଚା ଦିଏ ଭାଇ।
ସେ କଥା କି କହିବି ଆଉ।
ଅତ୍ୟନ୍ତ ଭୟଙ୍କର ଗ୍ରାସେ।
ଆୟର ଭଲଗତି କାହିଁ।
ସବାରୀ ଖରଚେ ପକାନ୍ତି।

ସେତେକ କଲେ ଅପବ୍ୟୟ,
ଆସିବା ନିର୍ଦ୍ଦିଷ୍ଟ ନ ଥାଏ,
ତାଙ୍କର ଅନ୍ୟ ଦରକାରେ,
ସେ କାଳେ ମନେ କରିଦେଲେ,
ତାହାର ପରିଣାମ ଫଳ,
ଯେ ହେଉ ଖଜଣା କଟାଇ,
ଆହୁରି ଯେତେଟା ତଦନ୍ତ,
ଆମ୍ଭର ଘର ଭାଙ୍ଗିଗଲେ,
ଜଣାଇ ଦରଖାସ୍ତ ଦ୍ୱାରା,
ତାହାର ଦାଉ ବଳିୟାର,
ତାହାକୁ ନ ବୋଧିଲେ ଭାଇ,
ଆସନ୍ତି ତହସିଲଦାର,
କି ଅବା ହାକିମ ଆସନ୍ତି,
ଏ ରୂପେ ନେଉଛନ୍ତି ତଣ୍ଟ,
ଅନ୍ୟଥା ପଦାରେ ପଡୁଛେଁ,
ନକହି ଘର କଲେ ଭାଇ,
ଆହୁରି ଆମ୍ଭ ଘର ବାରି,
ଅଯଥା ସ୍ଥାନଟି ଦେଖାଇ,
ନଗଲେ ପଡ଼ିବ ବିପଦ,
କିଲାର ମଧ୍ୟେ ଦେଖାଯାଇ,
ପଦାରେ ପଡ଼ିଛନ୍ତି ସିନା,
ସେମାନେ ହୋଇ ବାସ ହୀନ,
ବାସ ନ ଥିବାରୁ ତାଙ୍କର,
ଅନ୍ୟାନ୍ୟ ଜୀବିକା ବିନଷ୍ଟ,
ଏପରି ଦୁଃଖରେ ପକାଇ,
ନ ଯାଇ ଉଚିତ ପଥରେ,
ଏହାର ପ୍ରତିକାର ପାଇଁ,
ନେଲାରୁ ମଚ୍ଛଦିଆ କର,
ହୋଇଛି ଜାଣିଛେ ସରବେ,
ସେମାନେ ଯୋଡ଼କୁ ବାନ୍ଧନ୍ତି,

ହାକିମ ଆସନ୍ତି ନିଶ୍ଚୟ ।
କେତେକ ବର୍ଷ ବହିଯାଏ ।
ଯାଆନ୍ତି ସେବେ ସେ ବାଟରେ ।
ତଦନ୍ତ ହୁଏ ଯେ କୌଶଳେ ।
ନକରେ ଯଥାର୍ଥ ମଙ୍ଗଳ ।
ଆଶ୍ୱସ୍ତ ହୁଏ ଆମ୍ଭ ଭାଇ ।
ପଡଇ ସବୁ ଉକ୍ତ ମତ ।
ତୋଳିବା ଇଚ୍ଛା ପୁଣି କଲେ ।
ଅମୀନ ଖର୍ଚ୍ଚ ଦ୍ୟନ୍ତି ପରା ।
ନକରେ ଉଚିତ ବିଚାର ।
ନିଷ୍ପତ୍ତି ପରା ହୁଏ ନାହିଁ ।
ସେ ଦାଉ ମହାବଳିୟାର ।
ଆମ୍ଭର ମହତ୍ତ୍ୱ ନାଶନ୍ତି ।
ତା'ପରେ ଦେଉଛନ୍ତି ଦଣ୍ଡ ।
କୁଳର ମର୍ଯ୍ୟାଦା ସାରୁଛେଁ ।
ମରିବା ସିନା ବିଧା ଖାଇ ।
ନିଅନ୍ତେ ବଳାତ୍କାରେ ହରି ।
କହନ୍ତି ତହିଁ ରହ ଯାଇ ।
ତୁଟିବ ସକଳ ସଂପଦ ।
ଆମ୍ଭର କେତେଘର ଭାଇ ।
କେଳା କେଲୁଣୀ ପରି କିନା ।
ଦୁଃଖରେ କାଟୁଛନ୍ତି ଦିନ ।
ଚାଷରେ ବାଧା ଗୁରୁତର ।
ହେବାରୁ ପାନ୍ତି ଅନ୍ନ କଷ୍ଟ ।
ଇଷ୍ଟେଟ ନିଜ ଲାଭ ପାଇ ।
ଅଛନ୍ତି ବସି ମଉନରେ ।
ସୁମର ଜଗତ ଗୋସାଇଁ ।
ସକଳ ଯୋଡ଼ ଯାହାଙ୍କର ।
ପକାଇ ଦିଏ ମନେ ଏବେ ।
ଜୁଆର ପାଣି ଅଟକାନ୍ତି ।

ଯଦିଚ ବନ୍ଧ ନ କରିବେ,
ତାଙ୍କର ଜୀବିକା ବୁଡ଼ିବ,
ସେମାନେ ତେଣୁ ବାଧ ହୋଇ,
ଏ ଯୋଗେ କୃଷିକି ଆଘାତ,
ସେମାନେ ପୋଲାଦି ଖୋଳନ୍ତି,
ଏ ଯୋଗେ ଗୋ ପ୍ରାଣକୁ ବାଧା,
ଫେରାଦ ହେଲେ ଏ ବିଷୟେ,
ଇଷ୍ଟେଟ୍ ଭକ୍ତ ଯେ ହୁଅଇ,
ତା'ପରି ଭାଗ୍ୟବାନ କିଏ,
ଉତ୍ତମ ଜମି ପାଏ ଯେଣୁ,
ନଡ଼ିଆ ବଗିଚା ସକାଶେ,
ଆପତ୍ତି କଲେ କେହି ଯାଇ,
ଚଳିବା ସକାଶେ ତୁମ୍ଭର,
ପୂର୍ବେ ଯେ ଧର୍ମବୀର ଥିଲେ,
ସକଳ ପ୍ରାଣୀ ସୁଖ ପାଇଁ,
ସେ ହେତୁ ସାଧାରଣଙ୍କର,
ଏବେ ସେ ହେଲା ବିପରୀତ,
ଆମ୍ଭର ଦ୍ୱାରା ସଫା କଲେ,
ତଥାପି ଆମ୍ଭମାନଙ୍କର,
ସେ ଯୋଗେ ନିଲାମ କରାଇ,
ଅନ୍ୟଥା ପୋଖରୀର ଜଳ,
ଇଷ୍ଟେଟଙ୍କର ଏକା ହୁଏ,
ଯଦିଚ କେହି ପୋଖରୀରେ,
କଦର୍ଯ୍ୟ ମାଡ଼ ଖାଏ ସେହି,
ଗୋଟିଏ ମାଛ ପାଇଁ ସିନା,
ହୋଇଛି ଏକଲା ମଧ୍ୟରେ,
ତା' ସଙ୍ଗେ କେତେ ବିଧା ଗାଡ଼ି,
କେବଳ ସାଧାରଣଙ୍କର,
ରକତ ମାଂସ ବଦଳରେ,
ଅର୍ଜନ୍ତି ଆମ୍ଭେ ଯେତେ ଧାନ,

ମାଛ ବା କିପରି ଧରିବେ ।
ଇଷ୍ଟେଟ କର ନ ଛାଡ଼ିବ ।
କରନ୍ତି ବନ୍ଧ ଯହିଁ ତହିଁ ।
ଯେପରି ହୁଏ ଜାଣିଛେ ତ ।
ଜୋଡ଼କୁ ଶୁଖାଇ ଦିଅନ୍ତି ।
ପଡୁଛି ପରା ସାଦା ସିଧା ।
ନବୁଝି ରବନ୍ତି ନିର୍ଦ୍ଦୟେ ।
ତାହାର ଅଦୃଷ୍ଟ ଖୋଲଇ ।
ଗୋଦଣ୍ଡା ପୁରସ୍କାର ନିଏ ।
ଇଷ୍ଟେଟ ବଶେ ରହେ ତେଣୁ ।
ଗୋଚର ଜମି ହୁଏ ନାମେ ।
ଏ ଉପଦେଶ ପାଇଥାଇ ।
ଗୋଟିଏ ଗାଈ ରଖିପାର ।
ପୋଖରୀ ଆଦି ଖୋଳାଇଲେ ।
ସେ ସବୁ ଦାନ କଲେ ଭାଇ ।
ପୋଖରୀ ଇତ୍ୟାଦି ନିକର ।
ସକଳେ ହୋଇଗଲେ ଲାଞ୍ଛିତ ।
ବିବିଧ ମାଡ଼ ମାରି ବଳେ ।
ତହିଁରେ ନାହିଁ ଅଧିକାର ।
ନିଅନ୍ତି ଟଙ୍କା ଦେଖୁଥାଇ ।
ବ୍ୟତୀତ ମାଛାଦି ସକଳ ।
ତହିଁକି ଆଉ କେ ନ ଯାଏ ।
ପଶଇ କୌଣସି କାଳରେ ।
ଉଦ୍ଧରେ ଜରିମାନା ଦେଇ ।
ପଁଷଠି ଟଙ୍କା ଜରିମାନା ।
ଆମ୍ଭେ ତ ଦେଉଛେ ବାଧରେ ।
ଚାଲୁଥିଲା ଧାଡ଼ି ଧାଡ଼ି ।
ସୁବିଧା ନାଶନେ ତତ୍ପର ।
ଜୀବନ ରକ୍ଷା ଉଦ୍ଦେଶ୍ୟରେ ।
ପ୍ରକୃତ ଯାହା ଆମ୍ଭ ପ୍ରାଣ ।

ତାହାକୁ ହରି ନେଉଥାନ୍ତି,
ଆମ୍ଭର ଇଚ୍ଛା ବିରୁଦ୍ଧରେ,
ଏହି ଯେ ଖନତ ଲାସିରେ,
ଫିତାରେ ଅମାର ମାପନ୍ତି,
ଓଳିଆ ବସ୍ତା ଯାହା ଥାଏ,
ଆମରି ସବୁଠୁ ନିଅନ୍ତେ,
ଯାହାର ଦର ଯାହା ଥାଉ,
ବିନୟୀ ଯେତେ ହେଲେ ଭାଇ,
ଏମନ୍ତେ କହୁଥାନ୍ତି ପରା,
ତାହାଙ୍କୁ ନ ଦେଇ ଯେ ଧାନ,
ତାହାର ଗତି ନ ରହିବ,
ସତକୁ ସତ ଯଦି କେହି,
ତାହାର ଦୁଃଖ ଅକଳନ,
ପିଅନେ ମାରି ମାରି ତାକୁ,
ନଚେତ ଉପରେ ଚଢ଼ନ୍ତି,
ମଉନେ କାତରେ ଘୋଷାଡ଼ି,
କରଇ ଡ଼କା ଯେବେ ଭାଇ,
ଏହା ସେ କହିଲା ବେଳକୁ,
ଇଷ୍ଟେଟ ଉଚିତ୍ ଦରରେ,
କାହିଁକି ଝେର ପରି ଭୟେ,
ଦୁଃସହ ସଙ୍କଟେ ପଡନ୍ତେ,
ନଥିଲେ ଦରକାର ଭାଇ,
କାହିଁକି ଖାଦ୍ୟ ବା ପ୍ରାଣକୁ,
ଲୁଗାଦି କିଣିବା ନିମନ୍ତେ,
ଏଥକୁ ଅରଜନ୍ତି ମାଡ଼,
ଯେ ହେଉ ଦେଇ ଜରିମାନା,
ଏ ଅନ୍ତେ ଭାଇମାନେ ଶୁଣ,
ସେ ଯେଉଁ ଧାନ ନେଇଥାନ୍ତି,
ଟଙ୍କାକ ତିନିଟଙ୍କା ହୁଏ,
ଆମ୍ଭର ଦରକାର ବେଳେ,

ଆମ୍ଭଙ୍କୁ ସଙ୍କଟେ ପକାନ୍ତି ।
ପଶନ୍ତି ଆସି ଘରେ ଘରେ ।
ବିପଦ କହିଲେ ନସରେ ।
ଗୋଜରେ ଖଣିକ କଳନ୍ତି ।
ସବୁତ ହିସାବରେ ଯାଏ ।
ଗୁହାରି କଲେ ନ ଶୁଣନ୍ତେ ।
ତାହାକୁ ମାନନ୍ତି କି ଆଉ ।
ନିଶ୍ଚୟ ଅଧା ପାଇ ଥାଇ ।
ବଜାଇ ନିଷେଧ ନାଗରା ।
ଚାଉଳ ବିକିବଟି ଜାଣ ।
କି ଫଳ ପାଇବ ଦେଖିବ ।
ବନ୍ଦରେ ବିକେ ଧାନ ନେଇ ।
ନୁହଇ କଦାପି ଖଣ୍ଡନ ।
ପକାଇ ଦିଅନ୍ତି ପଦାକୁ ।
ଅଥବା ରାଗେ ଘୋଷାଡ଼ନ୍ତି ।
ହାକିମ ଗୋଡ଼ ଧରି ଗଡ଼ି ।
ଯୋତା ଗୋଇଠା ଖାଇ ଖାଇ ।
ଅଥୟ କରେ ଜୀବନକୁ ।
କିଣନ୍ତେ ଯଦି ଭାବ ଥରେ ।
ଆପଣା ପଦାର୍ଥ ବିକ୍ରୟେ ।
ଭାଷଣ ଯନ୍ତ୍ରଣା ଭୋଗନ୍ତେ ।
ନିଜର ଖୋରାକି ତୁଟଇ ।
ଅଯଥା ବିକନ୍ତେ ପରକୁ ।
ବିକନ୍ତି ସିନା ଇଚ୍ଛାମତେ ।
ଯହିଁରେ ଭାଙ୍ଗିଯାଏ ହାଡ଼ ।
ପାଆନ୍ତି ପରେ ଆଶ୍ୱାସନା ।
ଆହୁରି ଇଷ୍ଟେଟଙ୍କ ଗୁଣ ।
କିଲାର ବାହାରେ ବକନ୍ତି ।
ଏପରି ବେପାରୀ ବା କିଏ ।
ଯଦି କେ ଧାନ କିଣି ଗଲେ ।



ଗୋଲାର ମୋହରୀରମାନେ,
କୁଟୁମ୍ବ ତୋ'ର ଯେତେ ଜାଣ,
ବସିଥା ପଛେ ତୁହି ନେବୁ,
ଏମନ୍ତେ ବିଳମ୍ବ ହୁଅଇ,
ଅଥବା ପାଇପାରେ ଯେବେ,
ଆହୁରି ଯଦି ଇଚ୍ଛାକଲେ,
ଥରକେ ଯେତେ ଆଣିଥାଇ,
ଛଅଟି ଦିନ ଉପବାସ,
ନଚେତ ଶାଗ ମୁଗ ଖାଇ,
ଦୁର୍ଭିକ୍ଷେ ସାହାଯ୍ୟ ଏପରି,
ଆମ୍ଭର ଧନ ଆମ୍ଭ ପାଇଁ,
ଆଶ୍ରୟହୀନ ବିଧବାର,
ଯାହାର ପେଶା ଧାନକୁଟା,
ବିକିବେ ନାହିଁ ଅନ୍ୟ କେହି,
କି ଅବା ଆମ୍ଭଙ୍କୁ ନ ଦେଇ,
ଏଣୁ ବିଧବାମାନେ ଧାନ,
ଗୋଲାରୁ ଆଣନ୍ତେ ବା ଯାଇ,
ଟଙ୍କାଟି କର ମିଳେ ଯେବେ,
ଟଙ୍କା ପରେ ବଳେ ଯାହା,
ଇଷ୍ଟେଟ ଉପରୋକ୍ତ ମତେ,
ବିଧବା ବିପଦେ ପଡ଼ିଲେ,
ଏ ରୂପେ ଜୀବନେ କଷଣ,
ଏତିକି ମାତ୍ର ଭୁଲି ଗଲି,
ଇଷ୍ଟେଟ ଯାହା ନେଇଥାନ୍ତି,
ତଗାବୀ ବାହାନାରେ ସିନା,
ବିଧବା ଏ ସୂତ୍ରେ ନ ପାନ୍ତି,
ଏ ପରେ ଅମଲାଙ୍କ ଦାଉ,
ହାୟ ବିଧାତା କି ନକରେ,
ଆମ୍ଭର କର୍ମ ଏହିପରି,
ଧନୀ ଦରିଦ୍ର ଦୁଃଖୀ ରଙ୍କି,

ଠକାନ୍ତି ପରା ଏ ବିଧାନେ ।
ସେତେ ଗଉଣୀ ନେବୁ ଧାନ ।
ଯାଆନ୍ତୁ ଦୂରବାସୀ ସବୁ ।
ଧାନ ସେ ପାଇ ନ ପାରଇ ।
ତ୍ରିଗୁଣ ଟଙ୍କା ଦିଏ ତେବେ ।
ସପ୍ତାହେ କିଣେ ଏକ ଥରେ ।
ଦିନକେ ତାକୁ ଦିଏ ଖାଇ ।
ପାଳେ ସକୁଟୁମ୍ବ ଅବଶ୍ୟ ।
ଜୀବନ ଘେନି ରହିଥାଇ ।
ଇଷ୍ଟେଟ ଦିଅନ୍ତି ଆଦରି ।
ଆମ୍ଭେ କିଣିଲେ ନ ମିଳଇ ।
ଏ ଯୋଗେ ଦଶା ଭୟଙ୍କର ।
ଇଷ୍ଟେଟ କରିଦ୍ୟନ୍ତି ଝୁଟା ।
କିଲାର ବାହାରକୁ ନେଇ ।
ବିକିବେ ନାହିଁ ଅନ୍ୟ କେହି ।
କଦାପି ନ ପାଆନ୍ତି ଜାଣ ।
ତହିଁରେ ଜଣ ସଂଖ୍ୟା ଥାଇ ।
ଚାଉଳ କରି ବିକେ ତେବେ
ବିଧବା ଖାଦ୍ୟ ହୁଏ ତାହା ।
ନିଷେଧ କରିବାରୁ ଯେତେ ।
ଗଣିତ ପାରୁନାହିଁ ହେଳେ ।
ଇଷ୍ଟେଟ ହେତ ବିଦ୍ୟମାନ ।
ଏତେ ବେଳକେ ମନେ କଲି ।
କେତେକ ଏ ରୂପେ ବିକାନ୍ତି ।
ଅନ୍ୟଥା କୁଟା ଛଳେ କିନା ।
ଥିବାରୁ ଅନାଦାୟ ଭୀତି ।
ଥାଉ ସେ କହିବିନା ଆଉ ।
ଏ ପ୍ରାଣ ସଙ୍କଟରେ ଭରେ ।
ସକଳେ ହେଲେ ଏତେ ସରି ।
ମୂର୍ଖ ପଣ୍ଡିତ ଭିକ୍ଷୁ ଭୋକୀ ।

ହୋଇଲେ ସମଦଶାପନ୍ନ,
କି ଅପରାଧ କରିଥିଲେ,
ଏ ଦଶା ମୁକ୍ତ ହେବା ପାଇଁ,
ଆହୁରି ଆସ୍ତର ଖାଦ୍ୟରେ,
ଆସ୍ତର ପରା ଧାନ ବିନା,
ତହିଁରେ ଯାବତ ପଦାର୍ଥ,
ଦେଖନ୍ତୁ ପରିବା କିଣାରେ,
ପରିବା ଦେଇ ଧାନ ନେଇ,
ଯେ ଅବା କିଏ କାଳ ବଳେ,
ପିଅନେ ତା'ଠାରୁ ଛଡ଼ାଇ,
ତାହାକୁ ନାନା ମାଡ଼ ମାରି,
ଅନେକ ଯାତନା ଦିଅନ୍ତି,
ଏ ଯୋଗେ ପରିବା ନ ପାଇ,
ଏପରି ହାଣ୍ଡି କିଣାବେଳେ,
ଛ' ଟଙ୍କା ଜରିମାନା ଦେଇ ।
କିଣନ୍ତେ କେ ଧୂଆଁ ପତର,
ସାତଟି ଟଙ୍କା ଜରିମାନା,
ଏପରି ଶତ ଶତ କଥା,
ଆସ୍ତର ନ ଥାଉଁ ଆଗ୍ରହ,
ଦାଦନ ଲଗାଇ ଦିଅନ୍ତି,
ଅଳପ ଲାଭ ହେବା ଜାଣି,
ଆଗୁ ଯେ ଦେଇଯାଇଥାଇ
ଅସୁଲୁକାରୀ ତାକୁ ଚାହିଁ,
ଚକିତେ ସେ ଲୋକ କହଇ,
ଏ କଥା ମୋହରୀର ଶୁଣି,
ତୋହର ଗୋସାଇଁ କହିଛି,
ଟଙ୍କାରେ ଦୁଇଗୌଣି କରି,
ବିହନ ଶୀଘ୍ରେ ଘେନି ଆସ,
ବିନୟୀ ନାନା ମତେ ହେଲେ,
ବୃଥାରେ ସେତେକ ଦିଅଇ,
ଆବର ଶୁଣ ପକ୍ଷାନ୍ତରେ,

ହୃଦୟ ହୁଏ ଛନ ଛନ ।
ଏକତ୍ର ଏ ଦଶା ଭୋଗିଲେ ।
ସୁମର ଜଗତ ଗୋସାଇଁ ।
ଦିଅନ୍ତି ବାଧା ଅବାଧରେ ।
ଅନ୍ୟାନ୍ୟ ଆୟ ହୁଅଇନା ।
କିଣିବା ଅଟଇ ଯଥାର୍ଥ ।
ଇଷ୍ଟେଟ ବାଧା କି ପ୍ରକାରେ ।
ପାରିବେ ନାହିଁ ଆନ କେହି ।
ପଡ଼ଇ ଇଷ୍ଟେଟ କବଳେ ।
ଧାନକୁ ଗୋଲାରେ ବୁଢ଼ାଇ ।
ଅଥବା ତଣ୍ଟେ କରି କରି ।
ବିଦାୟ କାଳେ ଯଦି ଥାନ୍ତି ।
ଖାଦ୍ୟ ଅଭାବେ ପଡ଼ିଥାଇ ।
ଦେଢ଼ ଟଙ୍କାର ଧାନ ଛଳେ ।
ଅଛନ୍ତି ପରା ଜଣେ କେହି ।
ଧାନ ଦେଇ ତିନି ଟଙ୍କାର ।
ସେ ଭାଇ ଦେଇଅଛ କିନା ।
ସ୍ମରଣେ ମନେ ଦିଏ ବ୍ୟଥା ।
ହୁଅଇ ବିହନ ସଂଗ୍ରହ ।
ସ୍ୱଇଚ୍ଛା ଭାଉରେ ନିଅନ୍ତି ।
କରନ୍ତି କର ପୁଣି ପୁଣି ।
ତଲବ ମାତ୍ରେ ଆସେ ଧାଇଁ ।
କହନ୍ତେ ଧାନ ଆଣ ଯାଇ ।
ମୋଠାରେ ପରା ବାକି ନାହିଁ ।
ବିରକ୍ତେ କହିଥାନ୍ତି ପୁଣି ।
ଅଧିକା ଦେବୁ ଆଉ କିଛି ।
ନଦେଇ କରୁ ପାଜିଗିରି ।
ଶୁଣନ୍ତେ ହୁଏ ହସାହସ ।
ଛାଡ଼ ନ ପାଏ କେତେବେଳେ ।
ଭୟରେ ନୀରବ ହୁଅଇ ।
ବିହନ ଥାଏ ଆସ୍ତ ଘରେ ।

କେବଳ କଥାଏ କଥାଏ
ଇଷ୍ଟେଟ ନ ନିଅନ୍ତି ଶେଷେ,
ଅଧିକ ଟଙ୍କା ଦେଇ ଭାଇ,
ଏପରି ବୁଦ୍ଧିର କୌଶଳେ,
ଇଷ୍ଟେଟ ଲାଭ କରୁଥାନ୍ତି,
ଛଣର ପାଇଁ ଟଙ୍କା ଲାଗେ,
ହେଲେ ହେଁ ଦର ଦୁଇପଣ,
ଏଥିକି ଶତ ଶତ ଟଙ୍କା,
ଅମଲାମାନେ ଏହି ଦରେ,
ଆମ୍ଭର ଆଠଟଙ୍କା ସ୍ଥଳେ,
ଯେ ଗ୍ରାମେ ନ ଥାଏଟି ଛଣ,
କିଣନ୍ତି ଆଠଟଙ୍କା ଦେଇ,
କେ ଘର ଓଲାରି ଦିଅନ୍ତି,
ବୋହି ନ ଦେଲେଟି ସେ ଛଣ,
ସୁନିଆଁ ଭେଟି କଥା ଶୁଣ,
କଖାରୁ ଭେଟୁଥିଲେ ପୂର୍ବେ,
ନିତାନ୍ତ ଦୀନହୀନ ଯିଏ
ବିପଦ ତାର ଗୁରୁତର,
ଦିଏ ଦ୍ୱିପଇସା ଆହୁରି,
ବ୍ରାହ୍ମଣମାନେ ରୀତିମତେ,
ଭେଟନ୍ତି ଯଥା ବିଧାନରେ,
ନିଅନ୍ତି ଚାରିଅଣା କରି,
ଅନ୍ୟାନ୍ୟ ଜାତି ସେହିପରି,
ପୂରୁବ ରାଜା ବିଧି ନଷ୍ଟ,
ବ୍ରାହ୍ମଣମାନଙ୍କର ବୃତ୍ତି,
ତାଙ୍କର ବ୍ରହ୍ମତ୍ୱ ବିନାଶ,
ବ୍ରାହ୍ମଣେ କରି ଅପରାଧ,
ସେ ବାଣୀ ଏ ରାଜ୍ୟରେ ବୃଥା,
ଆପଣା ମର୍ଯ୍ୟାଦାନୁସାରେ,
ଅଧିକା ପାଞ୍ଚ ଟଙ୍କା ଦେଇ,

ଇଷ୍ଟେଟ ବିହନ ବୋଲାଏ ।
ସେ ପରା ଆମ୍ଭ ବେକେ ବସେ ।
ତାହାକୁ ପରା କିଣି ଥାଇ ।
ଆମ୍ଭଙ୍କୁ ପକାଇ ଅକାଳେ ।
ଅକାଳ କାଳ ନ ମାନନ୍ତି ।
ଜାଣିଛେଁ ସେ ଯେପରି ବାଗେ ।
ଦିଅନ୍ତି ଆମ୍ଭେ ଷୋଳପଣ ।
ଲଗାଣେ ନ କରନ୍ତି ଦକା ।
ନିଅନ୍ତି ଇଷ୍ଟେଟ ଛଳରେ ।
ଟଙ୍କାଟି ପାନ୍ତି ଭାଗ ବଳେ ।
ସେମାନେ କିଣି ଦ୍ୟନ୍ତି ଜାଣ ।
ବିକନ୍ତି ଟଙ୍କାଟିଏ ପାଇଁ ।
ଅନ୍ୟଥା ଦ୍ୱନ୍ଦିତ ହୁଅନ୍ତି ।
ଖାଉଛେଁ ବିଧା ପଣ ପଣ ।
ତାହାର ପୁଣି କି କି ଗୁଣ ।
ଦ୍ୱି ଅଣା କର ହେଲା ଏବେ ।
ଯଦିଚ ଥରେ ସେ ନ ଦିଏ ।
ଅଠର ଅଣା ଦିଏ କର ।
କଖାରୁ କର ବୋଲି କରି ।
ନଡ଼ିଆ ପଇତା ସହିତେ ।
ଏବେ ସେ କେଉଁ ନିୟମରେ ।
ବ୍ରାହ୍ମଣେ ଦେଉଛନ୍ତି ଡରି ।
ଭେଟି ଖଜଣା ଦ୍ୟନ୍ତି ଡରି ।
କରି ଆମ୍ଭଙ୍କୁ ଦ୍ୟନ୍ତି କଷ୍ଟ ।
ନିରତେ ହରଣ କରନ୍ତି ।
କରନ୍ତି ନାହିଁ ଅବକାଶ ।
ମଣ୍ଡିବ ବେଗେ ତାଙ୍କ ପାଦ ।
ହେଉଛି ଦେଖୁଛେଁ ସର୍ବଥା ।
ଭେଟିଣ ରାଜ ବିଧାନରେ ।
ଆମ୍ଭର ମଧ୍ୟୁ ଜଣେ କେହି ।

ଉପାଧିଟିଏ କିଣିଥାନ୍ତି,
ଉପାଧି କର୍ତ୍ତିତ ହୁଅଇ,
ଉପାଧିଧାରୀଙ୍କି ଯତନେ,
ଅଳପ କଥାରେ ଆହୁରି,
କଳା ବହିରେ ଭୁକ୍ତ ଯିଏ,
ପଢ଼ଇ ଯେତେବେଳେ ଦାଉ,
ଅନେକ ପ୍ରକାରେ ପୀଡ଼ନ୍ତି,
ସେ ପରା ଜୀବନର ଡ଼ରେ,
ତେବେହେଁ ତାର ସେହି କଥା,
ସେ ଯଦି ଜରିମନା ଦିଏ,
ଗୋପାଳମାନେ ବେଠି କରି,
ଦେଖୁଛେ ସବାରୀ କାନ୍ଧାନ୍ତି,
ନ ଯାନ୍ତି ଅଯୋଗରେ ଯେବେ,
ଆଦରେ ଦୁଧ ଘିଅ ଦହି,
ଜୀବିକା ଉପରେ ତାଙ୍କର,
ସେ ପରା ମହିଷ ଚରାଉ,
ପ୍ରକୃତ ଚରାଉ ତ ନାହିଁ,
କେଉଟମାନେ ଆମ୍ଭ ଭାଇ,
ସେମାନେ ସବୁ ସମୟରେ,
ଆଉ ଯେତେକ ବେଠି ଅଛି,
ମାଛ ମାଇଲେ ଭାତ ଖାନ୍ତି,
ସେ ଯଦି ଯାନ୍ତି ମାଛ ମାରି,
ଶୁଖୁଆ ସବୁ ତନ୍ନ ତନ୍ନ,
ସେରକେ ଦି ପଇସା କରି,
ଗୌଣିଏ ଧାନ ତାଙ୍କୁ ଦେଇ,
ଏମନ୍ତେ ନାନା ବାଧା ସହି,
ଏ ଯୋଗେ ସାଧାରଣଙ୍କର,
ପଢ଼ଇ ଆଜି ମୋର ମନେ,
ଅଜଣା ଅଚିହ୍ନା ପକ୍ଷୀଟି,
ଦଇବେ ପକ୍ଷୀ ରାଜାଙ୍କର,

ଯଦି ସେ ବିରୁଦ୍ଧରେ ଯାନ୍ତି ।
ତାଙ୍କ ମହତ୍ୱ ନ ରହଇ ।
ପକାନ୍ତି ଅତି କଦର୍ଥନେ ।
ବାହାରେ କଳା ରେଜଷ୍ଟ୍ରୀ ।
ତା'ପରି ବିପନ୍ନ ବା କିଏ ।
ମର୍ଯ୍ୟାଦା ନ ରଖନ୍ତି ଆଉ ।
ମାଡ଼ହିଁ ବହୁତ ମାରନ୍ତି ।
ଶରଣ ମାଗଇ ସତ୍ୱରେ ।
ସମୟେ ହୋଇ ଯାଏ ବୃଥା ।
ତେବେ ବା ଦୁଃଖେ ସୁଖେ ରହେ ।
ଖଟନ୍ତି ଦିବସ ଶର୍ବରୀ ।
ଉଚିତ୍ ମୂଲ୍ୟ ନ ପାଆନ୍ତି ।
ଟଙ୍କାଏ ତଣ୍ଡ ଦ୍ୟନ୍ତି ଦେବେ ।
ଦିଅନ୍ତି କିଛିହିଁ ନ କହି ।
ଇଷ୍ଟେଟ ବସାଇଲେ କର ।
ଯାହାର ଆଠଅଣା ଭାଉ ।
ବୃଥାରେ ନେଉଛନ୍ତି ଭାଇ ।
ତାହାଙ୍କ କଥା କହୁଥାଇ ।
ଖଟନ୍ତି ନଉକା ବୋଟରେ ।
କରନ୍ତି ନ କହନ୍ତି କିଛି ।
ଏଥକୁ ଖଜଣା ଦିଅନ୍ତି ।
ଇଷ୍ଟେଟ କରେ ତାଙ୍କୁ ଜାରି ।
ଖଳାରେ କରନ୍ତି ଓଜନ ।
ଖଳା ଖଜଣା ନ୍ୟନ୍ତି ଧରି,
ବୁଢ଼ା ଗୌଣିଏ ନ୍ୟନ୍ତି ଭାଇ ।
ସେମାନେ ଦୁଃଖେ ଛନ୍ତି ରହି ।
କ୍ଷତି ହେଉଛି ବରାବର ।
ଆମ୍ଭର ଭାଇ କେହି ଜଣେ ।
ମାରିବା ଜାଣି ଅଛନ୍ତିଟି ।
ପଡ଼ିଲା ହୁରି ବରାବର ।

ଧାଇଁଲେ ଦୁଇଟି ପିଅନ,
ମାରି ମାରିକା ସେ ଭାଇକି,
ହୋଇଲା ହାକିମ ବିଗଡ଼ର,
ଅଶିଟି ଟଙ୍କା ଜରିମାନା,
ସେ ଭାଇ ସମ୍ପତ୍ତି ବିକିଲା,
ଶିଙ୍ଗାଳ ଆଣି ଛାଡ଼ିଛନ୍ତି,
ଏ କଥା ପରା କେତେ ଥର,
ସେ କାଳେ କେହି ନ ବୁଝିଲେ,
ଦଇବେ ମନୁଷ୍ୟ ଯେ ଖୁନୀ,
ତଥାପି ନାହିଁ ପ୍ରତିକାର
ଯଦିଚ ତାହାଙ୍କୁ ଛୁଇଁବା,
କରମ ଆଦରି ରହନ୍ତୁ,
ପୂର୍ବରେ ତିନି କିସ୍ତି ଥିଲା,
କହନ୍ତି ଯାକୁ ଆଠପଣି,
ପାଞ୍ଚଟି ଟଙ୍କା ଜମା ଯାର,
ତହିଁରୁ ବେଶି ଜମା ଯେବେ,
ତା'ପଛେ ପଛେ ପଲେ ପଲେ,
ବିଷମ ଝଗଡ଼ା କରନ୍ତି,
ଏ ପରେ ମୋହରୀର ଯାନ୍ତି,
ଦରିଦ୍ର ଦୁଃଖୀ ନ ତକାଇ,
ଯାବତ ପାଉଣା ନିମନ୍ତେ,
ବିବିଧ ମାଡ଼ ମାରୁଥାନ୍ତି,
ସେ କଦର୍ଥନ ଅକଥନ,
ପଶନ୍ତି ଘରେ ବଳାତ୍କାରେ,
ଏ ଦେହ ସହୁଅଛି ତାହା,
ସ୍ତ୍ରୀରିୟେ ଲାଞ୍ଛନା ପାଆନ୍ତି,
ପିଅନେ କିଛି ନ ତକାଇ,
କଳେଇ ଡ଼ଙ୍ଗା ଅଟକାନ୍ତି,
ଭାବନ୍ତୁ ସେ କେଡ଼େ ଭୀଷଣ,
ତା' ସଙ୍ଗେ ଖଜଣାର ଭୟ,

ବୋଇଲେ କେଉନ କେଉନ।
ନେଲେ ତ ହାକିମ କତିକି।
କ୍ଷତି ଏ କରିଛି ରାଜାର।
ନେବାରେ ବିଳମ୍ବ ହେଲାନା।
ତେବେ ତ ଏଠାରେ ଠାକିଲା।
ସେ ସିନା ଲୋକଙ୍କୁ ପୀଡ଼ନ୍ତି।
ହଜୁରେ କରିଛୁ ଗୋଚର।
ଓଲଟି ବିରକ୍ତ ହୋଇଲେ।
ହୋଇଲେ କେତେ ପରା ପୁଣି।
କିସ କରିବା ଆମ୍ଭେ ଛାର।
ଚଢ଼େଇ ମରା ପରି ଅବା।
ଯା କିଛି ହେଉଛି ସହନ୍ତୁ।
ଏବେତ ଦୁଇ କିସ୍ତି ହେଲା।
ତହିଁରେ ନ୍ୟନ୍ତି ଷୋଳପଣି।
ନ ଥାଏ ଆଠପଣି ତାର।
ଧରନ୍ତି ଆଠପଣି ତେବେ।
ପିଆଦା ବୁଲି ମଫସଲେ।
ଆମ୍ଭଙ୍କୁ ବିପଦେ ଭରନ୍ତି।
ଷୋହଳ ପଣି ନେଉଥାନ୍ତି।
ତଥାପି ସୁଧ ନ୍ୟନ୍ତି ଭାଇ।
ଇଷ୍ଟେଟ ଦାଉ ନାନା ମତେ।
ପ୍ରାଣରେ ଚପଟ ପକାନ୍ତି।
ସ୍ମରଣେ ହୃଦ ଛନ ଛନ।
ନୁହଇ ସହି ଯାହା ବାରେ।
ସହିବ ପୁଣି କେତେ ଆହା।
ଆମ୍ଭେ ତ ତାହା ଦେଖୁଥାନ୍ତି।
ଫସଲ ବିଲେ ଅଟକାଇ।
ଆହୁଲା ଓଟାରି ପକାନ୍ତି।
ଜୀବନେ ଦିଏ କି କଷଣ।
କରଇ ଜୀବନ ଅଥୟ।

ତଥାପି ପିଅନ ଜଞ୍ଜାଳ,
ଖଜଣା ଦେଲେ ସୁଦ୍ଧା ଭାଇ,
ତେବେ ସେ ଦେବା ଅକାରଣ,
ବାସନ ଆଦି ନ ତକାନ୍ତି,
ତହିଁରୁ ନ ଅଣ୍ଟିଲେ ଭାଇ,
ଏପରି କଦର୍ଥନ ଯେତେ,
ଖଜଣା ଇତ୍ୟାଦି ନିମନ୍ତେ,
ସେ କଥା ମନେ ପଡ଼େ ଭାଇ,
ଯେ ପାହି ଜମି ନେଇ ଥାଇ,
ତାହାର ବାଧା ବିଘ୍ନ ପାଇଁ,
ଯଦିଚ ପାହି ଜମା ବାକି,
ଇଷ୍ଟେଟ ପରା ବଳାତ୍କାରେ,
ପାହି ହିଁ ଇସ୍ତଫାରେ ଯାଏ,
ପଡ଼ିଲେ ଅନ୍ୟ କେଉଁ ଦାଉ,
କୌଶଳେ ମାରି ନେଇଯାନ୍ତି,
ଓହୋ ସେ କଥା ଶୁଣିବାରେ,
କୌଣସି ମତେ ଟଙ୍କା ନେଇ,
ତଥାପି ଜମି ତାର ନୁହେଁ,
ଏପରି ବହୁତ ଘଟିଛି,
ଅମଲାମାନଙ୍କର ଭାର,
ଜାତିର ବାରଣ ନଥାଏ,
ପୋଖରୀ ଖୋଳି ବନ୍ଧ ବାନ୍ଧି,
ହଳ ବଳଦ ନେଇ ଯାନ୍ତି,
ଇଟା ବା ପଥର ବୁହନ୍ତି,
ଆହୁରି ବେଠି ଅଛି ଯେତେ,
ମଜୁରି ବାହାନା ଅଛଇ,
ଆମ୍ବର ଡଙ୍ଗା ବା ସବାରି,
ନାନା ବେଠିରେ ଭରୁଥାନ୍ତି,
ଏଥିରେ ବଡ଼ ସାନ ଜାତି,
ସକଳ ଜାତି ଭିନ୍ନ ଭିନ୍ନ,

ଭୋଗିଛେ ଯେତେ ଅସମ୍ଭାଳ ।
ଛାଡ଼ ଖଣ୍ଡିକ ଯେବେ ନାହିଁ ।
ପିଉନ କରେ ରଣଭଣ ।
ଗାଈ ବା ବଳଦ ବିକାନ୍ତି ।
ଜମି ଇସ୍ତଫା ଦେଇଥାଇ ।
ଲେଖିବ ଅବା ମୁହିଁ କେତେ ।
ଇସ୍ତଫା ଦ୍ୟନ୍ତି ଜମି ଯେତେ ।
ଶୁଣନ୍ତୁ କିପରି ହୁଅଇ ।
ଆବାଦି କରି ନ ପାରଇ ।
ଇଷ୍ଟେଟ ନ ହୁଅନ୍ତି ଦାୟୀ ।
ଅଭାବେ ରହଇ ଅଟକି ।
ଥାନି ଘେନନ୍ତି ଇସ୍ତଫାରେ ।
ଟଙ୍କା ଗୁଡ଼ିକ ବାକି ରହେ ।
ନେବାକୁ ହୋଇ ଟାଉ ଟାଉ ।
ନଚେତ ଘୋର ଦଣ୍ଡ ଦ୍ୟନ୍ତି ।
ହୃଦୟ ବୁଡ଼େ ନୈରାଶ୍ୟରେ ।
ଛାଡ଼ନ୍ତି ତାକୁ ଅବା ସେହି ।
ବିଚରା କାନ୍ଦି କାନ୍ଦି ଯାଏ ।
ସ୍ଥାନରୁ ଭ୍ରଷ୍ଟ କରିଅଛି ।
ନେବାକୁ ଆମ୍ଭେତ ଚାକର ।
ଯୋତାହିଁ ଆମ୍ଭ କାନ୍ଧେ ଯାଏ ।
ଆସନ୍ତି ପରା କାନ୍ଦି କାନ୍ଦି ।
ବଗିଚମାନ ଚକ୍ଷୁ ଥାନ୍ତି ।
ଅନେକ ଯନ୍ତ୍ରଣା ସହନ୍ତି ।
ସ୍ମରଣ କରିବଇ କେତେ ।
ଫଳରେ ସେପରି ନ ଥାଇ ।
ଥିଲେ ଯେ ଯାଏ ବେଠି କରି ।
ଉଚିତ୍ ମୂଲ ନ ଦିଅନ୍ତି ।
କଦାପି ଥରେ ନ ଭାବନ୍ତି ।
ଯେପରି ସହନ୍ତି କଷଣ ।



କହିବା ପାଇଁ ସବୁ କଥା,
ସେ ହେତୁ ଠିକ୍ ଠିକ୍ କରି,
ବର୍ଦ୍ଧକି ମାଳି ଗୁଡ଼ିକାର,
ବାରିକ ବୈଶ ଚିତ୍ରକାର,
ଏ ଆଦି ନାନା ଜାତିଙ୍କର,
ଇଷ୍ଟେଟ ଦେଉଛନ୍ତି ନିତ୍ୟେ,
ଏମାନଙ୍କର ଦୂରବସ୍ଥା,
ଏହାର ପ୍ରତି ଦୟା ନାହିଁ,
ଆମ୍ଭେ ତ ଚିରକାଳ ପାଇଁ,
ଏ ହେତୁ ଜଙ୍ଗଲ ଆମ୍ଭର,
ଏପରି ସ୍ଥଳେ ସେ କାହିଁକି,
ଯାହାଙ୍କ ଠାରୁ ଆମ୍ଭେମାନେ,
ସେ ଯଦି ପାନ୍ତେ ବିନା କରେ,
ଗଛର ଝେପା କଷା ଛଳେ,
କାଠକୁ ଅଙ୍ଗାର କରାଇ,
ତାପରେ ନାଳିଆରେ କର,
କରର ସଂଖ୍ୟା ଏହି ପରି,
ବହୁତ ହେବ ପରା ଭାଇ,
ଆଉ ସେ ଅତି କହିବାର,
ଏତେ ପ୍ରକାରେ କର ଦେଇ,
ଆମ୍ଭର ବିବାହ କାଳରେ,
ଗୋପାଳମାନଙ୍କୁ ବେଠିରେ,
ଆଣିବା ବେଳେ କନ୍ୟାବର,
ବିଲରେ ତାହାକୁ ବସାଇ,
ଆମ୍ଭର ଝିଅ ବିଦାୟରେ,
ବାରିକ ରଜକଙ୍କ ଯୋଗେ,
ଇଷ୍ଟେଟ ତାଙ୍କୁ ନେଇ ଯାନ୍ତି,
ଆମ୍ଭର ଶୁଦ୍ଧି ଆଦି କାର୍ଯ୍ୟେ,
ଅନେକ ଥର ଘଟିଲାଣି,
ବାଧାହିଁ ତାଙ୍କରି ଦାନାରେ,

ପ୍ରବନ୍ଧ ବଢ଼ିବ ଅଯଥା ।
କହୁଛି ମାତ୍ର ନାମ ଧରି ।
କମାର ଗୋପ କୁମ୍ଭକାର ।
ରଜକ ତେଲି ଚର୍ମକାର ।
ଜୀବିକା ଉପରେ ପ୍ରହାର ।
ନ ଭାବି ପଛକୁ କିଞ୍ଚିତେ ।
ବର୍ଦ୍ଧିତ ହେଉଛି ସର୍ବଥା ।
ମୌଖିକ ଝଟୁ ମାତ୍ର ଥାଇ ।
ଜଙ୍ଗଲ କର ଦେଉଥାଇଁ ।
ନାହିଁ ଇଷ୍ଟେଟ ଅଧିକାର ।
ଠକିବେ ଆମ୍ଭରି ଭାଇଙ୍କି ।
ପାଆନ୍ତି ଲାଭ ସବୁ ଦିନେ ।
ଆମ୍ଭେ ହିଁ ପାଆନ୍ତେ ଶସ୍ତାରେ ।
ବିକନ୍ତି ସେ କାହିଁକି ବଳେ ।
କର ନିଅନ୍ତି କାହିଁ ପାଇଁ ।
ମହକ କର ମହୁ କର ।
କହିଲେ ସୁମରି ସୁମରି ।
ଯାହା କୌଣସି ରାଜ୍ୟେ ନାହିଁ ।
ନୁହଇ ପରା ପ୍ରୀତିକର ।
ତା'ପରେ ଦଣ୍ଡ ଭୋଗୁଥାଇ ।
ପଡନ୍ତି ସିନା ବିପଦରେ ।
ନେବାରୁ ସିନା ଅନ୍ୟାୟରେ ।
ତଲବ ଆସେ ଇଷ୍ଟେଟର,
ଗୋପାଳେ ଯାଆନ୍ତି ପଳାଇ ।
ଏପରି ଘଟେ କେତେ ବାରେ ।
ଆମ୍ଭଙ୍କୁ ବହୁବାଧା ଲାଗେ ।
ଆମ୍ଭଙ୍କୁ ଦୁଃଖରେ ପକାନ୍ତି ।
ବାଧା ତ ପଡ଼ଇ ସହଜେ ।
ଆମ୍ଭର କ୍ଷତି ହୋଇଲାଣି ।
ପଡୁଛି ଉଚିତ ବିଚାରେ ।

ଏ ରୂପେ ତାଙ୍କ ଦାନା ମାରି,
ଏ ରାଜ୍ୟ ବୁଝାବଣା ଏହି,
ପିଉନ ପାଖରେ ନ ଦେଲେ,
ବିଧା କହୁଣି ଖାଇ ଖାଇ,
ଡ଼ାକଇ ଜୀବନେ ବିକଳେ,
ସେଠାରେ ତାହାର ଲାଞ୍ଛନା
ଯେନାଏ ବାଜାଦାର ପରା,
ଚଉକି ସବାରୀ ପ୍ରଭୃତି,
ଟୋକେଇ ପେଟରାଦି ଦେଇ,
ବାଦ୍ୟାଦି କରନ୍ତି ଛପର,
ଚମଡ଼ା କର ହାଡ଼ କର,
ଦିଅନ୍ତି ବାଧ ହୋଇ ସିନା,
ଖଟନ୍ତି ସଦା କଷ୍ଟ ସହି,
ନାକିଆ କର ବେତ କର,
ଏ ଯୋଗେ ସାଧାରଣଙ୍କର,
ଆପତ୍ତି କରିବାକୁ ଗଲେ,
ମୌଖିକ କେହି ନ ଶୁଣନ୍ତି,
ଆମ୍ଭେ ଯେ ସାଦା କାଗଜରେ,
ହୃଦୟେ ଦୁଃଖ ନ ରହନ୍ତା,
ଏମନ୍ତ ସୁବିଧା ତ ନାହିଁ,
ଅଛଇ ବହୁ କଟକଣା,
ନିର୍ଦ୍ଦିଷ୍ଟ ଫାରମ ନହେଲେ,
ମୁକରି ନବସନ୍ଧା ଥାନ୍ତି,
ଇଷ୍ଟେଟଙ୍କର ଆଦେଶରେ,
ଏ ଇଚ୍ଛା ହାକିମ ବିରୁଦ୍ଧେ,
ଇଷ୍ଟେଟ କର୍ମଚାରୀ ଯେତେ,
କାହାରି ବିରୁଦ୍ଧ ପଡ଼ିଲେ,
ଏ ନବସିନ୍ଧାଙ୍କର ଗୁଣ,
ଫାରମ ପାଇଁ ଏକ ଅଣା,
ତାଙ୍କର ମଜୁରା ଅଣାଏ,

ତାହାଙ୍କୁ ଦେଉଛନ୍ତି ସାରି ।
ଭାଇ ବୋହୂକୁ ଧରି ନେଇ ।
ଗାଲତ ଫୁଲିଯାଏ ହେଲେ ।
ସେ ଦେଢ଼ଶୁର ବାଧ ହୋଇ ।
ଭାଇବୋହୂ ପଡ଼େ ଅକଳେ ।
ହୃଦୟ ବିଦାରଇ ସିନା
ସମୟେ ବଜାନ୍ତି ନାଗରା ।
ସେ ବେତବାଜି କରୁଥାନ୍ତି ।
ବେଠିରେ ଲାଗିଥାନ୍ତି ସେହି ।
ବେଠି ତ ଏତେ ଯେନାଙ୍କର ।
ନ ଦେଲେ ହୋନ୍ତି ହରବର ।
ଇଷ୍ଟେଟ ନେଉଛନ୍ତି ସିନା ।
ତଥାପି ତାଙ୍କୁ ଛାଡ଼ ନାହିଁ ।
ଇତ୍ୟାଦି ଦ୍ୟନ୍ତି ବାଜାଦାର ।
କ୍ଷତି ହେଉଛି ବରାବର ।
ସୁବିଧା ନ ପାଆନ୍ତି ଭଲେ ।
ଲେଖିବା ପାଇଁ ଆଦେଶନ୍ତି ।
ଲେଖନ୍ତେ ଯଦି ସ୍ୱହସ୍ତରେ ।
ଏପରି ବାଧା ନ ପଡ଼ନ୍ତା ।
ଅବାଧେ ଜଣାଇବା ପାଇଁ ।
ଯହିଁରେ ଆମ୍ଭେମାନେ ବଣା ।
ଲେଖା ନଯାଏ କେତେବେଳେ ।
ସେମାନେ ଦର୍ଖାସ୍ତ ଲେଖନ୍ତି ।
ଲେଖନ୍ତି ଇଚ୍ଛା ଅନୁସାରେ ।
ଲେଖଇ ନାହିଁ ପଦେ ଅଧେ ।
ନିତ୍ୟାନ୍ତ ପିଉନ ପର୍ଯ୍ୟନ୍ତେ ।
ଲେଖନ୍ତି ନାହିଁ କହୁଥିଲେ ।
ଆହୁରି କହୁଅଛି ଶୁଣ ।
ନିଅନ୍ତି ନବସିନ୍ଧା ସିନା ।
ଏ ରୂପେ ପରା ନିଆଯାଏ ।

ଏବେ ତ ବେଶୀ ହୋଇଲାଣି,
ଉପର ମତେ ଦରଖାସ୍ତ,
ଯେ ବୁଝାସୁଝା ହୋଇଯାଏ,
ଅମଲା ବିରୁଦ୍ଧେ ନିରାଶେ,
ତାହାର ଦୁର୍ଦ୍ଦଶାର ଫଳ,
ତା ଜମି ବାରି କେଣେ ଯାଏ,
ହୁଅଇ ସର୍ବଶୂନ୍ୟ ସେହି,
ଅକ୍ଷମ ଯିବା ଆସିବାରେ,
ଏପରି ଲୋକ ଏ କିଲାରେ,
ଏ ଡ଼ରେ ଆମ୍ଭେମାନେ ସିଧା,
ଆମ୍ଭରି ପାଇଁ ବାଧା ଯେତେ,
ତଥାପି ଦୁର୍ଦ୍ଦଶା ଆମ୍ଭର,
ସକଳେ ଭୋଗୁଥାଇଁ ଭାଇ,
ନ ଦ୍ୟନ୍ତି ଆପତ୍ତି କରାଇ,
ଲକ୍ଷଣ ଯେଉଁ ଇଷ୍ଟେଟର,
ତାହାର କର୍ମଚାରୀ ମାନ,
କରାଇ ଆପଣା ଦେହକୁ,
କାମର ବଶ ତେଣୁ ସେହି,
ତହିଁରେ ଯେତେକ ବିଦେଶୀ,
ପଇସା ମିଳେ ଯେଉଁ ବାଗେ,
ତେଣୁ ସେମାନେ ଆମ୍ଭ ବେକ,
ଚାକିରୀ ଟେରି ବୋଲି ଜାଣି,
ସେମାନେ ପରା ସେଥିପାଇଁ,
ସେ ଘେନି କହୁଅଛି ଶୁଣ,
ଆମ୍ଭର କର୍ମେ ଅଛି ଯାହା,
ଆପଣା ଭାଗ୍ୟ ନ ତକାଇ,
ତଥାପି ସେମାନଙ୍କ ରାତି,
ନୁଅନ୍ତି ଆତ୍ମୀୟ ସେମାନେ,
ତେଣୁ ସେ ଆମ୍ଭଙ୍କୁ ବିପଦେ,
ତଦନ୍ତେ ସ୍ୱଦେଶୀ କର୍ମୀଏ,

ଫାରମ ମୂଲ୍ୟ ବଢ଼ିଲାଣି ।
ଦାଖଲ ହୋଇଲେ ନିତ୍ୟାନ୍ତ ।
ସେ କଥା ଜାଣନ୍ତି ପ୍ରଭୁଏ ।
ଯାଏ ଯେ ସରକାର ପାଶେ ।
ଯୋଗେ ତା ଜନମ ବିଫଳ ।
ସମ୍ପତ୍ତି ସତ୍ତା ସେ ନ ପାଏ ।
ଉଦର ପୋଷି ନ ପାରଇ ।
ହୁଅଇ ଥାଇ ଜୀବନରେ ।
ଭାବ ନାହିଁ ଦେଖିବାରେ ।
ସହିଣ ନାନାବିଧ ବିଧା ।
ଭୋଗୁଛେଁ ଜାଣୁଛେଁ ସମସ୍ତେ ।
ବେଳକୁ ବେଳ ଗୁରୁତର ।
ଇଷ୍ଟେଟ ଦାଉ ଛାଡୁନାହିଁ ।
ଏ ମୁଖ ବନ୍ଧନେ ପକାଇ ।
ଅଟଇ ଏତେ ରକମର ।
ସେ ଉପାଦାନରେ ନିର୍ମାଣ ।
ଭଜିଣ ଅଛନ୍ତି ମୋହକୁ ।
ସୁପଥେ ନ ଗମନ୍ତି କେହି ।
ତାଙ୍କର ଅର୍ଥ ଲୋଭ ବେଶି ।
ସେ ପଡ଼ିଅଛି ତାଙ୍କ ବାଗେ ।
ମୋଡ଼ନ୍ତି ରଖି ଆମ୍ଭ ଟେକ ।
ନିଅନ୍ତେ କଉଶଳେ ଟାଣି ।
ଏଠାକୁ ଆସିଛନ୍ତି ଭାଇ ।
ଏ ନୁହେଁ ତାଙ୍କର ଦୁର୍ଗୁଣ ।
ସକଳେ ଭୋଗୁ ଥାଇଁ ତାହା ।
ପରକୁ ନିନ୍ଦିବା କିମ୍ପାଇ ।
ହୃଦୟେ ସଞ୍ଚାରଇ ଭାତି ।
ମମତା ରଖିବେ, କେସନେ ।
ପକାଇ ରହିଲେ ଆନନ୍ଦେ ।
ଆମ୍ଭର ପ୍ରିୟ ଭାଇ ଯିଏ ।

ତାଙ୍କର ଆମ୍ଭର ସମ୍ବନ୍ଧ,
ରହିବ ବହୁକାଳ ଯାଏ,
ସେମାନେ ପରା ଏହିପରି,
ଆମ୍ଭରି ମୁଣ୍ଡେ ଗୁଡ଼ାଇଲେ,
ଅମୁହାଁ ହୋଇ ଆମ୍ଭେ ମଲେ,
ବିପଦ ଆରମ୍ଭ କାଳରେ,
କାହିଁକି ଇଷ୍ଟେଟ ସଙ୍ଗତେ,
ଅଥବା ଇଷ୍ଟେଟ ଯତନେ,
କରନ୍ତେ ଭୀମ କଉଶଳ,
ଆମ୍ଭରି ଭାଇ ଏହା କଲେ,
ରଖିଣ ଲକ୍ଷ୍ୟ ନିରନ୍ତର,
ଧନ୍ୟ ଆମ୍ଭର ଭାଇମାନେ,
ଈଶ୍ୱର କରନ୍ତୁ ମଙ୍ଗଳ,
ଆମ୍ଭର ପିତା ଆମ୍ଭ ଦୁଃଖ,
ଏହି ଜଣାଣ ଏକତାନେ,
ପିତାଙ୍କୁ ସେହି ଆଦେଶିବେ,
ଆହୁରି ଯେତେ ଅତ୍ୟାଚ୍ଚର,
ବୃହତ ଗ୍ରନ୍ଥ ଖଣ୍ଡେ ହେବ,
ଇଷ୍ଟେଟ ଧାଇଁଛନ୍ତି ତେଣୁ,
ଆପଣମାନେ ଅସମ୍ଭାଳେ,
ସେ ଘେନି ଏତିକି ଲେଖିଲି,
ପଡ଼ିବ ଯଦି ଦରକାର,
ହାକିମ ଚିଡ଼ିଲେ ଚିଡନ୍ତୁ,
ତନୁରୁ ମାଉଁସ ଝାଡନ୍ତୁ,
ତହିଁକି ନାହିଁ ମୋର ଡର,
ଅନ୍ୟାୟ କଲି ଯେବେ ଭାଇ,
ଜୀବନ ଯଦି ଯିବ ଯାଉ,
ପ୍ରକୃତ କହୁଁ କହୁଁ ଯେବେ,


ବହୁକାଳରୁ ଦୃଢ଼େ ବନ୍ଧ ।
ବିଚ୍ଛିନ୍ନ ନ ହୋଇ ଲିତାଏ ।
ବିପଦ ରାଶି ବଳେ ଧରି,
ବିପଦ କୂପେ ବୁଡ଼ାଇଲେ ।
ସେମାନେ ରହିବେଟି ଭଲେ ।
ବୁଝାଇ ଥାନ୍ତେ ଯଦି ଥରେ ।
ଏପରି ଭାବ ଆରମ୍ଭନ୍ତେ ।
ଆମ୍ଭଙ୍କୁ ଦମନ କାରଣେ ।
ଜୀବନ ନେବ ଯେ କେବଳ ।
ନିଜର ଭାବୀ ଶୁଭଫଳେ ।
ଏ କାର୍ଯ୍ୟେ ହୋଇଲେ ତତ୍ପର ।
ଭାବନ୍ତି ଯାହା ତା' ମୁଁ ଜାଣେ ।
ଲଭନ୍ତୁ ସେମାନେ ସୁଫଳ ।
ମୋଚନେ ନୁହନ୍ତୁ ବିମୁଖ ।
ଗାଅ ହେ ବିଭୁପଦ ଧ୍ୟାନେ ।
ଆମ୍ଭର ବିପଦ ନାଶିବେ ।
ବର୍ଣ୍ଣିଲେ ସବୁ ଏ ପ୍ରକାର ।
ମାନସେ ବହୁ କଷ୍ଟ ଦେବ ।
ମାଡ଼ରେ ଦବାଇବେ ଯେଣୁ ।
ପଳାଇ ଯିବେ ପରା କାଳେ ।
ଅନ୍ୟ ଅନେକ ଉପେକ୍ଷଲି ।
ଲେଖିବି ବାକି ଅତ୍ୟାଚାର ।
କିଲାର ଭିତରୁ ତଡ଼ନ୍ତୁ ।
ନତୁବା ମସ୍ତକ ମୋଡ଼ନ୍ତୁ ।
ଭରସା ମୋ ଭାରତେଶ୍ୱର ।
ସେ ଦଣ୍ଡ ପଡୁ ମୋହ ଠାଇଁ ।
ପଛକୁ ନ ଘୁଞ୍ଚିବି ଆଉ ।
ମୋ ପ୍ରାଣ ଯାଇପାରେ ତେବେ ।

❐

ହୃଦୟର ଚହଲା ପାଣିରେ
ଆଲୋମୟ ଅପ୍ସରାର
ବିମ୍ବିତ ଛାଇ



ସୁଚିତ୍ରା ପାଣିଗ୍ରାହୀ



ନାମରୁ ଲାଗେ ମୁଁ ଚିହ୍ନିଚି ... ପୁଣି ଚିହ୍ନିନି ।

ଅପ୍ସରାମାନେ ତ ଏ ମର ଜଗତରେ ନଥାନ୍ତି... ଥାନ୍ତି କାଳେ ମାୟାମୟ ଫୁଲଙ୍କ ମେଳରେ ଆମ ହାତ ପାପୁଲିର ମେଞ୍ଚାଏ ସପନ ପରି ଅମର୍ତ୍ତ୍ୟ ଅଳକାପୁରୀରେ । ଅସମ୍ଭବ ଭାବେ ସୁନ୍ଦରୀ ସେମାନେ... ଠିକ୍ ଯେମିତି ଏଇ କବିତାମାନେ । ଗୋଟେ ନିରୀହ କବିପଣର ଖୋଳ ଭିତରେ ଛପି ବସିଥିବା ବିବାକ୍ ବାଙ୍ମୟ ରୁଦ୍ରାଭିସାରୀ କବି ବିଷ୍ଣୁ ସେଠୀଙ୍କର ଇଏ ଚତୁର୍ଥ କବିତା ସଂକଳନ । ୟା ପୂର୍ବରୁ କବିଙ୍କ ଜୀବଦ୍ଦଶାରେ ପ୍ରକାଶିତ 'ନିର୍ମାୟା ଆକାଶ ତଳେ', 'ନଈ ପାଣି ନଈ କି ଯା', ' ନିଃସ୍ୱ ମାଟିର ସ୍ୱର' ପରି ତିନୋଟି ଜୀବନ୍ମୟ କବିତା ସଂକଳନ ପ୍ରକାଶ ପାଇ ସାରିଛି । ତେବେ ଆରମ୍ଭରୁ ଏଯାବତ୍ ଗୋଟିଏ କଥା ମୁଁ ଲକ୍ଷ୍ୟ କରି ଆସୁଛି - କବି କେବେ ବି ତାଙ୍କ କବିତାରେ କଳ୍ପନା ବିଳାସୀ ଖିଆଲୀ ସ୍ୱପ୍ନର ଡେଣାରେ ଭାସି ଯାଇନାହାନ୍ତି, ଯାହା ତାଙ୍କର ଏକାନ୍ତ ନିଜସ୍ୱ ସ୍ୱର । ସେ ଆକାଶ ହେଉ କି ନଈ ହେଉ କି ଅବା ମାଟି - ପ୍ରତିଟି ଶବ୍ଦ ତାଙ୍କ ଆତ୍ମାର ପ୍ରତିବିମ୍ବ ପରି । ଆକାଶ ପରି ବିଶାଳତା... ନଈର ନିଃଶବ୍ଦ ଗତିଶୀଳତା ଆଉ ମାଟିର ଆତ୍ମିକ ସ୍ପର୍ଶରେ ତାଙ୍କର ତମାମ କବିତା ଗଢ଼ି ଉଠିଛି । ନିର୍ଭେଜାଲ ଆକାଶ ନଈର ଛଳଛଳ ଆପଣାପଣରେ କବିତାର ମାଟିକୁ ବତୁରେଇ ଦେଇଛି । କେବେ ସେ କବିତାରେ ନିଜ ଲୁହ ଓ ସ୍ୱେଦର ସ୍ପର୍ଶ ଦେଇ ତାକୁ ଅଧିକରୁ ଅଧିକ ଆପଣେଇ ନେଇଛନ୍ତି ତ ଆଉ କେବେ ସେଇ କବିତାମାନଙ୍କର ଛାଇ ତାଙ୍କୁ ଆପଣାପଣରେ ଛୁଇଁ ଯାଇଛନ୍ତି । ତେବେ ସବୁ କବିତାକୁ ଯଦି ଚିପୁଡ଼ି ଦିଆଯିବ ତେବେ ନିଶ୍ଚେଁ ସେଥିରୁ କିଛି ରକ୍ତ କି ଲୁହ ଝରି ଆସିବ, ଯାହା ତାଙ୍କର ସବୁ କବିତା ଭିତରେ ଗୋଳେଇ ହେଇ ରହିଛି ।

କବିତାମାନେ ତାଙ୍କ ହାତରେ ଲେଖା ଦେଇ ନାହାନ୍ତି । ତାଙ୍କ କବିତା ପଢ଼ିଲେ ମନେହୁଏ - ତାହା ଯେମିତି ତାଙ୍କ ଆତ୍ମାର ଛଟପଟପଣ, ତାଙ୍କ ଶୋକ, ଦୁଃଖର ନିରବ ନିଶ୍ୱାସ । ସବୁ କିଛି ସର୍ତ୍ତହୀନ ବେସାଲିସ୍ ଆତ୍ମାର ମନ୍ତ୍ରୋଚ୍ଚାରଣ ଯେମିତି ! କୋଉଠି ଟିକେ ବି ଛଳନା କି ମିଛ ନାହିଁ । ସୁନାରେ ଖାଦ ନ ମିଶାଇଲେ ଗହଣା ସିନା ଗଢ଼ିହୁଏନି, କବି କିନ୍ତୁ ନିରୋଳା ଆଉଟା ଦୁଃଖ, ଯନ୍ତ୍ରଣା ଓ ହାହାକାରକୁ ହୃଦୟର ଜଳନ୍ତା ଚୂଲିରେ ରଖି ଯେତେ ପାରିଛନ୍ତି କବିତା ନିଗାଡ଼ି ଆଣିଛନ୍ତି । ସେଥିପାଇଁ ତ ତାଙ୍କ କବିତା ଅନ୍ୟ ଅନେକଙ୍କ କବିତା ପରି ନୁହେଁ । ତା'ର ଗୋଟେ ନିଜସ୍ୱ ବାସ୍ନା ଅଛି, ଶୈଳୀ ଅଛି - ଯାହା ଛାଁ କୁ ବାରିହେଇପଡ଼େ । ତମାମ ଜୀବନ ଲୋକଟେ ନିଜକୁ ରକ୍ତ କରି, ନିଜ

ଆଙ୍ଗୁଳିକୁ କଲମ ପରି ଛାତିର କାଗଜ ବଖରାରେ ଉତାରି ଚାଲିଲା ପୃଷ୍ଠା ପରେ ପୃଷ୍ଠା କବିତା । ମାଟିର ମଣିଷକୁ ବୁଝୁଥିବା, ସେଇମାନଙ୍କ ପାଇଁ ଯୁଝୁଥିବା ଅତି ସାଧାରଣ ମଣିଷଟିଏ କବି ବିଷ୍ଣୁ ସେଠୀ । ତେଣୁ ତାଙ୍କ କବିତାରେ ଆଧିଭୌତିକତା ବା ସଂଚରଣଶୀଳ ବ୍ୟାକରଣ ନ ଥାଏ, ଥାଏ ଖାଲି କାରୁଣ୍ୟର କୋମଳ ଲାବଣ୍ୟ, ଲୁହର ନରମ ଇସ୍ତାହାର, ସଂବେଦନାର ସଂଘାତ ଆଉ ସହାନୁଭୂତିର ସହଜପଣ । ଏଇ ସବୁ ହିଁ ବିଷ୍ଣୁଙ୍କ କବିତାର ବୈଭବ । ସାମାଜିକ ବ୍ୟବସ୍ଥାର ବିକଳ ମାନଚିତ୍ରକୁ ତାଙ୍କରି କବିତାରୁ ବେଶ୍ ପ୍ରତ୍ୟକ୍ଷ କରିହୁଏ । କବିଟିଏ ଯେ ସମାଜରୁ ବାହାରେ ନ ଥାଏ, ସେ ଯେ ସମାଜର ଗୋଟେ ଅଭିନ୍ନ ଅଂଶ । ତା କଥାରେ ବ୍ୟଥାରେ ଲୁହରେ.... ଲୁହରେ ସେ ସେଇ ସମାଜର ଚିତ୍ରହିଁ ଲୁହରେ... ଲୁହରେ ସେ ସେଇ ସମାଜର ଚିତ୍ର ହିଁ ଆଙ୍କି ଚାଲିଥାଏ । ସେ ତିଳ ତିଳ କରି ଏ ସାମାଜିତାର ଅଭିଶାପକୁ ଭୋଗେ, ତା' ଆର୍ତ୍ତନାଦକୁ ଶୁଣେ, ଶୋଷିତର କୁଣ୍ଠିତ ତୃଷାକୁ ସେ ହିଁ ନିବାରଣ କରିଥାଏ । କବି ପରା ଯାଯାବର । ତା'ର ନିଜସ୍ୱ ନୀଡ଼ କାହିଁ... ଯେବେ ସେ ଯେଉଁଠି... ସେଇ ତା'ର ଘର ଆଉ ସେ ସେଇ ଘରର ।

ତେଣୁ କେବେ କବି ରେବୀକୁ ଦେଖିଛନ୍ତି ତ କେବେ କୁନ୍ଦୁଲିକୁ ଭେଟନ୍ତି ତା ଗାଁରେ, କେବେ ପୁଣି କାମିନୀ ମଣ୍ଡଳକୁ ଚିହ୍ନି ପକାନ୍ତି ସୋନାଗାଛିର ଗଳି ମୁଣ୍ଡରେ । ଏମାନେ ତାଙ୍କ ପାଇଁ ଖାଲି ଗୋଟେ ଗୋଟେ ନାମଧାରୀ ମଣିଷ ନୁହନ୍ତି । ସେମାନଙ୍କ ନାଁ ପଛରେ ଯେଉଁ ରକ୍ତ ଲୁହର ଅନ୍ତଃସ୍ୱର ଛପି ରହିଛି, କବି ତାକୁ ନିଜେ ଅନୁଭବିଛନ୍ତି । ସେମାନେ ଯେମିତି ତାଙ୍କରି ରକ୍ତର ଭଉଣୀ କି ଝିଅ ! ସେତିକି ନିଜପଣ ନେଇ ତାଙ୍କୁ ଭଲ ନ ପାଇଥିଲେ ଏତେ ଆବେଗଭରା ପଂକ୍ତି ସବୁ କ'ଣ ଉତୁରି ଆସି ପାରିଥାନ୍ତା ! ହେଇଟି ଦେଖାଯାଉଛି ପରା ତାଙ୍କ ରେବୀ । "ଆଲୋକମୟ ଫସିଲଟିଏ...

ଯିଏ ଚେଇଁ ଉଠେ ସବୁ ଜହ୍ନରାତିରେ
ଜାଳି ଦେବାକୁ ସ୍ମୃତି ଦୀପଟିଏ

ନିଅଂଶୀ ଡିହରେ । (ପୃ - ୧୨) ତ ପୁଣି କେତେବେଳେ ରେବୀ ତାଙ୍କର ଦପ୍ ଦପ୍ ଗଳୁଥିବା ଚୁଲିର ସ୍ୱପ୍ନିକ ଭାତ ହାଣ୍ଡିଏ ! ରେବୀ ତ ମରି ବି ମରିନି । ଆଲୋକିତ ଫସିଲଟିଏ ହେଇ ତା'ର ଅସ୍ତିତ୍ୱ ଏବେ ବି ଜାହିର କରି ଚାଲିଚି । ଯେମିତି "ପାଞ୍ଚ ହଜାର ବର୍ଷ ତଳେ
ମୁଁ ଦ୍ରୌପଦୀ ଥିଲି
ଏବେ ମୁଁ କୁନ୍ଦୁଲି । (ପୃ - ୨୩)

କେହି କାହାଠାରୁ ଅଲଗା ନୁହେଁ । ଦ୍ରୌପଦୀ ହିଁ କୁନ୍ଦୁଲି, ପୁଣି କୁନ୍ଦୁଲି ବି ଦ୍ରୌପଦୀ । ଯାହା ପୁରାଣର ପୃଷ୍ଠା ଚିରି ଉଲୁରି ପଡ଼ିଛି ବର୍ତ୍ତମାନର ସଂବାଦପତ୍ର ବୁକୁରେ । ସମୟର ନଖଦାନ୍ତରେ ବିଦୀର୍ଣ୍ଣ ତା'ର ବୁକୁ । ତା' ଧର୍ଷିତା ଦେହକୁ କିଏ ଆଜି ବେଢ଼େଇ ଦେବ ସହସ୍ରେ ଆବରଣରେ ! କିଏ ଠିଆ ହେଇ ପୋଛିଦେବ ତା ରକ୍ତାକ୍ତ ଦେହ

ମୁହଁକୁ ? କମିଶନ୍ କ'ଣ ସେ କମା କରିପାରିବ ? କବି ଠିକ୍ ଠଉରେଇଛନ୍ତି ଏତମାମ ସମାଜର କୁଟୀଳ କାରସ୍ତ୍ରାଦୀକୁ । ତାଙ୍କ ଅନ୍ତର ତଳର ବିଦ୍ରୋହର ଯେ ନିରବ ନିର୍ଯ୍ୟାସ । ସେ ଜାଣନ୍ତି ତାଙ୍କ କାନ୍ଧେଇବାକୁ ହେବ ଦୁଃଖ ଯନ୍ତଣା ସ୍ୱପ୍ନ, ସ୍ମୃତି ସମୟର ବାହୁଙ୍ଗୀରେ ମଝିମଝିକିଆ ଥାନରେ ଏବଂ ଗାଇବାକୁ ହେବ ଦରଦୀ ଜୀବନର କାହାଣୀ । ସମୟର ଏଇ ନିରବ ନିଃଶ୍ୱାସ ବୋଧେ ତାଙ୍କୁ ଭଲ ପାଇବା ଶିଖାଇଥିଲା, ଶିଖାଇଥିଲା ବି କବିତା ଲେଖିବାକୁ । ନିଜଠାରୁ ନିଜକୁ ଛଡ଼େଇ ନେଇ ପ୍ରତିଟି ନିଶ୍ୱାସରେ ଅବିଶ୍ୱାସର ବାସ୍ନା ଢ଼ୋକୁଛନ୍ତି କବି, ତଥାପି ନିର୍ବେଦ ରହି ପାରୁ ନାହାନ୍ତି । ନିଜକୁ ନିଜ ଚାରିପାଖକୁ ଚାହିଁଲା ବେଳକୁ ତାଙ୍କ ନିଲଠା ଜୀବନ ତାଙ୍କୁ ଠୋ ଠୋ ହସି ଘଉଡ଼ାଇ ଦଉଚି ସ୍ୱପ୍ନର ନଈପଠାରୁ ଅବିଶ୍ୱସ୍ତ ଗାଁ ଦାଣ୍ଡକୁ । ଯୋଉଠି ଦଶରା ମେଢ଼ରୁ ମାଙ୍କୁ ସେ ଆର୍ତ୍ତି ବାଢ଼ନ୍ତି - ଦେ ମା ମେଢ଼ ଉପରୁ ଫୋପାଡ଼ି ଦେ... ଘୁମରି ପାରାଙ୍କୁ ଚାଉଳ ଫୋପାଡ଼ିଲା ପରି.... ମୁଠା ମୁଠା ଆଶୀର୍ବାଦ । (ପୃ - ୨୭)

ସଂକଳନର ଏକ ଆବେଗସ୍ପନ୍ଦିତ କବିତା 'ଝିଅ' (ପୃ - ୨୯) ଝିଅଟିଏ କେତେ ଆଶା... ଆଶ୍ୱସେନାର ରଂଗୀନ ରେଶମୀ ରିବନ ବାନ୍ଧେ ଝିଅ । ହେଲେ ଆଜି ସମୟର ବୁଢ଼ୀ ଅସୁରୁଣୀ ତା ମୁନିଆ ନଖ ଦାନ୍ତରେ ବିଦାରି ଦେଉଛି କଅଁଳ କଢ଼ିର ପାଖୁଡ଼ା ଭିତରୁ ଝିଅକୁ.... ସେତେବେଳେ ବାପଟିଏ କେତେ କାହାକୁ ନେହୁରା ହେବ ! ଝିଅକୁ କୋଉ ସତତାଳ ପାଣି ପଙ୍କ ଓ ଫରୁଆରେ ପୁରେଇ ଲୁଚେଇ ରଖିବ ! ଝିଅପରା 'ଯେଉଁ କାଠ ଶୁଖି ଶୁଖି ଥିବ, ନିଆଁ ଛୁଇଁ ଦେଲେ ଜଳଇ / ବଢ଼ିଲା ଝିଅ ତ ଘିଅ କାଠ ପରି, ବଉଁଶ ବୟସ କି ମାନଇ ।' (ପୃ - ୩୦) ଏତେ ଅନିଭୋଗ ପରେ କବି ଅପେକ୍ଷା କରେ ତା' ଅକ୍ଷିତ କୁଡ଼ିଆର ଅଗଣାକୁ ଆସିବେ କି ମା' । ବ୍ୟାକୁଳ ହୋଇ ପଚାରେ 'କେତେଦିନ ପରେ ତୁମେ ଆସିଚ ? ଦେବୀ, କେତେଦିନ ପର ଆସୁଚ ।' (ପୃ - ୩୧) କାଳେ ଦେବୀ ଆସିଲେ ଏ ବସୁନ୍ଧରାର ଝିଅମାନେ ଆଶ୍ରା ଟିକେ ପାଇଯିବେ ! କବି ତୁମକୁ ଖୋଜୁଥାଏ ଦେବୀ, ଅନ୍ତରୀକ୍ଷରୁ ମହାଶୂନ୍ୟକୁ"ସେ ଖୋଜିବାର ଅନ୍ତ କାହିଁ !

କବି ତ ଏଇ ଧୂଳିମାଟିର ଅତି ସାଧାରଣ ମଣିଷଟେ । ସିଏ ବି ଶରତର ଜହ୍ନ ଦେଖେ, ବୈଶାଖର ଖରାରେ ଧଇଁ ସଇଁ ହେଇ ଝାଳ ପିଇ ଗଛ ଛାଇରେ ବସେ, ପୁଣି ଭୋଦୁଅ ଜମିରେ ଆଣଶୁଆଣୀ କାଦୁଅରେ ପଶି ଧାନ ତଳି ପକାଏ । କୁଙ୍କୁରି ହୁଏ ମାଘ ମାସ ଜାଡ଼ରେ ଧାନ ଖଳାରେ ଖରା ପିଠିଆ ହେଇ ବସେ । ସବୁକିଛି ସେ ଭୋଗେ ଏଇ ସାଧାସିଧା ମଣିଷମାନଙ୍କ ମେଳରେ । ମେଳାରେ ଥାଏ, ମେଳା ବାହାରର ମଣିଷ ସେ ନୁହେଁ । ତେଣୁ ତା' ଆଖିରୁ କୁନ୍ଦୁଲିର କାନ୍ଦଣା ବାଦ ଯାଏନି କି, ଘର ଖଣ୍ଡେ ପାଇଁ ଯାଜପୁରରେ ଦୁଃଖିନୀ ପତି ପରିତ୍ୟକ୍ତାଟିର ଇଜ୍ଜତ ଲୁଟିଯିବା ଘଟଣା ବି ଛପି ରହେନି । ସମାଜ ମୁଖିଆଙ୍କ ମୁଖା ପିନ୍ଧା ଚେହେରା ତଳୁ ସବୁ ସେ ପଢ଼ି ପାରନ୍ତି । ସବୁ ଦିଗେ ତାଙ୍କୁ ଜଳ ଜଳ ହୋଇ । ତେଣୁ ତାଙ୍କ ଭିତରେ ଅସନ୍ତୋଷ, କ୍ଷୋଭର ନିଆଁ ହୁତୁ ହୁତୁ ଜଳୁଥାଏ

ଅହରହ । ସେଇସବୁ କୁହୁଳା ନିଆଁର ଧୂଆଁ ଯେତେବେଳ ତାଙ୍କୁ ଆକ୍ରାମାକ୍ରା କରେ, ଭଜନ୍ତରି ହୋଇ ଖଣ୍ଡେ ଅଧେ କବିତାର ଧାଡ଼ି ତାଙ୍କ ବେଦନାର୍ତ୍ତ ବୁକୁ ଭେଦି ବାହାରକୁ ଛିଟିକି ଆସେ । ସେଇସବୁ କବିତା ଭିତରେ କେତେକେତେ ଉଜୁଡ଼ା ଜୀବନ କାହାଣୀ ମୁହଁଛପା ଦେଇ ଲୁଚିଯାଉଥାନ୍ତି । ଥରେ ଏଇ ବହିର ପୃଷ୍ଠାମାନଙ୍କରେ ଆଖି ପହଁରେଇ ଆଣିଲେ ସେ କଥା ସ୍ପଷ୍ଟ ଦିଶିଯାଏ । କବିତା ଆଉ କ'ଣ କି ? ସେଇ ଛିଣ୍ଡା ଛିଣ୍ଡା ଜୀବନର ଛିନ୍ନ ବୀଣା ତାର ଭଳି ଖଣ୍ଡିତ ସ୍ୱର ତ ! ଯାହାର ସ୍ୱର ଲହରର ତାଳଭଗ୍ନ ହେଇ ଯାଇଛି । ଯୋଉଠି ତାଳ ପଡ଼ିଛି ସେଇଠି କବି ବେଦନାର ବଂଶୀସ୍ୱର ହେଇ ବାଜି ଉଠିଛନ୍ତି । ଲାଗୁଛି, ସେଇଥିପାଇଁ ଏ ସଂକଳନସ୍ଥ ପ୍ରାୟ ପ୍ରତ୍ୟେକ କବିତାର ପ୍ରଚ୍ଛଦରେ ଏମିତି କିଚି ମୁହିଁ ଲୁଚି ରହିଛନ୍ତି ଯୋଉମାନଙ୍କୁ ଆମେ ସମସ୍ତେ ଦେଖି ପାରୁଛୁ ସିନା କିନ୍ତୁ ମନରେ ସେତିକି ବହପ ନାହିଁ ତାଙ୍କୁ ପିଠି ଥାପୁଡ଼ାଇ ଦେଇ ଉଠେଇ ଠିଆ କରିବାକୁ । ତା' ଭଙ୍ଗା ଡେଣାରେ ପୁଣିଥରେ ଉଡ଼ାଣର ସ୍ୱପ୍ନ ଭରିବା ପାଇଁ । କବି ତ ନିଆଁକୁ ବି ହାତମୁଠାରେ ଭରିବାର ଆସ୍ପର୍ଦ୍ଧା ରଖନ୍ତି । କହନ୍ତି - 'ଚାଷ ଜମି କାହାର / ଚଷୁଛି ବା କିଏ / ହଳ ତୋ: ଜମି ନୁହେଁ / ଖଳା ଯେମିତି ତୋ: ବସ୍ତା ନୁହେଁ / କଣ୍ଢା ମେସିନ ତୋର: ଟଙ୍କା କେବେ ନୁହେଁ । ତୋ ଆରମ୍ଭ ଶେଷର ନଥାଏ ଠିକଣା×××ଅଭାବୀ ପଣର ସୁଦର୍ଶନ ପଟ୍ଟନାୟକ / କିମ୍ବା ଚୂଡ଼ାମଣି ଦାସ / ନଚେତ କବିତା ଲେଖିଥିବା ସଚ୍ଚି ରାଉତ୍ରା କିମ୍ବା ଅଧିକାରୀ ଦିବ୍ୟସିଂହ ଦାସ । ଯେଉଁ ମାନଙ୍କର ଜମିବାଡ଼ି ମାଲିକାନା ଥାଏ ଆଇରନ୍ ଚେଷ୍ଟର ଶରୀର ଭିତରେ ହୃଦୟ । (ପୃ - ୧୩୦) କବିତା ତେଣୁ କବିଙ୍କ ତମାମ ନିଃଶ୍ୱାସର ନିଃସଙ୍ଗ ଦଲିଲ ××× ବେଓ୍ୱାରିସ ଫାଇଲ ××× କେବେ ଭେଟ ହେବ ଈଶ୍ୱର / ତାହା ମୋତେ ଜଣା ନାହିଁ । (ପୃ - ୧୦୯) ତାଙ୍କୁ କିନ୍ତୁ ଜଣା ଅଛି, 'ଜୀବନ ଖେଳ / ଭାରି ଗୋଳମାଳ / ଜିତୁ ଜିତୁ ହାରିଯିବା / ହାରୁ ହାରୁ ଜିତିଯିବା / ନିଃଶ୍ୱାସକୁ କି ଭରସା ହେ / ନିମିଷକେ କରିଦିଏ ସବୁ ଅଚଳ ।' (ପୃ - ୧୦୭) କି ସମ୍ମୋହନ ଥାଏ ଏ କବିତାରେ କେଜାଣି କବି ନିଇତି ରାତି ଅଧରେ ଶୋଇଲା ଶେଯରୁ ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ଉଠିଆସେ କାଗଜ କଲମ ପାଖକୁ । 'ସେ ନିଜେ ବି ଜାଣେନି / କବିତାର ପ୍ରତି ପଂକ୍ତି ଲାଗୁଥାଏ / ଦେବକୀର ପ୍ରସବ ବେଦନା×××କବି ତ ଜନ୍ମଦିଏ ଅସଂଖ୍ୟ....., ସେ କ'ଣ ଜାଣିଥାଏ ତହିଁରୁ ଉତୁରି ଆସିବେ ସ୍ୱୟଂ ନାରାୟଣ । (ପୃ - ୧୦୨) ଖଟିଖିଆ ଧାନ ସାଉଁଟା ଝିଅ ଆଖିରେ ତଥାପି ଆଖିଏ ସ୍ୱପ୍ନ । ସେ ଭାବେ 'ଶୀତ ଦିନ ଖଳାରେ ଲକ୍ଷ୍ମୀ ଭଣ୍ଡାର ଭରିଗଲା ପରି / ଶୀତ ଦିନ ଆସନ୍ତା କି ସବୁଦିନ / ଗତରଖିଆ ମଣିଷଙ୍କ ଆଖିରେ ଆଖିଏ ସପନ । (ପୃ - ୧୦୩) କବି ଯେ ପ୍ରକୃତରେ ଚାଷୀଟିଏ, ଏକଥା ବୁଝି ହୁଏ ତାଙ୍କ କବିତାର ଏଇ ଧାଡ଼ିରେ, 'ଧାନ ଖଳାରେ ବିଜେ ଲକ୍ଷ୍ମୀ ଠାକୁରାଣୀ / ତମାମ ଧାନକ୍ଷେତରେ ବିଧବାର ଶୂନ୍ୟତା' (ପୃ - ୧୦୩) ସତରେ ତ ଯେବେ ଲକ୍ଷ୍ମୀମା କ୍ଷେତରୁ ଆସି ଖଳାରେ ବିଜେ ହୋଇଯାନ୍ତି, ଧାନ କ୍ଷେତର ଅବସ୍ଥା ନିଆଶ୍ରୀ

ନିରିମାଖୀ ବିଧବା ଭଳି ହୋଇଯାଏ ନାହିଁ କି ? ଜଣେ ପୋଖତ ଚଷା ହିଁ କେବଳ ଏଇମିତି ଅନୁଭବ କରିପାରେ ।

ପୁଣି ଅତର୍କିତରେ କବିତାର ଧାଡ଼ିସବୁ କେମିତି ଛଳଛଳ ହେଇ ଝରି ଆସିଚି ତା'ର ଗୋଟିଏ ଝଲକ 'ଦେଖି ଦେଲେ ତୋର / କପାଳେ ସିନ୍ଦୂର / ସୃତିର ଜହ୍ନ ଉଇଁ ଆସେ ××× ସବୁ ସଂଜଲାଗେ / ମଧାହ୍ନର ଜଞ୍ଜାଳ / (ପୃ - ୯୮) କିମ୍ବା 'ଫେରେଇ ଦେଇଛି ତୁମ ବେଉରା / ପବନର କାନରେ ତୁମ ଗାଁ ମୁଣ୍ଡ ନଇପଠା ପର୍ଯ୍ୟନ୍ତ / ଯେଉଁଠି ସକାଳର କାକର / ଓଦା ସଡ଼ସଡ଼ ହୋଇ ବନ୍ଧୁକୁ ଉଠେ / ତା'ପରେ ବିସ୍ତରି ଯାଏ ସଚରାଚରେ । ××× ଅନେକ ଦିନ ହେଲା କୋଇଲି ଆସିନି / ଆମ ଗାଁ ଆଡ଼େ ତୋଳି ତୋଳି / ପଞ୍ଚମ ରାଗର ରିୟାଜ । (ପୃ - ୧୦୦) । ଆଉ କେବେ ସେ ପରିବର୍ତ୍ତନର ଆଭାସ ଦେଖିଛନ୍ତି ତାଙ୍କ ଆଖପାଖରେ, ଏଇ ଯେମିତି 'ପକ୍ଷୀମାନେ ଘର ଓଳିତଳେ କି / ମେଞ୍ଚୁଆତି ଗଛ ଡ଼ାଳରେ । ଆଉ ବାନ୍ଧୁ ନାହାନ୍ତି ବସା / ଗୋରୁ ଗୁହାଳ ଯେ ଦିନରୁ ମହର୍ଗ ହେଲାଣି / ସମଗ୍ର କଲୋନୀ ସାରା (ପୃ - ୧୧୬) । ପୁନଶ୍ଚ ଆଉଠାଏ ସେଇ ପରିବର୍ତ୍ତନର ଚିତ୍ର ସଭିଙ୍କର ତ ଦିନ ବିତୁଛି / ଆତଙ୍କର ସୂର୍ଯ୍ୟୋଦୟରେ / ସବୁଆଡ଼େ ଶକୁନୀୟ ସମୟର ଅଦେଖା ଯନ୍ତ୍ରଣା (ପୃ - ୧୧୭) । ସେ ସଚେତନ ନିଜ ସମାଜ ବାବଦରେ । କେବଳ ନିଜ ଖିଆଲରେ ସେ ବାଦ୍‌ଶା ନଥିଲେ, ବରଂ ଥିଲେ ଜଣେ ଦରଦୀ ମଣିଷ । ଗଛଲତା ଠାରୁ ଆରମ୍ଭ କରି ମଣିଷ ପଶୁ - କେହି ବି ତାଙ୍କ ନଜରରୁ ବାଦ୍ ଯାଇ ନାହାନ୍ତି । ଗଛକାଟି ଜଙ୍ଗଲ ପଦା କରିବାର ଦରଜକୁ ସେ ଯେତିକି ଭୋଗିଛନ୍ତି, ସେମିତି ବି କଷ୍ଟ ପାଇଛନ୍ତି କଳାହାଣ୍ଡିରେ ପିଲା ବିକ୍ରି ହେଲେ କି ଦାନ ମାଈ ତା'ସ୍ତ୍ରୀର ମଲାଶବ କାନ୍ଧେଇ ଗାଁ ମୁହାଁ ହେଲାବେଳେ । ଜଣେ ଦୁଃଖୀ ମଣିଷର ମଣିଷ ପଣିଆରେ ସେ ନିଜ କବିତାକୁ ନିବିଡ଼ କରିପାରିଛନ୍ତି । ଏମିତି କି ଦିଅଁଙ୍କୁ ବି ସେ ଛାଡ଼ି ନାହାନ୍ତି । ତାଙ୍କୁ ବି ସାକ୍ଷୀ କରିଦେଇଛନ୍ତି ସମାଜର ସବୁ ଦୋଷ / ଦୁର୍ଗତିର । 'ଜାଣିଛ କି ମହାବାହୁ ! ଶେଷରେ ମାମଲା ସୁପ୍ରିମ କୋର୍ଟରେ / ନାଲିଶ ହୁଏ / ତୁମେ ସେଇମିତି ହସୁଥାଅ / କୁଟୀଳ ଓଠରେ / ହସି ହସି କହୁଥାଅ / ××× ସବୁ ତ ମୋ ଭିଆଣ ସଂସାର / ମୋ ନିର୍ନିମେଷ ନୟନ ଗହ୍ୱରେ ।' (ପୃ - ୧୨୪) କବିର ଭାଗ୍ୟରେ ଚିରକାଳ ଲେଖା ନିଃସଙ୍ଗତା । ସେ ଯେ ଚିରଦିନ ଏକା । ଏକଥା ବି ସେ ନିଜେ ଜାଣନ୍ତି । 'କଅଁଳ ପତ୍ରର କନ୍ୟାଦି / ସୃଜନ ସହୋଦରମାନେ / ହାତ ଛାଡ଼ି ଦେବେ କେଇପଦ ଲୁହରେ ସେତେବେଳେ ମୁଁ ଥିବି ଏକା ଏକା ମୋ ସମାଧି ମଧ୍ୟରେ ।' (ପୃ - ୧୨୫) ଯିଏ ସବୁ କିଛି କରେ ସେତ ଚିରକାଳ ନିର୍ବାସନରେ ଥାଏ, ଠିକ୍ କବିଟିଏ ପରି । କବିର ସବୁଥାଏ ପୁଣି କିଛି ନ ଥାଏ । ଯେମିତି କିଛି ନଥାଏ ନଗଡ଼ାର । ସେଠି ହ୍ୟାଣ୍ଡେଲ ବିହୀନ ନଳକୂପ, କ୍ଷୁଧାର ଈଶ୍ୱର ଶିଶୁଙ୍କ ଅସ୍ଥିକଙ୍କାଳସାର ଶରୀର ଥାଏ । ସମୟର ଉଡ଼ାଣରେ ସେ ପହଞ୍ଚି ଯାଇଛନ୍ତି ଏଠି ସେଠି ସବୁଠି ।

କବି ଚରାଚର ବିଶ୍ୱର ପ୍ରତ୍ୟେକଙ୍କୁ ଭୋଗିଛନ୍ତି । ସେ ପତିତା ହେଉ କି ହେଉ ଅବା ଦଳିତ । 'କି ଦୋଷ କି ପାପ କରିଥାଏ / ଦଳିତ ଯେ / ସବୁ କଥାରେ ସବୁଆଡ଼େ / ଦୂରଦୂର ଖିନ ଖିନର ଉଚ୍ଚାରିତ ଶବଦ୍ । ସାଂକୁଡ଼ି ଯାଉଥିବା ପ୍ରତି ସକାଳର ସୂର୍ଯୋଦୟ ।××× ଦଳିତ ଏକ ଛନ୍ଦ ବିହୀନ କବିତା / ଦଳିତ ପାହାନ୍ତି ଟ୍ରେନକୁ ଅପେକ୍ଷାରତ ଚାବାଲାଙ୍କ ପ୍ରତିନିଧି । (ପୃ - ୧୪୬) । ଈଶ୍ୱରଙ୍କୁ ଭକ୍ତି ନୁହେଁ ଭାବରେ ସେ ବୁଝିଥିଲେ । କେତେ ସୁନ୍ଦର ଭାବରେ ତେଣୁ ସେ 'ସବୁ ଆସନ୍ତା କାଲି ତୁମ ପାଦ ତଳେ / ସବୁ ଗତକାଲି ତୁମ କୋଇଲି ବୈକୁଣ୍ଠେ / ସବୁ ବର୍ତ୍ତମାନ କେବଳ / ତୁମ ଯୁଗଳ ସ୍ଥିର ନୟନରେ ।'(ପୃ -୧୪୯) ଲେଖିପାରିଛନ୍ତି ।

କବି ବିଷାଦରେ ମଗ୍ନ ମଉନ ସତ, ହେଲେ ତା'ରି ଭିତରେ ବି କେବେକେବେ ସ୍ୱପ୍ନ ଦେଖିବାକୁ ଭୁଲନ୍ତିନି । ଅନ୍ଧାରର ବକ୍ଷ ବିଦୀର୍ଣ୍ଣ କରି ଆଶାର କିରଣକୁ ଡାକି ଆଣିଛନ୍ତି । 'ଅନ୍ଧାରରୁ ଆଲୋକକୁ / ଆସୁଥାଏ ଜୀବନ / ଅନ୍ଧାରକୁ ବିଦୀର୍ଣ୍ଣ କରି / ଉଇଁ ଆସନ୍ତି ସୂର୍ଯ୍ୟ' (ପୃ - ୧୩୫) । ଜୀବନ ଏଠି ସୂର୍ଯ୍ୟ ଭାବରେ ପ୍ରତୀକାୟିତ । ତା' ନୋହିଥିଲେ ପୁନଶ୍ଚ ଲେଉଟିବା ପ୍ରତିଶ୍ରୁତି ଦେଇ ନଥାନ୍ତେ ।

କେତେକ କବିତାରେ ଏତେ ସୁନ୍ଦର ଯତିପାତ ହେଉଛି ଯେ ଲାଗେ ସେଇ କବିତାମାନେ ଆପେ ଛନ୍ଦୋବଦ୍ଧ ଭାବେ ଝରି ଆସିଛନ୍ତି କବି ଲେଖନୀରୁ । 'ପଶିଲେ ପାଣି / ନିରୀହ ଜୀବନ ନିଅଇ ଟାଣି / କୋଇଲା ଖଣି / ଅତଡ଼ା ଖାଏ / ବନଜାତି ସେ ସମାଧି ନିଏ / କୋଇଲା ଖଣି / ସବୁ ବି ଜାଣି / ପେଟ ପୋଷିବାକୁ ବେଲ୍‌ଚା ମାରେ / ଘରକୁ ଫେରେ । (ପୃ - ୧୪୦) କବିତାରେ କବି ଚମତ୍କାର ଦର୍ଶନଟିଏ ଉତାରି ଦେଇଛନ୍ତି । 'ଯୁଦ୍ଧ ପଡ଼ିଆରୁ ବେଳେବେଳେ ଯୁଦ୍ଧାଭ୍ୟାସ ଉତୁରି ଆସେ ଦାମ୍ପତ୍ୟ ଶଯ୍ୟାକୁ ମୋହିନୀ ସଦୃଶ । ଅର୍ଥାତ୍ ... ଯୁଦ୍ଧ ଓ ଦାମ୍ପତ୍ୟ ଭିତରେ ବିଶେଷ ପାର୍ଥକ୍ୟ ନାହିଁ । କବିଙ୍କ ମତରେ ।

କବିଙ୍କର ଶବ୍ଦଚୟନ ବଡ଼ କୁଣ୍ଠିତ । ତେବେ କେତେଗୁଡ଼ିଏ ଶବ୍ଦପ୍ରତି ତାଙ୍କର ଅଶେଷ ଦୁର୍ବଳତା । ଏଇ ଯେମିତି ରାତି, ବୟସ୍କ, ଇଜଲାସ । ଏପରିକି ରାତିକୁ ନେଇ ପ୍ରାୟ ନଅଟି ଭିନ୍ନ ଭିନ୍ନ କବିତାର ସ୍କେଚ୍ ଆଙ୍କିଛନ୍ତି ଏଇ ସଂକଳନରେ । କେବେ ରାତି ପାଇଁ ତାଙ୍କୁ ଉଚ୍ଚାଟ କରୁଛି ତ କେବେ ସେ ରାତିକୁ ନେହୁରା ହୋଇଛନ୍ତି ଶୀଘ୍ର ସରିଯିବା ପାଇଁ । ଆଉ କେବେ ସେ ରାତି ହେଲେ ମାତୃଗର୍ଭରେ ସଂଚରି ଯାଆନ୍ତି । ରାତି ତାଙ୍କୁ ତା' ମୁଲାୟମ କୋଳରେ ଝୁଲାଏ । ତାଙ୍କର ଅତିପ୍ରିୟ ଏଇରାତି ଯାହା ମାଆପରି ଏକାନ୍ତରେ ତାଙ୍କୁ ଯୋଚିଦିଏ ଗଭୀର ନିଶା ପ୍ରହରରେ ତା'ର ସକଳ ଶରୀର । କେବେ ପ୍ରେମରେ ଝୁମିଥିଲେ କବି ଯେ ତାଙ୍କୁ ଲାଗେ ରାତି ହସେ କଇଁଫୁଲ ପରି, ସେ ରାତିରେ ଜହ୍ନ ହସେ ହାଇସ୍କୁଲ ବେଳର ପ୍ରେମିକା ପରି । ସତରେ କବି କ'ଣ କରି ନପାରେ ! ନିଜକୁ ଜହ୍ନ ଓ ରାତିର ମିଳନ ବିନ୍ଦୁରେ ଶରଣାର୍ଥୀଟିଏ ବି ସଜେଇ ଦେଇପାରେ । ଆଉ କେବେ ଭୁଲ ଠିକଣାର ଚିଠିପରି ରାତି ଫେରିଯାଏ ତାଙ୍କ ତମାମ ଜୀବନରୁ । ତଥାପି

କବି ଜାଣନ୍ତି ଯେତେ ରାତି ହଉ ଫେରିବା ଲୋକ ଫେରେ ଘରକୁ । ଅନେକ ରାତିପରେ / ତୁମେ ଆସିଲ ରାତି / ଜାଣିଲନି ତୁମକୁ ଚାହିଁ ଚାହିଁ / ଜହ୍ନ ହଜିଗଲା କେଉଁ / ବୟସ୍କା ନଈର ଛାତିରେ । (ପୃ - ୫୧) ଅଥବା 'ଫଗୁଣ ଆସିଲେ / ବୟସ୍କ ପତ୍ରମାନେ କରଛଡ଼ା ଦେବେ । (ପୃ - ୫୧) ଏଇଠି ସେ ବୟସ୍କ ଶବ୍ଦକୁ ବାରମ୍ବାର ପ୍ରୟୋଗ କରିଛନ୍ତି । ଆଉ କେଉଁ ରାତିରେ କବି ବିଭୋର ହୋଇଯାନ୍ତି କାହା ପାଦ ଅଳତାରେ / ହାତର ମେଞ୍ଚୁଆତି କବିତା ଫର୍ଦ୍ଦରେ / ସିନ୍ଥି ସିନ୍ଦୂରର ରଙ୍ଗମୟ ଆଶ୍ଳେଷରେ ।' (ପୃ - ୫୩) ଜୀବନର ତମାମ ରାସ୍ତା ଚାଲିବା ଭିତରେ ତେବେ ବି ସେ ଭୁଲି ନାହାନ୍ତି ତାଙ୍କ ଗାଁ ମନ୍ତେଇ ନଈକୁ । ତା' ତୃଷିତ ଅଧିରକୁ । ସେ ପରା ନଈକୁ ଫେରାଇ ଦେଇଛନ୍ତି ସବୁତକ ପାଣି, ନଈପାଣି ନଈକୁ ଯା' କହି ।

ଯେଉଁ ଆଲୋକିତା ଅପ୍ସରା 'ରେବୀ' କବିତାର ପ୍ରଥମ ପୃଷ୍ଠାରେ କବିଙ୍କ ଆଖି ଲୁହରେ ସାଇତା ଚିତ୍ରକଳ୍ପଟି ପାଲଟି ଯାଇଥିଲା, ଯାହା ଭୁଲି ଯାଉଥିବା ପୂବେଇ ପବନର ଠିକଣା ଭଳି, ଦାଣ୍ଡ ଦୁଆର ଲିଭିଲିଭି ଆସୁଥିବା କାରୁଣ୍ୟର ସଞ୍ଜ ଦୀପଟିଏ ପାଲଟି ଯାଇଥିଲା, ସେଇ 'ରେବୀ' ପୁଣି ଗୋଟେ ନାମହୀନ ମିଥ୍ ହୋଇ କମାଳଶାଳରେ ଲାଲ ଟହ ଟହ ଦିଶୁଥିବା ପାଚିଲା ଲୁହାପରି ନିଜକୁ, ନିଜ ଆକୃତିକୁ ବଦଳେଇବାର ନିମନ୍ତ୍ରଣ ଜଣାଏ ଶେଷ ପୃଷ୍ଠାରେ ।

ସତରେ, ଲୁହର ରଙ୍ଗ ସିନା ସାଦା, କିନ୍ତୁ ତା'ର ସ୍ୱାଦ ଯେ ତାଙ୍କର କବିତାମାନଙ୍କୁ ଏତେ ଅନ୍ତରସ୍ପର୍ଶୀ କରିପାରେ - ଏକଥା ଏ ସଂକଳନରେ ସ୍ଥାନିତ ମୋଟ ଅଡ଼ଷଠୀଟି କବିତା ପଢ଼ି ସାରିଲା ପରେ ଜାଣିହୁଏ । ଥରେ ଆରମ୍ଭ କଲା ପରେ ଆଉ ଅଟକି ରଖି ହୁଏନି ନିଜକୁ । ପ୍ରତିଟି କବିତା ଭିତରୁ ଗୋଟେ ଛଳଛଳ ଆବେଗର ରକ୍ତ ଛିଟିକା ଯେମିତି ଉକୁଟି ଉଠୁଚି - ସେମିତି ମନେହେବ । କାରଣ କୋଉ ଗୋଟାଏ ବି କବିତା ମନଗଢ଼ା ନୁହେଁ । ଦେଶ ଦୁନିଆରେ, ତାଙ୍କ ଚାରି ପାଖରେ ଏ କବିତା ସବୁ ଗବଗବ ହେଇ ଫୁଟୁଛି । ଡହକ ତତଲା ଭାତ ହାଣ୍ଡିରୁ ହାତ ପୁରେଇ ସେ ତୋଳି ଆଣିଛନ୍ତି ଗୋଟେ ଗୋଟେ କବିତାର ଭାତ ! ଭୋକ ଆତୁର । ମଣିଷ ଛୁଆ ତୁଣ୍ଡର କାକୁତିରେ ବି ସେ ଦେଖିଛନ୍ତି କବିତାର କାରୁକଳା । ଏଣୁ କବିତାଗୁଡ଼ିକ ଗଢ଼ା ହେଇ ନାହାନ୍ତି, ନିଜେ ନିଜକୁ ଗଢ଼ି ତୋଳିଛନ୍ତି । ଏମିତି ନିରୋଳା କବିତାକୁ ଭଲ ନ ପାଇ ରହିଯିବ - ଏମିତି କ୍ୱଚିତ୍ ବିମୁଗ୍ଧ ପାଠକଥିବେ ।

ଶେଷରେ 'ଆଲୋମୟ ଅପ୍ସରା' ତା'ର ଚିତ୍ତ ଚାଞ୍ଚଲ୍ୟ ଭରା ନାମକରଣ ପରି ସଭିଙ୍କର ମନୋହାରୀ ହେଉ - ଏହାହିଁ କାମନା ।"

ଅବସରପ୍ରାପ୍ତ ଅଧ୍ୟକ୍ଷା
ମହିଳା ମହାବିଦ୍ୟାଳୟ, ଭଦ୍ରକ

❐

କିଂବଦନ୍ତୀ ପୁରୁଷ ମନୋଜ ଦାସ : ଶ୍ରଦ୍ଧାଞ୍ଜଳି





ଆଲେଖ୍ୟ ଓ ସାକ୍ଷାତ: **ଅଭୟ ଦ୍ୱିବେଦୀ**

ମନୋଜ ଦାସ - ଆମ ସମୟର ବିଷ୍ଣୁଶର୍ମା; ଯାହାଙ୍କର ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରଚିତ ପ୍ରତିଟି ଗଳ୍ପ, ଉପନ୍ୟାସ, ନିବନ୍ଧ, ସ୍ତମ୍ଭ, ଜୀବନୀ, ଭ୍ରମଣ କାହାଣୀ,

କବିତା ପ୍ରତିଟି ପାଠକର ପ୍ରାଣକୁ ଅହରହ ଛଳଛଳ କରୁଥାଏ । ଯାହାଙ୍କ ବକ୍ତୃତାର ପ୍ରତିଟି ଶବ୍ଦ, ଶ୍ରୋତାଙ୍କ ନିମନ୍ତେ ପବିତ୍ର ମନ୍ତ୍ରର ଓଁକାର ଧ୍ୱନି । ବିଖ୍ୟାତ କଥାଶିଳ୍ପୀ ଗ୍ରାହାମ ଗୀନ୍‌ଙ୍କ ଭାଷାରେ – 'ମନୋଜ ଦାସ ନିଶ୍ଚିତ ଭାବେ ମୋ ବହିଥାକରେ ସ୍ଥାନ ପାଇବେ ।' ଆହୁରି ଉର୍ଦ୍ଧ୍ୱକୁ ଉଠି ରସ୍କିନ ବଣ୍ଡ କହିଛନ୍ତି – 'ଆଜି ସଂସାରରେ ବହୁତ୍ କମ୍ ଭଲ ଗାଳ୍ପିକ ଅଛନ୍ତି । ମନୋଜ ଦାସ ସେମାନଙ୍କ ମଧ୍ୟରୁ ଅନ୍ୟତମ ।' ହିନ୍ଦୀ ସାହିତ୍ୟର ପ୍ରଥିତଯଶା କଥାଶିଳ୍ପୀ ନିର୍ମଳ ବର୍ମାଙ୍କ ଭାଷାରେ 'ମନୋଜ ଦାସ ତ ବିଶ୍ୱର ଜଣେ ଶ୍ରେଷ୍ଠ ଲେଖକ ବୋଲି ମୁଁ କହିବି ।'

କେନ୍ଦ୍ର ସାହିତ୍ୟ ଆକାଡ଼େମୀର ସର୍ବୋଚ୍ଚ ସମ୍ମାନ 'ଫେଲୋସିପ୍', ଛଅଟି ବିଶ୍ୱ ବିଦ୍ୟାଳୟରୁ ସମ୍ମାନ ସୂଚକ ଡି. ଲିଟ୍, ପଦ୍ମ ସମ୍ମାନ, ସରସ୍ୱତୀ ସମ୍ମାନ, ଓଡ଼ିଶା ସାହିତ୍ୟ ଆକାଡ଼େମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'ରେ ସମ୍ମାନିତ ଦିବଂଗତ ମନୋଜ ଦାସ । ତାଙ୍କ ଉପରେ କେନ୍ଦ୍ର ସାହିତ୍ୟ ଆକାଡ଼େମୀ ଦ୍ୱାରା ପ୍ରାୟୋଜିତ ତଥା ଡ. ପ୍ରଫୁଲ୍ଲ ମହାନ୍ତିଙ୍କ ନିର୍ଦ୍ଦେଶିତ "On the Crest of the Horizon : Manoj Das" ନାମକ ଏକ ବୃତ୍ତଚିତ୍ର ୨୦୦୭ରେ ନିର୍ମିତ ।

ଦୁଇ ଖଣ୍ଡରେ ବିଭକ୍ତ ସଂକ୍ଷିପ୍ତ ଅକ୍ସଫୋର୍ଡ ଇଂରାଜୀ ଅଭିଧାନ, ଛଅଟି ଶବ୍ଦର ଅର୍ଥ ଏବଂ ପରିସର ବୁଝାଇବା ନିମନ୍ତେ ମନୋଜ ଦାସଙ୍କ ବ୍ୟବହୃତ ବାକ୍ୟ ଉଦ୍ଧୃତ କରିଛନ୍ତି ଏବଂ ସ୍ୱୀକାର – ସୂଚୀରେ ନାମ ଉଲ୍ଲେଖ କରିଛନ୍ତି ।

ମନୋଜ ଦାସଙ୍କ ସୃଜନୀ ଓ ଜୀବନଚର୍ଯ୍ୟା ପରସ୍ପରର ପରିପୂରକ । ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ସମୁଦ୍ରର କ୍ଷୁଧା' (୧୯୫୦)ରୁ ଅନ୍ତିମ ଗ୍ରନ୍ଥ 'ଶେଷ ତାନ୍ତ୍ରିକର ସନ୍ଧାନରେ' – ଜୀବନର ଉତ୍ତରଣ, ଅନ୍ନମୟସ୍ତରରୁ ଆନନ୍ଦମୟ ସୋପାନକୁ ଜୟଯାତ୍ରା ଭାବେ ଅଭିହିତ କରାଯାଇପାରେ ।

ଦିବଂଗତ ପ୍ରଜ୍ଞା ପୁରୁଷ ମନୋଜ ଦାସଙ୍କ ୯୨ତମ ଜୟନ୍ତୀ ଅବସରରେ 'ଘାସଫୁଲ' ତରଫରୁ ବିନମ୍ର ଶ୍ରଦ୍ଧାଞ୍ଜଳି ।

କାହାଣୀଟି ଏହିପରି – ଜଣେ ଲୋକ ଦିନେ ବାଡ଼ି ହାଣୁଥିବାବେଳେ ମାଟି ଭିତରୁ ଗୋଟିଏ ପାତ୍ର ପାଇଲା । ସେଇଟିକୁ ହାତରେ ଧରିବା ମାତ୍ରେ ଅଦୃଶ୍ୟ ସ୍ୱର ଶୁଣିଲା – 'ତୋର ପ୍ରତିଟି ଲୁହ ବିନ୍ଦୁ ଏହି ପାତ୍ରରେ ପଡ଼ିବାମାତ୍ରେ ସୁନାର ଅସରପି ପାଲଟିଯିବ ।' ସେ ଲୋକଟି ଅତ୍ୟନ୍ତ ଦରିଦ୍ର ଥିଲା । କିନ୍ତୁ ଦାରିଦ୍ର୍ୟର ତାଡ଼ନାରେ କେବେ ବି କାନ୍ଦି ନଥିଲା । ହଠାତ୍ ସେ କାନ୍ଦିବାକୁ ଆରମ୍ଭ କଲା । ଆଶ୍ଚର୍ଯ୍ୟର କଥା, ପାତ୍ରଟି ସୁନାରେ ଭରିଗଲା । ତାର ଆଉ ଆନନ୍ଦ(ନା, ଦୁଃଖ)ର ସୀମା ରହିଲା ନାହିଁ । ସେହି ମୁହୂର୍ତ୍ତରୁ ସେ ସମସ୍ତଙ୍କଠାରୁ ସମ୍ପର୍କ ଛିନ୍ନ କରି ଅହରହ କାନ୍ଦିବା ପାଇଁ ନୂଆ ନୂଆ ବାହାନା ଖୋଜିଲା । କାହାଣୀର ଅନ୍ତ ଏହିପରି – ବ୍ୟକ୍ତିଟି କାନ୍ଦିକାନ୍ଦି ନୟାନ୍ତ ହୋଇ

ସୁନାର ପାହାଡ଼ ଉପରେ ଘୁମେଇ ପଡ଼ିଛି ।

ଦ୍ୱିତୀୟ କାହାଣୀର ନିର୍ଯ୍ୟାସ ଏହିଭଳି : ଗୋଟିଏ ଗାଁରେ ନବ ବିବାହିତ ଦମ୍ପତି ରହୁଥିଲେ । ଦିନେ ସ୍ୱାମୀ ସୁନାରେ ତିଆର ନାକର ନୋଥଟିଏ ପତ୍ନୀଙ୍କୁ ଉପହାର ଦେଲେ । ସ୍ତ୍ରୀଙ୍କର ଆନନ୍ଦର ସୀମା ରହିଲା ନାହିଁ । ଖୁସିରେ ବୁଲିବୁଲି ସମସ୍ତଙ୍କୁ ଦେଖେଇଲେ । ସେହି ଦିନ ଗାଁକୁ ଜଣେ ସାଧୁ ଆସିଥାନ୍ତି । ସନ୍ଧ୍ୟାରେ ପ୍ରବଚନ ପରେ ସମସ୍ତେ ଉଠିଗଲେ । କିନ୍ତୁ ସେହି ସ୍ତ୍ରୀ ଲୋକଟି ବସି ରହିଥାଏ ।

ସାଧୁ ପଚାରିଲେ - ମା ! କିଛି କଥା ଅଛି ?

ସ୍ତ୍ରୀ ଲୋକ ନାକର ନୋଥକୁ ଇସାରା କଲେ । ସାଧୁ ବୁଝିଗଲେ । ପଚାରିଲେ - ତୁମ ସ୍ୱାମୀ ଦେଇଛନ୍ତି ? ସ୍ତ୍ରୀ ଲୋକଟି ଆନନ୍ଦରେ ମୁଣ୍ଡ ଟୁଙ୍ଗାରିଲେ । ସାଧୁ ପୁନଶ୍ଚ ପଚାରିଲେ - ସ୍ୱାମୀଙ୍କୁ ବହୁତ ଭଲପାଅ ? ସ୍ତ୍ରୀ ଲୋକଟି ଛଳ ଛଳ ଆଖିରେ ଲାଜେଇ ଗଲେ ।

ସାଧୁ ନରମ ସ୍ୱରରେ କହିଲେ - ମା ! ନାକଟିଏ ଅଛି ବୋଲି ସିନା ନୋଥଟିଏ ପିନ୍ଧିଲ । ଯେଉଁ ସ୍ୱାମୀ ତୁମକୁ ନାକ ଦେଇଛନ୍ତି, ତାଙ୍କୁ କେବେ ସ୍ମରଣ କରିଛ ?

ସେହି ମୁହୂର୍ତ୍ତରୁ କେଉଁ ଅଦୃଶ୍ୟ ଶକ୍ତି ସହିତ ସଂପର୍କ ଯୋଡ଼ି ହେଇଯିବା ପରେ ସ୍ତ୍ରୀଲୋକଟିର ଜୀବନର ଧାରା ବଦଳିଗଲା

ମନୋଜ ଦାସଙ୍କର ଏହି କାହାଣୀ, ସେହି ପର୍ଯ୍ୟାୟରେ ତାଙ୍କର ସମସ୍ତ ରଚନା, ମୋ ଭଳି କେତେ କେତେ ପାଠକଙ୍କ ହୃଦୟକୁ ଯୁଗଯୁଗ ଧରି ସେହି ଅଦୃଶ୍ୟ ଶକ୍ତି ସହିତ ଯୋଡ଼ି ଦେଉଥିବ, ତାହାର ଆକଳନ ସମ୍ଭବ ନୁହେଁ । ଯାହା ଅଧ୍ୟୟନ କରିବା ମାତ୍ରେ 'ଯୋଗ' ହୋଇଯିବାର ମାର୍ଗ ପ୍ରଶସ୍ତ ହୋଇଯାଏ, ତାହା ହିଁ ହେଉଛି ମହତ୍ତମ ସାହିତ୍ୟ । ଚରମ ଦୃଷ୍ଟାନ୍ତ - ଶ୍ରୀମଦ୍‌ଭଗବତ୍ ଗୀତା । ଗ୍ରନ୍ଥର ଅଠରଟି ଅଧ୍ୟାୟର ନାମ-ଯୋଗ । ଅର୍ଜୁନବିଷାଦଯୋଗ, ସାଂଖ୍ୟଯୋଗ ଏବଂ ଅନ୍ତିମରେ ମୋକ୍ଷସନ୍ନ୍ୟାସଯୋଗ । ଏହାର ଉଦ୍‌ଘୋଷକ ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି 'ଯୋଗେଶ୍ୱର' । ସେହି ପର୍ଯ୍ୟାୟରେ ଶ୍ରୀଅରବିନ୍ଦ ହେଉଛନ୍ତି 'ମହାଯୋଗୀ' ଏବଂ ମନୋଜ ଦାସ ସେହି ପରମ୍ପରାର ଅନୁଗାମୀ ।

ମହତ୍ତମ ସାହିତ୍ୟ ସର୍ବଦା ଦିବ୍ୟ ପ୍ରେରଣା ନିସୃତ । ଏହି ସଂପର୍କରେ ମନୋଜ ଦାସ କହିଛନ୍ତି - 'ଜଣେ ଲେଖକ ଭାବରେ ନୁହେଁ, ବରଂ ପାଠକ ଭାବେ ଶ୍ରୀମଦ୍ଭଗବଦ୍‌ଗୀତା ଭଳି ମାନ୍ତ୍ରିକ ସାହିତ୍ୟ ଏବଂ ରାମାୟଣ, ମହାଭାରତର କିଛି କିଛି ଅଂଶ ଏବଂ ସର୍ବୋପରି ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀ ଅଧ୍ୟୟନବେଳେ ଯେଉଁ ଶକ୍ତିର ପ୍ରଭାବ ଅନୁଭବ କରିଛି, ତାହା ହିଁ ଅଲୌକିକ ସତ୍ୟ । ତାହା ହିଁ ମୋର ସୃଜନ କଳାର ଅନୁପ୍ରେରଣା ।'

ସୃଜନରେ ବିଭୋର

୧୯୩୪ ମସିହା ଫେବୃଆରୀ ୨୭ତାରିଖରେ ବାଲେଶ୍ୱର ଜିଲ୍ଲାର ଶଙ୍ଖାରୀ ଗ୍ରାମରେ ଗୋଟିଏ ସମ୍ଭ୍ରାନ୍ତ ପରିବାରରେ ପଞ୍ଚମ ତଥା କନିଷ୍ଠ ସନ୍ତାନ ଭାବେ ମନୋଜ ଦାସଙ୍କ ଜନ୍ମ । ଉପରେ ଦୁଇଭାଇ ଏବଂ ତିନି ଭଉଣୀ । ବାଲ୍ୟକାଳରୁ ମାତା କାଦମ୍ବିନୀ ଦେବୀଙ୍କ ପ୍ରଭାବରେ ସାହିତ୍ୟ ପ୍ରତି ଗଭୀର ଶ୍ରଦ୍ଧା ଜାତ ହୋଇଥିଲା । ୧୯୫୦ ମସିହାରେ ମାତ୍ର ୧୬ବର୍ଷ ବୟସରେ ପ୍ରକାଶିତ ଦ୍ୱିତୀୟ କବିତା ସଂକଳନ 'ବିପ୍ଳବୀ ଫକୀରମୋହନ' ପୁସ୍ତକର ମୁଖବନ୍ଧରେ ଲେଖିଛନ୍ତି - 'ମୋର ସେତେବେଳେ ବୟସ କେତେ ହେବ ଠିକ୍ ମନେନାହିଁ । ନିମ୍ନ ପ୍ରାଥମିକ ସ୍କୁଲର ଦୁଇଟା ଶ୍ରେଣୀକୁ ଟପିଥାଏଁ । ମୋ'ର ମାଆ ନିପଟ ମଫସଲ ଝିଅ । କିନ୍ତୁ ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ଅସୀମ । ମୋ ଅଜା ଫକୀରମୋହନଙ୍କର ପ୍ରାୟ ସମସ୍ତ ବହି ମାଆଙ୍କୁ କିଣି ଦେଇଥିଲେ ଏବଂ ସେଗୁଡ଼ିକୁ ମାଆ ସଯତ୍ନରେ ସାଇତି ରଖିଥାଆନ୍ତି । ମୋର ଦ୍ୱିତୀୟ ଶ୍ରେଣୀରୁ ମାଆ ମୋତେ 'ରାଧାନାଥ ଗ୍ରନ୍ଥାବଳୀ' ପଢ଼ାଇବାକୁ ଲାଗିଲେ । କିନ୍ତୁ ସେ ବଡ଼ କିଟିମିଟିଆ । ମୋର ମନପ୍ରାଣ ରହିଯାଉଥାଏ ଫକୀରମୋହନଙ୍କ ଆତ୍ମଜୀବନୀ ପାଖରେ । ସେହି କଅଁଳିଆ ସୁନ୍ଦର ଭାଷା । କେଉଁଝର ପ୍ରଜା ବିପ୍ଳବ - ତାଙ୍କ ଲମ୍ବାବେକ ଉପରେ ଗୋପାଳିଆର ଆକ୍ରୋଶ, ଇତ୍ୟାଦି ଇତ୍ୟାଦି । ଫଳରେ ତାଙ୍କର ଜୀବନୀକୁ ମୁଁ ପଢ଼ିଛି ଦୈନନ୍ଦିନ ।'

୧୯୪୮ ମସିହାରେ ମନୋଜ ଦାସ ବାଲେଶ୍ୱର ଜିଲ୍ଲା ସ୍କୁଲରେ ୯ମ ଶ୍ରେଣୀରେ ଯୋଗଦାନ କଲେ । ସେତେବେଳେ ବଡ଼ଭାଇ ମନ୍ମଥନାଥ ଦାସ ଫକୀର ମୋହନ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ । ସେମାନେ ବାଲେଶ୍ୱରରେ ଯେଉଁ ଘରେ ରହୁଥିଲେ, ତାହା ଥିଲା ଓଡ଼ିଆ ଜାତିର ସେନାପତି ବ୍ୟାସକବି ଫକୀର ମୋହନଙ୍କ ବାସଗୃହ । ଏହା ଜାଣିବା ପରେ ମନୋଜ ଦାସଙ୍କ ହୃଦୟ, ସୃଜନ ସମ୍ଭାରରେ ପରିବ୍ୟାପ୍ତ ହୋଇଯାଇଥିଲା । ବାଲେଶ୍ୱର ଜିଲ୍ଲା ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ୧୯୫୦ ମସିହାରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଇଲା ଏବଂ ସେହି ସମୟରେ 'ଦିଗନ୍ତ' ପତ୍ରିକା ସଂପାଦନା ଆରମ୍ଭ କରିଥିଲେ । ବାଲେଶ୍ୱରରେ ଅଧ୍ୟୟନ ସମୟରେ ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ବିକଶିତ ହେଲା । ସହପାଠୀ କବି ବ୍ରଜନାଥ ରଥ ଅତି ଚମତ୍କାର ଶୈଳୀରେ ସେହି ସମୟର କଥା ବର୍ଣ୍ଣନା କରିଛନ୍ତି - 'ମନୋଜ ଦାସ୍ ଖୁବ୍ ଭଲ ଗୀତ ଗାଇ ପାରୁଥିଲେ । ତାଙ୍କ ବାପା ଶଙ୍ଖାରୀ(ଭୋଗରାଇ)ରେ ଗୋଟିଏ ଯାତ୍ରାଦଳ କରି ବହୁଦିନ ପର୍ଯ୍ୟନ୍ତ ତାକୁ ପରିଚାଳନା କରୁଥିଲେ । ସେହିଠାରୁ ହିଁ ତାଙ୍କର ଅଭିନୟ ଓ ସଙ୍ଗୀତ ପ୍ରତି ପ୍ରୀତି ଓ ଅନୁରାଗ ବଢ଼ିଥିଲା । ପରବର୍ତ୍ତୀ କାଳରେ ସେହି ସଙ୍ଗୀତାନୁରାଗ ତାଙ୍କୁ ଜଣେ ଗୀତିକାର ଓ ସଉଖୀନ ସଙ୍ଗୀତଶିଳ୍ପୀରେ ପରିଣତ କରିଥିଲା । ବଂଶୀ ଓ ହାର୍ମୋନିୟମ୍, ଏହି ଦୁଇଟି ବାଦ୍ୟଯନ୍ତ୍ରରେ ତାଙ୍କର ଦକ୍ଷତା ଥିଲା । ଥରେଥରେ ନିରୋଳା ଜହ୍ନରାତିରେ ବସି ସେ ଯେତେବେଳେ ବଂଶୀରେ ସ୍ୱର ତୋଳୁଥିଲେ ତା'ର

ମଧୁର ମୂର୍ଚ୍ଛନାରେ ଆମେ ଆତ୍ମହରା ହୋଇଯାଉଥିଲୁ । କଲେଜ ଡ୍ରାମାରେ ସେ ନିଜେ ଗୀତ ଲେଖି ସ୍ୱର ସଂଯୋଜନା କରୁଥିଲେ ଏବଂ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ । ତାଙ୍କ ରଚିତ ବହୁ ଗଣସଙ୍ଗୀତ (ସୂର୍ଯ୍ୟଉଠେ ଦୂରରେ, ଆମେ ଶାନ୍ତି-କାମୀ-ଆମେ ମୁକ୍ତିକାମୀ, ଚାଷୀଭାଇରେ -ପଜା ତୋର ଦାଆ ହତିଆର, ଆମ ଗାଁ କ୍ଷେତ ବୁକେ ସୁନାର ଫସଲ ଇତ୍ୟାଦି ।) ବହୁ କଣ୍ଠରେ ସେତେବେଳେ ଧ୍ୱନିତ ହେଉଥିଲା ।

ବହୁବର୍ଷ ତଳେ ସେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ମଧ୍ୟ ଲେଖିଥିଲେ । ମୋର ଯେତେଦୂର ମନେପଡୁଛି ତତ୍କାଳୀନ ମନ୍ତ୍ରୀ ତଥା ବିଶିଷ୍ଟ ହରିଜନ ନେତା ଶାନ୍ତନୁ କୁମାର ଦାସ ଯେତେବେଳେ 'ଭାଇ ଭାଇ' ଚଳଚ୍ଚିତ୍ରର କାହାଣୀ ଲେଖି ତାର ପ୍ରଯୋଜନା କଲେ, ସେତେବେଳେ ମନୋଜ ବାବୁ ତାର ଚିତ୍ର-ନାଟ୍ୟ ଓ ସଙ୍ଗୀତ ଲେଖିଥିଲେ । ଏହା ବ୍ୟତୀତ ସେ କିଛି ସାଧାରଣ ମ୍ୟାଜିକ୍ ମଧ୍ୟ ଜାଣିଥିଲେ । ବେଳେବେଳେ ସାଙ୍ଗମାନଙ୍କୁ ଏହି ମ୍ୟାଜିକ ଦେଖାଇ ତଟସ୍ଥ କରିଦେଉଥିଲେ ସେହି ଛାତ୍ର-ଜୀବନରେ ।'

ଛାତ୍ର ଜୀବନରେ ମନୋଜ ଦାସଙ୍କର ଆଉ ଗୋଟିଏ ସଉକ ଥିଲା-ଫଟୋ ଉଠାଇବା । ଏହି ସଂପର୍କରେ ବାଲେଶ୍ୱରର ପୂର୍ବତନ ସାଂସଦ ଶ୍ୟାମସୁନ୍ଦର ମହାପାତ୍ର ଲେଖିଛନ୍ତି - 'ମନୋଜ ବାବୁଙ୍କ ହାତରେ ସେତେବେଳେ ସବୁବେଳେ ଗୋଟିଏ କ୍ୟାମେରା ଥାଏ । ଦିନେ ସେ ଆସି ମୋତେ କହିଲେ 'ଶ୍ୟାମବାବୁ, ଆପଣଙ୍କ ଝିଅ ଓ ଆଇଙ୍କର ଗୋଟିଏ ଫଟୋ ନେବି ।' ପ୍ରକୃତରେ ମୋ ଆଇଙ୍କର ବା ମୋ ଝିଅର ଫଟୋ ମୋ ପାଖରେ ଆଦୌ ନ ଥିଲା । ବହୁବର୍ଷ ପରେ ଯେତେବେଳେ ଆଇଙ୍କର ଫଟୋ ଖୋଜା ଚାଲିଲା, ମିଳିଲା କେବଳ ମନୋଜ ବାବୁଙ୍କ ଉଠାଇଥିବା ଫଟୋ । ମୁଁ ସେ ଫଟୋ ନେଇ ସୁରେନ ଦାସଙ୍କୁ ଦେଲି କଲିକତାର କୌଣସି ଫଟୋ ଷ୍ଟୁଡ଼ିଓରେ ଏନ୍‌ଲାର୍ଜ କରି ଆଣିବାକୁ । ଷ୍ଟୁଡ଼ିଓର ଫଟୋଗ୍ରାଫର ସେହି ପୁରୁଣା ଫଟୋକୁ ପରୀକ୍ଷା କରି କହିଲେ - 'ଏ ଫଟୋ କିଏ ଉଠାଇଛି ? He must be a great photographer ଏକଥା ମୋତେ ସୁରେନ ଦାସ କହିଥିଲେ । ମନୋଜ ବାବୁ ହୁଏତ ଫଟୋ ଉଠାଇବା ପ୍ରାକ୍ଟିସ୍ କରିଥିଲେ ଦିନେ ରଘୁ ରାୟ ବା ଫଲି ମିସ୍ତ୍ରୀଙ୍କ ଭଳି ବିଖ୍ୟାତ ଫଟୋଗ୍ରାଫର ହୋଇପାରିଥାନ୍ତେ । କିନ୍ତୁ ତାଙ୍କ ପାଇଁ ଅନ୍ୟ ଏକ ଦିଗ ସ୍ଥିରୀକୃତ ଥିଲା ।'

ସାମ୍ୟବାଦରୁ ଆଧ୍ୟାତ୍ମିକ ଉତ୍ତରଣ :

୧୯୫୩ ମସିହାରେ ଫକୀରମୋହନ କଲେଜର ଛାତ୍ର ସଭାପତି ସମୟରୁ ୧୯୬୩ ମସିହାରେ ପଣ୍ଡିଚେରୀରେ ଅବସ୍ଥାନ ପର୍ଯ୍ୟନ୍ତ ମନୋଜ ଦାସ ସାମ୍ୟବାଦ ଆନ୍ଦୋଳନରେ ସକ୍ରିୟ ଥିଲେ । ୧୯୫୫ ମସିହାରେ ଦଳେଇ ଘାଇ ଭଙ୍ଗା ବନ୍ୟା ବିପର୍ଯ୍ୟୟ ସମୟରେ ରିଲିଫ୍ କାର୍ଯ୍ୟର ପୁରୋଭାଗରେ ଥିଲେ ସେ । ପରେ ସୀମା ଆନ୍ଦୋଳନର ନେତୃତ୍ୱ । ସେ ଥିଲେ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଛାତ୍ର ସଭାପତି



ଲେଖକଙ୍କ ଭଦ୍ରକ ବାସଭବନରେ ରାତ୍ର ଭୋଜନ ଅବସରରେ

ଏବଂ ରାଜ୍ୟ ଛାତ୍ର ଫେଡେରେସନର ସାଧାରଣ ସମ୍ପାଦକ । ୧୯୫୬ ମସିହାରେ ଇଣ୍ଡୋନେସିଆର ବାଦୁଂଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦାନ କରିଥିଲେ ।

୧୯୫୯ ମସିହା ମନୋଜ ଦାସଙ୍କ ଜୀବନରେ ବହୁ ଗୁରୁତ୍ୱ ବହନ କରେ । ସେହି ବର୍ଷ ସେ ରେଭେନ୍‌ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ ପରେ କଟକ ଖ୍ରୀଷ୍ଟ କଲେଜ୍‌ରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗଦାନ କଲେ ଏବଂ କୁଜଙ୍ଗ ରାଜବଂଶର ଦାୟାଦ ତଥା ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ବୀରବର ସାମନ୍ତ ଓ ଶ୍ରୀମତୀ ରତ୍ନମାଳା ଜେମାଙ୍କ ପ୍ରଥମା କନ୍ୟା ପ୍ରତିଜ୍ଞାଙ୍କ ସହ ଶୁଭବିବାହ ବନ୍ଧାନରେ ବାନ୍ଧି ହୋଇଗଲେ । ପୁନଶ୍ଚ କଟକରେ 'ଯୁଗରୂପା ପ୍ରେସ୍' ପ୍ରତିଷ୍ଠା କରି 'ଦିଗନ୍ତ' ପତ୍ରିକାର ପୁନଃପ୍ରକାଶ କଲେ । କିନ୍ତୁ ସେଥିରେ ବେଶି ଦିନ ବାନ୍ଧି ରହିପାରିଲେ ନାହିଁ । ୧୯୬୩ ମସିହାରେ ପଣ୍ଡିଚେରୀରେ ଶ୍ରୀମାଙ୍କ ଦର୍ଶନ ପରେ ସବୁ କିଛି ବଦଳିଗଲା । ଆତ୍ମାର 'ମୁକ୍ତି ନିମେନ୍ତ ସ୍ୱପ୍ନ' ସାମନାରେ ସାମ୍ୟବାଦୀ ଆଦର୍ଶ ମଳିନ ପଡ଼ିଗଲା । 'ଯଦି ସୂର୍ଯ୍ୟ କିରଣର ମହିମାରେ ପଙ୍କରୁ ପଦ୍ମର ସମ୍ଭବ, ତେବେ ଦିବ୍ୟ କରୁଣାର ମହିମାରେ ଆଜିର ମଣିଷରୁ ମହତ୍ତର ମଣିଷର ସମ୍ଭବ ନ ହେବ କାହିଁକି ?' ଏହି ବିଶ୍ୱାସ ଧୀରେ ଧୀରେ ହୃଦୟରେ ଦୃଢ଼ୀଭୂତ ହେଲା ।

ସଂପାଦକ ମନୋଜ ଦାସ

୧୯୬୩ ମସିହାରେ ମନୋଜ ଦାସ ଚନ୍ଦାମାମା ପତ୍ରିକା ସହ ସଂପୃକ୍ତ ହେଲେ ।

ଏହି ସଂପର୍କରେ ସେ ଲେଖିଛନ୍ତି - '୧୯୭୩ ମସିହାର କୌଣସି ଏକ ଦିନରେ ସଂଯୋଗବଶତଃ ମୁଁ ଚନ୍ଦାମାମା ଅଫିସ୍‌ରେ ବିଶ୍ୱନାଥ ରେଡ୍ଡିଙ୍କ ସଂସ୍ପର୍ଶରେ ଆସିଲି । ସେହି ମୁହୂର୍ତ୍ତରୁ ମୁଁ ଚନ୍ଦାମାମା ପତ୍ରିକା ସହ ଯୋଡ଼ି ହୋଇଗଲି । ଚନ୍ଦାମାମାର ଇଂରାଜୀ ସଂସ୍କରଣ ଦେଶ ଏବଂ ବିଦେଶରେ ଆଦୃତ ହେଉଥାଏ । ସେହି ସମୟରେ ଇଂରାଜୀ ସଂସ୍କରଣର ସଂପାଦକ ରବିନସନ୍ ଅବସର ନେଇ ଇଂଲଣ୍ଡ ଫେରିଯାଇଥାନ୍ତି । ମୁଁ ବିଶ୍ୱନାଥଙ୍କ ସହିତ ଇଂରାଜୀ ଚନ୍ଦାମାମା ଦେଖାଶୁଣା ଆରମ୍ଭ କଲି । ମୋ ତତ୍ତ୍ୱାବଧାନରେ ପ୍ରଥମ ସଂଖ୍ୟା ବାହାରିଥାଏ ।

କିଛି ଦିନ ପରେ ଦିନେ ସକାଳେ ସ୍ଥାନୀୟ ସରକାରଙ୍କ ଲୋକସମ୍ପର୍କ ବିଭାଗର ଅଧିକାରୀମାନେ ବ୍ୟସ୍ତ ହୋଇ ମୋତେ ଖୋଜୁଥିବାର ଖବର ପାଇଲି । ଆଶ୍ରମର ମୁଖ୍ୟ ଭବନ ନିକଟରେ ବି.ନାଗିରେଡ୍ଡିଙ୍କ ସହିତ ସାକ୍ଷାତ ହେଲା । ମୁଁ ତାଙ୍କୁ ନମସ୍କାର କରିବା ପୂର୍ବରୁ ସେ ମୋତେ ଅଭିବାଦନ ଜଣାଇ କହିଲେ 'ଚନ୍ଦାମାମାର ଏହି ସଂଖ୍ୟା ଦେଖିବା ମାତ୍ରେ ମୁଁ ଫରକ ଅନୁଭବ କରିପାରିଲି । ଯେଉଁ ଲେଖକଙ୍କର ସ୍ପର୍ଶରେ ଏହା ସମ୍ଭବ ହୋଇଛି, ମୁଁ ତାଙ୍କୁ ଦର୍ଶନ କରିବା ପାଇଁ ଆସିଛି ।" ମନୋଜ ଦାସଙ୍କ କାଉଁରୀ ପରଶରେ ଚନ୍ଦାମାମାର ପ୍ରସାରଣ ସାତ ହଜାରରୁ ଏକ ଲକ୍ଷ ଟପିଯାଇଥିଲା ।

(ବି. ନାଗିରେଡ୍ଡିଙ୍କ ସଂପର୍କରେ ଏତିକି କହିଲେ ଯଥେଷ୍ଟ ହେବ - ଦାଦା ସାହେବ ଫାଲକେ ସମ୍ମାନରେ ସମ୍ବର୍ଦ୍ଧିତ, ସମ୍ମାନସୂଚକ ଡି.ଲିଟ୍ ଉପାଧିପ୍ରାପ୍ତ ବି.ନାଗିରେଡ୍ଡି ଥିଲେ ସେ ସମୟରେ ଏସିଆର ବୃହତ୍ ଫିଲ୍ମ ଷ୍ଟୁଡ଼ିଓର ମାଲିକ ତଥା ଚନ୍ଦାମାମା ପ୍ରକାଶନୀର ମୁଖ୍ୟ ।) ମନୋଜ ଦାସଙ୍କ ସଂପାଦିତ 'ଦ ହେରିଟେଜ୍' ମାସିକ ଇଂରାଜୀ ପତ୍ରିକା(୧୯୮୫-୮୯) ଭାରତୀୟ ସାହିତ୍ୟ ଓ ସଂସ୍କୃତିର ସମ୍ଭ୍ରାନ୍ତ ମୁଖପତ୍ର ଭାବେ ଏବେ ମଧ୍ୟ ସ୍ୱୀକୃତ । ସଂପାଦନା କ୍ଷେତ୍ରରେ ମନୋଜ ଦାସଙ୍କ ଆଉ ଏକ ଉଲ୍ଲେଖନୀୟ ଅବଦାନ ହେଉଛି Streams of Yogic & Mystic Experience ଗ୍ରନ୍ଥ, ଯାହା ଭାରତ ସରକାରଙ୍କ ମାନବ ସମ୍ବଳ ବିଭାଗ ଅଧୀନସ୍ଥ Project of History of Indian Science, Philosophy and Culture ଆନୁକୂଲ୍ୟରେ Centre for studies in Civilisation ଦ୍ୱାରା ୨୦୧୦ ମସିହାରେ ପ୍ରକାଶିତ । ସଂପାଦକ ମନୋଜ ଦାସଙ୍କ ୩୪ପୃଷ୍ଠା ମୁଖବନ୍ଧ ସହିତ ୮୫୪ ପୃଷ୍ଠା ସମ୍ବଳିତ ଏହି ଗ୍ରନ୍ଥରେ ୩୨ଜଣ ବିଖ୍ୟାତ ଦାର୍ଶନିକ ଭାରତୀୟ ଯୋଗ ଏବଂ ଦର୍ଶନ ଉପରେ ଆଲୋକପାତ କରିଛନ୍ତି ।

ମନୋଜ ଦାସଙ୍କ ଭାଷାରେ - 'ବାସ୍ତବିକ ସବୁ ବ୍ୟାପାରରେ ଗୋଟିଏ ସନ୍ଧିକ୍ଷଣ ଆସେ, ଆସେ କିନ୍ତୁ ଥରୁଟିଏ ମାତ୍ର । ଆଉ, ଯେତେ ତୁରନ୍ତ ଖସି ପଳାଇବା ହେଲା ସେଭଳି କ୍ଷଣ ସବୁର ଧର୍ମ । ସେହି ଦଗାଦିଆ ମୁହୂର୍ତ୍ତରେ ଜଣେ କାହିଁକି ନ କରିବା କଥା କରେ, ଅଥବା କରିବା କଥା କରେନା, ଏହାର ଉତ୍ତରରେ ଆମେ ଯେତେ କାରଣ

ଉପସ୍ଥାପନ କରୁନା କାହିଁକି, ପ୍ରକୃତ କାରଣ ହେଲା ଆମ ଚେତନା ନିହିତ, ଅନେକ ପ୍ରାଗୈତିତ କ୍ଷୁଧା ଓ ଲୋଭସମ୍ଭୁତ ଏକ କିଟିମିଟି ଅନ୍ଧକାର - ହୁଏତ ଆମର ଅଜ୍ଞାତ ।' (ଆକାଶର ଇସାରା) ତେଣୁ ଆମ ଶାସ୍ତ୍ରରେ କବି (ବର୍ତ୍ତମାନ ପରିପ୍ରେକ୍ଷୀରେ ମହତ୍ତର ସାରସ୍ୱତ ସାଧକ)ଙ୍କୁ କ୍ରାନ୍ତଦର୍ଶୀ ଭାବେ ଅଭିହିତ କରାଯାଇଛି । କ୍ରାନ୍ତଦର୍ଶୀ: ଅତି ଚମତ୍କାର ଶବ୍ଦଟିଏ । ଯିଏ ଦିଗ୍‌ବଳୟ ସେପାରିର ଘଟଣାବଳୀକୁ ଦିବ୍ୟଦୃଷ୍ଟିରେ ଅନୁଭବ କରି ସେହି ସନ୍ନିକ୍ଷଣକୁ ଧରି ରଖି ମାନବ ସମାଜର ଭବିଷ୍ୟତ ନକ୍ସା ନିରୂପଣ କରନ୍ତି । ଏହି ପରିପ୍ରେକ୍ଷୀରେ ମନୋଜ ଦାସଙ୍କ ପ୍ରତିଟି ଶବ୍ଦ ଆମକୁ ସେହି ଅମୃତମୟ ମୁହୂର୍ତ୍ତର ସନ୍ଧାନ ଦେଇଥାନ୍ତି ।

ସାକ୍ଷାତକାର

ପ୍ରଶ୍ନ : କେତେକ କ୍ଷେତ୍ରରେ ସମାଜ ଯେଉଁମାନଙ୍କୁ ଛି ଛାକର କହି ଇତର ମଣି ପାଦରେ ଏଡ଼ାଇ ଦେଇଥାଏ, ସାହିତ୍ୟ ସେମାନଙ୍କୁ ଏତେ ଉଚ୍ଚ ସ୍ଥାନକୁ ଉନ୍ନୀତ କରିନିଏ, ଆମକୁ ଅଭିଭୂତ ହେବାକୁ ପଡ଼େ । ସେହିଭଳି ଚରିତ୍ର ହେଉଛନ୍ତି - ହାରିୟଟ୍ ବିଚର ଷ୍ଟୋ'ଙ୍କ 'ଅଙ୍କଲ ଟମ୍‌ସ୍ କ୍ୟାବିନ୍'ର ଟମ୍, ଗୋପୀନାଥ ମହାନ୍ତିଙ୍କ 'ହରିଜନ' ଉପନ୍ୟାସର ସନେଇ ଓ ଚେନା ଏବଂ 'ଲକ୍ଷ୍ମୀ ପୁରାଣ'ର ଚଣ୍ଡାଳୁଣୀ ଶ୍ରୀୟା । ସାହିତ୍ୟ ନିମନ୍ତେ ଏହି ଶକ୍ତି ଓ ପ୍ରେରଣାର ଉତ୍ସ କ'ଣ ?

ଉତ୍ତର : ସମାଜ, ସାହିତ୍ୟ ତଥା ମଣିଷର ଯାବତୀୟ ବିକାଶ, ସଙ୍ଗଠନ ଏବଂ କାର୍ଯ୍ୟକଳାପ ପଶ୍ଚାତରେ ଏକ ଅଦୃଶ୍ୟ ବିବର୍ତ୍ତନୀ ଶକ୍ତି ସର୍ବଦା କର୍ମରତ । ସେ ଶକ୍ତିର ବିଭୂତି ବିନା ପ୍ରାଗୈତିହାସିକ କାଳରେ ସମାଜ ବୋଲି ଯଦି କିଛି ଥିଲା, ସେହି ଅବସ୍ଥା ହିଁ ବଜାୟ ରହିଥାନ୍ତା ।

ସେ ବିବର୍ତ୍ତନୀ ଶକ୍ତି କାହା ମାଧ୍ୟମରେ କର୍ମରତ ? ମଣିଷର ଚେତନା ମାଧ୍ୟମରେ । ସେହି ଶକ୍ତି ପ୍ରେରଣା ରୂପେ ଆମ ଦ୍ୱାରା ନୃତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ସଂସ୍କୃତିର ବିଭିନ୍ନ ବିଭବକୁ ରୂପଦାନ ଦେଇଛି, କେତେବେଳେ ପୁଣି ଆମକୁ ସାହିତ୍ୟ, ଦର୍ଶନ ଓ ବିଜ୍ଞାନର ଚର୍ଚ୍ଚା ନିମନ୍ତେ ଉଦ୍‌ବୁଦ୍ଧ କରିଛି । ତାହା ପୁଣି ମଣିଷର ହୃଦୟରେ ଦୁଃସାହସିକ କୌତୁହଳ ଜାଗରିତ କରି ତାକୁ ଅଜଣାକୁ ଜାଣିବା ନିମନ୍ତେ ଅରଣ୍ୟ, ସମୁଦ୍ର ଓ ଦୂର ଦିଗନ୍ତ-ଅଭିମୁଖୀ କରିଛି । ସର୍ବୋପରି ସେହି ଶକ୍ତି ଆମ ଚେତନାରେ ଜୀବନର ଲକ୍ଷ୍ୟ ସମ୍ପର୍କରେ ପ୍ରଶ୍ନ ଜାଗରୁକ କରିଛି, ଆମ ଭିତରେ ଭଲ ମନ୍ଦର ପାର୍ଥକ୍ୟ ଜ୍ଞାନ ସଞ୍ଚାର କରିଛି । ଏହି ସବୁ ସାର୍ବଜନୀନ ବିକାଶର ସାର୍ବଜନୀନ ଅଭିବ୍ୟକ୍ତିର ମାଧ୍ୟମ ହେଲା ଭାଷା । ଅଭିବ୍ୟକ୍ତିର ବହୁ ସ୍ତର । ଏକ ହିଁ ଭାଷାକୁ ମଣିଷର ଅଜ୍ଞାନତା ବେଶ୍ ନିମ୍ନସ୍ତରରେ ବ୍ୟବହାର କରିପାରେ, ତା'ର ସଜ୍ଞାନ ଚେତନା ପୁଣି ବିକାଶମୁଖୀ ସମାଜର ଭୁଲ୍ ଭ୍ରାନ୍ତି ଦର୍ଶାଇବାରେ, ମଣିଷ ଭିତରେ ସଦ୍‌ବୁଦ୍ଧିର ଉଦ୍ରେକ କରିବାରେ, ତାକୁ



ପଣ୍ଡିଚେରୀରେ ମନୋଜ ଦାସ ଏବଂ ପ୍ରତିଜ୍ଞା ଦେବୀଙ୍କ ସହ ଅଭୟ ଓ ମୀନୁ ଦ୍ୱିବେଦୀ

ଆନନ୍ଦ ଦେବାରେ, ଜୀବନର ମହତ୍ତର ସମ୍ଭାବନା ସମ୍ପର୍କରେ ସଜାଗ କରିବାରେ ତାହାକୁ ବ୍ୟବହାର କରିପାରେ । ଯେତେବେଳେ ଏକ ଜୀବନମୁଖୀ, ଶୁଭଙ୍କର ଆଭିମୁଖ୍ୟ ଗ୍ରହଣ କରି କଳାତ୍ମକ ରୀତିରେ ଭାଷା ଅଭିବ୍ୟକ୍ତ ହୁଏ, ସେତେବେଳେ ତାହା ହୁଏ ସାହିତ୍ୟ ।

ଆପଣଙ୍କ କହିବା ଅନୁସାରେ ସମାଜ ସାହିତ୍ୟଠାରୁ ବୃହତ୍ତର ନିଶ୍ଚୟ-କାରଣ ସମାଜ ହିଁ ସାହିତ୍ୟର ଭିତ୍ତି-କିନ୍ତୁ ସବୁ ସମୟରେ ସମାଜ ସାହିତ୍ୟଠାରୁ ମହତ୍ତର ବୋଲି କହିହେବ ନାହିଁ । ଉଭୟ ସମାଜ ଏବଂ ସାହିତ୍ୟର ଉତ୍ସ ଉପରୋକ୍ତ ବିବର୍ତ୍ତନୀ ଶକ୍ତି । ସମାଜର ବହୁଳାଂଶ ଅଜ୍ଞାନ ଅତିକ୍ରମ କରିବା ନିମନ୍ତେ ସାହିତ୍ୟ ଆହ୍ୱାନ ନ ଦେଲେ ମଧ୍ୟ ସେ ଦିଗରେ ଇଙ୍ଗୀତ ଦିଏ ବହୁ ଧାରାରେ । ଆପଣ ଉଲ୍ଲେଖ କରିଥିବା ତିନୋଟି ବହି ସେହି ଭୂମିକା ହିଁ ତୁଲାଇଛନ୍ତି ।

ପ୍ରଶ୍ନ : ସାଂପ୍ରତିକ ସମୟର ଅଧିକାଂଶ ପୁସ୍ତକ ଆମ ଚେତନାର ଦିଗ୍‌ବଳୟକୁ ସଂପ୍ରସାରିତ ନ କରୁଥିବାରୁ ତାହା ଅଧ୍ୟୟନ କରିବାର ଆବଶ୍ୟକତା ନାହିଁ । ତେବେ ଆମେ ଯୁବପିଢ଼ିକୁ କ'ଣ ପଢ଼ିବା ପାଇଁ ପରାମର୍ଶ ଦେବା ?

ଉତ୍ତର : ବିଷମ ପ୍ରଶ୍ନ । ଆଜି ମାନବ ସଭ୍ୟତା କୁହନ୍ତୁ, ମାନବଜାତି କୁହନ୍ତୁ - ଆମେ ଏକ ବିବର୍ତ୍ତନଗତ ସଙ୍କଟ ଭିତର ଦେଇ ଗତି କରୁଛୁଁ । ଏହି ବିଭ୍ରାନ୍ତମୟ ଯୁଗରେ ସବୁ କ୍ଷେତ୍ରରେ ଭଲର ନୁହେଁ, ଭେଲର ହିଁ ପ୍ରାଧାନ୍ୟ । କିନ୍ତୁ ଆପଣଙ୍କ ଭିତରେ, ମୋ ଭିତରେ, ସ୍ୱାଭାବିକ ଭାବେ ସଚେତନ ଅସଂଖ୍ୟ ମଣିଷ ଭିତରେ, ପୂର୍ବ-କଥିତ ବିବର୍ତ୍ତନୀ

ଶକ୍ତିର ଆଶୀର୍ବାଦ ବଳରେ ଭଲ-ମନ୍ଦର ପାର୍ଥକ୍ୟ ଜ୍ଞାନ ସ୍ୱତଃସ୍ଫୂର୍ତ୍ତ ଭାବେ ବଳବତ୍ତର ରହିଛି । ଜୀବନରେ ଆପଣଙ୍କୁ ବହୁ ସାହିତ୍ୟ ହତାଶ କରିଥିବ, କିଛି ସାହିତ୍ୟ ଅନୁପ୍ରାଣିତ କରିଥବ, ବୋଧଶକ୍ତିରେ ଆଣି ଦେଇଥିବ ଶୁଭଙ୍କର ଚମକ । ଆପଣ ଯୁବପିଢ଼ିକୁ ସେହି ସାହିତ୍ୟ ପାଠ କରିବାର ପରାମର୍ଶ ଦେବେ । ଆପଣଙ୍କ ଅନୁଭବ ହିଁ ସେ ଦିଗରେ ପରାମର୍ଶ ଦେବାର ଅଧିକାର ଆପଣଙ୍କୁ ଦେବ ।

ପ୍ରଶ୍ନ : ଆପଣଙ୍କ ରଚିତ 'ଅମୃତଫଳ' ଉପନ୍ୟାସ କାଳେତ୍ତୀର୍ଣ୍ଣ ଗ୍ରନ୍ଥ । ରାଜା ଭର୍ତ୍ତୃହରି ନର୍ତ୍ତକୀ ନିକଟରୁ ଫଳଟି ପାଇବା ପରେ ଉତ୍ତେଜନାର ବଶବର୍ତ୍ତୀ ହୋଇ ରାଜ୍ୟ ପରିତ୍ୟାଗ କରିଛନ୍ତି । ସେ ଥିଲେ ଜ୍ଞାନୀ ଓ ବିଚାରବନ୍ତ । ଫଳ ସମ୍ପର୍କରେ ସେ ଅନ୍ତତଃ ରାଣୀଙ୍କୁ ଥରୁଟିଏ ପଚାରି ପାରିଥାନ୍ତେ । ଯଦି ସେଭଳି ଜ୍ଞାନୀ ବ୍ୟକ୍ତି ତାହା କଲେ ନାହିଁ, ତେବେ ଆମ ଜୀବନରେ ଜ୍ଞାନର ଆବଶ୍ୟକତା କ'ଣ ?

ଉତ୍ତର : ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟିଏ । କଥା ହେଲା, ଆମର ଆବଶ୍ୟକତାବୋଧ ଉପରେ ଆମ ଭିତରେ ଜ୍ଞାନର ସଞ୍ଚାର ହେବା ନ ହେବା ନିର୍ଭର କରେ ନା । ଯୁକ୍ତି ଦୃଷ୍ଟିରୁ ଜ୍ଞାନର ଆବଶ୍ୟକତା ଥାଉ ବା ନ ଥାଉ, ପ୍ରତ୍ୟେକ ବିକାଶଶୀଳ ଚେତନା ଜ୍ଞାନ ଆହରଣ କରିଚାଲିବା ଅନିବାର୍ଯ୍ୟ । ଜ୍ଞାନାର୍ଜନରେ ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନଟିଏ ମଧ୍ୟ ସେହି ଆହରଣ-ପ୍ରକ୍ରିୟାର ଅନ୍ତର୍ଭୁକ୍ତ ।

ତେବେ ଜ୍ଞାନ-ସମୃଦ୍ଧ ହେବା ଏବଂ ପ୍ରତ୍ୟକ୍ଷ ଭାବେ ଜୀବନ ସେ ଜ୍ଞାନର ପ୍ରୟୋଗ ଦିଗରେ ବ୍ରତୀ ହେବା ଏକା କଥା ନୁହେଁ । ଜଣେ ସଫଳ ଖେଳାଳୀଠାରୁ ଖେଳର କୌଶଳ ସମ୍ପର୍କରେ ଅଧିକ ଜ୍ଞାନର ଅଧିକାରୀ ତା'ର ତାଲିମଦାତା(Coach), କିନ୍ତୁ ଯେତେବେଳେ ଜଣେ ନିଜ ଜୀବନରେ ଜ୍ଞାନକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିପାରେ, ସେତେବେଳେ ସେ ପ୍ରକୃତ ଜ୍ଞାନୀ । ସେମାନଙ୍କ ସଂଖ୍ୟା ବିରଳ । ଜ୍ଞାନରୂପକ ସୂର୍ଯ୍ୟକୁ ଢ଼ାଙ୍କି ରଖିପାରେ ଉତ୍ତେଜନାର କଳାମେଘ । କୁହାଯାଉଛି, "ସ୍ୱର୍ଣ୍ଣମୃଗ ଅସମ୍ଭବ । ତଥାପି ସ୍ୱୟଂ ରାମ ହେଲେ ତା' ପଣ୍ଡାତରେ ଧାବମାନ । ଯେତେବେଳେ ସଙ୍କଟକାଳ ସମାଗତ ହୁଏ, ସେତେବେଳେ ମଣିଷର ଧୀଶକ୍ତି ମ୍ଳାନ ହୋଇଯାଏ ପରା !"

ବିଡ଼ମ୍ବନା ହେଲା, କ୍ରମବିକାଶରେ ଅଦ୍ୟାବଧି ମଣିଷ ଯେଉଁ ପର୍ଯ୍ୟାୟରେ ଉପନୀତ ହୋଇଛି, ସେ ପର୍ଯ୍ୟାୟରେ ତା'ର ଚେତନା ବହୁ ପରସ୍ପର ବିରୋଧୀ ଆବେଗ ପ୍ରବେଗର ଏକ ମେଳା । ବିବେକ ବା ଜ୍ଞାନକୁ ଇନ୍ଦ୍ରିୟ-ଭିତ୍ତିକ ପ୍ରବେଗ ବହୁ ସମୟରେ ସ୍ଥାଣୁ କରିଦିଏ । ରାଜା ଭର୍ତ୍ତୃହରିଙ୍କ ବିଶ୍ୱାସରେ ଆସିଛି ଆକସ୍ମିକ ଆଘାତ । ସ୍ଥୂଳ ଆଘାତରେ ଯେପରି ଆମ ଅଙ୍ଗପ୍ରତ୍ୟଙ୍ଗ ସାମୟିକ ଭାବେ ନିସ୍ପନ୍ଦ ହୋଇଯାଇପାରେ, ମାନସିକ ଓ ଆବେଗଜନିତ ଆଘାତରେ ଜଣକର ବିଚାରଶକ୍ତି ମଧ୍ୟ ସାମୟିକ ଭାବେ ନିସ୍ପନ୍ଦ ହୋଇଯାଇପାରେ । ଦୂରନ୍ତ ଅଭିମାନ ତାଙ୍କୁ ଦିଗହରା କରିଛି । କିନ୍ତୁ ଏଠି ରହିଛି ଅନ୍ୟ

ଏକ ରହସ୍ୟମୟ ଇଙ୍ଗିତ । ସେ ଦିଗହରା ହେଲେ ବୋଲି ଆମେ କହିପାରିବା କି ? ସେ ନୂତନ ଦିଗନ୍ତର ସନ୍ଧାନରେ ବ୍ରତୀ ହେଲେ ନାହିଁ କି ? ଜୀବନରେ ସେହି ପ୍ରଚଣ୍ଡ ଧକ୍କା, ମୋହମୁକ୍ତି, ବୃହତ୍ତର ମୁକ୍ତିର ସନ୍ଧାନରେ ବ୍ରତୀ କରିଛି । ସେ ଯେଉଁ ଧରଣର ଧକ୍କା ପାଇଲେ, ସେଭଳି ଧକ୍କା ଅସଂଖ୍ୟ ନରନାରୀ ପାଇଥା'ନ୍ତି । କିନ୍ତୁ ଭର୍ତ୍ତୃହରିଙ୍କ ସଂଗୁପ୍ତ ନିୟତି ତାଙ୍କ ଅନୁଭୂତ ଧକ୍କାକୁ ଏକ ମହତ୍ ଆଶୀର୍ବାଦରେ ପରିଣତ କଲା ।

'ଅମୃତଫଳ' ପରିବେଷିତ ଏହି ସତ୍ୟ ଏକ ସର୍ବକାଳୀନ ସତ୍ୟ । ଆଉ କାହାରି ଜୀବନରେ ମଧ୍ୟ ସେପରି ଘଟିପାରେ । ତାହାରି ଆଲେଖ୍ୟ ଏ ଲେଖକର ଅନ୍ୟ ଏକ ଉପନ୍ୟାସ 'ଆକାଶର ଇସାରା' । ସାମାଜିକ ଦୃଷ୍ଟିରୁ ଅତି ସାଧାରଣସ୍ତରର ତରୁଣ ପଦ୍ମଲୋଚନର ଅସାଧାରଣ ଆତ୍ମ ଆବିଷ୍କାରର କାହାଣୀ । ଧକ୍କା ଆମକୁ ଭୂତଳଶାୟୀ କରିପାରେ, ପୁଣି ଆମକୁ ଆଗକୁ ଠେଲିଦେଇପାରେ ।

ପ୍ରଶ୍ନ : ଜଣେ ସାଧାରଣ ବ୍ୟକ୍ତି ପକ୍ଷରେ ଜୀବନରୁ ଅହଂକାରବୋଧ ସମ୍ପୂର୍ଣ୍ଣ ବିଲୋପ ସମ୍ଭବ କି ? ଯଦି ତା'ର କିଛି ଅଂଶ ରହିଥାଏ, ସେ କେତେବେଳେ ବିରାଟ ରୂପ ନ ନେବ, ତାହା କହିହେବ କି ?

ଉତ୍ତର : ସାଧାରଣ କାହିଁକି, ଜଣେ ଅସାଧାରଣ ବ୍ୟକ୍ତି ପକ୍ଷରେ ମଧ୍ୟ ତାହା ଅସମ୍ଭବ । ତଥାପି, ଅହଂରୁ ମୁକ୍ତି ହିଁ ପ୍ରକୃତ ମୁକ୍ତି । ସାଧନା ଦ୍ୱାରା ଜଣେ ଅନେକ ଧରଣର ସିଦ୍ଧି ଅର୍ଜନ କରିପାରେ । କିନ୍ତୁ ସୁପ୍ରଚ୍ଛନ୍ନ ଭାବେ ତା' ଭିତରେ ରହିପାରେ ଅହଂ । ବଂଶ ଗରିମା ବା ଆଭିଜାତ୍ୟର ଅହଂ, ବ୍ୟକ୍ତିଗତ ବିକାଶ ବା ପ୍ରସିଦ୍ଧି-ଭିତ୍ତିକ ମୋହ, ସାମାଜିକ ପ୍ରଭାବ ମାଧ୍ୟମରେ ଜୟ ଲାଭ କରିବା ଅନ୍ତେ ଜୟଲାଭ ଜନିତ ଅହଂ ହଠାତ୍ ଆତ୍ମପ୍ରକାଶ କରିପାରେ ।

ନା, ସାଧ୍ୟାନୁସାରେ ପ୍ରଚେଷ୍ଟା ସତ୍ତ୍ୱେ ଅହଂ ଉପରେ ବିଜୟଲାଭ କାଠିକର ବ୍ୟାପାର । ଜଣେ ସମାଜଠାରୁ ଦୂରେଇ ଯାଇ ମଠ ବା ଆଶ୍ରମ ବା ଅରଣ୍ୟରେ ଏକାକୀ ରହି ତପସ୍ୟା କଲେ କ'ଣ ଅହଂରୁ ନିଷ୍କୃତି ପାଇବ ? ତାହା ମଧ୍ୟ ନୁହେଁ । ନିଷ୍କୃତିର ଏକମାତ୍ର ଉପାୟ-ଦିବ୍ୟକରୁଣା ପାଖରେ କ୍ରମାଗତ ଆତ୍ମ-ସମର୍ପଣର ବିନମ୍ର ସାଧନା । ସେ ସାଧନା ପାଇଁ ଆପଣ ସାଧାରଣ ବା ସାମାଜିକ ଜୀବନରୁ ଦୂରେଇ ଯିବାର ଆବଶ୍ୟକତା ନାହିଁ । ସେ ସାଧନାରେ ଜଣେ ଯେକୌଣସି ପରିସ୍ଥିତିରେ ଅହରହ ବ୍ୟାପୃତ ରହିପାରେ । ସଂଘର୍ଷମୟ ସମାଜ-ଜୀବନ ଅରଣ୍ୟ-ଜୀବନ ତୁଳନାରେ ସେ ପାଇଁ ଅଧିକ ଉପଯୁକ୍ତ । ସମାଜ ବିଚ୍ୟୁତ ହୋଇ ରହିଲେ ଆମ ଅହଂକୁ କାହାରି ସହ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ପଡ଼େନାହିଁ । ସେ ନିଜକୁ ଜାହିର ନ କରି ଆମ ଅଜ୍ଞାତରେ ସୁରୁଖୁରୁରେ ରହିଥାଏ । ସଂଗ୍ରାମ ଓ ସଂଘର୍ଷ ଭିତରେ ସାଧାରଣ ମଣିଷଟିଏ ନିଜ ଅହଂର ତୃପ୍ତି କାମନା କରୁଥାଏ, ଯିଏ ଅଭୀପ୍ସୁ, ଯିଏ ଜ୍ଞାନାକାଂକ୍ଷୀ, ସିଏ ନିଜ ଅହଂକୁ ସେହି ସୁଯୋଗରେ ମଣ



ଲେଖକଙ୍କ ଭଦ୍ରକ ବାସଭବନରେ ମନୋଜ ଦାସଙ୍କ ସହ ଅଭୟ ଓ ମୀନୁ ଦ୍ୱିବେଦୀ

କରିବାରେ, ତାକୁ ହଟେଇ ଦେବାର ପ୍ରୟାସ କରେ । ଜୀବନ-ନାଟକର ସର୍ବାଧିକ ଭୟାବହ ଅଙ୍କ ଯୁଦ୍ଧକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଅହଂ ମୁକ୍ତିର ଶିକ୍ଷା ପ୍ରଦାନ କରିଥିଲେ ଶ୍ରୀକୃଷ୍ଣ । ଅର୍ଥାତ୍, ନିଜ ସାମାଜିକ କର୍ମ ବଜାୟ ରଖି ମଧ୍ୟ ଜଣେ ନିଜ ଅନ୍ତସର୍ତ୍ତରେ ଅହଂମୁକ୍ତ ରହିପାରେ ।

ଅବଶ୍ୟ ସଂଗୁପ୍ତ ବା ଅବଦମିତ ଅହଂ ଯେକୌଣସି ମୁହୂର୍ତ୍ତରେ ତା'ର ବିଭୀଷିକା ପ୍ରକଟ କରିପାରେ, କିନ୍ତୁ ତାହା ହିଁ ଶେଷ କଥା ନୁହେଁ । ଦିବ୍ୟ କରୁଣା ହିଁ ଶେଷ ସତ୍ୟ । ତାହା ଆମକୁ ସେଭଳି ସଙ୍କଟରୁ ଉତ୍ତୀର୍ଣ୍ଣ କରିପାରେ ।

ପ୍ରଶ୍ନ : ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଆପଣଙ୍କର ଅଗଣିତ ପାଠକ ଓ ପ୍ରଶଂସକ ଅଛନ୍ତି । ସମସ୍ତଙ୍କ ଅଭିଯୋଗ-ଆଉ ନୂଆ ଉପନ୍ୟାସ ନାହିଁ, ନୂଆ ଗଳ୍ପ ନାହିଁ । ସେମାନଙ୍କୁ କେମିତି ସନ୍ତୁଷ୍ଟ କରିବେ ?

ଉତ୍ତର : 'ମନୋଜ ସୃଜନୀ ସମଗ୍ର'ର ତୃତୀୟ ଏବଂ ଚତୁର୍ଥ ଖଣ୍ଡ ମୋ ଗଳ୍ପ ସବୁର ସମାହାର । ଦେଖୁଛି, ସେଥିରେ ମୋର ଦେଢ଼ଶହ ଗଳ୍ପ ରହିଛି । ତା' ଛଡ଼ା ରହିଛି ମୋର ପାଞ୍ଚଗୋଟି ପୂର୍ଣ୍ଣାଙ୍ଗ ଉପନ୍ୟାସ । ତାହା ବାହାରେ ରହିଛି କେତୋଟି ଉପନ୍ୟାସିକା, ଅନେକ ପ୍ରବନ୍ଧ ନିବନ୍ଧ, ସର୍ବୋପରି କବିତା, ଏବଂ ଶତାଧିକ ଶିଶୁ ଓ କିଶୋର କାହାଣୀ । ଏତେ ଲେଖି ଯଦି ସନ୍ତୁଷ୍ଟ କରିପାରି ନାହିଁ, ଆଉ କିଛି ଅଧିକ ଲେଖିଲେ ମୋର ପ୍ରିୟ ପାଠକ ସମାଜ ସନ୍ତୁଷ୍ଟ ହୋଇ ମୋତେ ନିରବ ହେବାର ସଦୟ ଅନୁମତି ଦେବେ, ଏ ପ୍ରଶ୍ନ ଉପରେ ଆପଣ ମୋତେ ଭରସାପୂର୍ଣ୍ଣ ଉତ୍ତର ବା ପ୍ରତିଶ୍ରୁତି ଦେଇ ପାରିବେ କି ?

ଜାଣେନା । ଆପଣଙ୍କ ମାଧ୍ୟମରେ କ୍ଷମା ମାଗି ନେଉଛି ।

ପ୍ରଶ୍ନ : ଇଂରାଜୀ ମାସିକ 'ମାଦାର ଇଣ୍ଡିଆ'ରେ ଆପଣ ଧାରାବାହିକ ଶ୍ରୀଅରବିନ୍ଦଙ୍କ ଜୀବନୀ ଲେଖୁଛନ୍ତି । 'ନବପ୍ରକାଶ'ରେ ତାହା ଓଡ଼ିଆରେ ପ୍ରକାଶ ପାଉଛି । ସେଥିରେ ଆପଣ ଶ୍ରୀଅରବିନ୍ଦଙ୍କ ଜୀବନର ବହୁ ଅନାଲୋଚିତ ତଥ୍ୟ ପ୍ରଦାନ କରୁଛନ୍ତି । ସେ ସମ୍ପର୍କରେ ବିସ୍ତୃତ ଭାବେ କୁହନ୍ତୁ ।

ଉତ୍ତର : ଶ୍ରୀଅରବିନ୍ଦଙ୍କ ଜୀବନ ଏକ ଅନନ୍ୟ ଇତିହାସ । ତାଙ୍କ ଜୀବନର ଦୁଇଟି ପର୍ଯ୍ୟାୟ । ପ୍ରଥମ ପର୍ଯ୍ୟାୟରେ ସେ ଭାରତବର୍ଷର ରାଜନୈତିକ ମୁକ୍ତି ନିମନ୍ତେ ଏକ ପ୍ରବଳ ସାମ୍ରାଜ୍ୟବାଦୀ ଶକ୍ତି ସହିତ ସ୍ଥୂଳ କ୍ଷେତ୍ରରେ ସଂଗ୍ରାମରତ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସେ ମାନବଚେତନାକୁ କାବୁ କରି ରଖିଥିବା ଦୂରନ୍ତ ଅଜ୍ଞାନତା କବଳରୁ ତାକୁ ମୁକ୍ତ କରିବା ନିମନ୍ତେ ସୂକ୍ଷ୍ମ କ୍ଷେତ୍ରରେ ପ୍ରଚଣ୍ଡ ନିଶ୍ଚେତନା ଶକ୍ତି ସହିତ ସଂଗ୍ରାମରତ ଥିଲେ । ଏହି ପର୍ଯ୍ୟାୟର ବୃତ୍ତାନ୍ତ ଅଧିକାଂଶ ଲୋକଙ୍କୁ ପରୀ କାହାଣୀ ଭଳି ମନେ ହେବ । ଶ୍ରୀଅରବିନ୍ଦ ପ୍ରଥମରୁ ହିଁ ତାଙ୍କ ଜୀବନୀ-ଲେଖକମାନଙ୍କୁ ହତୋତ୍ସାହ କରୁଥିଲେ । ସେ ସ୍ପଷ୍ଟ କରିଦେଇଥିଲେ, ତାଙ୍କ ଜୀବନୀ କେହି ଲେଖିପାରିବେ ନାହିଁ । କାରଣ, ତାଙ୍କ ପ୍ରକୃତ ଜୀବନ ବାହାରକୁ ଦୃଶ୍ୟମାନ ନୁହେଁ । ଏହା ବୁଝିହୁଏ ଯେ ବିବର୍ତ୍ତନରେ ମାନବଚେତନାକୁ ତା'ର ବର୍ତ୍ତମାନର ଅପୂର୍ଣ୍ଣ, ଅର୍ଦ୍ଧାଲୋକିତ ଅବସ୍ଥାରୁ ଉତ୍ତୀର୍ଣ୍ଣ କରାଇବା ନିମନ୍ତେ ସେ ଯେଉଁ ମହାଶକ୍ତି ଅତିମାନସକୁ ଅବତରଣ କରାଇବା ଯୋଗରେ ନିମଗ୍ନ ଥିଲେ, ସେ ସମ୍ପର୍କରେ ବିଶେଷ ଧାରଣା ଅର୍ଜନ କରିବାରେ ଦକ୍ଷତା ଆମମାନଙ୍କର ନାହିଁ, ଏପରିକି ତାଙ୍କ ନିକଟତମ ସାଧକମାନଙ୍କର ମଧ୍ୟ ନ ଥିଲା । ସେହି ସଂଗ୍ରାମରତ ଯୋଗ ଜୀବନ ହିଁ ତାଙ୍କର ପ୍ରକୃତ ଜୀବନ ବୋଲି ସେ ଗ୍ରହଣ କରୁଥିଲେ । ତାହା ହିଁ ତାଙ୍କ ଜନ୍ମ ଜୀବନର ହେତୁ । କିନ୍ତୁ ତାଙ୍କର ବହିଃ ଦୃଶ୍ୟମାନ ଜୀବନ ମଧ୍ୟ ଏଡ଼େ ଚିତ୍ତାକର୍ଷକ ଏବଂ ଚମତ୍କାର ଯେ ତାକୁ ବିବୃତ କରିବାର ଲୋଭ ଅନ୍ୟ ଜୀବନୀକାରମାନଙ୍କ ଭଳି ମୁଁ ମଧ୍ୟ ସମ୍ବରଣ କରିପାରି ନାହିଁ । ତାଙ୍କ ସ୍ଥୂଳ କର୍ମମୟ ରାଜନୈତିକ ଜୀବନ ମାତ୍ର ଅର୍ଦ୍ଧ-ଦଶବ୍ଦି, ୧୯୦୫ରୁ ୧୯୧୦ ବୋଲି କୁହାଯାଇପାରେ । କିନ୍ତୁ ନାଟକୀୟ ଘଟଣା ବହୁଳତାରେ ତା'ର ପଟାନ୍ତର ନାହିଁ ।

୧୯୭୧ ମସିହାରେ କେତେକ ଅପ୍ରତ୍ୟାଶିତ ଯୋଗାଯୋଗରେ ମୁଁ ଲଣ୍ଡନ ଯାଇ ସେଠାକାର ସଂରକ୍ଷଣାଗାରରେ ତାଙ୍କ ରାଜନୈତିକ ଜୀବନ-ସମ୍ପର୍କୀୟ କିଛିକିଛି ପ୍ରାୟତଃ ଅଜଣା ଦଲିଲ୍ ପାଇ ଅଭିଭୂତ ଅନୁଭବ କରିଥିଲି । ସେବେଠାରୁ ସେ ଦିଗରେ ମୋର କୌତୁହଳ ଥିଲା ଅଦମ୍ୟ । ମଧ୍ୟେ ମଧ୍ୟେ ମୁଁ ଭାରତର ଜାତୀୟ ସଂରକ୍ଷଣାଗାର, ପୁରୁଖା ପାଠାଗାର ଏବଂ ବ୍ୟକ୍ତିଗତ ହେପାଜତ୍‌ରେ ଥିବା ବିଂଶ ଶତାବ୍ଦୀର ପ୍ରଥମ ଦଶକର ବହିପତ୍ର ତଥା ବ୍ରିଟିଶ୍ ଯୁଗର ଗୋପନ ରିପୋର୍ଟମାନଙ୍କରୁ ବହୁ ଅଭାବନୀୟ ବିବରଣୀ

ସଂଗ୍ରହ କରିଛି । ଦୁଇଟି କଥା ମୋତେ ଚମତ୍କୃତ କରିଛି । ପ୍ରଥମ : ଭାରତର ରାଜନୈତିକ ବାତାବରଣରେ ସେ ଯେଉଁ ବୈପ୍ଳବିକ ସ୍ପନ୍ଦନ ସୃଷ୍ଟି କରିଥିଲେ, ତାହା ବିନା ପରବର୍ତ୍ତୀ ସମୟର ସ୍ୱାଧୀନତା ସଂଗ୍ରାମ ଅଗ୍ରସର ହୋଇପାରି ନଥାନ୍ତା - ଯଦିଓ ତାଙ୍କ ଭାବଧାରା ଅନୁସରଣ କରି ତାହା ହୋଇନାହିଁ । ଦ୍ୱିତୀୟରେ, ତାଙ୍କ ବ୍ୟକ୍ତିତ୍ୱର ଦିବ୍ୟତ୍ୱ, ତାଙ୍କ ଅବତାରତ୍ୱ ଯେତେବେଳେ ସମ୍ପୂର୍ଣ୍ଣ ଅଜ୍ଞାତ, ସେତେବେଳେ ମଧ୍ୟ ତାଙ୍କ ଆଚରଣ ଏତେ ଅତୁଳନୀୟ ସ୍ନିଗ୍ଧ, କରୁଣାପ୍ଲୁତ ଏବଂ ପ୍ରଭାବଶାଳୀ ଥିଲା ଯେ ସେଭଳି 'ମାନବ ଜୀବନ'ର ଦ୍ୱିତୀୟ ଆଲେଖ୍ୟ ମତେ ଜଣାନାହିଁ । ଆଶ୍ରମର ମାସିକ 'ମାଦାର ଇଣ୍ଡିଆ'ରେ ମୋ ଲିଖିତ ଶ୍ରୀଅରବିନ୍ଦଙ୍କ ଜୀବନୀର ତିରିଶ ପରିଚ୍ଛେଦ ପ୍ରକାଶ ପାଇଲାଣି । 'ନବପ୍ରକାଶ'ର କଳେବର ଦୃଷ୍ଟିରୁ ସେଥିରେ ପ୍ରତି ସଂଖ୍ୟାରେ ଇଂରାଜୀ ପରିଚ୍ଛେଦର ଅର୍ଦ୍ଧେକ ମାତ୍ର ପ୍ରକାଶ ପାଏ । ଦେଖାଯାଉ, ମୁଁ କେତେଦୂର ଅଗ୍ରସର ହୋଇପାରୁଛି ।

ପ୍ରଶ୍ନ : 'ପ୍ରତିନିଧି'ରେ ଆପଣ ନିୟମିତ ଭାବେ ପ୍ରଥମ ସଂଖ୍ୟାରୁ ଲେଖୁଛନ୍ତି । ସେଥି ନିମନ୍ତେ ପତ୍ରିକା ତରଫରୁ କୃତଜ୍ଞତା ଜଣାଉଛି । ପତ୍ରିକାକୁ ଆହୁରି ସୁନ୍ଦର କରିବା ନିମନ୍ତେ କ'ଣ ପରାମର୍ଶ ?

ଉତ୍ତର : 'ପ୍ରତିନିଧି'ର ସମ୍ପାଦକ ମହୋଦୟ ଶରତବାବୁ କଲେଜ ଜୀବନରୁ ମୋର ସୁହୃଦ୍ । ତାଙ୍କ ସମ୍ଭ୍ରମବୋଧ ଏବଂ ବିନୟ ଏ ଲେଖକ ପାଇଁ ଏକ ସ୍ନିଗ୍ଧ ଅଭିଜ୍ଞତା । ଜୀବନର ବହୁଳାଂଶ ଇଂରାଜୀ ସାମ୍ବାଦିକତାର ସେବା କରିବା ଅନ୍ତେ ଓଡ଼ିଆ ସାମ୍ବାଦିକ ଜଗତକୁ ତାଙ୍କ ପ୍ରତ୍ୟାବର୍ତ୍ତନରେ ଏ ଲେଖକର କିଞ୍ଚିତ୍ ଭୂମିକା ଥିଲା । 'ପ୍ରତିନିଧି'ର ଯେଉଁ ଆଦର୍ଶ ସେ ମୋ ଆଗରେ ଉପସ୍ଥାପନ କଲେ, ସେଥିରେ ପ୍ରଭାବିତ ହୋଇ ଯେ ଯାଏ ପାରିବି ଲେଖୁଥିବାର ପ୍ରତିଶ୍ରୁତି ଦେଲି । ଇଂରାଜୀ ବା ଓଡ଼ିଆରେ ଅନ୍ୟ କୌଣସି ସମ୍ବାଦପତ୍ର ବା ସମ୍ବାଦ-ପତ୍ରିକାରେ ମୁଁ କେତେବର୍ଷ ଧରି ଲେଖୁନାହିଁ ।

ନିଃସନ୍ଦେହରେ 'ପ୍ରତିନିଧି' ଓଡ଼ିଆରେ ଏକ ସାହସିକ ପଦକ୍ଷେପ । ଆପଣମାନଙ୍କ ଉଦ୍ୟମରେ ଅଦ୍ୟାବଧି ପତ୍ରିକାଟି ଅଭିନବତ୍ୱର ଦାବି ରଖିପାରିଛି । ମଧ୍ୟେ ମଧ୍ୟେ ବ୍ୟତିକ୍ରମ ଘଟିଛି । ଅପ୍ରତ୍ୟାଶିତ ଛବି ଏବଂ ଅଳ୍ପସଳ୍ପ ଅବାଞ୍ଛିତ ଭାଷା ଅନୁପ୍ରବେଶ କରିଛି । ଅବଶ୍ୟ ଆଜିକାଲି ଇଂରାଜୀ ସମ୍ବାଦ-ପତ୍ରିକାମାନେ ସେ ଦିଗରେ ଯେଉଁ ବିମର୍ଷକର ଦୃଷ୍ଟାନ୍ତ ରଖୁଛନ୍ତି, ତାହା ଆଗରେ ଏଭଳି ବ୍ୟତିକ୍ରମକୁ ଅନେକ କ୍ଷମଣୀୟ ବୋଲି କହିବେ । କିନ୍ତୁ ମୋର ବିଶ୍ୱାସ, ସଧୈର୍ଯ୍ୟ ନିଷ୍ଠା, ଘଟଣା ପ୍ରବାହର ବଳିଷ୍ଠ ବୌଦ୍ଧିକ ବିଶ୍ଳେଷଣ ଏବଂ ସଙ୍ଗତ ଓ ସଂଯତ ପରିବେଷଣ ବୃହତ୍ତର ପାଠକ ସମାଜ ଭିତରେ ଏହା ପ୍ରତି ସୁବିଶ୍ୱାସ ଉତ୍ପନ୍ନ କରିବ ଏବଂ ତାହା ହିଁ ହେବ ଏହାର ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି । ମୋର ଶୁଭେଚ୍ଛା ।

ମନୋଜ ଦାସ - ସାହିତ୍ୟ ଉପରେ ଡକ୍ଟରେଟ୍ ଉପାଧି

୧. ଡ. ପି.ରାଜା - Proving the Psyche: The stories of Manoj Das

୨. ଡ. ସୁକାନ୍ତି ମହାପାତ୍ର - Spiritual and Psychic elements in the stories of Manoj Das

୩. ଡ. ମନୀନ୍ଦ୍ର ମେହେର - ମନୋଜ ଦାସଙ୍କ ଗଳ୍ପରେ ମାନବଜୀବନ

୪. ଡ. ଶୁକ ମୁନି ମେହେର - ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ମନୋଜ ଦାସଙ୍କ ଗଳ୍ପ

୫. ଡ. ପ୍ରବୀଣା ମହାନ୍ତି - ମନୋଜ ଦାସଙ୍କ କଥା ସାହିତ୍ୟରେ ବ୍ୟଙ୍ଗ

୬. ଡ. ରଶ୍ମିରଞ୍ଜନ ସ୍ୱାଇଁ - ମନୋଜ ଗଦ୍ୟ ସାହିତ୍ୟ(ଅଣ ଉପନ୍ୟାସ)

୭. ଡ. ଭାରତୀ ତ୍ରିପାଠୀ - ମନୋଜ ଦାସଙ୍କ ସାହିତ୍ୟରେ ସୃଷ୍ଟି, ଦୃଷ୍ଟି ଓ ଦିଗ୍‌ବଳୟ

୮. ଡ. କାଳୀପଦ ପ୍ରଧାନ - Satire in selected stories of Manoj Das

୯. ଡ. ବିଦ୍ୟୁତ ପ୍ରଭା - ମନୋଜ ଦାସଙ୍କ ଗଳ୍ପରେ ଆଧ୍ୟାତ୍ମିକତା

୧୦. ଡ. କନକଲତା ପଟ୍ଟନାୟକ - ମନୋଜ ଦାସ କଥା ସୃଷ୍ଟିରେ ଭାରତୀୟ ଜୀବନ ଦର୍ଶନ

୧୧. ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାସ - Magical realism in the fictional works of Manoj Das

୧୨. ଡ. ସର୍ବେଶ୍ୱର ସାମଲ - The Narrative Technique in the stories of Manoj Das

୧୩. ଡ. ଶ୍ରୀମତୀ ରଞ୍ଜନା ସେଠୀ - ଓଡ଼ିଆ ବ୍ୟଙ୍ଗ ସାହିତ୍ୟ ଧାରାରେ ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପ - ଏକ ଅଧ୍ୟୟନ

୧୪. ଡ. ପଞ୍ଚାନନ ଦଳାଇ - The Search for Identity: A study of female characters in Manoj Das's fiction

୧୫. ଡ. ଶତ୍ରୁଘ୍ନ ପାଣ୍ଡବ - କଥାକର ମନୋଜ ଦାସ : ଏକ ଆକଳନ

ସୂଚନା : ଏହି ତାଲିକା ପୂର୍ଣ୍ଣାଙ୍ଗ ନୁହେଁ। ମନୋଜ ଦାସଙ୍କ ଉପରେ ପିଏଚ୍.ଡି. ପ୍ରାପ୍ତ ବହୁ ବ୍ୟକ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନାହିଁ।

ସଂକ୍ଷେପରେ ମନୋଜ ଦାସ

୧୯୩୪	:	ଫେବ୍ରୁଆରୀ ୨୭ରେ ବାଲେଶ୍ୱର ଜିଲ୍ଲା ସୀମାନ୍ତବର୍ତ୍ତୀ ସମୁଦ୍ରକୂଳସ୍ଥ ଗ୍ରାମ ଶଙ୍ଖାରୀରେ ଜନ୍ମ ।
୧୯୪୮	:	ବାଲେଶ୍ୱର ଜିଲ୍ଲା ସ୍କୁଲରେ ୯ମ ଶ୍ରେଣୀରେ ଯୋଗଦାନ ।
୧୯୪୯	:	ପ୍ରଥମ କବିତା ସଂକଳନ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶ ।
୧୯୫୦	:	'ଦିଗନ୍ତ' ପତ୍ରିକାର ସମ୍ପାଦନା ଏବଂ ଦ୍ୱିତୀୟ କାବ୍ୟଗ୍ରନ୍ଥ 'ବିପ୍ଳବୀ ଫକୀରମୋହନ' ପ୍ରକାଶ ।
୧୯୫୧	:	ବାଲେଶ୍ୱର ଜିଲ୍ଲା ସ୍କୁଲରୁ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଏବଂ ଫକୀରମୋହନ ମହାବିଦ୍ୟାଳୟର ପ୍ରଥମ ବାର୍ଷିକ କଳାଶ୍ରେଣୀରେ ଅଧ୍ୟୟନ ।
୧୯୫୨	:	ପ୍ରଥମ ଗଳ୍ପ ସଂକଳନ 'ସମୁଦ୍ରର କ୍ଷୁଧା' ପ୍ରକାଶିତ ।
୧୯୫୩	:	ଦ୍ୱିତୀୟ ଗଳ୍ପ ସଂକଳନ 'ଜୀବନର ସ୍ୱାଦ' ପ୍ରକାଶିତ ।
୧୯୫୩-୫୪	:	ଫକୀରମୋହନ କଲେଜ୍ ଛାତ୍ର ୟୁନିୟନର ସଭାପତି ନିର୍ବାଚିତ, ସାମ୍ୟବାଦୀ ରାଜନୀତିରେ ଅଂଶଗ୍ରହଣ ।
୧୯୫୪	:	ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ଛାତ୍ର ଥିଲାବେଳେ 'ବିଷକନ୍ୟାର କାହାଣୀ' ନାମକ ତୃତୀୟ ଗଳ୍ପ ସଂକଳନ ପ୍ରକାଶିତ ।
୧୯୫୪-୫୫	:	ନିଖିଳ ଉତ୍କଳ ଛାତ୍ର ସଂଘର ସାଧାରଣ ସମ୍ପାଦକ ରୂପେ ନିର୍ବାଚିତ ।
୧୯୫୬	:	ଜାନୁୟାରୀରେ ଐତିହାସିକ ସୀମା ଆନ୍ଦୋଳନରେ ଅଂଶଗ୍ରହଣ, ନେତୃତ୍ୱ ଓ କାରାବରଣ । ଇଣ୍ଡୋନେସିଆର ବାଦୁଂଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ଭାରତୀୟ ଛାତ୍ର ସମାଜର ଅନ୍ୟତମ ପ୍ରତିନିଧି ଭାବରେ ଯୋଗଦାନ ।
୧୯୫୯	:	ରେଭେନ୍‌ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଉପାଧି ଲାଭ । କଟକ ଖ୍ରୀଷ୍ଟ କଲେଜ୍‌ରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗଦାନ । କୁଜଙ୍ଗ ରାଜବଂଶର ଦାୟାଦ ତଥା ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ବୀରବର ସାମନ୍ତ ଓ ଶ୍ରୀମତୀ ରତ୍ନମାଳା ଜେମାଙ୍କ ପ୍ରଥମା କନ୍ୟା ପ୍ରତିଜ୍ଞାଙ୍କ ସହ ଶୁଭବିବାହ । କଟକରେ 'ଯୁଗରୂପା ପ୍ରେସ୍' ପ୍ରତିଷ୍ଠା ଓ 'ଦିଗନ୍ତ'ର ପୁନଃ ପ୍ରକାଶ ।

୧୯୬୧ : ଏକମାତ୍ର ସନ୍ତାନର ଜନ୍ମ ଓ ଅକାଳ ବିୟୋଗ ।

୧୯୬୨ : 'ଆରଣ୍ୟକ' ଗଳ୍ପ ସଂକଳନ ପାଇଁ 'ଡଗର' ରୌପ୍ୟ ଜୟନ୍ତୀ ପୁରସ୍କାର ଲାଭ ।

୧୯୬୩ : ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବରେ ଯୋଗଦାନ ଓ ଅବସ୍ଥାନ ।

୧୯୬୫ : 'ଆରଣ୍ୟକ' ଗଳ୍ପ ସଂକଳନ ପାଇଁ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ପୁରସ୍କାର ଲାଭ ।

୧୯୬୭-୬୮ : ଇଂରାଜୀ 'ୱାର୍ଲ୍ଡ ୟୁନିଅନ'ର ସମ୍ପାଦନା ।

୧୯୬୮-୭୦ : 'ଥଟ୍'ରେ ସାପ୍ତାହିକ ସ୍ତମ୍ଭ ରଚନା ।

୧୯୬୯-୭୧ : 'ଶ୍ରୀ ଅରୋବିନ୍ଦସ୍ ଆକ୍ୱନ୍'ର ସମ୍ପାଦନା ।

୧୯୭୧ : କ୍ଷୁଦ୍ରଗଳ୍ପ ପାଇଁ ପ୍ରଜାତନ୍ତ୍ର ବିଷୁବ ମିଳନ ପୁରସ୍କାର ଲାଭ । ଲଣ୍ଡନ ଯାତ୍ରା, ଏଡ଼ିନବର୍ଗର ଅଭିଲେଖାଗାରରେ ଗବେଷଣା । 'ଥଟ୍' ସ୍ତମ୍ଭ ନିମନ୍ତେ 'ଭିକ୍ଷୁ ଚମନଲାଲ ପୁରସ୍କାର' ଲାଭ ।

୧୯୭୨ : 'କଥା ଓ କାହାଣୀ' ଗଳ୍ପ ସଂକଳନ ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡ଼େମୀ' ପୁରସ୍କାର ଲାଭ ।

୧୯୮୦ : 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' ପାଇଁ 'ଶାରଳା ପୁରସ୍କାର' ଲାଭ ।

୧୯୮୦-୮୧ : ସିଙ୍ଗାପୁର ସରକାରଙ୍କ ଶିକ୍ଷା ବିଭାଗର ପରାମର୍ଶଦାତା ରୂପେ ନିମନ୍ତ୍ରିତ ।

୧୯୮୩-୮୯ : 'ଦ ହିନ୍ଦୁସ୍ଥାନ ଟାଇମ୍ସ'ରେ 'ଦ ବାନିୟନ୍ ଟ୍ରି' ନାମରେ ସାପ୍ତାହିକ ସ୍ତମ୍ଭ ରଚନା ।

୧୯୮୫-୮୯ : ବିଖ୍ୟାତ ଇଂରାଜୀ ମାସିକ ସାହିତ୍ୟ-ସଂସ୍କୃତି ପତ୍ରିକା 'ଦ ହେରିଟେଜ୍'ର ସମ୍ପାଦନା ।

୧୯୮୬ : ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ସମ୍ମାନଜନକ 'ବିଷୁବ ପୁରସ୍କାର' ଲାଭ ।

୧୯୮୯ : 'କେତେ ଦିଗନ୍ତ' ରମ୍ୟରଚନା ଗ୍ରନ୍ଥ ପାଇଁ ଦ୍ୱିତୀୟଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ ।

୧୯୯୪ : ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ ପ୍ରଥମ 'ସାହିତ୍ୟ-ଭାରତୀ' ପୁରସ୍କାର ଲାଭ ।

୧୯୯୫ : 'ଭାରତୀୟ ଭାଷା ପରିଷଦ', କଲିକତା ପକ୍ଷରୁ ସମ୍ମାନିତ ।

୧୯୯୮ : ଦକ୍ଷିଣ ଭାରତର ବିକ୍ରେତା ଓ ପ୍ରକାଶକ ସଂସ୍ଥା ଦ୍ୱାରା ଶ୍ରେଷ୍ଠ ଭାରତୀୟ

ଇଂରାଜୀ ଲେଖକ ରୂପେ 'ବାପାସି' ସମ୍ମାନରେ ସମ୍ମାନିତ ।

୨୦୦୦ : କେ.କେ. ବିରଲା ଫାଉଣ୍ଡେସନ୍ ପକ୍ଷରୁ 'ଅମୃତଫଳ' ଉପନ୍ୟାସ ପାଇଁ 'ସରସ୍ୱତୀ ସମ୍ମାନ' ପୁରସ୍କାର ଲାଭ ।

୨୦୦୧ : ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ । ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ 'ଉତ୍କଳ ରତ୍ନ' ଉପାଧିରେ ଭୂଷିତ ।

୨୦୦୪ : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ତରଫରୁ 'ଡି.ଲିଟ୍' ଉପାଧି ପ୍ରଦାନ ।

୨୦୦୬ : ଉତ୍କଳ ବିଶ୍ୱବିଦ୍ୟାଳ ତରଫରୁ 'ଡି.ଲିଟ୍' ଉପାଧି ପ୍ରଦାନ । କେନ୍ଦ୍ର ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଫେଲୋଶିପ୍' ସମ୍ମାନରେ ସମ୍ମାନିତ ।

୨୦୦୭ : ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ 'ଡି.ଲିଟ୍' ଉପାଧି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀରୁ 'ଅତିବଡ଼ୀ ଜଗନ୍ନାଥ ଦାସ' ପୁରସ୍କାର ଲାଭ ।

୨୦୧୧ : ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ 'ଡି.ଲିଟ୍' ଉପାଧି ପ୍ରାପ୍ତ ।

୨୦୧୩ : 'ଏନ୍.ଟି.ଆର. ନ୍ୟାସନାଲ ଲାଇବ୍ରେରୀ'ରେ ସମ୍ମାନିତ ଓ ଅମୃତକୀର୍ତ୍ତି ପୁରସ୍କାର ଲାଭ ।

୨୦୧୬ : ରେଭେନ୍ସା ବିଶ୍ୱବିଦ୍ୟାଳୟରୁ 'ଡି.ଲିଟ୍' ସମ୍ମାନ ପ୍ରାପ୍ତ ।

୨୦୧୮ : ଶେଷ ଉପନ୍ୟାସ 'ଶେଷ ତାନ୍ତ୍ରିକର ସନ୍ଧାନରେ'ରେ ପ୍ରକାଶିତ ।

୨୦୧୯ : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ।

୨୦୨୦ : ଭାରତ ସରକାରଙ୍କ ତରଫରୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ।

୨୦୨୧ : ୨୭ ଅପ୍ରେଲରେ ଦେହାବସାନ ।

(୨୦୧୪ ମସିହା ୧୬-୨୮ ଫେବୃୟାରୀ ସଂଖ୍ୟା ପାକ୍ଷିକ ନିଉଜ ଫିଚର ପତ୍ରିକା "ଆମ ସମୟର ପ୍ରତିନିଧି"ରୁ ସଂଗୃହୀତ । ଏ ଲେଖକ ସେ ସମୟରେ ସେହି ପତ୍ରିକାର 'ସୃଜନୀ ସଂପାଦକ' ଦାୟିତ୍ୱରେ ଥିଲେ ।)

❐

ହା-ଅନ୍ନ ଉପନ୍ୟାସର ପୃଷ୍ଠଭୂମି



କାହ୍ନୁ ଚରଣ

୧୯୧୫ ସାଲର କଥା । ମୋ ବୟସ ସେତେବେଳେ ନଅ । ନାଗବାଲି ଚାଟଶାଳୀର ପାଠ ଶେଷକରି ମୁଁ ଓ ମୋର ବଡ଼ଭାଇ ଯଦୁନାଥ ସୋନପୁର ଗଡ଼କୁ ଉଚ୍ଚଶିକ୍ଷା ପାଇଁ ଗଲୁଁ । ବାପା ସୂର୍ଯ୍ୟମଣି ମହାନ୍ତି ସେତେବେଳେ ସୋନପୁର ରାଜ୍ୟର ପି.ଡବ୍ଲ୍ୟୁ.ଡି ଓଭରସିଅର । ଛୋଟ ସୋନପୁର ରାଜ୍ୟର ନିର୍ମାଣ ବିଭାଗର ସେ ଥିଲେ ମୁଖ୍ୟ କର୍ତ୍ତା । ଦରମା ପଚାଶ ଟଙ୍କା । ସେତେବେଳେ ଟଙ୍କାରେ ଷୋଳ ତାମ୍ବି ଅର୍ଥାତ୍ ପ୍ରାୟ ଏକ ମହଣ ଚାଉଳ ମିଳୁଥିଲା । ସେହି ଅନୁପାତରେ ଅନ୍ୟାନ୍ୟ ପଦାର୍ଥର ଦର ।

ଗ୍ରାମରେ ରହିଲେ ମୋ ବୋଉ ଦୁର୍ଗାବତୀ ଓ ତାଙ୍କର କୋଡ଼ପୋଛା ଟିକିପୁଅ ଓ ଆମର ଗେଲବସର ସାନଭାଇ ଗୋପିନାଥ ।

ସୋନପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟର ତଳଶ୍ରେଣୀରେ ମୁଁ ଓ ଧୂଳଭାଇ (ଯଦୁନାଥ) ନାମ ଲେଖାଇଲୁଁ । ଆମ ଦୁହିଁଙ୍କର ଜନ୍ମସ୍ଥାନ ସେହି ସୋନପୁରଗଡ଼ । ଧୂଳିଭାଇଙ୍କ ଉପରେ ପାଞ୍ଚୋଟି ପୁଅ ବୋଉ କୋଳକୁ ଆସି ବାହୁଡ଼ି ଯାଇଥିଲେ । ସେଥିପାଇଁ ତାଙ୍କର ଡାକ ନାମ ଧୂଳିଆ ରଖାଯାଇଥିଲା । ମୋ ବୋଉ ତାଙ୍କୁ ଜଣେ ଚମାରୁଣୀକୁ ବିକ୍ରି କରିଦେଇଥିଲେ ।

ମୁଁ ଜନମିଥିଲି ଜନ୍ମାଷ୍ଟମୀ ଦିନ । ବୋଉ ମୋତେ କୌଣସି ପାଲୁଣୀଙ୍କୁ ବିକ୍ରି କରି ନ ଥିଲେ । ତେବେ ପିଲାଦିନେ ମୋତେ କହ୍ନେଇ ସାମଲ ପିଙ୍କା ଦଲାଲ କହି ମୋ ଅପା ଓ ଅନ୍ୟମାନେ ଚିଡ଼ାଉଥିଲେ । ଶୁଣିଛି, କହ୍ନେଇ ସାମଲ ନାମରେ ଜଣେ ସଚ୍ଚୋଟ ପାଣ ଆମ ଗ୍ରାମରେ ଥିଲେ । ପଞ୍ଚାୟତ ସଭାକୁ ସେ ନିଶାପ କରିବାକୁ ଡକା ହେଉଥିଲେ । ସେ ବୁଢ଼ାଲୋକ । ଲମ୍ବପିକା ଟାଣନ୍ତି । କଦମ୍ବଦାଣ୍ଡରେ ଧୂଳି ଉପରେ ଦୂରେଇ ବସି ସବୁ ମନକର୍ଣ୍ଣ ଦେଇ ଶୁଣନ୍ତି ଓ ମସୁଧା ଦିଅନ୍ତି ।

'ପିଙ୍କା ଦଲାଲ'ର ଅର୍ଥ ମୁଁ ଅଦ୍ୟାପି ବୁଝି ନାହିଁ । ପିଲାଦିନେ ସମସ୍ତେ ପାଣ କହ୍ନେଇ ସାମଲଙ୍କ ସଙ୍ଗେ ମତେ ସମାନ କରୁଥିଲେ ବୋଲି ମୁଁ ଡରୁଥିଲି ଓ କାନ୍ଦୁଥିଲି । ଆଜି ମୁଁ ସେହି ଅଜଣା ମହାତ୍ମାଙ୍କ କଥା ସ୍ମରଣ କରୁଛି । ମନରେ ଗର୍ବ ଓ ଆନନ୍ଦ ଆସୁଛି । ସେହି ମହାତ୍ମାଙ୍କର ପଦଧୂଳି ନାଗବାଲି ଗ୍ରାମର ଧୂଳିକଣାରେ ମିଶିଥିବ । କଦମ୍ବଦାଣ୍ଡରେ ଆମେ ତଳ ଉପର ଦୁଇଭାଇ ଗଡ଼ାଗଡ଼ି ହେଲାବେଳେ ସେଇ ଧୂଳିକଣା ଅବଶ୍ୟ ମୋର ମୁଣ୍ଡରେ ଲାଗିଥିବ ।



ଧୂଳଭାଇ ଚମାରୁଣୀଙ୍କର ପୋଷ୍ୟପୁତ୍ର ଓ ମୁଁ ପାଣ କହ୍ନେଇ ସାମଲଙ୍କର ନାମାନ୍ତର ।

୧୯୧୫-୧୬ ରେ ଉତ୍ତର ଓଡ଼ିଶାର ଗଡ଼ଜାତମାନଙ୍କରେ ଅନାବୃଷ୍ଟି ହେଲା । ଦୁର୍ଭିକ୍ଷ ପଡ଼ିଲା । ସୋନପୁର ରାଜ୍ୟରେ ବୋଧହୁଏ ବର୍ଷା ହୋଇଥିଲା, କାରଣ ସେ ରାଜ୍ୟରେ ଦୁର୍ଭିକ୍ଷ ପଡ଼ିନଥିଲା ପରା ! ସେତେବେଳେ ସୋନପୁରର ମହାରାଜା ଥିଲେ ସାର ଶ୍ରୀ ବୀରମିତ୍ରୋଦୟ

ସିଂହଦେବ । କେ.ସି.ଏସ.ଆଇ ଧର୍ମନିଧି । କେଜାଣି ବା ତାଙ୍କର ଦୂରଦୃଷ୍ଟି ପାଇଁ ସୋନପୁର ରାଜ୍ୟର ପ୍ରଜାମାନେ ଦୁର୍ଭିକ୍ଷର ଦାଉରୁ ରକ୍ଷା ପାଇଥିଲେ ।

ମନେ ଅଛି । ଆଖପାଖ ଗଡ଼ଜାତମାନଙ୍କରୁ ସହସ୍ର ସହସ୍ର ବୁଭୁକ୍ଷୁ ନରନାରୀ, ବାଳକ ବାଳିକା ଆସି ଛୋଟ ସୋନପୁର ସହରରେ ରୁଣ୍ଡହେଲେ । ଦିନୁଦିନ କାଙ୍ଗାଳ କଙ୍କାଳଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା । ବାଟ ଘାଟ ଗଛମୂଳ ସର୍ବତ୍ର କେବଳ କଙ୍କାଳ । କିଏ କେତେ ଭିକ୍ଷା ଦେବ ? ସମସ୍ତେ ତ କ୍ଷୁଧାରେ ଛଟପଟ ହେଉଛନ୍ତି । ଅତି ଧାର୍ମିକ, ଅତି ଉଦାର ବୋଲି ଯେଉଁମାନଙ୍କର ନାମ ଡାକଥିଲା, ସେମାନଙ୍କ ଦ୍ୱାରରୁ ମଧ୍ୟ ନାସ୍ତିବାଣୀ ଶୁଣି କଙ୍କାଳମାନେ ଫେରିଲେ ।


ମହାରାଜା ସାର ଶ୍ରୀ ବିରମିତ୍ରୋଦୟଙ୍କର ଆଦେଶରେ ତେଲନଦୀକୂଳରେ ସୁବର୍ଣ୍ଣମେରୁ ମହାଦେବଙ୍କ ପାଖ ପଡ଼ିଆରେ ଅନ୍ନଛତ୍ର ଖୋଲାହେଲା । ଦିନକୁ ଥରେ ଅନ୍ନ ବିତରଣ କରାଗଲା । ବୋଧହୁଏ ଅନ୍ନବ୍ୟଞ୍ଜନ ଯଥେଷ୍ଟ ନଥିଲା । ବାପାଙ୍କ ସଙ୍ଗେ ଅନେକ ଥରଯାଇ ସେହି ଭୟାବହ ଦୃଶ୍ୟ ଦେଖିଛି । ହାଡ଼ମାଳ ଦରଲଙ୍ଗଳା ଦେହ, କୋରଡ଼ ଆଖି, ଫୁର୍‌ଫୁର୍ ବାଳ, ଟଳମଳ ଚାଲି, ଆଉ ମୁଠିଏ ଦିଅ ବୋଲି କ୍ଷୀଣ କରୁଣ କୋଳାହଳ । ବାଟଘାଟରେ ମୁହଁଚିହ୍ନା ଅଜଣା କଙ୍କାଳମାନଙ୍କର ମଲାଦେହ ।

କିପରି ବର୍ଣ୍ଣିବି ସେ କରୁଣ ଓ ଭୟଙ୍କର ଦୃଶ୍ୟ । ଅନୁଭବ କରିପାରୁଛି । ଆଖି ଆଗରେ ସବୁ ଦିଶିଯାଉଛି । ଲେଖିବାର ଭାଷା ମୋତେ ଜଣାନାହିଁ । ମନେପଡୁଛି ସେକାଳର ସୋନପୁର- ଗୋଟିଏ ପାଖରେ ମହାନଦୀ, ଆରପାଖରେ ତେଲନଦୀ । ସମଲେଶ୍ୱରୀ, ସୁରେଶ୍ୱରୀ, ମହାବୀର ଓ ସୁକର୍ଣ୍ଣମେରୁ, ପ୍ରଭୃତି ଦେବୀ ଓ ଦେବମାନେ ପୂଜିତ ହେଉଛନ୍ତି । ମନେପଡୁଛି, ବିଷସାଗର ଓ ପାଣି ନାଗର ବନ୍ଧର, ପୋଖରୀ ଆଡ଼ି, ନରକଙ୍କାଳର ସଡ଼ାପଚା ଗନ୍ଧ କ୍ଷତବିକ୍ଷତ ଦେହ !

୧୯୧୮ ସାଲରେ ବାପା ଚାକିରିରୁ ଇସ୍ତଫା ଦେଲେ । ଆମେ ସ୍ୱର୍ଣ୍ଣପୁର ଛାଡ଼ିଲୁ । ଅବଶ୍ୟ ପୁଣି କେତେବର୍ଷ ପରେ ବାପା ପୁଣି ସୋନପୁରରେ ନବ ନିଯୁକ୍ତି ପାଇ ସେଠାକୁ ଗଲେ । ମୋର ଜନ୍ମସ୍ଥାନ ସୋନପୁରକୁ ଅଦ୍ୟାବଧି ମୁଁ ଆଉଥରେ ଯାଇପାରିନାହିଁ । ୪୩ ବର୍ଷ ବିତିଗଲାଣି । ପିଲାଦିନେ ଦୁର୍ଭିକ୍ଷର ଯେଉଁ କରାଳ ଦୃଶ୍ୟ ମୁଁ ଦେଖିଥିଲି ସେ ଦୃଶ୍ୟ ଝାପ୍‌ସା ହୋଇ ଏବେ ମଧ୍ୟ ମୋ ଆଖି ଆଗରେ ଦିଶିଯାଉଛି ।

୧୯୩୩ ସାଲରେ କଟକର ସୁପରିନ୍‌ଟେଣ୍ଡିଂ ଇଞ୍ଜିନିୟରଙ୍କ ଅଫିସରେ ମୁଁ କିରାଣୀ ହୋଇ କାମ କରୁଥିଲି । ସମୟ ମିଳିଲେ ପୁରୁଣା ନଥିପତ୍ର ପଢ଼ିବାକୁ ଚେଷ୍ଟାକରେ । ଦିନେ ପୁରୁଣା ନଥିପତ୍ର ଭିତରେ ଖଣ୍ଡିଏ ହାତଲେଖା ଇଂରେଜୀ ପତ୍ର ଦେଖିଲି । ୧୮୬୭ ସାଲରେ ସେ ପତ୍ରଟିକୁ ବାଲେଶ୍ୱର ଜିଲ୍ଲାର ତତ୍‌କାଳୀନ ଗୋରା ଜିଲ୍ଲା କଲେକ୍ଟର ସେ ସମୟର ବନ୍ଧବାଡ଼ ଇଲାକାର ସୁପରିଟେଣ୍ଡେଣ୍ଟଙ୍କ ପାଖକୁ ଲେଖିଥିଲେ । ସେ ସମୟରେ


ଓଡ଼ିଶା ଡିଭିଜନର କମିସନର ସାହେବ ବନ୍ଧବାଡ଼ର ସୁପରିଟେଣ୍ଡେଣ୍ଟ ଥିଲେ । ବାଲେଶ୍ୱର କଲେକ୍ଟର ତାଙ୍କର ସେହି ପତ୍ରରେ ଦୁର୍ଭିକ୍ଷର କରାଳ ଚିତ୍ର ବର୍ଣ୍ଣନା କରିଥିଲେ । ରିଲିଫ୍ କାର୍ଯ୍ୟ ସକାଶେ ବନ୍ଧବାଡ଼ର କାମ ଅତିଶୀଘ୍ର କରାଇବାକୁ ପ୍ରସ୍ତାବ ଦେଇଥିଲେ । ଅନ୍ନଛତ୍ର ଗୁଡ଼ିକରେ କିପରି କ'ଣ ବ୍ୟବସ୍ଥା କରିବାକୁ ହେବ ତାହାର ସୂଚନା ଦେଇଥିଲେ । କେବଳ ସେହି ପତ୍ରଟିକୁ ନୁହେଁ ସମଗ୍ର ନଥିଟିକୁ ପଢ଼ିଲି । ଦେହ ଓ ମନ ଥରିଉଠିଲା । ଅଜାଣତରେ ଆଖିରୁ ଲୁହ ଝରିଲା । ଦୁର୍ଭିକ୍ଷର ଦୃଶ୍ୟ ପୁଣି ମୋ ଆଖି ଆଗରେ ଠିଆହେଲା ।



କମିସନରଙ୍କ ଅଫିସକୁ ଗଲି । ସେତେବେଳେ ତାଙ୍କର ପି.ଏ. ଥିଲେ ରାୟବାହାଦୁର ଉମାଚରଣ ଦାସ । ବାଲେଶ୍ୱର କଲେକ୍ଟରଙ୍କ ପତ୍ରର କେତେକ ଘଟଣା ମୋ ମୁହଁରୁ ଶୁଣି ରେକର୍ଡ ରୁମ୍‌ରେ ବସି ପୁରୁଣା ନଥିପତ୍ର ପଢ଼ିବାକୁ ସେ ମୋତେ ଅନୁମତି ଦେଲେ । କେତେଦିନ ମୁଁ ପଢ଼ିଲି ଓ ନୋଟ୍‌କଲି ମୋର ମନେନାହିଁ । ଫ୍ୟାମାଇନ କମିସନରଙ୍କର ଛପା ରିପୋର୍ଟ (ସା. ୧୮୬୬ରୁ୧୮୬୮) ତିନୋଟି ବଡ଼ ବହି । ସେହି ବହି ତିନୋଟି ପଢ଼ିଲି ନୋଟକଲି, ୧୯୧୫/୧୬ ର ଦୃଶ୍ୟ ସତେକି ପ୍ରତିପୃଷ୍ଠାରେ ପ୍ରତିଫଳିତ ହୋଇଥିଲା ।

ଯାହା ମୁଁ ଅନୁଭବ କରିଥିଲି, ଯାହା ମୋର ସ୍ନାୟୁ ଥରାଇଥିଲା, ରକ୍ତ ତତାଇ ଥିଲା, ଆଖିରେ ଲୁହ ଆଣିଥିଲା, ମୋତେ ଉନ୍ମିଦ ଓ ଛଟପଟ କରିଥିଲା ତାହାକୁ ମୁଁ ମୋର ସେ କାଳର ଭାଷାରେ ରୂପ ଦେବାକୁ ଚେଷ୍ଟା କରିଥିଲି । ମୋ ଭିତରର କେଉଁ ଅଜଣା ପ୍ରେରଣା ମୋ କଲମକୁ ଆଗକୁ ଠେଲିଥିଲା, "ହା-.....ଅନ୍ନ" ଲେଖାଇଥିଲା ।

❐



ଲାଲା ଲଜପତ ରାୟଙ୍କ 'ଭାରତ ପ୍ରତି ଇଂଲଣ୍ଡର ଋଣ' ପୁସ୍ତକ ସଂପର୍କରେ



ପୁସ୍ତକର ମୁଖବନ୍ଧ ଅନୁବାଦ:
ପ୍ରଦୀପ୍ତ କୁମାର ସାମଲ
ପ୍ଲଟ ନଂ ୩୦୦/୧୦୨୨
ଆଖଣ୍ଡଳମଣି ମନ୍ଦିର ନିକଟ
ପୋଖରୀପୁଟ, ଭୁବନେଶ୍ୱର- ୭୫୧୦୨୦
ମୋ: ୯୪୩୭୧୯୮୬୯୫

୧୯୧୭ ମସିହାରେ ମହାନ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କର ଏକ ଗବେଷଣାଧର୍ମୀ ପୁସ୍ତକ 'ଭାରତକୁ ଇଂଲଣ୍ଡର ଋଣ' ପ୍ରକାଶ ପାଇଲା । ଏହାର ଉପଶୀର୍ଷକ : 'ଭାରତରେ ବ୍ରିଟିଶ ଆର୍ଥିକ ଓ ରାଜସ୍ୱ ନୀତିର ଐତିହାସିକ ବୃତ୍ତାନ୍ତ' । ଏହାର ଇଂରାଜୀ ନାମ ହେଉଛି – England's Debt to India

A Historical Narrative of Britain's Fiscal Policy in India

ଏହି ପୁସ୍ତକ ଜାତୀୟତାବାଦୀ ସାହିତ୍ୟ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ରଚନା ।

ତଥ୍ୟ ଓ ପ୍ରମାଣ ସହିତ ଲାଲାଜୀ ପ୍ରମାଣ କରିଛନ୍ତି – ଭାରତରେ ବ୍ରିଟିଶ ଶାସନ କେବଳ ଏକ ରାଜନୈତିକ କବ୍‌ଜା ନ ଥିଲା, ଏହା ଥିଲା ଆର୍ଥିକ ଶୋଷଣର ସୁଗମ ମାର୍ଗ । ବ୍ରିଟିଶ ସରକାର ଶୋଷଣ ନୀତି ଆଧାରରେ ଭାରତର ସଂପଦ, ରାଜସ୍ୱ ଓ ମାନବ ସମ୍ବଳ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଥିଲା, ଅଥଚ ସାରା ବିଶ୍ୱରେ ପ୍ରଚାର

କରୁଥିଲା ଏହା ଭାରତର ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁଛି । ପୁସ୍ତକରେ ଲାଲାଜୀ ଉଲ୍ଲେଖ କରିଛନ୍ତି - ଭାରତୀୟ କରଦାତାଙ୍କ ଅର୍ଥରେ ବ୍ରିଟିଶ ସରକାରଙ୍କର ଯାବତୀୟ ଖର୍ଚ୍ଚ ଯଥା : ପ୍ରଶାସନ, ସେବା ଏପରିକି ଅବସର ନେଉଥିବା ଅଧିକାରୀଙ୍କ ପେନସନ୍ ମଧ୍ୟ ଭରଣା କରାଯାଇଥିଲା । ଏଥିରେ ଆହୁରି ମଧ୍ୟ ଉଲ୍ଲେଖ ଅଛି : ବ୍ରିଟିଶ ସରକାରଙ୍କର ସ୍ୱାର୍ଥନ୍ୱେଷୀ ରାଜସ୍ୱ ନୀତି ଭୂମି ରାଜସ୍ୱ, ଲବଣ କର ଓ ଆମଦାନୀ-ରପ୍ତାନୀ ଯୋଗୁ ଭାରତୀୟ ଶିଳ୍ପ ଜଗତ ଧ୍ୱଂସ ପାଇଗଲା ।

ବୃହତ୍ତର ଓଡିଆ ପାଠକଙ୍କ ଅବଗତି ନିମନ୍ତେ ପୁସ୍ତକର ମୁଖବନ୍ଧର ଓଡ଼ିଆ ଅନୁବାଦ ପ୍ରକାଶ କରାଗଲା ।

ପୁସ୍ତକର ପ୍ରାରମ୍ଭ ପୃଷ୍ଠାରେ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଅଫ୍ ଇଣ୍ଡିଆ ଜେ. ଅଷ୍ଟେନ ଚାମ୍ବେରଲେନ୍‌ଙ୍କର ୩୦ ମାର୍ଚ୍ଚ ୧୯୧୭ ମସିହାର ଏକ ଉକ୍ତି ଉଦ୍ଧାର କରାଯାଇଛି : India will not remain, and ought not to remain content to be a hewer of wood and a drawer of water for the rest of the Empire. ଯାହାର ସଂକ୍ଷିପ୍ତ ଓଡିଆ ମର୍ମାନୁବାଦ ଏହିଭଳି ହୋଇପାରେ - 'ଭାରତ ଆଉ ଶସ୍ତା ଶ୍ରମିକ ଏବଂ କଞ୍ଚାମାଲ ଯୋଗାଉଥିବା ଆଜ୍ଞାକାରୀ ଏବଂ ସେବାକାରୀ ରାଷ୍ଟ୍ର ହୋଇ ରହିବ ନାହିଁ ।' ଏହି ଗୋଟିଏ ବାକ୍ୟ ଦେଶର ଗରିମାକୁ ବୃଦ୍ଧି କରିବାରେ ସହାୟକ ହୋଇଛି ।

୨୦୧୨ ମସିହାରେ ହିନ୍ଦୁସ୍ତାନ ବୁକ୍‌ସ ପ୍ରକାଶନ ସଂସ୍ଥା ଆନୁକୂଲ୍ୟରେ ଏହି ପୁସ୍ତକର ପୁନଃମୁଦ୍ରଣ ହୋଇଥିଲା । ଏହି ସଂସ୍କରଣର ଅଗ୍ରଲେଖ ଲେଖିଛନ୍ତି ଭାରତର ପୂର୍ବତନ ଅର୍ଥ,ବିଦେଶ ଓ ପ୍ରତିରକ୍ଷା ମନ୍ତ୍ରୀ ଯଶୱନ୍ତ ସିଂହ । ଏଥିରେ ସେ ଯେଉଁ ତଥ୍ୟ ଉପସ୍ଥାପନା କରିଛନ୍ତି, ତାହା ଅତ୍ୟନ୍ତ ଚାଞ୍ଚଲ୍ୟକର । ସେହି ଅଂଶର ଓଡ଼ିଆ ଅନୁବାଦ ନିମ୍ନରେ ପ୍ରଦାନ କରାଗଲା ।

"ବହୁ କମ୍ ଲୋକ ଜାଣନ୍ତି ଯେ ଦେଶର ସ୍ୱାଧୀନତା ପରବର୍ତ୍ତୀ ଦାରିଦ୍ର୍ୟର ମୁଖ୍ୟ କାରଣ ହେଉଛି ଟ୍ରନ୍ସଫର ଅଫ୍ ପାୱାର ଚୁକ୍ତିନାମା ଅନୁଯାୟୀ ଭାରତ ଉପରେ ୧୮୦୦ କୋଟି ଟଙ୍କର ଋଣ । ୧୯୪୭ ମସିହାରେ ୧୮୦୦ କୋଟି ଟଙ୍କର ମୂଲ୍ୟ ବୁଝିବାକୁ ହେଲେ ସେ ସମୟର ମୁଦ୍ରା ବିନିମୟ ହାର ଅନୁଶୀଳନ କରିବାକୁ ହେବ । ସେତେବେଳେ ବ୍ରିଟିଶ ପାଉଣ୍ଡର ବିନିମୟ ହାର ଥିଲା ଟ୧୩.୫୦, ଆମେରିକୀୟ ଡଲାର ଟ୫.୦୦ ଏବଂ ୧୦ ଗ୍ରାମ ବିଶୁଦ୍ଧ ସୁନାର ମୂଲ୍ୟ ଟ୮୮.୬୨. ଏବେ ମୁଦ୍ରା ଅବମୂଲିତ୍ୟ ହୋଇଯାଇଥିବାରୁ ବିଶୁଦ୍ଧ ସୁନାକୁ ଏକକ ମାନକ ଭାବେ ଗ୍ରହଣ କରିବାକୁ ହେବ ।

୨୦୧୨ ମସିହା ଜୁନ୍ ମାସରେ ୧୦ ଗ୍ରା ବିଶୁଦ୍ଧ ସୁନାର ମୂଲ୍ୟ

ଟ୩୦,୦୦୦କ୍କା ହୋଇଥିବାରୁ ଏହି ଆଧାରରେ ୧୮୦୦ କୋଟି ଟଙ୍କା ଋଣର ବର୍ତ୍ତମାନ ମୂଲ୍ୟ ହେଉଛି ଟ ୬,୦୯,୨୭୪ କୋଟି ଟଙ୍କା । ୧୮୦୦କୋଟି ଟଙ୍କା ସମୁଦାୟ ଋଣ ମଧ୍ୟରୁ ଚୁକ୍ତିନାମା ଅନୁଯାୟୀ ପାକିସ୍ତାନ ୩୦୦ କୋଟି ଟଙ୍କା ଭାରତକୁ ଫେରାଇବା କଥା । କିନ୍ତୁ ପାକିସ୍ତାନ ଏପର୍ଯ୍ୟନ୍ତ ଗୋଟିଏ ଟଙ୍କା ଫେରସ୍ତ କରିନାହିଁ ।

କର ହ୍ରାସ ପାଇଁ ସାଧାରଣ ଜନତାଙ୍କ ଆଶା ବଜାୟ ରଖିବା ଏବଂ ୧୮୦୦ କୋଟି ମୂଳଧନ ଉପରେ ସୁଧ ପ୍ରଦାନ କରିବା - ଭାରତ ପକ୍ଷେ ଏହା ଅତ୍ୟନ୍ତ କଠିନ ସ୍ଥିତି ଥିଲା । ଏଥି ନିମନ୍ତେ ବହୁ କଠୋର ପଦକ୍ଷେ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲା - ଯଥା : ବିଦେଶୀ ମୁଦ୍ରା ସଂଚୟ ପାଇଁ ସୁନା ଆମଦାନୀ ଉପରେ କଟକଣା, ଆୟକର ସର୍ବୋଚ୍ଚ ସ୍ଲାବ ୬୦%କୁ ବୃଦ୍ଧି ଇତ୍ୟାଦି ।

ଭାରତ ସରକାର ସୁଧ ଓ ମୂଳଧନ ପରିଶୋଧ କରିବା ପାଇଁ ନୂତନ ଋଣ ଆଣିବାକୁ ବାଧ୍ୟ ହୋଇଥିଲେ ଏବଂ ଏ ପ୍ରକ୍ରିୟା ଆଜି ମଧ୍ୟ ଅବ୍ୟାହତ ରହିଛି । ୧୯୪୭ ମସିହାରେ ସୁଧ ହାର ଥିଲା ୩%, ୧୯୮୫-୯୦ରେ ୧୮-୨୦% ଏବଂ ୨୦୧୨ ମସିହାରେ ଏହା ୧୨% ରହିଛି । ଯଦି ମଧ୍ୟମ ସୁଧ ହାର ୧୨% ଆକଳନ କରାଯାଏ, ତେବେ ଆଜି ଦିନରେ ଋଣ ରାଶି ୨୮ ଲକ୍ଷ କୋଟି ଟଙ୍କା ହୋଇଥାନ୍ତା । କିନ୍ତୁ ବାସ୍ତବରେ ଆଜିର ଦିନରେ ସରକାରଙ୍କ ମୋଟ ଋଣ ପରିମାଣ ହେଉଛି -୪୦,୭୦,୩୨୦.୬୮ କୋଟି ଟଙ୍କା । (Annual Financial Statement, p. 6, Union Budget 2012-13 ଆଧାରରେ)"

ଉପରୋକ୍ତ ତଥ୍ୟରୁ ଏହା ପ୍ରମାଣିତ - କେବଳ ଶାସନ କରୁଥିବା କାଳରେ ନୁହେଁ , ସ୍ୱାଧୀନତା ପରେ ମଧ୍ୟ ବ୍ରିଟିଶ ସରକାର ସ୍ୱଧୀନ ଭାରତର ରକ୍ତ ଶୋଷଣ କରୁଥିଲା । ପ୍ରଶ୍ନ ଉଠୁଛି - ସାଧାରଣ ଜନତାଙ୍କୁ ଏହା ଅଗୋଚର ରଖାଗଲା କାହିଁକି ?

- ଅଭୟ ଦ୍ୱିବେଦୀ

'ଭାରତ ଉପରେ ଇଂଲଣ୍ଡର ଋଣ' ପୁସ୍ତକର ମୁଖବନ୍ଧ

ମୂଳ : ଲାଲା ଲଜପତ ରାୟ

ଏହି ପୁସ୍ତକଟି ଏକ ପ୍ରକାର ମୋର ଅନ୍ୟ ପୁସ୍ତକ "Young India"ର ଏକ ସାଥି ପୁସ୍ତକ ଭଳି । ସେଥିରେ ମୁଁ ରାଜନୈତିକ ଦୃଷ୍ଟିକୋଣରୁ ବ୍ରିଟିଶ ଶାସନ କିପରି ଥିଲା ତାର ଆଲୋଚନା କରିଥିଲି । ମାତ୍ର ଏହି ପୁସ୍ତକରେ ମୁଁ ବ୍ରିଟିଶ ଶାସନର ଅର୍ଥନୈତିକ ପ୍ରଭାବ କିପରି ରହିଛି ସେ ବିଷୟରେ ଆଲୋକପାତ କରିଅଛି । ଏହି ପୁସ୍ତକରେ ଏପରି କୌଣସି ବିବରଣୀ ନାହିଁ ଯାହାକି ବ୍ରିଟିଶମାନଙ୍କର ସାହାଯ୍ୟ ଉପରେ ପର୍ଯ୍ୟବସିତ ନୁହେଁ । କିଛି ପ୍ରମାଣ ସରକାରୀ ସୂତ୍ରରୁ ସଂଗୃହିତ ଏବଂ ଆଉ କିଛି ବେସରକାରୀ ସୂତ୍ରରୁ ଆନୀତ । ମୋର ନିଜର ଜ୍ଞାନ ତଥା ଅଭିମତ ଯଦିଚ ସାମାନ୍ୟ ଅଂଶରେ ବ୍ୟବହୃତ ହୋଇଛି, ତାହା ନିଜ ଅଜାଣତରେ ଘଟିଅଛି । ସେହିପରି ଅନ୍ୟାନ୍ୟ ଭାରତୀୟ ବିଜ୍ଞଜନମାନଙ୍କର ମତାମତ ମଧ୍ୟ ପୁସ୍ତକର ପୃଷ୍ଠଭୂମିରେ ସ୍ଥାନ ପାଇଛି । ବର୍ତ୍ତମାନ ଦେଖା ଯାଉଛି ଯେ ଯେଉଁ ଦେଶ ନିଜର କର୍ତ୍ତୃତ୍ୱ ଓ ଶାସନ ନିଜ ଠାରୁ ଦୁର୍ବଳ ଦେଶ ଉପରେ ଲଦି ଦେବାରେ ସଫଳ ହେଉଛନ୍ତି, ସେମାନେ ସେହି ଅଧିକୃତ ଦୁର୍ବଳ ଦେଶକୁ ସଫଳତା ପାଇବା ପାଇଁ ଅଯୋଗ୍ୟ ବୋଲି ପ୍ରଚାର କରୁଛନ୍ତି । ବଳଶାଳୀ ଦେଶମାନଙ୍କର ଏପରି ଏକ ହୀନନୈତିକ ମାନସିକତା ଆଦୌ ଶୋଭନୀୟ ନୁହେଁ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଇଂରେଜ ବ୍ୟକ୍ତିମାନେ ବିଶ୍ୱାସ କରନ୍ତି ଯେ ବ୍ରିଟିଶ ଶାସନକୁ ସମାଲୋଚନା କରୁଥିବା ଭାରତୀୟମାନେ ସର୍ବଦା ଜାତି ତଥା ରାଜନୈତିକ ପକ୍ଷପାତିତାର ଶୀକାର ହୋଇ ଥାଆନ୍ତି; ମାତ୍ର ସେମାନେ (ବ୍ରିଟିଶ) ଏହି ପକ୍ଷପାତ ଚିନ୍ତାଧାରାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ ଥାଆନ୍ତି ।

ସାଧାରଣତଃ ଦେଖା ଯାଇଥାଏ ଯେ ଯେଉଁ ବ୍ୟକ୍ତିର ଜୋତା ତାକୁ ଯନ୍ତ୍ରଣା ଦିଏ, ସେ କେବଳ ଯନ୍ତ୍ରଣାର ଅନୁଭୂତିର ସତ୍ୟତାକୁ ପ୍ରତିପାଦନ କରିପାରେ । ମାତ୍ର ରାଜନୀତି କ୍ଷେତ୍ରରେ ଏହି ନିୟମ ଠିକ୍ ଓଲଟା ହୋଇଥାଏ । ଯେତେବେଳେ କୌଣସି ଶାସକର କାର୍ଯ୍ୟକଳାପକୁ ବିଚାର କରାଯାଏ ସେତେବେଳେ ଶାସିତ ପ୍ରଜାର ମତାମତକୁ ଉପେକ୍ଷା କରାଯାଇ ଶାସକମାନଙ୍କର ମତକୁ ହିଁ ଅଗ୍ରାଧିକାର ଦିଆଯାଏ ।

ଉପରୋକ୍ତ ଆକ୍ଷେପରୁ ନିଜକୁ ମୁକ୍ତ ରଖିବା ପାଇଁ ମୁଁ ଏଠାରେ ନିଜର ମତାମତକୁ ଗୌଣ କରି ଇଂରେଜମାନଙ୍କର ମୁଖ ନିସୃତ ମନ୍ତବ୍ୟକୁ ଅଗ୍ରାଧିକାର ଦେଇଛି । ଏହି ଦୃଷ୍ଟିକୋଣରୁ ଚିନ୍ତା କଲେ, କହିବାକୁ ହେବ ଯେ ମୋର ପୁସ୍ତକଟିରେ ନିଜର କୌଣସି ମୌଳିକତା ନାହିଁ, ବରଂ ଏହା ବ୍ରିଟିଶ ସରକାରଙ୍କଦ୍ୱାରା ପ୍ରକାଶିତ ବିଭିନ୍ନ ସମ୍ବାଦ ବା ବିବରଣୀ ତଥା କତିପୟ ବ୍ରିଟିଶ ବ୍ୟକ୍ତିମାନଙ୍କର ମତାମତର ଏକ ସଂକଳନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ପୂର୍ବରୁ Mr. Digby ନାମକ ଜଣେ ବ୍ରିଟିଶ ଲେଖକ ଭାରତ

ସମ୍ବନ୍ଧରେ ଅତି ବିଶଦ ଭାବରେ ଏକ ପୁସ୍ତକ ରଚନା କରିଥିଲେ । ବିତଣ୍ଡନାର ବିଷୟ ଯେ ପୁସ୍ତକର ନାମ ଥିଲା "Prosperous India"। Messers Hyndman, Wilson ଏବଂ ଅନ୍ୟମାନେ ସବିଶେଷ ଭାବରେ ଉକ୍ତ ବିଷୟ ବସ୍ତୁକୁ ଉପସ୍ଥାପିତ କରିଥିଲେ ଯାହା ମୁଁ ବହୁଳ ଭାବରେ ଉଦ୍ଧାର କରିଛି । ଏହି ବିଷୟରେ R.C. Dutt ଏବଂ Dadabhai Narojiଙ୍କ ଭଳି ଆମ ଦେଶର କିଛି ବିଶିଷ୍ଟ ବ୍ୟକ୍ତିମାନଙ୍କର ବହୁ ମୂଲ୍ୟବାନ ମତାମତ ମଧ୍ୟ ସଂଗୃହୀତ ହୋଇଥିଲା । R.C. Duttଙ୍କର ଲିଖିତ "Early History of British Rule", "India in the Victorian Age", "Famines in India" ଏବଂ "England and India"~ Messers Kegan Paul, Trench,Trubner and Co.London ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ଏହି ପୁସ୍ତକ ଗୁଡିକ R.C. Dutt ଙ୍କର ଅଦମ୍ୟ ଚେଷ୍ଟା ଓ ଗଭୀର ଗବେଷଣାତ୍ମକ କାର୍ଯ୍ୟର ପରିଚାୟକ ଅଟେ । Mr. Narojiଙ୍କର "Poverty of India" ଥିଲା ଜଣେ ଅର୍ଦ୍ଧ ଶତାବ୍ଦୀ ଧରି ଭାରତୀୟ ରାଜନୀତିରେ ଜଡିତ ଥିବା ଜାତୀୟତାବାଦୀ ନେତାଙ୍କ ଦ୍ୱାରା ଭାରତୀୟ ଅର୍ଥନୀତି ଉପରେ ଲିଖିତ ହୋଇଥିବା ମୂଲ୍ୟବାନ୍ ପ୍ରବନ୍ଧଗୁଡିକର ସମାରୋହ । Mr. Digby, Dutt , Narojiଙ୍କ ଦ୍ୱାରା ଲିଖିତ ଉପରୋକ୍ତ ପୁସ୍ତକ ଗୁଡିକ ଥିଲା ଭାରତୀୟ ଅର୍ଥନୀତି ଆଧାରିତ ତଥ୍ୟମାନଙ୍କର ଅମୂଲ୍ୟ ସଂପଦ, ଯାହାକୁ ପରବର୍ତ୍ତୀ ସମୟରେ କୌଣସି ଅର୍ଥନୀତିର ଛାତ୍ର ଉପେକ୍ଷା କରିପାରିବ ନାହିଁ । ସେମାନଙ୍କ ପ୍ରତି ମୁଁ ଅଶେଷ ଭାବରେ କୃତଜ୍ଞ ।

Mr. Digby ଏବଂ Mr. Duttଙ୍କ ଲିଖିତ ପୁସ୍ତକକୁ ମୁଁ ବହୁଳ ଭାବରେ ଉପଯୋଗ କରିଅଛି, ମାତ୍ର Mr. Duttଙ୍କ ଭାଷାକୁ ଅବିକଳ ନକଲ କରିବାରୁ ନିବୃତ ରହିଛି । Mr. Digby ଏବଂ Mr. Duttଙ୍କର ବିଷୟବସ୍ତୁ ବର୍ଣ୍ଣନା ୧୯୦୧ ମସିହା ପର୍ଯ୍ୟନ୍ତ ସୀମିତ ଥିଲା ଏବଂ ମୁଁ ଭାବିଥିଲି ସେହି ସମୟଠାରୁ ବିଷୟବସ୍ତୁଗୁଡିକୁ ମୋ ପୁସ୍ତକରେ ପ୍ରତିପାଦିତ କରିବି । ମାତ୍ର ସାଧାରଣ ପାଠକମାନଙ୍କର ସହଜ ବୋଧଗମ୍ୟ ହେବା ନିମନ୍ତେ ମୁଁ ମୋର ଲେଖିବାର ପ୍ରଣାଳୀକୁ ସାମାନ୍ୟ ପରିବର୍ତ୍ତନ କରିଛି । Mr. Dutt ତାଙ୍କର ଦୁଇ ଖଣ୍ଡରେ ପ୍ରକାଶିତ ବିଶିଷ୍ଟ ପୁସ୍ତକ "Economic History of British Rule"ରେ ତାଙ୍କର ବିଷୟବସ୍ତୁଗୁଡିକୁ କାଳାନୁକ୍ରମେ ସଜାଡି ଲେଖିଛନ୍ତି ଏବଂ ସମାନ ବିଷୟଗୁଡିକୁ ବିକ୍ଷିପ୍ତ ଭାବରେ ପୁସ୍ତକ ଦୁଇଟିର ବିଭିନ୍ନ ଅଧ୍ୟାୟରେ ଦୋହରାଇଛନ୍ତି । ମାତ୍ର ମୁଁ ଗୋଟିଏ ବିଷୟବସ୍ତୁ ଉପରେ ସଂଶ୍ଳିଷ୍ଟ ବିଭିନ୍ନ ବିବରଣୀଗୁଡିକୁ ଗୋଟିଏ ସ୍ଥାନରେ ବର୍ଣ୍ଣନା କରିବାକୁ ଚେଷ୍ଟା କରିଛି ଯେପରିକି ବିଷୟବସ୍ତୁଗୁଡିକର ବାରମ୍ବାର ପୁନରାବୃତ୍ତି ନ ହୁଏ । ଉଦାହରଣ ସ୍ୱରୂପ, କାର୍ପାସ ଶିଳ୍ପର ସଂପୂର୍ଣ୍ଣ ଇତିହାସ, ପ୍ରାରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ତାହାର ବିବରଣୀ ଗୋଟିଏ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ଏବଂ ନୌବାଣିଜ୍ୟ ଓ ଜାହାଜ ନିର୍ମାଣ ଶିଳ୍ପ ସଂପୃକ୍ତ ବର୍ଣ୍ଣନା ଅଲଗା ଅଲଗା ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ମୋର ବିଚାରରେ ମୋର ଏହି ପୁସ୍ତକଟି ଉପରୋକ୍ତ ବର୍ଣ୍ଣିତ ଅନ୍ୟମାନଙ୍କ ପୁସ୍ତକଠାରୁ ଉନ୍ନତସ୍ତରର ହୋଇପାରିଛି । ଏହି ପୁସ୍ତକରେ

ସମସ୍ତ ବିଷୟବସ୍ତୁ ଗୁଡିକର ଅଦ୍ୟାବଧି ଘଟିଥିବା ବିବରଣୀ ଉପସ୍ଥାପିତ ହୋଇଛି ଏବଂ ସାଧାରଣ ପାଠକ ବୁଝିପାରିଲା ଭଳି ସାବଲୀଳ ଭାଷାର ପ୍ରୟୋଗ କରାଯାଇଛି । ଅର୍ଥ ଓ ମୁଦ୍ରାନୀତି, ଦୁର୍ଭିକ୍ଷ, ବୀମା, ବ୍ୟାଙ୍କିଂ ଏବଂ ରେଳ ଚଳାଚଳ ଉପରେ ଅଧିକ ପରିଚ୍ଛେଦ ଏହି ପୁସ୍ତକରେ ଯୋଗ କରିବା ପାଇଁ ମୁଁ ପ୍ରଥମେ ଚିନ୍ତା କରିଥିଲି । ମାତ୍ର ପୁସ୍ତକଟିର କଳେବର ଆଗରୁ ନିର୍ଣ୍ଣୟ ହୋଇ ସାରିଥିବାରୁ ଏହି ଅଧିକ ପରିଚ୍ଛେଦଗୁଡିକ ସଂଯୋଗ କରିବା ସମ୍ଭବ ହୋଇ ପାରୁନାହିଁ । ଯଦି ଆବଶ୍ୟକ ପଡେ, ଏହି ବିଷୟ ବସ୍ତୁଗୁଡିକୁ ଆଉ ଏକ ପୁସ୍ତକରେ ବର୍ଣ୍ଣନା କରିବି ।

ବିଶ୍ୱଯୁଦ୍ଧ ପରେ ବ୍ରିଟିଶ ସାମ୍ରାଜ୍ୟରେ ଅନେକ ପରିବର୍ତ୍ତନ ଆସିଥିବାର ଆଲୋଚନା କରାଯାଉଛି ଏବଂ ଭାରତରେ ଥିବା ଉଗ୍ର ସାମ୍ରାଜ୍ୟବାଦୀମାନେ ଯେଉଁ ସବୁ ପ୍ରସ୍ତାବ ରଖୁଥିଲେ ତାହା ଯଦି ଗ୍ରହଣ କରାଯାଇଥାଆନ୍ତା, ତା ହେଲେ ଭାରତ ନିଶ୍ଚିତ ଭାବରେ ଅନେକ ଅର୍ଥନୈତିକ କ୍ଷତିର ସମ୍ମୁଖୀନ ହୋଇ ଥାଆନ୍ତା । କିଛି ଲୋକ ଚାହୁଁଥିଲେ ଯେ ଯୁଦ୍ଧ ଦ୍ୱାରା ଘଟିଥିବା ବ୍ରିଟିଶ ସାମ୍ରାଜ୍ୟର ଋଣ (British war Debt)ର କିଛି ଅଂଶ ଭାରତ ଉପରେ ଲଦି ଦିଆଯାଉ । ଆଉ କିଛି ଈର୍ଷାପରାୟଣ ବ୍ୟକ୍ତି ଭାରତରେ ବିପୁଳ ଭାବରେ ଲୁକ୍କାୟିତ ସଂପଦ ଉପରେ ଦୃଷ୍ଟି ନିବେଶ କରିଥିଲେ, ଯେଉଁ ସଂପଦର ମୂଲ୍ୟ କେବଳ ସେମାନଙ୍କୁ ହିଁ ଜଣାଥିଲା । ଭବିଷ୍ୟତରେ ଏ ସମ୍ବନ୍ଧରେ କ'ଣ ଘଟିବ ତାହା କାହାରିକୁ ଜଣା ନାହିଁ । ମାତ୍ର ଏହି ସନ୍ଧିକ୍ଷଣରେ ଏହି ପୁସ୍ତକକୁ ପ୍ରକାଶ କରିବାର ପ୍ରଲୋଭନକୁ ଲେଖକ ଏଡାଇ ଦେଇ ପାରୁନାହିଁ । କାରଣ ବ୍ରିଟିଶ ଶାସନକାଳରେ ଭାରତର ଅର୍ଥନୈତିକ ଉନ୍ନତି କେତେ ଦୂର ହୋଇପାରିଛି ତାହା ମୁଁ ଇଂରେଜମାନଙ୍କୁ ଏହି ପୁସ୍ତକ ମାଧ୍ୟମରେ ଜଣାଇ ଦେବାକୁ ଚାହେଁ । ଭାରତ ଉପରେ ଆହୁରି ଅଧିକ ଋଣ ଭାର ଲଦି ଦେବାଟା ଓଟ ପିଠିରେ ଅଧିକରୁ ଅଧିକ ବୋଝ ଲଦି ଦେଲା ଭଳି ହେବ । ଏହା ନିଶ୍ଚିତ ଯେ ବ୍ରିଟିଶମାନେ ଯାହା ଇଚ୍ଛା କରିବେ ତାହା କରିପାରିବେ; ତଥାପି ସତ୍ୟକୁ ଉପସ୍ଥାପନ କରିବା ପାଇଁ ଆମେ ସାହାସ ତ ଜୁଟାଇ ପାରିବା ଯାହାର ସକାରତ୍ମକ ଫଳ ହୁଏତ କାଲି ଆମକୁ ମିଳିପାରେ । ବ୍ରିଟିଶମାନଙ୍କ ସହିତ ଶତ୍ରୁ ମନୋଭାବ ପୋଷଣ କରି ଏହି ବହିଟି ଲେଖାଯାଇ ନାହିଁ । କାହାକୁ ବିରକ୍ତ କରିବା ବା କାହାକୁ ଉତ୍ତେଜିତ କରିବା ମୋର ଉଦ୍ଦେଶ୍ୟ ନୁହେଁ । ଯୁଦ୍ଧ ପରବର୍ତ୍ତୀ କାଳରେ ବ୍ରିଟିଶ ରାଜନେତାମାନେ ଭାରତ ପାଇଁ ଯେଉଁ ଅର୍ଥନୀତି ପୋଷଣ କରିବେ, ତାହା ଉପରେ ଯଥେଷ୍ଟ ନିୟନ୍ତ୍ରଣ ଅବଲମ୍ବନ କରିବା ଏବଂ ଭାବଗର୍ଭକ ଦୃଷ୍ଟି ଆକର୍ଷଣ କରିବା ହେଉଛି ମୋର ଲକ୍ଷ୍ୟ । ବ୍ରିଟେନ ବିଗତ ଯୁଦ୍ଧରେ ଅଶେଷ କ୍ଷତିର ସମ୍ମୁଖୀନ ହୋଇଛି । ଯୁଦ୍ଧ ଆରମ୍ଭରେ ବ୍ରିଟିଶ ଶାସକମାନେ ତାହା ଚିନ୍ତା କରିବା ଉଚିତ ଥିଲା । ଭରଣା କରିବା ନିମନ୍ତେ ବ୍ରିଟିଶ ସାମ୍ରାଜ୍ୟରେ ଭାରତ ପରି ଅନ୍ୟ କୌଣସି ସ୍ଥାନ ନାହିଁ । ଭାରତରେ ରହିଛି ଭୌଗଳିକ ବ୍ୟାପକତା, ବିଶାଳ ଜନସଂଖ୍ୟା । ମାତ୍ର ଶାସନକଳ ଚଳାଇବା କ୍ଷେତ୍ରରେ ତାର କୌଣସି ଅଧିକାର ନାହିଁ ବା

ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର କୌଣସି କ୍ଷମତା ନାହିଁ । ସେ ଏତେ ଅସହାୟ ଯେ ସେ ନା କୌଣସି ପ୍ରତିରୋଧ କରିପାରିବ ନା ବିରୁଦ୍ଧାତ୍ମକ ପଦକ୍ଷେପ ନେଇପାରିବ । ବ୍ରିଟେନ୍‌ର ଯୁଦ୍ଧ ଜନିତ ଖର୍ଚ୍ଚ ଭରଣା କରିବା ଛଡା ଭାରତ ଆଉ କି ସହଜ କାମ କରିପାରିଥାନ୍ତା ! ବ୍ରିଟିଶମାନଙ୍କର ଏହି ଆଭିମୁଖ୍ୟ ଭାରତର ଅର୍ଥନୀତି ଉପରେ କିଭଳି ଭାବରେ ପ୍ରଭାବ ପକାଇଥିବ ତାର ଚିତ୍ର ଏହି ପୁସ୍ତକରୁ ମିଳିପାରିବ । ଭାରତୀୟମାନଙ୍କ ମନରେ ଏହା କିପରି ଭାବନା ସୃଷ୍ଟି କରିଥିବ ତାହା ସହଜରେ ଅନୁମେୟ । ବ୍ରିଟେନ୍ ପ୍ରତି ଭାରତ ତାର ଆନୁଗତ୍ୟ ଓ ନିଷ୍ଠା ପାଇଁ କିପରି ଭାବରେ ପୁରସ୍କୃତ ହେବ ତାହା ଜାଣିବା ପାଇଁ ସାରା ପୃଥିବୀବାସୀ ଆଗ୍ରହ ସହକାରରେ ଚାହିଁ ବସିଛନ୍ତି । ଯଦିଓ ଏହାର ନିର୍ଣ୍ଣୟ Lord Sydenhamଙ୍କ ଭଳି ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ, ତାହେଲେ ତାର ନିର୍ଣ୍ଣୟ ତ ଏପରି ଭାବରେ ହୋଇସାରିଛି । ଯୁଦ୍ଧ ପରବର୍ତ୍ତୀ ସମୟରେ ଭାରତ ପ୍ରତି ଯାହା ସବୁ ଶାସନ ନୀତିରେ ପରିବର୍ତ୍ତନର ବ୍ୟବସ୍ଥା Viceroyଙ୍କ କାଉନ୍‌ସିଲ୍ ସ୍ମାରକପତ୍ର (Memorandum) ରେ ନିହିତ କରାଯାଇଛି, ସେ ସମସ୍ତ ଦାବୀଗୁଡିକୁ ସଂପୂର୍ଣ୍ଣରୂପେ ପ୍ରତ୍ୟାଖାନ କରିବା ପାଇଁ ସେ ସୁପାରିଶ କରିଛନ୍ତି । ଏହି ଦାବୀଗୁଡିକ ଅତି ସାଧାରଣ । ଏପରିକି ସ୍ୱକୀୟ ଶାସନ (Home Rule)ମାଗିବାଠାରୁ ସେହି ଦାବୀ ଗୁଡିକ ଆହୁରି ହାଲୁକା । ସେ ଗୁଡିକର ପ୍ରତ୍ୟାଖାନ ଭାରତ ପ୍ରତି ଅତ୍ୟନ୍ତ ଦୁଃଖଦାୟକ ଘଟଣା ହିସାବରେ ବିବେଚିତ ହେବ । ଆମେ ଆଶା କରୁ ବ୍ରିଟେନ୍‌ର ଉପଯୁକ୍ତ ଜ୍ଞାନ ଉଦୟ ହେବ ଏବଂ ସେ ଦେଶର ଦୃଢ ନ୍ୟାୟପାଳିକା ଉପରେ ଭାରତବାସୀଙ୍କର ବିଶ୍ୱାସ ଯେପରି ତୁଟି ନ ଯାଏ ସେଥିପ୍ରତି ବ୍ରିଟେନ୍ ତାର ଶାସକୀୟ ମହାନତା ପ୍ରଦର୍ଶନ କରିବାକୁ ବାଧ୍ୟ ହେବ । ଭାରତ ସଦା ସର୍ବଦା ବ୍ରିଟେନ୍ ପଛରେ ଦୃଢ ଭାବରେ ଠିଆ ହୋଇ ଆସିଛି ଏବଂ ଭାରତର ଅନେକ ଜାତୀୟତାବାଦୀ ନେତାମାନେ ବ୍ରିଟିଶ ରାଜ୍ୟର ଶତ୍ରୁମାନଙ୍କ ବିରୁଦ୍ଧରେ ଦୃଢତା ସହକାରେ ବ୍ରିଟିଶମାନଙ୍କର ସମର୍ଥନ କରିଆସିଛନ୍ତି । ଅନ୍ତର୍ଜାତୀୟକ୍ଷେତ୍ରରେ ବ୍ରିଟେନ୍‌ର ମାନବିକ ଅଧିକାର ଓ ସାମାଜିକ ନ୍ୟାୟ ଉପରେ ଥିବା ନିଷ୍ଠାବାନ୍ ନୀତି ଉପରେ ଭାରତୀୟମାନଙ୍କର ଭ୍ରମାତ୍ମକ ମନ୍ତବ୍ୟ ସୃଷ୍ଟି ନ ହେଉ । ଏହି ଘଡିସନ୍ଧି ମୁହୂର୍ତ୍ତରେ ବ୍ରିଟିଶ ନେତାମାନେ ବହୁ ଯତ୍ନ ସହକାରେ ସାରା ବିଶ୍ୱରେ ଭାରତ ଗୋଟିଏ ସୁଖୀ, ଉନ୍ନତ ଏବଂ ସ୍ୱଳ୍ପ କରଯୁକ୍ତ ଦେଶ ହିସାବରେ ପ୍ରଚାର କରୁଛନ୍ତି ।

ପାଠକମାନଙ୍କର ଅବଗତ ନିମନ୍ତେ ଭାରତର ଅର୍ଥମନ୍ତ୍ରୀଙ୍କର Associated Pressର ସମ୍ବାଦଦାତାଙ୍କୁ ଦେଇଥିବା ସାକ୍ଷାତକାରର ବିବରଣୀ ପୁଣିଥରେ ନିମ୍ନରେ ବର୍ଣ୍ଣନା କରୁଅଛି । ଭାରତ କର ଭାରରେ ଭାରାକ୍ରାନ୍ତ ସମ୍ବାଦକୁ ଅର୍ଥମନ୍ତ୍ରୀ ସଂପୂର୍ଣ୍ଣ ଭାବରେ ଅସ୍ୱୀକାର କରୁଛନ୍ତି । ଚବିଶ କୋଟି ଚାଳିଶ ଲକ୍ଷ ଲୋକମାନଙ୍କ ସାମ୍ନାରେ ଯଦି କର ବାବଦରେ ଆଦାୟ ସଂପୂର୍ଣ୍ଣ ରାଜସ୍ୱକୁ ବାଣ୍ଟି ଦିଆଯାଏ, ତେବେ ମୁଣ୍ଡ ପିଛା କର ହେବ ସାତ ଶିଲିଙ୍ଗ ।

ଅର୍ଥମନ୍ତ୍ରୀ Sir William Meyerଙ୍କର କହିବାନୁସାରେ ସାରା ବିଶ୍ୱରେ ଭାରତ ହେଉଛି ସବୁଠାରୁ ସ୍ୱଳ୍ପ କରଧାର୍ଯ୍ୟ ହୋଇଥିବା ଦେଶ ମଧ୍ୟରୁ ଅନ୍ୟତମ । ଭାରତର ଜନ


ସାଧାରଣ କର ଭାରରେ ଭାରାକ୍ରାନ୍ତ ବୋଲି ପ୍ରଚାର କରୁଥିବା ମନ୍ତବ୍ୟକୁ ସଂପୂର୍ଣ୍ଣ ଭ୍ରାନ୍ତ ବୋଲି ଅର୍ଥମନ୍ତ୍ରୀ ବାରମ୍ବାର କହିଛନ୍ତି । Sir William Meyerଙ୍କ କହିବା ଅନୁସାରେ ଏ ବର୍ଷ ସମସ୍ତ ବ୍ରିଟିଶ ସାମ୍ରାଜ୍ୟ ଏବଂ ପ୍ରାଦେଶିକ ରାଜ୍ୟମାନଙ୍କ ଉପରେ କିଛି ଅଧିକ କର ଧାର୍ଯ୍ୟ କରାଯାଇଛି ଯାହାର ମୂଲ୍ୟ ହେଉଛି ୮.୬୫ କୋଟି ପାଉଣ୍ଡ ଏବଂ ଏହି ରାଜସ୍ୱକୁ ଯଦି ବ୍ରିଟିଶ ଇଣ୍ଡିଆର ୨୪.୪୦ କୋଟି ଲୋକମାନଙ୍କ ମଧ୍ୟରେ ବାଣ୍ଟିଦିଆଯାଏ ତେବେ ମୁଣ୍ଡ ପିଛା କର ହେବ ସାତ ଶିଲିଙ୍ଗ୍ । ସେ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ଏସିଆର ଅନ୍ୟ ତିନୋଟି ଦେଶ ଯଥା ଜାପାନ, ଶ୍ୟାମ (ବର୍ତ୍ତମାନର ଥାଇଲାଣ୍ଡ) ଏବଂ Dutch Indies (ବର୍ତ୍ତମାନର ଇଣ୍ଡୋନେସିଆ) – ଏମାନଙ୍କ ମୁଣ୍ଡପିଛା ହାର ଭାରତଠାରୁ ଅଧିକ; ଯଥା – ଜାପାନର ୨୩ ଶିଲିଙ୍ଗ, ଶ୍ୟାମ ଦେଶର ୧୩ ଶିଲିଙ୍ଗ ୪ ପେନ୍ସ ଏବଂ Dutch Indies ୧୧ ଶିଲିଙ୍ଗ ୩ ପେନ୍ସ । ଅର୍ଥମନ୍ତ୍ରୀ ଏହା ମଧ୍ୟ ମନ୍ତବ୍ୟ ଦେଇଛନ୍ତି ଯେ ଅଧିକ କର ଧାର୍ଯ୍ୟ ହେତୁ ଭାରତର କୃଷକମାନେ ଦାରିଦ୍ର୍ୟ କଷାଘାତରେ ଯନ୍ତ୍ରଣା ଭୋଗୁଛନ୍ତି ବୋଲି ବିରୋଧୀ ମାନଙ୍କର ମନ୍ତବ୍ୟ ଯଥାର୍ଥ ନୁହେଁ । Sir William Meyer କହିଛନ୍ତି ଯେ ଭାରତ ମୁଖ୍ୟତ ଏକ କୃଷିଭିତ୍ତିକ ଦେଶ ହୋଇଥିବା ସତ୍ତ୍ୱେ ଚଳିତ ବର୍ଷ ସଂପୂର୍ଣ୍ଣ ରାଜସ୍ୱ ୮.୬୫ କୋଟି ପାଉଣ୍ଡ ମଧ୍ୟରୁ ପ୍ରାୟ ୨.୨୦ କୋଟି ପାଉଣ୍ଡ କୃଷିରୁ ଆଦାୟ କରାଯାଇଛି । ତାଙ୍କର ବକ୍ତବ୍ୟରେ ସେ ପୁଣି କହିଛନ୍ତି ଯେ ରାଜ୍ୟ ସର୍ବଦା ଦେଶର ଜମିରେ ଉତ୍ପାଦିତ ଶସ୍ୟର କିଛି ଅଂଶ ନିଜର ସତ୍ତ୍ୱ ହିସାବରେ ଆଦାୟ କରିଥାଏ ଯେଉଁ ପ୍ରଥା ଏ ଦେଶରେ ବହୁ କାଳରୁ ଚାଲି ଆସୁଛି । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗକୁ ରାଜ୍ୟ ପାଉଥିବା କୃଷି ଉତ୍ପାଦିତ ଅଂଶରୁ ଏକ ସ୍ଥିରିକୃତ ଅର୍ଥରେ ପରିଣତ କରି ରାଜ୍ୟର ବିଭିନ୍ନ ବିଭାଗଗୁଡିକୁ ବାଣ୍ଟି ଦିଆ ଯାଉଥିଲା । ଏହି ବ୍ୟବସ୍ଥା ବିଶେଷ ଭାବରେ ବଙ୍ଗଳାରେ ଲାଗୁ ହେଉଥିଲା । ଭାରତର ଅନ୍ୟାନ୍ୟ ଭାଗରେ ଏହି ଉତ୍ପାଦିତ ଅଂଶର ମୂଲ୍ୟକୁ ପ୍ରତି ୩୦ ବର୍ଷରେ କୃଷିଜାତ ଦ୍ରବ୍ୟମାନଙ୍କର ମୂଲ୍ୟର ଉନ୍ନତି ବା ଅବନତି ଉପରେ ଆଧାର କରି ମୂଲ୍ୟ ସ୍ଥିରିକୃତ କରାଯାଉଥିଲା । ରାଜ୍ୟମାନେ ଏହିପରି ଭାବରେ ସେମାନଙ୍କର ଅଂଶକୁ ଗ୍ରହଣ କରୁଥିଲେ ଯାହାକୁ ଅର୍ଥନୀତି ଭାଷାରେ କୁହା ଯାଉଥିଲା Unearned Increment ଯେଉଁ ନିୟମଟି ସାଧାରଣତଃ ଜ୍ଞାନୀ ସମାଜବାଦୀମାନଙ୍କୁ ସୁହାଇପାରେ । ବସ୍ତୁତଃ, ଏଥିରୁ କୃଷିକାର୍ଯ୍ୟ ପାଇଁ ଯଥେଷ୍ଟ ଅର୍ଥ ଦେଇସାରିଲା ପରେ ବାକି ଲାଭାଂଶର ଅର୍ଦ୍ଧେକ ରାଜ୍ୟ ସରକାରଙ୍କର ଭାଗରେ ରହୁଥିଲା । ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଏ ସମ୍ବନ୍ଧରେ ବ୍ରିଟିଶ ସରକାରଙ୍କର ପାଳିତ ନୀତି ଆହୁରି କୋହଳ ଥିଲା ଏବଂ ପୂର୍ବବର୍ତ୍ତୀ ଶାସକମାନଙ୍କର ନୀତିଠାରୁ ଆହୁରି ପ୍ରଜାନୁରାଗୀ ନୀତି ଥିଲା । ବନ୍ୟା, ଦୁର୍ଭିକ୍ଷଜନିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ କୃଷିକ୍ଷେତ୍ରରେ ଅନେକ ହାନି ହେଉଥିବା ସମୟରେ ମଧ୍ୟ କର ଛାଡ କରାଯାଉଥିଲା ।

ଅର୍ଥମନ୍ତ୍ରୀଙ୍କର ଉପରୋକ୍ତ ଘୋଷଣାକୁ ପାଠକମାନେ ଏହି ପୁସ୍ତକରେ ନିବିଷ୍ଟ କରାଯାଇଥିବା ସତ୍ୟ ବିବରଣୀ ସହିତ ତୁଳନା କରିବେ ବୋଲି ମୋର ଆଶା । ଏହି ସାକ୍ଷାତକାର ମାଧ୍ୟମରେ ସେ ଦେଇଥିବା ମତାମତକୁ ଆମେ ବିରୋଧ କରୁ ନାହୁଁ କିମ୍ବା ତାଙ୍କର ମନ୍ତବ୍ୟକୁ ବୃଥା ଅପଳାପ ବୋଲି ଭାବୁ ନାହୁଁ । ଜଣେ ସାଧାରଣ ବ୍ୟକ୍ତିର ଆୟକୁ ଆଖି ଆଗରେ ରଖି ତାର କର ଦେବାର ଶକ୍ତିକୁ ନିର୍ଦ୍ଧାରଣ କରାଯିବା ଉଚିତ୍ । ଯଦି ଜଣେ ବ୍ୟକ୍ତି ବାର୍ଷିକ ଦଶ ଡଲାର ଆୟ କରେ ଏବଂ ଦୁଇ ଡଲାର କର ବାବଦରେ ରାଜ୍ୟକୁ ପ୍ରଦାନ କରେ ତାହାକୁ ଆମେ ପୃଥିବୀର ସବୁଠାରୁ କମ୍ କର ଦେଉଥିବା ବ୍ୟକ୍ତି ଭାବରେ କହିବା କେତେଦୂର ଯୁକ୍ତି ସଙ୍ଗତ ? ଏହି କର ଭାରରେ ଜନ ସାଧାରଣ କଷ୍ଟ ପାଉଥିବା ବେଳେ, ମନୁଷ୍ୟର ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ଲୁଣ ଉପରେ ଅର୍ଥମନ୍ତ୍ରୀ ପୁଣି ଅଧିକ କର ଘୋଷଣା କରିଛନ୍ତି । ଦେଶବ୍ୟାପୀ ଜନତା ଏହାର ବିରୋଧ କରୁଥିବା ସତ୍ତ୍ୱେ ସେ ଏହା କରିଛନ୍ତି ଯାହାର ଫଳାଫଳ ଅତ୍ୟନ୍ତ ଉଦ୍‌ବେଗଜନକ ହେବ ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି । ଲୁଣର ମୂଲ୍ୟ ଏତେ ବଢିଯାଇଛି ଯେ ତାହା କିଣି ଖାଇବା ବର୍ତ୍ତମାନ ସାଧାରଣ ଜନତାଙ୍କର କ୍ଷମତାର ବାହାରେ ଏବଂ ତଦ୍‌ଜନିତ ଜନତାର ଯନ୍ତ୍ରଣାର ଚିତ୍କାର ଚାରିଆଡେ ପ୍ରତିଧ୍ୱନିତ ହେଉଛି ।

ବ୍ରିଟେନ୍‌ର ଜନସାଧାରଣ, ଯେଉଁମାନଙ୍କ ଉପରେ ଭାରତ ସରକାରଙ୍କ ପରିଚାଳନାର ସମସ୍ତ ଉତ୍ତର ଦାୟିତ୍ୱ ନ୍ୟସ୍ତ କରା ହୋଇଛି, ଥରେ ଏ ବିଷୟରେ ଗଭୀର ଭାବରେ ଚିନ୍ତା କରନ୍ତୁ ଏବଂ ଯେଉଁ ଆଦର୍ଶ ପାଇଁ ସେମାନେ ବିଶ୍ୱଯୁଦ୍ଧରେ ପଦାର୍ପଣ କରିଥିଲେ, ସେହି ଆଦର୍ଶକୁ ସେମାନଙ୍କର ରାଷ୍ଟ୍ରନୀତିଜ୍ଞମାନେ ପାଳନ କରିବା ନିମନ୍ତେ ଯତ୍ନବାନ ହୁଅନ୍ତୁ ; ତାହା ଦେଖିବା ପାଇଁ ଆମେ ଅବଶ୍ୟ ଅପେକ୍ଷା କରିବୁ ।

ସେହି ଲେଖକମାନଙ୍କୁ ମୁଁ ମୋର କୃତଜ୍ଞତା ଜ୍ଞାପନ କରୁଅଛି ଯେଉଁମାନଙ୍କ ପୁସ୍ତକରୁ ମୁଁ ବହୁତ କିଛି ନିର୍ବିଘ୍ନରେ ଉଦ୍ଧୃତ କରିଅଛି ଏବଂ ସେହି ପ୍ରକାଶକମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି ଯେଉଁ ମାନଙ୍କର ପୁସ୍ତକ ଏବଂ ପତ୍ରିକାରୁ ଅନେକ ଉପାଦେୟ ବିବରଣୀ ସଂଗ୍ରହ କରିଅଛି । ମୋର ପାଣ୍ଡୁଲିପିଟି Columbia University, Newyork ର ପ୍ରଫେସର E.R.A Seligman ଏବଂ H.R. Mussey ତଥା ମୋର ବନ୍ଧୁ Dr. Sunderland ଦୟାପୂର୍ବକ ପଠନ କରିଛନ୍ତି । ପ୍ରଫେସର H.R. Mussey ପାଣ୍ଡୁଲିପିର Proof reading ମଧ୍ୟ କରିଛନ୍ତି । ସେମାନଙ୍କର ମୂଲ୍ୟବାନ୍ ମତାମତ ପାଇଁ ମୁଁ ସେମାନଙ୍କୁ ମୋର କୃତଜ୍ଞତା ଜ୍ଞାପନ କରୁଅଛି । Columbia University ର Librariansମାନଙ୍କ ସଂପୂର୍ଣ୍ଣ ସହଯୋଗ ଏବଂ ସହାୟତା ଯୋଗୁଁ ମୁଁ ପୁସ୍ତକଟି ଲେଖିବାରେ ସକ୍ଷମ ହୋଇଛି । ସେମାନଙ୍କୁ ମୁଁ ଯେତେ ଅଧିକରୁ ଅଧିକତର କୃତଜ୍ଞତା ପ୍ରକାଶ କଲେ ମଧ୍ୟ ତାହା ସର୍ବଦା କମ୍ ବୋଲି ମନେ ହେବ ।

❐



‘ସବା ମୂଳରେ ମଣିଷ’ରେ ଚିତ୍ତଭାଇଙ୍କ ସୌହାର୍ଦ୍ୟ



ଡ. ବ୍ରଜମୋହନ ମିଶ୍ର

ଭଦ୍ରକ

ମୋ:୮୦୧୮୦ ୮୭୮୩୧

ପ୍ରଚଳିତ ଅବା ପାରମ୍ପରିକ ଅର୍ଥରେ କେବଳ ପଣ୍ଡିତ ଅବା ବିଦ୍ୱାନ୍ ନ ଥିବା ଏବଂ ଏକ ପରୀକ୍ଷିତ ଜୀବନ ବଞ୍ଚିଥିବା ଚିତ୍ତଭାଇ ଯଥାର୍ଥରେ ଜଣେ ମରମୀ ବିଦ୍ୟାବନ୍ତ ଥିଲେ ଯାହାଙ୍କର ଦୃଷ୍ଟି ଓ ଦର୍ଶନ କଦାଚ ଏକଦେଶଦର୍ଶୀ ନ ଥିଲା । ଅସଲ ବିଦ୍ୱାନ୍ ବୋଲି ଆମେ ସେହିମାନଙ୍କୁ ଗ୍ରହଣ କରିପାରିବା ଯେଉଁମାନେ ଶାସ୍ତ୍ରର ସୂତ୍ରଗୁଡାକୁ କେବଳ ମାତ୍ର ଜ୍ଞାନର ଆଧାର ବୋଲି ଗ୍ରହଣ କରି ତାକୁ ଗଣ୍ଠିଧନ କରନ୍ତି ନାହିଁ । ଶାସ୍ତ୍ର ଯେ ଅଭ୍ରାନ୍ତ ହୋଇ ନ ପାରେ, ଏହି ସତ୍ୟକୁ ନ ଜାଣି ତା’ର ବୋଲକରା ହୋଇଗଲେ ଜଣେ ଶାସ୍ତ୍ରଜ୍ଞ ହୋଇପାରେ, ଅଥଚ ସେ ଚକ୍ଷୁଷ୍ମାନ୍ ହୋଇପାରିବ ନାହିଁ । ସାହିତ୍ୟିକ ଚିତ୍ତରଞ୍ଜନଙ୍କ ବିଦ୍‌ବତ୍ତା ଶାସ୍ତ୍ରଜ୍ଞାନ ଶୂନ୍ୟ ନ ଥିଲା କି ଶାସ୍ତ୍ରସର୍ବସ୍ୱ ନ ଥିଲା । ତାହା ଥିଲା ଜୀବାନାନୁରାଗ ଭୂୟୋଦର୍ଶନ । ସେଥିପାଇଁ ସେ ଶାସ୍ତ୍ର ଅପେକ୍ଷା ଜୀବନ ଓ ତାହାର ବିଚିତ୍ର,

ବିବିଧ ପ୍ରକାଶ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପୁଣି ଯେଉଁ ସମୟରେ ସେ ତାଙ୍କର ସାରସ୍ୱତ ସାଧନା କରିଛନ୍ତି, ସେହି ସମୟରେ ମଣିଷ ତାଙ୍କର ଧ୍ୟାନ ଓ ଧାରଣାର କେନ୍ଦ୍ରବିନ୍ଦୁ ହୋଇଯାଇଛି । ସେ ଯାହାଯାହା ଭାବିଛନ୍ତି, ଯାହାଯାହା କହିଛନ୍ତି ତାହା ମୁଖ୍ୟତଃ ମଣିଷ ସଂକ୍ରାନ୍ତ ଓ ମଣିଷ ସକାଶେ, ଠିକ୍ ଯେପରି କବି ବ୍ରହ୍ମାନନ୍ଦ ଦାସ ନିବିଡ ଭାବେ ଉଚ୍ଚାରଣ କରିଥିଲେ 'ମଣିଷ ତୁମ ସାଥୀରେ' । ବିଦ୍ୱାନ୍ ଚିତ୍ତରଞ୍ଜନଙ୍କ ଏଇ ମଣିଷକୈନ୍ଦ୍ରିକ ସାରସ୍ୱତ ସାଧନା ତଥା ଜୀବନଧାରଣ ଆମେରିକାର ପ୍ରଖ୍ୟାତ ନୂତନ ସମାଲୋଚନ ଆଲେନ୍ ଟେଟ୍ (Allen Tate)ଙ୍କୁ ମନେ ପକାଇଦିଏ । 'ଆଧୁନିକ ପୃଥିବୀରେ ବିଦ୍ୱାନ୍'- (The Man of Letters in the modern world) ପ୍ରବନ୍ଧରେ ଟେଟ୍ ବିଦ୍ୱାନ୍ଙ୍କ ଭୂମିକା ସଂପର୍କରେ କହନ୍ତି, "To the question, what should the man of letters be in our time, we should have to find the answer in what we need him to do. He must do what he has always done : he must recreate for his age the image of man, and he must propagate standards by which other men may test that image, and distinguish the false." ମଣିଷର ଅସଲ ଭାବମୂର୍ତ୍ତିଟି କ'ଣ ବା କିପରି ହେବା କଥା ତାହା ହିଁ କହିବେ ବିଦ୍ୱାନ୍, ଫଳରେ ସେ ମଣିଷ ପାଇଁ ଏକ ମାନବ ସୃଷ୍ଟି କରିବେ ଯା'ର ଅବଲମ୍ବନରେ ମଣିଷମାନେ ସତରେ ସେମାନେ ମଣିଷ ନା ଆଉ ଅନ୍ୟ କ'ଣ ବୋଲି ନିଜକୁ ପରୀକ୍ଷା କରିପାରିବେ । ତେଣୁ ବିଦ୍ୱାନ୍ମାନେ ଯେଉଁ ସାହିତ୍ୟ ସୃଷ୍ଟି କରିବେ ତାହା ତୁଚ୍ଛ ଗଣଯୋଗାଯୋଗ ନ ହୋଇ ହେବ ଜୀବନଧର୍ମୀ "the knowledge of man which literature offer us human participating."

ଚିତ୍ତଭାଇଙ୍କ ସବାମୂଳରେ ମଣିଷ, ଜାତିରେ ମୁଁ ଯବନ, ବିଶ୍ୱକୁ ଗବାକ୍ଷ, କାଳକୁ କଜ୍ଜଳ, ପଶ୍ୟତି ଦିଶିଦିଶି, ଅରମ୍ୟ ରଚନା, ନଖ ଦର୍ପଣେନ ଇତ୍ୟାଦି ଅନେକ ପୁସ୍ତକରେ ମଣିଷ ସଂମ୍ପର୍କରେ ସେ ଅନେକ ମନୋଜ୍ଞ ବିଶ୍ଳେଷଣ କରାଯାଇଛି । ଯୁଗେ ଯୁଗେ ମଣିଷର ପ୍ରକୃତି ଓ ଗତି କବି, ଭାବୁକ, ଦାର୍ଶନିକ, ସାହିତ୍ୟିକମାନଙ୍କୁ ବିଶେଷ ଭାବେ ଆକୃଷ୍ଟ ଓ ଆନ୍ଦୋଳିତ କରିଛି । ଆପଣାର ଯବକାଚରେ ମଣିଷକୁ ସେମାନେ ଭିନ୍ନଭିନ୍ନ ମାର୍ଗରେ ଓ ବାଗରେ ଆଲୋଡ଼ନ ଓ ଆକଳନ କରିଛନ୍ତି । କେହି ହୁଏତ ଇଂରାଜୀ କବି ଆଲେକଜାଣ୍ଡାର ପୋପ୍ଙ୍କ ପରି ମଣିଷର ବିପରୀତ ଦ୍ୱୈତ ସ୍ଥିତିରେ ମ୍ରିୟମାଣ ହୋଇ ପ୍ରକାଶ କରିଛନ୍ତି ଯେ ମଣିଷ ହେଉଛି darkly wise ଆଉ ଅବା ବେଦବାଣୀ ପରି କେହି ଭାବପ୍ରବଣ ହୋଇ କହିଛନ୍ତି ଯେ ମଣିଷ ହେଉଛି ଅମୃତର ସନ୍ତାନ-ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ । ଏ ଉଭୟ ପ୍ରକାର ମତବାଦରେ ମଣିଷର ସମ୍ୟକ୍ ସ୍ଥିତିର ଚିତ୍ର ଫୁଟି ଉଠିନାହିଁ । କାରଣ ମଣିଷ ନା କେବଳ ତାହା ନା କେବଳ ଏହା । ଅବଧାରିତ ଏବଂ ଅନିବାର୍ଯ୍ୟ ମୃତ୍ୟୁକୁ ସଂଗରେ ଧରି ଚଲିଥିବା ମଣିଷ ନାମକ ଜୀବଟି, ବିବର୍ତ୍ତନରେ ଏଯାବତ୍ ସର୍ବଶ୍ରେଷ୍ଠ ପ୍ରକାଶର ଉଭା ଯେତେ ପୋତା ସେତେ ।

ତା'ର ଦୃଶ୍ୟମାନ ଶରୀରର ଅପୂର୍ବ କର୍ମକୁଶଳତା ସହ ତା'ର ଅଦୃଶ୍ୟ ମନ ଓ ଆତ୍ମାର ଅନବଦ୍ୟ ଭାବ ସମ୍ଭାର ସତରେ ମଣିଷକୁ ସୃଷ୍ଟିର ରାଜମୁକୁଟ କରିଛି । ଅନେକ ସାହିତ୍ୟିକ ମଣିଷର ବାହରଟାକୁ କେବଳ ଦେଖନ୍ତି ଏବଂ ତାହାକୁ ତା'ର ସବୁକଥା, ସବୁ ପରିଚୟ ବୋଲି ମତ ଦେଇଦିଅନ୍ତି । ଯାହା ଯେତିକି ଯେପରି ଦେଖାଯାଏ ତାହା ଯେ ତା'ର ସମଗ୍ରତା ନୁହଁ, ଏକଥା ଅନେକ ସାହିତ୍ୟ ସ୍ରଷ୍ଟା ଭୁଲି ଯାଆନ୍ତି । କେବଳ ପରିଦୃଶ୍ୟମାନ ବାସ୍ତବତା ମଣିଷର ସାମଗ୍ରିକ ପରିଚୟ ନୁହେଁ । ଯାହା କେବଳ ଗୋଚରୀଭୂତ, ତାହା ହିଁ ସମଗ୍ର ସତ୍ୟ ବୋଲି ଗ୍ରହଣ କରି ଦେଲେ ମଣିଷ ଭିତରେ ଥିବା ଅଦୃଶ୍ୟ ସମ୍ଭାବନାଗୁଡିକ ଯେ ଅସ୍ୱୀକୃତ ହୋଇ ରହିଯିବେ, ଏଥିରେ ସନ୍ଦେହ ନାହିଁ । ତେଣୁ ମଣିଷର ପରିଚୟ ପାଇବାକୁ ହେଲେ ବା ମଣିଷ ରୂପକୁ ଏକ ସତ୍ୟ ସାକ୍ଷାତ କରିବାକୁ ହେଲେ ବୁଦ୍ଧ କଥିତ ସମ୍ୟକ୍ ଦୃଷ୍ଟି ଅବଶ୍ୟ ଆବଶ୍ୟକ । ଏହି ସମ୍ୟକ୍ ଦୃଷ୍ଟି ହେଉଛି ସଠିକ୍ ଦୃଷ୍ଟି କାରଣ ଏହା ସମଗ୍ରର ଦୃଷ୍ଟିଖଣ୍ଡିତର କି ଖଣ୍ଡଖଣ୍ଡ କରୁଥିବାର ଦୃଷ୍ଟି ନୁହଁ । ଖଣ୍ଡିତ ଦୃଷ୍ଟିରେ ମଣିଷ ବହୁମାତ୍ରାରେ ଅପରିଚିତ ବା ଭୁଲ ପରିଚିତ ହୋଇ ରହିବ ହିଁ ରହିବ । 'ସବାମୂଳରେ ମଣିଷ' ଏଇ ସମ୍ୟକ୍ ଦୃଷ୍ଟିରୁ ଏକ ଅନନ୍ୟ ଉଦାହରଣ । ଏଥିରେ ମଣିଷର ଅନେକ ଅସାମର୍ଥ୍ୟ ଏବେ ତଜ୍ଜନିତ ବିପାକ କଥା କୁହାଯାଇଥିବାବେଳେ ସେଗୁଡିକ ଯେ ତା'ର ଶେଷ କଥା ଏହା ଚିତ୍ତରଞ୍ଜନ କଦାଚ ସ୍ୱୀକାର କରି ନାହାନ୍ତି । ଅନ୍ଧାର ହୁଏତ ଏକ ସତ୍ୟ ହୋଇପାରେ କିନ୍ତୁ ତାହା ଶେଷ କି ଶ୍ରେଷ୍ଠ ସତ୍ୟ, ଏହା ନୁହଁ । ଅନ୍ଧାର ହେଉଛି ଅଳ୍ପ, କ୍ଷୀଣ ଯାହା ପାଖେପାଖେ ରହିଛି ଆଲୋକ ଏବଂ ତାହା ହେଉଛି ଅସଲ । କେବଳ ଅଜ୍ଞାନକୁ ଦେଖିଲେ ଯେପରି ସମ୍ୟକ୍ ଜ୍ଞାନଲାଭ ହୁଏ ନାହିଁ ସେପରି କେବଳ ଜ୍ଞାନକୁ ଦେଖିଲେ ସମ୍ୟକ୍ ଜ୍ଞାନ ହୁଏ ନାହିଁ । ସେଥିପାଇଁ ଉପନିଷଦରେ ଉଭୟ ବିଦ୍ୟା ଓ ଅବିଦ୍ୟାକୁ ଅବଲୋକନ କରିବାକୁ କୁାଯାଇଛି- "ଅବିଦ୍ୟୟା ମୃତ୍ୟୁଂତୀର୍ତ୍ୱା ବିଦ୍ୟୟାମୃତମଶ୍ନୁତେ" । (ଇଶାବାସ୍ୟ ଉପନିଷଦ-୧୧)

ଚିତ୍ତରଞ୍ଜନ ଏଇ ଉପନିଷଦୀୟ ସାମାନ୍ୟ କଥନର ସହଧର୍ମୀ । ତେଣୁ ସେ ମଣିଷକୁ ସାମଗ୍ରିକ ଭାବେ ବିଚାର କରିଛନ୍ତି । ସେ ତା'ର ଅଂଶକୁ ଦେଖିଛନ୍ତି ଏବଂ ସେଇଠି ଅଟକି ନ ଯାଇ ତା'ର ସମଗ୍ରକୁ ଦେଖିଛନ୍ତି । ତା' ଛଡା ମଣିଷ, ଅଂଶରେ ଯେପରି ଯେମିତି ଦିଶୁଛି ତା'ଠାରୁ ସେ ଯେ ଯଥେଷ୍ଟ ଅଧିକ ତାହା ସେ ଉପଲବ୍ଧି କରିଛନ୍ତି । ସେଇଥିରେ ମଣିଷର ମହନୀୟତା ନିହିତ ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କର ଏ ବିଶ୍ୱାସ ଅବା ଏ ଅନ୍ତର୍ଯାତ୍ରା ମଣିଷ ସଂପର୍କରେ ମହାଭାରତର ଏହି ଉଚ୍ଚାରଣ ମନେ ପକାଇଦିଏ- "ଗୁହ୍ୟମ୍ ବ୍ରହ୍ମ ତଦିଦଂ ନୋ ବ୍ରବିମି / ନ ମାନୁଷାତ୍ ଶ୍ରେଷ୍ଠତରମ୍ ହି କିଂଚିତ୍"- (ମୁଁ ତୁମକୁ ବ୍ରହ୍ମଙ୍କର ରହସ୍ୟ କଥା କହୁଛି, ମଣିଷ ଠାରୁ ଉଚ୍ଚତର ଆଉ କିଛି ନାହିଁ) । ସେହିପରି ଚିତ୍ତରଞ୍ଜନ ପ୍ରକାଶ କରିଛନ୍ତି, 'ମଣିଷ ପାଇଁ ମଣିଷ ହେଉଛି ସର୍ବମୂଳ ଏବଂ ମନୁଷ୍ୟ

ଯୁଗେ ଯୁଗେ ଏହି ପୃଥିବୀରେ ଯାହାକିଛି ଉଦ୍ୟମ କରି ଆସିଛି, ଯାହାକିଛି ଚିନ୍ତା କରିଛି ବା ଯାହାକିଛି ସ୍ୱପ୍ନ ଦେଖିଛି ସେ ସବୁକୁ ସିଏ ମଣିଷକୁ କେନ୍ଦ୍ରକରି ହିଁ କରିଛି' (ପୃଷ୍ଠା-୬୯)। ମଣିଷର କ୍ରମ ବିକାଶ ଯୋଗୁଁ ତା'ର ଏହି ସ୍ୱପ୍ନ ଦେଖିବା ସମ୍ଭବ ହୋଇଛି। ପଶୁଠାରୁ ମଣିଷ ଏଥି ସକାଶେ ଭିନ୍ନ କାରଣ ପଶୁ କେବଳ କେତେଗୁଡ଼ିଏ ଅଭ୍ୟାସର ବଶବର୍ତ୍ତୀ ହୋଇ ଜୀବନଧାରଣ କରୁଥିବାବେଳେ ମଣିଷ ଚେତନଶୀଳ ବା ଚେତନାମୁକ୍ତ ହୋଇଥିବା ଯୋଗୁଁ କେବଳ କିଛି ନିର୍ଦ୍ଦିଷ୍ଟ ଅଭ୍ୟାସର ଦାସତ୍ୱ ବରଣ କରି ଯେପରି ଥିଲା ସେପରି ବା ଯେଉଁଠି ଥିଲା ସେଇଠି ରହିଯାଇ ନାହିଁ। ପ୍ରଥମ ଅବସ୍ଥାରେ ମଣିଷ ଉଦର ଭରଣପୋଷଣ କରିବାରେ ବ୍ୟାପୃତ ଥିଲାବେଳେ କ୍ରମେକ୍ରମେ ସେ ତା'ରି ପରି ଓ ତା' ସାଙ୍ଗରେ ରହିଥିବା ଅନ୍ୟ ମଣିଷଙ୍କ କଥା ଚିନ୍ତା କରିବାରୁ ସମାଜ ଗଢ଼ି ଉଠିଛି ଯାହା ମଣିଷର ଅନ୍ୟମାନଙ୍କ ପ୍ରତି ଅନୁରାଗର ଫଳ ବୋଲି କୁହାଯାଇପାରେ। ଏତଦ୍‌ବ୍ୟତୀତ ପ୍ରକୃତିକୋଳରେ ବାସ କରୁଥିବା ମଣିଷ ପ୍ରଥମେ ପ୍ରକୃତିରେ ସଂଘଟିତ ଘଟଣାମାନଙ୍କୁ ଭୟରେ ଗ୍ରହଣ କରୁଥିବାବେଳେ କ୍ରମେକ୍ରମେ ତା'ର ଚେତନାର ବିକାଶ ଫଳରେ ସେ ସବୁ ସଂପର୍କରେ ସେ ବିସ୍ମୟ ପ୍ରକାଶ କରିଛି। ଏହି ବିସ୍ମୟ ତାକୁ ପ୍ରଶ୍ନିଳ କରାଇଛି। ତେଣୁ ସେ ପ୍ରଶ୍ନ କରିଛି, "ରାତିର ସେହି ଆକାଶର ବକ୍ଷରେ କେତେକେତେ ତାରା ବିଞ୍ଚି ହୋଇଯାଉଥିଲେ। ସିଏ ସେମାନଙ୍କର ବି ପରିଚୟ ଖୋଜି ବାହାରିଲା। ଏମାନେ ସବୁ କିଏ? ଏମାନଙ୍କୁ କିଏ ତିଆରି କରିଛି? ସୂର୍ଯ୍ୟ ଆଉ ଚନ୍ଦ୍ରକୁ ବି କିଏ ତିଆରି କରିଛି? ଗଛ, ବୃକ୍ଷ, ମାଟି, ପଥର, ପଶୁ ଓ ପକ୍ଷୀ ଏମାନେ କାହାର ସୃଷ୍ଟି? ହିଁ, ସିଏ ନିଜେ ମଧ୍ୟ ତ କାହାର ସୃଷ୍ଟି ହୋଇଥିବ।" (ପୃଷ୍ଠା-୭)

ଚେତନାର ବିକାଶ ଫଳରେ ମଣିଷ ମନରେ ସୃଷ୍ଟି ହୋଇଥିବା ଏହି ଅନୁସନ୍ଧିତ୍ସା କାଳକ୍ରମେ ସୃଷ୍ଟି ପ୍ରତି ତା' ମନରେ ଥିବା ଭୟ ପରିବର୍ତ୍ତେ ଗଭୀର ଆଗ୍ରହ ସୃଷ୍ଟି କରିଛି। ଫଳରେ ମଣିଷ ଦୃଶ୍ୟମାନ ପ୍ରକୃତି ତଥା ତା' ଭିତର ପ୍ରକୃତିକୁ ଜାଣିବାକୁ ଉତ୍ସୁକ ହୋଇ ଉଠିଛି। ପରିଣାମ ସ୍ୱରୂପ ବିଜ୍ଞାନର ଅଭ୍ୟୁଦୟ ଘଟିଛି। ମଣିଷ ଅଧିକରୁ ଅଧିକ ପିଣ୍ଡକୁ ଓ ବ୍ରହ୍ମାଣ୍ଡକୁ ଚିହ୍ନିବାରେ ସକ୍ଷମ ହୋଇଛି ଏବଂ ସେ ପଶୁ ନୁହଁ, ଏହି ଜ୍ଞାନ ତା'ର ଦାନା ବାନ୍ଧିଛି। ସେ ଜଣେ ବ୍ୟକ୍ତି ଏବଂ ତା'ର ବଞ୍ଚିବା କେବଳ ତାକୁ ନେଇ ନୁହେଁ, ବରଂ ଅନ୍ୟ ମଣିଷମାନଙ୍କ ଯୋଗୁଁ ଯେ ସମ୍ଭବ ହୋଇଛି ତାହା ମଧ୍ୟ ସେ ଅନୁଭବ କରିଛି। ଜଣେ ମଣିଷ ଆଉ ଜଣଙ୍କଠାରୁ ଭିନ୍ନ ହେଲେ ସୁଦ୍ଧା ସତରେ ସେମାନେ ଯେ ଏକ ଅଭିନ୍ନ ସୂତ୍ରରେ ବନ୍ଧା ତାହା ମଧ୍ୟ ସେ ବେଶ୍ ଧାରଣା କରିପାରିଛି, ଅର୍ଥାତ୍ ଯେଉଁ ଆତ୍ମା ତା' ମାଧ୍ୟରେ ବିଦ୍ୟମାନ, ତାହା ମଧ୍ୟ ଅନ୍ୟ ମଣିଷମାନଙ୍କଠାରେ ବିଦ୍ୟମାନ। ସେଇଥିପାଇଁ ମଣିଷ, ମଣିଷ ସହ ଏକ ଭାଗବତ ସମ୍ପର୍କରେ ଗ୍ରନ୍ଥିତ। ସତରେ ଏଇ ଏକତ୍ୱ ଅନୁଭବ କରିବା ମଣିଷ ହିଁ ଭଗବାନଙ୍କୁ ସେଇ ଭାବରେ ଅନୁଭବ କରିପାରେ କାରଣ ଭଗବାନ

ପରମ ଆତ୍ମୀୟ ଭାବରେ ସମସ୍ତଙ୍କଠାରେ ବିରାଜିତ । ଅବା ସେ ସବୁ ହୋଇଛନ୍ତି - ଏପରି ଅନ୍ତରଙ୍ଗ ଅନୁଭବ ଆସିଲେ ମଣିଷ ସଂସାରରେ ସବୁଆଡ଼େ କେବଳ ଆତ୍ମୀୟତାର ସ୍ୱର୍ଗ ଲାଭ କରିବ ଏବଂ ସଂସାରର ଆତ୍ମୀୟ ହୋଇଯିବ । ତେଣୁ ସେ ସଂସାରକୁ ସ୍ୱୀକାର କରିବା ସଂଗେସଂଗେ ଭଗବାନଙ୍କୁ ବି ସ୍ୱୀକାର କରିବ ଏବଂ ଉଭୟଙ୍କର ଭେଦ ଅଭେଦର ମରମ ଅନ୍ତସ୍ଥ କରି ସେ ସଂସାରରେ ଅସଲ ଅଧିବାସୀ ହୋଇପାରିବ । ଏହାଦ୍ୱାରା ତା' ମଧ୍ୟରେ ଆଉ କୌଣସି ସଂକୀର୍ଣ୍ଣତା ରହିପାରିବ ନାହିଁ ଅର୍ଥାତ୍ ସେ ଯେ କେବଳ ସଂସାରରେ ସ୍ୱତନ୍ତ୍ର ଓ ଅନନ୍ୟ-ତା'ର ଏଇ ବିନଷ୍ଟକାରୀ ଦୁର୍ଭାବନା କଟିଯିବ । ଯେଉଁ ଆଧ୍ୟାତ୍ମିକ ସୂତ୍ରରେ ସେ ବି ଅନ୍ୟମାନଙ୍କ ସହ ସଂଯୁକ୍ତ, ତାହାରି ଉପଲବ୍ଧିରେ ସେ ଯଥାର୍ଥ ଜୀବନଟିଏ ବଞ୍ଚିପାରିବ, "ସୂତ୍ରଟିକୁ ଅନୁଭବ କରିବାର ଅର୍ଥ ହେଉଛି ଆତ୍ମୀୟତା ଦ୍ୱାରା ପ୍ରେରିତ ହୋଇ ଜୀବନଟିଏ ବଞ୍ଚିବା ନିମନ୍ତେ ଅଧିକ ଆଗ୍ରହ ପ୍ରକାଶ କରିବା ।"(ପୃଷ୍ଠା-୧୫)

ସେତେବେଳେ ପରମ ଆତ୍ମୀୟତାର ଏହି ସଂସାର ଆଦୌ ମାୟାମୟ ବୋଲି ବୋଧ ହେବ ନାହିଁ । କାହିଁକି କେଜାଣି କିଛି ପଣ୍ଡିତ ଏ ସଂସାରରେ ଏତେ ଆତ୍ମୀୟତା, ଏତେ ଶ୍ରଦ୍ଧା, ଏତେ ନିବିଡ଼ତା, ଏତେ ପାରସ୍ପରିକ ଲୋଡ଼ିବାପଣ ଥିବା ସତ୍ତ୍ୱେ ତଥାପି ଏହାକୁ ଅସାର, ଅନିତ୍ୟ କହି ଭ୍ରମର ଏକ ମାୟାଜାଲ ସୃଷ୍ଟି କଲେ, ତାହା ସେମାନଙ୍କୁ ଜଣା । ସେମାନଙ୍କର ସେଇ ଦୃଷ୍ଟି ଓ ଦର୍ଶନ, ଅବବୋଧ ଓ ଅବତାରଣାକୁ ଆମେ ଆଦୌ ଗ୍ରହଣ କରିବା ନାହିଁ କାରଣ ଆତ୍ମୀୟତା ଯଦି ମିଥ୍ୟା ନୁହଁ ତାହାହେଲେ ସେଇଥିରେ ସୁରୁଖୁରୁରେ ଆତଯାତ ସଂସାର କିପରି ଓ କାହିଁକି ମିଥ୍ୟା ଅସାର ହେବ ? ତା'ର ଦିବ୍ୟ ସ୍ରଷ୍ଟା କାହିଁକି ସଂସାରକୁ ଏକ ମାୟାଜାଲ ଓ ଅନିତ୍ୟ କରି ସୃଷ୍ଟି କରିବେ ? ଆନନ୍ଦରୁ ଯଦି ସକଳର ସୃଷ୍ଟି, ପୁଣି ଆନନ୍ଦରେ ଯଦି ସକଳର ସ୍ଥିତି ତାହାହେଲେ ଆନନ୍ଦମୟ ସଂସାର କିପରି ମାୟାମୟ ହେବ ? ଆନନ୍ଦ, ଅନୁଭୂତି ଯୋଗ୍ୟ ଓ ସାପେକ୍ଷ ତଥା ଭଗବାନଙ୍କ ସ୍ୱରୂପ । ସତରେ ଭଗବାନ ହିଁ ଆନନ୍ଦ, ସାର ଓ ନିତ୍ୟ । ଭଗବାନ ଯଦି 'ମାୟା' ନୁହନ୍ତି ତାହା ହେଲେ ତାଙ୍କ ସୃଷ୍ଟି ସଂସାର କାହିଁକି "ମାୟା" ହେବ ? ଏପରି ଭ୍ରମାତ୍ମକ ଧାରଣାକୁ ବଳବତ୍ତର କରି ଯେଉଁ ଅଳ୍ପଦର୍ଶୀମାନେ ମଣିଷକୁ ଅବାଟରେ ନେଇଛନ୍ତି ସେମାନେ ଯେ ମଣିଷର ଅଶେଷ ଅପକାର କରିଛନ୍ତି, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଏପରି ଏକ ରୁଗ୍ଣ, ଅବୈଜ୍ଞାନିକ ଧାରଣା ଫଳରେ ସଂସାର, ଭଗବାନ ପୁଣି ମଣିଷ ଯଥାକ୍ରମେ ଜାଲ, ଜାଲିଆ ଓ ଜାଲରେ ପଡ଼ିଥିବା ମୀନ ରୂପେ ପରିକଳ୍ପିତ ହୋଇଛନ୍ତି । ତେଣୁ ଏ ସଂସାର ଜାଲରେ ବନ୍ଦୀ ହୋଇ କଷ୍ଟ ପାଇବା ଅପେକ୍ଷା ବରଂ ଏକ ସ୍ୱର୍ଗର ପରିକଳ୍ପନା ସେଇ ଧୁରନ୍ଧରମାନେ କରିଛନ୍ତି ।

ଧର୍ମ ସହ ଏଇ ଉଭଟ ପରିକଳ୍ପନାକୁ ଯୋଡ଼ି ଦେଇ ଏହି ବୃହତ୍ ବାମନମାନେ ମଣିଷ ପାଇଁ କମ୍ ଅଶନି ପାଲଟି ଯାଇନାହାନ୍ତି । ଯେଉଁ ସ୍ୱର୍ଗର କଳ୍ପନା ସେମାନେ କରିଛନ୍ତି

ତାହା କୁଆଡ଼େ ସୁଖ ରାଜ୍ୟ ଓ ପୁଣି ତାହା ହିଁ ଭଗବାନଙ୍କ ଆଳୟ; ଏ ସଂସାର ନୁହେଁ। ସେମାନେ ବିଶ୍ୱାସ କରନ୍ତି ଯେ ଭଗବାନ ଏ ସଂସାରରେ ନାହାନ୍ତି। କିନ୍ତୁ ସେମାନେ ଭୁଲିଯାଆନ୍ତି ଉପନିଷଦର ସେଇ ସୃଷ୍ଟିତତ୍ତ୍ୱ-ବୁଢ଼ିଆଣୀ ଯେପରି ନିଜେ ନିଜଠାରୁ ଜାଲ ତିଆରି କରି ସେଥିରେ ଲାଖି ରହେ, ଭଗବାନ ମଧ୍ୟ ନିଜେ ନିଜଠାରୁ ସଂସାର ନିର୍ମାଣ କରି ତା' ସହ ଅଛନ୍ତି, "ଯଥୋର୍ଣ୍ଣନାଭି ସୃଜତେ ଗୃହ୍ନତେ ଚ, ଯଥା ପୃଥିବ୍ୟାମୋଷଧୟ ସମ୍ଭବନ୍ତି / ଯଥା ସତଃ ପୁରୁଷାତ୍ କେଶ ଲୋମାନି / ତଥାକ୍ଷରାତ୍ ସମ୍ଭବତୀହ ବିଶ୍ୱମ୍" (ମୁଣ୍ଡକୋପନିଷଦ ୧/୭) ଅବା "ବାହୁନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ, ବାସୁଦେବଃସର୍ବମିତି ସମହାତ୍ମା ସୁଦୁର୍ଲଭଃ" (ଗୀତା ୭/୧୯)। ତେଣୁ ସଂସାର ଓ ଭଗବାନ ଅଭିନ୍ନ। ଏଇ ଗୂଢ଼ ତଥା ଯଥାର୍ଥ କଥାଟିକୁ ସେମାନେ କାହିଁକି ଉପଲବ୍ଧି କରିବାକୁ ଅମଙ୍ଗ ହେଲେ ? ଆପଣାର ଅହଂଦ୍ୱାରା ପରିଚାଳିତ ହୋଇ ସତ୍ୟର ସାମଗ୍ରିକ ଦର୍ଶନ କରିପାରିଲେ ନାହିଁ କି ? ଏପରି ଏକ କଳ୍ପିତ ସ୍ୱର୍ଗ ରାଜ୍ୟ ପାଇଁ ବିଭୋର ହୋଇ ଏଇ ଅହଂ ବିଳାସୀ ଅବିବେକୀମାନେ ମଣିଷକୁ ସଂସାର ବିମୁଖୀ, ସମ୍ପର୍କ ବିମୁଖୀ ଓ ବୀତସ୍ପୃହ କରାଇ ଭାରି ଅହମତ ହୋଇଯାଇଛନ୍ତି। ସେମାନେ ଅହଂ ବଦଳରେ ଅନ୍ତର ଦେଇ ଦେଖିଥିଲେ ଏ ସୁନ୍ଦର ସଂସାରରେ ବିବିଧତା ସେମାନଙ୍କୁ କଦାଚ ଅସାର ବୋଲି ପ୍ରତୀୟମାନ ହୋଇ ନ ଥାନ୍ତା। ସେମାନେ ଅନୁଭବ କରିଥାନ୍ତେ ଉପଲବ୍ଧ ଯୋଗ୍ୟ ସେଇ ପରମସତ୍ୟକୁ ଯେ 'କୁମ୍ଭାର ହାଣ୍ଡି ତିଆରି କଲାପରି ଜଗତସ୍ରଷ୍ଟା ଜଗତକୁ ସୃଷ୍ଟି କରିନାହାନ୍ତି। ଏଇ ଜଗତରେ ସିଏ ପରିଣତ ହୋଇଛନ୍ତି। ସିଏ ହେଉଛନ୍ତି ଜଗତ ଏବଂ ଜଗତ ତାଙ୍କର ପ୍ରକାଶ।'(ପୃଷ୍ଠା - ୨୪) "Spirituality is in its essence an awakening to the inner reality of our being, to a spirit, self, soul which is other than our mind, life and body, an inner aspiration to know, to feel, to be that, to enter into contact with the greater reality beyond and pervading the universe which inhabit also our own being"...(Sri Aurobindo- The Life Divine,P.857) ଏହାହିଁ ତ ଅଧ୍ୟାତ୍ମ। ଅଧ୍ୟାତ୍ମ ଦୃଷ୍ଟିରେ ଏପରି ଅନୁଭବ ସ୍ୱତଃ ଧର୍ମ ଦୃଷ୍ଟିରେ ନୁହେଁ। ଧର୍ମମାନେ ସଂସାର ସମ୍ପର୍କରେ ଅନେକ ଅନାବଶ୍ୟକ ଓ ଅବିହିତ ବାର୍ତ୍ତା ପରିବେଷଣ କରି ମଣିଷର ଅହିତ ସାଧନ କରିବାରେ ଆଶାତୀତ ଭାବେ ସଫଳ ଓ ସମର୍ଥ ହୋଇପାରିଛନ୍ତି। ସଂସାରକୁ ଦୁଃଖମୟ କରିଛନ୍ତି। ପ୍ରବାସ ବୋଲି କହି ଅବିମୃଶ୍ୟତାରେ ଏହାକୁ ପ୍ରତ୍ୟାଖାନ କରିଛନ୍ତି। ମଣିଷର ଅସଲ ବାସସ୍ଥାନ ବା ଘର ଏଠାରେ ନୁହଁ, ସେଠାରେ ବୋଲି, କେତେ ଘୋଷଣା କରାଯାଇଛି। ସତରେ ସଂସାର ଯେ 'ଦୁଃଖାଳୟ ମଶାଶ୍ୱତମ୍' ନୁହେଁ ବରଂ ଏହା ହିଁ ସ୍ୱୟଂ ଭଗବାନ। ଏହି ପରମ ଉପଲବ୍ଧି ଆସିଲେ ସଂସାରରୁ ପଳାୟନ କରିବାକୁ କେବେ ବି ଇଚ୍ଛା ହେବ ନାହିଁ। ଚିତ୍ତଭାଇଙ୍କ ଭାଷାରେ, "ଏଇ ଚେତନାରେ ପହଞ୍ଚିଲେ ପୃଥିବୀ ଭାରି ଭଲ

ଲାଗିବ । ପୃଥିବୀ ଆଉ ମୋଟେ ମାୟା ଅଥବା ମିଥ୍ୟା ବୋଲି ଲାଗିବ ନାହିଁ । ପୃଥିବୀକୁ ପାର ହୋଇ ଆଉ କେଉଁଠିକୁ ଚାଲିଯିବାକୁ ମୋଟେ ମୁକ୍ତି ବୋଲି କୁହାଯିବ ନାହିଁ ।" (ପୃଷ୍ଠା - ୨୪) । ଭଗବାନଙ୍କୁ ସଂସାର ଠାରୁ ଅଲଗା ରୂପେ ଦେଖୁଥିବା ତେଣୁ ଅଲଗା କରି ରଖିଥିବା ଏଇ ଧର୍ମଧଜୀମାନେ ଭାଗ୍ୟବାଦ ନାମକ ଅନ୍ୟ ଏକ ବିଭ୍ରାନ୍ତି ମଧ୍ୟ ସୃଷ୍ଟି କରିଛନ୍ତି । ତେଣୁ ବିଶେଷତଃ ଭାରତବର୍ଷରେ ଏବେ ମଧ୍ୟ ଯେ ଅଧିକାଂଶ ଭାଗ୍ୟବାଦୀ ପଶୁପଲ ପରି ନିଜର କର୍ମକଷଣକୁ ସହ୍ୟ କରୁଛନ୍ତି, ଏହା ଅସ୍ୱୀକାର କରିହେବ ନାହିଁ । ମଣିଷକୁ ସଂସାର ବୈରାଗୀ ତଥା ଭାଗ୍ୟବାଦୀ କରିଥିବା ଏହି ମୃତ ମତବାଦକୁ ମଣିଷ ଅସ୍ୱୀକାର କରିବ । ଏହା ହୋଇପାରିଲେ ସଂସାର, ମଣିଷ ଓ ଭଗବାନ କେତେ ମହନୀୟ ଜଣାଯିବେ । ଆଶ୍ୱାସନାର କଥା, ଏ ଦିଗରେ ଆଧୁନିକ ବିଜ୍ଞାନ ଅନେକ ପଥ ଅତିକ୍ରମ କରିଗଲାଣି । ଏହା ସକଳ ଅନ୍ଧବିଶ୍ୱାସକୁ ପ୍ରତିହତ କରି ସତ୍ୟ ସନ୍ଧାନରେ ବ୍ରତୀ ହୋଇଛି । ବୈଜ୍ଞାନିକମାନେ ପରିଦୃଶ୍ୟମାନ ଜଡ଼ ପ୍ରକୃତି ପର୍ଯ୍ୟବେକ୍ଷଣ କରିବା ସହ ମଣିଷର ଅନ୍ତଃ ପ୍ରକୃତିର ବୀକ୍ଷା ଓ ସମୀକ୍ଷା କରିବାରେ ବେଶ୍ ଅସୁସନ୍ଧିସୁ ଓ କ୍ରିୟାଶୀଳ ଏବଂ ସେମାନେ ଏହା ମଧ୍ୟ ଉପଲବ୍ଧି କଲେଣି ଯେ ପ୍ରଥମଟି ଓ ଦ୍ୱିତୀୟଟି ଏକ ସତ୍ୟର ଦୁଇ ବିଭାଗ ଏବଂ ପରସ୍ପର ସମ୍ବନ୍ଧିତ । ଅତଏବ ଆଧୁନିକ ବିଜ୍ଞାନ ମଣିଷକୁ ଏକ ସମଗ୍ରର ଅର୍ଥାତ୍ ସମ୍ପର୍କର ଜ୍ଞାନ ଦେବା ସଙ୍ଗେ ସଙ୍ଗେ ତା'ର ଅସଲ ଅଗ୍ରଗତିର ଏକ ବଳିଷ୍ଠ କାରଣ ହୋଇପାରିଛି ବୋଲି ଚିତ୍ତଭାଇ ପ୍ରତ୍ୟୟର ସହ ପ୍ରକାଶ କରନ୍ତି ।

ଏହି ସତ୍ୟକୁ ଜୀବନ ଧର୍ମ ରୂପେ ଗ୍ରହଣ କରିନେଲେ ମଣିଷକୁ ଏ ସଂସାର ଆପଣାର ଘର ବୋଲି ପ୍ରତୀତ ହେବ ଏବଂ ସବୁ ମଣିଷ ତା'ର ଅନ୍ତରଙ୍ଗ ଛଡ଼ା ଆଉ କିଛି ନୁହନ୍ତିର ଧାରଣ ତା' ଭିତରେ ପ୍ରତିଷ୍ଠିତ ହେବ । ତେଣୁ ସେ ଭଗବାନଙ୍କ ପାଇଁ ମନ୍ଦିର ତିଆରି କରିବାରେ ଅତ୍ୟାଗ୍ରହ ପ୍ରଦର୍ଶନ ନ କରି ନିଜ ଭିତରେ ତଥା ମଣିଷ ଭିତରେ ତାଙ୍କୁ ଠାବ କରିବ । ବିଡ଼ମ୍ବନାର କଥା, ସଂସାରରେ ମଣିଷମାନଙ୍କୁ ଉପେକ୍ଷା କରାଯାଇ ମନ୍ଦିର ନିର୍ମାଣ ବେଶ୍ ଝୁଙ୍କ୍‌ରେ କରାଯାଉଛି । ଏଆଡ଼େ ମଣିଷ ପଛକେ ଚୁଲିକି ଯାଉ, ସେଆଡ଼େ ଅବଶ୍ୟ ମନ୍ଦିର ଝଲସିବ ଏବଂ ତା' ଭିତରେ ଭଗବାନଙ୍କ ମୂର୍ତ୍ତିଟିଏ ନିଶ୍ଚୟ ଥାପନା କରାଯିବ, "ଯେଉଁମାନେ ମନ୍ଦିର ଭିତରେ ଭଗବାନଙ୍କୁ ଦେଖିବେ ବୋଲି ଇଚ୍ଛା କରନ୍ତି, ସେମାନେ ବାଟରେ ମୋଟେ ମଣିଷକୁ ଭେଟନ୍ତି ନାହିଁ । ମଣିଷମାନଙ୍କ ସମୁଦ୍ର ଭିତରେ ଯାଉଥାନ୍ତି ସିନା ମାତ୍ର ମଣିଷମାନଙ୍କୁ ଦେଖିପାରନ୍ତି ନାହିଁ । ସତେ ଅବା କହୁଣିରେ ମଣିଷମାନଙ୍କୁ ଆଡ଼େଇ ଦେଇ ଆଗକୁ ଚଲିଯାଉଥାନ୍ତି । ସେଇଥିଲାଗି, ଆମ ପୃଥିବୀରେ ମନ୍ଦିରମାନଙ୍କ ସଂଖ୍ୟା ହୁ' ହୁ' ହୋଇ ବଢ଼ିବାରେ ଲାଗିଛି ଏବଂ ଠାକୁରମାନେ ବି ସଂଖ୍ୟାରେ ବୃଦ୍ଧି ପାଉଛନ୍ତି ସିନା ମଣିଷମାନଙ୍କ ଠାରୁ ଭଗବାନ ଦୂରେଇ ଦୂରେଇ ଯାଉଛନ୍ତି । ଭଗବାନ ଆଡ଼େଇ ହୋଇଯାଉଛନ୍ତି ଏବଂ ମଣିଷର ଉପଦ୍ରବ ବଢ଼ିବାରେ ଲାଗିଛି ।

ଭଗବାନ ସତେ ଅବା ମୂକ ହୋଇ ବସିଯାଇଛନ୍ତି ଏବଂ ପୃଥିବୀରେ ଉତ୍ତେଜିତମାନଙ୍କର ଶାସନ ଚାଲିଛି । ଭଗବାନଙ୍କ ନାମରେ କେତେକେତେ କିସମର ଘର ତିଆରି ହେଉଛି, ମାତ୍ର ଭଗବାନ ସତେ ଯେପରି କେଉଁଠି ହେଲେ ଦିଶୁନାହାନ୍ତି ।" (ପୃଷ୍ଠା - ୨୯)

ଏହି ଅଦୂରଦର୍ଶିତା ଫଳରେ ମଣିଷର ଯଥାର୍ଥ ବିକାଶ ସାଧିତ ହୋଇପାରୁ ନାହିଁ । ମଣିଷ ମଣିଷକୁ ଭଗବାନ ବୋଲି ଗ୍ରହଣ କରିନପାରିବା ତା'ର ଏକ ସ୍ୱଅର୍ଜିତ ଅସାମର୍ଥ୍ୟ ସୂଚାଇ ଦିଏ । ଅଧିକନ୍ତୁ ଏଇଥିପାଇଁ ମଣିଷ ମଣିଷର କେତେ ଯେ ଦୁର୍ଦ୍ଦଶାର କାରଣ ହୋଇଛି ତା'ର ଇୟତ୍ତା ନାହିଁ । ମଣିଷ ଭିତର ଭଗବାନଙ୍କୁ ଦେଖିଲେ ସତରେ ପୃଥିବୀ ଏକ ଫଟାଭୂଇଁ ନ ହୋଇ ସୁନ୍ଦର ନିଳୟ ହୋଇପାରନ୍ତା । ମଣିଷ, ମଣିଷର ହୋଇ ରହନ୍ତା, ତେଣୁ ଭଗବାନଙ୍କର ହୋଇ ରହନ୍ତା । ପ୍ରେମରେ, ଆନନ୍ଦରେ, ସମର୍ପଣରେ ସେ ସମଗ୍ର ସହ ସଂଯୁକ୍ତ ହୋଇ ଏକ ଦିବ୍ୟଜୀବନ ଯାପନ କରନ୍ତା । ଅଶ୍ରଦ୍ଧା, ଅସଣ୍ଡଶା, ଅସତ୍ୟ, ଅସଂହିତର ବଳୟ ଭିତରେ ସେ ନିଜକୁ ଲୁପ୍ତ କରି ଦିଅନ୍ତା ନାହିଁ । ମଣିଷ ମଣିଷର ହୋଇ ବଞ୍ଚିଲେ ସେ ପ୍ରଚଣ୍ଡ, ପ୍ରବଳ, ପରାକ୍ରମୀ ନ ହୋଇ ଏକ ପରମ ପ୍ରେମିକ ପାଲଟି ଯାଆନ୍ତା ତେଣୁ ପରାର୍ଥ ପଥିକ ହୋଇପାରନ୍ତା । ଚିତ୍ତରଞ୍ଜନ ଏକ ଦିଗରେ ମଣିଷର ଏହି ଦୂଷିତ ଅଥଚ ଲଂଘନୀୟ ବାସ୍ତବତା ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଅନ୍ୟ ଏକ ଦିଗରେ ତା'ର ନିରାକରଣ ସକାଶେ ଏକ ଯଥାର୍ଥ ମାର୍ଗ ଦର୍ଶନ ମଧ୍ୟ କରାଇଛନ୍ତି । ଯେଉଁ ମଣିଷ ଅହଂ ପରବଶ ହୋଇ ନିଜକୁ ମାର୍ଗଚ୍ୟୁତ କରିପାରେ ସେ ଚାହିଁଲେ ଯେ ଯଥାର୍ଥ ମାର୍ଗୀ ହୋଇପାରିବ ଏହା ଅଣୁ ମାତ୍ର ଅସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି । ପରୋକ୍ଷ ଭାବରେ ସେ ମଣିଷକୁ ଏଥିପାଇଁ ଆହ୍ୱାନ ଦେଇଛନ୍ତି । ତାଙ୍କର ଏଇ ଦୃଷ୍ଟିକୋଣରୁ ମଣିଷ କେନ୍ଦ୍ରୀୟତା ଭାବ ବେଶ୍ ଫୁଟି ଉଠିଛି । ଅର୍ଥାତ୍ ଏ ସଂସାରରେ ମଣିଷର ଯଥାର୍ଥ ଅଭ୍ୟୁଦୟ ମଣିଷ ଦ୍ୱାରା ହିଁ ସମ୍ଭବ । କେଉଁ ପରିକଳ୍ପିତ ସ୍ୱର୍ଗର ମିଛ ଭଗବାନ ଆସି ଯେ ଏହା କରିବେ - ଏହା ଆଦୌ ଠିକ୍ ନୁହେଁ । ତେଣୁ ମଣିଷର ପରିବର୍ତ୍ତନ ଆବଶ୍ୟକ । ତା'ର ପରିବର୍ତ୍ତନରେ ସାହିତ୍ୟରେ ପରିବର୍ତ୍ତନ ଘଟିବ, ଧର୍ମର ପରିବର୍ତ୍ତନ ଘଟିବ । ମୋଟ ଉପରେ ଆପଣାର ଅଭ୍ୟୁଦୟ ସକାଶେ ମଣିଷକୁ ହିଁ ସଠିକ୍ ପ୍ରୟାସ କରିବାକୁ ପଡ଼ିବ । ଏକ ଯଥାର୍ଥ ଜୀବନବୋଧ ଓ ଜଗତ ଦୃଷ୍ଟି ମାଧ୍ୟମରେ ଏହାର ଆବଶ୍ୟକତା ମଣିଷକୁ ହୃଦୟଙ୍ଗମ କରିବାକୁ ପଡ଼ିବ । ଏଥିସକାଶେ ସେ ନିଜ ଭିତରେ ସଦା ଉପସ୍ଥିତ ଭଗବାନଙ୍କୁ ଉପଲବ୍ଧି କରିବ । ବଙ୍ଗଳାର ବାଉଲମାନେ ଅନୁରୂପ ଭାବେ ଏହା ପ୍ରକାଶ କରିଛନ୍ତି । ପୁଣି ମଧ୍ୟ ଏହି ମରମରେ କୁହାଯାଇଛି, 'ହୃଦାକାଶେ ଚିଦାଦିତ୍ୟ ସଦା ଭାସତି ଭାସତି / ନାସ୍ତ୍ୟମେତି ନ ଚୋଦତି କଥଂ ସନ୍ଧ୍ୟାମୁପାସ୍ମହେ' (ମୈତ୍ରେୟ ଉପନିଷଦ) ଅର୍ଥାତ୍ 'ଦିବସ ଶେଷରେ ସୂର୍ଯ୍ୟ ଅସ୍ତ ଗଲେ ବା ରାତ୍ରିର ଅବସାନରେ ସୂର୍ଯ୍ୟ ଉଦୟ ହେଲେ ସନ୍ଧ୍ୟା କରାଯାଏ । ଆମ ହୃଦୟାକାଶରେ ଚିତ୍ ସୂର୍ଯ୍ୟ ସର୍ବଦା

ଆଲୋକିତ, ଜ୍ୟୋତିର୍ମୟ । ତାଙ୍କର ଉଦୟ ନାହିଁ କି ଅସ୍ତ ନାହିଁ । ତେଣୁ ତାଙ୍କର କିପରି ସନ୍ଧ୍ୟା କରାଯିବ ?'

ମଣିଷ ଅର୍ଥାତ୍ ସବୁ ମଣିଷଙ୍କର ଏଇ ମହନୀୟତାକୁ ସାହିତ୍ୟ ସ୍ୱୀକାର କରିବ, ଧର୍ମ ସ୍ୱୀକାର କରିବ । ଫଳରେ ସମାଜକୁ ପ୍ରପୀଡ଼ିତ କରୁଥିବା ଅସମାନତା, ଅସ୍ପୃଶ୍ୟତା, ଅନ୍ୟାୟ, ଅଧର୍ମ ତଥା ଆହୁରି ଅନେକ ଆବିଳତା ରହିବ ନାହିଁ । ପରିତାପର ବିଷୟ, ଧର୍ମ ଓ ସାହିତ୍ୟ ଏଇ ଗୁରୁତ୍ୱପୂର୍ଣ୍ଣ ଦିଗଟି ପ୍ରତି ଆଖିବୁଜି ଦେଇଛନ୍ତି ବା ମିଛ ଆନୁଗତ୍ୟ ପ୍ରକାଶ କରିଛନ୍ତି । ଏଇ ଅମୂଲ୍ୟ ସତ୍ୟର ସାକ୍ଷାତକାର ଏବଂ ଅବବୋଧ କରିବାକୁ ଅନିଚ୍ଛୁକ ମଣିଷ ନିଜକୁ କେତେ ସିହାଣା ଓ ସମର୍ଥ ଭାବି ବାହ୍ୟ କର୍ମକାଣ୍ଡ ଓ ଧର୍ମଭାଣ୍ଡ ପ୍ରମତ୍ତ ହୋଇ ହୁଏତ ମନ୍ଦିର ଓ ମୂର୍ତ୍ତିର ଅଧୀନ ହୋଇଯାଇଛି । ହେଲେ ତା'ର ପରିଣାମ ହୋଇଛି ଏକ ଭୟାନକ ନିର୍ବାସନ-ସତ୍ୟ ଠାରୁ ନିର୍ବାସନ, ସମଗ୍ର ଠାରୁ ନିର୍ବାସନ ଏବଂ ଆଉ ଟିକିଏ ଗଭୀର ଭାବରେ କହିଲେ ଏଥି ସକାଶେ ତା' ନିଜଠାରୁ ନିର୍ବାସନ ଯାହା ତା'ର ଦୁର୍ବଳତାର ଅନ୍ୟତମ ପରିଚୟକ, "ଯାହାଙ୍କୁ ବା ଯେଉଁ ସତ୍ୟକୁ ମୁଁ କେତେ ଚାତୁର୍ଯ୍ୟର ସହିତ ବାହାରେ ଖୋଜିବାର ଏହି ଯାବତୀୟ ବଜାର ମେଲାଇ ବସିଛି, ସିଏ ସବା ଆଗ ମୋ ଭିତରେ ରହିଛନ୍ତି ବୋଲି ହୃଦ୍‌ବୋଧ ହେବା ମାତ୍ରକେ ତାହାର ଏକ ପ୍ରଧାନ ପରିଣାମ ସ୍ୱରୂପ ସମଗ୍ର ପୃଥିବୀକୁ ପ୍ରାୟ ଗ୍ରାସ କରି ରହିଥିବା କେତେ ଭଳି ପୌତ୍ତଳିକତା ବହୁ ପରିମାଣରେ ନିଷ୍ପ୍ରଭ ହୋଇ ଆସନ୍ତା । ଆଡ଼ମ୍ବରମାନେ କମି ଆସିବା ଫଳରେ ତାହାକୁ ଆଶ୍ରା କରି ରହିଥିବା ଅଭିନୟଗୁଡ଼ିକ ମଧ୍ୟ ଖୁବ୍ କମିଯାଆନ୍ତା ।" (ପୃଷ୍ଠା-୩୧) । ବାହାରେ ଏବଂ ବାହାରର ଉପଚ୍ଛରର ଓ ଉପଚ୍ଛର ପାଇଁ ଗୁଡ଼ାଏ ନଚାନଚି, ହୋ ହଲ୍ଲା ତଥା ସଂକୀର୍ତ୍ତନ କରି ଧର୍ମ ଯେପରି ଅସଂଖ୍ୟ ପାମରପଣିଆର ପରାକ୍ରମ ଦେଖାଇଛି ସାହିତ୍ୟ ମଧ୍ୟ ଏକ ଅଦ୍ଭୁତ ଆତ୍ମ ରତିରେ ବିଳସିତ ଓ ବିଭ୍ରାନ୍ତ ହୋଇପଡ଼ିଛି । ସାହିତ୍ୟ କେତେ କେତେ ଗପ ଶୁଣାଇଛି, ଭଳି ଭଳି ପାଠ କରିଛି, କେତେକେତେ ଉପନ୍ୟାସ, ନାଟକ ସଜେଇ ଦେଇଛି । ତା' ସତ୍ତ୍ୱେ ବି ସାହିତ୍ୟ ସବୁ ମଣିଷଙ୍କ କଥା କହିନାହିଁ ଓ ସବୁ ମଣିଷଙ୍କର ହୋଇପାରିନାହିଁ । ଚିତ୍ତଭାଇଙ୍କ ଭାଷାରେ, 'ପୃଥିବୀର ଅଧେ ସାହିତ୍ୟ ତ ଏବେ କେବଳ ସଂପୃକ୍ତ ସମାଜଗୁଡ଼ିକର ଅଧିକରୁ କମ୍ ମଣିଷଙ୍କର ଏକ ବିଳାସ ବସ୍ତୁ ରୂପେ ବ୍ୟବହୃତ ହେଉଛି । ସାହିତ୍ୟ ଲେଖୁଥିବା ବାବୁମାନେ ବଞ୍ଚିତ ହୋଇ ରହିଥିବା ମଣିଷଗୁଡ଼ାଙ୍କ ସକାଶେ କବିତାରେ ଘୁଙ୍ଗୁର ଲଗାଇ କେତେ କଇଁକଇଁ ହୋଇ ବାହୁନୁଛନ୍ତି । ସେମାନେ ପ୍ରେମକୁ ନେଇ କେତେ କ'ଣ ଲେଖି ପକାଉଛନ୍ତି । ଗଳ୍ପ, ଉପନ୍ୟାସ, କବିତା ଓ ଆହୁରି କେତେ କ'ଣ । ସାହିତ୍ୟରେ ନବରସକୁ ସାମଗ୍ରୀ କରି ବୃହନ୍ନଳା ପରି ସତେ ଅବା କେତେ କ'ଣ ରାନ୍ଧି ଥୋଇ ଦେଉଛନ୍ତି । ଏଣେ ନିଜ ଜୀବନରେ କେତେକେତେ ଘୃଣା ଏବଂ ଆତ୍ମକାମିତା ଭିତରେ କ୍ଷୁଦ୍ର ହୋଇ ରହିଛନ୍ତି ।"(୧୯-୨୦)

ସାହିତ୍ୟ ହେଉଛି ମଣିଷର ଅନ୍ୟତମ ସାଂସ୍କୃତିକ ସଂଭୂତି ଓ ଆତ୍ମିକ ବିଭୂତି । ମଣିଷ, ଜୀବନଟାକୁ ତୁଚ୍ଛା ଧାରଣ କରେ ନାହିଁ । ବରଂ ସେ ଏହାକୁ ସଜ୍ଞାନରେ ବଞ୍ଚେ ଓ ସେହି ପ୍ରକ୍ରିୟାରେ ତା'ର ଉତ୍‌କ୍ରାନ୍ତ ଆଣେ, ତାକୁ ଅଗ୍ରଗାମୀ କରାଏ, ଅସୀମାନ୍ୱେଷୀ କରାଏ, ଅଭୀପ୍‌ସାଯୁକ୍ତ ଓ ଆକୁତିମଣ୍ଡିତ କରାଏ । ସତରେ, "ସାହିତ୍ୟ ଏକ ଆଗ୍ରହ । ସାହିତ୍ୟ ଏକ ଆକାଂକ୍ଷା । ସାହିତ୍ୟ ଏକ ସ୍ୱପ୍ନ । ଭବିଷ୍ୟ ବିଷୟରେ ଏକ ସ୍ୱପ୍ନ । ଆମ ସମସ୍ତଙ୍କୁ ନେଇ ଏକ ସୁନ୍ଦର ଭବିଷ୍ୟର ସ୍ୱପ୍ନ । ସାହିତ୍ୟ କହିଲେ ସବା ଆଗ ଏକ ସଖ୍ୟକୁ ବୁଝାଏ । ଆପଣା ସହିତ ସ୍ଥାପିତ ହୋଇଥିବା ଏକ ସତ୍ୟକୁ ବୁଝାଏ । ବିଶ୍ୱଭୁବନ ସହିତ ସ୍ଥାପିତ ହୋଇଥିବା ଏକ ସଖ୍ୟକୁ ବୁଝାଏ । ସଖ୍ୟର ଭୂମି ଉପରେ ଦେଖିଲେ ସବୁକିଛି ସୁନ୍ଦର ଦେଖାଯାଏ; ଦୂରଗୁଡ଼ାକ ନିକଟ ହୋଇ ଆସନ୍ତି । ଦୁଃଖଗୁଡ଼ାକ ବି ଅଶ୍ରୁରେ ଧୋଇ ହୋଇଯାଇ ଭାରି ସୁନ୍ଦର ଦିଶନ୍ତି । ଭିତରେ ବସିଥିବା ସଖାଟି ଯେତେବେଳେ ସାରା ସଂସାରଟାକୁ ସଂଖୋଳିବ ବୋଲି ସାହସ ଧରି ବାହାରେ, ସେତେବେଳେ ଆମ ସଂଗେ ନିଭାଉଥିବା କାଳଟା ମଧ୍ୟ ସତେ ଅବା ଏକ ପ୍ରତିଶ୍ରୁତିରେ ପରିଣତ ହୋଇଯାଏ । ସାହିତ୍ୟ ଆପଣାକୁ ସେଇ ପ୍ରତିଶ୍ରୁତି ପାଖରେ ଉତ୍ସର୍ଗ କରି ଧନ୍ୟ ହୁଏ, ପୂର୍ଣ୍ଣ ହୁଏ ।' (୧୪୩) । ସାହିତ୍ୟର ଏଇ ସୂର୍ଯ୍ୟରାଗରେ ଆମର ସାହିତ୍ୟ ସ୍ରଷ୍ଟାମାନେ ଶକ୍ତିମାନ୍ ହୁଅନ୍ତେ । ସାହିତ୍ୟ, ଘରର ପରିଜନ ପରି ସଂସାରର ସବୁ ମଣିଷଙ୍କୁ କୋଳାଗ୍ରତ କରନ୍ତା; ସେମାନଙ୍କ ଅପୂର୍ଣ୍ଣତା, ଅସାମର୍ଥ୍ୟ ଅବା ସୀମାବଦ୍ଧତା କଥା କହିବାରେ ନିଜର ସରଳ ସାମର୍ଥ୍ୟ ଶେଷ କରିଦିଅନ୍ତା ନାହିଁ । ଏହାକୁ ଅତିକ୍ରମ କରିବାର ଆବଶ୍ୟକତା ଓ ଆକର୍ଷଣ ମଣିଷ ଭିତରେ ଅଛି ଏବଂ ସେଇ ସୁପ୍ତ ଶକ୍ତିର ଜାଗରଣ ସାହିତ୍ୟିକମାନେ କରନ୍ତେ ଯଦି ସେମାନେ ସତରେ ମଣିଷର ସାମଗ୍ରିକତା ଉପରେ ଆସ୍ଥା ସ୍ଥାପନ କରନ୍ତେ । ତା' ନକରି ସେମାନେ ସାହିତ୍ୟରେ ଭାଣମାନଙ୍କରେ ଅଭିନୟ ତଥା ଭାଷାମାନଙ୍କର ଆଡ଼ମ୍ବର ସୃଷ୍ଟି କରି ତା'ର କଳାହରଣ କରିବାକୁ ଅହୋଭାଗ୍ୟ ମଣିଲେ । ଚିତ୍ତଭାଇ ସାହିତ୍ୟକାର ମଣିଷମାନଙ୍କର ଏଇ ବିପାକ କଥା ବଖାଣି ଥିବାବେଳେ ତଥାପି ନିରାଶାବାଦୀ ହୋଇନାହାନ୍ତି । ସାହିତ୍ୟକାର ମଧ୍ୟ ଯେ ସତରେ କାଜି ନଜରୁଲଙ୍କ ପରି ଗଭୀର ରାତ୍ରି ଓ ଦୁର୍ଗମ ପଥ ସତ୍ତ୍ୱେ ଦୂରନ୍ତ ପଥ ଅତିକ୍ରମ କରିବାରୁ ମଣିଷ ଜୀବନ ଏକ ଶକ୍ତିଶାଳୀ ସକ୍ରିୟ ଭୂମିକା ନେଇପାରିବ, ଏଥିରେ ସେ ବିଶ୍ୱାସ କରିଛନ୍ତି । ତେଣୁ ସାହିତ୍ୟରେ ନିସଂଗତା ପାଇଁ ଯେଉଁ ମିଛ ବାହୁନା ଚାଲିଛି, ସେ ତା'ର ବିରୋଧ କରିଛନ୍ତି ।

ବାହାରେ କେତେବେଳେ ସଖ୍ୟ ପୁଣି ଭିତରେ ପରମ ଅମୀୟଙ୍କର ଦିବ୍ୟସଖ୍ୟ ଥାଉଁଥାଉଁ ମଣିଷ କାହିଁକି ନିସଂଗ ବୋଲି ବିଳାପ କରିବ ଏବଂ ସେଇ ମିଛ କାନ୍ଦଣାକୁ ସାହିତ୍ୟିକମାନେ କାହିଁକି ଏଡ଼େ ରଡ଼ି କରି କହିବେ ? ଲଣ୍ଡନ ସେତୁ କି ରାଣୀହାଟ ପୋଲ ଭାଙ୍ଗିଗଲେ ତଥାପି ସେମାନଙ୍କ ନିମ୍ନ ଭାଗରେ ନିତ୍ୟ ପ୍ରବହମାନ ଟେମସ୍‌ନଦୀ

କି ତାଳଦଣ୍ଡା କେନାଲର ଦୁଇକୂଳକୁ ଯୋଗ କରିବା ପାଇଁ କ'ଣ ସବୁ ରାସ୍ତା ବନ୍ଦ ହୋଇଯିବକି ? ଭାଙ୍ଗିବା ଏକ ସତ୍ୟ ହେଲେ ବି ଗଢିବା ରୂପକ ଅନ୍ୟ ଏକ ଉଚ୍ଚତର, ବୃହତ୍ତର ଓ ମହତ୍ତର ସତ୍ୟ ତା'ର ସ୍ଥାନ କାହିଁକି ନେଇପାରିବ ନାହିଁ ? ମଣିଷକୁ ଏକ ଆଶାବାଦ ସାହିତ୍ୟିକ କାହିଁକି ଶୁଣାଇବ ନାହିଁ ? ସଖା ଯେପରି ସଖାର ବିପତ୍ତିରେ ମୁହ୍ୟମାନ ନ ହୋଇ ତାକୁ ମୁହ୍ୟମାନ ନ କରି ସାହସ ଦିଏ, ସାମର୍ଥ୍ୟ ଦିଏ, ଶକ୍ତି ଦିଏ, ସୌହାର୍ଦ୍ଦ୍ୟ ଦିଏ ଓ ସଦିଚ୍ଛା ଦିଏ, ସାହିତ୍ୟିକ ସେପରି କଲେ କ'ଣ ଅସୁବିଧା ହୁଅନ୍ତା ? ସାହିତ୍ୟିକ ଆତ୍ମରତିରେ ମଗ୍ନ ହେଲେ ମଣିଷର ଅବା ସମଗ୍ରର ସଖା ହୋଇପାରିବ ନାହିଁ । ସେ କେବଳ ନିଜର ଦୁଃଖଗୁଡ଼ାକୁ ଏକମାତ୍ର ଦୁଃଖ ଏବଂ ନିଜର ସୁଖଗୁଡ଼ିକୁ ଏକମାତ୍ର ସୁଖ ବୋଲି ଆପଣାର ଗୁମୁଟି ଭିତରେ ରହି କେତେ ଭେଳିକି ଭଦ୍ରତାରେ କୁଣି ହେଉଥିବା ଏବଂ ତାହାକୁ ସାହିତ୍ୟ ନାମ ଦେଇ ଯାବତୀୟ ଲାଭ ଓ ଲୋଭର ଲୁବ୍ଧକ ବନିଯାଉଥିବ । ଏ ପ୍ରକାର ଦିଶାହରା ସାହିତ୍ୟ ଅକାମୀ ହୋଇଯିବ ଏବଂ ତା'ର ସ୍ଥାନ ନେବ ସେହି ସାହିତ୍ୟ ଯାହା ପଡ଼ିଯାଇଥିବା ଅବା ପଡ଼ିଯାଉଥିବା ମଣିଷର ହାତଧରି ଉଠାଇବ ଏବଂ ତଥାପି ସୂର୍ଯ୍ୟୋଦୟ ସମ୍ଭବ ବୋଲି ତା' କାନରେ ମନ୍ତ୍ର ଫୁଙ୍କିବ । ଏହି ସମ୍ଭାବନା କେବଳ ସାହିତ୍ୟ କ୍ଷେତ୍ରରେ ନୁହେଁ, ଧର୍ମ କ୍ଷେତ୍ରରେ ମଧ୍ୟ ନିହିତ । ଧର୍ମ ମଧ୍ୟ ଯାବତୀୟ ସ୍ଥାନୀୟତାର ନିଗଡ଼ରୁ ମୁକ୍ତ ହୋଇ ବ୍ୟାପକ, ବିସ୍ତୃତ, ଅନାବଦ୍ଧ ହେବ । ଅତୀତରେ ଗୋଟିଏ ଧର୍ମର ଅନ୍ୟଧର୍ମ ସହ ପରିଚୟ ନହୋଇଥିବା ଯୋଗୁଁ ଅନେକ ଧର୍ମଯୁଦ୍ଧ ଘଟିଯାଇଛି । ଗୋଟିଏ ଧର୍ମ କୂପମଣ୍ଡୁକ ପରି ନିଜକୁ ଏକମାତ୍ର ଅବା ଶ୍ରେଷ୍ଠତମ ବୋଲି ବାହାସ୍ଫୋଟ ମାରିଛି । ତା'ର ପ୍ରବର ଓ ପ୍ରବକ୍ତାମାନେ ନିଶରେ ତେଲ ମାରି ସେମାନଙ୍କ ଧର୍ମର ଶ୍ରେଷ୍ଠତ୍ୱ ପ୍ରମାଣ କରିବାକୁ ପଛାଇ ନାହାନ୍ତି । ନ୍ୟାୟଶାସ୍ତ୍ରର ଖଣ୍ଡନ, ମଣ୍ଡନ ପରି ସେମାନେ ଅନ୍ୟ ଧର୍ମର ଖଣ୍ଡନ କରି ସ୍ୱଧର୍ମର ମଣ୍ଡନ କରିବାରେ ସହସ୍ରବାହୁ ହୋଇ ଧର୍ମର ସତୀତ୍ୱ ହରାଇ କରିଛନ୍ତି । କୌଣସି ଧର୍ମ ଏକ ଅଞ୍ଚଳରେ ଜଣେ ଅସାଧାରଣ ବ୍ୟକ୍ତିଙ୍କ ଯୋଗୁଁ ସମ୍ଭବ ହୋଇଥିଲେ ହେଁ କାହିଁକି ଯେ ତାହା ସାର୍ବଜନୀନ ନ ହେବ, ତାହା ବୁଝାଯାଉନାହିଁ ।

ବଡ଼ ଆଶ୍ୱାସନାର କଥା, ପରିବ୍ରାଜକମାନେ ଧର୍ମର ଏଇ ସ୍ଥାନୀୟତାଜନିତ ସଂକୀର୍ଣ୍ଣତା ବହୁ ପରିମାଣରେ ଭଗ୍ନ କରିବାକୁ ସମର୍ଥ ହୋଇଛନ୍ତି । ପୁଣି ଆଧୁନିକ ବିଜ୍ଞାନ, ସମୟ ଓ ଦୂରତାକୁ ଜୟ କରିଥିବା ଯୋଗୁଁ ଧର୍ମର ଏହି ସଂକୀର୍ଣ୍ଣତା ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି । ଚିତ୍ତଭାଇ କହନ୍ତି, 'ଆଧୁନିକ ବିଜ୍ଞାନରେ ହିଁ ସମ୍ଭବତଃ ଗୋଟିଏ ଧର୍ମକୁ ଆଉ ଗୋଟିଏ ଧର୍ମ ସହିତ ପୃଥ୍ୱୀ ଜୀବନର ହାଟରେ ଆଣି ଭେଟାଇବାର ସବୁଠାରୁ ଅଧିକ ଅବଦାନ ରହିଛି' (ପୃଷ୍ଠା-୩୩) । ମୁଦ୍ରାଯନ୍ତ୍ର ଉଦ୍ଭାବନ ଫଳରେ ପୁସ୍ତକମାନେ ଛାପା ହେଲେ ଏବଂ ଗମନାଗମନର ପ୍ରଭୁତ ସୁବିଧା ହେତୁ ସେଗୁଡ଼ିକ ପୃଥିବୀର କୋଣେ

ଅନୁକୋଣେ ଉପଲବ୍ଧ ହେଲେ । ଫଳରେ ମଣିଷ ବିଭିନ୍ନ ଧର୍ମକଥା ଜାଣିଲା । ଗୋଟିଏ ଧର୍ମ ଯେ କୌଣସି ଗୁଣରେ ଅନ୍ୟ ଧର୍ମ ଠାରୁ ନ୍ୟୂନ ନୁହେଁ ତାହା ତା'ର ହୃଦ୍‌ବୋଧ ହେଲା । ଫଳରେ ଧର୍ମ ସମ୍ବନ୍ଧରେ ମଣିଷର ମୋହଭଙ୍ଗ ହେଲା । "ଆଗେ ଲୋକମାନେ ମୋ ଧର୍ମ, ମୋ ସଂସ୍କୃତି, ମୋ ସାହିତ୍ୟ ଏବଂ ମୋ ସଭ୍ୟତା ବୋଲି କହି ଶିଖିଥିଲେ । ଏବେ ମଧ୍ୟ ଠିକ୍ ସେହିଭଳି ଆନନ୍ଦ ଲାଭ କରୁଥିବା ମଣିଷ ପୃଥିବୀରେ କୋଟି କୋଟି ସଂଖ୍ୟାରେ ଅବଶ୍ୟ ରହିଥିବେ । ମାତ୍ର, ଏଣିକି ଅଧିକରୁ ଅଙ୍ଗୀକାରବଦ୍ଧ ଭାବରେ ପୃଥିବୀର ଆଗକୁ ମଣିଷମାନେ ଆଉ ଏ ଧର୍ମ ବା ସେ ଧର୍ମର କଥା ନ କହି ଧର୍ମର କଥା କହିଲେ । ଏ ସଂସ୍କୃତି ବା ସେ ସଂସ୍କୃତିର କଥା ନକହି ସଂସ୍କୃତିର କଥା କହିଲେ । ସତେ ଅବା ସ୍ଥାନୀୟ ସୂତ୍ରଗୁଡ଼ିକ ଦେଇ ସେମାନେ ବିଶ୍ୱସୂତ୍ର ନାମକ ସମ୍ପଦଟିଏ ଆବିଷ୍କାର କରିବା ନିମନ୍ତେ ଅଧିକ ଆଗ୍ରହୀ ହେଲେ' (ପୃଷ୍ଠା-୩୪) । ଧର୍ମ ଏବେ ବହୁମାତ୍ରାରେ ସାଂପ୍ରଦାୟିକତାରୁ ମୁକ୍ତ ବୋଲି ଚିତ୍ତଭାଇ ପ୍ରକାଶ କରିଛନ୍ତି । ତେଣୁ ଏବେ ଧର୍ମ-ସମନ୍ୱୟ ସମ୍ଭବ । ସବୁ ଧର୍ମରେ ସତ୍ୟ ଅବଶ୍ୟ ରହିଛି ଏବଂ ସେଇ ସତ୍ୟଟିର କେହି ଜଣେ ଦ୍ରଷ୍ଟା ହୋଇ ତା'ର ସ୍ଥାପନା କରିଛନ୍ତି । ସେମାନଙ୍କର ପଥ ଓ ମତ ଭିନ୍ନ ହୋଇଥିଲେ ହେଁ ଲକ୍ଷ୍ୟ ଯେ ଅଭିନ୍ନ ଏଥିରେ ସନ୍ଦେହ ନାହିଁ । ଶ୍ରୀରାମକୃଷ୍ଣ ପରମହଂସ ଏଇ ଭାବଧାରାର ପୋଷକ ଥିଲେ । ସବୁଧର୍ମର ଅସ୍ତିତ୍ୱ ଓ ଗୁରୁତ୍ୱକୁ ସ୍ୱୀକାର କରିବା ଓ ସମ୍ମାନ ଦେବାର ଅର୍ଥ ସତ୍ୟର ବିବିଧତାକୁ ସ୍ୱୀକାର କରିବା ଏବଂ ତାହା ହିଁ ସତ୍ୟର ଯଥାର୍ଥ ଅବବୋଧ । ଏହାଦ୍ୱାରା ଧର୍ମଧର୍ମ ମଧ୍ୟରେ ଅସହିଷ୍ଣୁତାର ପରିସମାପ୍ତି ଘଟିବ ଏବଂ ପୃଥିବୀରେ ସଦ୍‌ଭାବ ପ୍ରତିଷ୍ଠା କରିବାରେ ଧର୍ମ ଏକ ବଳିଷ୍ଠ ମାଧ୍ୟମ ହୋଇପାରିବ । ଆଶାବଦୀ ଚିତ୍ତରଞ୍ଜନ ପ୍ରକାଶ କରିଛନ୍ତି ଧର୍ମ ସମନ୍ୱୟ ଫଳରେ ମଣିଷ ଅନ୍ୟ ଏକ ସ୍ତରକୁ ଉନ୍ନୀତ ହେବ ।

ଏହି ପରିପ୍ରେକ୍ଷୀର ସାମ୍ପ୍ରତିକ ପୃଥିବୀର ଧର୍ମ ସମ୍ବନ୍ଧୀୟ ବାସ୍ତବତା ବିଚାର୍ଯ୍ୟ । ଏହା ଅନସ୍ୱୀକାର୍ଯ୍ୟ ଯେ ସଂପ୍ରତି ଗୋଟିଏ ଧର୍ମ ସହ ଅନ୍ୟ ଧର୍ମମାନଙ୍କର ସାକ୍ଷାତ ଘଟିଛି, ପରିଚୟ ମଧ୍ୟ ହୋଇଛି, କିଛି ମାତ୍ରାରେ ହୁଏତ ଆଳାପ ହୋଇଛି କିନ୍ତୁ ଯେଉଁ ଧର୍ମ ସମନ୍ୱୟ ପ୍ରସଂଗ ଆଲୋଚିତ ହୋଇଛି, ତାହା କ'ଣ ପ୍ରକୃତିରେ ଘଟିଛି ? ଏପରିକି ୧୮୯୩ ମସିହାରେ ସିକାଗୋରେ ଯେଉଁ ଧର୍ମ ମହାସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଓ ଯେଉଁଠି ସ୍ୱାମୀ ବିବେକାନନ୍ଦ ତାଙ୍କ ଯୁଗାନ୍ତକାରୀ ଆଧ୍ୟାତ୍ମିକ ବାଗ୍ମିତାରେ ସାରା ଆମେରିକାରେ ଏକ ଅଧ୍ୟାତ୍ମ ଭୂକମ୍ପ ସୃଷ୍ଟି କରିଥିଲେ, ସେଠାରେ କ'ଣ ସତରେ ଧର୍ମସମନ୍ୱୟ ଘଟିଥିଲା ? ପୁଣି ତାହା ସତରେ ଧର୍ମ ସମନ୍ୱୟ ନିମିତ୍ତ ଉଦ୍ଦିଷ୍ଟ ଥିଲା କି ? ତା'ର ଇତିହାସ ପାଠ କଲେ ଏହା ପ୍ରାଞ୍ଜଳ ହୋଇଉଠେ କିପରି ତା'ର ଆୟୋଜକମାନେ ଖ୍ରୀଷ୍ଟିଆନ୍ ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାର ଷଡ଼ଯନ୍ତ୍ରରେ ଧର୍ମ ମହାସଭା ଆୟୋଜନ କରିଥିଲେ । ଶ୍ରୀରାମକୃଷ୍ଣ ଅବା ଶ୍ରୀଅରବିନ୍ଦଙ୍କ ପରି ଧର୍ମ ସମ୍ବନ୍ଧୀୟ ଅନୁଭୂତିଜନିତ ଗଭୀର

ଅବବୋଧ ନ ରହିଲେ ବ୍ୟକ୍ତି ଧର୍ମକୁ ନେଇ ଲଙ୍କାକାଣ୍ଡ ଘଟାଏ । ତେଣୁ ଧର୍ମ ନାଁରେ ଜିହାଦ୍ ଚଳେଇ ମଣିଷ ତା' ମାଷ୍ଟରର ମର୍ଯ୍ୟାଦା ହାନି କରେ, ଯାହା ଏବେ ପରିଦୃଷ୍ଟ । ଜଗନ୍ନାଥ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲି ଆମ୍ଭେମାନେ ଖୁବ୍ ଉତ୍ସାହୀ ଓ ବେଳେବେଳେ ଉତ୍ତେଜିତ ହୋଇ କହିଥାଉ । ତା' ସଂଗେ ସଂଗେ ଆମେ ମଧ୍ୟ ଅହଂର ଜୋସ୍‌ରେ ଜୋର୍ ଦେଇ କହିଥାଉ ଆମ ଜଗନ୍ନାଥ ଧର୍ମ ଭିତରେ ବୌଦ୍ଧ, ଶୈବ, ଶାକ୍ତ ଏପରିକି ଖ୍ରୀଷ୍ଟିଆନ୍ ଧର୍ମ ବିଲୀନ ହୋଇଯାଇଛନ୍ତି । ସତେ ଯେପରି ଜଗନ୍ନାଥଙ୍କ ବିରାଟ ଆଁ ଭିତରେ ଏଗୁଡ଼ିକ ସବୁ ମୂଷା ଭଳି ପଶି କୁଆଡ଼େ ଚଟଣି ହୋଇଯାଇଛନ୍ତି ଏବଂ ଏପରି ଅସାଧାରଣ ଭିଆଣ ଆମ ଜଗନ୍ନାଥ ଧର୍ମ କରିପାରିଥିବାରୁ ତାହା କେତେ ମଣ୍ଡଣିରେ ନରହିଛି ! ହେଲେ ଜଗନ୍ନାଥଧର୍ମୀମାନେ ଯେଉଁମାନେ ଜଗନ୍ନାଥଙ୍କୁ ହିନ୍ଦୁନାଥ ଓ ପୁରୀନାଥ କରି ତାଙ୍କୁ ଅନାଥ କରି କେଉଁ ସ୍ଥିତିରେ ଅଛନ୍ତି ତାହା ସମସ୍ତଙ୍କୁ ଜଣା । ତେଣୁ ଧର୍ମସମନ୍ୱୟ ଏକ ବାହାର ମିଶ୍ରଣ ନୁହେଁ କି ଗୋଟିଏ ଧର୍ମର ଅନ୍ୟ ଧର୍ମକୁ ଉଦରୀକରଣ ନୁହେଁ- "ବାଦବାଦ ଭିତରେ, ମାର୍ଗମାର୍ଗ ଭିତରେ ଏବଂ ଧର୍ମଧର୍ମ ଭିତରେ ଯଥାର୍ଥ ସମନ୍ୱୟ ସେତିକିବେଳେ ସମ୍ଭବ ହେବ ଯେତେବେଳେ କି ସଂପୃକ୍ତ ବାଦ, ମାର୍ଗ ଏବଂ ଧର୍ମମାନେ ବାହାରିଆ ପରସ୍ତଗୁଡ଼ିକୁ ଭେଦକରି ପ୍ରକୃତରେ ଭିତରକୁ ଯିବା ପାଇଁ ଅଭିଳାଷ କରିବେ ।" (ପୃଷ୍ଠା-୩୮-୩୯)

ପରିତାପର ବିଷୟ ଏହି ବାହ୍ୟ ପରସ୍ତଗୁଡ଼ିକ ଭେଦ କରିବାକୁ ଯେପରି ଧର୍ମମାନେ ଅସମ୍ପତ, "ଦେଉଳ, ବାନା, ମନ୍ତ୍ର, ପୂଜା ଓ ଉପାସନା-ପ୍ରଧାନତଃ ସେହିଗୁଡ଼ାକ ନେଇ କରି ପୃଥିବୀର ମାର୍ଗମାନେ, ଧର୍ମମାନେ ଏକ ଆଉ ଏକ ଠାରୁ ଅଲଗା ପ୍ରକାର ଦିଶିବ ବୋଲି ଆଣ୍ଠ କରିଛନ୍ତି ଏବଂ ସେହି ଆଣ୍ଠ ବଳରେ ହିଁ ମୋଟା ଆଉ ସମସ୍ତଙ୍କ ଠାରୁ ଅଧିକ ସରସ ବୋଲି କହି ବିଚରା ମଣିଷମାନଙ୍କ ମନରେ ବିଷ ଭର୍ତ୍ତି କରିଦେଇଛନ୍ତି । ଅଲଗା ଅଲଗା ଦିଶୁଥିବା ଏହି ବାହ୍ୟଗୁଡ଼ାକ ହିଁ ବାହାରକୁ ଦିଶୁଥିବାରୁ ଭିତରଟା ମଧ୍ୟ ଅଲଗା ଅଲଗା ହୋଇଥିବ ବୋଲି ଏକ ଭ୍ରମ ମଧ୍ୟ ମଣିଷମାନଙ୍କର ହୃଦୟକୁ ଅଧିକାର କରିଦେଇଛି ।" (ପୃଷ୍ଠା-୩୯) ତେଣୁ ଧର୍ମର ଦାନା ଅପେକ୍ଷା ତା'ର ଚୋପା ଅଧିକ ବହଳ ହୋଇ ଧର୍ମକୁ ଆହତ କରିଦେଇଛି । ଏ ଦିଗରେ ଗୁରୁ ଓ ଧର୍ମପ୍ରଚାରକମାନେ କମ୍ ସିହାଣା ହୋଇ ନାହାନ୍ତି ! ଧର୍ମର ବାହ୍ୟ ଆସ୍ତରଣ ଭିତରେ ତା'ର ଧରଣୀ ଧାରଣାକୁ ନିବୀର୍ଯ୍ୟ କରିଦେଇଛନ୍ତି ଏଇ ଚେତନାହୀନ ଚହଟ ଚିତାମାନେ । ବାସ୍ତବିକ ଧର୍ମର ଏହି ସବୁ ବହିରଙ୍ଗ ବିଧି ପାଳନରେ ସତ୍ୟ ଅବା ଭଗବାନଙ୍କ ସହ ସାକ୍ଷାତ ହୁଏନାହିଁ, ତାହା ହୁଏ ଉପଲବ୍ଧିରେ "ମଣିଷ ତା'ର ଭିତର ଉପଲବ୍ଧିର ପାହାଚଗୁଡ଼ିକ ଚଢ଼ିଚଢ଼ି ଯେଉଁଠାରେ ପହଞ୍ଚିବ ବୋଲି ଭରସା ବାନ୍ଧିଛି, ସେହିଠାରେ ହିଁ ତା'ର ଭଗବାନ ବିରାଜିତ ହୋଇ ରହିଛନ୍ତି ।" (ପୃଷ୍ଠା-୪୦)

ଭଗବତ୍ ଉପଲବ୍ଧିର ଅର୍ଥ ସମଗ୍ର ହିଁ ଭଗବାନ ବୋଲି ଦୃଢ଼ ପ୍ରତ୍ୟୟ । ତାହା ଲାଭ କରିଥିବା ମଣିଷ ସମସ୍ତଙ୍କ ପରି ଦେଖାଯାଉଥିଲେ ଏବଂ ସମସ୍ତଙ୍କ ଭିତରେ ଥିଲେ ବି ସେ ଭିନ୍ନ ଏକ ଗଭୀରତାରେ ଜୀବନ ବଞ୍ଚୁଥିବ । ସେ ସମସ୍ତଙ୍କର ହୋଇଥିବ ଯେତେବେଳେ ସମସ୍ତେ ତା'ପରି ହେବାକୁ ହୁଏତ ଏକ ବାଚାଳତା, ବିଡ଼ମ୍ବନା ବା ବ୍ୟତିକ୍ରମ ବୋଲି ମନେ କରୁଥିବେ । ସେଇ ଅଧାମ୍ ମଣିଷ ନିରନ୍ତର ଭଗବତ୍ ସାନ୍ନିଧ୍ୟ ଲାଭ କରୁଥିବ । ଭଗବାନ ଯେ ଆମ ଭିତରେ ନିରନ୍ତର ବିଦ୍ୟମାନ ଏବଂ ଆମକୁ ଆହୁରି ଅଧିକ ଆଗକୁ ଯିବାକୁ ସଦା ପ୍ରେରଣା ଦେଉଛନ୍ତି ତାହା ସେ ଅବଶ୍ୟ ଉପଲବ୍ଧି କରୁଥିବ । ଅସୀମ ଭଗବାନ ମଣିଷକୁ ତା'ର ସମସ୍ତ ସୀମାବଦ୍ଧତା ଖଣ୍ଡନ ପାଇଁ ସର୍ବଦା ଅନୁପ୍ରେରିତ କରୁଛନ୍ତି-ଏଇ ଧାରଣା ତା' ଭିତରେ ଦୃଢ଼ ହୋଇ ରହିଥିବ- "ସେଇ ପରମବସ୍ତୁ, ପରମ ବାନ୍ଧବ, ଖିଅଟିଏ ହୋଇ ସମସ୍ତଙ୍କ ସହ ଯୋଡ଼ି ହୋଇଥିବାରୁ ମଣିଷକୁ ସଦା ଚେତେଇ ଦେଉଥାନ୍ତି- ଖିଅ ଛିଡ଼ିଗଲେ ଖିଅ ଲଗାଇଦେବ, ଖିଅ ଛିଣ୍ଡିଗଲେ ଖିଅ ଯୋଡ଼ିଦେବ । ସିଏ ନ ଥିଲେ ମୋର ଜୀବନଟାକୁ ମୁଁ ପ୍ରକୃତରେ ଆଉ କିପରି ନିଜର ଜୀବନ ବୋଲି ଅନୁଭବ କରିପାରୁଥାନ୍ତି ? ମୁଁ ନିଜ ଭିତରେ ଏହିପରି ଗୋଟିଏ ସଙ୍ଗୀ ସହିତ ବାଟ ଚାଲୁଛି ବୋଲି ବାହାର ସମଗ୍ର ସଂସାରଟାକୁ ନିଜର ଘର ବୋଲି ଅନୁଭବ କରିପାରୁଛି ।" (ପୃଷ୍ଠା-୪୪) ବାସ୍ତବରେ ଭଗବାନ କଳ୍ପନା ମଣିଷର ସୃଷ୍ଟି । କ୍ରମେକ୍ରମେ ମଣିଷ ସ୍ନେହ, ମମତା,ସମ୍ବେଦନା,ସହାନୁଭୂତି ଇତ୍ୟାଦି କେତେକ ମହନୀୟ ଗୁଣର ଅଧିକାରୀ ହୋଇ ଏକ ଉଚ୍ଚସ୍ତରରେ ପହଞ୍ଚିଛି । ସେତେବେଳେ ହୁଏତ ଏସବୁର ମହିମାକୁ ଈଶ୍ୱର ବୋଲି କହିଛି, "ଜଣେ ନିପୁଣ ଓ ଅନୁଭବି ଶିଳ୍ପୀ ପରି ସିଏ ଭଗବାନଙ୍କୁ ଗଢ଼ିଛି । ଭଗବାନ ଦର୍ପଣ ଉପରେ ପୃଥିବୀଟାକୁ ଅନୁଭବ କରିଛି ଓ ପୃଥିବୀର ଦର୍ପଣ ଉପରେ ଭଗବାନଙ୍କୁ ଅନୁଭବ କରିଛି ।" (ପୃଷ୍ଠା-୪୪) ମଣିଷର ଏହି ମହନୀୟ ଉତ୍ତୁଙ୍ଗତା ତା'ର ଜୀବନରେ କ୍ରାନ୍ତି ଆଣିଥାଏ । ଚିତ୍ତରଞ୍ଜନ ମଣିଷର ଏଇ ଅସଲ ପରିଚୟ ପ୍ରଦାନ କରିବା ସଙ୍ଗେସଙ୍ଗେ ମଣିଷର ସ୍ୱଅଜ୍ଞାନ ଅର୍ଜିତ ମିଛ ଅଭିନୟ ଗୁଡ଼ାକର ବିଶ୍ଳେଷଣ କରିଛନ୍ତି । ମଣିଷ ତା'ର ସ୍ୱରୂପ ଜ୍ଞାନ, ଜ୍ଞାନ ଅର୍ଥାତ୍ ତା ଭିତରେ ନିତ୍ୟ ବିରାଜିତଙ୍କୁ ଭୁଲିଗଲେ ନିଜକୁ କିପରି ଦୁର୍ଗତ କରିଦିଏ, ତାହା ଏଥିରେ ବେଶ୍ ପ୍ରତିଫଳିତ । ମଣିଷର ଏହି ଦୁର୍ବଳତାର କାରଣ ହେଉଛନ୍ତି ଧର୍ମଶାସ୍ତ୍ରମାନେ, ଯେଉଁମାନେ ଧର୍ମ ନାଁରେ, ଭଗବାନଙ୍କ ନାଁରେ ମଣିଷ ମନରେ ଗୁଡ଼ାଏ ଭୟ ଓ ବିଭ୍ରାନ୍ତି ସୃଷ୍ଟି କରିଛନ୍ତି ସିନା ସେମାନଙ୍କୁ ସେମାନଙ୍କ ଅନ୍ତରସ୍ଥ ଭଗବାନଙ୍କ ସହ ସାକ୍ଷାତ କରାଇବା ଭୂମିକାଟିକୁ ନିଭାଇବାରେ ଶୋଚନୀୟ ଭାବରେ ବିଫଳ ହୋଇଛନ୍ତି ।

ପକ୍ଷାନ୍ତରେ ସନ୍ଥମାନେ ମଣିଷକୁ ଏ ଦିଗରେ ସଠିକ୍ ମାର୍ଗଦର୍ଶନ କରାଇ ତା'ର ଦୋସର, ଦାର୍ଶନିକ ଓ ଦୋହଦ ପାଲଟି ଯାଇଛନ୍ତି । ଚିତ୍ତରଞ୍ଜନ ଏଇ ସନ୍ଥମାନଙ୍କର

ମାନବବାଦୀ ଭୂମିକାର ସଠିକ୍ ମୂଲ୍ୟାୟନ କରି ମଣିଷକୁ ଏଇ ମରମୀ ମଣିଷମାନଙ୍କୁ ଗ୍ରହଣ କରିବାକୁ ସଙ୍କେତ ଦେଇଛନ୍ତି- 'ସତରେ ଧର୍ମ, ମଠ ଓ ସମ୍ପ୍ରଦାୟମାନେ ଭଗବାନଙ୍କୁ ମଣିଷ ଠାରୁ ଯେତିକି ଦୂରକୁ ଉଡ଼ାଇ ନେବାର ପ୍ରୟାସ କରିଛନ୍ତି, ସନ୍ଥମାନେ ସମ୍ଭବତଃ ତାଙ୍କୁ ସେତିକି ସେତିକି ମଣିଷର ନିକଟବର୍ତ୍ତୀ କରାଇ ଆଣିବାକୁ ଚେଷ୍ଟା କରିଛନ୍ତି ।" (ପୃଷ୍ଠା-୫୨) ପଣ୍ଡିତ, ତତ୍ତ୍ୱବାଗୀଶ, ମଠାଧୀଶ, ମହନ୍ତ, ମୁଲ୍ଲା, ମୌଲବୀ, ପୁରୋହିତ, ପାଷ୍ଟର ଇତ୍ୟାଦି ଧର୍ମମୁଣ୍ଡିଆଳମାନଙ୍କ ସକଳ ଛଳନାକୁ ଅସ୍ୱୀକାର କରି ଏଇ ବିଶ୍ୱପ୍ରାଣ ଦିବ୍ୟାତ୍ମାମାନେ ସତରେ ଯେ ଭଗବାନ ଭୟଙ୍କର, କ୍ରୋଧୀ, ଶାସ୍ତିଦାତା ନକହି ସେ' ଯେ ମଣିଷର ଅପହଞ୍ଚ ନୁହନ୍ତି ବୋଲି ପ୍ରକାଶ କଲେ । ଭଗବାନ ମଣିଷର ପ୍ରିୟତମ । ଭଗବାନ ମଣିଷର ଅନ୍ତରତମ, ଭଗବାନ ମଣିଷର ଗଭୀରତମ ତଥା ଭଗବାନ ମଣିଷର ନିବିଡ଼ତମ ତଥା ନିକଟତମ ସେମାନେ ବେଶ୍ ପ୍ରୀତି ଓ ପ୍ରୟତରେ ଶୁଣେଇଲେ । ତେଣୁ ସେ ନିତ୍ୟ ସାକ୍ଷୀ ହୋଇ ମଣିଷର ସଙ୍ଗରେ ସଦା ଗତିଶୀଳ । ଏପରି ପରମ ସୁହୃଦ୍‌ଙ୍କୁ ମଣିଷ ଭୟ କରିବ ନା ପ୍ରେମ କରିବ ? ପଣ୍ଡିତମାନେ ଭଗବାନଙ୍କ କଥା, ଧର୍ମର କଥା ସମସ୍ତଙ୍କୁ କହି ନ ଥିଲେ । ସତେଯେପରି ଭଗବାନ କେଇଜଣ ସ୍ୱତନ୍ତ୍ର ଅସାଧାରଣ ସୁବିଧାବାଦୀଙ୍କର ଯଥା ରାଜା, ବ୍ରହ୍ମଣ ତଥା ସମାଜର କୁଳୀନ ଉଚ୍ଚବର୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ! ସେଥିପାଇଁ ସେମାନେ ସାଧାରଣ ଭାଷାରେ ଭଗବାନଙ୍କ ସମ୍ବନ୍ଧୀୟ ଶାସ୍ତ୍ରଗୁଡ଼ାକ ରଚନା କରି ନ ଥିଲେ । ଯେପରି ଭାରତରେ ଧର୍ମଶାସ୍ତ୍ରମାନେ ସଂସ୍କୃତରେ ରଚନା ହୋଇଥିଲାବେଳେ ମଧ୍ୟଯୁଗୀୟ ୟୁରୋପରେ ଲାଟିନ୍ ଭାଷାରେ ତାହା ହୋଇଥିଲା । ଫଳରେ ଧର୍ମ ସର୍ବସାଧାରଣ ନ ହୋଇ କତିପୟ ତଥାକଥିତ ଅସାଧାରଣଙ୍କ ହସ୍ତମୁଦି ମାହାଲ ହୋଇଗଲା ଯାହାର ସୁବିଧା ନେଇ ଏଇ ପଣ୍ଡିତମାନେ ଆପଣା ମର୍ଜିରେ ଅନେକ ବିଧି ବିଧାନ, ଉପଚାର ସୃଷ୍ଟି କରି ଅସାଧାରଣ ଅବା ଇତରମାନଙ୍କୁ ଯେ କେବଳ ସମାଜରୁ ଅଲଗା କରି ରଖିଲେ ତାହା ନୁହେଁ, ଅଧିକନ୍ତୁ ସେମାନଙ୍କୁ ଧର୍ମ ନାଁରେ ପ୍ରବଞ୍ଚିତ କରିବାର ନିର୍ଲଜ ଦାମ୍ଭିକତା ଦେଖାଇଲେ । ସଂସ୍କୃତରେ ରଚିତ ଧର୍ମଶାସ୍ତ୍ରଗୁଡ଼ା ସେମାନଙ୍କ ଅହଂ ପ୍ରସୂତ ହୋଇଥିବାରୁ ତାହା ସାମାଜିକ ଜୀବନକୁ ଉତ୍ତୋଳିତ କରିବାରେ ଆଦୌ ସାହାଯ୍ୟ କଲାନାହିଁ । ଏହାର ଠିକ୍ ବିପରୀତ ଆଚରଣ କଲେ ସନ୍ଥମାନେ । ବୁଦ୍ଧିରୁ ନୁହେଁ ଉପଲବ୍ଧିରୁ ସେମାନେ ଭଗବାନଙ୍କ କଥା କହିଲେ । ତାହା ପୁଣି ସାଧାରଣଙ୍କ ଭାଷାରେ କହିଲେ । ଚିତ୍ତରଞ୍ଜନଙ୍କ ଭାଷାରେ, "ଭଗବାନଙ୍କ କଥାକୁ ଗୀର୍ବାଣର ଭାଷାରେ ନୁହେଁ, ମାଟିର ଭାଷାରେ କହିବାକୁ ସାହାସ କଲେ ।" (ପୃଷ୍ଠା-୫୪) ତେଣୁ ଲୋକଭାଷାରେ କଥିତ ଓ ପ୍ରଚାରିତ ସନ୍ଥବାଣୀ ସାଧାରଣ ଜନତାର ହୃଦୟସ୍ପର୍ଶୀ କଲା । ଫଳରେ ଅନେକ ଜଡ଼ତା ଓ ଜଟିଳତା ଭାଙ୍ଗିଲା ।

ସନ୍ଥମାନେ; ଜାତିପ୍ରଥା, ଉଚ୍ଚ ନୀଚ ଭେଦଭାବ, ତଥାକଥିତ ଶାସ୍ତ୍ରୀୟତା,

ତଥାକଥିତ କୁଳାଚାର, ଦେଶାଚାର ମାନିଲେ ନାହିଁ। ଭାରତବର୍ଷରେ ଏକ ଘୃଣ୍ୟ ଉଚ୍ଚ ନୀଚ ଭାବ ଯେ କେତେ ହାନି କରିଛି ତାହା ଏକ ବେଶ୍ ଅନୁଭୂତ। ଧର୍ମର ଦ୍ୱାହି ଦେଇ, ବହୁଜନଙ୍କୁ ଅସ୍ପୃଶ୍ୟ କରି ଓ ସେମାନଙ୍କ ସ୍ଥିତିକୁ ଅଗ୍ରାହ୍ୟ ଓ ବିପନ୍ନ କରି ଭାରତୀୟ ଶାସ୍ତ୍ରମାନେ ଯେ ଅତ୍ୟନ୍ତ ଅମହତ ହୋଇଯାଇଛନ୍ତି, ଏଥିରେ ସନ୍ଦେହ ନାହିଁ। ସନ୍ଥମାନେ ଏହାର ବିରୁଦ୍ଧାଚରଣ କରି ଏକ ଅନ୍ୟ ଧର୍ମ ପ୍ରଚଳନ କଲେ, ତାହା ଥିଲା ମାନବଧର୍ମ, ଭଗବତ୍‌ଧର୍ମ, ଅସଲଧର୍ମ। କରୁଣାନିଧାନ ବିଶ୍ୱପତି ଭଗବାନଙ୍କ ଦୃଷ୍ଟିରେ ଯେ କେହି ଛୋଟ, କେହି ବଡ଼ ନୁହେଁ, ପୁଣି ସେ ଯେ ସମସ୍ତଙ୍କ ହୃଦୟରେ ବିଦ୍ୟମାନ ଏହି ସତ୍ୟ ସନ୍ଥମାନେ ପ୍ରକାଶ କଲେ, "ଭଗବାନଙ୍କ ଆଖିରେ ମଣିଷ କଦାପି ଛୋଟ ବଡ଼ ଦିଶୁ ନ ଥିବ; ତେବେ ମଣିଷର ଏହି ପୃଥିବୀଟାରେ ମଣିଷମାନଙ୍କୁ କାହିଁକି ଛୋଟବଡ଼ କରି ରଖାଯିବ ?" (ପୃଷ୍ଠା-୫୬)। ବିଡ଼ମ୍ବନାର କଥା ଭାରତବର୍ଷର ଅରଣ୍ୟବାସୀ ଋଷିମାନେ ମଧ୍ୟ ଏହି ଘୃଣା ଉଚ୍ଚନୀଚ ଭାବ ବିରୋଧରେ ସ୍ୱର ଉତ୍ତୋଳନ କରି ନାହାନ୍ତି ଯଦିଓ ଚତୁରତା ସହ ସେମାନେ ପ୍ରକାଶ କରିଛନ୍ତି, 'ଈଶ୍ୱର ସର୍ବଭୂତାନାମ୍ ହୃଦ୍ ଦେଶେଽର୍ଜୁନ ନିଷ୍ଠତି' (ସକଳ ଘଟେ ନାରାୟଣ / ବସନ୍ତି ଅନାଦି କାରଣ)। ସକଳ ଘଟରେ ନାରାୟଣଙ୍କୁ ଅନୁଭବ କରୁଥିବା ଧର୍ମ, ତା'ର ଶାସ୍ତ୍ର ଓ ଶାସ୍ତ୍ରୀମାନେ ଏହାସତ୍ତ୍ୱେ କିପରି ବହୁ ଲୋକଙ୍କୁ ପତିତ ଆଖ୍ୟା ଦେଇ ସେହି ହତଭାଗ୍ୟ, ଅବର, ଅପାଙ୍‌କ୍ତେୟ, ଅଲୋଡ଼ାଙ୍କ (marginalised) ତାରଣ ପାଇଁ ମନ୍ଦିରରେ ପତିତପାବନଙ୍କୁ ବସେଇଲେ ? ଏହା କ'ଣ କମ୍ ବିଡ଼ମ୍ବନା, କମ୍ ଶଠତା, କମ୍ ଭୟାବହତା ଓ କମ୍ ଭୀରୁତା !

ତତ୍ତ୍ୱପାଠ କଲେ ସବୁ ହୋଇଯାଏ ନାହିଁ, ତତ୍ତ୍ୱ ଦର୍ଶନ କରିବାକୁ ହୁଏ। ଫଳରେ ତତ୍ତ୍ୱଭେଦ ହୁଏ ଯେପରି ଯୋଗ ବଳରେ ଶରୀରଭେଦ ହୁଏ। ସନ୍ଥମାନେ ତତ୍ତ୍ୱ ଦର୍ଶନ କରି ତା'ର ଭେଦ କରିଥିଲେ। ତେଣୁ ସେମାନେ ସମାଜରେ ପ୍ରଚଳିତ ଏଇ ନିନ୍ଦନୀୟ ପ୍ରଥା ବିରୁଦ୍ଧରେ ଏକ ସ୍ମରଣୀୟ ବୈପ୍ଳବିକ ଭୂମିକା ନେଲେ। ଫଳରେ ସତ୍ୟ ଅବା ଭଗବାନ ସତରେ ଅପ୍ରଚଳିତ ରୂପରେ, ଅସଲ ଭାବରେ ମଣିଷର ମର୍ମ ସ୍ପର୍ଶ କରିପାରିଲେ।

ଚିତ୍ତଭାଇଙ୍କ ଭାଷାରେ, "ସନ୍ଥମାନେ ମାଟି ଏବଂ ଆକାଶ ଭିତରେ, ସଂସାର ଓ ଅଧ୍ୟାତ୍ମ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିଛନ୍ତି। ସେମାନେ ସତ୍ୟକୁ, ଭଗବାନଙ୍କୁ ଏହି ପୃଥିବୀପୃଷ୍ଠକୁ ଅବତରଣ କରାଇ ଆଣିବାର କଥା କହିଛନ୍ତି। ଆମ ସାଧାରଣ ମଣିଷମାନଙ୍କୁ ଆମରି ଭିତରେ ରହିଥିବା ସତ୍ୟ ସମ୍ଭାବନା ବିଷୟରେ ସକାରାତ୍ମକ, ବିଶ୍ୱାସାତ୍ମକ ବହୁ କଥା କହିଛନ୍ତି। ମନୁଷ୍ୟ ସମାଜର ହୃଦୟ ପରିବର୍ତ୍ତନରେ ସନ୍ଥମାନଙ୍କର ଏକ ସ୍ପଷ୍ଟ ଭୂମିକା ରହିଆସିଛି।" (ପୃଷ୍ଠା-୫୭) ଓଡ଼ିଶାର ସନ୍ଥମାନେ (ମୁଖ୍ୟତଃ ଷୋଡ଼ଶ ଶତାବ୍ଦୀର ପଞ୍ଚସଖା) ଭଗବାନଙ୍କୁ ଅନୁଭବ କଲେ ଓ ସମାଜରେ ଛୋଟ ବଡ଼ କିଛି ଦେଖାଯାଏନାହିଁ ବୋଲି ପ୍ରକାଶ କଲେ। ସନ୍ଥକବି ଭୀମଭୋଇ ମଧ୍ୟ ସବୁ ମଣିଷଙ୍କ ଆର୍ତ୍ତ ଦୂର କରିବାକୁ ଆକୁଳ

ପ୍ରାର୍ଥନା କରିଛନ୍ତି । ତାଙ୍କର ସେହି ପ୍ରସିଦ୍ଧ କବିତାପଂକ୍ତି ଉଦ୍ଧାର କରି ତା'ର ସୂକ୍ଷ୍ମାତିସୂକ୍ଷ୍ମ ତର୍ଜମା କରିଛନ୍ତି ଚିତ୍ତଭାଇ- "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।" ନର୍କେ ପଡ଼ିଥାଉ ଅର୍ଥ କାମରେ ଲାଗୁ; ମୋ ଜୀବନ ଏକ ଯନ୍ତ୍ର ହୋଇ ବ୍ୟବହୃତ ହେଉ ବୋଲି ସେ ଅର୍ଥ କରିଛନ୍ତି । ଏ ହେଉଛି ସେ ସନ୍ଥର ଅଦ୍ଭୁତ ସାହସିକତା ଯାହ ଅସଲ ମଣିଷପଣିଆ-ଭକ୍ତ କବିଙ୍କ, ଋଷି ପ୍ରାଣେ ଦେବାତରଣ । ଜଗତର ଦୁଃଖକୁ ଏଡ଼ାଇ ଦିଏ ନାହିଁ । "ତେଣୁ ମଣିଷ ଭୀମ ଭୋଇ ଭିନ୍ନ ଜଣେ ମଣିଷ, ଯାହାଙ୍କ ରଚନାରେ ଏ ମୁଣ୍ଡରୁ ସେମୁଣ୍ଡ ଯାଏ କେବଳ ସାହସ ହିଁ ସାହସ । ଭଗବାନଙ୍କୁ ଛୁଇଁପାରିଥିବା ମଣିଷ ସାହସୀ ବ୍ୟତୀତ ଆଦୌ ଆଉ କିଛି ହେଲେ ହୋଇପାରିବ ନାହିଁ' । (ପୃଷ୍ଠା-୬୧)

ନିଜକୁ କୋଉ ରଜାର ପ୍ରଜା କିମ୍ବା କୋଉ ସାହୁର ଖାତକ ନୁହେଁ ବୋଲି ସାହସରେ କହିଥିବା ଭୀମଭୋଇଙ୍କୁ ସନ୍ଥପରମ୍ପରାର ଏକ ବିଶିଷ୍ଟ ପ୍ରତିନିଧି ଏବଂ ଭଗବାନଙ୍କର ଏକ ଦୃଶ୍ୟମାନତା ବୋଲି କୁହାଯାଇପାରିବ । ଚିତ୍ତଭାଇ "ସବା ମୂଳରେ ମଣିଷ" ଗ୍ରନ୍ଥରେ ଏଇ ମହାତ୍ମାଙ୍କ କଥା ଗଭୀର ଆନ୍ତରିକତାର ସହ ଆଲୋଚନା କରିବା ମୂଳରେ କି ରହସ୍ୟ ଥାଇପାରେ ? ଥୋକେ ପାପାଚାରୀ, ପାଷାଣ୍ଡ ପଣ୍ଡିତ, ମଣିଷଙ୍କ ସହ ଏଇ ସନ୍ଥ ମଣିଷର ଏପରି ମରମୀ ତୁଳନା କରିବାରେ ସେ କାହିଁକି ସହସ୍ରବାହୁ, ଉଦ୍‌ଗ୍ରୀବ ଏବଂ ଶତମୁଖ ? ପଣ୍ଡିତ ରୂପରେ ମଣିଷର ଏକ ବର୍ଜନୀୟ ରୂପ ଥିଲେ ତା'ର ଯେ ଆଉ ଏକ ବରଣୀୟ, ସ୍ମରଣୀୟ, ମହନୀୟ ରୂପ ଅବଶ୍ୟ ଅଛି ତାହା ଚିତ୍ତରଞ୍ଜନ ଦର୍ଶାଇଛନ୍ତି । ପ୍ରଥମ ରୂପରେ ମଣିଷ ମଣିଷର ନୁହେଁ କି ହୋଇବି ପାରେନା । ତେଣୁ ଭଗବାନଙ୍କର ବି ନୁହେଁ କି ହୋଇ ବି ପାରେନା ଯେତେବେଳେ ଦ୍ୱିତୀୟ ରୂପରେ ମଣିଷ, ମଣିଷ ଅବା ମଣିଷ ପାଇଁ ତେଣୁ ବି ଭଗବାନଙ୍କ- ଏହା ଅବବୋଧ କରିବାର ଏକ ବିଶ୍ୱସନୀୟ ଆଲେଖ୍ୟ ପ୍ରଦାନ କରିଛନ୍ତି ଚିତ୍ତରଞ୍ଜନ । ସନ୍ଥ ମଣିଷ ନମନୀୟ ତେଣୁ କମନୀୟ କାରଣ ସେ ଭଗବତ୍ ବିଶ୍ୱାସୀ ଏବଂ ଭଗବତ୍ ପ୍ରେରିତ ମଣିଷ ବୋଲି ସେ କହିଛନ୍ତି । ଧର୍ମର ନିର୍ଦ୍ଦିଷ୍ଟ ଗୁଳାରେ ଚାଲୁଥିବା ଏଇ ବ୍ୟାପକ, ବିସ୍ତୃତ ସତ୍ତା ଭଗବାନଙ୍କୁ ମଣିଷ ଭିତରେ ଦେଖେ । ପୁଣି ମଣିଷ ବାହାରେ ପରିବ୍ୟାପ୍ତ ସଂସାରରେ ବି ଦେଖେ । ସନ୍ଥଙ୍କର ଏଇ ଆଧ୍ୟାତ୍ମିକ ଅବବୋଧ ଆପଣେଇ ନେଲେ ବ୍ୟଷ୍ଟି ମଣିଷ ବିକି ଗୋଷ୍ଠୀ ମଣିଷ ସତରେ ଅନୁଭବ କରିପାରନ୍ତା, "ସିଏ ବିଶ୍ୱ ଭିତରେ ରହିଛନ୍ତି, ତେଣୁ ମୋ ଭିତରେ ରହୁଛନ୍ତି, ପୁନଶ୍ଚ ବିଶ୍ୱଯାକ ଭରି ରହିଥିଲେ ମଧ୍ୟ ମୋ ଭିତରେ ଅବଶ୍ୟ ରହନ୍ତି - ଦୁଇଟିଯାକ ସେଇ ଗୋଟିଏ କଥା ।" (ପୃଷ୍ଠା-୬୫) । ଏଇ ସର୍ବାନୁଭୂତି ବା ବିଶ୍ୱାନୁଭୂତି ଲାଭ କରି ମଣିଷ ବିଶ୍ୱାମିତ୍ର ହୋଇପାରିବ ଫଳରେ ତା'ର ଧର୍ମ ଓ କର୍ମ ହେବ, " ଓଁ ପୂର୍ଣ୍ଣାଦର୍ବୀ ପରାପତ, ସୁପୂର୍ଣ୍ଣା ପନରାପତ/ ବସ୍ନେବ / ବିକ୍ରିଣା ବହୋ / ଈଶମୁର୍ଜୋ ଶତକ୍ରତୋ" (ଯଜୁର୍ବେଦ) । ସେହି ମହାର୍ଘ ଅନୁଭୂତି ପ୍ରାପ୍ତ ମଣିଷ ହିଁ ଆଧ୍ୟାତ୍ମିକ କାରଣ, "ଭିତରଟାକୁ

ଅସ୍ୱୀକାର କରି ଧର୍ମ ବାହାରର ଯାବତୀୟ ଅନ୍ୟମନସ୍କତା ଭିତରୁ ତା' ନିଜ ଭିତରକୁ ଫେରାଇ ନେବାର ସେତିକି ଉଦ୍ୟମ କରୁଥାନ୍ତି (ପୃଷ୍ଠା-୬୬) । ତେଣୁ ପଣ୍ଡିତ ହୋଇଥିବା ମଣିଷ, ମଣିଷର ଶେଷ ପରିଚୟ ନୁହେଁ କି ସେଥିରେ ତା'ର ଶ୍ରେୟ ନିହିତ ନୁହେଁ । ସେ ଯେ ସନ୍ଥ ବି ହେବା କଥା ଓ ହୋଇପାରେ- ଏ ଦିବ୍ୟ ସମ୍ଭାବନା ତା' ଭିତରେ ନିହିତ । ମଣିଷ ତା'ର ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକର ବିକାଶ କରାଇପାରିଲେ, ସିଏ ଫୁଲଟିଏ ପରି ଜଗତରେ ବିକଶିତ ହୋଇ ଆସିପାରିବ ଓ ତା' ଭିତରେ ଅପେକ୍ଷା କରି ରହିଥିବା ଭଗବାନ ମଧ୍ୟ ବିକଶିତ ହୋଇ ଆସିପାରିବେ ।" (ପୃଷ୍ଠା-୭୦)

ଏଇ ସ୍ତର ଓ ସ୍ଥିତିଲାଭ କରିବା ପାଇଁ ମଣିଷକୁ ଚେତନାଦୀପ୍ତ କରାଇବା ଉଦ୍ଦେଶ୍ୟରେ ଚିତ୍ତରଞ୍ଜନଙ୍କ ଏ ସାରସ୍ୱତ ପ୍ରୟାସ । ମଣିଷ ତୁଚ୍ଛା ପ୍ରାଣୀ ନୁହେଁ । ତେଣୁ ସେ ସୃଜନଶୀଳ ଏବଂ ସୃଜନଶୀଳ ବୋଲି ସେ ପରିବର୍ତ୍ତନଶୀଳ । ଏଇ ସୃଜନଶୀଳତା ହେଉଛି ସୀମାବଦ୍ଧତାରୁ ମୁକ୍ତି । ତା'ର ଅନ୍ୟତମ ସଂସ୍କୃତି ଯାହାର ପରିଣାମ ହେଉଛି ଆନନ୍ଦ । ଭଗବାନ ମଧ୍ୟ ନିରନ୍ତର ସୃଜନଶୀଳ ତେଣୁ "ନେତିନେତି" । ସେ କେତେ ବବିଧ, କେତେ ଅନ୍ୟ ତେଣୁ କେତେ ବିରାଟ, କେତେ ବିସ୍ମୟକର । ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ ଭଗବାନ ଆଦୌ ସ୍ୱାନ୍ତ ସୁଖରେ କେଉଁ ମଠର ଅଧୀଶ୍ୱର ହୋଇ ନ ଥିବେ । ସେ ଅବଶ୍ୟ ବିଶ୍ୱାତ୍ମକ ଓ ବିଶ୍ୱମ୍ଭର ପୁଣି ବିଶ୍ୱାତୀତ ହୋଇ କେତେକେତେ ସୃଜନରେ ମଜ୍ଜି ରହୁଥିବେ । ଭଗବାନଙ୍କୁ ଏପରି ଭାବେ ଉପଲବ୍ଧି କଲେ ମଣିଷ ସଂସାରକୁ ମିତ୍ର ଚକ୍ଷୁରେ ଦେଖିବ । ପୁଣି ସଂସାରକୁ ମିତ୍ର ଚକ୍ଷୁରେ ଦେଖିଲେ ସେ ଓ ସଂସାର ଉଭୟ କେତେ ସୁନ୍ଦର ନ ଦେଖାଯିବେ ! ମଣିଷ ସୁହୃଦ୍ ହୋଇପାରିଲେ ଅବଶ୍ୟ ତା' ଭିତରର ଭଗବାନ କେତେ ପ୍ରସନ୍ନ ନ ହେବେ ! ଯେଉଁ ଦେଶର ବେଦରେ ଏ ଉଦାତ୍ତ ଉଚ୍ଚାରଣ କରାଯାଇଛି, ସେଇ ଭାରତ ନାମକ ଭୂଖଣ୍ଡରେ କାହିଁକି ମଣିଷ, ମଣିଷର ମିତ୍ର ହୋଇପାରିନାହିଁ ? ଅନେକ ଅକଥନୀୟ ଆବର୍ଜନାକୁ ଜୀବନଧର୍ମ ବୋଲି ଗ୍ରହଣ କରି ଭାରତରେ କେତେକେତେ ମିଥ୍ୟାର ମହାନାଟକମାନ ଅଭିନୀତ ନ ହୋଇଚି ଏବଂ ନହେଉଛି ! କେତେକେତେ ଫୁଂଗବପ୍ରଳୟ ଓ ପ୍ରକୋପର ପ୍ରଳମ୍ବାସୁର ପାଲଟି ନ ଯାଇଛନ୍ତି ! ତେଣୁ ଆଧ୍ୟାତ୍ମିକ ଭାରତରେ କିଛି ମଣିଷ ବହୁ ମଣିଷଙ୍କର ଦୁର୍ଭାଗ୍ୟର କାରଣ ହୋଇଛନ୍ତି । ଅନେକ ଅବବ୍ୟସ୍ଥାକୁ ସୁବ୍ୟବସ୍ଥା ବୋଲି ଭାରତୀୟ ସମାଜ ଗ୍ରହଣ କରି ଅନେକ ଅନ୍ଧାରର ଅସୁମାରି ଅପପୁରାଣମାନ ରଚନା କରିଛନ୍ତି । ଏହି ଅସୂର୍ଯ୍ୟ ଉପନିବେଶର ସର୍ବଗିଳା, ଅକାଳକୁଷ୍ମାଣ୍ଡ, ବିଟପୀମାନେ ଅନେକଙ୍କୁ ଅସହାୟ ମଣିଷ କରି ବେଶ୍ ଆରାମରେ ଅଛନ୍ତି । ପୁଣି ଭାରତବର୍ଷରେ ସାଧୁ ସଜ୍ଜନମାନେ ଦେହଟାକୁ, ଜଡ଼ଟାକୁ ଅସ୍ୱୀକାର କରି ବହୁ ଲୋକଙ୍କୁ ଭୂଆଁ ବୁଲାଇଛନ୍ତି । ଏପଟେ ଶାସ୍ତ୍ରରେ ଅନ୍ନକୁ ବ୍ରହ୍ମ କୁହାଯାଇଥିବା ବେଳେ ସେପଟେ ସାମାଜିକ ଜୀବନରେ ବହୁଜନଙ୍କୁ ଏଥିରୁ ବଞ୍ଚିତ କରାଯିବାର ମୋଗଲତାମସା


ସୃଷ୍ଟି କରାଯାଇଛି ।

ମଣିଷ ପାଇଁ, ସବୁ ମଣିଷଙ୍କ ପାଇଁ ଅନ୍ନ ଏକ ପ୍ରାଥମିକ ପ୍ରୟୋଜନୀୟତା । ଭାରତର ବହୁ ମଣିଷଙ୍କର ଏଇ ଆବଶ୍ୟକତା ଏଯାବତ୍ ବି ପୂର୍ଣ୍ଣ ହୋଇପାରିନାହିଁ । ଏକ ଭୟଙ୍କର ବିଷମତାରେ ବିପନ୍ନ ହୋଇଛି ଭାରତୀୟ ସମାଜ, "ଆମ ସମାଜରେ ପ୍ରାୟ ଅଧେ ମଣିଷଙ୍କ ପାଖରେ ନିତାନ୍ତ ଜଡ଼ସ୍ତରର ଅତ୍ୟାବଶ୍ୟକତା ଗୁଡ଼ିକୁ ମେଣ୍ଟାଇବା ସକାଶେ ବଳ ନାହିଁ କି ସମ୍ବଳ ନାହିଁ । ଅଧେ ଭଗବାନଙ୍କୁ ଅସହାୟ ଓ ନିତାନ୍ତ ଅସମର୍ଥ କରି ବାକି ଅଧଟା ସଂସ୍କୃତି ଭିତରେ ଅଛନ୍ତି, ସାହିତ୍ୟ କଳା ଓ ସୂକ୍ଷ୍ମ ଆହୁରି କେତେ କ'ଣର ଅନୁଶୀଳନ କରୁଛନ୍ତି । ଭାରତବର୍ଷଟା ଭାରି ଅସୁନ୍ଦର ହୋଇ ରହିଛି ।"(ପୃଷ୍ଠା - ୮୫) ଅନ୍ନ ହେଉଛି ଜୀବନର ମୂଳଦୁଆ । ସଂସାରର ଯାବତୀୟ ବିକାଶ ମୂଳରେ ଅନ୍ନର ଭୂମିକାକୁ ଅସ୍ୱୀକାର କରିବା ଅର୍ଥ ଏକ ବୃହତ୍ତର ସତ୍ୟକୁ ଅସ୍ୱୀକାର କରିବା । ସଂସାରରେ ମଣିଷ କ୍ଷୁଧାରେ କଲବଲ ହେଉଥିବାବେଳେ ଆମେ କଦାପି ସଂସାରକୁ ସଭ୍ୟ କି ସଂସ୍କୃତି ସମ୍ପନ୍ନ କରିପାରିବା ନାହିଁ । ତେଣୁ ଚିତ୍ତରଞ୍ଜନ ଦୃଢ଼ତାର ସହ କହନ୍ତି, "ପ୍ରତ୍ୟେକ ମନୁଷ୍ୟ କ୍ଷୁଧାର ଉତ୍ପୀଡ଼ନରୁ ମୁକ୍ତି ପାଇବ । ସେଥିଲାଗି ତା' ହାତରେ ଉପାର୍ଜନକ୍ଷମ କିଛି କାମ ରହିଥିବ । ନିଜ ସଂସାରଟିକୁ ନେଇ ରହିବା ପାଇଁ ତା' ପାଖରେ ନିଜ ଡିହ ଉପରେ ଘରଟିଏ ରହିଥିବ ଓ ତା'ର ପିଲାମାନେ ପାଠପଢ଼ି ସ୍ୱପ୍ରତିଭାର ବିକାଶ ନିମନ୍ତେ ପୂର୍ଣ୍ଣ ସୁଯୋଗ ପାଇପାରୁଥିବେ । ଏତିକି ହେଉଛି ପୃଥିବୀକୁ ଭଗବାନ ଏବଂ ସତ୍ୟର ନିକଟବର୍ତ୍ତୀ କରାଇ ଆଣିବା ସକାଶେ ଆମର ସର୍ବପ୍ରଥମ ମୂଳଦୁଆ ।" (ପୃଷ୍ଠା - ୮୧-୮୨)

ମିତ୍ର ଭାବରେ ଆପ୍ଲୁତ ଏକ ଦିବ୍ୟ ହୃଦୟ ସଂଭୂତ ଏ ମିତ୍ରଦୃଷ୍ଟି ହେଉଛି ଚିତ୍ତଭାଇଙ୍କ "ସବାମୂଳରେ ମଣିଷ", ଯାହା ପାଠକର ଚେତନାକୁ ଯୁଗପତ୍ ଜାଗ୍ରତ କରାଏ ଏବଂ ଗତିଶୀଳ ହେବାରେ ଅଭ୍ରାନ୍ତ ପ୍ରବୋଦନା ସୃଜିଥାଏ । ଏପରି ସାହିତ୍ୟ ସତରେ ପାଠକକୁ ଯେଉଁ ଦିଗ୍‌ଦର୍ଶନ ନେଇଥାଏ ତାହା ଯେ କୌଣସି ସମାଜର ସକଳ ଭ୍ରାନ୍ତିମୋଚନ ପୂର୍ବକ ଯଥାର୍ଥ କ୍ରାନ୍ତିର ଉତ୍‌ପ୍ରେରକ ହୋଇଥାଏ । ମଣିଷ ପାଇଁ ଏହା ଭିନ୍ନ ଏକ ଆଲୋଡ଼ନ, ଆହ୍ୱାନ ଏବଂ ଆଳାପ ଯାହା ଅବଶ୍ୟ ସେ ଶ୍ରଦ୍ଧା ଓ ବିଶ୍ୱାସରେ ଆପଣା ସହ ସମୀକୃତ କରିବ ।

❐

ସତ୍ୟବାଦୀ ସ୍କୁଲ



ମୂଳ ବଙ୍ଗଳା :
ଡ.ଯୋଗେଶ ଚନ୍ଦ୍ର ରାୟ



ଅନୁବାଦ :
ଡ. ଶିଶିର ବେହେରା

ସଂଯୋଜକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ
ମୋ: ୮୨୪୯୮ ୯୫୨୭୪

(ରାୟବାହାଦୁର ଯୋଗେଶଚନ୍ଦ୍ର ରାୟ (୧୮୫୯-୧୯୫୬) ସର୍ବଭାରତୀୟ ସ୍ତରରେ ସୁପରିଚିତ ବୈଜ୍ଞାନିକ। ବିଜ୍ଞାନ, ସାହିତ୍ୟ, ସଂସ୍କୃତି, ଭାଷା, ଜ୍ୟୋତିଷୀଶାସ୍ତ୍ର ସଂପର୍କରେ ତାଙ୍କର ଗବେଷଣା ଓ ବିଦ୍‌ବତ୍ତା ପ୍ରମାଣିତ। ପଶ୍ଚିମବଙ୍ଗର ବାଙ୍କୁଡ଼ାରେ ଜନ୍ମିତ ଯୋଗେଶଚନ୍ଦ୍ର ଜଣେ ମେଧାବୀ ଛାତ୍ର ଓ ସୁଦକ୍ଷ ଅଧ୍ୟାପକଭାବରେ ସୁନାମ ଅର୍ଜ୍ଜନ କରିଥିଲେ। ବ୍ରିଟିଶ ଭାରତର ଐତିହାସିକ ଶିକ୍ଷାନୁଷ୍ଠାନ ରେଭେନ୍ସା କଲେଜରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକଭାବରେ ଦୀର୍ଘ ୩୦ ବର୍ଷ କାଳ ଅଧ୍ୟାପନା କରିଛନ୍ତି। ଓଡ଼ିଶା ସହିତ ତାଙ୍କର ପରିଚୟ ନିବିଡ଼ ଏବଂ ଆତ୍ମୀୟ। ଓଡ଼ିଶା ପାଣିପବନରେ ଓତଃପ୍ରୋତ ଯୋଗେଶଚନ୍ଦ୍ରଙ୍କ ବୃତ୍ତିଗତ ଜୀବନ ଏବଂ

କାର୍ଯ୍ୟଧାରା ସକଳଙ୍କ ପାଇଁ ପ୍ରେରଣା ସୃଷ୍ଟିକରିଛି । ଜଣେ ନିଷ୍ଠାପର ଗବେଷକ ଓ ସଂସ୍କୃତିର ଉପାସକ ଭାବରେ, ନିଜର ଲେଖକୀୟ ଦାୟବଦ୍ଧତା ପ୍ରମାଣିତ କରିଛନ୍ତି । ରେଭେନ୍ସା କଲେଜରେ ପ୍ରତିଷ୍ଠିତ 'ସୂର୍ଯ୍ୟଘଡ଼ି' ସ୍ଥାପନା ଏବଂ ଓଡ଼ିଶାର ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ 'ସାମନ୍ତ ଚନ୍ଦ୍ରଶେଖର' ବା ପଠାଣି ସାମନ୍ତଙ୍କୁ ପରିଚିତ କରାଇବାରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । କଟକରେ ଦୀର୍ଘବର୍ଷର ରହଣିକାଳରେ ଓଡ଼ିଆ ଜନଜୀବନକୁ ଅନୁଧ୍ୟାନ କରିଛନ୍ତି; ତତ୍‌ସହିତ ଓଡ଼ିଶାର ବିକଶିତ ରୂପକୁ ମଧ୍ୟ ପ୍ରତ୍ୟକ୍ଷ କରିଛନ୍ତି । 'ସିଦ୍ଧାନ୍ତ ଦର୍ପଣ'ର ସଂପାଦନା ସହ ପଠାଣି ସାମନ୍ତଙ୍କ ଜୀବନଚରିତକୁ ଇଂରାଜୀ ଭାଷାରେ ରଚନା କରି ଦେଶ-ବିଦେଶରେ ପରିଚିତ କରାଇଛନ୍ତି ସେ । ଏହି ମହନୀୟ କାର୍ଯ୍ୟ ଲାଗି ଯୋଗେଶ ଚନ୍ଦ୍ରଙ୍କୁ ତାଙ୍କ ପାଣ୍ଡିତ୍ୟର ସ୍ୱୀକୃତିସ୍ୱରୂପ ପୁରୀର ପଣ୍ଡିତ ସଭାଦ୍ୱାରା ୧୯୧୦ ମସିହାରେ 'ବିଦ୍ୟାନିଧି' ଉପାଧି ପ୍ରଦାନ କରାଯାଇଛି । ଜଣେ ଭାଷାବିଜ୍ଞାନୀ ଭାବରେ ମଧ୍ୟ ତାଙ୍କର ପରିଚୟ ରହିଛି । ଓଡ଼ିଶାର ସର୍ବପ୍ରାଚୀନ ସାରସ୍ୱତ-ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ସେ ଥିଲେ ସଦସ୍ୟ । ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ରେଭେନ୍ସା କଲେଜରେ ଥିଲେ ତାଙ୍କର ଛାତ୍ର । ଓଡ଼ିଆ ଭାଷାରେ 'ସରଳ ପଦାର୍ଥ ବିଜ୍ଞାନ' ନାମରେ ଅରୁଣୋଦୟ ପ୍ରେସ୍‌ରେ ତାଙ୍କର ଏକ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଅଛି । ତାଙ୍କର ମହନୀୟ ଅବଦାନ ଓ କାର୍ଯ୍ୟଧାରା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିଅଛନ୍ତି ।

ଓଡ଼ିଶା ସଂପର୍କରେ ବିଦ୍ୟାନିଧ ଯୋଗେଶଚନ୍ଦ୍ର ରାୟଙ୍କ ଅନୁଭବ ବିପୁଳ । ତାଙ୍କର ଅନେକ ଲେଖାରେ ଓଡ଼ିଶା ବିଷୟ ସ୍ଥାନିତ ହୋଇଛି । 'ସତ୍ୟବାଦୀ ସ୍କୁଲ' ନାମରେ ୧୯୧୫ ମସିହା (ଜ୍ୟେଷ୍ଠ ୧୩୨୨ ବଙ୍ଗାବ୍ଦୀ)ରେ 'ଭାରତବର୍ଷ' ପତ୍ରିକାରେ ସେ ଏକ ଦୀର୍ଘ ଅନୁଭୂତିମୂଳକ ପ୍ରବନ୍ଧ ବଙ୍ଗଳାଭାଷାରେ ରଚନା କରିଥିଲେ । ଏକ ସରସ୍ୱତୀପୂଜାରେ ସତ୍ୟବାଦୀ ବନବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଅନ୍ୟ ଶିକ୍ଷକମାନେ ଥିଲେ ତାଙ୍କ ରେଭେନ୍ସାର ଛାତ୍ର । ଭ୍ରମଣରେ ଆସି ବକୁଳବନରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ସହ ସାକ୍ଷାତ, ନୀଳକଣ୍ଠ ଦାସଙ୍କ ସହ ଆଲୋଚନା ଏବଂ ସତ୍ୟବାଦୀର ମଣିଷଗଢ଼ା କାରଖାନା ବନବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଛାତ୍ରମାନଙ୍କର ନିଷ୍ଠାପର ସାଧନା, ସେବା, ଦେଶପ୍ରେମକୁ ହୃଦୟଙ୍ଗମ କରିଥିଲେ । ନିରେଖୁଥିଲେ ଗୁରୁକୁଳାଶ୍ରମ ପରମ୍ପରାରେ ସତ୍ୟବାଦୀ ପଞ୍ଚସଖାଙ୍କ ତ୍ୟାଗପୂତ ଜୀବନକୁ, ଦେଶ ଓ ଦଶ ପାଇଁ ନିଜକୁ ଉତ୍ସର୍ଗ କରିଥିବା ତତ୍କାଳୀନ ନବ୍ୟ ଶିକ୍ଷକମାନଙ୍କୁ । ସେବା ତ୍ୟାଗର ମୂଳମନ୍ତ୍ର ପ୍ରତୀକ ସତ୍ୟବାଦୀ ବନବିଦ୍ୟାଳୟର ଓଡ଼ିଶାର ଶିକ୍ଷାଜଗତ ପ୍ରତି ଥିବା ଅତୁଳନୀୟ ଦାନକୁ ସେ ତାଙ୍କର 'ସତ୍ୟବାଦୀ ସ୍କୁଲ' ପ୍ରବନ୍ଧରେ ଆଲୋଚନା କରିଛନ୍ତି । ଏହାର ଓଡ଼ିଆ ଭାଷାନ୍ତର ପ୍ରଦତ୍ତ ହେଲା ।)

ଆମେମାନେ ଗତ ସରସ୍ୱତୀ ପୂଜାଦିନ ସତ୍ୟବାଦୀ ସ୍କୁଲ୍ ଦେଖିବାପାଇଁ

ଯାଇଥିଲୁ । କଟକରୁ ପୁରୀ ଯିବାବାଟରେ, ପୁରୀର ୧୦/୧୧ ମାଇଲ ଏପାଖରେ, ସାକ୍ଷୀଗୋପାଳ ନାମରେ ଏକ ରେଳଷ୍ଟେସନ । ଚୈତନ୍ୟ ଚରିତାମୃତ ଗ୍ରନ୍ଥରେ ଏହି ସାକ୍ଷୀଗୋପାଳ ପ୍ରସିଦ୍ଧ ହୋଇଅଛି ।

ରାଧାକୃଷ୍ଣ ମୂର୍ତ୍ତିଙ୍କ ନାମରୁ ସାକ୍ଷୀଗୋପାଳ ଗ୍ରାମ ଏବଂ ନିକଟସ୍ଥ ରେଳଷ୍ଟେସନର ନାମ ସାକ୍ଷୀଗୋପାଳ ହୋଇଅଛି । ଏହି ଗ୍ରାମର ଅନ୍ୟନାମ ସତ୍ୟବାଦୀ । ଆମେ ଅପରାହ୍ଣ ୪ଟା ୩୦ ସମୟରେ ସାକ୍ଷୀଗୋପାଳ ଷ୍ଟେସନରେ ପହଞ୍ଚିଲୁ । ସେଠାରୁ ଆମକୁ ସ୍କୁଲ୍‌କୁ ନେଇଯିବା ପାଇଁ ଜଣେ ଶିକ୍ଷକ ଅପେକ୍ଷା କରିଥିଲେ । ଷ୍ଟେସନଠାରୁ ଦଶ-ପନ୍ଦର ମିନିଟ୍ ବାଟ ଦୂରରେ ସତ୍ୟବାଦୀ ଗ୍ରାମ । ଗ୍ରାମଟି କ୍ଷୁଦ୍ର । ସେଠାରେ ଜଳାଭ ପୁଷ୍କରିଣୀ ରହିଛି; କିନ୍ତୁ ଶୁଣିଲି ମେଲେରିଆ ନାହିଁ । ସାକ୍ଷୀଗୋପାଳ ମନ୍ଦିର ନିକଟରେ ଅନେକ ହିନ୍ଦୁସ୍ଥାନୀ ଯାତ୍ରୀ ଥିଲେ । କେହି ଭାତ ରାନ୍ଧୁଥିଲେ, କେହି ଅବା ବିଶ୍ରାମ କରୁଥିଲେ । ସମୟ ସମୟରେ ଏହିଠାକୁ ଅନେକ ଯାତ୍ରୀ ଆସନ୍ତି । ଯେଉଁ ଗ୍ରାମରେ ଯାତ୍ରୀ ସମାଗମ ହୁଏ, ସେହି ଗ୍ରାମରେ ସ୍କୁଲ୍ ସ୍ଥାପନକରିବା ଉଚିତ ମନେହେଲା ନାହିଁ । କାରଣ, ଗୋଟିଏ ଦିଗରେ ମଡ଼କ, ଅନ୍ୟଦିଗରେ ଛାତ୍ରମାନଙ୍କ ଚିନ୍ତା ଚାଞ୍ଚଲ୍ୟର ଆଶଙ୍କା ! ବାଟକଢ଼େଇ ନେଉଥିବା ବ୍ୟକ୍ତିଜଣକ ଏହି ମନ୍ଦିରଠାରୁ ଆମମାନଙ୍କୁ କିଛିଦୂରକୁ ନେଇଗଲେ । ଯେଉଁଆଡ଼େ ଚାହୁଁଥାଏ, ସେହିଆଡ଼େ ଗଛ । କେଉଁଠାରେ ସ୍କୁଲ୍ ଅଛି, ବୁଝିପାରିଲି ନାହିଁ । ଗୋଟିଏ ସ୍ଥାନରେ ପହଞ୍ଚିଲା ପରେ ସଙ୍ଗୀଟି କହିଲେ, ଆମେମାନେ ସ୍କୁଲ୍ ପ୍ରାଙ୍ଗଣରେ ଆସି ପହଞ୍ଚିଗଲେଣି । କିନ୍ତୁ ପ୍ରାଙ୍ଗଣ କେଉଁଠାରେ ଆଉ କେଉଁଠାରେ ବା ସ୍କୁଲଘର ? କେତେଗୁଡ଼ିଏ ନଡ଼ା ଛାଉଣି ଚାଳଘର ଦେଖିବାକୁ ପାଇଲି । ଲମ୍ବାଲମ୍ବା ଦୋ-ଚାଳିଆ, ଛିଟ ପଡ଼ିଥିବା କାନ୍ଥ । ଏଗୁଡ଼ିକ ଛାତ୍ରଗୃହ, କୁଳଗୃହ ! ଏହିଠାରେ ସ୍କୁଲ୍‌ର ପିଲାମାନେ ରହନ୍ତି ! ବିସ୍ତୀର୍ଣ୍ଣ ପ୍ରାଙ୍ଗଣର ଗୋଟିଏ ସ୍ଥାନରେ ପିଲାମାନେ ଚାଷ କରିଥିବା କୋବିକ୍ଷେତ ଦେଖିଲୁ । ଗଛସବୁ ଦେଖି ବୁଝିପାରିଲୁ ଅତି ଯତ୍ନରେ ମାଟି, ବାଲି ଖୋଳି ପ୍ରଚୁର ପାଣି ଦେଇଛନ୍ତି । କ୍ଷେତର ଗୋଟିଏ କିଆରି କଡ଼ରେ ବାଉଁଶପଟାରେ ଏକ ଦୁଇ ସଂଖ୍ୟା ଲେଖାଅଛି । ଗୋଟିଏ ଗୋଟିଏ କୁଳଗୃହର ସଂଖ୍ୟା ଅନୁସାରେ କିଆରିର ସଂଖ୍ୟା ମଧ୍ୟ ରହିଅଛି । ପାଖରେ ଆଉ ଏକ କ୍ଷେତ ଦେଖିଲୁ । ତାହା ଶିକ୍ଷକମାନଙ୍କର । ସେମାନେ ମଧ୍ୟ ନିଜ ହାତରେ କୋବି ଓ ଆଳୁ ଶାଗପଟାଳି କରିଛନ୍ତି ।

କୁଳଗୃହ ଓ ରନ୍ଧାଗୃହର ଟିକିଏ ଦୂରରେ ଗୋଟିଏ ପକ୍କା ଘରର ଧାଡ଼ି ଦେଖାଗଲା । ସେଇଟା ବୋଧହୁଏ ସ୍କୁଲ୍‌ଘର ହେବ । କିନ୍ତୁ ଏବେ କେଉଁଠାରେ ସ୍କୁଲ୍ ହେଉଛି ? ମୁଁ ମୋର ଛାତ୍ରମାନଙ୍କୁ 'ତୁମେ' ବୋଲି ସମ୍ବୋଧନ କରେ । ସ୍କୁଲ୍‌ର ପ୍ରଧାନଶିକ୍ଷକ ଶ୍ରୀମାନ୍ ନୀଳକଣ୍ଠ ଦାସ, ଏମ.ଏ. ମୋର ଛାତ୍ର । ଅନ୍ୟ ଶିକ୍ଷକମାନେ ମଧ୍ୟ କଟକ କଲେଜର ଛାତ୍ର । ସେମାନେ ମଧ୍ୟ ତୁମେ ପଦବାଚ୍ୟ ହୋଇ ଆସିଛନ୍ତି । ଏବେ ସେମାନେ ଗୃହୀ ହୋଇଛନ୍ତି, ବୟସ ବଢ଼ିଛି । ସ୍କୁଲ୍ ସ୍ଥାପନ କରିଛନ୍ତି ସତ; କିନ୍ତୁ ପୂର୍ବର

ସେହି 'ତୁମେ' ସମ୍ବୋଧନରେ ପ୍ରୀତ ହୁଅନ୍ତି । ଯେଉଁମାନଙ୍କୁ 'ତୁମେ' ବୋଲି ଲେଖାପଢ଼ା ବେଳୁ କହିଆସିଚି, ସେମାନଙ୍କୁ 'ଆପଣ' କହିବାରେ ଭାରି ଅସହଜ ଲାଗୁଛି । ଆମ ସାଙ୍ଗରେ ଥିବା ସେହି ସାଥୀ ଶିକ୍ଷକଜଣକ ସ୍ମରଣ କରାଇଦେଲେ ଦୁଇବର୍ଷ ପୂର୍ବରୁ ସ୍କୁଲ୍‌ଘର ପୋଡ଼ିଯାଇଛି । ଚାଳଛପର ମାଟିକାନ୍ଥର ଘର । ଦୁର୍ବୃତ୍ତ ମାନେ ଚାଳରେ ନିଆଁ ଲଗାଇଦେଲେ । ବହୁକଷ୍ଟରେ ନିର୍ମିତ ଚାରିହଜାର ଟଙ୍କାର ସ୍କୁଲ୍‌ଘର, ଲାଇବ୍ରେରୀ, ବେଞ୍ଚ ଇତ୍ୟାଦି ସବୁକିଛି ପୋଡ଼ିଯାଇଛି । ସେଥିପାଇଁ ଏଥର ପକ୍କାଘର ହୋଇଛି । ଏହି ଘର ସମ୍ପୂର୍ଣ୍ଣ ହେବାକୁ ତିରିଶହଜାର ଟଙ୍କା ଦରକାର । ଚଉଦହଜାର ଟଙ୍କା ଯୋଗାଡ଼ ହୋଇଛି, ବାକିଟା ଏବେ ବି ଅନିଶ୍ଚିତ । ସବୁ ଟଙ୍କା ଭିକ୍ଷାକରି ଠୁଳ କରାଯାଇଛି ।

ଏତେଦିନ ହେଲା କେଉଁଠାରେ ସ୍କୁଲ୍ ହେଉଛି, ଏହିକଥା ପଚାରୁଛି, ଏହି ସମୟରେ ସ୍କୁଲ୍‌ର ଅଧ୍ୟକ୍ଷ ଶ୍ରୀଗୋପବନ୍ଧୁ ଦାସ, ବି.ଏଲ୍. ଏବଂ ପ୍ରଧାନଶିକ୍ଷକ ଆମମାନଙ୍କୁ ଦେଖି ଗୋଟିଏ ବଣଆଡ଼କୁ ଡାକି ନେଇଗଲେ । ପାଖକୁଯାଇ ଦେଖିଲି, ସେଇଟା ବଣ ନୁହେଁ, ଉପବନ । ଯାହାତାହା ଗଛର ଉପବନ ନୁହେଁ, ପୁନ୍ନାଗ ; ବିଶେଷତଃ ସୁର-ପୁନ୍ନାଗ-ପରିପୂର୍ଣ୍ଣ ଉପବନ । ବଙ୍ଗଦେଶରେ ପୁନ୍ନାଗ ଗଛ ଦେଖାଯାଏ, ହେଲେ ସୁର-ପୁନ୍ନାଗ ସେଠାରେ ଅଜ୍ଞାତ । କିନ୍ତୁ ଏଭଳି ସୁନ୍ଦରସୁଠାମ ଶ୍ୟାମ ଡାଳପତ୍ର ଅଳ୍ପଅଛି । ବସନ୍ତକାଳରେ ଫୁଲଫୁଟେ, ସେତେବେଳେ କି ଅପୂର୍ବ ସୌରଭରେ ସମସ୍ତ ଉପବନ ପରିପୂର୍ଣ୍ଣ ହୋଇଉଠେ ! ସ୍କୁଲ୍ କହିଲେ, ଆମେ ଗୋଟିଏ ଘର, ପ୍ରାୟ ପକ୍କାଘରର କଳ୍ପନା କରିଥାଉ । ଘରଭିତରେ ଅନ୍ୟୂନ ଦଶ-ବାର ବଖରା କୋଠରି ଥାଏ । ସେହିସବୁ କୋଠରିରେ ବେଞ୍ଚ, ଟେବୁଲ, ଚେୟାର ରହିଥାଏ । ହେଲେ ଉପବନରେ କୌଣସି ଘରନାହିଁ । ଚାରିଆଡ଼େ ଗଛ, ଛୋଟଛୋଟ ସୁରପୁନ୍ନାଗ ଗଛ, ମଧ୍ୟମ ଧରଣର ପୁନ୍ନାଗ ଗଛ, ବଡ଼ ବଡ଼ ବକୁଳ ଗଛ ଛିଡ଼ାହୋଇଛି । ବଡ଼ଗଛ ନିକଟରେ କିଛିଟା ଜାଗା ଫାଙ୍କାଅଛି । ଏହିଭଳି ଗୋଟିଏ ଗୋଟିଏ ଗଛତଳକୁ ନେଇଯାଇ ଗୋପବନ୍ଧୁବାବୁ କହିଲେ, ଏହିଠାରେ ଆମର ଅମୁକ ଶ୍ରେଣୀ ବସେ । ଟିକିଏ ଦୂରରେ ଏଗଛ, ସେଗଛର ପାଖଦେଇ ଯାଇ ଆଉ ଗୋଟିଏ ସ୍ଥାନକୁ ନେଇଯାଇ କହିଲେ, ଏଠାରେ ଅମୁକଶ୍ରେଣୀ ବସେ । ଏହିପରି ନଅ ଦଶଟା ବୃକ୍ଷ ଗୃହରେ ସ୍କୁଲର ନଅଦଶଟା ଶ୍ରେଣୀର ବାଳକମାନେ ପଢ଼ାପଢ଼ି କରିଥାନ୍ତି । ପାଖରେ ଥିବା ଗୋଟାଏ ବଡ଼ଗଛରେ ଦଉଡ଼ିରେ ବନ୍ଧା ହୋଇଥିବା ଶ୍ୟାମପଟ୍ଟ ଲମ୍ବିତ ହୋଇଛି । ପିଲାମାନେ ମାଟିଉପରେ ଚଟପକାଇ ବସନ୍ତି । ସମ୍ମୁଖରେ ବେଞ୍ଚର କିଛିଟା ଗୋଡ଼ ମାଟିରେ ପୋତା ହୋଇଥିବାରୁ ବେଞ୍ଚ ଗୁଡ଼ିକ ପିଲାମାନଙ୍କର ଲେଖିବାର ଆଧାର ବା ଡେସ୍କ ହୋଇଯାଇଛି । ଟିକିଏଦୂରରେ ଏହିଭଳି ଉପବନ ଗୃହରେ ଶିକ୍ଷକମାନଙ୍କ ବିଶ୍ରାମସ୍ଥାନ । କେତେଖଣ୍ଡ ବେଞ୍ଚ ଦେଖି ନ ଥିଲେ, ସେଇଟା ଗୃହବୋଲି ବୁଝି ହୋଇ ନ ଥାନ୍ତା ।

ଏହି ଉପବନଟି ସାକ୍ଷୀଗୋପାଳ ଠାକୁରଙ୍କର । ନାମ ଗୁପ୍ତ ବୃନ୍ଦାବନ । ମୁଁ

ବୃନ୍ଦାବନ ଦେଖିନାହିଁ, ସେଠାରେ ତମାଳ ଗଛ ଅଛି । କିନ୍ତୁ, ସେ ତମାଳ ଆଉ ଦାକ୍ଷିଣାତ୍ୟ ପ୍ରଦେଶର ତମାଳ ଏକ ନୁହେଁ । ତମାଳ ଶବ୍ଦ ତମ୍ବାଳରୂପେ ପରିବର୍ତ୍ତିତ ହୋଇ ହିନ୍ଦୀରେ ଦମ୍ଭାଳ ହୋଇଛି । ତମ୍ବାଳ ତୁଲ୍ୟ ସୁନ୍ଦର ନୀଳଶ୍ୟାମଳ ବୃକ୍ଷ ଅଳ୍ପ ରହିଚି । ପୁନ୍ନାଗ ଓ ସୁରପୁନ୍ନାଗ, ତମ୍ବାଳ ସଦୃଶ । ସୁରପୁନ୍ନାଗ ବହୁବର୍ଷ ପରେ ବଢ଼ୁଏ । ବର୍ଷରେ ତିନିଚାରିଟା ପତ୍ରହୁଏ । ଆଶ୍ଚର୍ଯ୍ୟ ଏହା ଯେ, ପିଲାମାନେ ଏହି ଦୁର୍ଲଭ ସୁରପୁନ୍ନାଗର ଡାଳପତ୍ର ଛିଣ୍ଡାନ୍ତି ନାହିଁ । ନୂତନ ପିଲାମାନେ ସ୍କୁଲକୁ ଆସିଲେ ପୁରାତନ ପିଲାମାନେ ସେମାନଙ୍କୁ ଆଶ୍ରମର ସୁରପୁନ୍ନାଗକୁ ଚିହ୍ନାଇ ଦିଅନ୍ତି । ଯେଉଁ ଗଛ 'ଆମମାନଙ୍କର' ସେ ଗଛର ଡାଳପତ୍ର ଭାଙ୍ଗିବାପାଇଁ କାହାର ବା ହାତ ଯିବ ? ପାଖରେଥିବା ନିବିଡ଼ ଶାଖାଗୃହର ପାଚେରି ହୋଇଯାଇଛି । ଉପରେ ଚିରଶ୍ୟାମଳ ଚିକ୍‌କଣ ସ୍ଥୁଳପତ୍ର ମଧ୍ୟାହ୍ନର ଖରାକୁ ନିବାରଣ କରୁଥାଏ । ଟିକିଏ ଦୂରରେ ସରସ୍ୱତୀ ଦେବୀଙ୍କ ପ୍ରତିମା ଦେଖିବାକୁ ପାଇଲି । ସମ୍ମୁଖରେ ପାଖରେ ଶହେରୁ ଅଧିକ ବାଳକ । କିଏ ପୁଷ୍ପାଞ୍ଜଳି ଦେଉଛନ୍ତି, କିଏ ଛିଡ଼ା ହୋଇଛନ୍ତି, କେହିକେହି ବୁଲୁଥାନ୍ତି । ପ୍ରତିମାର ଅଳ୍ପଦୂରରେ ଭୋଗର ବଡ଼ବଡ଼ ହାଣ୍ଡି ସଜ୍ଜିତହୋଇ ରହିଛି । ପାଞ୍ଚଟା ବାଜିବାକୁ ଲାଗିଲା, ପୁଷ୍ପାଞ୍ଜଳି ପ୍ରାୟ ଶେଷ ହୋଇଛି ।

ଅଦୂରରେ ଗୋଟିଏ ଖୋଲାଜାଗାରେ ବାଳକମାନେ ପ୍ରତିଦିନ ବ୍ୟାୟାମ କରନ୍ତି । ପାଖରେ ବଡ଼ବଡ଼ ଅଶ୍ୱତ୍‌ଥ, ବକୁଳ, ଆମ୍ବ ଓ ପଣସ ଗଛ । ଏହିଠାରେ ଦୁଇ ତିନିଜଣ ଶିକ୍ଷକଙ୍କ ଦାୟିତ୍ୱରେ ବାଳକମାନେ କବାଡ଼ି ଖେଳନ୍ତି, କେହି ଗଛରେ ଚଢ଼ନ୍ତି, ଗଛରେ ଚଢ଼ି ଲୁଚାଛପା ଖେଳନ୍ତି । ଅନ୍ୟସମୟରେ କେହି ନିର୍ଜନରେ ପଢ଼ିବା ଆଶାରେ ତଳଡ଼ାଳରେ ବସି ପାଠ ଅଭ୍ୟାସ କରିଥାନ୍ତି । ଆମେମାନେ ଦେଖିଲୁ, ଘଣ୍ଟ, ଘଣ୍ଟା ବାଦ୍ୟହେଲା । ଭୋଗପ୍ରସାଦ ପାଇବାର ସମୟ ହୋଇଛି । ପୂଜାପ୍ରାଙ୍ଗଣକୁ ଫେରିଆସି ଦେଖିଲି ଦୁଇଧାଡ଼ି, ଅଙ୍କାବଙ୍କା । କାରଣ ଗଛ ଅଛି – ବାଲି ଉପରେ ସାମ୍ନାରେ ପତ୍ରପକାଇ ବାଳକମାନେ ବସିଅଛନ୍ତି । ଯେଉଁମାନେ ଦୂରରେ ଥିଲେ, ସେମାନେ ଆସି ବସିଲେ । ଧାଡ଼ିଟା କ୍ରମଶଃ ଲମ୍ବିବାକୁ ଲାଗିଲା । ଜାତିଭେଦର ଚିହ୍ନମାତ୍ର ନାହିଁ । ଖାଦ୍ୟରେ ଜାତିବିଚାରରେ ଛାତ୍ରମାନେ ସ୍ୱାଧୀନ, ବିଧିନାହିଁ, ନିଷେଧ ନାହିଁ । ହରିଦ୍ୱାରର ଗୁରୁକୁଳ ବିଦ୍ୟାଳୟରେ ଛାତ୍ରମାନେ ପ୍ରଥମେ ଦୀକ୍ଷିତ ହୁଅନ୍ତି, ପରେ ସମସ୍ତେ ଏକଜାତିରେ ଗଣ୍ୟ ହୁଅନ୍ତି । ଏଠାରେ ଦୀକ୍ଷା ନାହିଁ, ବିଧି ନାହିଁ, ନିଷେଧ ନାହିଁ । ଛାତ୍ରମାନଙ୍କ ପରସ୍ପର ମଧ୍ୟରେ ପ୍ରୀତିପୂର୍ଣ୍ଣ ଆହାରରେ ଜାତିବିଚାର ଉଠିଯାଇଛି ।

ଓଡ଼ିଶା ଏକ ବିଚିତ୍ର ଦେଶ । ଏଠାରେ ଅତି ସାମାନ୍ୟ କାରଣରୁ ଜାତି ନଷ୍ଟହୁଏ । ଯାହାର ଯେଉଁ ପୈତୃକଜାତି ବ୍ୟବସାୟ, ତାଙ୍କର ଗୋଟିଏ ଚୂଳ ଏପାଖସେପାଖ ହେଲେ 'ପାପୀକୁ' ପ୍ରାୟଶ୍ଚିତ କରିବାକୁ ହୁଏ । ଏଭଳି ନିକୃଷ୍ଟ ଜାତି ଅଛି, ଯାହାଙ୍କ ସ୍ୱର୍ଶକଥା ଦୂରେଥାଉ, ଲମ୍ବା କାଠଦ୍ୱାରା ସ୍ୱର୍ଶକଲେ ମଧ୍ୟ ଶୂଦ୍ରର ଜାତି ଚାଲିଯାଏ । କାଠୁରିଆ କ୍ଲାନ୍ତହୋଇ ଯଦି କାଠବୋଝ ଓହ୍ଲାଇ ଦେଇଥାଏ, ତେବେ ସେହି ପାଖଦେଇ

କେତେଲୋକ ଚାଲିଗଲେ ମଧ୍ୟ କେହି କାଠବୋଝଟିକୁ ତା' ମୁଣ୍ଡ ଉପରକୁ ଉଠାଇଦେଇ ପାତକଗ୍ରସ୍ତ ହେବାକୁ ଚାହାନ୍ତି ନାହିଁ। ଖଜୁରି ରସରେ ତାଡ଼ି ହୁଏ, ଶ୍ରୋତ୍ରୀୟ ବ୍ରାହ୍ମଣ ଖଜୁରି ଗଛ ସ୍ପର୍ଶକରିବେ ନାହିଁ। ଜଣେ ବ୍ରାହ୍ମଣଙ୍କ ଘର ଅଗଣାରେ ଅକସ୍ମାତ ଗୋଟିଏ ଖଜୁର ଚାରା ଉଠିଥିଲା। ବ୍ରାହ୍ମଣଜଣକ ସଂକଟରେ ପଡ଼ିଗଲେ। ପରେ ଦୂରଗ୍ରାମରୁ ପଇସାଦେଇ ଲୋକଅଣାଇ ଖଜୁର ଚାରାଟିକୁ ଉତ୍ପାଟନ କରାଇଲେ। ଏହି ଲୋକ ଖଜୁରିଗଛ ଛୁଇଁପାରେ। ସ୍ପର୍ଶଜନିତ ପାପର ପ୍ରାୟଶ୍ଚିତ ଅର୍ଥ - ବହୁ ବ୍ୟୟସାଧ୍ୟ ସ୍ୱଜାତିଭୋଜନ। ଅପରଦିଗରେ ଶ୍ରୀକ୍ଷେତ୍ରରେ ଜଗନ୍ନାଥଦେବଙ୍କର ପ୍ରସାଦରେ ଜାତିବିଚାର ନାହିଁ। କେବଳ ସେଠାରେ ନୁହେଁ, ଭୁବନେଶ୍ୱରରେ ମହାଦେବ ଶିବଙ୍କ ଭୋଗରେ ମଧ୍ୟ ଜାତିବିଚାର ନାହିଁ। ଗତ କୋଡ଼ିଏ ବାଇଶବର୍ଷ ହେବ, ଏହି ବ୍ୟବହାର ଅଳ୍ପଅଳ୍ପ ଆରମ୍ଭହୋଇ, ଏବେ ବିଧିବ୍ୟବସ୍ଥା ମଧ୍ୟରେ ଗଣ୍ୟ ହେଉଅଛି। ଅନ୍ୟତ୍ର ଏକ ଜମିଦାରଙ୍କର ରାଧାଶ୍ୟାମ ବିଗ୍ରହ ଅଛନ୍ତି। ଜମିଦାର ମହାଶୟ ଏହାଙ୍କ ପ୍ରସାଦରେ ମଧ୍ୟ ଜାତିବିଚାର ଘୁଞ୍ଚାଇ ଦେଇଛନ୍ତି।

ସତ୍ୟବାଦୀ ସ୍କୁଲର ପ୍ରଧାନଶିକ୍ଷକ, ଯୁବକଶିକ୍ଷକ ଯେଉଁମାନେ ସ୍କୁଲ୍ ଚଳାଉଅଛନ୍ତି, ସେମାନେ ଏବଂ ସ୍ୱୟଂ ଅଧ୍ୟକ୍ଷ ମହାଶୟ ବ୍ରାହ୍ମଣ। ଯେମିତି ସେମିତି ବ୍ରାହ୍ମଣ ନୁହେଁ, ପୁରୀର ଶାସନୀବ୍ରାହ୍ମଣ। ପୂର୍ବକାଳରେ କେହିକେହି ହିନ୍ଦୁରାଜା ବିଶିଷ୍ଟ ବ୍ରାହ୍ମଣଙ୍କର ଗ୍ରାମ ସ୍ଥାପନ କରାଇଥିଲେ। ଏହି ସମସ୍ତ ବ୍ରାହ୍ମଣ ଗ୍ରାମର ନାମ ଶାସନ। ପୁରୀଜିଲ୍ଲାରେ ଏହିଭଳି ଷୋହଳଶାସନ ପ୍ରସିଦ୍ଧ। ଅନ୍ୟ ରାଜାମାନେ, ଏପରିକି ରାଜକର୍ମଚାରୀମାନେ ମଧ୍ୟ କେତେଟା ଶାସନ ସ୍ଥାପନ କରାଇଥିଲେ। କିନ୍ତୁ, ଷୋଡ଼ଶ ଶାସନର ପ୍ରତିପ ଦେଇପାରି ନାହାନ୍ତି। ଜଗନ୍ନାଥଦେବଙ୍କ ମନ୍ଦିରରେ ଷୋଡ଼ଶ ଶାସନର ବ୍ରାହ୍ମଣମାନେ ଏବେ ମୁକ୍ତିମଣ୍ଡପ ସଭାରେ ବସିଥାନ୍ତି, ଅନ୍ୟମାନେ ଏହି ସୁଯୋଗ ପାଆନ୍ତି ନାହିଁ। ପ୍ରତ୍ୟେକ ଶାସନରେ ଦୁଇଧାଡ଼ି ବ୍ରାହ୍ମଣଘର, ମଝିରେ ବଡ଼ ରାସ୍ତା। ଘରର ପଛପଟେ କୃଷିକାର୍ଯ୍ୟ ପାଇଁ କ୍ଷେତ ଆଉ ନଡ଼ିଆ ବଗିଚା।

ଗ୍ରାମର ଏକପ୍ରାନ୍ତରେ ଶିବାଳୟ, ଅନ୍ୟପ୍ରାନ୍ତରେ ବ୍ରାହ୍ମଣସେବକ ଜାତିଙ୍କ ବାସସ୍ଥାନ। ଏହି ବ୍ରାହ୍ମଣଶାସନ ମଧ୍ୟଦେଇ କେହି ଜୋତା ପିନ୍ଧି, ମଥାଉପରେ ଛତାଧରି ଯାଇପାରନ୍ତି ନାହିଁ। ବିଦେଶୀମାନେ ଯାଇପାରନ୍ତି, କାରଣ ଶାସନର ପୂର୍ବଗୌରବ ଲୁପ୍ତ ହୋଇଅଛି; କିନ୍ତୁ ଗ୍ରାମର କେହି ଇଂରାଜୀ ଶିକ୍ଷିତ ହୁଅନ୍ତୁ ବା ସ୍ୱାଧୀନଚେତା ହୁଅନ୍ତୁ, ଶାସନର ଆଚାର ବ୍ୟବହାର ନ କଲେ, ତାହାଙ୍କୁ ନିର୍ଯାତନା ସହ୍ୟ କରିବାକୁ ହୁଏ। ସତ୍ୟବାଦୀ ସ୍କୁଲ୍‌ର ନବ୍ୟ ଯୁବକମାନେ ଗ୍ରାମରେ ପ୍ରବେଶକରି ପାଦରେ ପିନ୍ଧିଥିବା ଜୋତା ଖୋଲନ୍ତିନାହିଁ କିମ୍ବା ମଥାଉପରେ ଧରିଥିବା ଛତାକୁ ବନ୍ଦ କରନ୍ତିନାହିଁ। ଅନେକ ତେଣୁ ଏମାନଙ୍କ ପ୍ରତି ଅସନ୍ତୁଷ୍ଟ ହେଉଥିଲେ। କେହି କେହି ଏମାନଙ୍କୁ ଭ୍ରଷ୍ଟାଚାରୀ ମନେକଲେ। ଯେତେବେଳେ ଦେଖିଲେ, ଏମାନେ ଦେଶୀୟ ରୀତି ଅନୁସାରେ ନିଶଦାଢ଼ି ରଖୁନାହାନ୍ତି,

ଦାଢ଼ି ରଖିଲେ ନିଶ କାଟୁନାହାନ୍ତି, ସେତେବେଳେ ସନ୍ଦେହ ବୃଦ୍ଧିପାଇଲା । ପରେ ଯେତେବେଳେ ଶୁଣିଲେ, ଏମାନେ ଜାତିଧର୍ମ ନିର୍ବିଶେଷରେ ସକଳଙ୍କୁ ନମସ୍କାର କରନ୍ତି, ସେତେବେଳେ ଶାସନରେ କ୍ରୋଧ ପ୍ରକାଶ ପାଇଲା । ଶୁଣିଲେ, ସ୍କୁଲରେ କୁଳଗୃହରେ ଏମାନେ ଖାଇବାସମୟରେ ଜାତିବିଚାର କରନ୍ତିନାହିଁ । ନିମ୍ନଶ୍ରେଣୀ ବ୍ରାହ୍ମଣଙ୍କ ପଂକ୍ତିରେ ବସିଭୋଜନ କରନ୍ତି, ବ୍ରାହ୍ମଣେତର ଜାତି ନିକଟରେ ବସିଥାନ୍ତି । ଶତ୍ରୁମାନେ ପ୍ରଚାର କରିଦେଲେ, ଇଂରେଜୀ ପଢ଼ି ଯୁବକମାନେ ମେଳ ହୋଇଯାଇଛନ୍ତି । ପୁରୀ ମନ୍ଦିରରେ ଯେଉଁଠାରେ ନୀଚକୁଳ ସମ୍ଭୂତଙ୍କ ବ୍ୟତୀତ ଅନ୍ୟସମସ୍ତ ହିନ୍ଦୁଙ୍କ ପ୍ରବେଶ ଅବାରିତ, ସେଠାରେ ଯୁବକମାନଙ୍କର ପ୍ରବେଶ ଏବଂ ତତ୍‌ସହିତ ସେମାନଙ୍କ ଘରର ସମସ୍ତଙ୍କ ଲାଗି ପ୍ରବେଶ ନିଷିଦ୍ଧ ହେଲା । ଅନେକ ଯୁକ୍ତିତର୍କ ଲେଖାଲେଖି ଚାଲିଲା । ଶୁଣାଯାଏ, ଶତ୍ରୁପକ୍ଷମାନେ ସ୍କୁଲ୍‌ଘର ପୋଡ଼ିଦେଇଥିଲେ ଏଇଥିପାଇଁ । ଏହା ଆଜିକୁ ଦୁଇବର୍ଷ ପୂର୍ବର ଘଟଣା । ଏବେ ଦେଖୁଚି, ସରସ୍ୱତୀପୂଜାରେ ନିମନ୍ତ୍ରିତ ହୋଇ ପିଲାମାନଙ୍କର ବାପା, କକା, ଜେଠଇ ଓ ଅନ୍ୟାନ୍ୟ ଅଭିଭାବକ ପୂଜା ପ୍ରାଙ୍ଗଣରେ ଭୋଜନରେ ବସିଅଛନ୍ତି ! ସ୍କୁଲ୍‌ର ଟିକିଏ ଅଧିକ ବୟସର ଛାତ୍ରମାନେ, ପୁଷ୍ଟବଳିଷ୍ଠ ଦେହ ବ୍ରାହ୍ମଣ ବାଳକମାନେ ଭୋଗ ପରିବେଷଣ କରିବାକୁ ଲାଗିଲେ । ମୋହନଭୋଗ, ପାୟସ, ମାଲପୁଆ ପ୍ରତିଟି ପତ୍ରରେ ବଢ଼ାଗଲା । ସମ୍ମୁଖରେ ପିଲାମାନେ ଖାଉଥାନ୍ତି, ଛୋଟବଡ଼ ପିଲାମାନେ ବସିଥାନ୍ତି । ଆଶ୍ଚର୍ଯ୍ୟ ! ବସିବା ସମୟରେ କୌଣସି ଶବ୍ଦନାହିଁ, ସାଧାରଣ ପିଲାମାନଙ୍କ ଭଳି କିଛି କୋଳାହଳ ବା ବ୍ୟଗ୍ରତା ନାହିଁ, ଯେପରି ଯନ୍ତ୍ରଚାଳିତ କଣ୍ଡେଇଭଳି ସମସ୍ତେ ବସିଛନ୍ତି । ଶିକ୍ଷକ ମହାଶୟଗଣ ଉପସ୍ଥିତ ରହିଥିଲେ, କିନ୍ତୁ ଶାସନର କୌଣସି ପ୍ରୟୋଜନ ହେଲାନାହିଁ । ନିତ୍ୟ ଜୀବନରେ ସେ ଏଭଳି ବିନୟ ପ୍ରକାଶପାଏ, ତାହାହିଁ ବାସ୍ତବରେ ଅନୁଭବ କରିପାରିଲି ଏହିସ୍ଥାନରେ ।

ଏତେ ପିଲା, ଏତେ ଅଭିଭାବକ, କାହାରି ପାଦରେ ଜୋତାନାହିଁ, ଦେହରେ ଜାମାନାହିଁ । ଅନେକ ଉତ୍ତରୀୟଦ୍ୱାରା ଦେହକୁ ଆବୃତ କରିଛନ୍ତି । କାରଣ ଏହିସମୟରେ ଟିକିଏ ଶୀତଥିଲା । କେହିବା ଉତ୍ତରୀୟକୁ କାନ୍ଧରେ ଲମ୍ବାଇଅଛନ୍ତି । ଦୂରଗ୍ରାମରୁ ଆସିଥିବା ଜଣେ ଦୁଇଜଣ ପିଲାଙ୍କ ଦେହରେ ଜାମାଅଛି, ହେଲେ ପାଦରେ ଜୋତାନାହିଁ । ଶିକ୍ଷକମାନଙ୍କର ଦେହରେ ମଧ୍ୟ ଉତ୍ତରୀୟ, କାହାରି କାନ୍ଧରେ ଅବା ଲମ୍ବିତ ହୋଇଛି । ସେମାନେ ଖୋଲାଦେହରେ ସ୍ୱଚ୍ଛନ୍ଦରେ ବୁଲୁଥାନ୍ତି । ତା' ଛଡ଼ା ଓଡ଼ିଶାରେ ଜାମା-ଜୋଡ଼ ପିନ୍ଧିବାରୀତି ସେଭଳି ପ୍ରଚଳିତ ନଥିଲା । ଗ୍ରୀଷ୍ମଦେଶରେ ଜାମାଜୋଡ଼ର ପ୍ରୟୋଜନ ହୁଏନାହିଁ, ଯେଉଁଦେଶରେ ଦୁଇଥର ସ୍ନାନ ନକଲେ ଶରୀର ନିର୍ମଳ ହୁଏନାହିଁ, ସେହି ଦେଶରେ ଜାମାଜୋଡ଼ ଢାଙ୍କିହୋଇ ଦେହକୁ ଆବୃତ କରାଯାଉ ନଥିଲା । ପୂର୍ବେ ବଙ୍ଗଦେଶରେ ମଧ୍ୟ କେବେକେବେ ଜାମାଜୋଡ଼ ଦେଖାଯାଉଥିଲା । ଓଡ଼ିଶାର ବଡ଼ବଡ଼ ପ୍ରତାପଶାଳୀ ସାମନ୍ତରାଜାଙ୍କ ସହ ସାକ୍ଷାତ କରିବାକୁ ଯାଇଛି; ସେମାନେ ଉତ୍ତରୀୟ

ଧାରଣକରି ବାହାରକୁ ଆସି ସ୍ୱଚ୍ଛନ୍ଦରେ ଦେଖା କରୁଥିଲେ । ଘରେ ସେମାନେ ବିନା ଉତ୍ତରୀୟରେ ରହୁ ନ ଥିଲେ । ସ୍ନାନପରେ ଉତ୍ତରୀୟ, ଭୋଜନ ସମୟରେ ଉତ୍ତରୀୟ, ବସି କଥାବାର୍ତ୍ତା କଲାବେଳେ ଉତ୍ତରୀୟ । ଧୋତି ଓ ଉତ୍ତରୀୟ, ଏହି ଦୁଇଟିକୁ ନେଇ ସଭ୍ୟତା । ଏହାହିଁ ଆମମାନଙ୍କର ଜାତୀୟ ସଭ୍ୟତା । ଯେଉଁମାନେ ପୁରୀ ଦର୍ଶନରେ ଆସିଛନ୍ତି, ସେମାନେ ଦେଖିଛନ୍ତି, ଧନଶାଳୀ ପଣ୍ଡାମାନେ ୨୫/୩୦ ଟଙ୍କା ମୂଲ୍ୟର ଗରଦ ଜୋଡ଼ ପରିଧାନ କରିଛନ୍ତି । ଏମାନେ ଗୋଟିଏ ଯୋଡ଼ିଏ ଟଙ୍କା ମୂଲ୍ୟରେ ଜାମା କିଣିପାରୁଥିଲେ । କଟକ କଲେଜକୁ ମଧ୍ୟ ବହୁଛାତ୍ର ଗୋଟିଏ ଉତ୍ତରୀୟ ଦେହରେ ଢାଙ୍କି ପଢ଼ାପଢ଼ି କରିବାକୁ ଆସନ୍ତି । ସମସ୍ତେ ଦରିଦ୍ର ନୁହନ୍ତି, କିନ୍ତୁ ଜାମା, କୋଟ୍, ଜୋତା ଇତ୍ୟାଦିର ପ୍ରୟୋଜନ ଲୋଡ଼ନ୍ତିନାହିଁ । ତେବେ ଏହିଭାବ ବୋଧହୁଏ ଆଉ ଅଧିକଦିନ ରହିବନାହିଁ । ଆମେ ବଙ୍ଗାଳୀମାନେ ଖୋଲାଦେହ ଓ ପାଦଦେଖିଲେ ଶିହରିଉଠୁ । ପୋଷାକରେ ସଭ୍ୟ-ଅସଭ୍ୟର ବିଚାର କରିଅଛୁ । ଏହାରି ମଧ୍ୟରେ କୃତବିଦ୍ୟ ଓଡ଼ିଆ ଯୁବକ ଅଫିସକୁ ଯାଉଛନ୍ତି । କୋଟ୍, ଗଳାବନ୍ଧ ପିନ୍ଧିବାକୁ ଆରମ୍ଭ କରିଛନ୍ତି । କାଳର ସ୍ରୋତକୁ ଅଟକାଇବା କଠିନ । ବଙ୍ଗାଳୀ, ଓଡ଼ିଆ, ଆସାମୀ, ଚିରଦିନ ନଗ୍ନଶିର; କେବଳ ବିବାହ ଦିନରେ ମୁଣ୍ଡରେ ମୁକୁଟପିନ୍ଧି ରଜାବେଶ ଧାରଣକରେ, କିନ୍ତୁ ପ୍ରତିଦିନ ରାଜବେଶ ସାଜେନାହିଁ । ପୂର୍ବରୁ ମଧ୍ୟ କେହି ପିନ୍ଧୁ ନଥିଲେ ।

ଛାତ୍ର ଓ ଅଭିଭାବକମାନଙ୍କର ଭୋଜନ ସମାପ୍ତହେଲା । ଆମମାନଙ୍କୁ ମଧ୍ୟ ଭୋଜନ କରିବାକୁ ହେବ । ଆମେମାନେ ରାଜଧାନୀ କଟକରୁ ଆସିଛୁବୋଲି ଚିନ୍ତା କରିହେଉ, ଅବା ବିଶିଷ୍ଟ ବ୍ୟକ୍ତି ବୋଲି ମନେକରି ହେଉ । ଏ ପ୍ରଧାନଶିକ୍ଷକଙ୍କ ଘରେ ଆମମାନଙ୍କର ବ୍ୟବସ୍ଥାହେଲା । ନିଜର କହିଲେ ତାଙ୍କର ଖଣ୍ଡିଏ ଘର ଜୁଟିଛି । ଗୃହସଜ୍ଜା ମଧ୍ୟରେ ଖଣ୍ଡିଏ ବଡ଼ଚୌକି ଓ କେତେଟା ଟୁଲ୍ ଅଛି । ସେଠାରେ ପ୍ରଧାନଶିକ୍ଷକଙ୍କ ପିତାଙ୍କ ସହିତ ପରିଚୟ ହେଲା, ସେ ଯଦିଓ ବୃଦ୍ଧ ହୋଇଗଲେଣି । ତଥାପି ପୁତ୍ରର ଅନୁଷ୍ଠାନରେ ସେ ନିଶ୍ଚୟ ଯୋଗଦେଉଥିଲେ । ତାଙ୍କର ଗୋଟିଏ କଥାରେ ଆମେମାନେ ମୁଗ୍ଧ ହୋଇଗଲୁ । ତାଙ୍କର ଏକମାତ୍ର ପୁତ୍ର ଲେଖାପଢ଼ା ଶିଖି ଗ୍ରାମର ଏବଂ ଦେଶର ପିଲାମାନଙ୍କୁ ଲେଖାପଢ଼ା ଶିଖାଇବା ପାଇଁ ଜୀବନର ଯେଉଁ ବ୍ରତ କରିଅଛି, ସେଥିରେ ସେ ନିଜକୁ ଧନ୍ୟ ମନେକରୁଛନ୍ତି । ପୁତ୍ରର ଶିକ୍ଷା ସାର୍ଥକ ହୋଇଛି ଯେ, ପୁତ୍ର ବିଦ୍ୟାଦାନରେ ରତ ହୋଇପାରିଛି ।

ଏହି ପୁତ୍ର ଏମ୍.ଏ. ପାସ୍ । ଚାକିରି କରିଥିଲେ ମାସିକ ୭୫ଟଙ୍କା ଦରମା ପାଇଥାନ୍ତେ । ଚେଷ୍ଟା କରିଥିଲେ ହାକିମ ଡେପୁଟି ମଧ୍ୟ ହୋଇପାରିଥାନ୍ତେ । ଦ୍ୱିତୀୟ, ତୃତୀୟ ଶିକ୍ଷକମାନେ ମଧ୍ୟ ଏମ୍.ଏ. ପାସ୍ । ସେମାନେ ଏହି ଦଳରେ ଆସି ଯୋଗ ଦେଇଛନ୍ତି । କିନ୍ତୁ ପିତାମାତା, ନିଜର ଓ ଭାର୍ଯ୍ୟାର ଭରଣ ପୋଷଣ ନିମିତ୍ତ ମାସିକ ୪୦ଟଙ୍କା ଲେଖାଏଁ ନେଉଥିଲେ । ପୂର୍ବରୁ କହିଛି, ଏମାନେ ବ୍ରାହ୍ମଣ ସନ୍ତାନ । ଓଡ଼ିଶାର ଏକ ବିଚିତ୍ର

ରୀତିଯେ, ବ୍ରାହ୍ମଣମାନଙ୍କ ମଧ୍ୟରେ ଶିଶୁ-ବିବାହ ପ୍ରଚଳିତ ଅଛି । କରଣ (କାୟସ୍ଥ) ଜାତି ଓ ଅନ୍ୟାନ୍ୟ ଜାତିର ବାଲ୍ୟବିବାହ ନାହିଁ । ଯୁବ-ଶିକ୍ଷକମାନଙ୍କର ଯେତେବେଳେ ବିବାହ ହୋଇଥିଲା, ସେତେବେଳେ ସେମାନେ ଭଲମନ୍ଦ କିଛି ବୁଝି ନ ଥିଲେ । ପରେ ଯେ ତାଙ୍କୁ ବିଦ୍ୟାଦାନରେ ଜୀବନ କାଟିବାକୁ ହେବ, ତାହା ମଧ୍ୟ ଜାଣି ନ ଥିଲେ । ଏବେ ଅଳ୍ପ ଅଳ୍ପ ବ୍ରାହ୍ମଣଙ୍କ ସନ୍ତାନ, କଲେଜର ଯୁବକ ଅଧିକ ବୟସରେ ବିବାହ କରୁଛନ୍ତି । ବିବାହ ନାମରେ ଶିକ୍ଷିତ ଯୁବକମାନଙ୍କର ବିକ୍ରୟ ମଧ୍ୟ ଆରମ୍ଭ ହୋଇଯାଇଛି ।

ଆମମାନଙ୍କୁ ରାତି ୭ଟା ସମୟରେ ଟ୍ରେନ୍ ଧରିବାକୁ ହେବ । ଆଉ ବିଳମ୍ବ କଲେ ଚଳିବନାହିଁ । ସ୍କୁଲ୍‌ର ପିଲାମାନଙ୍କ ସହିତ କଥାବାର୍ତ୍ତା ହେବାପାଇଁ ଆଉ ସମୟନାହିଁ । ଏଥିପାଇଁ କୁଳଗୃହର ଛୋଟଛୋଟ ବାଳକମାନଙ୍କ ସହିତ ଷ୍ଟେସନ ପର୍ଯ୍ୟନ୍ତ ଆସିବାପାଇଁ ଆହ୍ୱାନକଲି । ଆସିବାବେଳେ ବାଟରେ ଏମାନଙ୍କ ସହ କଥାଯୋଡ଼ି ଚାଲିଲି । ଏକଥା, ସେକଥା, ଘରକଥା, ସ୍କୁଲ୍‌କଥା ହେବାକୁ ଲାଗିଲି । ଦେଖିଲି ସଂକୋଚ ନାହିଁ, ସମ୍ଭ୍ରମ ଅଛି । ହସ ହସ ମୁହଁ, ମନେହେଲା ସତେଯେପରି ବହୁକାଳରୁ ପରିଚିତ କେହି ସେମାନଙ୍କୁ ହଠାତ୍ ଦେଖିବାପାଇଁ ଆସିଛି । ମୋର ପ୍ରଶ୍ନସବୁ ଶୁଣି ସେମାନ ହସିବାକୁ ଲାଗିଲେ । ସ୍କୁଲ୍‌କୁ କେମିତି ଆସୁଛ, ଘରକୁ କେତେଦିନ ଅନ୍ତରରେ ଯାଅ, ପ୍ରତି ଶନିବାର କାହିଁକି ଯାଅ ନାହିଁ ଇତ୍ୟାଦି ପ୍ରଶ୍ନର ଉତ୍ତର ସ୍ୱଚ୍ଛନ୍ଦଭାବରେ ଦେବାକୁ ଲାଗିଲେ । ସ୍କୁଲରେ କାହିଁକି ଦୁଃଖ ଲାଗିବ, ସେମାନେ ତାହା କେବେହେଲେ ଭାବି ନାହାନ୍ତି । ଶିକ୍ଷକମାନେ ଛାତ୍ରମାନଙ୍କୁ କି ମନ୍ତ୍ର ଶିଖାଇଛନ୍ତି ଜାଣିନାହିଁ । ପିଲାମାନେ ବଣର ପକ୍ଷୀଭଳି ସ୍ୱାଧୀନତା ଉପଭୋଗ କରୁଛନ୍ତି, ଅଥଚ ସଂଯମ ଅଛି । ଓଡ଼ିଶାରେ ଦୁଷ୍ଟଛାତ୍ର ନାହାନ୍ତି ନୁହେଁ, କିନ୍ତୁ ଅଧିକାଂଶ ହିଁ ବିନୀତ ।

ଏକଥା ମଧ୍ୟ ଠିକ୍, ଗ୍ରାମର ବାଳକମାନେ ଯେତେ ଆତ୍ମନିର୍ଭରଶୀଳ, ନଗରର ବାଳକମାନେ ସେତେ ନୁହନ୍ତି । ଗ୍ରାମର ପିଲାମାନେ ପ୍ରକୃତି ଓ ଦେଶ ସଂପର୍କରେ ରହିଥାନ୍ତି । ନଗରର ପିଲାମାନଙ୍କ ପାଇଁ ସେ ସୁବିଧା ମିଳେନାହିଁ । ଅକପଟତା ଓ ସ୍ୱଚ୍ଛନ୍ଦତା ଫୁଟି ଉଠେନାହିଁ । ସତ୍ୟବାଦୀ ସ୍କୁଲର ପ୍ରାୟ ଦୁଇଶହ ଛାତ୍ର ନିକଟ ଗ୍ରାମରୁ ଆସିଥାନ୍ତି । ଅବଶିଷ୍ଟ ଦୂରଦେଶରୁ - ସମ୍ବଲପୁର, ଗଞ୍ଜାମ, କଟକ, ବାଲେଶ୍ୱର ପ୍ରଭୃତିରୁ ଆସିଅଛନ୍ତି । ନିକଟରେ ସ୍କୁଲ ଥିଲେ ମଧ୍ୟ ଦୂରକୁ ଯିବାର କାରଣ ନିଶ୍ଚୟ ଅଛି ।

ଗୋଟିଏ କାରଣ, ସତ୍ୟବାଦୀରେ ଅଳ୍ପବ୍ୟୟରେ ଲେଖାପଢ଼ା ହେଉଅଛି । ମାସିକ ୬ ରୁ ୮ ଟଙ୍କା ମଧ୍ୟରେ ସମସ୍ତ ପାଠପଢ଼ା ହୋଇପାରୁଛି । ଭାତଡାଲି, ଗୋଟିଏ ନିରାମିଷ ବ୍ୟଞ୍ଜନ ଓ ଆମ୍ବୁଲ ଆଚାର ନିତ୍ୟଭୋଜନ । ମାଛ, ମାଂସ ନ ଖାଇଲେ ମଧ୍ୟ ଦେହ ପୁଷ୍ଟ ଓ ବଳିଷ୍ଠହୁଏ । ଶୁଣିଛୁଁ, ଚର୍କଗ୍ରାମରେ ଏହିଭଳି ଆଶ୍ରମ ଅଛି, ସେଠାକାର ବ୍ରହ୍ମଚାରୀ ଛାତ୍ରମାନେ ତେଲ-ଲୁଣ ମଧ୍ୟ ଖାଇବାକୁ ପାଆନ୍ତି ନାହିଁ । ବ୍ରହ୍ମଚାରିଣୀ କନ୍ୟାମାନ ଭାତଗଣ୍ଡେ ପାଆନ୍ତି ନାହିଁ । କନ୍ଦମୂଳ ଖାଇ ଲେଖାପଢ଼ା କରୁଛନ୍ତି । ହେଲେ କେହିଜଣେ

ଦୀର୍ଘଶରୀର ନୁହଁନ୍ତି । ଓଡ଼ିଶାର ଅଧିକାଂଶ ଲୋକ ମାଛମାଂସ ଖାଆନ୍ତି ନାହିଁ କିମ୍ବା ଖାଇବାକୁ ପାଆନ୍ତି ନାହିଁ । ବଙ୍ଗଦେଶରେ ମାଂସ ଦୁର୍ଲଭ, ମାଛ ମଧ୍ୟ କ୍ରମେ ଦୁର୍ଲଭ ହୋଇଛି । ଦୁଧ ଘିଅ ଦୁଷ୍ପ୍ରାପ୍ୟ ହୋଇଛି । ଓଡ଼ିଶାରେ ଯିଏ ପାଏ, ସେ ହିଁ ଘିଅ ଖାଏ । ଦୁଧଖାଇବା ଅଧିକାଂଶର ଅଭ୍ୟାସ ନାହିଁ, କିନ୍ତୁ ତାହା ବୋଲି ପୁଷ୍ଟ ବଳିଷ୍ଠ ଦୀର୍ଘକାର ଦେହର ଅଭାବ ନାହିଁ । ଦୀର୍ଘଜୀବିଙ୍କର ମଧ୍ୟ ଅଭାବ ନାହିଁ । ଏମାନଙ୍କ ସହିତ ବଙ୍ଗାଳୀମାନଙ୍କୁ ତୁଳନାକଲେ, ମେଲେରିଆ ବଙ୍ଗଦେଶର କି ସର୍ବନାଶ କରିଚି, ତାହା ବୁଝିହେବ । ସତ୍ୟବାଦୀର କୁଳଗୃହରେ କେତୋଟି ଗାଈ ଅଛନ୍ତି । ରୁଗ୍ଣ ଛାତ୍ରମାନଙ୍କ ଲାଗି ଗାଈ ପୋଷାଯାଇଛି । ଏଠାରେ ମଧ୍ୟ ଦୁଧ ପ୍ରଚଳିତ । କୁଳପତି ଏବଂ ପ୍ରଧାନଶିକ୍ଷକ ହୋମିଓପାଥ୍ ଶିଖିଛନ୍ତି । ସାମାନ୍ୟ ଅସୁସ୍ଥହେଲେ ସେମାନେ ଚିକିତ୍ସା କରିପାରନ୍ତି । ରୋଗ କଠିନହେଲେ ପୁରୀରୁ କବିରାଜ କିମ୍ବା ଡାକ୍ତରଙ୍କୁ ଆଣନ୍ତି । ସେମାନେ ବିନା ଅର୍ଥରେ ଚିକିତ୍ସା କରନ୍ତି । ଯେଉଁ ମାସରେ ଆମେ ସତ୍ୟବାଦୀ ଯାଉଥିଲୁ, ସେହି ମାସରେ ୨୫୮ ଜଣ ଛାତ୍ର କୁଳଗୃହରେ ଥିଲେ । ସେତେବେଳେ କିଛି ଛାତ୍ର ଘରେ ଥିଲେ । ବୋଧହୁଏ ଏବେ ସ୍କୁଲରେ ୪୦୦ ଛାତ୍ର ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୩୦୦ ଜଣ କୁଳଗୃହରେ ରହିଛନ୍ତି । ୩୦୦ ଛାତ୍ର ୨୮ଟି ଦଳରେ ବିଭକ୍ତ, ଗୋଟିଏ ଗୋଟିଏ ଗୃହରେ ଯେତେ ରହିଛନ୍ତି, ସେତିକି ଦଳ । ପ୍ରତିଗୃହରେ ପିଲାଙ୍କମଧ୍ୟରୁ ଜଣେଜଣେ ଶ୍ରେଣୀମୁଖିଆ ଥାଆନ୍ତି । ସେ ଗୃହର କର୍ତ୍ତା । ପ୍ରତ୍ୟେକ ଛାତ୍ର ନିଜ ଜମାଖର୍ଚ୍ଚ ଏହି ଶ୍ରେଣୀମୁଖିଆଙ୍କ ନିକଟରେ ରଖିଥାନ୍ତି ଏବଂ ମଝିରେ ମଝିରେ ତଦାରଖ କରିଥାନ୍ତି । ସାତ ଆଠଜଣ ଗୃହଶିକ୍ଷକ ଛାତ୍ରମାନଙ୍କ ପଢ଼ାପଢ଼ିରେ ଧ୍ୟାନ ରଖିଥାନ୍ତି । ଏମାନଙ୍କ ଉପରେ କୁଳପତି ଅଛନ୍ତି । ସେ ସମସ୍ତ ପିଲାଙ୍କ ପିତା ବା ଭ୍ରାତୃସ୍ଥାନୀୟ ହୋଇ ସମସ୍ତଙ୍କ ସହିତ ମିଳାମିଶା କରନ୍ତି । ନାନାବିଧ ଉପାୟରେ ଛାତ୍ରମାନଙ୍କର ମନ ସ୍କୁଲ୍‌ପ୍ରତି ଆକୃଷ୍ଟ ରଖିଥାନ୍ତି । ଏହାଙ୍କ କାର୍ଯ୍ୟ ସର୍ବାପେକ୍ଷା କଠିନ । ଛାତ୍ରମାନଙ୍କ ଭୋଜନାଦିକୁ ଦେଖିବାଲାଗି ଜଣେ ଅଧିକାରୀ ଅଛନ୍ତି ।ଏହାଙ୍କ ସହାୟତା ନିମିତ୍ତ ୧୫ଜଣ ଛାତ୍ର ପ୍ରତିନିଧି ନିଯୁକ୍ତ ଅଛନ୍ତି । ପ୍ରତିମାସରେ ଅଧିକାରୀ ଓ ପ୍ରତିନିଧିମାନଙ୍କର ସଭା ହୁଏ । ପ୍ରଧାନଶିକ୍ଷକ ସଭାପତି । ସେ ହିଁ ଗୋଟିଏ ପକ୍ଷରେ ସ୍କୁଲ, ଅନ୍ୟପକ୍ଷରେ କୁଳଗୃହର ଅଧିପତି ।

ଏହି ଯେଉଁ ବୃହତ୍‌ଗୋଷ୍ଠୀ, ଗୁରୁ-ଶିଷ୍ୟକୁଳ, ସେମାନଙ୍କ ଦିନଚର୍ଯ୍ୟା ଏମିତି ସେମିତି କଥା ନୁହେଁ । ସତ୍ୟବାଦୀ ଭଳି ଛୋଟସ୍ଥାନରେ ଏତେଜଣଙ୍କର ଖାଦ୍ୟପେୟ ନିର୍ବାହକରିବା ସହଜକଥା ନୁହେଁ । ପିଲାମାନେ ଅଧିକାରୀ ଓ କୁଳପତିଙ୍କ ସହିତ ହାଟକୁ ଯାଆନ୍ତି । ପନିପରିବା, ଶାଗପତ୍ର କିଣିଆଣନ୍ତି । ପ୍ରତ୍ୟହ ଦୁଇଦୁଇ ଜଣ ଛାତ୍ର ସେବକ ହୁଅନ୍ତି, କେହି ଅସୁସ୍ଥ ବା ରୋଗଗ୍ରସ୍ତ ହେଲେ ପରିଚର୍ଯ୍ୟା କରିଥାନ୍ତି । ସାକ୍ଷୀଗୋପାଳକୁ ଦେଶ-ଦେଶାନ୍ତରରୁ ବହୁଯାତ୍ରୀଙ୍କ ସମାଗମ ହୁଏ । ସେମାନେ ଅସୁସ୍ଥ ହେଲେ କିମ୍ବା ପୁରୀରେ ଯାତ୍ରୀମାନେ ରୋଗାକ୍ରାନ୍ତ ହେଲେ ଏହି ସତ୍ୟବାଦୀ ସ୍କୁଲ୍‌ର ସେବକଦଳ ସେବାଧର୍ମରେ ନିଯୁକ୍ତ ହୋଇଥାନ୍ତି । ଏତେକଥା ଛୋଟଛୋଟ ପିଲାମାନେ ସବୁ

କହିପାରିଲେ ନାହିଁ। କେମିତି କରନ୍ତି, କାହିଁକି କରନ୍ତି, ସେମାନେ ଜାଣନ୍ତି ନାହିଁ। ସେମାନଙ୍କ ସହିତ ଯେଉଁ ଶିକ୍ଷକ ଆସିଥିଲେ, ସେ ଟିକିଏ କହିବାମାତ୍ରେ ପିଲାମାନେ ହଁ, ହାଁ ମାରୁଥିଲେ। ଆଖି ତାଙ୍କର ଉଜ୍ଜ୍ୱଳି ଉଠୁଥିଲା। ଛାତ୍ରମାନେ ଶିକ୍ଷିତ ହେଉଛନ୍ତି, କିନ୍ତୁ ଜାଣି ନାହାନ୍ତି।

ଅନ୍ଧକାର ରାତ୍ରି। ବାଟରେ ଆସୁଆସୁ ମନେହେଲା, ବାଟ ହୁଡ଼ିଯାଇଛୁ। ଜଣେ ପିଲାକୁ ପଚାରିଲି -ଆମେ କେଉଁଦିଗକୁ ଆସିଗଲେ ? ସେ ତତ୍‌କ୍ଷଣାତ କହିଲା -ଉତ୍ତର ଦିଗକୁ। କିପରି ଜାଣିଲ ? 'ଏଇତ, ଆକାଶରେ ସପ୍ତର୍ଷି ନକ୍ଷତ୍ର ଦେଖାଯାଉଛି। ଏହି ଉତ୍ତର ଶୁଣି ବୁଝିଗଲି, ପିଲାମାନେ କେବଳ ପାଠ ମୁଖସ୍ତ କରନ୍ତିନାହିଁ, ଗଛଡ଼ାଳରେ ଚଢ଼ନ୍ତି ନାହିଁ, ଯାତ୍ରୀମାନଙ୍କର ସେବା କରନ୍ତିନାହିଁ ; ବିଦ୍ୟା ମଧ୍ୟ ଶିଖନ୍ତି। ଶିଖାଇବାର ପଦ୍ଧତି ଦେଖିବା ଜାଣିବାପାଇଁ ସୁଯୋଗ ମିଳିନାହିଁ। ତେବେ ବୁଝିପାରିଲି ତାହା କେବଳ କୃତ୍ରିମ ହୋଇ ନ ଥିବ। ମାତୃଭାଷାରେ ସବୁକିଛି ଶିଖାଯାଏ। ଶିକ୍ଷାକୁ ଇଂରାଜୀଧର୍ମୀ କରାଯାଇ ନାହିଁ। ଶିକ୍ଷକମାନେ ଏବେ ମଧ୍ୟ ନବ୍ୟ, କିନ୍ତୁ ଯେଉଁମାନେ ସ୍ୱଇଚ୍ଛାରେ ଶିକ୍ଷକ ହୋଇଛନ୍ତି, ପରର ପିଲାମାନଙ୍କୁ ଶିଖାଇବାକୁ ବସିଅଛନ୍ତି, ସେମାନଙ୍କ ନିକଟରେ ଶିଖାଇବାର ରହସ୍ୟ ଅଜ୍ଞାତ ରହିବନାହିଁ। କିନ୍ତୁ, କି ଭୀଷଣ ପରିଶ୍ରମ କରିବାକୁ ହେଉଛି ! ଦଶଟାରୁ ଚାରିଟା ପର୍ଯ୍ୟନ୍ତ କେବଳ ପାଠପଢ଼ା କାର୍ଯ୍ୟ ନୁହେଁ; ପିଲାମାନଙ୍କ ସହିତ ଭୋର୍ ସମୟରୁ ରାତି ନଅଟା ଦଶଟା ପର୍ଯ୍ୟନ୍ତ ରହିବାକୁ ହୁଏ। ଭୋରରୁ ଛାତ୍ରମାନେ ପ୍ରାତଃସ୍ନାନ କରିବେ, ଶିକ୍ଷକ ମଧ୍ୟ କରିବେ। ଛାତ୍ରମାନେ ସ୍ତୋତ୍ର ପାଠକରିବେ, କେହିବା ନିଜ ଠାକୁରଙ୍କ ପୂଜାକରିବେ, ଶିକ୍ଷକ ସେଠାରେ ରହିଥାନ୍ତି। ଖାଇବସିବେ, ପାଖରେ ଶିକ୍ଷକ ମଧ୍ୟ ବସିବେ। ସ୍କୁଲଯିବେ, ଶିକ୍ଷକ ମଧ୍ୟ ସାଥିରେ ଚାଲିବେ। ଖେଳ, ବୁଲାବୁଲିରେ ଶିକ୍ଷକ ସାଥିରେ ରହିବେ। ସାତବର୍ଷର ପ୍ରଧାନଶିକ୍ଷକ - ଯାହାଙ୍କ ଉପରେ ସମସ୍ତ କାର୍ଯ୍ୟଭାର, ସେ ମୋ ସହିତ ଦେଖା କରିବାକୁ ଆସିଥିଲେ। ପାଦରେ ଜୋତାନାହିଁ, ଉତ୍ତରୀୟ ଭିତରୁ ତାଙ୍କ ଆକାରଦେଖି ବୁଝିନେଲି, ନୀଳକଣ୍ଠ ପୀଡ଼ିତ ହୋଇଛନ୍ତି ! ବେକର ହାଡ଼ ବାହାରିପଡ଼ିଛି। ଜାଣିପାରିଲି କଠିନ ପରିଶ୍ରମ। ଗୋଟିଏ ଦିନ ନୁହେଁ, ଦୁଇଦିନ ନୁହେଁ ବର୍ଷର ୩୬୫ ଦିନ - ଶରୀର ଆଉ ସହୁନାହିଁ। କହିଲି 'ଟିକିଏ ଟିକିଏ କ୍ଷୀର ପିଅ। ମଝିରେ ମଝିରେ ଅନ୍ୟାନ୍ୟ ଖାଦ୍ୟ ଖାଅ। କାରଣ ଦେହ ରୁଗ୍‌ଣ ପୀଡ଼ିତହେଲେ କାର୍ଯ୍ୟକରିବ କିଏ ?' କିନ୍ତୁ ଅନ୍ୟଭାବରେ ଖାଦ୍ୟ ଖାଇପାରିବେ କି ? ଯେଉଁ ଅଳ୍ପକିଛି କ୍ଷୀର ମିଳେ, ତାହା ପିଲାମାନଙ୍କ ଲାଗି – ଯେଉଁମାନଙ୍କର ନ ହେଲେ ନ ଚଳେ। ସେମାନଙ୍କୁ ଦିଅ, ସେମାନେ ଖାଇବେ ! କେବଳ ନୀଳକଣ୍ଠ ନୁହେଁ, କଟକରେ ଥିଲାବେଳେ ଏହି ନବ୍ୟଶିକ୍ଷିତମାନେ ଛାତ୍ରାବସ୍ଥାରେ ଯେପରି ହୃଷ୍ଟପୁଷ୍ଟ ଥିଲେ, ସେଭଳି ଦେଖିପାରିଲି ନାହିଁ। ସେଦିନ ସେମାନଙ୍କୁ ଜୀର୍ଣ୍ଣଶୀର୍ଣ୍ଣ ଦେଖି ଯେତିକି କଷ୍ଟପାଇଲି, ଆନନ୍ଦ ମଧ୍ୟ ଲାଭକଲି। ଗୋଟିଏ ଦିନରେ ଗୋଟିଏ ବର୍ଷର ପରାର୍ଥପରତା ଆସେନାହିଁ।

ଆମେମାନେ ନଗଣ୍ୟ-ନିର୍ଦ୍ଧନ ଅଥଚ କ'ଣ କରିପାରିବା, – ଏହିଚିନ୍ତାରୁ ବିଦ୍ୟାଳୟର ପ୍ରତିଷ୍ଠା । ଚେଷ୍ଟା ସଫଳ ହେବକି ନାହିଁ, ଆଦର୍ଶ ଠିକ୍ ହୋଇଛି କି ନାହିଁ, କିଏ ଜାଣେ ! କିନ୍ତୁ ଏଇଟା ଠିକ୍, ପ୍ରେମ ବ୍ୟତୀତ ଆଉ କିଛି ଦେବାର ନାହିଁ ।

ଓଡ଼ିଶାର କେଉଁଠାରେ କର୍ମକ୍ଷେତ୍ର କରିବେ, ତାହା ଯୁବକମାନେ ବିବେଚନା କରିଥିଲେ । ଶେଷରେ ସତ୍ୟବାଦୀକୁ ନିର୍ବାଚନ କଲେ । ସାକ୍ଷୀଗୋପାଳ ଠାକୁରଙ୍କର ପ୍ରାୟ ୧୫୦ ବିଘା ଉପବନ, ବିଦ୍ୟାଳୟ ଲାଗି ଲାଭ ହୋଇପାରିଛି । ଏହା ଆଉ କେଉଁଠାରେ ସମ୍ଭବ ହୋଇପାରି ନ ଥାନ୍ତା । ସତ୍ୟବାଦୀର ଚାରିପାଖରେ ବ୍ରାହ୍ମଣଶାସନ । ଏହିସବୁ ଶାସନର ପିଲାମାନେ ଥିଲେ ବିଦ୍ୟାହୀନ । ଅନ୍ୟପିଲା ନ ମିଳିଲେ ମଧ୍ୟ ଏହିମାନଙ୍କୁ ପାଇହେବ । ନିକଟରେ ଶିକ୍ଷକମାନଙ୍କର ଘର । ଏଥିରେ ସେମାନଙ୍କ କାର୍ଯ୍ୟରେ ଅନ୍ତରାୟ ହେଉଛି । ପ୍ରଥମେ ପ୍ରଥମେ ନିର୍ଯାତନାର କାରଣ ହେଉଥିଲା । ସତ୍ୟବାଦୀରେ ସମାଗତ ଯାତ୍ରୀଙ୍କ ସେବାଦ୍ୱାରା ଏକପକ୍ଷରେ ଧର୍ମପ୍ରବୃତ୍ତ ଚରିତାର୍ଥ କରିବାର ସୁଯୋଗ ରହିଛି, ଅପରପକ୍ଷରେ ଛାତ୍ରମାନେ ଭାରତବର୍ଷକୁ ଦେଖିବାକୁ ପାଉଛନ୍ତି । ଆଉକିଛି ନ ହେଉ, ଦେଶର ଇତିହାସର ଏକ ଅଂଶ ପ୍ରତ୍ୟକ୍ଷ କରୁଛନ୍ତି ।


ଅବଶ୍ୟ ବର୍ଷାକାଳରେ ଉପବନରେ ସ୍କୁଲ ବସିପାରେ ନାହିଁ । ପୂର୍ବକାଳରେ ଦେଶରେ ବର୍ଷାଋତୁରେ କାହିଁକି ଚତୁର୍ମାସ୍ୟ ବ୍ରତ ଆରମ୍ଭ ହେଉଥିଲା, ତାହା ବୁଝିପାରିଲି । ସେତେବେଳେ ମେଘଗର୍ଜନ ହେଲେ ପଢ଼ା ହୋଇପାରୁ ନ ଥିଲା, କିଏ ଜାଣେ ଯଦି ବର୍ଷାହେବ ! ତା'ଛଡ଼ା ମେଘଗର୍ଜନ ସମୟରେ ହୃଦୟରେ ଭୟ ସୃଷ୍ଟିହୁଏ, ଅଧ୍ୟାପନାରେ ମନ ଲାଗେନାହିଁ । ମାସକୁମାସ ଦୁଇ ଅଷ୍ଟମୀ, ଦୁଇଟି ଚତୁର୍ଦ୍ଦଶୀ, ଦୁଇଟି ପ୍ରତିପଦ ଏବଂ ଗୋଟିଏ ଅମାବାସ୍ୟା ଏହି ସାତଦିନ ପାଠପଢ଼ା ହେଇନଥିଲା । ଏବେ ମାସକୁ ଚାରିଦିନ; କିନ୍ତୁ ସେହି ଚାରିଦିନ ଛାତ୍ରମାନଙ୍କର ଅତି ଅଧିକ ପାଠପଢ଼ାର ଦିନ !

ନିକଟବର୍ତ୍ତୀ ଗ୍ରାମରୁ ସତ୍ୟବାଦୀ ସ୍କୁଲକୁ ଛାତ୍ର ଆସନ୍ତି; ନହେଲେ ପ୍ରାତଃକାଳରେ ଓ ଅପରାହ୍ନରେ ସ୍କୁଲ୍ ବସିପାରନ୍ତା । ଯେମିତି ସବୁ ଛାତ୍ର କୁଳଗୃହରେ ବାସ କରିପାରିବେ, ସେଥିପାଇଁ ଉପାୟ କରାଯାଉଛି । ଉପାୟହେଲା ଦଶଟାରୁ ଚାରିଟା, ଏହି ଯେଉଁ ବିଦ୍ୟାଭ୍ୟାସର ଅସମୟ, ତାହା ଅବସାନ ହେବ । ଖାଇସାରିବା ପରେ ସ୍କୁଲକୁ ଧାଇଁବା, ଆଉ ସେଠାରେ ମସ୍ତିଷ୍କଚାଳନା ସ୍ୱାସ୍ଥ୍ୟର ଅନୁକୂଳ ନୁହେଁ । ବିଦ୍ୟାଳୟରେ କିମ୍ବା ଘରେ ପଢ଼ାପଢ଼ି ଲାଗି କ୍ଷୀଣ ଆଲୋକ ଭଲ ନୁହେଁ, ପ୍ରଖର ଆଲୋକ ମଧ୍ୟ ନୁହେଁ । ପ୍ରଥମ ଆଲୋକରେ ଆଖି ଥରିଉଠେ, କ୍ଷୀଣ ଆଲୋକରେ ବିକୃତ ହୁଏ । ଛାତ୍ରର ବାମଦିଗ ଆଡୁ ଆଲୁଅ ଆସିବ, କି ଦକ୍ଷିଣଦିଗ ଆଡୁ ଆସିବ । କେଉଁ ଦିଗର ଆଲୋକ ଆଖିପାଇଁ ଅନିଷ୍ଟକର ନୁହେଁ । ଅଧୁନା ବିଦ୍ୟାଳୟର ବିଚାରକମାନେ ତାହା ବିଚାର କରୁଛନ୍ତି । ଉପରୁ ଆଲୋକ ବିଛାଡ଼ି ହୋଇପଡ଼ିଲେ, ବିଶେଷତଃ ଗଛର ଡାଳପତ୍ର ମଧ୍ୟଦେଇ ଆସିଲେ ଆଖିକୁ କଷ୍ଟ ହୁଏନାହିଁ । ପୂର୍ବେ କେବଳ କଲେଜର ଛାତ୍ରମାନେ କେହିକେହି ଅତିପାଖରୁ

ଦେଖି ପାରୁଥିଲେ, ଏବେ ସ୍କୁଲର ପିଲାମାନେ ସେଭଳି । ଦେଶର ଯକ୍ଷ୍ମାରୋଗ ସଂପର୍କରେ ଅନୁସନ୍ଧାନ କରିଅଛନ୍ତି, ସେ ବିଦ୍ୟାଳୟ ମଧ୍ୟ ଦେଖୁଛନ୍ତି । ସେ ସତ୍ୟବାଦୀ ବିଦ୍ୟାଳୟର ଉପବନ-ବିଦ୍ୟାଳୟର ନାନାଦିଗରୁ ଚିତ୍ରନେଇ ଯାଇଛନ୍ତି ଏବଂ କହିଛନ୍ତି, ସବୁ ବିଦ୍ୟାଳୟ ଉପବନ ହୋଇପାରିଲେ, ଯକ୍ଷ୍ମାରୋଗର ଅନ୍ତତଃ ଗୋଟିଏ କାରଣ ଦୂର ହୋଇପାରନ୍ତା । ଛଅବର୍ଷ ପୂର୍ବରୁ ୧୨ ଜଣ ବାଳକଙ୍କୁ ନେଇ ସତ୍ୟବାଦୀ ସ୍କୁଲ୍ ଆରମ୍ଭ ହୋଇଥିଲା । ଏବେ ସେଠାରେ ପ୍ରାୟ ୪୦୦ ଛାତ୍ର । ଏହା ଦ୍ୱାରା ଶିକ୍ଷା ବିଷୟରେ ଦେଶର ଅଭାବ କିଛିଟା ପୂରଣ ହୋଇପାରିଛି । ଏହି ସ୍କୁଲ ଥରେ ଛିଡ଼ା ହୋଇଗଲେ ଓଡ଼ିଶାର ବିଭିନ୍ନସ୍ଥାନରେ ମଧ୍ୟ ବିଦ୍ୟାଳୟ ସ୍ଥାପନା ହୋଇପାରିବ । ଆଜିକାଲି କେବଳ ବଙ୍ଗରେ ନୁହଁ, ଭାରତର ସର୍ବତ୍ର 'ଶିକ୍ଷା' 'ଶିକ୍ଷା' ଧ୍ୱନି ଉଠିଅଛି । କିନ୍ତୁ କିଭଳି ଶିକ୍ଷାପାଇଲେ ଦେଶର ପିଲାମାନେ ମନୁଷ୍ୟ ହେବେ, ସେ ବିଷୟରେ ସେଭଳି ରବ ଶୁଣାଯାଉ ନାହିଁ । ସ୍କୁଲ ଦରକାର - କଲେଜ ଦରକାର; କିନ୍ତୁ କାହିଁକି ଦରକାର ? ଯାହା ଚାହୁଁଛୁ ତାହା ପାଇଛୁ କି ? ଅଧିକାଂଶ ସ୍କୁଲ ଗତାନୁଗତିକ ଧାରାରେ ଚାଲିଛି । କିନ୍ତୁ ପ୍ରାଣହୀନ ଯନ୍ତ୍ରବିଶେଷ । ଛାତ୍ରମାନେ ଯେ କିଛି ଶିଖିନାହାଁନ୍ତି, ଏପରି ନୁହେଁ । ଇଂରାଜୀ ଶିଖୁଛନ୍ତି, ବିଶ୍ୱବିଦ୍ୟାଳୟର ପରୀକ୍ଷା ପାର ହେଉଛନ୍ତି । ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା, ବନ୍ଧୁ ସ୍କୁଲ, କେବଳ ଉପର ଗୋଟିଏ ଦୁଇଟି ଶ୍ରେଣୀନୁହେଁ, ତଳଶ୍ରେଣୀର ମଧ୍ୟ ଆଦର୍ଶ ହୋଇପାରିଛି । ସ୍କୁଲର ଛାତ୍ରମାନେ 'ଲେକଚର' ଶୁଣନ୍ତି, ଘରକୁଯାଇ ମାଷ୍ଟର ମହାଶୟ ଓ ପଣ୍ଡିତ ମହାଶୟଙ୍କ ନିକଟରେ ପାଠପଢ଼ା ମୁଖସ୍ଥ କରନ୍ତି । ଅନେକ ସ୍କୁଲରେ ପିଲାମାନେ ବହିର ବୋଝ ବୋହିବୋହି କାତର ହୋଇପଡ଼ିଲେଣି । ଗୋଟିଏ ଇଂରାଜୀଭାଷା ଶିଖିବାପାଇଁ କେତେ ବ୍ୟାକରଣ, କେତେ ସାହିତ୍ୟ କେତେ ପୁସ୍ତକ, ବଙ୍ଗଳାରୁ ଇଂରାଜୀ ଅନୁବାଦ ଶିକ୍ଷା, ଇଂରାଜୀ ରଚନାଶିକ୍ଷା ଇତ୍ୟାଦି ଗଦ୍ୟ-ପଦ୍ୟ କେତେବହି ପଢ଼ିବାକୁ ହେଉଛି । ଏଭଳି ସ୍କୁଲ ଅଛି, ଯେଉଁଠାରେ ପ୍ରତିବର୍ଷ ବହି ବଦଳୁଛି; ପାଟୀଗଣିତ, ବୀଜଗଣିତର ବହି ମଧ୍ୟ ବଦଳୁଛି । ହଠାତ୍ ଦେଖିଲେ ଏହିସବୁ ପରିବର୍ତ୍ତନ ଜୀବନର ଲକ୍ଷଣବୋଲି ମନେହୁଏ । ମନେହୁଏ, ଶିକ୍ଷାର ଆଦର୍ଶ ପରିବର୍ତ୍ତନ ହୋଇଯାଉଛି । କି ଉପାୟରେ ଅଳ୍ପ ସମୟରେ ଛାତ୍ରମାନେ ପଣ୍ଡିତ ହୋଇପାରିବେ, ତାହାର ପରୀକ୍ଷା ଚାଲିଛି । କେହିକେହି କହନ୍ତି, ଅଧୁନା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଲଘୁ ହୋଇଯାଇଛି, ଏବଂ ସେହି କାରଣରୁ ବହୁ ଛାତ୍ର ହେଉଛନ୍ତି । ମୋର ମନେହୁଏ, ପରୀକ୍ଷା ଲଘୁ ହୋଇନାହିଁ, ପରୀକ୍ଷା ପାରହେବାର କୌଶଳ ଆବିଷ୍କୃତ ହୋଇଅଛି । ଚାରି ପାଞ୍ଚ ବର୍ଷ ଧରି ଯଦି ପ୍ରବେଶିକା ପରୀକ୍ଷା କପି କରାଯାଏ, ତା'ହେଲେ ସିଦ୍ଧିଲାଭ ହେବନାହିଁ କାହିଁକି ? ଉଦ୍ଦେଶ୍ୟ ଦେଖିଲେ, ପ୍ରଚଳିତ ଶିକ୍ଷାପଦ୍ଧତି ଯେ ଉତ୍କୃଷ୍ଟ, ତାହା ସ୍ୱୀକାର କରିବାକୁ ହେବ । କିନ୍ତୁ ମନୁଷ୍ୟର ଅଭାବ ଆକାଂକ୍ଷା ପରିବର୍ତ୍ତନ ହୋଇଛି; ପରୀକ୍ଷାପାରଗତା ଜୀବନର ଲକ୍ଷ୍ୟହୋଇ ନାହିଁ । ଏହିସବୁ ଭାବିଚିନ୍ତି ସତ୍ୟବାଦୀ ସ୍କୁଲର ଯୁବ-ଶିକ୍ଷକମାନେ

ବିଶ୍ୱବିଦ୍ୟାଳୟରେ ରହିବାପାଇଁ ଇଚ୍ଛାକରି ନାହାନ୍ତି । କିନ୍ତୁ ସ୍କୁଲରେ ପାଠପଢ଼ିଲେ ତ ହେବନାହିଁ, ସଂସାର ଅଛି । ଏହି କାରଣରୁ ବିଶ୍ୱବିଦ୍ୟାଳୟର ପ୍ରବେଶିକା ଲାଗି ପ୍ରାର୍ଥନା କରିଅଛନ୍ତି, ଏହିବର୍ଷରୁ ପାଇଛନ୍ତି । ତଥାପି ପ୍ରଚୁର ସ୍ୱାଧୀନତା ରକ୍ଷା କରିଅଛନ୍ତି । ଏହା ଖର୍ଚ୍ଚ ହୋଇଯିବା ଆଶଙ୍କାରେ ସରକାରୀ ଅର୍ଥ ସାହାଯ୍ୟ ଅଦ୍ୟାବଧି ଗ୍ରହଣ କରିନାହାନ୍ତି । ମାସିକ ବ୍ୟୟ ୫୦୦ ଟଙ୍କା, ୪୦୦ ଛାତ୍ରଙ୍କଠାରୁ ଉଠିଯାଉଛି । ଅର୍ଥ ଅଭାବରୁ ସବୁଦିଗ ପ୍ରତି ଧ୍ୟାନ ଦିଆଯାଇପାରୁ ନାହିଁ । କିନ୍ତୁ, ନାହିଁ ବୋଲି ବସିରହିଲେ ଚଳିବନାହିଁ । ବସ୍ତୁତଃ ଦେଶପକ୍ଷରେ ସ୍କୁଲର ପରୀକ୍ଷା, ଶିକ୍ଷାପଦ୍ଧତିର ପରୀକ୍ଷା ଆବଶ୍ୟକ ହୋଇଅଛି । ଦେଶର ଯାବତୀୟ ବାଳକ-ବାଳିକାଙ୍କୁ ଏକ ପକ୍ଷ ସଡ଼କରେ ଚଳାଇ ସେମାନଙ୍କ ମନରୁ ଅନ୍ୟରାସ୍ତାରେ ଚାଲିବାର ସମ୍ଭାବନା ଲୁପ୍ତ ହୋଇଅଛି । ଏମିତି କେହି ନାହାନ୍ତି, ଯିଏ କହିପାରିବେ, ସେ ଯେଉଁ ଉଦ୍ଭାବନ କରିଛନ୍ତି, ସେଥିରେ ହିଁ ସମସ୍ତ ସିଦ୍ଧିଲାଭ ହୋଇପାରିବ । ସ୍କୁଲର ବିଷୟ, ସ୍କୁଲର ଇନ୍‌ପେକ୍ଟରଙ୍କଠାରୁ ସରକାରୀ ଶିକ୍ଷାବିଭାଗର ଡିରେକ୍ଟର ସାହେବଙ୍କ ପର୍ଯ୍ୟନ୍ତ ସମସ୍ତେ ହିଁ ସତ୍ୟବାଦୀ ସ୍କୁଲ୍‌ର ପ୍ରଶଂସା କରିଅଛନ୍ତି । ଦୁଇମାସ ହେଲା, ସତ୍ୟବାଦୀ ସ୍କୁଲରୁ ‘ସତ୍ୟବାଦୀ’ ନାମକ ଏକ ମାସିକପତ୍ର ପ୍ରକାଶିତ ହେଉଅଛି । ମୀନ ମାସର ‘ସତ୍ୟବାଦୀ’ରୁ କିଞ୍ଚିତ ଉଦ୍ଧାର କରୁଅଛି - ଏହାର ବଙ୍ଗଳା ଅନୁବାଦର ଆବଶ୍ୟକତା ନାହିଁ - ‘ ଭାରତ ଆଜି ନାନାବିଧ ଦୁଃସହ ଦୂର୍ବିପାକ ଭୋଗ କରୁଅଛି । ଏ ସମୟରେ ଏ ଦେଶରେ ଅନ୍ୟକୁ କେହି କେହି ଅତିଶୟ ମନେ କରିପାରନ୍ତି । କିନ୍ତୁ ପ୍ରକୃତ ବିଶ୍ୱାସୀ ଏବଂ ସ୍ୱଦେଶବତ୍ସଳ ପ୍ରାଣପକ୍ଷରେ ଭାରତରେ ଜନ୍ମଲାଭ କରିବା ଚିରସ୍ପୃହଣୀୟ । ବିଶ୍ୱସେବା ନିମନ୍ତେ ଭାରତ ପ୍ରଶସ୍ତକ୍ଷେତ୍ର । ଭାରତୀୟ ଆର୍ଯ୍ୟମାନେ ଚିନ୍ତାଦ୍ୱାରା ଏବଂ କାର୍ଯ୍ୟଦ୍ୱାରା ବହୁ ପୁରାତନକାଳରୁ ବିଶ୍ୱପ୍ରାଣତା ଲାଭକରିବା ଲାଗି ଯେପରି ପ୍ରୟାସ ଦେଖାଇଅଛନ୍ତି ଏବଂ ଫଳରେ ଏଥିରେ ଯେତେଦୂର କୃତିତ୍ୱ ଲଭିଅଛନ୍ତି, ତାହା ଅନ୍ୟତ୍ର ଦେଖାଯାଏ ନାହିଁ ।’ ନିଜପ୍ରତି ବିଶ୍ୱାସ ଏବଂ ସେବାଧର୍ମରେ ବିଶ୍ୱାସ ଥିଲେ, ଅସାଧ୍ୟ ସାଧନ ହୋଇପାରେ ।

❐



ନୋବେଲ ବିଜେତା ଲାସ୍‌ଲୋ କ୍ରାଶନାହୋରକାଇ: ବିନାଶ ଓ ପୁନର୍ନିର୍ମାଣର ଅବିସମ୍ବାଦିତ ଭାଷ୍ୟକାର



ଡ. ସୁକାନ୍ତି ମହାପାତ୍ର

ଅଧ୍ୟାପିକା, ଇଂରାଜୀ ବିଭାଗ
ଚରଂପା ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୮୬୭୨୬୫୪

୨୦୨୫ ମସିହାର ନୋବେଲ ସାହିତ୍ୟ ପୁରସ୍କାର ଘୋଷଣା , ବିଶ୍ୱ ସାହିତ୍ୟିକ ସମୁଦାୟକୁ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ପ୍ରଦାନ କରିଥିଲା ଯେ ସ୍ୱିଡିଶ୍ ଏକାଡେମି ଜଟିଳତା, ଔପଚାରିକ ଚରମପନ୍ଥା ଏବଂ ବିଶ୍ୱବ୍ୟାପୀ ନୈରାଶ୍ୟ ସହ ଗଭୀର ଏବଂ ନିର୍ଭୀକ ସମ୍ମୁଖୀନତାକୁ ସ୍ୱୀକାର କରିଛି । ଅକ୍ଟୋବର ୯ ତାରିଖ ୨୦୨୫ ଦିନ ହଙ୍ଗେରୀୟ ଲେଖକ ଲାସଲୋ କ୍ରାଶନାହୋରକାଇଙ୍କୁ ନୋବେଲ ବିଜେତା ଭାବେ ଘୋଷଣା କରାଗଲା । ୨୦୦୨ ରେ ଇମରେ କେରଟେଶ୍‌ଙ୍କ ପରେ ସେ ହେଉଛନ୍ତି ହଙ୍ଗେରୀର ଦ୍ୱିତୀୟ ନୋବେଲ ବିଜେତା । ସମାଲୋଚକଙ୍କ ମଧ୍ୟରେ ଆଲୋଡ଼ନ ଖେଳିଗଲା ଯେ ବର୍ତ୍ତମାନ ସମୟର ପୃଥିବୀବ୍ୟାପୀ ଗଭୀର ଅସ୍ଥିରତା ଓ ଉତ୍ତେଜନା ପରିପ୍ରେକ୍ଷୀରେ ଏପରି ଜଣେ ଅସାଧାରଣ

ଭାବେ ପ୍ରୟୋଗାତ୍ମକ ଲେଖକଙ୍କ ନୋବେଲ ପୁରସ୍କାର ପାଇଁ ନିର୍ବାଚନ ବେଶ୍ ସମୟୋଚିତ ।

ସ୍ୱିଡିସ୍ ଏକାଡେମୀ ତରଫରୁ ଲେଖକଙ୍କ ସଂପର୍କରେ କୁହାଯାଇଛି -ି - "କ୍ରାଶନାହୋରକାଇଙ୍କର ଆକର୍ଷଣୀୟ ଓ ଦୂରଦୃଷ୍ଟିସମ୍ପନ୍ନ ଶିଳ୍ପକୃତି, ବିନଷ୍ଟିର ଭୟଙ୍କରିତା ମଧ୍ୟରେ କଳାର ଶକ୍ତିକୁ ପୁନଃସ୍ଥାପିତ କରେ ।"("For his compelling and visionary oeuvre that, in the midst of apocalyptic terror, reaffirms the power of art".) ଏଇ ବାକ୍ୟରେ କ୍ରାଶନାହୋରକାଇଙ୍କ ସାମଗ୍ରୀକ କୃତିର ବିଶ୍ଳେଷଣ ଅନ୍ତର୍ନିହିତ । "Apolocalyptic terror" ତାଙ୍କ ରଚନାର ପ୍ରମୁଖ ଭାବବସ୍ତୁ । ତାଙ୍କର 'satantango' ଏବଂ "The Melancholy of Resistance" ଉପନ୍ୟାସଗୁଡ଼ିକରେ ସାମାଜିକ ଧ୍ୱଂସ ଓ ଆସନ୍ନ ପତନର ସାର୍ବଜନୀନ ଅନୁଭୂତିକୁ ଏହା ସ୍ୱୀକାର କରେ । ଏଥିପାଇଁ ଆମେରିକୀୟ ସମାଲୋଚକ Susan Sontag ତାଙ୍କୁ "ଆପୋଲୋକାଲିପ୍ସର ମାଷ୍ଟର" ଆଖ୍ୟା ଦେଇଛନ୍ତି ।

ପୁରସ୍କାର ଗ୍ରହଣ ପରେ କ୍ରାଶନାହୋରକାଇ ନିଜେ ଏଇ ଦାର୍ଶନିକ ଆଧାରକୁ ଉପସ୍ଥାପିତ କରିଥିଲେ । ତାଙ୍କ ବକ୍ତବ୍ୟରେ ସେ କହିଥିଲେ-କଳ୍ପନା ବ୍ୟତୀତ ଜୀବନ ମୂଳତଃ ଭିନ୍ନ ଅର୍ଥ ବହନ କରେ । ପୁସ୍ତକ ପଢ଼ିବା, ତହିଁରୁ ବିମଳ ଆନନ୍ଦ ଆହରଣ କରିବା ଏବଂ ନିଜ ଜୀବନକୁ ସମୃଦ୍ଧ କରିବା ବାସ୍ତବିକ ଆମକୁ ପୃଥିବୀରେ ପ୍ରତିନିୟତ ଘଟୁଥିବା ଅନେକ କଠିନ ସମୟକୁ ଅତିକ୍ରମ କରିବା ଓ ସମ୍ମୁଖୀନ ହେବାର ଶକ୍ତି ପ୍ରଦାନ କରିଥାଏ । ଏଥିରୁ ପ୍ରମାଣିତ ହୁଏ ଯେ ଲେଖକ ପାଇଁ କଳା ଏକ ବିଳାସ ନୁହେଁ, ଏହା ସାଂପ୍ରତିକ ପରିସ୍ଥିତିରେ ଦେଖାଯାଉଥିବା ବିଶ୍ୱବ୍ୟାପୀ ଅସ୍ଥିରତାକୁ ସହ୍ୟକରି ତିଷ୍ଠି ରହିବାର ଏକ ପ୍ରଧାନ ଉପକରଣ ।

ଲାସଲୋ କ୍ରଶନାହୋରକାଇ ୧୯୫୪ ମସିହା ଜାନୁୟାରୀ ମାସ ୫ ତାରିଖରେ ପୂର୍ବ ହଙ୍ଗେରୀର ଗ୍ୟୁଲାଠାରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜାୟୋଜି କ୍ରାଶନାହୋରକାଇ ବୃତ୍ତିରେ ଥିଲେ ଓକିଲ ଏବଂ ମାତା ଜୁଲିଆ ପାଲିଙ୍କାସ୍ ଜଣେ ସାମାଜିକ ସୁରକ୍ଷା ପ୍ରଶାସନିକ ଅଧିକାରୀ ।

ଲାସଲୋ ହୋରକାଇ ଏକ ସାକ୍ଷାତକାରରେ କହିଛନ୍ତି ଯେ ତାଙ୍କ ପିତାଙ୍କ ଆଡୁ ତାଙ୍କର ଇହୁଦୀ ସଂପର୍କ ରହିଛି । ପିତା ତାଙ୍କୁ ଏଗାର ବର୍ଷ ହେବାଯାଏଁ ଏହା ଗୋପନ ରଖିଥିଲେ । ଲାସଲୋ ୧୯୬୮ ରୁ ୧୯୭୨ ପର୍ଯ୍ୟନ୍ତ ଏରକେଲ ଫେରେକ ହାଇସ୍କୁଲରେ ଅଧ୍ୟୟନ କରିଥିଲେ । ଲାଟିନ୍ ଭାଷାରେ ତାଙ୍କର ଦକ୍ଷତା ଥିଲା ଏବଂ ଜଣେ ପିଆନୋବାଦକ ଭାବରେ ସେ ବିଭିନ୍ନ ସଙ୍ଗୀତରେ ସ୍ୱର ଦେଇ ପାରୁଥିଲେ । ବାଧ୍ୟତାମୂଳକ ସାମରିକ ସେବାକ୍ଷେତ୍ରରେ ଏକ ବର୍ଷ କାମ କଲାପରେ ସେ ଜୋସେଫ୍

ଆଟିଲା ବିଶ୍ୱବିଦ୍ୟାଳୟରେ ଆଇନ୍ ପଢ଼ିବାକୁ ଆରମ୍ଭ କରିଥିଲେ । ମାତ୍ର ତିନି ସପ୍ତାହ ପରେ ତାଙ୍କୁ ଏହା ଭଲ ନ ଲାଗିବାରୁ ପଢ଼ା ସ୍ଥଗିତ ରଖିଲେ । ପୁନର୍ବାର ସାମରିକ ସେବାରେ ଯୋଗ ନ ଦେବା ପାଇଁ ସେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ ଏବଂ ଶେଷରେ ଏଟ୍ଭସ୍ ଲନାର୍ଡ ବିଶ୍ୱବିଦ୍ୟାଳୟରେ ୧୯୭୮ ଯାଏଁ ଆଇନ୍ ଅଧ୍ୟୟନ କରିଥିଲେ । ବ୍ୟକ୍ତିଗତ ଜୀବନରେ କ୍ରାଶନାହୋରକାଇ ଦୁଇଥର ବିବାହ କରିଛନ୍ତି । ପ୍ରଥମେ ୧୯୯୦ ରେ ଆନିକୋଙ୍କୁ ଓ ପରେ ୧୯୯୭ ରେ ଛାଡ଼ପତ୍ର ଦେବାପରେ ଡୋରା କୋପସାନାୟିଙ୍କୁ । ସେ ତିନୋଟି କନ୍ୟାସନ୍ତାନର ପିତା । ତାଙ୍କର ଝିଅ ଆଗ୍ନେସ ଜଣେ ଲୋକପ୍ରିୟ ଅଭିନେତ୍ରୀ ।

ପାଠପଢ଼ା ଶେଷ ହେବାପରେ ହୋରକାଇ ଲେଖକ ଜୀବନର ଶୁଭାରମ୍ଭ କରିଥିଲେ 'Satantango' ଉପନ୍ୟାସରୁ ଯାହା ୧୯୮୫ ମସିହାରେ ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିବା ସହିତ ତାଙ୍କୁ ହଙ୍ଗେରୀ ସାହିତ୍ୟର ଜଣେ ଆଗଧାଡ଼ିର ଲେଖକ ଭାବରେ ପରିଚିତି ପ୍ରଦାନ କରିଥିଲା । ଏଇ ଉପନ୍ୟାସର ଇଂରାଜୀ ଭାଷାନ୍ତର ପାଇଁ ପରେ ତାଙ୍କୁ ଶ୍ରେଷ୍ଠ ଅନୁଦିତ ପୁସ୍ତକ ପୁରସ୍କାର ମିଳିଥିଲା ।

ତାଙ୍କର ଦ୍ୱିତୀୟ ଉପନ୍ୟାସ 'The Melancholy of Ressistance' (୧୯୮୯) ପାଇଁ ତାଙ୍କୁ ଜର୍ମାନର 'Bestenliste-Prize' ୧୯୯୩ ର ଶ୍ରେଷ୍ଠ ସାହିତ୍ୟିକ କଳାକୃତି ଭାବରେ ପ୍ରଦାନ କରାଯାଇଥିଲା । ୧୯୯୬ ରେ ସେ ବର୍ଲିନ୍‌ର 'Wissenschaftskolleg' ରେ 'Fellow' ଭାବରେ ଯୋଗ ଦେଇଥିଲେ । ତାଙ୍କର ସାମଗ୍ରିକ ସୃଷ୍ଟି ମଧ୍ୟରେ ଏଗାରଟି ଉପନ୍ୟାସ, ଚାରିଟି ଉପନ୍ୟାସିକା, ଦୁଇଟି ଗଳ୍ପ ସଂକଳନ, ଅନେକ କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଆଦି ରହିଅଛି । ତାଙ୍କର ଛଅଟି ଉପନ୍ୟାସ ଚଳଚିତ୍ରରେ ରୂପାନ୍ତରିତ ହୋଇଛି ଏବଂ ଅପେରା ନାଟକରେ ମଧ୍ୟ ସ୍ଥାନ ପାଇଛି ।

କ୍ରାଶନାହୋରକାଇଙ୍କ ସାହିତ୍ୟିକ ଜୀବନଯାତ୍ରା ଏକ ଅବିରତ ଅନୁସନ୍ଧାନ, ବିନାଶ, ପତନ ଏବଂ ଶୂନ୍ୟତାର ସମ୍ମୁଖୀନ ହେବାବେଳେ ମାନବଜାତିର ଅଜଣା, ଅନ୍ଧକାରମୟ ଓ ହାସ୍ୟାସ୍ପଦ ବ୍ୟବହାରର ଗଭୀର ଅଧ୍ୟୟନ ଓ ଅନୁଶୀଳନ ।

ତାଙ୍କର ବିଶ୍ୱସ୍ତରୀୟ ମର୍ଯ୍ୟାଦା ପାଇଥିବା କୃତିଗୁଡ଼ିକ ଏକ ବାସ୍ତବ କାହାଣୀର ଗତିପଥକୁ ଅନୁସରଣ କରେ । ସାଂପ୍ରତିକ ରାଜନୈତିକ ନିରାଶାରୁ ଆରମ୍ଭକରି ଏକ ସାର୍ବଜନୀନ ଆଧ୍ୟାତ୍ମିକ ପ୍ରଳୟ ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କ କାହାଣୀର ଭାବଧାରା ।

ତାଙ୍କର ପ୍ରସିଦ୍ଧ କୃତିଗୁଡ଼ିକର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

ବର୍ଷ(ମୂଳ ଓ ଅନୁବାଦ)	ଉପନ୍ୟାସର ନାମ	ସାହିତ୍ୟଧାରା (genre)
୧୯୮୫(୨୦୧୨)	ସାତାନଙ୍ଗୋ (satango)	ଉତ୍ତର ଆଧୁନିକ ମହାକାବ୍ୟ
୧୯୮୯(୧୯୯୮)	Az ellena'lla's melanko'liaja	Dystopia

	The melacholy of Resistance	Apolocalyptic Comedy /Horror Fantasy
୧୯୯୯(୨୦୦୬)	Ha'boru' is Ha'boru' (War & War)	Labyrinthine Existance Novel ଜଟିଳ ଅସ୍ତିତ୍ୱବାଦୀ ଉପନ୍ୟାସ ।
୨୦୧୬(୨୦୧୮)	Baron Wenckheim's Home coming	ବିଭସ୍ ଉପନ୍ୟାସ (Grotesque Novel)
୨୦୨୧(୨୦୨୪)	Herscht 07769	ବିନାମର ସତର୍କତା । ଦାର୍ଶନିକ ଉପନ୍ୟାସ

ଏଥିରୁ କିଛି ଉପନ୍ୟାସମାନଙ୍କର କାହାଣୀ ଏଇପରି:

ସାତନତାଙ୍ଗୋ (1985)-The False Messiah - ପ୍ରବଞ୍ଚକ ମୁକ୍ତିଦାତା –

ଏହା ଏକ ସ୍ମରଣଶୀଳ ଉପନ୍ୟାସ, ଯାହା କମ୍ୟୁନିଜମ୍‌ର ପତନପୂର୍ବ ଅବଧିକୁ ଆଧାର କରି ରଚିତ । ଏଥିରେ ଏକ ପରିତ୍ୟକ୍ତ ସମୂହ କୃଷିକ୍ଷେତ୍ରରେ ବାସ କରୁଥିବା ଦରିଦ୍ର ମଣିଷମାନଙ୍କ ଦୁଃଖଦ ଜୀବନକୁ ଖୁବ୍ ଶକ୍ତିଶାଳୀ ଭାବେ ଚିତ୍ରିତ କରାଯାଇଛି ।

ଉପନ୍ୟାସର ନାଟ୍ୟାତ୍ମକ କେନ୍ଦ୍ରବିନ୍ଦୁ ହେଉଛି ଇରିମିଆସ ଓ ତାଙ୍କ ସାଥୀ ପେଟ୍ରିନାଙ୍କ ପୁନଃଆଗମନ – ସେମାନେ ହେଲେ ଆକର୍ଷଣୀୟ ପ୍ରବଞ୍ଚକ ଯେଉଁମାନଙ୍କୁ ସରଳ ଲୋକମାନେ ଆଶାବାଦୀ ଶୁଣାଉଥିବା,ଶେଷ ନ୍ୟାୟତ୍ୱରେ ସନ୍ଦେଶବାହକ ଭାବେ ଧରିନିଅନ୍ତି । ଇରିମିଆସ୍ ହେଉଛି ଏଇ ଉପନ୍ୟାସର 'satanic element'ବା ଶୈତାନ୍ ପ୍ରତିଭୁ । ସମାଜର ଆଶା, ଅନ୍ଧବିଶ୍ୱାସ ଓ ଭ୍ରମାତ୍ମକ ନୈତିକତାକୁ ସେ ନିଜ ସ୍ୱାର୍ଥସାଧନ ପାଇଁ ବ୍ୟବହାର କରେ । ଏଇ ଉପନ୍ୟାସଟି ଏକ ମୌଳିକ ତର୍କ ପ୍ରତିଷ୍ଠା କରେ– ଯେତେବେଳେ ବିଶ୍ୱ ଆର୍ଥିକ ଓ ରାଜନୈତିକ ନୈରାଶ୍ୟର ଅନ୍ଧକାରରେ ନିମଜ୍ଜିତ, ସେତେବେଳେ ସେଇ ଶୂନ୍ୟତାକୁ ଭରିବାପାଇଁ କିଛି ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରବଞ୍ଚକ ଉଦ୍ଧାରକାରୀ ଭାବେ ନିଜକୁ ପ୍ରତିପାଦିତ କରି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାନ୍ତି ଓ ସେ ଲୋକମାନଙ୍କର ଏଇ ଆକର୍ଷକୀୟ ତଥାକଥିତ ମୁକ୍ତିଦାତାଙ୍କ ପ୍ରତି ଭରସା ଶେଷରେ ସେମାନଙ୍କ ପତନର କାରଣ ହୁଏ, ଯାହା ଆହୁରି ଅଧିକ ପ୍ରବଞ୍ଚନାକୁ ପ୍ରଶ୍ରୟ ଦେଇଥାଏ ।

(୧୯୮୯) The Melancholy of Resistance- (ଦ ମେଲାଂକୋଲି ଅଫ୍ ରେଜିଷ୍ଟାନ୍ସ) (The Grotesque and the Feverish)- ବିକୃତ ଏବଂ ଜ୍ୱରାକ୍ରାନ୍ତ ଜଗତ– ଏହି ଉପନ୍ୟାସଟି କ୍ରାଶାନହୋରକାଇଙ୍କୁ ଅନ୍ତର୍ଜାତୀୟ ପ୍ରସିଦ୍ଧି ଆଣିଦେଇଥିଲା । ସ୍ୱିଡିଶ୍ ଏକାଡେମି ଏହାକୁ "ଜ୍ୱରାକ୍ରାନ୍ତ ଭୟଙ୍କର କଳ୍ପନା" ଏବଂ ଏକ 'ପ୍ରଳୟାତ୍ମକ କମେଡି' ବୋଲି ବର୍ଣ୍ଣନା କରିଛି ।

ଉକ୍ତ ଉପନ୍ୟାସର ଘଟଣାକ୍ରମ ସୋଭିଏତ୍‌ର ପତନ ପରେ ଏକ ଛୋଟ

ହଙ୍ଗେରିଆନ୍ ସହରରେ ଘଟିଛି ଯେଉଁଠି ଏକ ଆଧିଭୌତିକ ସର୍କସ ଏକ ବିଶାଳକାୟ ତିମିର ମୃତଦେହକୁ ପ୍ରଦର୍ଶନ କରିଛି ଏବଂ ଏହା ସେଇ ସମାଜର ମନୋବୈଜ୍ଞାନିକ ଉଦ୍‌ବେଗ ଓ ହିଂସ୍ରଶକ୍ତିକୁ ଜାଗରିତ କରିଛି । କ୍ରମଶଃ ଏହା ଏକପ୍ରକାର ଅସନ୍ତୁଳିତ ଓ ଅନିୟନ୍ତ୍ରିତ ଅସ୍ଥିରତାର ପରିବେଶ ସୃଷ୍ଟି କରିଛି, ଏପରିକି ସୈନ୍ୟବାହିନୀର ହସ୍ତକ୍ଷେପ ମଧ୍ୟ ଶୃଙ୍ଖଳା ଆଣିପାରିବନାହିଁ ।

ସାମାଜିକ ଅଧଃପତନ ମଧ୍ୟରେ ଲୋକମାନଙ୍କର ଅପରିଣାମଦର୍ଶୀ ବ୍ୟବହାରକୁ କଳାତ୍ମକ ଭାବରେ ହାସ୍ୟରସ ମଧ୍ୟରେ ଚିତ୍ରିତ କରାଯାଇଛି, ଯାହା ନୈରାଶର ଅସମ୍ଭବ ଓ ହାସ୍ୟାସ୍ପଦ ଦିଗଉପରେ ଆଲୋକପାତ କରିଛି । ଏଥିରେ ଲେଖକ ସ୍ଥାନୀୟ ରାଜନୈତିକ ଅବନତିରୁ ଉତ୍ତରିତ ହୋଇ ସାର୍ବଜନୀନ ସମାଜ ବ୍ୟବସ୍ଥାର ଅବସାଦକୁ ଦର୍ଶାଇଛନ୍ତି ।

Art as Salvation- ମୋକ୍ଷ ପାଇଁ କଳାର ପ୍ରୟୋଗ-୨୦୨୧ ରେ ପ୍ରକାଶିତ ଏଇ ଉପନ୍ୟାସଟି ଭିନ୍ନସ୍ୱାଦର ସୃଷ୍ଟି ତେଣୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏଥିରେ ପ୍ରଳୟ ଧାରଣାକୁ ସାମାନ୍ୟ ରାଜନୈତିକ ବା ସାମାଜିକ ସମାଲୋଚନାରୁ ଉଦ୍‌ବର୍ତ୍ତିତ କରି ଏକ ଆଧ୍ୟାତ୍ମିକ ଚେତାବନୀରେ ପରିଣତ କରାଯାଇଛି । ଏହି ଉପନ୍ୟାସର ମୁଖ୍ୟ ଚରିତ୍ର ଫ୍ଲୋରିଆନ୍ ହର୍ଷ୍ଟ- ଜଣେ ଭଦ୍ର ଗ୍ରାଫିଟି କ୍ଲିନର୍ (ଭିତ୍ତିଚିତ୍ର ପରିଷ୍କାର କରୁଥିବା ବ୍ୟକ୍ତି), ଯିଏ ଥୁରିଙ୍ଗେନ୍‌ରେ (ପ୍ରସିଦ୍ଧ ସଙ୍ଗୀତକାର J.S. Bachଙ୍କ ଜନ୍ମସ୍ଥାନ) ବାସକରେ । ସେ ବିଶ୍ୱାସ କରେ ଯେ ସମସ୍ତ ବ୍ରହ୍ମାଣ୍ଡ ନିଜ ଚରମ ପର୍ଯ୍ୟାୟରେ ପହଞ୍ଚିଛି । ଫ୍ଲୋରିଆନ୍ ଚାନ୍‌ସେଲର୍ ଆଞ୍ଜେଲା ମର୍କେଲ୍‌ଙ୍କୁ ଏକଧାଡ଼ିର ଗୋଟିଏ ଚିଠି ଲେଖି ଏଇ ଭୟଙ୍କର ପରିଣତି ସମ୍ବନ୍ଧରେ ସଚେତନ କରେଇଛି । ଏଇ ନୈରାଶ୍ୟ ମଧ୍ୟରେ J.S. Bachଙ୍କ ସଙ୍ଗୀତର ଯାଦୁ ଏକ ଆଧ୍ୟାତ୍ମିକ ଆଶ୍ୱାସନା ଆଣିଦିଏ ।

ଏଇ କଳାତ୍ମକ ଚୟନ ନୋବେଲ୍ ପୁରସ୍କାର ପ୍ରଦାନ ବେଳର ଶେଷ ଉକ୍ତିକୁ ସାର୍ଥକ କରେ-ଯେତେବେଳେ ସମସ୍ତ ରାଜନୈତିକ ଗଠନ ଭାଙ୍ଗିପଡ଼େ,ଯେତେବେଳେ ବ୍ରହ୍ମାଣ୍ଡ ସ୍ୱୟଂ ବିଘଟିତ ହୁଏ, ସେତେବେଳେ କଳା-ଯେପରିକି Bachଙ୍କ ସଙ୍ଗୀତର ସୌନ୍ଦର୍ଯ୍ୟ ଓ ଶୃଙ୍ଖଳା- ମାନବ ସମାଜ ପାଇଁ ଅନ୍ତିମ ଓ ସବୁଠୁ ବେଶି ଆବଶ୍ୟକ ଆଧ୍ୟାତ୍ମିକ ଉପାଦାନ ହୋଇ ଉଭାହୁଏ ।

ଲାସ୍‌ଲୋ କ୍ରାଶନାହୋରକାଇଙ୍କ ସାହିତ୍ୟିକ ଯାତ୍ରାର ଏକ ବିଶେଷ ଓ ଅନନ୍ୟ ଅଧ୍ୟାୟ ହେଉଛି ହଙ୍ଗେରିଆନ୍ ଚଳଚିତ୍ର ନିର୍ଦ୍ଦେଶକ ବେଲାଟାର୍‌ଙ୍କ ସହିତ ତାଙ୍କର ଗଭୀର ସୃଜନଶୀଳ ବନ୍ଧୁତ୍ୱ । ୧୯୮୪ରୁ ଆରମ୍ଭ ହୋଇଥିବା ଏହି ସହଯୋଗଠାରୁ Damnation (୧୯୮୮) Sanatango(1994) ଓ Werckmeister Harmonies (୨୦୦୦) ପରି ଅବିସ୍ମରଣୀୟ ଚଳଚିତ୍ରମାନ ଜନ୍ମନେଇଛି । ଏହି ସମସ୍ତ ଚଳଚିତ୍ର ତାଙ୍କର ଅସାଧାରଣ କଳ୍ପଦୃଷ୍ଟି, ଗଭୀର ଦାର୍ଶନିକ ଭାବଚେତନା ପାଇଁ ବିଶ୍ୱମୟ ସମାଲୋଚକ ଓ


ସିନେମାପ୍ରେମୀଙ୍କ ମଧ୍ୟରେ ତାଙ୍କୁ ଜଣେ 'legend' ବା କିମ୍ବଦନ୍ତୀର ନାୟକ ଆଖ୍ୟା ଦେଇଛି ।

କ୍ରାଶାନାହୋରକାଇଙ୍କ ଦ୍ୱାରା ସୃଷ୍ଟ ନିରବିଚ୍ଛିନ୍ନ ବାକ୍ୟବିନ୍ୟାସ ଯେପରି ଭାବନା ଓ ସମୟକୁ ଧୀରେ ଧୀରେ ସଂଚିତ କରେ, ବେଲାଟାର୍‌ଙ୍କ ମନ୍ଥର, ଲମ୍ବା ଓ ଅବିଚ୍ଛିନ୍ନ ଶଟ୍‌ଗୁଡ଼ିକ ସେଇପରି ତାହାକୁ ଚଳଚିତ୍ରରେ ରୂପାନ୍ତରିତ କରେ । ସେଠାରେ ଜଣେ ଦର୍ଶକ ମାନବୀୟ ଅନୁଭବ ଓ ବିନାଶର ନିର୍ମମ ମୁହୂର୍ତ୍ତ ସହିତ ମୁହାଁମୁହିଁ ହେବାକୁ ବାଧ୍ୟ ହୋଇଥାଏ ।

୨୦୨୫ ଅକ୍ଟୋବର ୯ ତାରିଖରେ ଲାସ୍‌ଲୋ କ୍ରାଶାନାହୋରକାଇଙ୍କୁ ନୋବେଲ୍ ସାହିତ୍ୟ ପୁରସ୍କାର ତାଙ୍କ ସୁଦୀର୍ଘ ସାରସ୍ୱତ ଯାତ୍ରାର ଶ୍ରେଷ୍ଠ ପରିଣତି । ଏକ ଅନୁଶାସିତ ପରୀକ୍ଷଣ ଓ ନିର୍ଦ୍ଦୟ ଅନ୍ଧକାରମୟ ଥିମ୍ ଉପରେ ନିର୍ମିତ ସାହିତ୍ୟ ସୌଧର ସର୍ବୋଚ୍ଚ ସ୍ୱୀକୃତି । ଏହା ଦୁଇଦଶକ ଧରି ତାଙ୍କର କ୍ରମବର୍ଦ୍ଧମାନ ଅନ୍ତର୍ଜାତୀୟ ମାନ୍ୟତା ଓ ପ୍ରମୁଖ ସମ୍ମାନମାନଙ୍କର ସଫଳ ପରିଣତି । ବିଶେଷକରି ୨୦୦୦ ମସିହାରେ The Melancholy of Resistance ର ଇଂରାଜୀ ଅନୁବାଦ ପରେ ସେ ବିଶ୍ୱସ୍ତରରେ ବିପୁଳ ଖ୍ୟାତି ଲାଭ କରିଥିଲେ । ପରେ ସେ Man Booker International Prize (୨୦୧୫) ଏବଂ National Book Award for Translated Literature (୨୦୧୯) Baron Weckheim's Homecoming ପାଇଁ ଲାଭ କରିଥିଲେ ।

ପରିଶେଷରେ କିଛି ଅସାଧାରଣ ଅନୁବାଦକଙ୍କ ସମ୍ବନ୍ଧରେ କିଛି ନ କହିଲେ ଏହି ଆଲେଖ୍ୟଟି ଅସମ୍ପୂର୍ଣ୍ଣ ରହିଯିବ । ବିଶେଷକରି ଜର୍ଜ ସିର୍ଟେସ (George Szirtes) ଓ ଅଟିଲି ମୁଲଜେଟ୍ (Otili Mulzet) କ୍ରାଶାନାହୋରକାଇଙ୍କର ଜଟିଳ, ଦୀର୍ଘ ଏବଂ କମା-ଘନ ହଙ୍ଗେରିଆନ୍ ପଦ୍ୟଶୈଳୀକୁ ଇଂରାଜୀରେ ସହଜ ଓ ସାଙ୍ଗୀତିକ ଉଚ୍ଛଳତା ବଜାୟରଖି ଅନୁବାଦ କରିବା ନିଶ୍ଚିତ ଭାବରେ ଏକ ଅସାମାନ୍ୟ ଚ୍ୟାଲେଞ୍ଜ । ତେଣୁ ଏହି ନୋବେଲ୍ ସମ୍ମାନ କେବଳ ଲେଖକଙ୍କ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱର ସୃଜନଶୀଳ ଅନୁବାଦକଙ୍କ ପାଇଁ ସମ୍ମାନନୀୟ ସ୍ୱୀକୃତି । ଏହି ସମସ୍ତ ପ୍ରୟାସକୁ New Directions ପରି ସ୍ୱାଧୀନ ପ୍ରକାଶକମାନେ ସମର୍ଥନ କରିଥିଲେ ଯାହା ନୋବେଲ୍ ପୁରସ୍କାରର ନିର୍ଣ୍ଣାୟକ ମାଧ୍ୟମ ଥିଲା ।

❐



ନିଃସଙ୍ଗ କବିଃ ସ୍ମିତିବାଦୀ କମଳାକାନ୍ତ



ଡ. କୁଞ୍ଜବିହାରୀ ଧଳ

ଠିକଣା: ବି ୧/ ସଡ଼କ-୧୬
ସେକ୍ଟର-୪- ଭିଲାଇ ଛତିଶଗଡ
ମୋ: ୯୪୩୯୮୩୩୩୮୭

ଉନବିଂଶ ଶତକର ଶେଷ ଚାରି ଦଶନ୍ଧିଧରି ଅତ୍ୟାଧୁନିକ ଓଡ଼ିଆ କବିତା ଜଗତରେ କବି କମଳାକାନ୍ତଙ୍କର ଥିଲା ଅସପତ୍ନ ପ୍ରତିଷ୍ଠା । ଓଡ଼ିଆ କବିତାକ୍ଷେତ୍ରରେ ସେ ଥିଲେ, ମୁକୁଟ ବିହୀନ ସମ୍ରାଟ । ଜଗତର ଜୈବ ଓ ଅଜୈବମଣ୍ଡଳ ବିଚରଣ କରୁକରୁ ନୈସର୍ଗିକ ଭାବଧାରା ମିଶ୍ରିତ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରକୁ ସେ ଦାନ କରିଯାଇଛନ୍ତି- ନୂଆଚେତନା, ନୂଆଚାହାଣୀ, କବିତାର ବାଙ୍କ ।

ଅନ୍ୟ ଦିଗ୍‌ଗଜ ଓଡ଼ିଆ ଭାଷାର କବିମାନଙ୍କ ଠାରୁ କବି ଲେଙ୍କାଙ୍କ କବି-ଦୃଷ୍ଟି ଭିନ୍ନ ଓ ସ୍ୱତନ୍ତ୍ର । ତାଙ୍କ ଦୃଷ୍ଟିରେ, ମଣିଷର କୌଣସି ନିର୍ଦ୍ଦିଷ୍ଟ ଭାବମୂର୍ତ୍ତି ନାହିଁ । ଏହାର କାରଣ, ଜଗତ ଓ ମଣିଷ ମଧ୍ୟରେ ଥିବା ଅଲଂଘନୀୟ ଦୂରତ୍ୱ । ଜୀବନ ଯୁଦ୍ଧର

ପଶାଖେଳରେ ସେ ହରାଇଛି ଯାବତୀୟ ସମ୍ପର୍କ ଓ ସମ୍ପତ୍ତି । ଏଣୁ ତାଙ୍କ କବିତା ଦୁଃଖର ଢେଉକୁ ଅନସା କରେ-

କାକୁସ୍ଥତା ଢେଉ ଭାଙ୍ଗି
ଜାଳିପୋଡ଼ି ବୟସର ମଧ୍ୟାହ୍ନ ଖରାକୁ
ମୁଁ ନିଜେ ଗାଉଛି ଗୀତ
ମୋ ରକ୍ଷିତ କଳଙ୍କ ସାରଙ୍ଗୀ ଧରି
ବେପରୁଆ ହିପ୍ପୀ ଟୋକାପରି
ନିଶୂନ ରାତିରେ ଓଠେ ଖିଲିଖିଲି ବସନ୍ତ ଉଖାରି(କବିତାର ମୁହଁ)

ଆଧୁନିକ ପୃଥ୍ୱୀର ମଣିଷ ସାଙ୍ଗ-ସାଥି-କୁଟୁମ୍ବ-ସହୋଦରଙ୍କ ସହ ଥାଇ ବି ନିଜକୁ, ନିଃସଙ୍ଗ ମନେକରେ । କମଳାକାନ୍ତଙ୍କ ଦର୍ଶନ ହେଉଛି, ପୃଥିବୀ ନିର୍ଜ୍ଜନ ଦ୍ୱୀପଟିଏ । କୋଳାହଳମୟ ପୃଥିବୀଠାରୁ ନିଃଶବ୍ଦ ଦୂରତାରେ ତାଙ୍କର ସ୍ଥିତି ଓ ଅବସ୍ଥିତି । ଲୋଭନୀୟ ସବୁଜ ପୃଥିବୀର ମଣିଷପଲ ଭିତରେ ସେ ଅପରିଚିତ, ଏକାନ୍ତ ଓ ନିର୍ବାସିତ । ରବୀନ୍ଦ୍ରଙ୍କ ଡାକ୍ ଶୁନେ ଯଦି କେଉ ନା ଆସେ/ ତବେ ଏକ୍‌ଲା ଚଲୋରେ ଏକଲାପଣ ନୁହେଁ, କବି କମଳାକାନ୍ତଙ୍କ ନିଃସଙ୍ଗତା ଓ ଏକାକୀପଣରେ ଦାର୍ଶନିକତା ଥିବାବେଳେ, କବି ଲେଙ୍କାଙ୍କ କାବ୍ୟିକ ନିଃସଙ୍ଗତା ଆଉ ଜଣକୁ ଲୋଡୁଥାଏ ।

ବିଶିଷ୍ଟ ଆଲୋଚକ ଦାଶରଥି ଦାସଙ୍କ ମତରେ ଏଇ ପରିସ୍ଥିତିର ଭୟାବହତାକୁ ଲକ୍ଷ୍ୟକରୁଥିବା ପ୍ରଚଳିତ ସମାଜ ଜୀବନକୁ କେବେ ଶ୍ରଦ୍ଧାଶୀଳ ଦୃଷ୍ଟିରେ ଅନେଇବା ସମ୍ଭବ ନୁହେଁ । ତେଣୁ କବିର କବିତା ଏବର ବିଧ୍ୱସ୍ତ ତଥା ବିପର୍ଯ୍ୟସ୍ତ ଜୀବନର ପ୍ରତିଲିପି ହେବାକୁ ବାଧ୍ୟ । କବିର ଫୁଲଚାଙ୍ଗୁଡ଼ାରେ ଆଜି କବିର କଟାମୁଣ୍ଡ । ବିରୂପ ବିଶ୍ୱରେ କବି ଜୀବନର ପ୍ରତିଲିପି ତାଙ୍କ ବ୍ୟକ୍ତିସତ୍ତାର ବିପନ୍ନତା କଥା ସୂଚାଇଦିଏ । ବିରୂପ ବିଶ୍ୱରେ କବି ଲେଙ୍କା ଜୀବନର ନିଷ୍ଠୁରତମ ସତ୍ୟକୁ ଉପଲବ୍ଧି କରିବାର ଯେଉଁ ଦୃଷ୍ଟାନ୍ତ ଦେଖାଇଛନ୍ତି, ତାହା ଓଡ଼ିଆ ସାହିତ୍ୟରେ ଅଭିନବ । କବିର ପରିବେଶ ତାଙ୍କର ନିଃସଙ୍ଗ ଭାବାବେଗକୁ ତୀବ୍ରତର କରେ । ବିଚ୍ଛିନ୍ନତାବୋଧ ଅବବୋଧରେ କବି ଲେଖନ୍ତି:

ଏଥାନ ନିଲଠା ସହି
ଜାଇଯୂଇ ଟଗରର ପ୍ରୀତି
ସଞ୍ଜପରି ଜଳେ ମଉନରେ,
ରଡ଼ନିଆଁ ପରି ଜଳେ ବଣବୁଦା
ପେଟତଳେ କଇଁଚ ପଡ଼ଇ ଶୋଇ
ଘାରଲଟା ଜଳିଯାଏ(କବିତାର ମୁହଁ)

ଅବିଶ୍ୱସନୀୟ ଅବିଶ୍ୱାସର ବୁଢ଼ିଆଣିଜାଲ ଲେଖକଙ୍କୁ ଆଚ୍ଛନ୍ନ କରିଛି । କବି ଲେଙ୍କା ନିଜକୁ ନିଜେ ଆଶାହୀନ ଅସହାୟତାର ଶିକାର ହୋଇ ନିଜସ୍ୱ ଆବେଗକୁ ଅସହିଷ୍ଣୁପଣିଆ ଭିତରକୁ ଠେଲି ଦେଇଛନ୍ତି । ଏଣୁ ନକରାତ୍ମକ ଚିତ୍ର ଓ ଚିତ୍ରକଳ୍ପ ଏଭଳି

କବିଚିତ୍ତକୁ ଖୁବ୍ ସୁହାଏ । ପୃଥିବୀର ଅବାକ ସ୍ପନ୍ଦନକୁ ଶୁଣୁଶୁଣୁ ଜୀବନ ଏକ ପ୍ରତାରଣା କି ? ବୋଲି ପ୍ରଶ୍ନ ଉଠାନ୍ତି । ତାରି ଭିତରେ ସ୍ୱାଧୀନ ଓ ମୁକ୍ତିପଥ ସୃଷ୍ଟିକରି କବି ଅବାଧରେ ବଞ୍ଚିବାକୁ ଚାହାନ୍ତି:

ମୋ ଦୁଃଖରେ ମୁଁ ଅଛି
ମୋ ରାସ୍ତାରେ ମୁଁ ଚାଲିଛି
ଖୋଜୁଛି, ଲୋଡୁଛି, ଲୋଡୁଛି
ମୁକ୍ତ ପବନ, ଖୋଲା ଆକାଶ
× × ପୃଥକ ପୃଥିବୀ
ତୋର କି ଯାଏ ମୁଣ୍ଡ ବଥାଏ ?(ଗୀତ ଗା'ନାରେ ପକ୍ଷୀ)

ଜୀବନରୁ ଜଗତରୁ ପଳାୟନ ନୁହେଁ; ବରଂ ଜୀବନ ପ୍ରତି ଅହେତୁକ ଆକର୍ଷଣ ଓ ନିଜେ ଗଢ଼ିଥିବା ଦୁର୍ବାର ସ୍ୱାଧୀନତାକୁ କବି ଭୋଗ କରିବାକୁ ଚାହାନ୍ତି । ପ୍ରତାରଣା ପରିବର୍ତ୍ତେ ଜୀବନର ପ୍ରବର୍ତ୍ତନ କରି ସେ ଲେଖନ୍ତି:

ମୁଁ କାନ୍ଦୁଛି, ହସୁଛି, ବକୁଛି ଯଥେଚ୍ଛା
ମୋ ସ୍ୱପ୍ନକୁ,ଋତୁମତୀ ଅନ୍ଧାରର ଔଜ୍ଜଲ୍ୟକୁ ଓ
ବିଲ୍‌କୁଲ୍ ଜଣେ ବିଚାରଶୀଳ ଫେରାର ଭଳି × × ×

କମଳାକାନ୍ତଙ୍କ କବିତାରେ ଜୀବନ-ଦର୍ଶନ ଅନ୍ୟ ସମସାମୟିକ କବିମାନଙ୍କଠୁ ଭିନ୍ନ । ସମସ୍ୟା ସମାଧାନ ପାଇଁ ତାଙ୍କର ସୃଜନଶୀଳ ଅସାମର୍ଥ୍ୟ, ସାଧାରଣଙ୍କ ପାଇଁ ବିପରୀତଧର୍ମୀ ହୋଇଥିଲେ ହେଁ, ଏହାହିଁ କବିଙ୍କର ନୂଆ ଜୀବନ ଦର୍ଶନ । ତାଙ୍କର ମାନସିକତା ଓ ପ୍ରବୃତ୍ତି ଚାର୍ବାକ ଦର୍ଶନପରି ଲାଗୁଥିଲେ ବି କ୍ରିୟାଶୀଳ ସମୟଟିର ଶେଷଭାଗରେ ଉତ୍ତୀର୍ଣ୍ଣ ହୋଇଥାଏ ନିଃସ୍ୱାର୍ଥପରତାକୁ; ଯାହା ସୃଜନଶୀଳତାର ନାନ୍ଦିଗାନ ! × × ଖାଲି ଏକ ଶୂନ୍ୟ ଦୀର୍ଘଶ୍ୱାସ

ଉତ୍ତାପ ସଂଚରିଯାଏ
ତୁମ ଛାତିତଳ ଏକ ନଈ ମୁହାଣରେ
ଯେଉଁଠି ମୁଁ ବସିଅଛି କଦଳୀ ଭେଳାକୁ ଭିଡ଼ି
ତୁମ ଅପେକ୍ଷାରେ ।

ଏଇ କବି ପ୍ରଥମେ ନିଃଶବ୍ଦତାକୁ ଅନୁଭବ କରନ୍ତି ଓ କ୍ରମେ ତା' ଭିତରେ ବୁଡ଼ମାରନ୍ତି, ବାସ୍ତବତାକୁ ଖୋଜନ୍ତି । ସେଇ ଖୋଜିବାରେ ସତ୍ୟ ଓ ବାସ୍ତବତାକୁ ଖୋଜନ୍ତି । ସେଇ ଖୋଜିବାରେ ସତ୍ୟ ଓ ବାସ୍ତବତା ଭିତରୁ ଜନ୍ମନିଏ ଅତିବାସ୍ତବବାଦର ସୃଜନଶୀଳ ମୁହୂର୍ତ୍ତ ଯାହାକୁ କବି ଆଡ଼େଇ ଦେଇଯାଇପାରନ୍ତି ନାହିଁ । ଜୀବନର ନିଚ୍ଛକ ସତ୍ୟକୁ ଅଣଦେଖା ନ କରି ବରଂ ଚିରନ୍ତନୀ ଦୁଃଖକୁ ସୁଖରେ ପରିଣତ କରିବାର ରସାୟନ ବିଦ୍ୟାକୁ ନିମନ୍ତ୍ରଣ କରିଛନ୍ତି ।

ଖରାବେଳେ ଏକୁଟିଆ
ବସିଥିବା ସେଇ ଝିଅଟି
କ'ଣ କରେକି,
ନଖକୋଣରୁ ମଇଳା କାଢୁଥାଏ...
କିମ୍ୱା
ଅନ୍ତତଃ ନିଜକୁ ନିଜେ ପ୍ରବୋଧିବା
ନିଃସଙ୍ଗତା ଶେଯରେ ଶୁଆଇ
ଅନ୍ତତଃ ନିଜକୁ ନିଜେ ଆଶ୍ୱାସିବା ଚିନ୍ତା
ଲେଉଟାଇ/ଆପଣାର ସଞ୍ଚିତ ପୁଣ୍ୟରେ(ସ୍ରୋତର ନାମ ଋତ)

ଅସ୍ତିତ୍ୱବାଦୀମାନେ ଈଶ୍ୱର ବିଶ୍ୱାସହୀନ ହୋଇଥିଲେ ବି ପ୍ରଚ୍ଛନ୍ନରେ ଈଶ୍ୱରୀୟ ଅସ୍ତିତ୍ୱକୁ ସ୍ୱୀକାର କରିଛନ୍ତି । କିଏକଗାର୍ଦ, ଯିଏ କି ସ୍ଥିତିବାଦର ଅନ୍ୟତମ ପ୍ରବକ୍ତା ଓ ସୂତ୍ରଧର, ନିଜେ ସ୍ୱୀକାର କରିଛନ୍ତି ଯେ, ଆମ ଜୀବନକୁ ଉତ୍ତରିତ ପର୍ଯ୍ୟାୟରେ ପହଞ୍ଚାଇ ନ ପାରିବାର କାରଣ, ଈଶ୍ୱର ବିଶ୍ୱାସର ଅଭାବ । ଈଶ୍ୱର ବିଶ୍ୱାସହୀନତା ଓ ନିଃସଙ୍ଗତା ଅସ୍ତିତ୍ୱବାଦୀମାନଙ୍କର ଦର୍ଶନ ହୋଇଥିଲେ ହେଁ ଏହା ତାଙ୍କ ସାହିତ୍ୟର ମୂଳମନ୍ତ୍ର ନୁହେଁ । ମୌଳବାଦ ଓ ଗଭୀର ଆତ୍ମୀୟହୀନ ନିଃସଙ୍ଗତାରେ ସେମାନେ ବିଶ୍ୱାସ କରନ୍ତିନାହିଁ; ବରଂ ଏକାକୀତ୍ୱବୋଧରେ ବିଶ୍ୱାସୀ ।

କବି କମଳାକାନ୍ତଙ୍କ କବିତା 'ନିଜସ୍ୱ ପ୍ରାର୍ଥନା'ରେ- "ମୋତେ ମୁକ୍ତି..... ତୃଷ୍ଣାର ଅନ୍ଧାରରୁ/ ମୋତେ ପ୍ରୀତି ଦିଅ ଭୀତିର ନିର୍ମମତାରୁ ମୋତେ ଶାନ୍ତିଦିଅ ନିଜସ୍ୱ ପ୍ରାର୍ଥନାରୁ ।" ବ୍ୟଷ୍ଟି ମନୋବୃତ୍ତିର ଆତ୍ମରକ୍ଷା ପାଇଁ ମଣିଷ ତିଆରି କରିଛି ସମାଜ ଓ ଧର୍ମ । ବେଦନାର୍ତ୍ତମଣିଷ ପାଇଁ ଚାହେଁ ତାଙ୍କର ଆଶ୍ଳେଷ । ଏଣୁ କମଳାକାନ୍ତଙ୍କ କବିତାରେ ଅତି ବାସ୍ତବପଣିଆ ଭିତରେ ଆଧ୍ୟାତ୍ମିକଶୂନ୍ୟତା ଅଧବକ ଗଭୀର ଭାବେ ରେଖାପାତ କରିଛି:-

ହେ ଈଶ୍ୱର × × ଆଜି ତୁମର
ଫାଶି ପାଇବାର ଦିନ: ପ୍ରତ୍ୟେକଙ୍କ
ଘଣ୍ଟାରେ ବିସ୍ମୟ ଓ କୌତୁହଳ ରଜପର୍ବ× ×(ଈଶ୍ୱରଙ୍କ ଫାଶୀ ପାଇବାର ଦିନ ।)

ନିଃସଙ୍ଗତା ଓ ଏକାକୀପଣିଆ, କୌତୂହଳ, ଭୟ ବିସ୍ମୟ ଓ ଅସହାୟପଣିଆରୁ ଯେଉଁ ଅନୁଭବ ସୃଷ୍ଟିହୁଏ, ଚିରନ୍ତନୀ ପ୍ରବାହ ଭିତରେ, କବି ସେସବୁକୁ ଆକଳନ କରି, ନୂଆକରି ଭାବାବେଗଟିଏ ସୃଷ୍ଟିକରେ ଯେଉଁଠି ସେ ଜୀବନକୁ ଓ ରହସ୍ୟମୟ ମୃତ୍ୟୁକୁ ପରୀକ୍ଷା ନିରୀକ୍ଷା କରୁଥାଏ । ଜୀବନାବଧି କମଳାକାନ୍ତ ହିଁ ସେହି ପରୀକ୍ଷା କରିଛନ୍ତି; ଆତ୍ମବିସ୍ମୃତ ଓ ତଲ୍ଲୀନ ହୋଇଛନ୍ତି ନିଜସ୍ୱ ରଚନାରେ ।

ଷଷ୍ଠଦଶକ ବେଳକୁ ଓଡ଼ିଆ ଆଧୁନିକ କବିତାରେ ଯେଉଁ ପରିବର୍ତ୍ତନମାନ ସାମ୍ନାକୁ

ଆସିଲା, ତା'ର ପରୀକ୍ଷା ନିରୀକ୍ଷା କମଳାକାନ୍ତଙ୍କ କବିତାରେ ଦୃଶ୍ୟମାନ । ଅତୀତ ପ୍ରବଣତା, ହତାଶା, ଭୟ, ଅନୁରାଗ ଓ ନିର୍ଦ୍ଦୋଷପଣିଆ ବ୍ୟକ୍ତିତ୍ୱର ପ୍ରମାଣାଦି ପ୍ରାୟତଃ ସମସ୍ତଗୁଣ କବିଙ୍କୁ ଆଚ୍ଛନ୍ନ କରିଥିଲା; ଏହା କମଳାକାନ୍ତଙ୍କ କବିତାରେ ଅବର୍ତ୍ତମାନ । ଜାତୀୟ ଚେତନାରୁ ମୁକୁଳିଯାଇ ଏକାନ୍ତରେ ନିଜସ୍ୱ- ଏକପଦୀ ଶୁଣି ଶୁଣାଇବାରେ କବିମାନେ ହୋଇପଡ଼ିଥିଲେ ତତ୍‌ପର । କବି ରାଧାକାନ୍ତଙ୍କ ଭାଷାରେ- 'ଆଉ ନ ଚାଲିବା ଏକମାତ୍ର ଅଭିଳାଷ' ।

ଫ୍ରୟେଡ଼ୀୟ ବିଚ୍ଛିନ୍ନତାବୋଧ ମଣିଷ ମନରେ ଯେଉଁ ନୂଆ ଆବେଗ ସୃଷ୍ଟିକଲା, ତାହାର ପ୍ରତିକ୍ରିୟା ସ୍ୱରୂପ ବିଶ୍ୱାସହୀନତା ସୃଷ୍ଟି ହେଲା । ଯୌନାକାଂକ୍ଷା ହିଁ ସମସ୍ତ ଅନ୍ତଃସତ୍ତାକୁ ପରିଚାଳିତ କରେ ବୋଲି ଫ୍ରୟେଡ଼ୀୟ ମନସ୍ତତ୍ୱ କହେ । ଆଧୁନିକ କବିତା, କଥା ଓ ନାଟକାଦିରେ ଏହାର ଚମତ୍କାର ପରିପ୍ରକାଶ ସାହିତ୍ୟ ପୃଷ୍ଠାକୁ ଓଲଟାଇ ଦେଲା । ଏହାର ଝଲକ କମଳାକାନ୍ତଙ୍କ କବିତାରେ:

ଛଳନାର ଭିଡ଼ଠେଲି ଆଗକୁ ଚାଲିବା ଇଚ୍ଛା
କଳାବତୀ ମୋର/ହେ ଛଳନା ଆତ୍ମୀୟ ପ୍ରତାରଣା
ତୁମେ କିଆଁ ଛିଡ଼ାହୁଅ ରାସ୍ତାର ମଝିରେ ?(କବିତାର ମୁହଁ)

ବୟସର ମଧ୍ୟାହ୍ନ ଖରାକୁ ଜାଳିପୋଡ଼ି, କାକୁସ୍ଥତାର ଢେଉ ଭାଙ୍ଗି, ହିପ୍ପୀମାନଙ୍କ ପରି କବି ବି ନିଜମନର ନାନାବାୟାଗୀତ ଗାଇପାରନ୍ତି; କାରଣ କବି ଲେଙ୍କାଙ୍କ ଦୃଷ୍ଟିରେ ମଣିଷର ନିର୍ଦ୍ଦିଷ୍ଟ ଭାବମୂର୍ତ୍ତି ନାହିଁ । ଏଣୁ କାକୁସ୍ଥତା ଢେଉଭାଙ୍ଗି/ଜାଳିପୋଡ଼ି ବୟସର ମଧ୍ୟାହ୍ନ ଖରାକୁ/ମୁଁ ନିଜେ ଗାଉଚି ଗାତ × × × ବୋଲି କହନ୍ତି" । ଏପରିକି ତାଙ୍କ ରୋମାଣ୍ଟିକ୍ ପ୍ରେମଚେତନାମୂଳକ କବିତା ଗୁଡ଼ିକ ଭିତରେ ଯେଉଁ ଆକାଂକ୍ଷାର ସ୍ରୋତ ପ୍ରବହମାନ ତାହା କବିଙ୍କ ଅନ୍ତର୍ଚେତନାକୁ ସୁଚାଇଦିଏ ।

ବଡ଼ ସାଙ୍ଘାତିକ ସତ ଯେ ବୟସ୍କମାନେ ବେଳେବେଳେ ବୟସର ଗଡୁଥିବା ପେଣ୍ଡୁକୁ ଜାକିଧରନ୍ତି ଆପଣା ଛାତିରେ/ ଏବଂ ଇତସ୍ତତଃ ଆୟୁଷର ଝୁଲକୁ ଗୋଟାଇ ନିଅନ୍ତି । ଆପଣାର ଚିରା ଶାଢ଼ୀ ପଣତରେ । (ସ୍ରୋତର ନାମ ଋତ) ।

କବିଙ୍କର 'ସ୍ତନ' ନାମକ ଏକ ଚମତ୍କାର ରସୋତ୍ତୀର୍ଣ୍ଣ କବିତା ଯାହାକି ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଯଥୋଚିତ ସ୍ଥାନବାଦ କରେ । ଯୌନତାକୁ ବାତ୍ସଲ୍ୟରେ ପରିଣତ କରାଯାଇ ପ୍ରେମିକାର ସ୍ତନଯୁଗଳରେ ବା ବୟସ ଅତିକ୍ରାନ୍ତା ଭାର୍ଯ୍ୟାର ବକ୍ଷୋଜରେ ପରିଶୀଳିତ ରୂପରେ ସୃଜନ କରାଯାଇ ଆଧୁନିକ ଯୁବକଙ୍କ ମନରେ ଦେଖାଦେଇଥିବା କାମାବେଗକୁ ନବୀକରଣ କରାଯାଇଛି । ଯେଉଁଠି ଯୌନାକାଂକ୍ଷା ନୀରବ ନିରାଶାରେ ପରିଣତ- "କାରଣ ମା'ର ସ୍ତନକୁ ମୋର ପ୍ରେମିକାସ୍ତନକୁ/ ଯୋଜନ ଯୋଜନ ଦୂର ଏବଂ ମୋ ଭାରିଯାର ଉଚ୍ଛଳା ପ୍ରେମରେ ଯଉବନ ପଳାତକ ସାଜେ । ମନେହୁଏ ମୋ ଭିତରେ ପିଲାଳିଆ ସ୍ମୃତିଠାରୁ ବୟସର ମଧ୍ୟାହ୍ନକୁ ଟପି/ ସୂର୍ଯ୍ୟାସ୍ତ ପୂର୍ବର ରଙ୍ଗମିଶି ମୁହଁକୁ ଏକାକାର କରେ ।"କବିତ୍ୱର ଏହି ସତ୍ୟଶୀଳ ବିଭବକୁ କବି ଯେଉଁ ସ୍ୱୀକାରୋକ୍ତି ରଖିଛନ୍ତି,

ତାହା ମନୋବୈଜ୍ଞାନିକ ବିଶ୍ଳେଷଣର ପରିଚ୍ଛନ୍ନ ରୂପ । ବୋଦଲେୟାରଙ୍କ କବିତା ସମକକ୍ଷ ତାଙ୍କର 'ମାଛ' କବିତାର କେତୋଟି ପଂକ୍ତି ଯୌନେଚ୍ଛାର ଆଧୁନିକ ରୂପାନ୍ତର ପରି ମନେହୁଏ- "ରେ- ସୁନାକଳସର ମାଛ/ ମୋତେ ଆଉ ପ୍ରଲୋଭିତ କରନା/× × ମୋତେ ଆଉ ଝୁଲାଅନା ଦେହର ଦୋଳିରେ 'କିମ୍ବା' ନାରୀର ଉଲ୍ଲଗ୍ନସ୍ତନ ମୋ ଛାତିରେ ମିଛ ଲଦି ହୁଏ । ଆଦି ତାଙ୍କ କବିତାର ଭାସ୍କର୍ଯ୍ୟ ଓ ସ୍ୱର ।


ଈଶ୍ୱରଙ୍କ ପ୍ରତି ଶ୍ଳେଷୋକ୍ତି ଓ ଯନ୍ତ୍ରଣାମୁକ୍ତ ଜୀବନ ପ୍ରତି କଟାକ୍ଷ, ତାଙ୍କ କବିତାଗୁଡ଼ିକୁ ଭିନ୍ନଧର୍ମୀ କରିଥାଏ । ଅସ୍ତିତ୍ୱବାଦର ମୂଳସୂତ୍ରଟିକୁ ଖୋଜୁଖୋଜୁ କବି ଗାଇଉଠନ୍ତି 'ନା ଭକ୍ତି/ ନା ମୁକ୍ତି/ ନା ମାଟି/ ନା ଆକାଶ' (ଶୂନ୍ୟବାଣୀ) । ଜୀବନର-ବାସ୍ତବତାକୁ ଉପଲବ୍ଧ କରୁକରୁ ମାନବବାଦର ଗଭୀର ତତ୍ତ୍ୱ ଭିତରକୁ ଠେଲି ହୋଇଯାନ୍ତି । ତାଙ୍କ ଭାଷାରେ- 'ସର୍‌ସର୍ ଶରଧାତକ ଚିପୁଡ଼ି ଦମକାଏ ପବନ ଭଳି ହସରେ ସବୁ ମପାଚୁପା ଶବ୍ଦର ଆତସବାଜିକୁ ଉଡ଼ାଇଦେବା । ଅସ୍ତିତ୍ୱବାଦୀଙ୍କ ପରି ଜୀବନ ଜିଇଁ ବି କର୍ମମୟଜୀବନ ପ୍ରତି ବିଦ୍ୱେଷ ଓ ତଦ୍‌ଜନିତ ସ୍ୱାୟସ୍ଥିତିପ୍ରତି ଅନାଦାର ମନୋଭାବ କମଳାକାନ୍ତୀୟ କବିତ୍ୱର ବିଶେଷତ୍ୱ । ତାଙ୍କର 'କେମିତି ମୁଁ ବଞ୍ଚିଛି' କବିତାରେ- 'କିଏ କହିବ ମୁଁ ବଞ୍ଚିଛି' । ବଞ୍ଚିବାର ମାନେ ଯଦି ନିଃଶ୍ୱାସ / ଢୋକିବା ଓ ଢ଼େଉଗଣିବା, ପହଁରିବା/ ନିଜ ସହ ଲଢ଼ିବା ହୁଏ ତେବେ କିଏ କହିବ ମୁଁ ବଞ୍ଚିଛି ?

କବିଙ୍କ ଶୈଳୀ ବି ନିଆରା । ସେ ଭାବକୁ ଖୋଜନ୍ତି କବିତା ପାଇଁ, କବିତା ମୂର୍ତ୍ତିମନ୍ତ ହୁଏ । ଢମପଣିଆ ଓ ଅହଂଭାଙ୍ଗିବା ହେଉଛି, ତାଙ୍କ କବିତାର ଗୁଣ × × × ଭାବଟିଏ ଖୋଜୁଥାଏ/ ଅଭାବରେ ଅସମ୍ଭାଳ/ ଗଢ଼ିବା ତୁମର ମୂର୍ତ୍ତି ଶୂନ୍ୟତାରେ/ ଭାଙ୍ଗିବା ତୁମର ଢମ/ ଲୋକଗହଳିରେ (ଦୁଃଖସହ କଥାବାର୍ତ୍ତା)' ।

କବିତାକୁ ନୂଆ ରଙ୍ଗ ଓ ସ୍ୱର୍ଶଦେବା କମଳାକାନ୍ତଙ୍କ କବି-କର୍ମ, ପାରମ୍ପରିକ ଧାରାକୁ ଭାଙ୍ଗି ଅଣପାରମ୍ପରିକ ଶବ୍ଦ ଓ ଭାବନା ସହ ଖେଳିବା ତାଙ୍କର କାବ୍ୟିକ-ପ୍ରବୃତ୍ତି । ଆପଣାର ଭାବନାକୁ ବ୍ୟଙ୍ଗକରି ପରୋକ୍ଷରେ ନିଜ ଚେତନାକୁ ନୂଆ ରୂପ ପରିଗଣିତ କରାଇବା ତାଙ୍କ ଲେଖନୀର ସବଳତା ।

ହାତଗଣତି ଆଧୁନିକ ଓଡ଼ିଆ କବିମାନଙ୍କ ମଧ୍ୟରେ ବିପରୀତଧର୍ମୀ ଚେତନା ଓ ଚିତ୍ରକଳ୍ପ ବାସ୍ତବାଭିମୁଖୀ କରାଇବାଥିଲା ତାଙ୍କ କବିତାର ସ୍ୱର, ତାଙ୍କର ପ୍ରାୟତଃ ପ୍ରତିଟି କବିତାରେ ବାରିହୋଇ ପଡ଼େ କମଳାକାନ୍ତୀୟ କାବ୍ୟିକ ଆବେଦନ ଓ ନିଜସ୍ୱ ବିମ୍ବ ଓ ପ୍ରାଣସତ୍ତା ।

❐



ସାହିତ୍ୟ ସାରଥି
ଭାଗୀରଥି ମହାପାତ୍ର



ବିଜୟ କୁମାର ବହଳୀ

ଗରଦପୁର, ଭଦ୍ରକ
ଭ୍ରାମ୍ୟଭାଷ:-୭୩୮ ୧୭୬୦୬୬୨

କବି ସ୍ୱର୍ଗତ ଭାଗୀରଥି ମହାପାତ୍ରଙ୍କ ଭଳି ପ୍ରତିଭା ସଂପର୍କରେ ଯଦିଚ ମୋ ପାଇଁ ଲେଖିବା ଧୃଷ୍ଟତା ହେବ ତଥାପି ସେ ଧୃଷ୍ଟାମୀକୁ ମୁଁ ଆପଣାଉଛି । ଆମ ଗରଦପୁର ଗ୍ରାମର ମଧ୍ୟସ୍ଥଳରେ ଥିବା ଭାଗୀରଥି ପାଠାଗାର କବିଙ୍କ ସଂପର୍କରେ ସମ୍ୟକ ସୂଚନା ପ୍ରଦାନକରେ । (ଏହି ପାଠାଗାର କବିଙ୍କ ଦେହାବସାନ ପରେ ଅର୍ଥାତ ୧୯୪୪ ମସିହାରୁ ଆରମ୍ଭ ହୋଇ ଅଦ୍ୟାବଧି ମୂକ ସାକ୍ଷୀରୂପେ ଆମ ଗ୍ରାମରେ ଦଣ୍ଡାୟମାନ) । ଆମ ଗ୍ରାମର ଶିକ୍ଷକ ଶ୍ରୀଯୁକ୍ତ ଦେବେନ୍ଦ୍ର ମହାପାତ୍ର ମୋତେ "କବି ଭାଗୀରଥି" ନାମକ ଏକ କ୍ଷୁଦ୍ର ପୁସ୍ତକ ପ୍ରଦାନ କରିଥିଲେ । ଏହି ପୁସ୍ତକଟି ଶିକ୍ଷାବିତ୍

ରାଜ୍ୟପାଳ ପୁରସ୍କାରପ୍ରାପ୍ତ କୃତି ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ଦ୍ୱାରା ଲିଖିତ । ଏହି ପୁସ୍ତକରେ କବିଙ୍କର ବଂଶଜ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବୈଷ୍ଣବାନନ୍ଦ ମହାପାତ୍ରଙ୍କ ଅଭିମତ ବେଶ୍ ପ୍ରଣିଧାନ ଯୋଗ୍ୟ । ଆଗରୁ ଭାଗୀରଥି ମହାପାତ୍ରଙ୍କ ବିଷୟରେ କିଛି ଜାଣିଥିଲେ ବି ଏହି କ୍ଷୁଦ୍ର ପୁସ୍ତକ ଓ ୨୦୧୨ ମସିହାରେ ମନୀନ୍ଦ୍ର ମହାନ୍ତି ଓ ଇଂ ନନ୍ଦ ମହାନ୍ତିଙ୍କ ପ୍ରଚେଷ୍ଟାରେ ପ୍ରକାଶିତ ସଂକଳନ "ସାହିତ୍ୟ ସାରଥି ଭାଗୀରଥି ମହାପାତ୍ର" ପାଠ କଲାପରେ ଆହୁରି ଅନେକ କଥା ଜାଣି ତାଙ୍କ ବିଷୟରେ କିଛି ଲେଖିବାକୁ ପ୍ରୟାସ କରିଛି ମାତ୍ର ।

ଭଦ୍ରକର ଯେଉଁ କୃତି ସାହିତ୍ୟରଥି ମହାରଥି ପ୍ରମୁଖ ଉତ୍କଳ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରି ଯାଇଛନ୍ତି ସେମାନଙ୍କ ମଧ୍ୟରୁ କବି ଭାଗୀରଥି ମହାପାତ୍ରଙ୍କ ଅବଦାନ କିଛି କମ୍ ନୁହେଁ । ପରନ୍ତୁ ଆଜି ବିଭିନ୍ନଆଡ଼େ ପ୍ରତିଭା ସଂପନ୍ନ କବି ଲେଖକମାନଙ୍କର ଜୟନ୍ତୀ, ଶ୍ରାଦ୍ଧ ଦିବସ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସରକାରୀ ପୃଷ୍ଠପୋଷକତାରେ ଅବା ବଂଶଧରଙ୍କ ଉଦ୍ୟମରେ ପାଳିତ କରାଯାଇ ସେମାନଙ୍କର ଗୁଣଗାନ ହେଉଥିବାବେଳେ ଅନାଲୋଚିତ ହୋଇ ରହିଗଲେ କବି ଭାଗୀରଥି ମହାପାତ୍ର । ସେ ଏକାଧାରରେ ଥିଲେ କବି, ନାଟ୍ୟକାର, ସାହିତ୍ୟିକ, ଲେଖକ, ସମାଲୋଚକ, ସାମ୍ବାଦିକ, ରତ୍ନକୋଷ ଭଳି ଦୁର୍ଲଭ ଗ୍ରନ୍ଥର ପ୍ରଣେତା । କବି ୧୮୮୯ ମସିହା ଶ୍ରାବଣ ମାସରେ ଭଦ୍ରକ ସହର ଅନ୍ତର୍ଗତ ଗରଦପୁର ଗ୍ରାମରେ ଏକ ସମ୍ଭ୍ରାନ୍ତ କରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମଦନ ମୋହନ ମହାପାତ୍ର ଏବଂ ମାତାଙ୍କ ନାମ ସୁଶୀଳାବାଳା ମହାପାତ୍ର । ସେ ଥିଲେ ତିନି ଭାଇ ଓ ତିନି ଭଉଣୀ । ଭାଗୀରଥି ମହାପାତ୍ର ପ୍ରାଥମିକ ଶିକ୍ଷା ସମାପ୍ତ କରି ଭଦ୍ରକ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ଏନ୍ଟ୍ରାସ୍ ପାଶ୍ କଲାପରେ ଆଉ ଅଧିକ ପଢ଼ିବାର ସୁଯୋଗ ନ ପାଇ ହତୋତ୍ସାହିତ ହୋଇ ପଡ଼ିଲେ । ହେଲେ ଛାତ୍ରାବସ୍ଥାରୁ ଲେଖୁଥିବା କବିତା ହିଁ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା ବୋଲି ତାଙ୍କ ଜୀବନୀରୁ ଜଣାପଡ଼େ । ଉତ୍କଳମଣି ଗୋପବନ୍ଧୁ ଦାସ ତତ୍କାଳୀନ ମୟୁରଭଞ୍ଜ ଷ୍ଟେଟର ସରକାରୀ ଓକିଲ ରୂପେ କାର୍ଯ୍ୟ କରୁଥିବା ସମୟରେ ଏକ କବିତା କୌଣସି ଏକ ପତ୍ରିକାରୁ ପାଠ କରି ମହାପାତ୍ରଙ୍କ କବି ପ୍ରତିଭାର ସନ୍ଧାନ ପାଇଲେ । କ୍ରମେ ଭାଗୀରଥି ମହାପାତ୍ରଙ୍କ ସହ ତାଙ୍କର ପତ୍ରାଳାପ ହେଲା ଏବଂ ଭଦ୍ରକ ଡାକବଙ୍ଗଳାରେ ଉଭୟଙ୍କ ମଧ୍ୟରେ ସାକ୍ଷାତ ମଧ୍ୟ ହୋଇଥିଲା । ଗୋପବନ୍ଧୁ ଦାସଙ୍କ ଠାରୁ ପ୍ରେରଣା ଓ ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ପାଇ ଭାଗିରଥି ମହାପାତ୍ର ରେଭେନ୍ସା କଲେଜରେ ନାମ ଲେଖାଇବାର ଗୋଟିଏ ବର୍ଷପରେ ତାଙ୍କର ପିତୃ ବିୟୋଗ ଘଟିଥିଲା । ପୂର୍ବରୁ ମାତାଙ୍କୁ ହରାଇଥିବା କବି ଭାଗୀରଥି, ଜୀବନରେ ସଂସାରର ଗୁରୁ ଦାୟିତ୍ୱ ହେତୁ ୨ୟ ବାର୍ଷିକ କଳାଶ୍ରେଣୀରୁ ଚିରଦିନ ପାଇଁ ଡୋରି ବାନ୍ଧି ଘରକୁ ଫେରିଲେ ।

କବି ଭାଗୀରଥି ମହାପାତ୍ର ସଂସାରର ବୋଝ ନିଜ ମୁଣ୍ଡ ଉପରକୁ ନେଇ କଟକସ୍ଥ ମହାନ ପବିତ୍ର ଶିକ୍ଷାନୁଷ୍ଠାନ 'ପ୍ୟାରି ମୋହନ ଏକାଡେମୀ'ରେ ଶିକ୍ଷକତା କରି କର୍ମମୟ ଜୀବନ ଆରମ୍ଭ କରିଥିଲେ । ସେ ସହକର୍ମୀ ତଥା ଛାତ୍ରଙ୍କ ପାଖରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇ ପାରିଥିଲେ । ଏହି ସମୟରେ ତାଙ୍କର ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା । ବାଲେଶ୍ୱରରୁ ପ୍ରକାଶିତ 'ଉତ୍କଳବାର୍ତ୍ତା' ନାମକ ଏକ ସମ୍ବାଦପତ୍ରର ସମ୍ପାଦକ ଭାବେ ଦୁଇ ତିନିବର୍ଷ କାର୍ଯ୍ୟ କରିଥିଲେ । ପରେ ସେ ବଡ଼ମ୍ବା ଷ୍ଟେଟ୍ ଦ୍ୱୟର ସ୍କୁଲ ସବ୍‌ଇନ୍ସପେକ୍ଟର ଭାବେ ନିଯୁକ୍ତ ହୋଇଥିଲେ । ୧୭/୧୮ ବର୍ଷ କାର୍ଯ୍ୟ କଲାପରେ ସେତେବେଳର ଦୁରାରୋଗ୍ୟ (କୁଷ୍ଠ) ରୋଗର ଲକ୍ଷଣ ଦେଖି ସେ ସ୍ୱଇଚ୍ଛାରେ କାର୍ଯ୍ୟରୁ ଅବସର ନେଇଥିଲେ । ଛାତ୍ର ଅବସ୍ଥାରୁ ଲେଖାଲେଖି କରିବା ସହିତ ସାହିତ୍ୟ ଚର୍ଚ୍ଚା ଜାରି ରଖିଥିବାରୁ ଚାକିରୀରୁ ଅବ୍ୟାହତି ନେଲାବେଳକୁ ସେ ଉତ୍କଳର ଲବ୍ଧପ୍ରତିଷ୍ଠ ସାହିତ୍ୟିକ, ସମାଲୋଚକ ଓ ସାମ୍ବାଦିକ ରୂପେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । 'ମୁକୁର ପ୍ରେସ୍'ର ସ୍ୱତ୍ୱାଧିକାରୀ ବ୍ରଜ ସୁନ୍ଦର ଦାସଙ୍କ ଦ୍ୱାରା ପ୍ରକାଶିତ ମୁକୁର ପତ୍ରିକାରେ ସେ ଦୁଇତିନି ବର୍ଷ ସମ୍ପାଦନା କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ । ଶେଷ ଜୀବନ ସେ ସାହିତ୍ୟ ସେବାରେ କଟାଇଥିଲେ । ଶିକ୍ଷା ବିଭାଗରେ ଦୀର୍ଘ ଦିନ କାର୍ଯ୍ୟ କରିବାର ଅଭିଜ୍ଞତାକୁ ପାଥେୟ କରି ସେ ମଧ୍ୟ ଶିଶୁ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ପିଲାଙ୍କ ଇତିହାସ, ପିଲାଙ୍କ ଭୂଗୋଳ, ପିଲାଙ୍କ ସ୍ୱାସ୍ଥ୍ୟରକ୍ଷା ପ୍ରଭୃତି ଅନେକ ଗୁଡ଼ିଏ ଶିଶୁ ପାଠ୍ୟ ଉପଯୋଗୀ ଉପାଦେୟ ପୁସ୍ତକ ପ୍ରଣୟନ କରିଥିଲେ ମଧ୍ୟ ସେସବୁ ଆଜି ବିରଳ । ଏହାଛଡ଼ା ତାଙ୍କର ଅନେକ ପାଣ୍ଡୁଲିପି ଅପ୍ରକାଶିତ । ଆମେ ତାଙ୍କ ଲିଖିତ ସାହିତ୍ୟକୃତି ପ୍ରତି ଧ୍ୟାନ ଦେଲେ ସେପରି ଜଣେ ଲୁକ୍କାୟିତ ପ୍ରତିଭାଙ୍କ ସଂପର୍କରେ ନିଶ୍ଚୟ କିଛି ଜାଣିପାରିବା । ତାଙ୍କ ଲିଖିତ ବହୁ ପୁସ୍ତକ ଦୁଃଷ୍ପ୍ରାପ୍ୟ । କିନ୍ତୁ କେତେକ ସ୍ଥାନରେ ତାଙ୍କ ରଚିତ ଯେଉଁ ପୁସ୍ତକର ତାଲିକା ରହିଛି, ସେ ସବୁକୁ ପାଥେୟ କରି ପୁସ୍ତକ ଗୁଡ଼ିକର ନାମ ନିମ୍ନରେ ପ୍ରଦାନ କରାଗଲା ।

(କ) କାବ୍ୟ ଓ କବିତା :

(୧) ବୈତରଣୀ (୨) କୃଷ୍ଣ କୁମାରୀ (୩) ଶୋକଗାଥା (୪) ବରକୋଳି (୫) ଆହ୍ୱାନ (୬) ଧ୍ରୁବ (୭)ମଲ୍ଲିକା (୮) ମହାଶ୍ମଶାନ (୯) ଶ୍ରୀମୂର୍ତ୍ତି ଦର୍ଶନ (୧୦) ଅବକାଶ କୁସୁମ (୧୧) ହାରାବତୀ (୧୨) ଶୋକସିନ୍ଧୁ ପ୍ରଭୃତି ।

(ଖ) ଗଦ୍ୟ ଓ ଗଳ୍ପ :

(୧) ଶ୍ରୀକୃଷ୍ଣ (୨) ପ୍ରବୀର (୩) ନଳ ଦମୟନ୍ତୀ (୪) ବବ୍ରୁ ବାହାନ (୫) ଗୟାସୁର (୬) ସାହାଡ଼ାସୁନ୍ଦରୀ କଥା (୭) ଅଷ୍ଟବକ୍ର (୮) ଭଗୀରଥ (୯) ସେ ଯୁଗ

ନାରୀ ବା ଆର୍ଯ୍ୟନାରୀ (ପଦ୍ମାବତୀ, ଶୀଳା, ସୁଭଦ୍ରା, ଐତ୍ରେୟୀ, ଭାରତୀ, ଶର୍ମିଷ୍ଠା, ସଂଯୁକ୍ତା ଏବଂ ସାବିତ୍ରୀ) ପ୍ରଭୃତି ।

(ଗ) ନାଟକ ଓ ଗୀତାଭିନୟ :

(୧) ଶ୍ରୀମନ୍ତ ଚରିତ (୨) ରାଧିକା ମାନଭଞ୍ଜନ (୩) ଛିଦ୍ର କଳସ (୪) ପ୍ରଭାସ ମିଳନ (ଓଡ଼ିଶା ସାହିତ୍ୟ ଏକାଡେମୀର ପାଠାଗାରରେ ବହିଟି ସଂରକ୍ଷିତ) (୫) ହରିଶ୍ଚନ୍ଦ୍ର (୬) ସୁଭଦ୍ରା (୭) ସୀତା ବିବାହ (୮) ଭକ୍ତମଣି (୯) ପ୍ରବୀର (୧୦) କନୌଜ କୁମାରୀ (୧୧) ପଦ୍ମିନୀ (୧୨) ଚନ୍ଦା (୧୩) ରୂପ କୁମାରୀ (୧୪) ତାଡ଼କାସୁର ବଧ (୧୫) ବିକ୍ରମାଦିତ୍ୟ (୧୬) ଜଳନ୍ଧର ବଧ(୧୭) ଅମରାବତୀରୁ ଆସିଛି ଓହ୍ଲାଇ (୧୮) ରାଧିକା ମାନ ଭଞ୍ଜନ (୧୯) ଦର୍ପଦଳନ (୨୦) ଦିବା ମିଳନ (୨୧) ଜନ୍ମାଷ୍ଟମୀ (୨୨) ନଳ ଦମୟନ୍ତୀ (ଓଡ଼ିଶା ସାହିତ୍ୟ ଏକାଡେମୀର ପାଠାଗାରରେ ବହିଟି ସଂରକ୍ଷିତ) (୨୩) ଗୟାସୁର (ଓଡ଼ିଶା ସାହିତ୍ୟ ଏକାଡେମୀର ପାଠାଗାରରେ ବହିଟି ସଂରକ୍ଷିତ) (୨୪) ବିଲ୍ୱମଙ୍ଗଳ (୨୫) ପାଣ୍ଡବ ପରାଜୟ (୨୬) ଅଜାମିଳ (୨୭) ଶେରସାହା (୨୮) ମୁକୁନ୍ଦଦେବ ପ୍ରଭୃତି ।

(ଘ) ପାଠ୍ୟ ପୁସ୍ତକ :

(୧) ପିଲାଙ୍କ ଇତିହାସ (୨) ପିଲାଙ୍କ ଭୂଗୋଳ (୩) ପିଲାଙ୍କ ମାନସାଙ୍କ (୪) ଚାଟଶାଳୀ ପାଠ (୫) ଶିବଙ୍କର ସନ୍ନ୍ୟାସୀ ବେଶ (୬) କୃଷ୍ଣଙ୍କର କାଳି ବେଶ (୭) କୃଷ୍ଣଙ୍କର ମାୟା ମୋହିନୀ ବେଶ ପ୍ରଭୃତି ।

(ଙ) ଜୀବନୀ :

(୧) ରାୟବାହାଦୂର ନାରାୟଣ ଚନ୍ଦ୍ର (୨) ମହନ୍ତ ଦାମୋଦର ରାମାନୁଜ ଦାସ (ଓଡ଼ିଶା ସାହିତ୍ୟ ଏକାଡେମୀର ପାଠାଗାରରେ ବହିଟି ସଂରକ୍ଷିତ) (୩) ଗୋପବନ୍ଧୁ (୪) ବାଞ୍ଛାନିଧି (୫) ମଧୁସୂଦନ(୬) ବିଦ୍ୟାସାଗର (୭) ମିରାବକ୍ସ ପ୍ରଭୃତି ।

(ଚ) **ଉପନ୍ୟାସ:** (୧) ଉତ୍କଳ ସଂସାର (୨) ପରିବର୍ତ୍ତନ (୩) ପୁଣ୍ୟବତୀ (୪) ମନୋରମା, (୫) ଅପାଠୁଆବର (୬) ନହୁଲି ପ୍ରଭୃତି ।

(ଛ) ଅନୁବାଦ / ମର୍ମାନୁବାଦ :

ଇଂରାଜୀ କବିମାନଙ୍କ ଓଡ଼ିଆ ଅନୁବାଦ ପୁସ୍ତକ (୧) ରତ୍ନ କଣିକା (୨) ଗୀତ ଗୋବିନ୍ଦ ପ୍ରଭୃତି ।

(ଜ) ପୁରାଣ :

(୧) ସ୍କନ୍ଦ ପୁରାଣ (ପାଞ୍ଚ ଖଣ୍ଡ) (୨) ଗରୁଡ ପୁରାଣ (୩) ଭାଗବତ (୪) ଗୀତା (୫) ମୁକ୍ତିମାର୍ଗ (୬) ଲକ୍ଷ୍ମୀ ପୁରାଣ (୭) ରକ୍ମିଣୀର ଚିଟାଉ (୮) କୀଚକ ବଧ (୯) ଶକୁନ୍ତଳା ଗନ୍ଧର୍ବ ବିବାହ ପ୍ରଭୃତି ।


(୫) ଜ୍ଞାନକୋଷ - ରତ୍ନକୋଷ

ଶୁଣାଯାଏ, ଶେଷ ଜୀବନ ପର୍ଯ୍ୟନ୍ତ ଲେଖା ମାଧ୍ୟମରେ ଅର୍ଥ ରୋଜଗାର କରୁଥିଲେ । ଏହା ହିଁ ଜୀବନର ଅନ୍ତିମକ୍ଷଣରେ ଥିଲା ଭାଗୀରଥି ମହାପାତ୍ରଙ୍କ ରୋଜଗାର ପନ୍ଥା । ଯାହା ଜଣାଯାଏ ୧୯୪୪ ମସିହାରେ ସେ ସ୍ୱର୍ଗାରୋହଣ କଲାପରେ ତାଙ୍କର ବହୁ ପାଣ୍ଡୁଲିପି ଆଲମିରା ଭର୍ତ୍ତି ହୋଇ ଥିଲେ ମଧ୍ୟ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବରୁ ନଷ୍ଟ ବିନଷ୍ଟ ହୋଇଯାଇଛି । କିଛି ପାଣ୍ଡୁଲିପି କେହି କେହି ମାଗିନେଇ ପରବର୍ତ୍ତୀ ଅବସ୍ଥାରେ ଫେରାଇ ନାହାନ୍ତି । ୨୦୦୮ରେ ଡ. ମନୀନ୍ଦ୍ର ମହାନ୍ତି ଭାଗୀରଥି ମହାପାତ୍ରଙ୍କ ନାତି ଶ୍ରୀ ସନ୍ତୋଷ ମହାପାତ୍ରଙ୍କ ଠାରୁ କିଛି ପାଣ୍ଡୁଲିପି ଉଦ୍ଧାର କରିଥିଲେ । ଏହି ପାଣ୍ଡୁଲିପିଗୁଡ଼ିକ ଆଲୋଚିତ ହେଲାପରେ ଡ. ମନୀନ୍ଦ୍ର ମହାନ୍ତିଙ୍କ ସାଧୁ ଉଦ୍ୟମ ଓ ସମ୍ପାଦନାରେ ଓ ଇଂ ନନ୍ଦ ମହାନ୍ତିଙ୍କ ସହଚର୍ଯ୍ୟାରେ 'ଭଦ୍ରକ ରବିବାସରୀୟ ସାହିତ୍ୟଚକ୍ର' ଦ୍ୱାରା ୨୦୧୨ ମସିହାରେ "ସାହିତ୍ୟ ସାରଥି ଭାଗୀରଥି ମହାପାତ୍ର" ନାମକ ସଂକଳନଟିଏ ପ୍ରକାଶିତ ହୋଇଛି । ଏହି ସଂକଳନରେ ଭାଗୀରଥି ମହାପାତ୍ରଙ୍କ ସାହିତ୍ୟକୃତି ଜ୍ଞାନକୋଷ, କବିତା, ଉପନ୍ୟାସ ଓ ନାଟକ / ଗୀତିନାଟ୍ୟ ଆଦି ପୁସ୍ତକ ଓ ମିଳିଥିବା କିଛି ପାଣ୍ଡୁଲିପି ସଂପର୍କରେ ଉଦୟ ନାରାୟଣ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ଶ୍ରୀ ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ, ଡ. କୃଷ୍ଣ ଚରଣ ବେହେରା, ଡ. କ୍ଷୀରୋଦ କୁମାର ସାମଲ, ଶ୍ରୀ ବିଜୟ କୁମାର ବହଳୀ, ଡ. ଅନନ୍ତ ଚରଣ ଶୁକ୍ଲ, ଶ୍ରୀ ଗୋବନ୍ଦ ପ୍ରସାଦ ଭଟ୍ଟାଚାର୍ଯ୍ୟ, ଡ. ମନୀନ୍ଦ୍ର ମହାନ୍ତି, ଶ୍ରୀ ବାସୁଦେବ ବାରିକ, ଡ. ହେମନ୍ତ କୁମାର ଦାସ, ଡ. ନାରାୟଣ ସାହୁ, ଇଂ ନନ୍ଦ ମହାନ୍ତି, ଡା. କିରଣ ଚନ୍ଦ୍ର ଗୁଇଁ, ଡ ପ୍ରଭାତ ନଲିନୀ ମହାପାତ୍ର, ଡ. ବ୍ରଜ ଗୋପାଳ ମହାନ୍ତି, ଶ୍ରୀ ଗୌତମ ମହାରଣା ପ୍ରଭୃତି ଯଥାସାଧ୍ୟ ଆଲୋଚନା କରିବାକୁ ସଫଳ ପ୍ରୟାସ କରିଛନ୍ତି ।

କବି ସାରଥି ଭାଗୀରଥି ମହାପାତ୍ର କେବଳ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ, ସମାଲୋଚକ, ସାମ୍ବାଦିକ ନ ଥିଲେ ; ସେ ଥିଲେ ପରୋପକାରୀ ଓ ବନ୍ଧୁବତ୍ସଳ । ନିଜର ଅଭାବ ଅସୁବିଧାରେ ସେ କାହାରି ଦ୍ୱାରସ୍ଥ ନ ହୋଇ ବରଂ ଗ୍ରାମର ଦରିଦ୍ର, ନିରାଶ୍ରୟ ବହୁ ଛାତ୍ରଙ୍କ ସାହାଯ୍ୟ ପାଇଁ ସେ ସ୍କୁଲ କର୍ତ୍ତୃପକ୍ଷ ଓ ପ୍ରଧାନ ଶିକ୍ଷକଙ୍କ ଦ୍ୱାରସ୍ଥ ହେଉଥିଲେ । ଦୁଃଖୀରଙ୍କି ଦେଖିଲେ ତାଙ୍କର ଅନ୍ତରାତ୍ମା ହାହାକାର କରୁଥିଲା । ପରିବାରର ବ୍ୟବହାର୍ଯ୍ୟ ଚାଉଳକୁ ମଧ୍ୟ ଦୁଃଖୀଟିଏ ଦେଖିଲେ ସେ ଦେଇ ଦେଉଥିଲେ । ଏହା ବ୍ୟତିତ କୋଷ୍ଠୀ ଗଣନାରେ ତାଙ୍କର ବିଶେଷ ପାରଦର୍ଶିତା ଥିଲା । ଯାହା ଜଣାଯାଏ ଆଖ ପାଖର ବହୁ ବ୍ୟକ୍ତିଙ୍କର ଜାତକ ପ୍ରସ୍ତୁତ କରିବା ସହିତ ଜାତକ ଗଣନା ମଧ୍ୟ କରୁଥିଲେ । ଏହି ଜାତକ

ଗଣନା ବା ଜ୍ୟୋତିଷ ଶାସ୍ତ୍ର ବିଷୟରେ ତାଙ୍କର ଅସଂପୂର୍ଣ୍ଣ ଉପନ୍ୟାସ 'ଉତ୍କଳ ସଂସାର'ରେ ବର୍ଣ୍ଣନା ରହିଛି । ସର୍ବୋପରି ତାଙ୍କର ସମଗ୍ର କୃତିକୁ ଆଲୋଚନା କରିବା ଏହି ନିବନ୍ଧରେ ସମ୍ଭବ ନୁହେଁ । ଏହିପରି ଜଣେ ମହାନୁଭବଙ୍କର ବିୟୋଗ ହୁଏ ୧୯୪୪ ମସିହା ଶ୍ରାବଣ ମାସ ଚିତାଲାଗି ଅମାବାସ୍ୟା ଦିନ । ସେତେବେଳର ଦୂରାରୋଗ୍ୟ ରୋଗଗ୍ରସ୍ତ ଜୀବନରୁ ଅବସର ନେଇ ସେ ଆଦରିନେଲେ ମାଟି ମାଆର କୋଳ । ବଣମଲ୍ଲୀ ବଣରେ ଫୁଟି ମଉଳିଗଲା ପରି ଅତୀତର ବିସ୍ମୃତି ଗର୍ଭରେ ସେ ଲୀନ ହୋଇଗଲେ । ଟମାସଗ୍ରେଙ୍କ "ଏଲିଜ"ରେ ବର୍ଣ୍ଣିତ ଭାଗୀରଥି ମଉଳିଲେ, ସୁବାସ ଖୁବ୍ କମ ଲୋକ ପାଇଲେ । ଭାରତର ଏତାଦୃଶ କବିଙ୍କର ପୂଜା ଭିନ୍ନ ଧରଣର ହୋଇଥାନ୍ତା, ହେଲେ ତାଙ୍କ ଭଳି ଜଣେ ସର୍ବଗୁଣ ପ୍ରତିଭା ସଂପନ୍ନ ସାହିତ୍ୟିକ, ତାଙ୍କ ପରବର୍ତ୍ତୀ ପିଢ଼ିଙ୍କର ଦୂରଦୃଷ୍ଟିର ଅଭାବ ଓ ସ୍ଥାନୀୟ ଲୋକଙ୍କର ଅବହେଳା ଯୋଗୁଁ ବିସ୍ମୃତିର ସାଗର ଗର୍ଭରେ ଭିତରକୁ ଠେଲି ହୋଇ କୂଳ କିନାରା ପାଉ ନ ଥିବାବେଳେ ୨୦୧୨ ମସିହାରେ ମନିନ୍ଦ୍ର ମହାନ୍ତିଙ୍କ ସମ୍ପାଦିତ "ସାହିତ୍ୟ ସାରଥି ଭାଗୀରଥି ମହାପାତ୍ର" ସଂକଳନ ଏଦିଗରେ ତାଙ୍କୁ କୂଳକୁ ଆଣିବାକୁ ଧିରେ ଧିରେ ନିଶ୍ଚୟ ସହାୟକ ହେବ ଏହା ମୋର ଦୃଢ଼ ବିଶ୍ୱାସ । ତଥାପି ଏହି ସଂକଳନକୁ ପାଥେୟ କରି ଓଡିଶା ସାହିତ୍ୟ ଏକାଡେମୀ, ଭାଷା ପ୍ରତିଷ୍ଠାନ, ସଂସ୍କୃତି ବିଭାଗ ବା ବେସରକାରୀ ଶତାୟୁ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପରି ଅନୁଷ୍ଠାନ, ରତ୍ନକୋଷ ପରି ଦୁର୍ଲଭ ପୁସ୍ତକ ସହିତ ଅନ୍ୟାନ୍ୟ ପୁସ୍ତକର ଉଦ୍ଧାର ଓ ପ୍ରକାଶନ ପାଇଁ ମନଦେଇ "ଭାଗୀରଥି ଗନ୍ଥାବଳୀ" ପ୍ରକାଶ କଲେ ଏହା ପୂଜ୍ୟପୂଜାଙ୍କ ପ୍ରତି ଆମର ସର୍ବୋଚ୍ଚ ସମ୍ମାନ ହେବା ସହିତ ଆଗାମୀ ପିଢ଼ିଙ୍କୁ ମାର୍ଗଦର୍ଶନ କରାଇବାରେ ନିଶ୍ଚୟ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ।

❐



ପ୍ରକାଶ ପାଇଛି

ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ


ଓ

ପ୍ରାଧ୍ୟାପକ ଡ. ରାଜକିଶୋର ନାୟକଙ୍କ

ପୁସ୍ତକ

ଶକ୍ତିତତ୍ତ୍ୱ

ସାଧନାମୟ ଜୀବନ



ହରମୋହନ କୁଅଁର

ସଂପାଦକ, କାଇଁଚମାଳି
ଭଦ୍ରକ
୮୦୯୩୧୩୦୪୪୯

ଗୀତାରେ କର୍ମଯୋଗୀଙ୍କ ବିଷୟରେ ଅନେକ କଥା କୁହାଯାଇଛି । ମହାଭାରତ ଯୁଦ୍ଧ ଅବସରରେ ଧନୁଶର (ଗାଣ୍ଡିବ) ତଳେ ଥୋଇଦେଇ ଯୁଦ୍ଧ ନ କରିବାକୁ ଅର୍ଜୁନ ଜିଦ୍‌ଧରି ବସିବାରୁ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଅନେକ ପ୍ରକାର ବୁଝାଇ କହିଛନ୍ତି ତୃତୀୟ ଅଧ୍ୟାୟ କର୍ମ ଯୋଗରେ । କହିଛନ୍ତି –

"ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।
ନ ଚ ସନ୍ନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ॥"

ମନୁଷ୍ୟ କର୍ମାଚରଣ ନ କରି ନିଷ୍କର୍ମତା ବା ଯୋଗନିଷ୍ଠା ପାଇପାରେ ନାହିଁ, କି କେବଳ କର୍ମ ତ୍ୟାଗ କରିଦେଇ ସିଦ୍ଧି ଅର୍ଥାତ୍ ସାଂଖ୍ୟନିଷ୍ଠା ଲଭିପାରେ ନାହିଁ । ଏହା ନିଃସନ୍ଦେହ ଯେ କୌଣସି ମନୁଷ୍ୟ କୌଣସି ସମୟରେ କ୍ଷଣେ ସୁଦ୍ଧା କର୍ମ ନ କରି ରହିପାରିବ ନାହିଁ । କାରଣ ସମସ୍ତ ପ୍ରାଣୀ ପ୍ରକୃତିରୁ ଉତ୍ପନ୍ନ ଗୁଣମାନଙ୍କ ଦ୍ୱାରା ପ୍ରବୁଦ୍ଧ

ହୋଇ କର୍ମ କରିବାକୁ ବାଧ ହୁଅନ୍ତି ।

ପ୍ରକୃତରେ ବୁଝିବାକୁ ଗଲେ ଜଣେ କର୍ମଯୋଗୀ ମଣିଷ ପାଇଁ ଜୀବନ ଅଡୁଆ ସୂତାଖିଅ ନୁହେଁ, ବୟସ ବି କ୍ଲାନ୍ତିପ୍ରଦ ନୁହେଁ । ବନ୍ଧୁର ପଥରେ ଚାଲୁଚାଲୁ ସେ ହୁଏତ ଅନେକ ଥର ଝୁଣ୍ଟିବ, କିନ୍ତୁ ତଳେ ପଡ଼ିଯିବ ନାହିଁ । ଶୁଦ୍ଧ ସଂକଳ୍ପଯୁକ୍ତ ମଣିଷକୁ ପରାଜୟ ବି ପରାସ୍ତ କରିପାରିବ ନାହିଁ । ସାଧନାଠାରୁ ଦୂରେଇ ଯାଇ ମଣିଷ ସହଜ ଜୀବନ ବଞ୍ଚିବାକୁ ଇଚ୍ଛାକରେ । କାରଣ ସାଧନାମୟ ଜୀବନ ଭାରି କଷ୍ଟକର । ମଣିଷ ନିଜର ଉଦ୍ୟମ ବଳରେ ଯେତେ ଉପରକୁ ଉଠିଥାଏ ସେତେ ଜଟିଳ ହୋଇଥାଏ ତାର ସାଧନା । ଶସ୍ତା ଓ ସହଜ ଜିନିଷକୁ କେହି ପସନ୍ଦ କରନ୍ତି ନାହିଁ । ସୁତରାଂ ସାଧନାହୀନ ଜୀବନ ଏବଂ ସଂଘର୍ଷ ବିହୀନ ପ୍ରତିଯୋଗିତାକୁ କିଏ ବା ଆଦର କରନ୍ତା ! ଅଲୋଡ଼ା ଅଦରକାରୀ ଏସବୁ ଯୁଗେ ଯୁଗେ ହୋଇଥାଏ ।

ସମଗ୍ର ସୃଷ୍ଟିରେ ମଣିଷ ଏକମାତ୍ର ପ୍ରାଣୀ ଯିଏ ନିଜ ଭିତରେ ସୃଷ୍ଟି ହେଉଥିବା ଆବେଗ, ଉଚ୍ଛ୍ୱାସ, ଅଭିଯୋଗକୁ ନିୟନ୍ତ୍ରଣ କରି ନୀରବ ରହିଯାଇପାରେ । ଏହି ନୀରବତାରୁ ହିଁ ସର୍ବଶ୍ରେଷ୍ଠ ଚିନ୍ତନ ସୃଷ୍ଟିହୁଏ - ନୀରବତାର ସାଧନା ହିଁ ପ୍ରକୃତ ଶିକ୍ଷା । ଯେଉଁ ମଣିଷ ଯେତେ ବଡ଼ ସାଧକ ସେ ସେତେ ଅଧିକ ନୀରବ ଓ ନିରୁପଦ୍ରବ । ସେ ଯେତେବେଳେ କିଛି କହିବାକୁ ଚାହେଁ ବା କହିବାକୁ ବାଧ ହୁଏ, ତାଙ୍କୁ ଏକ ଧ୍ୟାନରେ ଶୁଣିବା ପାଇଁ ସାରା ଜଗତ ନୀରବି ଯାଏ । ବେଳେବେଳେ ସବୁଠାରୁ ଶକ୍ତିଶାଳୀ ଭାଷା ଅଟେ ତାହା, ଯାହା ସାଧନାରତ ମଣିଷ କହିପାରିବେ ତାହା ହେଉଛି ନୀରବତା । ନୀରବତା ସାଧନା କରି ନ ଥିବା ମଣିଷ ପ୍ରକୃତରେ ମଣିଷ ନୁହଁନ୍ତି । ସେଥିପାଇଁ ତ ଯୋଗୀ ଋଷିମାନେ ନୀରବ ନିକାଞ୍ଚନ ସ୍ଥାନ ଗଭୀର ଅରଣ୍ୟକୁ ସାଧନା ସକାଶେ ସ୍ଥିର କରିଥାନ୍ତି । ଗୋଟିଏ ଉଦାହରଣ ଯଥେଷ୍ଟ ହେବ ଯେ ଯୁଗଯୁଗ ଧରି ନୀରବ ସାଧନା ବଳରେ ଖଣ୍ଡ ରତ୍ନାକରରୁ ବାଲ୍ମୀକି ସାଜିଥିବା ମହର୍ଷି ରାମାୟଣ ପରି ମହାକାବ୍ୟ ରଚନା କରି ଯାଇଛନ୍ତି ।

କେଡ଼େ ରହସ୍ୟମୟ ସତେ ଏ ଜୀବନ !! ଜୀବନ ସଂପର୍କରେ କେହି କଣ କିଛି ନିର୍ଦ୍ଦିଷ୍ଟ ଭାବରେ କହି ପାରେ କି ? ଯେମିତି ଜନ୍ମ ଓ ମୃତ୍ୟୁ .... ଏ ଦୁଇ କ୍ଷଣର ମଧ୍ୟବର୍ତ୍ତୀ ସମୟଟି ମଣିଷ ଜୀବନର ବ୍ୟବଧାନ । କେତେବେଳେ ଏହା ଦୀର୍ଘ ତ ଆଉ କେତେବେଳେ ଏହାର ସ୍ଥାୟୀତ୍ୱ ପାଣି ଫୋଟକାଠାରୁ ଆହୁରି କମ୍ । ଅନେକ ଦାର୍ଶନିକ ଓ ମନସ୍ତତ୍ତ୍ୱବିତ୍ ସେ ବିଷୟରେ କରିଛନ୍ତି ଗବେଷଣା । କିନ୍ତୁ ଫଳ କ'ଣ ପାଇଛନ୍ତି ସେମାନେ ? କେହି କହନ୍ତି ଜୀବନ ବିଷାଦମୟ ତ ଆଉ କେହି କହନ୍ତି ଅମୃତମୟ । ସତ୍ ଚିତ୍ ଆନନ୍ଦର ସ୍ୱରୂପ ମଣିଷ ଜୀବନ । ସ୍ୱାମୀ ବିବେକାନନ୍ଦଙ୍କ ପରି ମହା ମନିଷୀମାନେ ଜୀବନକୁ କିଏ କେଉଁ ରୂପରେ ଆକଳନ କରିଛନ୍ତି ତାହା ଅବ୍ୟକ୍ତ । କାରଣ ଜୀବନ ଚିର ସୁନ୍ଦର ଓ ସର୍ବଦା ଗତିଶୀଳ । ଗତିହୀନ ଜୀବନ ହିଁ ନିର୍ଜୀବ ଶୁଷ୍କ କାଠଗଣ୍ଡି ସହିତ ସମାନ ।

ଏହି ଗତିଶୀଳତାକୁ ଦୃଷ୍ଟିରେ ରଖି କୁହାଯାଏ, କର୍ମମୟ ଜୀବନ ଫଳନ୍ତି ଗଛ ପରି ପୁଷ୍ପିଳ ।

ଏହି ପୁଷ୍ପିଳ ସରଳ ଜୀବନ ବି ହୋଇପଡ଼େ ବେଳେବେଳେ ଜଟିଳ । ତେଣୁ ମଣିଷକୁ ଜଟିଳ ଜୀବନ ସହିତ କରିବାକୁ ହୁଏ ସାଲିସ୍ । କେହି କେହି ବିଚାରବନ୍ତ ବ୍ୟକ୍ତି କୌଣସି ବିପଦର ସମାଧାନ କରିବାକୁ ଯାଇ କହନ୍ତି, ସାଲିସ୍ କଲେ ନାଲିସ୍ ବିଫଳ ହୁଏ । ତେବେ ଜୀବନକୁ ଚଳ ଚଞ୍ଚଳ ଓ ସଜୀବ କରିବାକୁ ହେଲେ ଶାନ୍ତି ଓ ନୀରବତା ହେଉଛି ପ୍ରଥମ ବିଜୟ । ହିଂସା ଓ ବିବାଦଠାରୁ ଦୂରେଇ ରହି ଅହିଂସା ଅସ୍ତ୍ରରେ ବିଜୟ ଲାଭ କରିଛି ଶାନ୍ତି ମୈତ୍ରୀ ପ୍ରଗତିର ଦେଶ ଭାରତ ବିଗତ ଶତାବ୍ଦୀର ଚାଳିଶ ଦଶକରେ ସ୍ୱାଧୀନତା ଲାଭ କରି । କଥାଟା ସର୍ବଦା ଗ୍ରହଣୀୟ, ଶାନ୍ତ ମାନସିକତା ଭିତରେ ପ୍ରେମ, ଆନନ୍ଦ, ଶକ୍ତି ଓ ଜ୍ଞାନ ଆହରଣ କରିହେବ । ସତ୍ୟ ଶିବ ସୁନ୍ଦରର ପ୍ରତୀକ ଈଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି ମଣିଷ ଜୀବନ । କେବେହେଲେ ଏ ଜୀବନ ନୁହେଁ ନିରର୍ଥକ ।

ନୈରାଶ୍ୟବାଦୀଙ୍କ ଜୀବନ କଦାପି ବ୍ୟର୍ଥ ନୁହେଁ । ଆଶାବାଦୀଙ୍କ ମତରେ ଜୀବନଟା ଅମୃତ ଫଳ ସଂଗେ ସମାନ । ମହାକାଳ ଫଳ ହିଁ ବିଷଫଳ । ଉପରଟା ଖୁବ୍ ଚହଟ ଚିକ୍କଣ ଆକର୍ଷଣୀୟ ହେଲେ ବି ତାହା ଅଭକ୍ଷ । ଯେମିତି କୁହାଯାଏ, "ପଳାଶ ଫୁଲ ଦେଖି କି ମନୋହର, ରୂପ ଥିଲେ ବି ବାସ ନାହିଁ ତାହାର ।" ନିଜ ସୁନ୍ଦର ରୂପରେ ବସନ୍ତର ଶୋଭା ବର୍ଦ୍ଧନ କରୁଥିଲେ ହେଁ ଗନ୍ଧହୀନ ହୋଇଥିବାରୁ ପଳାଶ ଦେବ ମସ୍ତକ ମଣ୍ଡନ କରିପାରେ ନାହିଁ, ଠିକ୍ "ଅବନ୍ଧୁ ଜୀବନ ଅସୂର୍ଯ୍ୟ ମହୀ, ଦେହ ଧରି କିଏ ପାରିବ ରହି" ଭାବନାପରି ।

ମଣିଷ ଜୀବନ ସମସ୍ତଙ୍କ ନିକଟରେ ସମାନ ନ ଥାଏ । କିଏ କର୍ମଠ ତ ଆଉ କିଏ ଆଳସ୍ୟ ତଥା ବିଳାସ ବ୍ୟସନରେ କାଟେ ତା ଜୀବନ । କର୍ମମୟ ଜୀବନଟା ଅର୍ଥପୂର୍ଣ୍ଣ । ସେଥିପାଇଁ କବି ଲେଖକମାନେ ନଗଣ୍ୟ କୀଟ ପିମ୍ପୁଡ଼ି ଓ ମଧୁମକ୍ଷୀଙ୍କ ଉଦାହରଣ ଅନେକ ସମୟରେ ସେମାନଙ୍କ କାଳଜୟୀ ଲେଖା ମାଧ୍ୟମରେ ସମାଜ ଉଦ୍ଦେଶ୍ୟରେ ଛାଡ଼ି ଯାଇଅଛନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କର୍ମମୟତାକୁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଲେଖିଛନ୍ତି -

"ମଣିଷ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ।"

ଜୀବନର ପରିମାପକ ଜଣେ ବ୍ୟକ୍ତିର କର୍ମ ଉପରେ ହିଁ ନିର୍ଭର କରେ । ଗାନ୍ଧିଜୀ, ଶାସ୍ତ୍ରୀଜୀ, ଆବ୍ରାହମ ଲିଙ୍କନ, ମାର୍ଟିନ୍ ଲୁଥର କିଙ୍ଗ୍, ମଦର ଟେରେସା, ଶ୍ରୀମା ଓ ସଦ୍ଗୁ ଅରବିନ୍ଦଙ୍କୁ ଆମେ କାହିଁକି ମନେ ରଖିଛନ୍ତି ?

ଜୀବନ ଶରୀରକୁ ନେଇ ବଞ୍ଚେ । ଏହି ଶରୀର ନିଜର ପ୍ରକୃତିକୁ ମାନି ଚଳେ । ତେଣୁ ମଣିଷର କାମନା, ବାସନା, ଆବେଗ ପ୍ରଭୃତି ପ୍ରାଣୀର ମନ ଅନୁସାରେ କାମକରେ । ଶରୀର ଭିତରେ ଅଛି ମନ । ତେଣୁ ସେ ଅଗ୍ରଗତି ବିକାଶ କରିବା ସଂଗେ ସଂଗେ ନିଜର ବିଚାର ଶକ୍ତି ଦ୍ୱାରା ସଂଯମ କରିବା ଶିଖେ । କାରଣ ସଂଯମ ହିଁ ବିବେକ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ବିଶ୍ୱକବି ରବୀନ୍ଦ୍ର ନାଥ ଈଶ୍ୱରଙ୍କୁ ମାଗନ୍ତି ସୁନ୍ଦର ଫୁଲ ନୁହେଁ, ବରଂ ଫୁଲ ଭିତରେ ଲୁଚି ରହିଥିବା ସୁରଭିକୁ ଏବଂ କୋକିଳ ଗାଉଥିବା ଗୀତର ମିଠା ପଣକୁ । ବୃକ୍ଷ ତ ମଣିଷକୁ ଦେଇ ଚାଲିଛି ଫୁଲ ଫଳ ଅଯାଚିତ ଭାବେ । ତେବେ ପ୍ରଭୁଙ୍କର ଐଶ୍ୱରୀୟ ଭାବ ଧାରା ଯେତେବେଳେ ମଣିଷର ମନକଳସୀକୁ ପୂର୍ଣ୍ଣ କରିଦିଏ ସେତେବେଳେ ସେ ଭାବର ସାଗରରେ ସନ୍ତୋଷ ମନରେ କରିଥାଏ ଅବଗାହନ । ଲାଗେ ଯେପରି ତାର ସବୁକିଛି ପୂର୍ଣ୍ଣ ହେବାରେ ଲାଗିଛି ।

କଥା ଉଠିଥିଲା ମନର ଚଞ୍ଚଳତାକୁ ବିବେକ ସଂଯମ କରେ । କାରଣ ମନ ହିଁ ଗୋଟିଏ ଚଳନ୍ତି ଧାବମାନ ଅଶ୍ୱ । ମନର ଗତି ଆଲୋକର ଗତିଠାରୁ ବି କ୍ଷିପ୍ରତର । ଏହି ସଂଯମ ବ୍ୟତିରେକେ ଜୀବନର ସବୁକିଛି ଅସଂପୂର୍ଣ୍ଣ । ତାହା ବିନା ସାଧୁତା ଓ ସତ୍ୟବାଦିତା ଜୀବନକୁ ବିଶୁଦ୍ଧ କରିପାରେନା । ନିରର୍ଥକ ହେବ ସଂଯମହୀନ ଜୀବନ । ବ୍ୟର୍ଥ ଜୀବନ ଧାରଣ କରିବା ମୃତ୍ୟୁ ସହିତ ସମାନ । ସେବା ତିତିକ୍ଷା, ତ୍ୟାଗ ; ଯୋଗ, ଦୟା କ୍ଷମା, ପ୍ରେମ ଅନୁରାଗ ଓ ଧର୍ମ କର୍ମ ପରି ସାତ୍ତ୍ୱିକ ଅନୁଭାବନା ଯଦି ଜୀବନରେ ନ ଥାଏ ତେବେ ପ୍ରାଣଶୂନ୍ୟ ଘଟ ସହିତ ସମାନ ହେବ ମଣିଷ ଜୀବନ । ଯଦି ଅନ୍ୟ କାହାରି ସେବାରେ ଜୀବନ ବିନିଯୋଗ ନହୁଏ ତେବେ ସେ ଜୀବନର ମୂଲ୍ୟକିଛି ନାହିଁ । ଦୟା କ୍ଷମା ସେବା- ତିନୋଟି ଗୁଣ ତ୍ରିରତ୍ନ ସଂଗେ ସମାନ, ଯାହା ମଣିଷ ଜୀବନକୁ ଆଭୂଷିତ କରିଥାଏ । କେହି ନିଜ ଜୀବନକୁ ତୁଚ୍ଛ କହୁଥିବାବେଳେ କେହି କହେ ଖୁବ୍ ମୂଲ୍ୟବାନ । ସେଥିପାଇଁ ତ ଅନ୍ଧ କବି ଭୀମଭୋଇ ଗାଇ ଉଠିଛନ୍ତି -

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେ ବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।

ସାଧୁ ସନ୍ଥର ଦେଶ ଭାରତ ବର୍ଷ । ପାଶ୍ଚାତ୍ୟ ସଭ୍ୟତା କଥା ଏଠି ଉଠୁନାହିଁ । ଜଣେ ଗେରୁଆ ବସ୍ତ୍ରଧାରୀ ସାଧୁ ବା ସନ୍ନ୍ୟାସୀଙ୍କର ଉତ୍ସର୍ଗୀକୃତ ସନ୍ଥଭାବନା ତାଙ୍କଠାରେ ଉଦୟ ନ ହେଲେ ନିଜର ଜୀବନ ଓ ଅନ୍ୟ ଜୀବନ ଭିତରେ ପାର୍ଥକ୍ୟ କାହିଁକି କିଏ ଅନୁଭବ କରିବେ ? ଦୁଇଟି ଜୀବନ ଭିତରେ କାହିଁକି ବା ଗୋଟିଏ ସୀମାରେଖା ଅଙ୍କାଯିବ ? କାରଣ ଆମ ସାମାଜିକ ଜୀବନ ଭିତରେ ଉଚ୍ଚ-ନୀଚର ପାଚେରି ଠିଆହୋଇ ରହୁଛି ।

ଯିଏ ଟିକିଏ ଉପରକୁ ଉଠିଗଲା ତଳ ଧାଡ଼ିରେ ରହିଯାଇଥିବା ସାଥୀ ମଣିଷଟି କଥା ସିଏ ଭୁଲିଯିବାକୁ ବସିଲା । ଏହା ହିଁ ଯୋଗ୍ୟତା ନଥାଇ ଉଚ୍ଚ ହେବାର ଦୁରାଶା ମଣିଷ ଜୀବନକୁ ଘନ କୁହୁଡ଼ି ପରି ଆଚ୍ଛନ୍ନ କରି ରଖିଛି ।

ବିଶ୍ୱବାସୀଙ୍କର ଜୀବନ ସୁଖମୟ ହେଉ (ମୋ ଜୀବନ ପଛେ ନର୍କେ ପଡ଼ିଥାଉ)- ଏହା କେତେଜଣଙ୍କର ମନର କଥା ଆଜିକାଲି ? ସୁଖମୟତା କଥା (ସାଧାରଣ ବିଶ୍ୱବାସୀଙ୍କର) ଫୁଟି ଉଠୁଥିଲା ଯୋଗୀ ଶ୍ରୀଅରବିନ୍ଦ, ସ୍ୱାମୀ ବିବେକାନନ୍ଦ ଓ ଆଚାର୍ଯ୍ୟ ହରିହରଙ୍କ କାୟୋମନୋବାକ୍ୟରେ, ଯେଉଁମାନେ ନିଜ ଉଚ୍ଚାରଣକୁ ପ୍ରୟୋଗ କରୁଥିଲେ ଆଚରଣରେ । ମଣିଷ ଜୀବନ ପରି ପଶୁପକ୍ଷୀ ଓ ବୃକ୍ଷଲତାଙ୍କ ଜୀବନ କଥାକୁ ସମାନ ଦୃଷ୍ଟିରେ ଦେଖୁଥିଲେ ଓ ଆଲୋଚନା ପ୍ରସଙ୍ଗରେ ଶିଷ୍ୟମାନଙ୍କୁ ବୁଝାଇ କହୁଥିଲେ -


ମଣିଷ ଜୀବନ ଅନନ୍ୟ ଓ ଅମୂଲ୍ୟ । ଏହି ଜୀବନକୁ ଭକ୍ତିମୟ, ରସମୟ, ସୌନ୍ଦର୍ଯ୍ୟମୟ ଓ ଅମୃତମୟ କରିବାକୁ ହେଲେ ଭୋଗ ଭୁଲିଯାଇ ତ୍ୟାଗର ମାର୍ଗ ଅନୁସରଣ କରିବାକୁ ହେବ । ପ୍ରତ୍ୟେକ ମଣିଷର ସମାଜିକ ସ୍ଥିତି ତ ସମାନ ନୁହେଁ । ଯାହାଙ୍କ ପାଇଁ ଆମେ କିଛି କାମ କରିବା, ସେ ଯେଉଁ ସ୍ତରରେ ହୁଅନ୍ତୁ ନା କାହିଁକି, ତାଙ୍କୁ ଆମେ ଭଗବାନ ମନେ କରିବା ଉଚିତ୍ । କାରଣ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି "କର୍ମ ହିଁ ଭଗବାନ" । ଏପରି କଲେ ଯେ କୌଣସି ସଧାରଣ କାମରେ (ବିଶେଷତଃ ସେବା) ବି ସରସତା ଲାଭ ହୋଇଥାଏ । କଥା କଥାକେ ତ ଆମେ "ମାନବ ସେବା ହିଁ ମାଧବ ସେବା" ବୋଲି ଭାଷଣରେ ଉଦାହରଣ ଦେଇଥାଉଁ । ଜୀବନରେ ଜନସେବା ହେଉ ବା ହେଉ ମାଧବ ସେବା; ଉଭୟ ସମାନ । କାରଣ ପ୍ରତି ମଣିଷ ଭିତରେ ଭଗବାନ ବିଦ୍ୟମାନ ।

ଆମ କର୍ମରେ ଯେମିତି ନିଘାଥାଏ ଧର୍ମରେ ବି ଥାଏ ଏକାଗ୍ରତା । ଉଭୟ କର୍ମ ଓ ଧର୍ମରେ ଥାଏ ପ୍ରେମ ଭାବନା । ଧର୍ମରେ ପ୍ରେମ, କର୍ମରେ ପ୍ରେମ, ସଂପର୍କରେ ପ୍ରେମ ଓ ପାରସ୍ପରିକ ପ୍ରେମ ଭାବନାରେ ଈଶ୍ୱରୀୟ ଅନୁଭାବନା ବା ବିଭୁପ୍ରେମ ଅବଶ୍ୟ ସୃଷ୍ଟି ହୁଏ, ଏହା ନିଃସନ୍ଦେହ । ପ୍ରେମର ଶିକୁଳିରେ ଥରେ ବାନ୍ଧିହୋଇଗଲେ (ଭକ୍ତ ଓ ଭଗବାନ) କେହି କେବେ ଖସି ଯାଇ ପାରିବେନି । ମଣିଷ ଭିତରେ ସେଇ ଶୁଦ୍ଧ ପ୍ରେମଭାବ ଟିକକ ଉଦ୍ରେକ ହେଲେ ଅବନ୍ଧୁଭାବ ଦୂର ହୋଇଯିବ ନିଶ୍ଚିତ ।

ମଣିଷକୁ ମଣିଷ ହିଁ ଭଲପାଏ । ଏଠାରେ ପୁରୁଷ ନାରୀ ମଧ୍ୟରେ ଥିବା ଦୈହିକ ପ୍ରେମ କଥା କୁହାଯାଉନାହିଁ, କୁହାଯାଏ ଆତ୍ମା ସହିତ ଆତ୍ମାର ମିଳନ ଯାହା ସମ୍ଭବ କେବଳ ସ୍ୱର୍ଗୀୟ ପ୍ରେମରେ । କିନ୍ତୁ ଆଜିର ସମାଜରେ ପ୍ରେମକୁ ନେଇ ନାନା କୁତ୍ସିତ ଓ ନାରକୀୟ ତଥା ମନ୍ଦ ପ୍ରଦୂଷିତ ଭାବନାର ସୃଷ୍ଟି । ମନ ସହିତ ମନର ମେଳ ନ ଖାଇଲେ ସ୍ନେହପ୍ରୀତିର ସମୀରଣ ପ୍ରବାହିତ ହେବ କିପରି ?

❐

ଓଡ଼ିଆ କବିତାରେ ଜଗତୀକରଣର ମୁଦ୍ରାଙ୍କ



ଡ. ବାସୁଦେବ ଦାସ

ଜୟୀପୁରା, ବଳଦେବ କଲୋନୀ
କେନ୍ଦ୍ରାପଡ଼ା - ୭୫୪୨୧୧
ମୋ- ୯୪୩୮୦୧୮୫୦୧

ସାହିତ୍ୟ ସମାଜର ବିମ୍ବ । କାବ୍ୟିକ ଶବ୍ଦ-ଶିଳ୍ପରେ ସାମାଜିକ, ସାଂସ୍କୃତିକ ଓ ରାଜନୀତି ଚିତ୍ର ପ୍ରତିଫଳିତ ହେବାକୁ ବାଧ୍ୟ । ମଣିଷ ଏକ ସାମାଜିକ ବ୍ୟକ୍ତି । ସମାଜର ବିବିଧ ବୈଷମ୍ୟ ତା'ର ଜୀବନଯାତ୍ରାରେ ପ୍ରତିକୂଲ୍ୟ ଆଣିଥାଏ; ସୁତରାଂ କବି ଓ ଲେଖକ ଜୀବନବୋଧର ଘାତ ପ୍ରତିଘାତକୁ ଶବ୍ଦର ସ୍ଥାପତ୍ୟରେ ତୋଳି ଧରନ୍ତି । ଏହି ସତ୍ୟ ଭାରତବର୍ଷ ତଥା ଓଡ଼ିଶାର ଜନଜୀବନକୁ କିପରି ଆକ୍ରାନ୍ତ କରିଛି, ତାହାର ପରୀକ୍ଷାନିରୀକ୍ଷା ସମୀଚୀନ ମନେହୁଏ ।

(୧) ଜଗତୀକରଣର ସୃଷ୍ଟି :- ୧୯୮୦ ପରବର୍ତ୍ତୀ ଓଡ଼ିଆ କାବ୍ୟଧାରାରେ ଆସିଛି ବିପୁଳ ପରିବର୍ତ୍ତନ । ୧୯୯୨ ମସିହାରେ ଗ୍ୟାଟ୍ (GATT) ଚୁଲି, ୧୯୯୪ରେ ହେଲା (WTO (World Trade Organisation) 'ଟୋ', ସେଥିରୁ ଜନ୍ମନେଲା L.P.G ବା

ଉଦାରୀକରଣ, ଘରୋଇକରଣ ବା ଜଗତୀକରଣ ଭଳି ନବ୍ୟ ଆର୍ଥନୀତିକ ବ୍ୟବସ୍ଥା, ଯାହାର ଫଳଶ୍ରୁତି ହେଲା ଇଣ୍ଟରନେଟ୍‌ର ବ୍ୟାପକ ପ୍ରଚଳନ, ୨୦୦୪ରେ ଫେସବୁକ୍ ଭଳି ସାମାଜିକ ଗଣମାଧ୍ୟମ ଓ ସେଥିରେ ମୁକ୍ତ ମଞ୍ଚ । ଏହି ସମୟ ଖଣ୍ଡ ମଧ୍ୟରେ ଓଡ଼ିଶାରେ ଘଟିଛି ଛବିରାଣୀ ହତ୍ୟାକାଣ୍ଡ, ୧୯୯୯ ମହାବାତ୍ୟା, ନନ୍ଦିଗ୍ରାମ ଦ୍ୱନ୍ଦ୍ୱ, କଳିଙ୍ଗନଗର ଯୁଦ୍ଧ, ଅଞ୍ଜନା ମିଶ୍ର, ଦାନମାଝୀ, ପୋସ୍କୋ, ବଗପାଟିଆ ବିସ୍ଥାପନ, ଚିଟ୍‌ଫଣ୍ଡ, କାଳିଆ ଯୋଜନା, ସର୍ବୋପରି ସାଧାରଣ ନିର୍ବାଚନ, ସୁଭଦ୍ରା, କୋଟିଆ ଘଟନା, ନକ୍ସଲ ଆନ୍ଦୋଳନ, ଦାଦନ ଚାଲାଣ, କୃଷକ ଆତ୍ମହତ୍ୟା, ମନ୍ତ୍ରୀଠାରୁ ସନ୍ନ୍ୟାସୀ ପର୍ଯ୍ୟନ୍ତ ଯୌନ ବ୍ୟଭିଚାର ଆଦି ଜଗତୀକରଣର 'ମହାକାଳ ଫଳ' । ଓଡ଼ିଆ କବିତା ଏହି ଭାବବସ୍ତୁ ଗୁଡ଼ିକରେ 'ନୂଆ ଆଧୁନିକତା' ଭାବେ ବିଚାର୍ଯ୍ୟ ।

ଆମେରିକୀୟ ରାଜନୀତିଜ୍ଞ ଲେଖକ ଫୁକୁୟାମାଙ୍କ ମତରେ 'ଉଦାରୀକରଣ ହେଉଛି ଏକ ଯନ୍ତ୍ର, ଯାହାଦ୍ୱାରା ଉଦାରବାଦୀ ଗଣତନ୍ତ୍ର ସମଗ୍ର ବିଶ୍ୱରେ ବିସ୍ତାର କରିବ କିନ୍ତୁ ଏହି ଉଦାରବାଦୀ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଇତିହାସର ଅନ୍ତଃ ଘଟାଇବା ଲାଗି ଶେଷ ମଣିଷର ପରିଚୟ ଦେଇ ନାହାନ୍ତି ।" ଉଦାରୀକରଣର ଅନ୍ତୁଡ଼ିଶାଳ ହେଲା ରୁଷର ଗ୍ଲାସ୍‌ନସ୍ତ ଓ ପେରିସ୍ତ୍ରୋଇକା, ଯାହାର ମହାନାୟକ ହେଉଛନ୍ତି କମ୍ୟୁନିଷ୍ଟ ପାର୍ଟିର ମହାସଚିବ ତଥା ସୋଭିଏଟ୍ ୟୁନିୟନ୍‌ର ରାଷ୍ଟ୍ରପତି ମିଖାଇଲ ଗୋର୍ବାଚେଭ୍ (୧୯୮୫-୧୯୯୧) । ରୁଷର କେନ୍ଦ୍ରୀଭୂତ ଯୋଜନା ବିଫଳ ହେବା ସହିତ କମ୍ୟୁନିଷ୍ଟ ଶାସନରେ ଲୋକେ ଅସହାୟ ଅନୁଭବ କରୁଥିଲେ ବୋଲି ତାଙ୍କର ଯୁକ୍ତି ଥିଲା । ଦେଶର ଅର୍ଥନୀତି ଓ ସାମାଜିକ ସମସ୍ୟାର ସୁଧାର ପାଇଁ ସେ ଗ୍ଲାସନସ୍ତ ପେରିସ୍ତ୍ରୋଇକାର ସୂତ୍ରପାତ କରିଥିଲେ । ସୋଭିଏତ ରୁଷର ଜଟିଳ ସମସ୍ୟା ସତ୍ତ୍ୱେ ମିଖାଇଲ ଗୋର୍ବାଚେଭ୍ ସୋଭିଏତ ୟୁନିୟନ୍ ସହିତ ଭାରତର ବନ୍ଧୁତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୧୯୯୬ ମସିହାରେ ଚାରିଦିନିଆ ଗସ୍ତରେ ଭାରତ ଆସିଥିଲେ । ଅର୍ଥାତ୍ ତାଙ୍କ ଭିତିରି ଉଦ୍ଦେଶ୍ୟ ଥିଲା ଭାରତ ଭଳି ସାର୍ବଭୌମ ରାଷ୍ଟ୍ରର ସମ୍ମତି ଓ ସହମତି ଲାଭ କରିବା, ଯଦିଚ କମ୍ୟୁନିଷ୍ଟ ଦଳର ମହାସଚିବ ପଦରୁ ୧୯୯୧ରେ ଇସ୍ତଫା ଦେଇ ସାରିଥିଲେ । ଗୋଟିଏ ବାକ୍ୟରେ କହିଲେ – ଏହା ହେଉଛି ପୁଞ୍ଜିବାଦର ସାମ୍ୟବାଦ ଉପରେ ବିଜୟ । କିନ୍ତୁ ଏହାକୁ ଭାରତ / ଓଡ଼ିଶାର ସାମ୍ୟବାଦୀମାନେ ଗ୍ରହଣ କରି ନ ଥିଲେ; ମାନବ ଜାତିର ସଙ୍କଟ ଭାବେ ବିଚାର କରିଥିଲେ ।

(୨) ଜଗତୀକରଣ ଏକ ସରଳାର୍ଥ :– ଭାରତରେ ୧୯୯୯ରେ ଜଗତୀକରଣ ବା ଉଦାରୀକରଣ ଅସଲ ରୂପ ଗ୍ରହଣ କଲା । ରାଷ୍ଟ୍ର ସହିତ ରାଷ୍ଟ୍ରଙ୍କୁ ଯୋଡ଼ିବାର ଏକ ସରଳ ପ୍ରକ୍ରିୟା ଭାବେ ବିବେଚିତ ହେଲା । ଏହି ସହବନ୍ଧନର ସ୍ୱରୂପ ହେଉଛି ବ୍ୟାବସାୟିକ କଟକଣାହୀନତା । ବୃହତ୍ ରାଷ୍ଟ୍ରମାନଙ୍କର ଉତ୍ପାଦଗୁଡ଼ିକ ପାଇଁ ବିପଣନ ବା ବିଜୟ

କେନ୍ଦ୍ରମାନ ସୃଷ୍ଟି କରିବା । ନିଜ ଦେଶରେ ଥିବା କଟକଣା କୋହଳ ସହିତ କୁଟୀର ଶିଳ୍ପ ପାଇଁ ଥିବା ରିହାତିକୁ ଉଚ୍ଛେଦ କରିବା ଏବଂ ବହୁରାଷ୍ଟ୍ରୀୟ କମ୍ପାନୀ ବା କର୍ପୋରେଟ୍ ଗୁଡ଼ିକୁ ବ୍ୟବସାୟ ନିମନ୍ତେ ସନନ୍ଦ ଦାନ କରିବା । ବହୁରାଷ୍ଟ୍ରୀୟ କମ୍ପାନୀ ଗଠନ ପୂର୍ବକ ବିଶ୍ୱବଜାର ବ୍ୟବସ୍ଥାକୁ ଜଗତୀକରଣ ନାମରେ ଅନୁନ୍ନତ ଓ ବିକଶିତ ରାଷ୍ଟ୍ର ଉପରେ ଲଦି ଦିଆଗଲା । ସମ୍ପ୍ରତି ବିଶ୍ୱରେ ୬୦ ହଜାର ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ବିଭିନ୍ନ ଦେଶରେ ପାଞ୍ଚଲକ୍ଷ ସହଯୋଗୀଙ୍କ ସହ ୧.୮ ଟ୍ରିଲିୟନ ସମ୍ପତ୍ତିର ମାଲିକ ହୋଇଛନ୍ତି । ସୋଭିଏତ୍ ରାଷ୍ଟ୍ରର ପତନ ପରେ ଯୁକ୍ତରାଷ୍ଟ୍ର ଆମେରିକା ଏକମାତ୍ର ବୃହତ୍ ଶକ୍ତି ଭାବରେ ମିଳିତ ଜାତିସଂଘ, ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠିକୁ ନିୟନ୍ତ୍ରଣ କରିବା ସହ ନିଜର ଆବଶ୍ୟକତା ସହ କରାୟତ୍ତ କରିଚାଲିଛି । ନିଜ କମ୍ପାନୀଗୁଡ଼ିକର ବିକାଶ ଓ ସୁରକ୍ଷା ପାଇଁ ବିକଶିତ ରାଷ୍ଟ୍ରମାନଙ୍କ ଉପରେ ଜଗତୀକରଣ ପ୍ରକ୍ରିୟାକୁ ଲଦିଚାଲିଛି । ଜଗତୀକରଣକୁ କୂଟନୀତି ଓ ଅର୍ଥନୀତିର ସୂତ୍ର ଭାବେ ପ୍ରଯୋଗ କରିଛି । ଜଗତୀକରଣ ଦ୍ୱାରା ବୃହତ ଧନୀରାଷ୍ଟ୍ରମାନଙ୍କର ମୁକ୍ତ ବାଣିଜ୍ୟ ପଥ ଉନ୍ମୁକ୍ତ ହୁଏ । ସୁବିଧା ଓ ଲୋକପ୍ରିୟ ସାମଗ୍ରୀ ବିକ୍ରୟ କରି ଏମାନେ ଦେଶର ମୂଳ ଓ କୌଳିକ ବ୍ୟବସାୟକୁ ହତ୍ୟା କରନ୍ତି । ରାଷ୍ଟ୍ରଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ସଂସ୍ଥାର ମାନ୍ଦାବସ୍ଥା ସୃଷ୍ଟିହୁଏ । ଫଳତଃ ସରକାର ଏଥିରୁ ପୁଞ୍ଜି ପ୍ରତ୍ୟାହାର କରି କମ୍ପାନୀକୁ ବିକ୍ରୟ କରିଦିଅନ୍ତି । ସରକାର ଯେଉଁ ମୁକ୍ତ ଅର୍ଥନୀତିର ପ୍ରତିଯୋଗିତା କରନ୍ତି, ତଦ୍ଦ୍ୱାରା ପ୍ରତିଯୋଗିତାରେ ଦେଶୀୟ ସଂସ୍ଥାମାନ ଧ୍ୱଂସ ପାଇଯାଏ । ଫଳତଃ ଭାରତ ଭଳି ଗୋଟିଏ ପରମ୍ପରାବାଦୀ ରାଷ୍ଟ୍ରରେ ସଂସ୍କୃତି ଓ ଜୀବନବୋଧ ଜଗତୀକରଣର ବ୍ୟାଦାନ ମୁଖରେ ଆତ୍ମଗୋପନ କରେ । ଦେଶର କିଛି ଉନ୍ନତି ଘଟିଲା ସତ, କିନ୍ତୁ ତା'ର ଯେଉଁ ମହନୀୟତା ରହିଥିଲା, ତାହା ଅନ୍ଧକାର ମଧ୍ୟରେ ଲୁଚିଗଲା । ଜଗତୀକରଣ ନାମରେ ନୂଆ ସାହିତ୍ୟ ଓ ସଂସ୍କୃତିର ପଥ ଉନ୍ମୁକ୍ତ ହେଲା, ଯାହା ଏହି ସମାଜ ପାଇଁ ଆଦୌ ଗୃହଣୀୟ ନୁହେଁ ।

(୩) ଜଗତୀକରଣୀ ସାହିତ୍ୟ ସଂସ୍କୃତି :– ଉଦାର ଅର୍ଥନୀତିର ଏକ ବିକଳ ବିଧୃତ ଜଗତୀକରଣ ବ୍ୟବସ୍ଥା ୨୦୦୦ ମସିହାରେ ଆମ ଦେଶରେ ତା'ର ବିକଟାଳ ଆଁ ମେଲି ଠିଆହୁଏ । ଗାଈ 'ଭୂତ' ପ୍ରସବ କଲାପରି ଗୋଟାଏ ଧାର୍ମିକ ଅଥଚ ରକ୍ଷଣଶୀଳ ରାଷ୍ଟ୍ର 'ମୁକ୍ତବଜାର ଅର୍ଥନୀତି'ର ପସରା ମେଲିଦିଏ । ଜଗତୀକରଣ ପ୍ରଭାବରେ ବହୁଳ ପ୍ରଯୁକ୍ତିବିଦ୍ୟା ମଧ୍ୟରୁ ଉତ୍ପନ୍ନ ହେଲା ଆଧୁନିକ ବିକଳାଙ୍ଗ ସଭ୍ୟତା । 'ବହୁରାଷ୍ଟ୍ରୀୟ ସଂସ୍କୃତି' ସହ ମିଶ୍ରଣ ହେଲା ଯାବତୀୟ ଗଙ୍ଗ, ଢଙ୍ଗ, ଚାଲି, ଚଳନ, ପୋଷାକ, ଖାଦ୍ୟ, ପରିବାର ଗଠନ, ନଗରୀକରଣ ସଭ୍ୟତା, ଆପେ ବଞ୍ଚିଲେ ବାପାର ନାଁ ପରି ସ୍ୱାର୍ଥକୈନ୍ଦ୍ରିକ ଜୀବନବୋଧ । ତତ୍ ସହିତ ବିବାହ, ବ୍ରତଘର, ପର୍ବପର୍ବାଣି, କଳା-ସଙ୍ଗୀତ, ନୃତ୍ୟ, ଏପରିକି ରୋଷେଇବାସରେ ଜଗତୀକରଣର ଚିତ୍ର ଦେଖିବାକୁ ମିଳିଲା । ଫଳ ସ୍ୱରୂପ ଯୌଥ ପରିବାରର ପତନ, ମୁକ୍ତ-ଅବାଧ ମିଳାମିଶା, ବରକନ୍ୟାଙ୍କର ରିଙ୍ଗ୍ ସେରିମୋନୀ

ହେଉ ହେଉ – ଦେଖା ଚାହାଁ ଓ ଲିଭ୍-ଇନ୍-ଟୁଗେଦର କାର୍ଯ୍ୟମାନ ସମ୍ଭବ ହେଲା । ସୁନ୍ଦରୀ ପ୍ରତିଯୋଗିତା, ଯୌନ ପ୍ରତିଯୋଗିତା, ବିଭିନ୍ନ ରାସାୟନିକ ତୈଳ ବା ବଟିକା ଦ୍ୱାରା ସୌନ୍ଦର୍ଯ୍ୟବୃଦ୍ଧି, ଲିଙ୍ଗବର୍ଦ୍ଧକ ଓ ସ୍ତନବର୍ଦ୍ଧକ ଉପାଦାନମାନ ବଜାରରେ ଏପରିକି ଗ୍ରାମାଞ୍ଚଳରେ ସହଜ ଓ ସୁଲଭ ହେବା ଫଳରେ ଅପସଂସ୍କୃତି ବୃଦ୍ଧି ଘଟିଲା । ଛାଡ଼ପତ୍ର, ଆତ୍ମହତ୍ୟା, ପ୍ରେମ ନାମରେ ପ୍ରତାରଣା ସର୍ବତ୍ର ଢେଉ ଖେଳିଗଲା । କେତେ ପ୍ରକାରର ମୋବାଇଲ ଫୋନ୍, ଇଣ୍ଟରନେଟ୍ ଦ୍ୱାରା ସବୁ ଉନ୍ମୁକ୍ତ ହୋଇଗଲା । ବିଶ୍ୱକୁ ଗୋଟାଏ ଗାଁ କହି କହି ନିଜ ଗାଁର ସବୁଜ ଜୀବନ ଧୂଳିସାତ୍ ହୋଇଗଲା । ପରିବେଶ ମଧ୍ୟ ପ୍ରଦୂଷିତ ହେଲା । ଯାକୁ ନେଇ ତ ଜୀବନ ଗତିଶୀଳ ! ସାହିତ୍ୟିକ,କବିର ଆତ୍ମାରେ ତାହା ପଜିଟିଭ୍ ହେଉ, ନେଗେଟିଭ୍ ହେଉ, An idea can change your life ବାସ୍ତବାୟିତ ହେଲା । ବିଶେଷ କରି କୃଷି ଗୋପାଳନ ଉପରେ ଚଡ଼କ ପଡ଼ିଲା । ଓଡ଼ିଆ ପୁଅକୁ ସୁରଟ ଗୁଜୁରାଟ ଟଙ୍କା ପାଗଳ କରିବା ବେଳେ ଶିକ୍ଷିତ ପିଲା ହିଁ ଦୁବାଇ, କାଲିଫର୍ଣ୍ଣିଆ, ଆଫ୍ରିକା ଦେଶକୁ ଯିବାକୁ ଉନ୍ମତ୍ତ ପାଗଳ । ଅନ୍ୟାୟ-ଅନୀତିର ମହାପ୍ରବାହ ତଳେ ଲୁଚି ଯାଉଛି ସକଳ ମୂଲ୍ୟବୋଧ ଏବଂ ହଜି ଯାଉଛି ସାମ୍ପ୍ରଦାୟିକ ସଦ୍‌ଭାବନା । ଜଗତୀକରଣ ତଳେ ଲୁଚି ଯାଇଛି ଆତ୍ମୀୟତା ଓ ଜୀବନବୋଧ ।

କୃଷି ଓ କୃଷକ :- ସବୁଜ ଶ୍ୟାମଳ ଅଥବା ସୁନେଲି ଫସଲ କିଆରିରେ କୃଷକର ଆନନ୍ଦ ଉଲ୍ଲାସର ଗୀତର ନିର୍ବାସନ ଘଟି ସେଇଠି ଶୁଭୁଛି ଆତ୍ମହତ୍ୟାର ଚିତ୍ର-ଚିତ୍‌କାରୀ କରୁଣ କ୍ରନ୍ଦନ । ବର୍ଷକୁ ଶତାଧିକ କୃଷକ ଋଣଗ୍ରସ୍ତ ହୋଇ ଫସଲ କିଆରିରେ କରୁଛନ୍ତି ଆତ୍ମହତ୍ୟା । କେତେ ନୈରାଶ୍ୟ ଜର୍ଜର ହେଲେ ଜୀବନ ଜଳାଞ୍ଜଳି ଦେବାକୁ ହୁଏ ? ହୋମ୍ ଡିପାର୍ଟମେଣ୍ଟ ନୂଆଦିଲ୍ଲୀର ରିପୋର୍ଟ ଅନୁଯାୟୀ ୨୦୦୦ ମସିହାରୁ ୨୦୦୬ ମଧ୍ୟରେ ଓଡ଼ିଶାରେ ୧୭୩୭ କୃଷକ ଆତ୍ମହତ୍ୟା କରିଥିଲେ । ତତ୍ ପରବର୍ତ୍ତୀ କାଳରେ ତିନିଗୁଣ କୃଷଳ ଜୀବନ ଅକାଳେ ଝଡ଼ି ପଡ଼ିଲା । ଜଗତୀକରଣର ପ୍ରଭାବ ଚାଷ ଉପରେ ଗଭୀର ପ୍ରଭାବ ପକାଇଛି –

ସାଇତି ରଖିଥା / ସବୁ ଫଟାକାନ୍ଥ, ଭଙ୍ଗାହାଡ଼
ସବୁ ଦଦରା ଦିନ, ରୋଗିଣା ରାତି / ସାଇତି ରଖିଥା ଭୋକ
କେହି ଜଣେ କଥା ଦେଇ ଯାଇଛି / ପୂରଣ କରିଦେବ ତୋର କ୍ଷତିକୁ
କେହି ଜଣେ ଆଣିବାକୁ ଯାଉଛି ଅମୃତ
ତୋର ସହସ୍ର ମୃତ୍ୟୁର ଉପଶମ ପାଇଁ (ଅଙ୍ଗାରଗାର – ଆଶୁତୋଷ ପରିଡ଼ା)

ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କର 'ଧାନଫୁଲ କାନଫୁଲ' କବିତା ସଂକଳନ ସମ୍ପୂର୍ଣ୍ଣ ଜଗତୀକରଣକୁ ବିଦ୍ରୂପ କରି ତାହାର ମହାକାଳ ଫଳକୁ ଫଟାଇ ପାରିଛି –

'ଏ ବର୍ଷ ଧାନ ତଳି ରୋଇବାକୁ

ମୂଲିଆ ମିଳିଲେନି ଯେ
- ପଡ଼ିଆ ପଡ଼ିଲା ପାଞ୍ଚମାଣ ବିଲ
ପୋତି ହୋଇଗଲାଣି ଦୁଆରୁ ଧାନ ଅମାର
ଅଠର ଗଉଣିଆ ଅଖା
ଏବେ ଦିଶିଲାଣି ଚରିତ୍ରହୀନ
ଅକ୍ଷି ତୃତୀୟା ଦିନ / ବାପାଙ୍କ ଆଖିଦିଶେ ଲୁହ ଛଳଛଳ ।' (ଗୋଟିଏ ବର୍ଷାଗରଳ ଦୃଶ୍ୟ)

ଓଡ଼ିଶାର ପ୍ରଧାନ ସମ୍ପଦ କୃଷି । କୃଷକର ହାଡ଼ଭଙ୍ଗା ପରିଶ୍ରମରେ ପୃଥିବୀ ମାତା ନୂତନ ବସ୍ତ୍ର ପରିଧାନ କରେ । ମାତ୍ର ଜଗତୀକରଣର ବିକୃତ ଅର୍ଥନୀତି ହେତୁ ଏବଂ ବଜାର ରେଟ୍ ବୃଦ୍ଧି କାରଣରୁ କୃଷି ଉତ୍ପାଦନ ସରଞ୍ଜାମ ପାଇଁ ଚାଷୀକୁ ଋଣଗ୍ରସ୍ତ ହେବାକୁ ପଡ଼ିଛି । ହଳ-ବଳଦ, ବିହନ, ସାର, ଔଷଧ ପାଇଁ ବିଚାରା ଚାଷୀକୁ ହୀନସ୍ତା ହେବାକୁ ପଡୁଛି । ପାରମ୍ପରିକ କୃଷି ଥିଲା ସହଯୋଗ ଓ ସମବାୟ ଭିତ୍ତିକ । ଆଜି ମିଳିମିଶି ଜଣକ ରୁଆ ଉପୁଡ଼ା କରିବା ତ ଅନ୍ୟଦିନେ ଅନ୍ୟ ଜଣକ କୃଷିକର୍ମ ସମାପ୍ତ କରିବା, ମୂଲିଆଙ୍କ ପାଖକୁ ଭାତ-ଚା' ନେଇଯିବା, ସଜାଳୁ ସଞ୍ଜ ଯାଏ କ୍ଷେତରେ ପଡ଼ି କାମ କରିବାର ଅଧ୍ୟାୟ ଏବେ ସମାପ୍ତ ହୋଇଛି । ପାବାରଟିଲର ଓ କୁଡ ବା କଣ୍ଟ୍ରୋଲ ଚାଷ ଏଇ ୨୦୦୦ ମସିହାଠାରୁ ନିଷ୍ଠୁର ଭାବେ ପ୍ରଚଳିତ । ବର୍ଷରେ ଥରେ ଧାନ କେତେ ବସ୍ତା ବିକ୍ରିକଲେ ଲୁଗା କିଣିବ ବି କାନଫୁଲ କିଣିବ । ବର୍ଷସାରା ବାକ୍ସ ଶୂନ । ଝିଅ ବାହାଘର କିମ୍ବା ନିମିତ୍ତ କରିବା ପାଇଁ ଚାଷୀଋଣ ଗ୍ରସ୍ତ ବି ହୋଇଯାଏ । କୃଷିଋଣ କରି ସବୁ ଭରଣା କରେ କୃଷିର ଉତ୍ପାଦନରେ । ମାତ୍ର ଆଶା ଭରସାର ଫସଲ ଗଣ୍ଡାକ 'ଜଳ ବିହୁନେ ସୃଷ୍ଟିନାଶ' ହେଉ, ପଙ୍ଗପାଳଙ୍କ ଦଂଶନରେ ଫସଲ ଲୋପ ପାଉ, ବାଷ୍ପୀ ମୁଣ୍ଡରେ ଚଡ଼କ ପଡ଼େ । ଏଣେ ଋଣ ଶୁଝିବାର ଅର୍ଥାତ ଘର କୋରଖ ହେବାର ଘୋଷଣାରେ ବିଚାରା ଅସହାୟ ହୋଇ ବିଷପିଇ ଦେଇ ସମାଧାନ କରିଦିଏ । କବି ବାସୁଦେବ ଦାସଙ୍କ 'ଚାଷୀ ମୃତ୍ୟୁ ପୁରସ୍କାର' କବିତାରେ ଏଇ ଚିତ୍ର ଅନ୍ତରଙ୍ଗ ଭାବେ ସ୍ପଷ୍ଟ ହୋଇଯାଇଛି ।

ହତାଶ ପ୍ରାଣରେ ଋଣର ବତାଶ
ଛାତିଟାକୁ ଦେଲା ଜାଳି
ଚୁଲି ତ ଅଜଳା ପେଟ ତ ଭୋକିଲା
ଛୁଆ କଲା ଛଟପଟ
କେମିତି ଶୁଝିବ ସରକାର ସାଥେ
ବାଛିଲା ମରଣ ବାଟ ।
ଖଟିଖଟି ଯାର ଖଙ୍କପଡ଼େ ପେଟ

ମୁଣ୍ଡଟା ଗଲା ବିଗିଡ଼ି
ଗଣତନ୍ତ୍ର ଦେଶ ଗଣିଆ ଭାଇଟା
ବିଷ ପିଇ ଗଲା ଗଡ଼ି ।" (ଚାଲ କୁରୁକ୍ଷେତ୍ର - ସଂକଳନ ପୃ-୧୦୨)

ଗଣିଆର ମୃତ୍ୟୁରେ ସଂଗଠିତ ହୋଇଚି ଗଣ ଆନ୍ଦୋଳନ ଏବଂ କୃଷକ ଘରଣୀ ହାତକୁ ନୋଟ ବିଡ଼ାଏ ମନ୍ତ୍ରୀ ଗୁଞ୍ଜିଲା ବେଳେ ସେ ଟଙ୍କାକୁ ମନ୍ତ୍ରୀ ମୁହଁକୁ ଫିଙ୍ଗିଦେଇଛି ତା'ର ସ୍ତ୍ରୀ । ଦେଇ ପାରିବୁ କି ଫେରାଇ ମୋର ଗେରସ୍ତକୁ ? ଏହି ପ୍ରସଙ୍ଗରେ ଶ୍ରୀଦେବଙ୍କର 'ଚାଷବାସ' କବିତା ସଂକଳନ ଅତ୍ୟନ୍ତ ପ୍ରାସଙ୍ଗିକ ଏବଂ କୃଷିକ୍ଷେତ୍ରର ସମୃଦ୍ଧିଠାରୁ ନୈରାଶ୍ୟର ମରୁଭୂମି ଓ କୃଷକର ବିପର୍ଯ୍ୟସ୍ତ ଜୀବନକୁ କବି ସବଳିତ କରିଛନ୍ତି । ବର୍ଣ୍ଣନା ଅପେକ୍ଷା ବାସ୍ତବତା, ବିଚାରଠାରୁ ବିବେକପଣିଆ ଖଟାଇବାକୁ କବିଙ୍କର ଆହ୍ୱାନ ।

"ଜମିବାଡ଼ି ସାବ୍‌ଜା ଦିଶିଲେ / ଓଠରେ ତା' ଜଳେ ମୁର୍କିହସର ହାର୍କିନ୍
ଆଖିହୁଏ / ଉଲ୍ଲାସରେ ଓହଳି ପଡୁଥିବା / ଆଷାଢ଼ ଆକାଶ
ମୟୂର ନୃତ୍ୟରେ ବିଭୋର ଇନ୍ଦ୍ରଧନୁ / ଲେଖେ,
ଚାଷ ଓ ଚାଷୀର ମୃତ୍ୟୁ ଇତିହାସ ।" (ଚାଷ-ବାସ, ପୃ-୧୧)

କିମ୍ବା, "ଚାଷ ନ ହେଲା ନାଇଁ । ଆମକୁ ମରିବାକୁ ଦିଅ ସରକାର ।" (ଶ୍ରୀଦେବ)

ନିରାକାର ଦାସଙ୍କ ବିଦୀର୍ଣ୍ଣ ବସୁଧା, ଅଶ୍ୱିନୀ ମିଶ୍ରଙ୍କ ଜ୍ୟୋତିସ୍ନାନ, ସଦାଶିବଙ୍କର ଦ୍ରୋହକାଳରେ ଜଗତ୍‌କରଣ ଚିତ୍ର ପ୍ରତିଫଳିତ ।

(୪) ସାଂସ୍କୃତିକ ବିପର୍ଯ୍ୟୟ – ଜଗତ୍‌କରଣ କାରଣରୁ ସାଂସ୍କୃତିକ ଭାବ ବିନିମୟ କ୍ଷେତ୍ରରେ ଆସିବ ଏକ ଉଦାର ସଂସ୍କୃତି । ମାତ୍ର ଖାଦ୍ୟ, ପୋଷାକ, ଚାଲିଚଳନ, ଓଷାବାର ବ୍ରତ ଆଦି କ୍ଷେତ୍ରରେ ପାରମ୍ପରିକ ନୃତ୍ୟଗୀତ ସ୍ଥଳେ ଆମର ମନକୁ କାବୁ କରିନେଲା ପାଶ୍ଚାତ୍ୟ ସଂସ୍କୃତି । ସଂକ୍ଷିପ୍ତ ପୋଷାକରେ ଦେହ ପ୍ରଦର୍ଶନ ଏକ ସଭ୍ୟତାରେ ପରିଣତ ହୋଇଗଲା । ବିବିଧ ପ୍ରସାଧନରେ ଶରୀର ମଣ୍ଡନ ଓ ଫ୍ରଏଡ଼ୀୟ ଉତ୍ତେଜନା ଉଦ୍ରେକ ହେବା ଭଳି ଆକ୍‌ସନ ଚଳୁଛି । ଝିଅପୁଅ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିବାକୁ ଯାଇ ଅବାଧ ମିଳାମିଶା ଓ ରାଜିରୁଜା ବିବାହ ଟାଣିଆଣିଲା ଆନ୍ତର୍ଜାତୀୟ ବିଚାର-ଆଚାର । ଫଳରେ ଶିଷ୍ଟାଚାର ଗର୍ହିତ ଛାତ୍ରଛାତ୍ରୀ ବିପଥଗାମୀ । ପ୍ରେମ-ପ୍ରତାରଣାରୁ ଆତ୍ମହତ୍ୟା ବା ଛାଡ଼ପତ୍ରର ପ୍ରାବଲ୍ୟ । ଭାରତ ବା ଓଡ଼ିଶାର ପାରମ୍ପରିକ ସଂସ୍କୃତି ମଣିଷକୁ ଶୃଙ୍ଖଳିତ କରି ରଖି ଆସିଛି ଯୁଗଯୁଗ ଧରି । ସଂଯମ ହରାଇବା ଆଚରଣ ମଧ୍ୟ ସ୍ପୃହଣୀୟ ହୋଇଯାଏ, ମାତା ପିତାଙ୍କୁ ଭୁଲ ଧାରଣାର ବଶବର୍ତ୍ତୀ କରି ପାଶ୍ଚାତ୍ୟ ସଭ୍ୟତା ଆପଣାର ହୁଏ । ଝିଅ / ବୋହୂଙ୍କର କେଶବିନ୍ୟାସରେ ବେଣୀ ନାହିଁ କି ଖାସୁଲି ନାହିଁ । ପ୍ରତ୍ୟେକ ମୁକ୍ତକେଶା ଦ୍ରୌପଦୀ ଅଥବା ପୁଷ୍ପବତୀ କନ୍ୟା, ଦେଖାଶିଖା ଓଡ଼ିଆ ଏ କୁଳର ନୁହେଁ କି ସେ କୁଳର

ନୁହେଁ - କବିର ପ୍ରତିକ୍ରିୟା ଶୁଣନ୍ତୁ -

"ଶିଥିଳ ବସନା ନାରୀ / ଅପେକ୍ଷା କରେ ଦୁର୍ଗା ଭଳି
ତା କବରୀରୁ ଫୁଲ ଖସେ / ମୀନାକ୍ଷିର ନୀଳଚକ୍ଷୁ
କାଙ୍ଗାଳମାନଙ୍କ ହାତପାପୁଲି / ଭରିଦିଏ କାମନାର ପୁଷ୍ପ ।
ଏଠି ଦେହଦାନର ପର୍ବ / ପାଳନ କରି / ସୌଭାଗ୍ୟର ରଥ ଚଢ଼ା ହୁଏ
ଦେହ କ'ଣ ଭାଙ୍ଗିଯାଏ / ଯୌବନ କି ସରିଯାଏ
ସିନେମା ପର୍ଦ୍ଦାରେ ଜଂଘ ମେଲା କଲେ ?''

(ବାସୁଦେବ ଦାସ - ପରିତର୍ପଣ, ପୃ-୩୦)

ଗ୍ରାମରେ ଶୁଦ୍ଧିକ୍ରିୟା କ୍ଷେତ୍ରରେ ତାହାର ପ୍ରଭାବ ପରିଲକ୍ଷିତ । ଅନେକଧା ଇଲେକ୍ଟ୍ରିକ ଚୁଲାରେ ଦାହ କଲାବେଳେ ନବକର୍ମ, ଦଶାହ, ପିଣ୍ଡଦାନ ବେଳେ ଜଣେ ନାପିତର ଉପସ୍ଥିତି ଦୁଷ୍ପ୍ରାପ୍ୟ ହୋଇପଡ଼ିଛି ।

"ଆମ ଗାଁରେ / ୧୦ ଦିନ କର୍ମରେ ଜଣେ ହେଲେ /
କେହି ନଥାନ୍ତି ନଖକଟା ନାପିତ /
ଦରବାରେ ପଙ୍ଖା ବିଞ୍ଚୁଥିବା ଲୋକ ବି /
ଆସୁନି, ଠିଆ ହୋଇଛି ବାଡ଼ ସେପଟରେ /
ରାଆ ଦବ କିଏ ଉତ୍ତର ପୁରୁଷ (ମଲାଲୋକ - ଶ୍ରୀଦେବ) ।

ଜଣେ ଇହଧାମରୁ ବିଦାୟ ନେବା ପରେ କେତେ ଆବେଗ ଓ କନ୍ଦା କଟାଳ ଥାଏ, ତାହାର ମଧ୍ୟ ହ୍ରାସ ଘଟିଯାଇଛି । ମନ ମେକାନିକାଲ ହୋଇପଡ଼ିଛି । ଏଭଳି ଏକ ମେକାନିଜିମ୍ ମାଇଣ୍ଡର ଉଦ୍‌ଭବ ହେବାର ସମ୍ଭାବନା କାର୍ଲମାର୍କ୍ସଙ୍କ ଇସ୍ତାହାର ଭିତରେ ଆବିଷ୍କାର କରାଯାଇଥାଏ । ଶିଳ୍ପାୟନ ବା ଉଦାରୀକରଣ ଅର୍ଥନୀତି ନାମକ ଏକ ଭୂତ ଜନ୍ମଲାଭ କରିବ - ପୁଞ୍ଜିବାଦୀ ବ୍ୟବସ୍ଥା ଭିତରେ ସେ ସୂଚନା ଦିଆଯାଇଥିଲା, ଯାହା ସତ୍ୟରେ ପରିଣତ ହୋଇଅଛି ।


ସବୁ ଅଗଣାରେ ଗଡୁଛି ମନ୍ଦଭାଗ୍ୟର ଦେହ
ଆପଣାର ହୃଦୟକୁ ହରେଇ
ମଥା ରକ୍ତରେ ଲାଲ ହେଉଛି ସବୁ ଦୁଆର
ଆଲୋକ ଆଖିରୁ ଠକ୍ ଠକ୍ ଗଡ଼ି ପଡୁଛି ଲୁହ,
ହେଇ ଦେଖ !
ମାଟିକୁ ମାଡ଼ିବସିଛି କେମିତି ମହାଅନ୍ଧକାର
ଆକାଶକୁ ଗିଳି ପକାଉଛି କେମିତି
ଅବକ୍ଷୟର ସମ୍ପଦାସୁର ।"

(ମୋତେ ଟିକେ ବଞ୍ଚିବାକୁ ଦିଅ - ନିରାକାର ଦାସ)

ଉଦାରୀକରଣ ବ୍ୟବସ୍ଥାରେ ପୃଥିବୀର ସବୁଠାରୁ ଧନୀ ୧ ପ୍ରତିଶତ ଲୋକଙ୍କ ପାଖରେ ସମାଜର ସବାତଳ ଅବସ୍ଥାରେ ରହିଥିବା ୯୫ ପ୍ରତିଶତ ଲୋକଙ୍କ ସମ୍ପତ୍ତିଠାରୁ ଅଧିକ ହୋଇଅଛି । ୨୦୨୦ ପରଠାରୁ ଆଜି ପର୍ଯ୍ୟନ୍ତ ପୃଥିବୀରେ ଯେତେସବୁ ସମ୍ପତ୍ତି ସୃଷ୍ଟି ହେଲା, ସବୁଠାରୁ ଧନୀ ୧ ପ୍ରତିଶତ ଲୋକ ଏହି ନୂତନ ସମ୍ପତ୍ତିର ୬୭ ପ୍ରତିଶତ ଅକ୍ତିଆର କରିଛନ୍ତି ଯାହାକି ତଳସ୍ତରରେ ଥିବା ୯୯ ପ୍ରତିଶତ ଲୋକଙ୍କ ସମ୍ପତ୍ତି ଠାରୁ ପ୍ରାୟ ଦୁଇଗୁଣ ଅଧିକ । କୋଟିପତିଙ୍କ ସମ୍ପତ୍ତି ଦିନକୁ ୨୭୦ ଡଲାର ହିସାବରେ ବୃଦ୍ଧି ପାଉଛି ବୋଲି ଜନାର୍ଦ୍ଦନ ପତି ଏକ ପରିସଂଖ୍ୟାନରେ ଉପସ୍ଥାପିତ କରିଛନ୍ତି । ବିଶ୍ୱ ଜନ ସଂଖ୍ୟାର ୮.୬୧ ଲକ୍ଷ ଲୋକ ଗୁରୁତର ଖାଦ୍ୟ ନିରାପତ୍ତାହୀନତା ଦ୍ୱାରା ପ୍ରଭାବିତ ଏବଂ ଏହି ବୁଭୁକ୍ଷାର ଶିକାର ୬୦ ପ୍ରତିଶତ ନାରୀ ଓ ଝିଅମାନେ ! ଏହାଠାରୁ ବିକଳ ଉଲଗ୍ନ ଚିତ୍ର ଉଦାରୀକରଣର କ'ଣ ହୋଇପାରେ !

ଜଗତୀକରଣର ଅପର ଦିଗ ହେଉଛି ପାଶ୍ଚାତ୍ୟ ଅନୁକରଣ ହେଲେ ମଧ୍ୟ କେତେକ କ୍ଷେତ୍ରରେ ସୁଫଳ ଓ ସଫଳ ଦେଖାଦେଇଛି । ପରିଷ୍କାର ପରିଚ୍ଛନ୍ନତା, ପରିବେଶ ସଚେତନତା, ପକ୍କାରାସ୍ତା, ବ୍ୟବସାୟର ବିସ୍ତାର, ନାରୀ ସଶକ୍ତି, ବିଶ୍ୱଗ୍ରାମ ଚିନ୍ତନ, ଅକ୍ଷାଂଶ ଦ୍ରାଘିମା ପାରିହୋଇ ବସବାସ ଠିକଣା, ସର୍ବଶିକ୍ଷା ଅଭିଯାନ, ବିଦ୍ୟାଳୟ-ମହାବିଦ୍ୟାଳୟର ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟୀକରଣ, ସାହିତ୍ୟ-କବିତା କ୍ଷେତ୍ରରେ ଆଙ୍ଗିକ ଓ ଆତ୍ମିକ ସଂଜ୍ଞାରେ ସ୍ୱାଧୀନତା - ଜଗତୀକରଣର ଏକ ସଫଳତା । କମ୍ପ୍ୟୁଟର, ଇଣ୍ଟରନେଟ୍ ଓ ପ୍ରଯୁକ୍ତି ବିଦ୍ୟାରେ ଭାରତ ତଥା ଓଡ଼ିଶାରେ ବ୍ୟାପକ ଦୃଷ୍ଟିକୋଣ ପ୍ରସାରିତ । ବିଶ୍ୱାୟନ ସତ୍ତ୍ୱେ - ଗାଁ, ମାଟି, ପାଣିପବନ ପ୍ରତି ସରାଗ ଓ ସମ୍ବନ୍ଧ ସ୍ଥାପିତ ହୋଇଛି । ଅଧିକାଂଶ କବି ଲେଖକଙ୍କର ରଚନାରେ ଅତି ଅନ୍ତରଙ୍ଗ ଭାବେ ଗାଁ ମାଟିର ବାସ୍ନା ବାସ୍ନାୟିତ ହୋଇପାରିଛି ।

❐



ପ୍ରକାଶ ପାଇଛି

ମମତାରାଣୀ ଦାଶମିଶ୍ରଙ୍କ

ପୁସ୍ତକ

ଗୀତିରେ ପ୍ରୀତି



ଅଟଳ-କବିତାରେ ରାଷ୍ଟ୍ରବାଦୀ ସ୍ୱର



ପ୍ରକାଶ କିଶୋର ମହାପାତ୍ର

ମଞ୍ଜୁରୀରୋଡ଼, ଭଦ୍ରକ
ମୋ:୯୯୩୭୯୭୦୩୪୫

ପ୍ରେମ-ଧର୍ମର ମଶାଲ ଜାଳିଥିବା ଯୀଶୁଖ୍ରୀଷ୍ଟଙ୍କ ପବିତ୍ର ଜନ୍ମଦିବସରେ ଜନ୍ମ ଗ୍ରହଣ କରି ଭାରତର ରାଜନୀତିକ-ଆକାଶର ଅନ୍ୟତମ ଉଜ୍ଜ୍ୱଳ ତାରକା ରୂପେ ପ୍ରତିଭାତ ହୋଇଥିବା ଅଟଳ ବିହାରୀ ବାଜପେୟୀ ଥିଲେ ଯଥାର୍ଥରେ ବାଗ୍‌ଦେବୀଙ୍କର ବରପୁତ୍ର । ମୌଖିକ ବକ୍ତବ୍ୟର ଚମତ୍କାର ଉପସ୍ଥାପନାରେ ସେ ଶ୍ରୋତାମାନଙ୍କୁ ମୁଗ୍ଧ କରି ପାରୁଥିଲେ । ଚିନ୍ତନ-ଆଧାରିତ ଗଦ୍ୟ ରଚନାର ସରସତା ଓ ତର୍କସିଦ୍ଧତାରେ ପାଠକମାନଙ୍କୁ ପ୍ରଭାବିତ କରି ପାରୁଥିଲେ । ସର୍ବୋପରି ଛନ୍ଦାତ୍ମକ ତଥା ଗଦ୍ୟଛନ୍ଦ ଉଭୟବିଧ କବିତାରେ ରସଲିପ୍ସୁ କାବ୍ୟାମୋଦୀଙ୍କ ହୃଦୟକୁ ଆପ୍ଲୁତ କରି ପାରୁଥିଲେ । ବରଂ ଗଭୀର ଭାବେ ଲକ୍ଷ୍ୟ କଲେ ଜାଣି ହୁଏ ଯେ ତାଙ୍କର ଗଦ୍ୟଶୈଳୀ ଓ ଭାଷଣ ମନୋମୁଗ୍ଧକର ହେବାର ମୂଳରେ ତାଙ୍କର କବି-ପ୍ରତିଭା ହିଁ ନିହିତ ।

ଅଟଳବିହାରୀ ବାଜପେୟୀଙ୍କ ବ୍ୟକ୍ତିତ୍ୱ ଓ କବିତ୍ୱ ରାଷ୍ଟ୍ରବାଦୀ ଭାବନାରେ ଓତଃପ୍ରୋତ । ତରୁଣ ବୟସରେ ପରାଧୀନ ମାତୃଭୂମିକୁ ବ୍ରିଟିଶ ଅପଶାସନ କବଳରୁ ମୁକ୍ତ କରିବାର ଆଗ୍ରହରେ ସେ ମାତି ଉଠିଥିଲେ । ବ୍ୟକ୍ତିଗତ ସୁଖର ଅଳୀକ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ସମଗ୍ର ଭାରତୀୟ ଜାତିର କଲ୍ୟାଣ ପାଇଁ ତତ୍ପର ହୋଇଥିଲେ । ଜନ୍ମଭୂମି ପାଇଁ ଆତ୍ମବଳି ଦେଇଥିବା ସହୀଦମାନଙ୍କ ପ୍ରତି ତାଙ୍କ ଅନ୍ତରର ଶ୍ରଦ୍ଧା ଅଭିବ୍ୟକ୍ତ ହୋଇଛି କବିତାରେ-

"ୟାଦ୍ କରେଁ ବହରେ ଶାସନକୋ
ଦମ୍ ସେ ଧରତି ଆସନ୍‌କୋ ।
ଭଗତ୍ ସିଂହ, ସୁଖଦେବ୍, ରାଜ୍‌ଗୁରୁ
କେ ଆମ୍ରୋସ୍ଵର୍ଗ ପାବନ୍ କୋ ।
ଅନ୍ୟାୟୀ ସେ ଲଡେଁ, ଦୟାକୀ ମତ୍ ଫରିୟାଦ୍ କରେଁ ।
ଉନ୍‌କୀ ୟାଦ୍ କରେଁ ।"

ବର୍ଷବର୍ଷ ସଶ୍ରମ କାରାଦଣ୍ଡ ଓ କଳାପାଣି ଭୋଗିଥିବା, ହସିହସି ଫାଶି ଖୁଂଟରେ ଚଢ଼ିଥିବା ଦେଶଭକ୍ତମାନଙ୍କ ପ୍ରତି ତାଙ୍କର ଥିଲା ଅପାର ସମ୍ମାନ ।

ପ୍ରିୟ ଜନ୍ମଭୂମି ଭାରତର ଗୌରବ ବିଷୟରେ ସେ ସଦା ସଚେତନ ଥିଲେ । ରୋମ୍, ୟୁନାନ୍, ଇରାନ୍ ଆଦି ପ୍ରାଚୀନ ସଭ୍ୟତା ଇତିହାସର ପୃଷ୍ଠାରେ ମାତ୍ର ନିହିତ ଥିଲେ ହେଁ ଘନ ତମିସ୍ରାର ଛାତି ଚିରି ହିନ୍ଦୁସ୍ଥାନ ନିଜର ମହିମା ପ୍ରକଟିତ କରିଥିବା ଏ ଜାତିର ମହିମା ଗାନ କରିବାକୁ ଯାଇ ସେ ଗଦ୍‌ଗଦ ଭାବରେ କହିଛନ୍ତି- "ଜଗ୍ କେ ମସ୍ତକ ପର୍ ରୋଲୀ- ସା ଶୋଭିତ୍ ହିନ୍ଦୁସ୍ଥାନ୍ ହମାରା ।"

ତେବେ ସ୍ୱାଧୀନତା ପ୍ରାପ୍ତି ପରେ ଭାରତୀୟ ରାଜନୀତି ଦିଗଭ୍ରଷ୍ଟ ହୋଇଗଲା । ରାଜନେତାମାନଙ୍କର ସ୍ୱାର୍ଥ, ପ୍ରଲୋଭନ, ପାରସ୍ପରିକ ବିଦ୍ୱେଷ, କ୍ଷମତାର ମୋହ, ଯଥେଚ୍ଛାଚାର ଭିତରେ ଜନଗଣର ପୀଡ଼ା ଓ ମାନସିକ ଶଙ୍କାର କାରଣ ପାଲଟିଗଲା । ତଥାପି ଗଣହିତେଷୀ ଅଙ୍ଗୁଳିମେୟ ମାତୃଭୂମିଭକ୍ତ ସମୂହକଲ୍ୟାଣର ଭାବନା ନେଇ ପ୍ରତିକାରର ଚେଷ୍ଟା କରିଛନ୍ତି । କୋଟିକୋଟି ଜନତାର ଆକୁଳ ହୃଦୟରେ ବିପ୍ଳବର ଅଗ୍ନି ଜଳାଇ ରଖିବାର ପ୍ରୟାସ କରିଛନ୍ତି । ବାଜପେୟୀଜୀଙ୍କ ଭାଷାରେ ତାହା "ଅମର୍ ଆଗ୍ ହୈ ।"

କ୍ଷଣିକ ଆବେଗ ନୁହେଁ, ଗଭୀର ଭାବନାତ୍ମକତା ଅଟଳଜୀଙ୍କ କବିତାର ବିଶେଷତ୍ୱ । ସ୍ୱଭୂମିର ସାଂସ୍କୃତିକ ପୃଷ୍ଠପଟର ମହନୀୟତା ସଂପର୍କରେ ସେ ଅତ୍ୟନ୍ତ ସଚେତନ ଥିଲେ । ପ୍ରାଚୀନ ଭାରତୀୟ ମୁନି-ଋଷିମାନଙ୍କର ଦିବ୍ୟଜ୍ଞାନର ସାମାନ୍ୟ କିଛି ଅଂଶକୁ ପ୍ରାପ୍ତ ହୋଇ ପାଶ୍ଚାତ୍ୟ ଜଗତର ଜୀବନ ସଫଳ ହୋଇଛି ବୋଲି ନିଃଶଙ୍କ ଭାବରେ

ଉଦ୍‌ଘୋଷଣ କରିଥିଲେ । ଏ ଭୂମିରେ ଗୁଞ୍ଜରି ଉଠିଥିବା ସର୍ବଜନ କଲ୍ୟାଣୀ ଗୀତାର ବାଣୀ ସମଗ୍ର ବିଶ୍ୱକୁ ଜ୍ଞାନାଲୋକ-ଦୀପ୍ତ କରିଥିବାର କଥାକୁ ନେଇ କବି-ମନରେ ଅସୀମ ଅଭିମାନ । ଅଜସ୍ର ଦାନ ଦେଇ ମଧ୍ୟ ଭାରତର ବିଶାଳ ଜ୍ଞାନଭଣ୍ଡାର ଅକ୍ଷୁଣ୍ଣ ରହିଛି, ହୃଦୟର ଉଦାରତା ଅତୁଟ ରହିଛି । କବି ଅଟଳବିହାରୀଙ୍କ କବିତାରେ ଭାରତଜନନୀଙ୍କ ପ୍ରାଣର ବାଣୀ ଫୁଟିଛି-

"ମୈଁନେ ଛାତୀକା ଲହୂ ପିଲା, ପାଲେ ବିଦେଶକେ କ୍ଷୁଧ୍‌ତ୍ ଲାଲ୍ ।
ମୁଝ୍‌କୋ ମାନବମୈଁ ଭେଦ୍ ନହୀଁ, ମେରା ଅନ୍ତସ୍ଥଳ ବର୍ ବିଶାଲ୍ ।
ଜଗକେ ଠୁକ୍‌ରାଏ ଲୋଗୋଁକୋ, ଲୋ ମେରେ ଘର୍‌କା ଖୁଲା ଦ୍ୱାର ।
ଅପନା ସବ୍‌କୁଛ ହୁଁ ଲୁଟା ଚୁକା, ଫିର୍ ଭୀ ଅକ୍ଷୟ ହେ ଧନାଗାର୍ ।"

ପ୍ରତ୍ୟେକ ଧର୍ମର, ବିଭିନ୍ନ ବୈଦେଶିକ ଜାତିର ମଣିଷଙ୍କୁ ଉଦାର ହୃଦୟରେ ଆପଣେଇ ନେଇଥିବା, ଭୟାର୍ତ୍ତ ଶରଣାଗତଙ୍କୁ ଅଭୟ ଆଶ୍ରୟ ଦେଇଥିବା ଭାରତର ମହନୀୟ ଐତିହ୍ୟକୁ ଉଜ୍ଜୀବିତ ରଖିବାର ଏ ପ୍ରୟାସ ଅଭିନନ୍ଦନୀୟ ।

ଭାରତର ଅନ୍ୟନାମ ହିନ୍ଦୁସ୍ଥାନ । ଆର୍ଯ୍ୟବର୍ତ୍ତର ଉତ୍ତର ଭାଗରେ ପ୍ରବାହିତ ସିନ୍ଧୁ ଇରାନୀୟ ଉଚ୍ଚାରଣରେ ହିନ୍ଦୁ ଓ ୟୁନାନୀ ଉଚ୍ଚାରଣରେ ଇଣ୍ଡସ୍ ହୋଇଛି । ଏହି ନାମ ହିଁ ଏ ଦେଶର ଧର୍ମ-ସଂସ୍କୃତିର ପରିଚୟ ରୂପେ ବିଜ୍ଞାପିତ ହୋଇଛି । ବସ୍ତୁତ୍ୱ ହିନ୍ଦୁତ୍ୱର ପରମ୍ପରା ସନାତନ । ଏହି ପରମ୍ପରାର ଦାୟାଦ ହୋଇଥିବାରୁ ଅଟଳଜୀ ଗର୍ବିତ ବୋଧ କରିଛନ୍ତି । ହିନ୍ଦୁ ସମାଜରେ ସେ ଜଣେ ବ୍ୟକ୍ତି ମାତ୍ର । ହିନ୍ଦୁ ସମାଜ ରୂପକ ପରିପୂର୍ଣ୍ଣ ସିନ୍ଧୁର ଏକ ବୁନ୍ଦୁ ବୋଲି ସେ ନିଜକୁ ମନେ କରିଛନ୍ତି । ତାଙ୍କର ଜୀବନ, ଶରୀର, ମନ ସବୁକିଛି ଏଇ ସମାଜରେ ପରିବର୍ଦ୍ଧିତ । ନିଜର ସର୍ବସ୍ୱ ଏହି ସମାଜ ପାଇଁ ଅର୍ପଣ କରି ଦେବାକୁ ସେ ତେଣୁ କର୍ତ୍ତବ୍ୟ ବୋଲି ମନେ କରିଛନ୍ତି । ମାତ୍ର ହିନ୍ଦୁତ୍ୱର ପ୍ରକୃତ ଅର୍ଥ ନ ବୁଝି ଯେଉଁମାନେ ଧର୍ମନିରପେକ୍ଷତାର ଡେଙ୍ଗୁରା ପିଟିବାରେ ଆସ୍ଫାଳନ କରୁଛନ୍ତି, ନିଜକୁ ହିନ୍ଦୁ ବୋଲି କହିବାକୁ ଲଜ୍ଜା ବୋଧ କରୁଛନ୍ତି, ସେମାନଙ୍କୁ ଅଟଳଜୀ ଆକ୍ଷେପ କରିଛନ୍ତି-

"ହିନ୍ଦୁ କହନେ ମେଁ ଶର୍‌ମାତେ, ଦୁଧ୍ ଲଜାତେ ଲାଜ ନ ଆତୀ ।
ଘୋର ପତନ ହେ, ଅପନୀ ମାଁ କୋ ମାଁ କହନେ ମେଁ ଫଟ୍‌ତୀ ଛାତୀ ।।"

ମାତୃଭୂମିକୁ ଖଣ୍ଡ-ବିଖଣ୍ଡିତ କରିଥିବା ପଡ଼ୋଶୀ ପାକିସ୍ତାନ୍‌ର ନିର୍ବୋଧ ଆଚରଣକୁ ମଧ୍ୟ ସେ ଦମ୍ଭର ସହିତ ଚେତାବନୀ ଶୁଣାଇଛନ୍ତି । ଜମ୍ମୁରେ ନୃଶଂସ ନରସଂହାର ଓ ପାଶବିକ ଆସ୍ପର୍ଦ୍ଧାକୁ ଲକ୍ଷ୍ୟ କରି ତା' ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଖଣ୍ଡିତ ଭାରତର ଅଧିବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ରାଷ୍ଟ୍ରୀୟ ଅସ୍ମିତାର ସୁରକ୍ଷା ପାଇଁ ହସିହସି ବଳିଦାନ ଦେବା, ଆଜୀବନ ସଂଘର୍ଷର ପଥ ବାଛିନେବା ହିଁ ଉଦ୍ଦାମ ଯୌବନର ଜୟଯାତ୍ରା ବୋଲି ସେ ସୂଚିତ କରିଛନ୍ତି । ଅସ୍ତ୍ର-ଶସ୍ତ୍ରର ଗଦା ଉପରେ ବସି, ବିସ୍ଫୋରକ ବୋମାକୁ ଘୋଡ଼ାଇ

ରଖି ମୁହଁରେ ଶାନ୍ତିର କଥା କହି ବିଶ୍ୱବାସୀଙ୍କୁ ପ୍ରତାରିତ କରୁଥିବା ମୃତ୍ୟୁର ବେପାରୀମାନଙ୍କର ଚାଲାଖି ସଫଳ ହେବାକୁ ଦେବେ ନାହିଁ ବୋଲି ସେ ସ୍ପଷ୍ଟ କରି ଶୁଣାଇ ଦେଇଛନ୍ତି 'ଜଙ୍ଗ୍ ନ ହୋନେ ଦେଁଗେ' କବିତାରେ । ଭାରତ ଓ ପାକିସ୍ତାନ ଉଭୟ ପଡ଼ୋଶୀ ବିଦେଶୀ ଶକ୍ତିଙ୍କ ଚାଲବାଜିର ଶିକାର ନ ହୋଇ ପାରସ୍ପରିକ ବୁଝାମଣାରେ ଚଳିବା ହିଁ ମଙ୍ଗଳକର ବୋଲି ସେ ବୁଝାଇ ଦେଇଛନ୍ତି-

"ଭାରତ ପାକିସ୍ତାନ୍ ପଡ଼ୋଶୀ, ସାଥ୍‌ସାଥ୍ ରହ୍‌ନା ହେ ।
ପ୍ୟାର୍ କରେଁ ୟା ବାର୍ କରେଁ, ଦୋନୋଁ କୋ ହୀ ସହ୍‌ନା ହେ ।
ରୁସୀ ବମ୍ ହୋ ୟା ଅମେରିକୀ, ଖୁନ୍ ଏକ୍ ବହ୍‌ନା ହେ ।
ଜୋ ହମ୍ ପର୍ ଗୁଜ୍‌ରୀ, ବଚ୍ଚୋଁକେ ସଂଗ୍ ନ ହୋନେ ଦେଁଗେ ।
ଜଗ୍ ନ ହୋନେ ଦେଁଗେ ।"

ଭାରତ ଅନେକ ଧର୍ମ, ଅନେକ ଜାତି, ଅନେକ ଭାଷାର ଦେଶ । ଅନେକତା ଭିତରେ ଏକାତାର ରକ୍ଷା ହିଁ ଆମର ରାଷ୍ଟ୍ରୀୟ ଆଭିମୁଖ୍ୟ । ସବୁ ପରିସ୍ଥିତିରେ ସଂହତି ରକ୍ଷା କରିବା, ବାଧା-ବିପଦ ଝଡ଼-ଝଞ୍ଝା ଭିତରେ ଏକତାର ମନ୍ତ୍ର ଉଚ୍ଚାରଣ କରିବା ହିଁ ଏ ମହାଜାତିର ସ୍ୱାତନ୍ତ୍ର୍ୟ । ଏହି ରାଷ୍ଟ୍ରୀୟ ଏକତାର ସୁରକ୍ଷା ପାଇଁ କବି ଅଟଳଙ୍କର ନିର୍ଦ୍ଦେଶ- "କଦମ୍ ମିଲା କର୍ ଚଲ୍‌ନା ହୋଗା ।"

ଖଣ୍ଡିତ ଭାରତକୁ ପୁଣି ଅଖଣ୍ଡ କରି ଗଢ଼ିବାର ସ୍ୱପ୍ନ ଦେଖିଛନ୍ତି ଅଟଳଜୀ । ସ୍ୱାଧୀନତା ନାମରେ ଯାହା ମିଳିଛି, ତାଙ୍କ ଦୃଷ୍ଟିରେ ତାହା ଅପୂର୍ଣ୍ଣ । ସ୍ୱାଧୀନତାର ଉଲ୍ଲାସରେ ଉତ୍ସବ ପାଳିବାର ଆଗ୍ରହ ସେ କରି ନାହାନ୍ତି । କାରଣ, "ଆଜାଦୀ ଅଭୀ ଅଧୂରୀ ହେ ।" ଅଖଣ୍ଡ ଭାରତର ପୁନର୍ଗଠନରେ ତାହା ପୂର୍ଣ୍ଣ ହେବାର ଆଶା ପୋଷଣ କରି ସେ ଗାଇ ଉଠିଛନ୍ତି-

"ଉସ୍ ସ୍ୱର୍ଣ୍ଣ ଦିବସ୍ କେ ଲିଏ ଆଜ୍ ସେ କମର୍ କସେ ବଳିଦାନ୍ କରେଁ ।
ଜୋ ପାୟା ଉସ୍‌ମେଁ ଖୋ ନ ଜାଏଁ, ଜୋ ଖୋୟା ଉସ୍‌କା ଧ୍ୟାନ୍ କରେଁ ।"


ତେବେ ଭାରତୀୟ ଗଣତନ୍ତ୍ରରେ ଅବକ୍ଷୟ, ଗଣତନ୍ତ୍ର ନାମରେ ବ୍ୟକ୍ତିତନ୍ତ୍ର, ପରିବାର ତନ୍ତ୍ର, ଗୋଷ୍ଠୀ ତନ୍ତ୍ରର ପ୍ରବର୍ତ୍ତନ ଅଟଳଜୀଙ୍କର ବିଶୁଦ୍ଧ ରାଷ୍ଟ୍ରପ୍ରେମକୁ ଆହତ ଓ ଉଦ୍‌ବିଗ୍ନ କରିଥିଲା । ସ୍ୱାଧୀନତା ଓ ଗଣତନ୍ତ୍ରର ସୁରକ୍ଷା ପାଇଁ, ସଂସଦୀୟ ରାଜନୀତିକୁ କଳୁଷମୁକ୍ତ କରିବା ପାଇଁ ଜନଗଣ ସଦାଜାଗ୍ରତ ରହିବା, ନିର୍ବାଚିତ ଲୋକପ୍ରତିନିଧି ଅନୁପଯୁକ୍ତ ଓ ଦୁର୍ନୀତିଗ୍ରସ୍ତ ହେଲେ ତାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଜନତାର ଅଧିକାର ରହିବା ଆବଶ୍ୟକ ବୋଲି ତାଙ୍କ ଭାଷଣରେ ସେ ସୂଚିତ କରିଥିଲେ । ୧୯୭୫ ମସିହା ଜୁନ୍ ୨୬ ତାରିଖରେ ଇନ୍ଦିରା-ସରକାର ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିବା ସଙ୍ଗେସଙ୍ଗେ ଲୋକନାୟକ ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ ଜେ.ବି. କୃପାଳିନୀ,

ଲାଲକୃଷ୍ଣ ଆଡ୍‌ଭାନୀ, ଅଟଳବିହାରୀ ବାଜପେୟୀ ପ୍ରମୁଖ ଅନେକ ବିଶିଷ୍ଟ ନେତାଙ୍କୁ ଗିରଫ କରି ଦୀର୍ଘ ୧୯ ମାସ କାଳ କାରାବାସରେ ରଖିଲେ । କାରାବାସରେ ଥାଇ ମଧ୍ୟ କବି ଅଟଳଙ୍କ ସ୍ୱର ନୀରବି ଯାଇ ନ ଥିଲା । ଅସୁସ୍ଥତା ହେତୁ ଚିକିତ୍ସାଳୟରେ ନଜରବନ୍ଦୀ ଥିବା ଅବସ୍ଥାରେ ସେ ରଚନା କରିଥିଲେ 'ଅମର୍ ହେ ଗଣତନ୍ତ୍ର' କବିତା । ତାଙ୍କର ସ୍ୱର୍ଦ୍ଧିତ କାବ୍ୟସ୍ୱର ଘୋଷଣା କରିଥିଲା-

"ରକ୍ତ କେ ଆଁସୂ ବହାନେ କୋ ବିବଶ ଗଣତନ୍ତ୍ର ।
ରାଜମଦ୍ ନେ ରୌଁଦ୍ ଡାଲେ ମୁକ୍ତି କେ ଶୁଭ ମନ୍ତ୍ର ।
କ୍ୟା ଇସୀ ଦିନ୍ କେ ଲିଏ ପୂର୍ବଜ ହୁଏ ବଲିଦାନ୍ ?
ପାଡ଼ିୟାଁ ଜୁଝାଁ, ସଦୀୟୋଁ ଚଲା ଅଗ୍ନିସ୍ନାନ୍ ?
ସ୍ୱତନ୍ତ୍ରତା କେ ଦୂସରେ ସଂଘର୍ଷ କା ଘନନାଦ୍ ।
ହୋଲିକା ଅପାତ୍ କୀ ଫିର ମାଁଗ୍‌ତୀ ପ୍ରହ୍ଲାଦ ।
ଅମର ହେ ଗଣତନ୍ତ୍ର, କାରା କେ ଖୁଲେଂଗେ ଦ୍ୱାର୍ ।
ପୁତ୍ର ଅମୃତ୍ କେ ନ ବିଷ୍ ସେ ମାନ୍ ସକ୍‌ତେ ହାର୍ ।"

ଅମୃତ-ପୁତ୍ର ଅଟଳବିହାରୀ ବାଜପେୟୀଙ୍କ ରାଷ୍ଟ୍ରଭକ୍ତି ଓ ରାଷ୍ଟ୍ରୀୟ ସ୍ୱାଭିମାନ ତାଙ୍କୁ ମିଳିତ ଜାତିସଂଘର ଅଧିବେଶନରେ ମଧ୍ୟ ନିଜ ରାଷ୍ଟ୍ରଭାଷା ହିନ୍ଦୀରେ ଅଭିଭାଷଣ ରଖିବାର ସତ୍‌ସାହସ ଦେଇଥିଲା । ତାଙ୍କର ପଞ୍ଚଭୂତାତ୍ମକ ସ୍ଥୂଳଶରୀର ମୃତ୍ୟୁ-କବଳିତ ହୋଇଛି । ମାତ୍ର ତାଙ୍କର ଅମର ଭାବଧାରା ରାଷ୍ଟ୍ରପ୍ରୀତି ଓ ରାଷ୍ଟ୍ରହିତ ଦ୍ୱାରା ଭାରତବାସୀ ଉଦ୍‌ବୁଦ୍ଧ ହେଲେ, ରାଷ୍ଟ୍ରର ସାମଗ୍ରିକ କଲ୍ୟାଣ ନିମନ୍ତେ ସଚେଷ୍ଟ ହେଲେ, ତାହା ହିଁ ହେବ ସେହି ମହାନ୍ ବ୍ୟକ୍ତିତ୍ୱ ପାଇଁ ଯଥାର୍ଥ ଶ୍ରଦ୍ଧାଞ୍ଜଳି ।

❐



ପ୍ରକାଶ ପାଇଛି

ଇଂ ଅଭୟ ସୂତାରଙ୍କ

ପୁସ୍ତକ

ଉତ୍କଳର ବନ୍ଧୁ

ଗୋପବନ୍ଧୁ



ପରିବେଶ ସୁରକ୍ଷା ନିମନ୍ତେ ସବୁଜ ଶକ୍ତି ଅନିବାର୍ଯ୍ୟ କାହିଁକି

ବେଲାଳସେନ୍

‘୧୯୯୦ ଦଶକର ଆଦ୍ୟ ସୋପାନରେ ଇଣ୍ଟରନେଟ୍ ଯୁଗର ଉନ୍ମେଷ କାଳରେ ଭାରତରେ ୧୯୯୧ ମସିହାରେ ଆର୍ଥିକ ସଂସ୍କାର ସହିତ ଦ୍ୱିତୀୟ ପିଢ଼ି ସଂସ୍କାର ପ୍ରକ୍ରିୟାର ସୂତ୍ରପାତ ହୋଇଥିଲା । ଆଜି ଭାରତୀୟ ଉଦ୍ୟୋଗୀମାନେ ପ୍ରଯୁକ୍ତିବିଦ୍ୟା, ଜନସଂଖ୍ୟାଗତ ଶକ୍ତି. ଏବଂ ସାମର୍ଥ୍ୟ ଓ ଦକ୍ଷତା ଆଧାରରେ ସାରା ବିଶ୍ୱରେ ପ୍ରଭାବ ବିସ୍ତାର କରୁଛନ୍ତି । ଆମ ଦେଶ ଏବେ ଅକ୍ଷୟ ଶକ୍ତି ଏବଂ ନିରନ୍ତର ଉତ୍ପାଦନ ପ୍ରକ୍ରିୟା ମାଧ୍ୟମରେ ସବୁଜ ଶିଳ୍ପାୟନ ପାଇଁ ସମର୍ପିତ । ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଆନ୍ଧ୍ର ପ୍ରଦେଶରେ ୨୧ ବିଲିୟନ ଡଲାର ସବୁଜ ହାଇଡ୍ରୋଜେନ ପ୍ରୋଜେକ୍ଟର ଶିଳାନ୍ୟାସ କରିଛନ୍ତି । ଏଥି ସହିତ ଇନ୍ଧନ କ୍ଷେତ୍ରରେ ୧୧୫ ବିଲିୟନ ଡଲାର ବିପୁଳ ନିବେଶ ଫଳରେ ଆନ୍ଧ୍ର ପ୍ରଦେଶ ୫୦୦ ମେଗାୱାଟ ଅକ୍ଷୟ ଶକ୍ତି ଏବଂ ୫୦୦ ମିଲିୟନ ମେଟ୍ରିକ ଟନ ସବୁଜ ଶକ୍ତି ଉତ୍ପାଦନ କରି ଜାତୀୟ ଲକ୍ଷ୍ୟର ୩୦% ପୂରଣ କରିବ । ୨୦୨୮ ମସିହାରୁ ବିଶ୍ୱରେ ଭାରତର ଯୁଗ ଆରମ୍ଭ ହେବ । ଏହି କ୍ରମ ବିକାଶ ମାଧ୍ୟମରେ ଭାରତ ୨୦୪୭ ମସିହା ସୁଦ୍ଧା ବିଶ୍ୱରେ ପ୍ରଥମ ଅଥବା ଦ୍ୱିତୀୟ ବୃହତ ଅର୍ଥନୀତିରେ ପରିଣତ ହୋଇପାରିବ ଏବଂ ଭାରତୀୟମାନେ ବିଶ୍ୱ ସମ୍ପଦ ସୃଷ୍ଟି କରିବାରେ ଏବଂ ଅନ୍ତର୍ଜାତୀୟ ସମୁଦାୟର ସେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ।’ ୨୦୨୫ ମସିହାରେ ସୁଇଜରଲାଣ୍ଡର ଡାଭୋସ ଠାରେ ଜାନୁୟାରୀ ୨୧ ତାରିଖରୁ ୫ ଦିନ ବ୍ୟାପୀ ଅନୁଷ୍ଠିତ ‘ବିଶ୍ୱ ଅର୍ଥନୈତିକ ଫୋରମ୍’ର ଦ୍ୱିତୀୟ ଦିବସର ଏକ ସ୍ୱତନ୍ତ୍ର ଅଧିବେଶନରେ ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ଆୟୋଜିତ ‘ସବୁଜ ଶିଳ୍ପାୟନ’ ପ୍ରସଙ୍ଗ

ଉପରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଭାରତରେ ସବୁଜ ଶିଳ୍ପାୟନର ରୂପରେଖ ସଂପର୍କରେ ସୂଚନା ଦେବା ସହ ବିକଶିତ ଭାରତର ଏକ ଝଲକ ପ୍ରଦାନ କରିଛନ୍ତି ।

ଶିଳ୍ପ ବିପ୍ଳବ ମାନବ ଇତିହାସର ଯୁଗାନ୍ତକାରୀ ଅଧ୍ୟାୟ ଭାବେ ବିବେଚିତ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଇଂଲଣ୍ଡରେ ଶିଳ୍ପଜଗତର ସୂତ୍ରପାତ ପରେ ମେସିନ ସହାୟତାରେ ବ୍ୟାପକ ଉତ୍ପାଦନ ଆରମ୍ଭ ହେଲା । ତାହାର ପ୍ରଭାବ ସମାଜର ପ୍ରତିଟି ଅଙ୍ଗକୁ ଅନ୍ତରଙ୍ଗ ଭାବେ ସ୍ପର୍ଶ କରିଥିଲା । ଅର୍ଥନୈତିକ ସ୍ଥିତି , ସାମାଜିକ ଚଳଣୀ ଓ ଜୀବନଚର୍ଯ୍ୟାରେ ବ୍ୟାପକ ପରିବର୍ତ୍ତନ ଆସିଲା । ପରିବର୍ତ୍ତନର ସେହି ଧାରାକୁ ବିଶିଷ୍ଟ ବିଦ୍ୱାନ ଅର୍ଣ୍ଣଲୋଡ୍ ଟୟନ୍‌ବୀ ୧୮୮୪ରେ ପ୍ରକାଶିତ ‘ଲେକଚରସ୍ ଅନ୍ ଦି ଇଣ୍ଡଷ୍ଟ୍ରିଆଲ ରିଭଲ୍ୟୁସନ୍ ଇନ୍ ଇଂଲଣ୍ଡ’ ପୁସ୍ତକରେ ‘ଶିଳ୍ପ ବିପ୍ଳବ’ ନାମରେ ଅଭିହିତ କଲେ । ୧୭୭୬ ମସିହାରେ ପ୍ରକାଶିତ ‘ୱେଲଥ୍ ଅଫ୍ ନେସନସ୍’ ପୁସ୍ତକରେ ଅର୍ଥନୀତିଜ୍ଞ ଆଦାମ ସ୍ମିଥ୍ ତାହାର ଚମତ୍କାର ଚିତ୍ର ପ୍ରଦାନ କରି ସାରିଥାନ୍ତି – ‘ସଂଚୟ ମାଧ୍ୟମରେ ନୁହେଁ , ବରଂ ଉତ୍ପାଦନଶୀଳ ଶ୍ରମ ଓ ବାଣିଜ୍ୟ ଦ୍ୱାରା ସଂପତ୍ତି ସୃଷ୍ଟି ହୋଇଥାଏ’ । କୃଷିଭିତ୍ତିକ ସମାଜରେ ଧନ ଜମା କରିବା ପାଇଁ ସଂଚୟ ହିଁ ଥିଲା ଏକମାତ୍ର ମାଧ୍ୟମ । କିନ୍ତୁ ଶିଳ୍ପ ବିପ୍ଳବ ଫଳରେ ମୁକ୍ତ ବାଣିଜ୍ୟ ନିମନ୍ତେ ମୁକ୍ତ ବଜାରର ପ୍ରାଧାନ୍ୟ ବୃଦ୍ଧି ପାଇଲା । ଶିଳ୍ପ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ପ୍ରୟୋଗ ଆରମ୍ଭ ହେଲା । ନୂତନ ମେସିନର ଉଦ୍ଭାବନ ସହିତ ନୂତନ ଉର୍ଜା ଉତ୍ସର ବ୍ୟବହାର ଯଥା : କୋଇଲା, ଷ୍ଟିମ ଇଂଜିନ, ବିଜୁଳି, ପେଟ୍ରୋଲିୟମର ବୃଦ୍ଧି ପାଇବାକୁ ଲାଗିଲା । ଶିଳ୍ପ ବିପ୍ଳବ – ଏହା ଚିନ୍ତା କରିବା ମାତ୍ରେ କାରଖାନାରୁ ନିର୍ଗତ ହେଉଥିବା କଳା ଧୂଆଁର ଚିତ୍ର ଆମ ଆଖି ଆଗରେ ଝଲସି ଉଠେ । ବିଷାକ୍ତ ଗ୍ୟାସ ନିର୍ଗମନର ଦ୍ରୁତ ବୃଦ୍ଧି ଘଟିବାରୁ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନରେ ବ୍ୟାପକ ପରିବର୍ତ୍ତନ ଆସିଲା । ଜଳ ପ୍ରଦୂଷଣ ସହିତ ପ୍ରାକୃତିକ ସଂପଦର ହ୍ରାସ ଘଟିଲା । ପ୍ରଦୂଷଣ ଫଳରେ ବୃକ୍ଷଲତା, ଜୀବଜନ୍ତୁ ଏବଂ ସେମାନଙ୍କର ବାସସ୍ଥଳୀ ଧ୍ୱଂସ ପାଇବାକୁ ଲାଗିଲା । କ୍ରମଶଃ ଶିଳ୍ପ ବିପ୍ଳବର ଭୟଙ୍କର ପରିଣତି ସାମନାକୁ ଆସିଲା । ପ୍ରମୁଖ ହେଉଛି ବିଶ୍ୱ ତାପମାନ ବୃଦ୍ଧି ଏବଂ ତାହା ଫଳରେ ପରିବେଶ ଅବକ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନର ଧ୍ୱଂସକାରୀ ସଙ୍କେତ ।

ଗ୍ରୀନହାଉସ ପ୍ରଭାବ କ'ଣ ? ଆମେ ଜାଣିଛନ୍ତି ସୂର୍ଯ୍ୟଙ୍କ ଆଲୋକ ଓ ଉତ୍ତାପ ପୃଥିବୀରେ ଜୀବନ ଧାରଣ ନିମନ୍ତେ ଅପରିହାର୍ଯ୍ୟ । ଦିନରେ ସୂର୍ଯ୍ୟ ରଶ୍ମି ପୃଥିବୀ ପୃଷ୍ଠକୁ ଉତ୍ତପ୍ତ କରିଥାଏ ଏବଂ ରାତିରେ ପୃଥିବୀ ଥଣ୍ଡା ହେଲେ ସେହି ତାପ ପୁନଶ୍ଚ ବାୟୁମଣ୍ଡଳକୁ ଫେରିଯାଏ । କିନ୍ତୁ ଗ୍ରୀନହାଉସ ଗ୍ୟାସ ଗୁଡିକ ପୃଥିବୀ ପୃଷ୍ଠକୁ ବହଳ ଭାବରେ ଆଚ୍ଛାଦିତ କରି ରଖୁଥିବାରୁ ବାୟୁମଣ୍ଡଳର ଉତ୍ତାପ ପ୍ରତ୍ୟାବର୍ତ୍ତନ କରି ନପାରି ପୁନଶ୍ଚ ପୃଥିବୀ ପୃଷ୍ଠକୁ

ଫେରିଆସେ । ଫଳରେ ପୃଥିବୀର ତାପମାନ କ୍ରମଶଃ ବୃଦ୍ଧି ପାଇଥାଏ । ପୃଥିବୀ ପୃଷ୍ଠରେ ପହଞ୍ଚୁଥିବା ସୌର ଶକ୍ତିର ପ୍ରାୟ ଅଧା ହେଉଛି ଅବଲୋହିତ ବିକିରଣ (ଇନ୍‌ଫ୍ରାରେଡ୍ ରେଡିଏସନ୍) । ଏହି ଅବଲୋହିତ ବିକିରଣ ନିମନ୍ତେ ଆମେ ସୂର୍ଯ୍ୟରଶ୍ମିର ଉଷ୍ମତା ଅନୁଭବ କରିପାରୁ । ବାୟୁମଣ୍ଡଳରେ ଥିବା କାର୍ବନ ଡାଇଅକ୍‌ସାଇଡ, ମିଥେନ୍, ଓଜୋନ୍, ନାଇଟ୍ରସ୍ ଅକ୍‌ସାଇଡ୍ , ଆଦି ଗ୍ରୀନହାଉସ୍ ଗ୍ୟାସଗୁଡିକ ବାୟୁମଣ୍ଡଳରୁ ଅବଲୋହିତ ବିକିରଣ ଶୋଷଣ କରି ଗ୍ରୀନହାଉସ୍ ପ୍ରଭାବ ସୃଷ୍ଟି କରିଥାଏ । ଏହି ଗ୍ରୀନହାଉସ୍ ଗ୍ୟାସ ପରିମାଣ ବୃଦ୍ଧି ହେଲେ ପୃଥିବୀ ପୃଷ୍ଠ ଅଧିକ ଉତ୍ତପ୍ତ ହୁଏ । ଗ୍ରୀନହାଉସ ଗ୍ୟାସର ପ୍ରାୟ ୮୦% ଅଙ୍ଗାରକାମ୍ଳ, ୧୧ % ମିଥେନ । ଅଙ୍ଗାରକାମ୍ଳ ତୁଳନାରେ ମିଥେନର ସାନ୍ଦ୍ରତା କମ୍ ହେଲେ ମଧ୍ୟ, ଏହାକୁ ପ୍ରଭାବଶାଳୀ ଗ୍ରୀନହାଉସ ଗ୍ୟାସ ଭାବେ ବିବେଚନା କରାଯାଏ । କାରଣ ଏହାର ପ୍ରତିଟି ଅଣୁରେ ଅଙ୍ଗାରକାମ୍ଳ ତୁଳନାରେ ୨୮ ଗୁଣ ଅଧିକ ତାପ ସୃଷ୍ଟି ହୋଇଥାଏ । ଗ୍ରୀନହାଉସ ଗ୍ୟାସ ନିର୍ଗମନର ପ୍ରମୁଖ ଉତ୍ସ ହେଉଛି କାରଖାନାରୁ ନିର୍ଗତ ଧୂଆଁ, ବିଦ୍ୟୁତ ଉତ୍ପାଦନ ଏବଂ ପରିବହନ ନିମନ୍ତେ କୋଇଲା ଓ ପେଟ୍ରୋଲିୟମ ଆଦି ଇନ୍ଧନର ବ୍ୟବହାର । ବିକାଶ ନାମରେ ସବୁଜ ବନାନୀ ଧ୍ୱଂସ ହେବା ଫଳରେ ପରିବେଶରେ ଅଙ୍ଗାରକାମ୍ଳ ପରିମାଣ ସହିତ ବିଶ୍ୱ ତାପନ ବୃଦ୍ଧି ପାଇବାରେ ଲାଗିଛି । ଶିଳ୍ପ ବିପ୍ଳବ ପୂର୍ବରୁ ପୃଥିବୀର ହାରାହାରି ତାପମାନ ଥିଲା ୧୩.୭° ସେଲସିୟସ ଏବଂ ୨୦୨୪ ମସିହାରେ ଏହି ତାପମାତ୍ରା ୧୫.୧୦° କୁ ବୃଦ୍ଧି ପାଇଛି । ଯଦି ଏହି ଧାରା ଅବ୍ୟାହତ ରହେ ୨୧୦୦ ମସିହାରେ ପୃଥିବୀର ତାପମାତ୍ରା ୧୮-୧୯° ସେଲସିୟସକୁ ବୃଦ୍ଧି ପାଇବ । ବିଶ୍ୱ ତାପମାତ୍ରା ବୃଦ୍ଧିର ଭୟଙ୍କର ପରିଣତି ହେଉଛି - ଜଳବାୟୁ ପରିବର୍ତ୍ତନ । ଦୀର୍ଘମିଆଦି ସୂତ୍ରରେ ତାପମାତ୍ରା ଓ ପାଣିପାଗରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହିଁ 'ଜଳବାୟୁ ପରିବର୍ତ୍ତନ' ନାମରେ ଅଭିହିତ । ପାଣିପାଗ ହେଉଛି ନିର୍ଦ୍ଦିଷ୍ଟ ସମୟ ଓ ସ୍ଥାନରେ ବାୟୁମଣ୍ଡଳର ସ୍ଥିତି ଏବଂ ଜଳବାୟୁ ହେଉଛି ସେହି ସ୍ଥାନର ଦୀର୍ଘକାଳୀନ ପାଣିପାଗର ହାରାହାରି ପରିସ୍ଥିତି । ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଅସ୍ୱାଭାବିକ ମରୁଡି, ଜଳସଙ୍କଟ,ବନ୍ୟା ଓ ସମୁଦ୍ର ପତନ ବୃଦ୍ଧି ସହିତ ପର୍ବତ ହିମବାହ ସଙ୍କୁଚିତ ଏବଂ ଗ୍ରୀନଲାଣ୍ଡ ଓ ଆଣ୍ଟାର୍କ୍‌ଟିକାରେ ସ୍ୱାଭାବିକ ଠାରୁ ଅଧିକ ବେଗରେ ବରଫ ତରଳିବା ଆରମ୍ଭ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ - ଏହି ଧାରା ଅବ୍ୟାହତ ରହିଲେ ବିଶ୍ୱ ଅର୍ଥନୀତିରେ ଘୋର ସଙ୍କଟ ଦେଖାଯିବ । ସଦ୍ୟତମ ରିପୋର୍ଟ ଅନୁଯାୟୀ - ପ୍ରତି ଏକ ଡିଗ୍ରୀ ସେଲସିୟସ ତାପମାନ ବୃଦ୍ଧି ନିମନ୍ତେ ବିଶ୍ୱ ଜିଡିପିରେ ୧୨% ହ୍ରାସ ଘଟୁଛି । ୨୦୨୪ ମସିହାରେ ବିଶ୍ୱ ଜିଡିପି ହେଉଛି ୧୧୦ ଟ୍ରିଲିୟନ ଡଲାର । ଯଦି ଜଳବାୟୁ ସ୍ୱାଭାବିକ ଥାଆନ୍ତା, ଆଜି ବିଶ୍ୱ ଜିଡିପି ୧୫୦ ଟ୍ରିଲିୟନ ଡଲାରରେ ଉପନୀତ ହୋଇଥାନ୍ତା ।

କିଛି ବୈଜ୍ଞାନିକ ଏବଂ ରାଷ୍ଟ୍ରନେତା ଚିନ୍ତା କଲେ, ଯଦି ଏହି ଧାରା ଅବ୍ୟାହତ

ରହେ, ଆଉ କିଛି ଦଶନ୍ଧି ପରେ ପୃଥିବୀ ଆଉ ବସବାସ ଉପଯୋଗୀ ରହିବ ନାହିଁ । ବିଶ୍ୱ ତାପମାତ୍ରା ବୃଦ୍ଧି ଏହି ସଙ୍କଟର ଅସଲ କାରଣ ହୋଇଥିବାରୁ ତାହା ହ୍ରାସ କରିବା ପାଇଁ ବିଶ୍ୱବ୍ୟାପୀ ଉଦ୍ୟମ ଆରମ୍ଭ ହେଲା । ମିଳିତ ଜାତିସଂଘ ଆନୁକୂଲ୍ୟରେ ୨୦୧୫ ମସିହାରେ ୧୯୭ଟି ରାଷ୍ଟ୍ର ଦ୍ୱାରା ସମର୍ଥିତ ପାରିସ ଚୁକ୍ତିନାମା ଏହି କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ । ଭାରତ ୨୦୨୩୦ ମସିହା ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ୨୦୦୫ ମସିହା ସ୍ତର ଠାରୁ ୪୫% ହ୍ରାସ କରିବା ନିମନ୍ତେ ଅଣ-ଜୀବାଶ୍ମ-ଇନ୍ଧନ ଶକ୍ତି ସମ୍ବଳରୁ ୫୦% ବିଦ୍ୟୁତ ଶକ୍ତି ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏହି କ୍ରମରେ ୨୦୭୦ ମସିହାରେ ଭାରତ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନସ୍ତରରେ ଉପନୀତ ହୋଇପାରିବ । ଏହା ସମ୍ଭବ ହେବ ଯେତେବେଳେ ଆମେ ସମସ୍ତେ ବିଜୁଳି ଉତ୍ପାଦନ , ଗମନାଗମନ ଓ ପରିବହନ ନିମନ୍ତେ ପାରଂପରିକ ଜୀବାଶ୍ମ-ଇନ୍ଧନ(କୋଇଲା, ପେଟ୍ରୋଲିୟମ) ପରିବର୍ତ୍ତେଅକ୍ଷୟ ଶକ୍ତି (ସୌର,ସାଗର,ପବନ,ଭୂତାପୀୟ) ଏବଂ ଆଉ ପାଦେ ଆଗକୁ ଯାଇ ସବୁଜ ଶକ୍ତିକୁ ବିକଳ୍ପ ଭାବେ ଗ୍ରହଣ କରିବା । ସୌର ଶକ୍ତି ଉତ୍ପାଦନ ନିମନ୍ତେ ୨୦୧୫ ମସିହାରେ ରାଜସ୍ଥାନର ଥର ମରୁଭୂମିର ୧୪,୦୦୦ ଏକର ଜମିରେ ନିର୍ମିତ 'ଭଦଲା ସୌର ପାର୍କ' ବିଶ୍ୱର ୧୧ତମ ଏବଂ ଦେଶର ସର୍ବବୃହତ ସଂସ୍ଥା । ସବୁଜ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଭାରତର ଏହା ବୃହତ ପଦକ୍ଷେପ । ସବୁଜ ଶକ୍ତିର ଅନ୍ୟତମ ଦୃଷ୍ଟାନ୍ତ ହେଉଛି ସବୁଜ ଉଦ୍‌ଜାନ(ଗ୍ରୀନ ହାଇଡ୍ରୋଜେନ) । ଉଦ୍‌ଜାନ ଏବଂ ଅମ୍ଳଜାନର ରସାୟନିକ ମିଶ୍ରଣରାରେ ଜଳ ଗଠିତ ହୁଏ । ପୁନଶ୍ଚ ରାସାୟନିକ ପ୍ରକ୍ରିୟାରେ ଜଳକୁ ବିଭାଜନ କରି ଉଦ୍‌ଜାନ ପ୍ରସ୍ତୁତ କରିବା ସମୟରେ ଅମ୍ଳଜାନ ବାୟୁମଣ୍ଡଳକୁ ଫେରିଆସି ବାୟୁମଣ୍ଡଳକୁ ସ୍ୱଚ୍ଛ ଏବଂ ଶୁଦ୍ଧ କରେ । ୨୦୨୩ ମସିହାରେ ଗଠିତ ଭାରତ ସରକାରଙ୍କର 'ଜାତୀୟ ହାଇଡ୍ରୋଜେନ ମିଶନ' ସବୁଜ ଉଦ୍‌ଜାନ ପ୍ରସ୍ତୁତ ଦିଗରେ ଅଗ୍ରଣୀ ଭୂମିକା ବହନ କରୁଛି । ଏହି ଇନ୍ଧନକୁ ଗଚ୍ଛିତ କରି ରଖିହେବ ଏବଂ ଏହା ସହାୟତାରେ ବିଜୁଳି ଉତ୍ପାଦନ ହୋଇପାରିବ । ସ୍ୱଚ୍ଛ ଏବଂ ସବୁଜ ଶକ୍ତି ବିପ୍ଳବକୁ ତ୍ୱରାନ୍ୱିତ କରିବା ଦିଗରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ମଳିତ ଜାତିସଂଘ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୨୦୧୮ ମସିହାରେ 'ଚାମ୍ପିଆନସ୍ ଅଫ୍ ଆର୍ଥ ଆୱାର୍ଡ' ପ୍ରଦାନ କରାଯାଇଛି । କିନ୍ତୁ ଏହା କେବଳ ସରକାରୀ ଯୋଜନାରେ ସୀମିତ ନ ରହି ଯଦି ଆମ ଜୀବନଚର୍ଯ୍ୟାରେ ରୂପାନ୍ତରିତ ହୋଇପାରିବ, ତେବେ ଆଗାମୀ ବଂଶଧରଙ୍କୁ ଆମେ ଏକ ସୁନ୍ଦର ସବୁଜ ପୃଥିବୀ ଉପହାର ସୂତ୍ରରେ ଦେଇପାରିବା ।

❐

ଗଳ୍ପ ସ୍ୱତନ୍ତ୍ର

ସଭା



ଡ. ରତ୍ନାକର ଦାସ

ସଂପାଦକ, ଲେଖକ ସମବାୟ ସମିତି
ଆନନ୍ଦପୁର, କେନ୍ଦୁଝର
ମୋ-୯୪୩୭୭୫୧୭୩୩

ଗାଁର ସବୁ ସଭାରେ ପ୍ରତ୍ୟେକ ପରିବାରର ପ୍ରତିନିଧିତ୍ୱ ଥିଲେ ବି ଦଳିତ ବର୍ଗର ମାତ୍ର କେଇଜଣ ଥା'ନ୍ତି । ଗାଁ ସାଆନ୍ତେଇ ବିଚ୍ଛନ୍ଦ ବିଗ୍ରହ ଯେତେବେଳେ ଯେଉଁ କଥା କହନ୍ତି ତାଙ୍କ କଥାରେ ପ୍ରତିବାଦ କରିବା ତ କାହିଁ ଅଛି, ଆଲୋଚନାରେ ଭାଗ ନେବାର ସାହସ ମଧ୍ୟ ସମସ୍ତଙ୍କର ନ ଥାଏ ।

ବିଗ୍ରହଙ୍କ ଯୋଡ଼ି ଗୟା ପଣ୍ଡିତେ ପୁରାଣ ଶାସ୍ତ୍ରର ବିଭିନ୍ନ ଉଦାହରଣ ସହିତ ଶ୍ଲୋକ ଇତ୍ୟାଦି କହି ସଭାକୁ ଭାବ ଗମ୍ଭୀର କରନ୍ତି । ତା' ପରେ (ତାଙ୍କ ସିଦ୍ଧାନ୍ତରେ) ଦୋଷୀ ଆପଣାଛାଏଁ ଆଣ୍ଠେଇ ପଡ଼େ ଗହୀର ମୁଣା ଥିବା ଜାଲରେ ଭାକୁଡ଼ ମାଛ ପଡ଼ିଲା ଭଳି ।

– "ବିନୋଦିଆ ପୁଅ ନିଜ ଜାତିରୁ ଝିଅଟାଏ ଆଣିଥିଲେ ବି ସଂଭାଳି ହେଇ ପାରିଲାନି, ତା' ବାପ ପୁଲିସ୍ ବିଭାଗରେ ଚାକିରି କରୁଥିବା ସତ୍ତ୍ୱେ ।"

– "ସନିଆଁ ନନ୍ଦର ନାତୁଣୀ ଆତ୍ମହତ୍ୟା କଲା । ହୃଦ୍‌ଘାତରେ ତା'ର ମୃତ୍ୟୁ ହୋଇଛି

ବୋଲି ତା' ମାମୁଁ ଶବ ବ୍ୟବଚ୍ଛେଦ ରିପୋର୍ଟ ଦେଲା ସେଠାକାର ଡ଼ାକ୍ତର ଭାବରେ ।"
- "ସେଇ ଗାଆଁର ନକୁଳ ଝିଅ, ଆର ସାହିର ବାଇନ ପୁଅକୁ ମନରାଜି କଲା । ଦୂର ସଂପର୍କୀୟ କକା ଝିଆରୀ ହେଲେ ବି ତା'ର ରାଜନୀତିଆ ହାତ ଢ଼େର ଲମ୍ବା ।"

ତଥାପି କେହି ଜଣେ ବି ଖସି ଯାଇ ପାରିଲେନି ଗାଁ ମୁରବି ବିଛନ୍ଦ ବିଗ୍ରହଙ୍କ ନିଷ୍ପତ୍ତିରୁ । ନିଷ୍ପତ୍ତି ନୁହେଁ ତ, ସତେ ଯେମିତି ଅଠା କାଣ୍ଡିଆ । ପକ୍ଷୀର ଡ଼େଣା ଅବା ଗୋଡ଼ ଛୁଇଁଲେ ମୁକୁଳିବାର ରାହା ନାହିଁ ଭଳି ନିଶ ଆଉ ଦାନ୍ତ ଥିବା ଲୋକ ବି ହାରିଯାଆନ୍ତି ।

ଏଇ ଗତ କୋଡ଼ିଏ ତାରିଖ ସଭାଟା ଖୁବ୍ ସରଗରମ ଥିଲା ଅନ୍ୟ ଦିନର ସଭା ଅପେକ୍ଷା । କୁଶ ଝିଅ କାମିନୀ ଯଦି କଲେଜକୁ ଯାଇ ନ ଫେରିଲା ସେଥିରେ କିଛି ଯା' ଆସ ନାହିଁ । ସେଇଟା ବି ସଭାର ମୁଖ୍ୟ ଆଲୋଚ୍ୟ ବିଷୟ ନୁହେଁ । କିନ୍ତୁ କୁଶିଆ ଗାଁ ମାନ୍ୟ ଦାଖଲ କରୁ ଆଉ ଜାତିଭାଇକୁ ଖଲିର ବ୍ୟବସ୍ଥା କରୁ, ଏହା ହିଁ ସଭାର ମୁଖ୍ୟ ପ୍ରସଂଗ ।

କୁଶ ଆଉ ତା' ସ୍ତ୍ରୀ ଯେତେ ନେହୁରା ହେଲେ ବି ତାଙ୍କ କଥାଟା ଗ୍ରହଣ କରାଗଲା ନାହିଁ । ସମସ୍ତଙ୍କ ପାଇଁ ବିଚାର ସମାନ ବୋଲି ଶୁଣାଇ ଦେଲେ ସାଆନ୍ତେଇ । ଗୟା ପଣ୍ଡିତେ ମଧ୍ୟ ଶ୍ଲୋକ ପଢ଼ି ବିଗ୍ରହଙ୍କ କଥାଟାକୁ ପାକଳ କରିଦେଲେ । ପାଞ୍ଚ ହଜାର ପାଞ୍ଚରୁ ଟଙ୍କାଟିଏ ଊଣା ହେଲେ ଗ୍ରହଣ କରାଯିବ ନାହିଁ ବୋଲି କୁଶିଆ ଥୋଇଥିବା ହଜାରେ ଏକ ଟଙ୍କା ଫେରାଇ ଦିଆଗଲା । ନିଆଁ, ପାଣି, କଥାବାର୍ତ୍ତା, ଜାତିଭାଇ ସବୁ ବନ୍ଦ କରାଗଲା ବୋଲି ବିଗ୍ରହ ଶୁଣାଇ ଦିଅନ୍ତି ତ, ଗୋଟେ ଅରଣା ମଇଁଷି ଭଳି ସଭାକୁ ପଶି ଆସିଲା କୁଶିଆ ପୁଅ ସନା ।

ଭେଣ୍ଡା ପିଲାଟା ତ, ଦେଶୀରୁ ଦି' ଡୋକ ପକେଇଥିଲା ବୋଧହୁଏ, ଗପିଗଲା କଥାରୁ ଅକଥା ଯାଏଁ । ବିଛନ୍ଦ ବିଗ୍ରହର ଚଉଦ ପୁରୁଷ ଉଦ୍ଧାର କଲା ତ ଗୟା ପଣ୍ଡିତଙ୍କ ଗୋହି ପୁରାଣ ନେଇ ଶୋଧି ଚାଲିଲା କାହିଁରେ କେତେ, ଏକାଧିକ ଲୋକଙ୍କ ବାରଣ ସତ୍ତ୍ୱେ ।

ସେଇ ନିଶା ଭୋଳରେ ସିଏ "ମୋ ପିଢାରେ ଗିଧ ବସିଲେ ମୁଁ ପ୍ରାଣ୍ଚିତ ହେବି, ଆଉ ତୁମ ଛାତରେ ବସିଲେ ସେଟା ଗୋଟେ ଉଡ଼ି ଯାଉଥିବା ପକ୍ଷୀ ଯଦି ବା ବସି ପଡ଼ିଲା, ସେଥିରେ ସେମିତି କିଛି ଅସୁବିଧା ନାହିଁ" ବୋଲି ଅନେକ ପକ୍ଷପାତ ନିଷ୍ପତ୍ତିର ଉଦାହରଣ ମାନ ଦେଇଥିଲା ଯେ ଅନେକ ଲୋକ ତାକୁ ମନେମନେ ସାବାସୀ ଦେଉଥିଲେ, ଖୋଲାଖୋଲି ସମର୍ଥନ ନ କରି ଏ ଦୁହିଁଙ୍କ ଭୟରେ ।

ୟାର ଉତ୍ପାତ ଦେଖି କେତେକ ଅଣ୍ଟା ଭିଡୁଥିଲେ ଯେ ଆଉ କେତେକ ବାରଣ କରିଥିଲେ ଆଉ କ'ଣ କିଛି ଘଟିଯାଇପାରେ ବୋଲି ।

- "ସଭାଟା ଭଣ୍ଡୁର ହେଇଗଲା ।"
- "ସେମାନେ ଏମିତି କିଛି ଗୋଟେ ଘଟୁ ବୋଲି ଭାବୁଥିଲେ, ସଭାଛାଡ଼ି ପଳେଇଲେ ଯେଉଁ କେତେକ ।"
- "ଆଉ କିଏ କେମିତି ଏଠି ସେଇଠି ଠିଆ ହେଇ ଫୁସୁରୁ ଫାସର ହେଉଥିଲେ ।"

ସନା ବି ଘରମୁହାଁ ହେଉଥିଲା ଯେ, ଅସଲ କଥାଟାକୁ ଅଟକାଇ ନ ପାରି କାଢ଼ିଦେଲା
- ମୋ ଭଉଣୀ ତ ସିଧା ସିଧା ନାହିଁ କରିଦେଲା, ତୋ ପୁତୁରାକୁ ବା' ହବ ନାହିଁ ବୋଲି ।

ପଢୁଆ ଝିଅଟାକୁ ମୁଁ କ'ଣ ଜୋର୍ ଜବରଦସ୍ତ ବାହା କରାଇ ଦେଇ ଥାଆନ୍ତି ? ସେଟା ତ କଲେଜ ମାଟି ମାଡ଼ିନି । ଅସୁର ଭଳିଆ ଚେହେରାକୁ ତ ଟଙ୍କାଟେ ବି ରୋଜଗାର ନାହିଁ । ମାନୀ ମୋର କୋଉ ଗୁଣରେ ଉଣା ଯେ, ତୋ ଘରର ବୋହୂ ହବ ?

ସେ ମୁର୍ଖଟା ସବୁବେଳେ ତା' ଉପରେ ଆଖି ପକାଇଲା ଯେ ଭଉଣୀଟା ମୋର ବାଟ ଚାଲି ପାରିଲାନି । ସେଇଥିପାଇଁ ସିଏ ମନରାଜିରେ ଗଲା । ପୁଣି ଏତେ ପାଲା ?

- "ସନାତନର ଶବ୍ଦ ସବୁ ପ୍ରତିଧ୍ୱନିତ ହେଉଥିଲା ଗାଆଁର ପ୍ରତିଟି ଗଳି କନ୍ଦିରେ ।"
- "ସଂଚରି ଯାଉଥିଲା ଆବାଳ ବୃଦ୍ଧ ବନିତାଙ୍କ କର୍ଣ୍ଣ ଗହ୍ୱର ପର୍ଯ୍ୟନ୍ତ ।"
- "ବିଚ୍ଛନ୍ଦ ବିଗ୍ରହର ସମର୍ଥକଙ୍କ ଛାତିରେ ଠେଙ୍ଗା ପାହାରର ଆଘାତ ଅନୁଭୂତ ହେଉଥିଲା ସନାତନର ଏ ଉଚ୍ଚାଙ୍ଗ ଉଚ୍ଚାରଣ ।"
- "ଗୟା ପଣ୍ଡିତେ ଶ୍ଲୋକମାନଙ୍କୁ ଅଣ୍ଡାଳୁଥିଲେ ଯେ, ବିସ୍ମରି ଯାଉଥିଲା ତାଙ୍କର ସେ ପାଣ୍ଡିତ୍ୟ । ଗଣନା କରିବାକୁ ଯାଇ ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନ ଥିଲେ ଆଜି ସଭାରେ ଏମିତି ଅଘଟଣ କାହିଁକି ସୃଷ୍ଟିହେଲା ବୋଲି ।"

କୁଶିଆ ପୁଅର ଏ କାଣ୍ଡ ବିଚ୍ଛନ୍ଦ ବିଗ୍ରହ ଓ ଗୟା ପଣ୍ଡିତଙ୍କ ମୁରବି ପଣିଆକୁ ଶକ୍ତ ଧକ୍କା ଦେଇଛି । ସେ ଟୋକା ମୁରବି ମାନିଲା ନାହିଁ । କେମିତି ସିଏ ଆଣ୍ଠେଇବ, ତହିଁ ଆରଦିନ ରାତିବେଳା ସେ ନେଇ ଗୋଟେ ଭିତିରିଆ ମିଟିଂ ଚାଲିଲା । ଯେଉଁ କେତେକ ନେପଥ୍ୟରେ ରହି ସନାକୁ ସମର୍ଥନ କରୁଥିଲେ ସେମାନେ ସେ ଭିତିରିଆ ମିଟିଂରେ ଅନୁପସ୍ଥିତ ଥିଲେ ।

ସନାତନ ଦ୍ୱାରା ସୃଷ୍ଟି ହୋଇଥିବା ତାଣ୍ଡବ ଲୀଳା ଥମିଯିବା ପରେ ଗାଁରେ କେଇଟାଦିନ ରାଜୁତି କରିଥିଲା ନିରବତା । ଏଇ ଗଲା ରବିବାର ସଂଜ ନଇଁ ଆସୁଥିଲା ଗାଁ ଭିତରକୁ । ଜହ୍ନି ଫୁଲମାନେ ମୁହଁରେ ହଳଦୀ ମାଖି ଖୁବ୍ ତୋରା ଦେଖା ଯାଉଥିଲେ । ତା' ପରେ ରାତିର ରାଜୁତି । ପୁଣି ନିଦ ଭାଂଗିଲା ସୂର୍ଯ୍ୟର । ସମସ୍ତେ ସକାଳକୁ ଦେଖିଲେ, ଅନୁଭବ କଲେ ମଧ୍ୟ ସବୁଦିନ ଭଳି ।

ଶୁଣିଲେ ଟେଲିଭିଜନକୁ ଆଉ ପଢ଼ିଲେ ଖବରକୁ ଖବର କାଗଜରେ - "କୌଣସି ଏକ ହୋଟେଲରୁ ଅସଂଜତ ଅବସ୍ଥାରେ ପୁଲିସ୍ ଯେଉଁ କେଇଜଣଙ୍କୁ ଉଦ୍ଧାର କରିଛି, ସେମାନଙ୍କ ମଧ୍ୟରେ ଅଛି ଜଣେ କଲେଜ ଛାତ୍ରୀ (ଛଦ୍ମନାମ)ରାଗିଣୀ ।

କଥାଟା ପବନଠାରୁ ବି ଅଧିକ ବେଗରେ ଖେଳିଗଲା ଗାଁ ସାରା, ଅଞ୍ଚଳ ସାରା । କେତେକ ଶୁଭେଚ୍ଛୁ ବିଚ୍ଛନ୍ଦ ବିଗ୍ରହର ଘର ଆଡ଼କୁ ମୁହାଁଉଥିଲେ ଯେ ତାଙ୍କ ଘରର ଆଗପଛ ଦରଜା ଓ ଝରକାମାନେ ବନ୍ଦ ଥିଲା । ମୋବାଇଲ ମଧ୍ୟ ସୁଇଚ୍ ଅଫ୍ ଥିବାର ସୂଚନା ଦେଇଥିଲା ।

ତାଙ୍କ ଘର ସାମ୍ନାରେ ଧୀରେ ଧୀରେ ଲୋକ ରୁଣ୍ଡ ହେଉଥିଲେ, ଗାଁ' ସଭା ବସିବା ପୂର୍ବରୁ ଯେମିତି ରୁଣ୍ଡ ହୁଅନ୍ତି ମଝି ଦାଣ୍ଡରେ ।

❐

ଲହୁଣୀ



ମଦନ ମୋହନ ମହାକୁଡ

ଗୋପବନ୍ଧୁ ନଗର, ଭଦ୍ରକ
ମୋ: ୭୦୭୭୧୬୩୫୪୫

ଦୁଇହଜାର ଉଣେଇଶ ମସିହା ଏପ୍ରିଲ୍ ସତେଇଶ ତାରିଖରେ ବିଧାୟକ-ସାଂସଦ ନିର୍ବାଚନ ସରିଯାଇଥାଏ । ମେ ତିନି ତାରିଖରେ 'ଫନି' ବାତ୍ୟା ପ୍ରବଳ ବେଗରେ ବହି ମହାପ୍ରଳୟ ଘଟେଇ ଦେଲା । ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ 'ଗଜଭୋଗ'ମୌଜାର ଅନେକ ପରିବାରରେ ପକ୍କା ଘର ହୋଇଗଲାଣି । ଦୁଇ ଚାରିଟା ଘର ପକ୍କା ହୋଇ ପାରିନି । ତହିଁରୁ କେତେକ ଶାସକ ଦଳକୁ ବିରୋଧ କରନ୍ତି । ତାଙ୍କ ପାଇଁ ଜନ ପ୍ରତିନିଧିଙ୍କ ବିଶେଷ କରୁଣାର ଦୃଷ୍ଟି ନ ଥାଏ । ଜଣେ ଶାସକ ଦଳିଆ ବି ଘର ପାଇବାରୁ ବାଦ ପଡ଼ିଯାଇଛି । ଲୋକଟିର ବେଶୀ

ସିଆଣିଆ ପ୍ରକୃତି । ବିଜୁ ପକ୍କାଘର ହେଉ କି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଟଙ୍କା ପାଇବାକୁ ହେଲେ କରେଇଦେବା ଲୋକଙ୍କୁ କିଛି ଦେବାକୁ ହେବ । ସେତକ ଦେବାକୁ ଅମଙ୍ଗ । ୱାର୍ଡ ମେମ୍ବର ଗୋଲକ କେତେ ଫୁସୁଲେଇ କହିଲାଣି କି ତା ପାଇଁ ନହେଲା ନାହିଁ ଖାଲି ଅଫିସ୍ ଖର୍ଚ୍ଚ ଦେଲେ ବି ସେ କରାନ୍ତା । ସେ ଲୋକ ତେବେ ବି ଅରାଜି । ଯେଉଁ ଦଳକୁ ବା ଲୋକକୁ ଭୋଟ ଦେଇଥିଲା ସେ ଯେତେବେଳେ ପାୱାରରେ ଅଛନ୍ତି ସବୁ ତାକୁ ମାହାଳିଆ ଦରକାର । ତେବେ ସେ ଯାହାହେଉ, ଯେଉଁ କେତେଜଣଙ୍କର ଚାଳ ଘର, ଛପର ସମସ୍ତଙ୍କର ଉଡ଼ି ଯାଇଛି । ଦୁଇ ଜଣଙ୍କର ମାଟି କାନ୍ଥ ଧସି ଯାଇଛି । ନିର୍ବାଚନ ପରେ ୱାର୍ଡ ମେମ୍ବର ଗୋଲକ ହାତରେ କିଛି କାମ ନ ଥାଏ । ସରକାରରୁ ଘର ଭଙ୍ଗା ସାହାଯ୍ୟ କେମିତି ମିଳିବ ସେ ଚେଷ୍ଟା କରିବା କଥା । କିନ୍ତୁ ଯାହାର ଚାଳ ଘର ଅଛି, କେଉଁ କାରଣରୁ ରହିଛି ସେକଥା ତ ସବୁ ଆପଣମାନେ ଶୁଣିଲେ । ଗୋଲକ ତେଣୁ ଆଗଭର ହେଉ ନ ଥାଏ ।

ପାଞ୍ଚ ତାରିଖ ଦିନ ଏଗାରଟା ବେଳକୁ, ଗଜଭୋଗ ଗାଁ ମୁଣ୍ଡ ପୋଖରୀ ହୁଡ଼ାରେ ପିରାଟ ବଜାର ଆରାଇ ଆସି ପହଞ୍ଚିଲେ । ରାନ୍ଧୁଣି ଗାଧୁଆ ବେଳା ପୋଖରୀ ଘାଟରେ ଭୂଆସୁଣୀ ମାନେ ଗାଧଉ ଥାଆନ୍ତି । ଆରାଇ ବାବୁ ସେଠାରେ ନ ଅଟକି ଆଗେଇ ଗଲେ । ପୋଖରୀ ହୁଡ଼ାରୁ ରାସ୍ତା ଶେଷରେ ବାଟ ଦୁଇଭାଗ ହୋଇଛି । ସେଇ ଛକ ଜାଗାରେ ଶିବ ପାତ୍ର, ବାତ୍ୟାରେ ଭାଙ୍ଗି ପଡ଼ିଥିବା ତାଙ୍କ ବାଗାନ ବାଡ଼ିର ପହି ସଜାଡୁ ଥା'ନ୍ତି । ବୟସ୍କ ଲୋକ ଜଣକୁ ଭେଟ ପାଇ ଆରାଇ ବାବୁ ପ୍ରଶ୍ନ କଲେ-

-ମଉସା ! ଲାବଣ୍ୟ ନାୟକଙ୍କ ଘର କେଉଁଠି ?

-ଆଜ୍ଞା ! ଲାବଣ୍ୟ ନାୟକ ବୋଲି କିଏ ଲୋକ ଆମ ଗାଁରେ ଅଛି, କାହିଁ ମୁଁ ତ ଜାଣିନି ।

ଏତକ କହି ସାରିବା ପରେ ଶିବ ପାତ୍ର ଆଉ ବେଶୀ କିଛି ଭାବି ପାରୁ ନଥାନ୍ତି । ସେ ଦଣ୍ଡେ ମୌନ ରହି ପୁଣି କହିଲେ "ହେଇଟି ସାର୍, ଏଇଯେ ବାଟ ଦୁଇ ଭାଗ ରହିଛି, ବାମ ପଟେ ପାତ୍ର ସାହି, ଡାହାଣ ପଟେ ନାୟକ ସାହି । ନାୟକ ସାହିରେ ମାତ୍ର ଏଗାରଟି ପରିବାର ରହନ୍ତି । ଗୋଟିଏ ଲମ୍ବା ଦାଣ୍ଡ । ଦାଣ୍ଡ ମଝିରେ ଠିଆ ହେଲେ ସବୁ ଘରର ଦାଣ୍ଡ ଦୁଆର ଦିଶିବ । ଲାବଣ୍ୟ ନାୟକ ସେହି ସାହିର କାହାରି ରେକର୍ଡ ନାମ ହୋଇଥିବ, ତାର ଚଳନ୍ତି ନାମ ଅନ୍ୟ କ'ଣ ଥିବ । ହଁ ମନେ ପଡ଼ିଲା, ଅଧ ଘଣ୍ଟା ଆଗରୁ ଗୋଲକ ସେଇ ସାହିକୁ ଯାଇଛି ବୋଧ ହୁଏ ସେ ଆପଣଙ୍କୁ ଅନିଶା କରିଥିବ । ଆପଣ ଡାହାଣ ପଟ ରାସ୍ତାରେ ଯାଇ ନାୟକ ସାହି ଦାଣ୍ଡକୁ ଉଠି ଯାଆନ୍ତୁ, ଗୋଲକ କାହାରି ପିଣ୍ଡାରେ ବସିଥିବାର ଆପଣ ଦେଖି ପାରିବେ ।

ଆରାଇ ବାବୁ ନାୟକ ସାହି ଦାଣ୍ଡ ଉପରକୁ ଉଠିବା ମାତ୍ରେ ଦୂରରୁ ଦେଖିଲେ କେହି ଜଣେ ପିଣ୍ଡାରୁ ଓହ୍ଲାଇ ହାତ ହଲେଇ ଅଭିବାଦନ କରି ତାଙ୍କୁ ହିଁ ସ୍ୱାଗତ କରୁଛି ।

ବାବୁ ବୁଝିଗଲେ ସେ ନିଶ୍ଚୟ ହୋଇଥିବ ଯୁବ ୱାର୍ଡ ମେମ୍ବର ଗୋଲକ । ଗୋଲକ ଟିକେ ଆଗେଇ ଯାଇ ଆରାଇ ବାବୁଙ୍କୁ ପାଛୋଟି ଆଣିଲେ ଓ ସେ ଆଗରୁ ସପ ପକେଇ ବସିଥିବା ପିଣ୍ଡାରେ ବସାଇଲେ । ପିଣ୍ଡାରେ ବସି ରହି ଆରାଇ ବାବୁ ସେ ବିଧ୍ୱସ୍ତ ଚାଳ ଓ ଭୂପତିତ ମାଟି କାନ୍ଥର ଅବସ୍ଥା ଦେଖିନେଇ ପଚାରିଲେ-

-ଆଚ୍ଛା ଗୋଲକ ବାବୁ ! ଘର ଅବସ୍ଥା ଦେଖିଲି, ରିପୋର୍ଟ କରିବି । କିନ୍ତୁ ଏ ଘର ଯେ ଲାବଣ୍ୟ ନାୟକର କେମିତି ସତ୍ୟାପନ କରିବା ? ଗାଁକୁ ପଶିବା ପୂର୍ବରୁ, ଘର ଖୋଜି ପାଇବାକୁ ମୁଁ ଜଣେ ବୟସ୍କ ଲୋକକୁ ପଚାରିବାରୁ ସେ କହିଲେ, ଏ ଗାଁରେ ଲାବଣ୍ୟ ନାୟକ ବୋଲି କେହି ଥିବାର ସେ ଜାଣି ନାହାନ୍ତି ।

-ମୋର ମୋବାଇଲ ଫୋନ୍ ନମ୍ବର ଆପଣଙ୍କ ପାଖରେ ଅଛି । ଗାଁ ମୁହଁରେ ପହଞ୍ଚି ମୋତେ ଫୋନ୍ କରିଥାନ୍ତେ ମୁଁ ଯାଇ ଆପଣଙ୍କୁ ନେଇ ଆସିଥାନ୍ତି । ଆପଣ ଅଣ୍ଡାଳି ହେଲେ ।

-ନା ବାବୁ, ସେମିତି ଇନ୍‌କୁଆରି ହୁଏନି । ଆପଣ ଅନୁରୋଧ କରିଥିଲେ । ଆପଣଙ୍କ ସଙ୍ଗେ ଆସିଥିଲେ ଆପଣ ଯେଉଁଠିକୁ ନେବେ ଆମେ ସେଠିକୁ ଯିବୁ, ନାମ ଠିକଣା ଯାହା କହିବେ ସେଇଆ ମାନିବୁ । ତାହେଲେ ଆମେ ଲୋକର ନାମ ଧାମ ଠିକଣା ଭେରିଫିକେସନ୍ କରିବାର ମୂଲ୍ୟ ରହିବ କ'ଣ ? ତେଣୁ ଆମେ ଖଣ୍ଡେ ଦୂରରୁ ପଚାରି ପଚାରି ଆସୁ । ଅବଶ୍ୟ ମୋର ଭୁଲ ହୋଇଗଲା କି- ମୁଁ 'ଲାବଣ୍ୟ ନାୟକ, ପିତା କହ୍ନେଇ ବୋଲି ଉଲ୍ଲେଖ କରିବାକୁ ଭୁଲି ଯାଇଥିଲି । କିନ୍ତୁ ମହିଳାଙ୍କ ସମ୍ବନ୍ଧରେ ଅନ୍ୟାନ୍ୟ ବିବରଣୀ ସବୁ କହିଥିଲି ।

ଏହାପରେ ଆରାଇ ବାବୁ ଯେଉଁ ସବୁ ବିବରଣୀ ଦେଇଥିଲେ, ଗୋଲକଙ୍କୁ କହିଗଲେ । ୱାର୍ଡ ମେମ୍ବର ଗୋଲକ ଜବାବ ରଖିଲେ- ଆପଣ ଯେମିତି ଅନୁମାନ କରି କହିଲେ, ବୟସ୍କ ଲୋକ ଜଣକ ଶୁଣି ବାଉଳା ହୋଇଥିବେ । ଏଇ ଝିଅଟିର ଗାଁ ନାମ ଲହୁଣୀ । କହ୍ନେଇ ନାୟକଙ୍କ ବଡ଼ ଝିଅ ଫଗୁଣ ମାସରେ ଜନ୍ମ ହୋଇଥିବାରୁ ତା ନାଁ ଦେଇଥିଲେ ଫଗୁଣୀ । ତାପରେ ତାଙ୍କର ପୁଅଟିଏ, ନାମ-ମହୀଧର । ଶେଷରେ ଏହି ଝିଅ । ଫଗୁଣୀ ନାମକୁ ସାମଞ୍ଜସ୍ୟ କରି ଇଆର ନାଁ ରଖିଲେ, ଲହୁଣୀ । ବିଚାରୀ ପାଇଁ ସରକାରୀ କାର୍ଡ ସବୁ କରିବାକୁ ଆମକୁ ତା ନାମରେ ଆଧାର କାର୍ଡ ତିଆରିବାକୁ ହେଲା । ସେତିକିବେଳେ କାର୍ଡ କରୁଥିବା ମାଷ୍ଟ୍ରେ ଗୋଟିଏ ସାଧୁ ଶବ୍ଦ 'ଲାବଣ୍ୟ ନାୟକ' ବୋଲି କରିଦେଇଥିଲେ । ବଡ଼ ଝିଅ ଫଗୁଣୀ ଥିଲା ହୁଣ୍ଡି, ଫଟା କାଲୁଣୀ । ବାପା କହ୍ନେଇ ତାକୁ ସାହାନପୁର ଗାଁର ଗୋଟେ ହାଉଡ଼ା ପୁଅ ସଙ୍ଗେ ବାହାଘର କରେଇ ଦେଇଥିଲେ । ଲହୁଣୀର ତିନି ବର୍ଷ ବୟସ ହେବା ବେଳକୁ ଜଣା ପଡ଼ିଲା, ଏଇଟା ଜାଡ଼ୀଟାଏ ଆଉ ବୁଦ୍ଧିରେ ଅଖଞ୍ଜିଟାଏ । ଇଆର ବାହାଘର କରେଇବା କୌଣସି ମତେ ସମ୍ଭବ ହେଲାନି । ଲହୁଣୀର

ଶାଶୁଘର କାହୁଁ ଆସିବ ନା ଯାତନା-ଗଞ୍ଜନା ସହିବାର ଭାଗ୍ୟ ! ବାପା ମା ମରିଗଲା ପରେ ଲହୁଣୀ ଏଇଠି ଏକଲା ପଡ଼ି ରହିଛି । ଧନ୍ୟ କହିବ ଆମ ସରକାରଙ୍କୁ । ବିଭିନ୍ନ ଯୋଜନା ବାବଦକୁ ଯାହା ସବୁ ଦେଉଛନ୍ତି, ଏମିତି ଅଭାଗିନୀ ମାନେ ବଞ୍ଚି ଯାଉଛନ୍ତି ।

- ବାପା ମା'ଙ୍କର ବୟସ ହେବାରୁ ସେ ସଂସାରରୁ ବିଦା ହୋଇଯାଇଛନ୍ତି । ଗୋଲକ ବାବୁ, ଏଇମାତ୍ର ଆପଣ କହୁଥିଲେ ଫଗୁଣୀ ଲହୁଣୀ ମଝିରେ କହ୍ନାଇ ନାୟକଙ୍କ ପୁଅଟିଏ ଅଛି- ମହୀଧର । ସିଏ କେଉଁଠି ରହେ ?

- ମହୀଧର ବି ଏଇ ଚାଳ ଘରେ ତା ସ୍ତ୍ରୀ ପିଲା ନେଇ ରହୁଥିଲା । ମହୀଧର ଚାକିରି କରେ- ସ୍କୁଲ ପିଅନ । ତା ହାତରେ ଟଙ୍କା ପଇସା ହେବାରୁ ସେ ରାସ୍ତା ପାଖରେ ଜାଗା କିଣି ସେଇଠି ପକ୍କାଘର କରି ରହୁଛି ।

- ଲହୁଣୀର ସେ ବଡ଼ଭାଇ କ'ଣ ଏଡ଼େ ନିଷ୍ଠୁର ? ଗୋଟିଏ ହେଣ୍ଡିକେପ ଭଉଣୀକୁ ଏକଲା ସଡ଼ିବାକୁ ଛାଡ଼ି ଦେଇଛି ।

- ନା, ମହୀଧର ନିଷ୍ଠୁର ନୁହେଁ । ବରଂ ସିଦାସାଧା ଲୋକଟିଏ, ଦୟାଳୁ । ତା ସ୍ତ୍ରୀ ଭାରି ଫଡୁଆଳ । ମହୀଧର ବଡ଼ ଶଳା, ଭଉଣୀ ଭିଣେଇଙ୍କ ଘର ସଂସାରରେ ନାକ ପୂରାଏ । ଭାଇ ଭଉଣୀଙ୍କ ମନ୍ତ୍ରଣାରେ ମହୀଧର ବିଚରା କାଇଲା ହୁଏ । ଏଇଠି ଏକାଠି ଥିବା ବେଳେ 'ଲହୁଣୀ' ଘରଟା ଯାକର କାମ କରେ । ମହୀଧରର ପୁଅ ଝିଅକୁ କୋଳ କାଖ କରି ଖେଳାଏ । ତଥାପି ଭାଉଜ ଠାରୁ ମାଡ଼ ଗାଳି ଖାଏ । ଏମିତି ଅଢଙ୍ଗୀ ଝିଅକୁ ତା ମା କାହିଁକି ପିଲାବେଳୁ ତଣ୍ଟି ଚିପି ମାରିଦେଲାନି ବୋଲି ଖେଞ୍ଚା ମାରେ । ପକ୍କାଘର ତିଆରି ସରିବା ପରେ ମହୀଧରର ବଡ଼ ଶଳା ଏ ଜାଗାକୁ ବିକି ଦେବାକୁ ପ୍ରସ୍ତାବ ଦେଇଥିଲା । ମହୀଧର ପୈତୃକ ଜାଗାକୁ ମୂରଚ୍ଛି ନଦେଇ ଲହୁଣୀ ପାଇଁ ଛାଡ଼ି ଦେଇଛି । ଲହୁଣୀ ଏକଲା ଅଛି, ସୁଖରେ ଶାନ୍ତିରେ ରହିଛି । ଆମ ଗାଁର ଆଉ ଜଣେ ଲୋକତ ପଛ ଭାରିଜା କଥାରେ ପଡ଼ି ଆଗ ଭାରିଯାର ଅଲୋଡ଼ା ଝିଅକୁ ତକିଆ ଚାପି ଶେଷ କରିଦେଇଥିଲା ।

- ଏ ଝିଅଟା ତ ବାହା ହେଇ ପାରିଲାନି । ଜୀବନରେ ଆଉ କି ସରାଗ ଅଛି ? ଘର ଭିତରେ ଏକଲା ମଣିଷଟିଏ । କାହା ସାଙ୍ଗରେ ସୁଖ ଦୁଃଖ ହୁଏ ? ସମବୟସୀ ସାଙ୍ଗ ସାଥି ସେ'କି କେଉଁଠି ପାଉଥିବ ?

- ନା, ଲହୁଣୀର ସୁଖ ନାହିଁ କି ଦୁଃଖ ନାଇଁ । କାହା ପାଖରେ ସେ କ'ଣ ବା କହିବ ? ଏମିତିରେ ସେ ସ୍ପଷ୍ଟ କଥା କହି ପାରେନା । ଯାହା କହିଲେ ବି କିଏ ଅବା ବୁଝିବ ? ତା' ଚାରି ପାର୍ଶ୍ୱରେ ରହୁଥିବା ସ୍ତ୍ରୀ ଲୋକମାନେ ପିଲାପିଲିର ସଂସାର ନେଇ ବ୍ୟସ୍ତ । ସେମାନଙ୍କର ସୁଖ ଦୁଃଖ ବାଣ୍ଟିବକୁ 'ଲହୁଣୀ'କୁ ଭାଜନ ମଣିଷଟିଏ ବୋଲି ସେମାନେ ଭରସା କରନ୍ତିନି । ତେବେ ବାଲୁତ ପିଲାଙ୍କୁ କୋଳ କାଖ କରି ସମ୍ଭାଳି ରଖିବାକୁ ଲହୁଣୀ ଲୋଡ଼ା ପଡ଼େ । ଲହୁଣୀ ବି ଛୁଆ ଖେଳେଇ ଆନନ୍ଦ ପାଏ ।

- ହଉ, ଭଗବାନଙ୍କ ଲୀଳା ! ବିଚାରୀକୁ ଟିକେ ଡାକ, କାଗଜରେ ଟିପଟିଏ ଦେଉ । ମୁଁ ଏଥର ଫେରିବି ।

ୱାର୍ଡ ମେମ୍ବର ଗୋଲକର ଡାକରାରେ ଲହୁଣୀ ଘର ଭିତରୁ ବାହାରିଲା । ହସି ହସି ଆରାଇ ବାବୁଙ୍କ ଜୁହାର କଲା । ଆ କା ଥା ମା ହୋଇ କ'ଣ ସବୁ କହୁଥାଏ । ଶଈ ସବୁକୁ ଫେରେଇ ନେଇ ଡୋକି ଦେଉଥାଏ । ଆରାଇ ବାବୁ ଦେଖିଲେ ଲହୁଣୀର ମଣିଷ ଶରୀର । ସ୍ତ୍ରୀ ଲୋକ ହିସାବରେ ବି ତା ଶରୀର ବିକଶିତ ନୁହଁ । 'ଲାବଣ୍ୟ' ନାମରୁ ସେ ଯେପରି ଚେହେରାଟିଏ ମନେ ମନେ ଆଙ୍କିଥିଲେ, ଖଡ଼ି ସାହାଯ୍ୟରେ ସିଲଟ ଉପରେ ଅଙ୍କା ଚିତ୍ରଟିଏ ପରି ସେ କୁଆଡ଼େ ଲିଭିଗଲା ।

ଆରାଇ ବାବୁ କାମ ସାରି ଫେରିବା ବେଳକୁ ବି ଶିବ ପାତ୍ରଙ୍କ କାମ ସରି ନଥାଏ । ବାଗାନ ବାଡ଼ି ସରହଦରେ ପହି ଦେବା ସାରି କଞ୍ଚା ବାଡ଼ରେ କାମଡ଼ା ବାନ୍ଧୁଥାନ୍ତି । ଆରାଇ ବାବୁଙ୍କୁ ପଚାରିଲେ- "କ'ଣ ସାର ଗୋଲକ ଦେଖା ହେଲାତ ? ଲାବଣ୍ୟ ବୋଲି କାହାକୁ ଖୋଜୁଥିଲେ ପାଇଲେ ? ?"

- ହଁ ମଉସା, ପାଇଲି । ଆପଣ ବି ତାକୁ ଚିହ୍ନନ୍ତି । 'ଲହୁଣୀ'ର ରେକର୍ଡ ନାମ 'ଲାବଣ୍ୟ ନାୟକ' । ବାତ୍ୟାରେ ତା ଘର ଚାଳ ଉଡ଼ିଯାଇଛି, କାନ୍ଥ ପଡ଼ିଛି ; ଇନ୍‌କୁଆରି କରି ରିପୋର୍ଟ ଲେଖିଲି, ସେ ଘର ଭଙ୍ଗା ଟଙ୍କା ପାଇଲେ ଘର ମରାମତ ହେବ ।


- ହଁ ଲହୁଣୀ ଏକଲା ଚଳୁଛି । କିନ୍ତୁ ଆପଣ ଯାହା ଅନୁମାନରେ କହୁଥିଲେ ସେ ଠିକ୍ ନୁହେଁ । ଆଉ ସିଏ ବି ଗୋଟେ ପରିବାର ନୁହେଁ ।

- ଆହା ବିଚାରୀ, ଦିବ୍ୟାଙ୍ଗ ମହିଳାଟି । ମଣିଷ ହୋଇ ଜନ୍ମ ହୋଇବି ସମ୍ପୂର୍ଣ୍ଣ ମଣିଷଟିଏ ନୁହେଁ ।

- ହଁ, ଯାହା କହିଲେ ଝିଅଟି ଦିବ୍ୟ । ଗାଈର ଅଣ୍ଡିରା ବାଛୁରୀ ବଡ଼ ହେଲେ ତାକୁ ଖାସୁ କରି ବଳଦ କରାଯାଏ । ବଳଦ ହଳ ଲଙ୍ଗଳ ଟାଣେ, ଶଗଡ଼ ବୁହେ, ତେଲି ଘରେ ଘଣା ପେଲେ । ଯଦି ଅଣ୍ଡିରା ବାଛୁରୀ ସ୍ୱାଭାବିକ ନ ହୋଇ ତା ହୁଙ୍କୁଡ଼ରେ ଜଟା ଝୁଲୁଥାନ୍ତା ସେ ବାଛୁରୀ ହୋଇ ବୃଷଭ ହୁଏ । ବୃଷଭ ମହାଦେବଙ୍କ ବାହନ ହିସାବରେ ଆମମାନଙ୍କ ଦ୍ୱାରା ପୂଜା ପାଉଥାଏ । ତାକୁ ଭାରବାହୀ ପଶୁ ହିସାବରେ କାମରେ ଲଗାଯାଏନି । ତୀର୍ଥ କ୍ଷେତ୍ର ମାନଙ୍କରେ ଦେଖୁ, ଜଣେ ଜଣେ ଲୋକ, ତିନି ଗୋଡ଼ିଆ ଗାଈଟିଏ ଠିଆକରି ତାକୁ ଘାସ ଖୋଇବା ବାବଦକୁ ଅର୍ଥ ଦାନ କରିବାକୁ ଯାତ୍ରୀମାନଙ୍କୁ ପ୍ରବର୍ତ୍ତାଉ ଥାଆନ୍ତି । ସେଇ ଅଖଞ୍ଜା ଗାଈ ଦେହରେ ଦେବତା ସବାର ଓ ତାକୁ ଖୁଆଇଲେ ପୁଣ୍ୟ ହୁଏ ବୋଲି କହିଥାନ୍ତି । ମଣିଷ ଶିଶୁର ଶରୀର ଅସ୍ୱାଭାବିକ ଥିଲେ ତାକୁ କହିଥାନ୍ତି 'ଦେବଶିଶୁ' । ଲହୁଣୀ ଠାରେ ମନୁଷ୍ୟତ୍ୱର ପୂର୍ଣ୍ଣତା ନାହିଁ । ହେଲେ ତାକୁ ଅମଣିଷ ବୋଲି କେହି କହିବ କି ? ମୁହଁରେ ଦେଖିବେ ସବୁବେଳେ ନିଷ୍କପଟ ହସ । ଛନ୍ଦ-ମନ୍ଦ କିଛି ନାହିଁ । କେହି

କେବେ ତାକୁ ରାଗ ରୁଷା କରିବାର ଦେଖିନି । ହିଂସା ବାଦ, କୂଟ କପଟ କିଛି ତା ମନରେ ନାହିଁ । ସର୍ବଦା ସନ୍ତୁଷ୍ଟ । ମହତୀ ପଣରେ କେଉଁ ସ୍ୱାଧୀ ଠାରୁ ସେ ଊଣା ନୁହେଁ । -ଏସବୁ ମାନବୀ ଗୁଣ ଅବଧାରଣା କରିବାକୁ ତାର ମସ୍ତିସ୍କ ହୁଏତ ବିକଶିତ ନୁହେଁ । -ସାର୍, ଆପଣଙ୍କ ଜ୍ଞାନ ବୁଦ୍ଧିରେ ଆପଣ ଏମିତି କହି ପାରନ୍ତି । ଆମେ ମସ୍ତିସ୍କ ମହତ୍ୱ ବୁଝୁନା । ବିଧାତା ତାକୁ ଗଢ଼ିବାବେଳେ ସେତକ ହୁଏତ ଦେଇନାହାନ୍ତି ହେଲେ ତାଠାରେ ପ୍ରଚୁର ହୃଦୟବତ୍ତା ଭରି ଦେଇଛନ୍ତି । ଲହୁଣୀ, ନାୟକ ସାହିରୁ ପାତ୍ରସାହିକୁ ବି ଆସେ । ଆମ ସାନ ଟୋକାର ଝିଅ, ମୋର ଦେଢ଼ ବରଷର ନାତୁଣୀକୁ ଖେଳାଏ । ସେ ଆନନ୍ଦ ପାଏ, ମୋ ନାତୁଣୀ ଖିଲିଖିଲି ହସି ଖେଳେ । ଲହୁଣୀ, ଆବା ଆବା କରି କ'ଣ କହେ ମୋ ନାତୁଣୀ ବୁଝେ । ମୋ ନାତୁଣୀ ଗୁଲୁରୁ ଗୁଲୁରୁ କ'ଣ କହେ, ଲହୁଣୀ ବୁଝେ । ମୋ ନାତୁଣୀ ସଳଖ ଚାଲି ଶିଖିଲାରୁ ଦିନେ ପାତ୍ର ସାହିରୁ ଲନୀ-ନାନୀ-ନାନା କରି ଏକଲା ନାୟକ ସାହିର ଲହୁଣୀ ଘରେ ପହଞ୍ଚିଥିଲା । ଯିଏ ଦେଖିଲା ଯିଏ ଶୁଣିଲା, ତଟସ୍ଥ । ଆମ ଗାଁ ମକରାର ମୋର କଥା ହେଉ, ବିଧାତା ତାକୁ ଗଢ଼ି ନାହାନ୍ତି । କ୍ଷୀର ସାଗର ମନ୍ଥନରୁ ସେ ଅବା ଉତ୍ପତ୍ତି ହୋଇଛି ; ସେଇଥି ଲାଗି ହୁଏତ ତାର ନାଁ 'ଲହୁଣୀ' ।

❐



ପ୍ରକାଶ ପାଇଛି

ଭଦ୍ରକ ଜିଲ୍ଲା ବରିଷ୍ଠ

ନାଗରିକ ମହାସଂଘର

ମୁଖପତ୍ର

ବରିଷ୍ଠ

ବୁଢା ଶଙ୍ଖାରିର ଲୁହ



ଚୌଧୁରୀ ବରଦାପ୍ରସନ୍ନ ଦାସ

ବାରଙ୍ଗ, କୋତିଆଁ
ଜଗତସିଂହପୁର
ମୋ: ୯୯୩୭୦୯୨୨୫୯

ସମୟ-ନଈରେ ତରୀ ବାହି ଯାଉଯାଉ ଅଟକିଗଲା ମନୀଷା । ଚମକି ପଡିଲା ସେ । ସ୍ୱଚ୍ଛନଦୀର ଜଳଧାରା ଏଠି ଲବଣାକ୍ତ । ଦେଉଳ ଗାଆଁ ମୁଣ୍ଡିଆରୁ ଗଡ଼ି ଆସୁଥିବା ପାଣିକି ପାଟିରେ ଦେଲା । ଆଶ୍ଚର୍ଯ୍ୟ ଲାଗିଲା, ଜଳଧାରା ଲବଣାକ୍ତ । ଆକାଶରୁ ପଡୁଥିବା ବର୍ଷା ପାଣିରୁ ବିନ୍ଦୁଏ ପଡିଲା ମନୀଷାର ପାଟିରେ । ସ୍ୱାଦ ତାର ଲବଣାକ୍ତ । ଉରିପଟକୁ ଚାହିଁଲା । ଏଠି କାନ୍ଦୁଛନ୍ତି ଆକାଶ, ଧରଣୀ, ବନସ୍ପତି ପୁଣି ବହିଯାଉଥିବା ପବନ । ଲୁହ ସବୁ ଧାରଧାର ହୋଇ ନିଗିଡି ପଡୁଛି ଆଉ ମିଶି ଯାଉଛି ପୁଣ୍ୟତୋୟା ବ୍ରାହ୍ମଣୀ ଗାମିନୀ ଟିକିରା ନଦୀର ଅଙ୍କାବଙ୍କା ଧାରରେ ।

ଭୋ ଭୋ ହୋଇ କାନ୍ଦିଉଠିଲା ମନୀଷା । ଆଗରେ ମଣିଷ ନା ଭୂତପ୍ରେତ, ଭାବିପାରିଲାନି ସେ । ସମସ୍ତଙ୍କ ତୁଣ୍ଡରେ କିଳିକିଳା ନାଦ । ଜଣେ ଆଉ ଜଣେ ମଣିଷକୁ ଦୁଃଖ ଦେବାରେ ପାଏ ସବୁଠୁ ଅଧିକ ସୁଖ ।

ଅତ୍ୟାଚାରୀର ହାତ ନିଶ୍ଚୟ ଅତ୍ୟାଚାର କଲାବେଳେ ଦୃତ ହୋଇଯାଏ । ସ୍ଥାନ ହେଲା ସମ୍ବଲପୁର ଜିଲ୍ଲାର ରେଢାଖୋଲ ବ୍ଲକର ବଡମାଳ ପଞ୍ଚାୟତର ପିପିଲିକାନି ଗାଆଁ ।

ଗାଆଁ ଶ୍ମଶାନର କଙ୍କରିତ ମାଟି ଉପରେ ପ୍ରତିକ୍ରିୟାହୀନ ହୋଇ ପଡିଛି ଅର୍ଦ୍ଧଶାୟୀତ ନାରୀଟିଏ । ବିପର୍ଯ୍ୟସ୍ତ ଅଙ୍ଗବାସ । ଅର୍ଦ୍ଧ ମୁକୁଳିତ କେଶ । ନିଜକୁ ଆବୃତ ରଖିବାକୁ ବିକଳରେ ଧରିଥାଏ ଶାଢୀ କାନିକୁ । କୋଳରେ ଅଧାଦେହ କନାରେ ଗୁଡାହୋଇଥିବା କନ୍ୟା ଶିଶୁଟିଏ । ଆଖି ଦିଓଟି ଜୁଲୁଜୁଲୁ ହୋଇ ଦେଖାଯାଉଛି । କାହାକୁ ଚାହିଁବାର ବୟସ ହୋଇନାହିଁ । ଭୂମିଷ୍ଠ ହେବାପରେ ଆଠନଅ ଘଣ୍ଟା ମାତ୍ର ଏ ସଂସାରରେ ବିତିଛି । ତଥାପି ଏତିକି ସମୟ ପୃଥିବୀରେ କ'ଣ କ'ଣ ଯେ ଘଟେଇ ଦିଏ ଭାବିହୁଏନି । ସ୍ଥାନୀୟ ନାକ୍‌ଟିଦେଉଳ ଡାକ୍ତରଖାନାରେ ତା'ର ଜନ୍ମ, ରାତି ୯.୧୫ ମିନିଟରେ । ସମୟଟି ଶୁଭ କି ଅଶୁଭ ଥିଲା କିଏ ବା କହିବ ? ଭଗବାନ ତ ପରମ୍ପରାର ପଥର ଦେଉଳରେ ବନ୍ଦୀ । ବଞ୍ଚି ଥିଲେ ବି ମରିଯାଇଥିବା ଭଳି ବସିଥାଏ ସ୍ତ୍ରୀ ଲୋକଟି । ଆଖି ଆଗରେ ଶ୍ମଶାନ ମାଟିରେ ଦୁଇଦୁଇଟା ଶବ । ଜଣେ ହେଲେ ଦୁନିଆରେ ଗୋଟାଏ ନାରୀର ଆଶାବାଡି ସାଜିଥିବା ମଣିଷ, ସ୍ୱାମୀ । ନାଁ ତାର ହେଲା ମନୋଜ, ବୟସ ମାତ୍ର ୨୫ ବର୍ଷ । ଆଉ ଜଣେ ହେଲେ ବୋହୂଟି କି ମା' ପରି ପାଳିଥିବା ଶାଶୁ । କ'ଣ ଘଟିଛି ଆଉ ଆଖି ଆଗରେ କ'ଣ ଘଟୁଛି ବୁଝିପାରୁ ନ ଥିଲା ବୋହୂଟି । ଯମଦୂତ ପରି ବୁଲୁଥିଲେ ସାଇଭାଇ ।

ମାନସ ଚକ୍ଷୁରେ ମନୀଷା ଦେଖୁଥିଲା ଗତକାଲି ନାକ୍‌ଟିଦେଉଳ ସ୍ୱାସ୍ଥ୍ୟକେନ୍ଦ୍ରରେ ମନୋଜ ଆଡମିସନ କରିଥିଲା ଗର୍ଭବତୀ ସ୍ତ୍ରୀକୁ । ଦାମ୍ପତ୍ୟ ଜୀବନରେ ସନ୍ତାନ ପ୍ରାପ୍ତିଠାରୁ ଆନନ୍ଦ ନାହିଁ । ଗର୍ଭସ୍ଥ ଶିଶୁକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି ବାପା ଆଉ ମା' । ସେ ଗରୀବ ହୁଅନ୍ତୁ ବା ଧନୀ ହୁଅନ୍ତୁ ସମସ୍ତଙ୍କର ସ୍ୱପ୍ନ ଭିତରେ ଥାଏ ସମ୍ଭାବନା । ସ୍ତ୍ରୀକୁ ହସ୍‌ପିଟାଲରେ ଛାଡି ମନୋଜ ଆସିଥିଲା ମା'କୁ ନେଇ ଯିବା ପାଇଁ । ବ୍ୟାଗରେ ଲୁଗାପଟା ଅନାଗତ ଶିଶୁଟି ପାଇଁ ତାଟିଆ ଚାମଚ ଆଉ କିଛି ଜିନିଷ ଧରି ବାହାରିଲେ ମା'ପୁଅ । ମା'କାନିରେ ବନ୍ଧା ହୋଇଥାଏ ଗ୍ରାମ ଦେବତୀଙ୍କ ସିନ୍ଦୂର ପୁଣି ଠାକୁରଙ୍କର ଭୋଗ କଣିକା କେତୋଟି । ସମୟ ଅପରାହ୍ନ । ହେଲେ ରାଜପଥ ପ୍ରାୟ ସହିପାରିଲାନି ଏ ସୁଖ ଆଉ ସମ୍ଭାବନାର ଯାତ୍ରାକୁ । ଦିନ ୫ଟାରେ ବାଇକ ଦୁର୍ଘଟଣାରେ ଚାଲିଗଲେ ମା'ପୁଅ । ରାସ୍ତାରେ ବିଚ୍ଛେଇ ହୋଇ ପଡିଲା ମା'ପୁଅଙ୍କର ସ୍ୱପ୍ନର ପୁଟୁଳା । ହସ୍‌ପିଟାଲରେ ସ୍ୱାମୀକୁ ଅପେକ୍ଷା କରିଥିବା ବୋହୂର ଅପେକ୍ଷା କରିବାଟା ଅପେକ୍ଷାରେ ରହିଗଲା । ରାତି ୯.୧୫ ମିନିଟରେ ଜନ୍ମ ହେଲା ଝିଅ ।

ଏତେ ଭିଡ ଭିତରେ ମନୀଷାକୁ ଦେଖିପାରୁନଥିଲା ସ୍ୱାମୀ ଆଉ ଶାଶୂଙ୍କୁ ହରେଇ ଥିବା ବୋହୂଟି । ଅମାନବୀୟ ପରମ୍ପରା, ପୁରୋହିତବାଦ ଆଉ ଅମଣିଷ ପଣିଆ ପାଖରେ

ହଜିଯାଇଥିଲା ମାନବୀୟ ଚେତନାର ପ୍ରତୀକ ମନୀଷା । ହସ୍ପିଟାଲରୁ ଶବ ପାଖକୁ ବୋହୂଟିକି ଅଣାଯାଇଛି ବିଧବା ପରମ୍ପରା ପାଳନ କରିବାକୁ । ହାତର ଶଙ୍ଖା ଭଙ୍ଗାଯିବ, ମୁଣ୍ଡରୁ ସିନ୍ଦୂର ପୋଛାଯିବ ଆଉ ରଙ୍ଗୀନ ଲୁଗା ଯାଗାରେ ଧଳା ଲୁଗା ପିନ୍ଧାଯିବ । ଯମଦୂତ ପରି ବୁଲୁଥିଲେ ସାଇଭାଇ । ଗତକାଲି ସେ ବୋହୂଟି କାହାର ଆଦରର ବୋହୂ, ଖୁଡୀ କି ଭାଉଜ ଥିଲା । ଏବେ ହେଉଛି ଅଲକ୍ଷଣୀ । ଡାକ୍ତରଖାନାର ସବୁ ନିୟମ ଆଉ ଶୃଙ୍ଖଳାକୁ ଭାଙ୍ଗି ବୋହୂକୁ ଅଣାଯାଇଛି ଶବ ନିକଟକୁ । ପିଶାଚର ଦୟାମାୟା ଅଛି, ପଶୁର ବି ଦରଦ ଆଉ ଭଲପାଇବା ଅଛି । ହେଲେ ଏ ପୁରୋହିତବାଦୀଙ୍କର ଅମଣିଷ ପଣିଆର ସୀମା ନାହିଁ ।

ମାଂସ ଦୋକାନରେ ଅନ୍ୟ ପଶୁଙ୍କ ଆଖି ଆଗରେ ଗୋଟିଏ ପଶୁର ବେକ କଟାଗଲାବେଳେ ଅନ୍ୟ ପଶୁମାନେ ଚାହିଁଲା ପରି ଏ ଅମାନବୀୟ କାଣ୍ଡ ବେଳେ ସ୍ତ୍ରୀଲୋକ ଖାଲି ଚାହିଁ ରହନ୍ତି ଖୁଡୀ, ବଡମା, ଜେଠେଇମାନେ । ପ୍ରସୂତିକୁ ସଦ୍ୟଜନ୍ମିତ ଶିଶୁ ସହ ଶବ ପାଖକୁ ଆଣିବାକୁ ମନାକରି ଉଠିଥିବା ସ୍ୱର କ୍ଷୀଣ ହୋଇଗଲା ଆଉ ନିରବ ଲୁହରେ ପରିଣତ ହୋଇଗଲା ଯେତେବେଳେ ସମାଜପତିମାନେ କହିଲେ, ଅଘଟଣ ଆଉ ଅଭିଶାପ ମାଡି ଆସିବ, କେହି ନିସ୍ତାର ପାଇବେନି ବଳିକାଠରେ ସେତେବେଳେ ବିବେକ ମୁଣ୍ଡ ଦେଖେଇଦେଲା । ନିରବ ଲୁହରେ ଆକାଶ ଧରଣୀ, ନଦୀ, ପବନ ସବୁ ଲବଣାକ୍ତ ହେଲା ସିନା କିନ୍ତୁ ବିନା ବାଧାରେ ମହାସାଗର ଆଡକୁ ଗଡ଼ି ଚାଲିଲା ।

ଅବାରିତ ଭାବେ ଲୁହ ଗଡ଼ି ଚାଲିଲା ଦରଦୀ ମନୀଷାର ଆଖିରୁ । ଚେତନାର ଏଇ ପ୍ରତୀକ ଆଜି ସମାଜରୁ ବିଲୁପ୍ତ । ଭିଡିଭିଡି ବୋହୂଟିକି ମଶାଣିକୁ ନେଲାବେଳେ ଜଣେ ଜଣେ କହୁଥିଲେ ସ୍ୱାମୀକି ଖାଇଲା ଆଉ ସକେଇ ହେଉଚି । ଚାଲିଗଲାବେଳେ ବୋହୂଟି ବାରବାର ଚାହୁଁଥାଏ ସ୍ୱାମୀ ଆଉ ଶାଶୂଙ୍କର ଶବକୁ ପୁଣି ଶିଶୁର ମୁହଁକୁ । ଥରେ ହେଲେ ଦେଖନ୍ତା ତାର ବାପର ମୁହଁକୁ । କ'ଣ ବା ବୁଝିବ କେଇଘଣ୍ଟା ବୟସର ଶିଶୁ ।

ମନୀଷା ପବନପୁତ୍ରୀ । ଟିକିରା କୂଳରେ ଦୁଃଖରେ ଘୁମେଇ ପଡିଥିଲାବେଳେ ଶୁଭିଲା ଶବ୍ଦ ତ ନୁହେଁ ଭେମାରଡି । "ମାଲୋ, ମୁଁ ନ ମରି କାହିଁକି ତୋତେ ଦେଖିବାକୁ ଆସିଲି । ଏଇତା ଦେଖିବା ଲାଗି ନାଲୋ ମା' ବୁଢା ଆଉ କହିପାରିଲା ନାହିଁ । ଗାମୁଛାରୁ ତାର ବଡ ଯତ୍ନରେ ବଡ ଶରଧାର ଶଙ୍ଖା ମୁଠିକ ଫିଟାଇ ପକ୍କା ବାହାରେ କଚାଡି ଦେଲା । ଶଙ୍ଖା ମୁଠାକ ଯାକ ଚୂନା ହୋଇଗଲା । ତହୁଁ ସେ ଏକ ମୁହାଁ ହୋଇ ଫେରିଚାଲିଗଲା । ସଂବିତ୍ ଫେରି ଦେଖିଲା ଟିକିରା ନୁହେଁ ସାଳନ୍ଦୀ କୂଳରେ ବସିଛି ସେ । ଏ ଥିଲା ବୁଢା ଶଙ୍ଖାରି ରୂପରେ ଥିବା ମହାନ ଦରଦୀ ପୁରୁଷ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର କୋହଭରା କଥା । ବୈଧବ୍ୟର ଏଇ କରୁଣ ଲିପି ନିଶ୍ଚୟ ଛୁଇଁଯାଏ ମନକୁ । ହେଲେ କାନ୍ତକବିଙ୍କର ଏଇ ପ୍ରୟାସ ଏ ଯାଏ ଫଳବତୀ ହୋଇପାରିନାହିଁ । ଆଜିବି ସମାଜରେ

ଅନେକ ପତିହରା ଏଇପରି ବାଛନ୍ଦର ଶିକାର ହେଉଛନ୍ତି । ଏଇପରି କୁସ୍ରିତ ପରମ୍ପରା ଆଜି ଅମୋକ୍ଷ ରଖିଛି କାନ୍ତକବିଙ୍କ ପରି ସଂସ୍କାରକ ମାନବପ୍ରେମୀ ମାନଙ୍କୁ । ଓଡିଆ ସାହିତ୍ୟରେ ଏ ସ୍ୱର ଏବେ ନିଷ୍ପ୍ରଭ । ଅଶରୀରି କାନ୍ତକବିଙ୍କ ହୃଦୟର ସ୍ପନ୍ଦନକୁ ଶୁଣିପାରୁଥିଲା ମନୀଷା । ବୁଢା ଶଙ୍ଖାରି ରୂପରେ ତାଙ୍କ ହାତରେ ଚକ୍‌ଚକ୍ କରୁଥିଲା 'ଅସମାନତାରା' ଶଙ୍ଖ । ଶତାବ୍ଦୀଟିଏ ଧରି ବୁଢାଶଙ୍ଖାରି ଖୋଜୁଛନ୍ତି ଚିହ୍ନରା ମଣିଷକୁ ।

"ଧର୍ମର ଦ୍ୱାହି ଦେଇ ଅମଙ୍ଗଳର ଭୟ ଦେଖେଇ, ଅଲକ୍ଷଣୀର ଆଖ୍ୟା ଦେଇ ଆମେ ଆମ ପତିହରା ମା' ଭଉଣୀ, ଭାଉଜ ଆଦି ସଂପର୍କୀୟ ମାନଙ୍କୁ କି ପ୍ରକାର ନିର୍ଯ୍ୟାତନା ଦେଉଛେ କେବେ ସମୀକ୍ଷା କରିଛନ୍ତି ?" ବିନମ୍ର ପ୍ରଣତି ଢାଳୁଥିଲା ଆମ ସମୟର ଜଣେ ସଂସ୍କାରବାଦୀ ସନ୍ଥ ପଦ୍ମଶ୍ରୀ ବାବା ବଳିଆଙ୍କ ପାଖରେ । ତଥାକଥିତ ଆଧ୍ୟାତ୍ମିକବାଦୀମାନେ ପ୍ରାୟ ପରମ୍ପରାବାଦୀ । ପୁଣ୍ୟତୋୟା ପାଇକା ନଦୀ ତଟର ଏଇ ସନ୍ଥଙ୍କୁ ପ୍ରଣାମ କଲାବେଳେ ତାଙ୍କ କଣ୍ଠରୁ ଶୁଭୁଥିଲା, "ଯିଏ ମଙ୍ଗଳମୟୀ ବୋଲି ସନ୍ତାନର ଜନ୍ମମାତ୍ରେ ତା ସ୍ତନରେ କ୍ଷୀର ସ୍ରବିଲା, ଯିଏ ସନ୍ତାନର ମଙ୍ଗଳ ପାଇଁ ବାର ଓଷା ତେର ବ୍ରତର ଉପାସନା କରୁଥିଲା, ପିଲା ନଖାଇଲେ ଯାହା ପେଟକୁ ଖାଦ୍ୟ ଯାଏନା ପତି ଚାଲିଗଲେ ସେ ଅମଙ୍ଗଳୀ ବା ଅଲକ୍ଷଣୀ ହୋଇପାରିବ କେମିତି ?"

ତନ୍ମୟ ହୋଇ ମନୀଷା ଶୁଣୁଥିଲା ଏଇ ସନ୍ଥଙ୍କୁ ଯିଏକି ଅରିଲେ। (ଜଗତସିଂହପୁର)ସ୍ଥ ତାଙ୍କ ଆଶ୍ରମରେ ପତିହରାମାନଙ୍କୁ ସାବିତ୍ରୀ ପୂଜନରେ ସାମିଲ କରନ୍ତି । ମନୀଷା ସୂଚେଇ ଦେଲା ଏଇ ସ୍ପଷ୍ଟବାଦୀ ନିର୍ଭୀକ ବାବା ନିଜ ପିତାଙ୍କର ଦେହାନ୍ତ ପରେ ତାଙ୍କ ମା' ଏଇ କୁସ୍ରିତ ପରମ୍ପରାର ଶିକାର ହେବା ବେଳର ବ୍ୟଥା ଭୁଲିନାହାନ୍ତି । ଆକୁଳ କଣ୍ଠରେ ସେ ପଚାରିଛନ୍ତି, " ସମାଜ ବଦଳିଛି, ମାନସିକତା ବି ବଦଳିଛି । ପରମ୍ପରା ପ୍ରଥା ଯୁଗାନୁସାରେ ନ ବଦଳିବ କାହିଁକି ?" ଏଇ ଆଧ୍ୟାତ୍ମିକ ପୁରୁଷ କାହାକୁ ଆଜ୍ଞା ଦେଉନାହାନ୍ତି କି ନିର୍ଦ୍ଦେଶ ଦେଉନାହାନ୍ତି ବରଂ କହୁଛନ୍ତି, "ହାତ ଯୋଡି ନେହୁରା ହଉଚି ମୋ ନିରୀହ ମାଆ ଭଉଣୀଙ୍କୁ ନିର୍ଯ୍ୟାତନା ଦିଅନି କି ନିଜେ ଅଭିଶପ୍ତ ହୁଅନି ।"

ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲାର ହେୱାଡ ଗ୍ରାମପୁଞ୍ଜରେ ଲୋକେ ଏଭଳି କୁପ୍ରଥାକୁ ବିଲୋପ କରିବାର ଶପଥ କରି ପାଳନ କରିଛନ୍ତି । ମହାରାଷ୍ଟ୍ର ସରକାର ମଧ୍ୟ ଏଭଳି ଗ୍ରାମମାନଙ୍କୁ ପୁରସ୍କୃତ କରୁଛନ୍ତି । ଏପରି ଗ୍ରାମପୁଞ୍ଜର ସଂଖ୍ୟା ଏବେ ୭୦୦୦ରେ ପହଞ୍ଚିଛି । ରାଜପଥରେ ମନୀଷା ଚାଲିଥିଲା ଆଗକୁ । ଆଖିରେ କାନ୍ତକବିଙ୍କର ଲୁହକୁ ପୋଛିଦେବାର ସ୍ୱପ୍ନ । ତୁଣ୍ଡରେ, "ହାତଯୋଡି ନେହୁରା ହେଉଛି ମୋ ନିରୀହ ମା' ଭଉଣୀଙ୍କୁ ନିର୍ଯ୍ୟାତନା ଦିଅନି" ଏହି ଆକୁଳ ଆବେଦନ ।

❐

ବଡ଼ବାପା ଯାଇନାହାଁନ୍ତି



ରୁଚି ପାଣିଗ୍ରାହୀ

୭୦୩ ଆର୍ ଟାୱାର,
ବେଦାନ୍ତ ଟାଉନ୍‌ସିପ୍
ଲାଞ୍ଜିଗଡ଼, କଳାହାଣ୍ଡି
ଫୋନ୍ - ୯୯୩୭୧ ୧୦୪୨୦

ମୃତ୍ୟୁ, ଭାବିଲେ ଡରଲାଗେ, ନୁହେଁ ? ପିଲାବେଳେ ତ ବହୁତ ବେଶୀ ଡର ଲାଗୁଥିଲା । ମୃତ୍ୟୁ ସହ ଜଡ଼ିତ - ଅନ୍ଧାରରେ ଭୂତ, ପିଶାଚ ଏବଂ ନାନାବାୟା କାହାଣୀରେ ଘୋଡ଼ାଇ ହୋଇ । ଆମଠାରୁ ବହୁ ଦୂରରେ ଓ ଭୟଙ୍କର ଥିଲା, ଯାହା ବିଷୟରେ ଆମେ ନିରବ ସ୍ୱରରେ କଥା ହେଉଥିଲୁ ।

କିନ୍ତୁ ଯେତେବେଳେ ମୁଁ ବଡ଼ ହେଲି ଏବଂ ପଢ଼ାପଢ଼ି କଲା ଭିତରେ ଆଧ୍ୟାତ୍ମିକ ଲେଖା ପଢ଼ିବା ଆରମ୍ଭ କଲି, ଧୀରେ ଧୀରେ ମୃତ୍ୟୁର ଭୟଙ୍କର ମୁଖା ଖୋଲିଗଲା । ମୁଁ ଏହାକୁ ଅନ୍ତ ଭାବରେ ନୁହେଁ, ବରଂ ଏକ ପରିବର୍ତ୍ତନ ଭାବେ ଦେଖିବାକୁ ଆରମ୍ଭ କଲି - ହୁଏତ ଏକ

କୋମଳ ପ୍ରତ୍ୟାବର୍ତ୍ତନ ମଧ୍ୟ । ମୁଁ ବିଶ୍ୱାସ କରିବାକୁ ଲାଗିଲି ଯେ ମୃତ୍ୟୁ ଏକ ଶୀତଳ ପ୍ରସ୍ଥାନ ନୁହେଁ, ବରଂ ଏକ ଉଷ୍ମ ଆଲିଙ୍ଗନ । ହଁ, ଶରୀର ଯନ୍ତ୍ରଣା ଦେଇ ଯାଇପାରେ କିନ୍ତୁ ଆତ୍ମା ? ଆତ୍ମା ଜାଣେ । ଏହା ଜୀବନ କାଳ ଜ୍ଞାନ ବହନ କରେ, ଏବଂ ପ୍ରତ୍ୟେକ ଜନ୍ମ ସହିତ, ଏହା ଶିଖିବା, ଭଲ ପାଇବା, କଷ୍ଟ ପାଇବା, କଷ୍ଟ ମାଧ୍ୟମରେ ଜ୍ଞାନ ପାଇ ପୁଣି ଫେରି ଆସେ ।

ମୁଁ ବିଶ୍ୱାସ କରେ, ମୃତ୍ୟୁର ସବୁଠାରୁ କଷ୍ଟକର ଅଂଶ ହେଉଛି ପ୍ରକୃତ ମୃତ୍ୟୁ ନୁହେଁ, ବରଂ ଯେଉଁମାନଙ୍କୁ ମନପ୍ରାଣ ଦେଇ ଭଲପାଉ ସେମାନଙ୍କୁ ଛାଡ଼ିଯିବାର ଦୁଃଖ । କିନ୍ତୁ ବୋଧହୁଏ ସେହି ଯନ୍ତ୍ରଣା ମଧ୍ୟ କ୍ଷଣିକ- କାରଣ ଆତ୍ମା ଜାଣେ ଯେ ଏହା ସେମାନଙ୍କୁ ପୁଣି ଥରେ, କୌଣସି ସ୍ଥାନରେ, କୌଣସି ପ୍ରକାରେ ଭେଟିବ ।

ଯେତେବେଳେ ମୁଁ ବଡ଼ବାପାଙ୍କ ମୃତ୍ୟୁ ଖବର ଶୁଣିଲି, ପ୍ରଥମେ କୋହ, କାନ୍ଦ, ଆଉ ଦୁଃଖ ହିଁ ଥିଲା ପ୍ରଥମ ପ୍ରତିକ୍ରିୟା । ଆମେ ଶେଷ ଝଲକ, ଶେଷ ବିଦାୟ ପାଇଁ ତୁରନ୍ତ ଭଦ୍ରକ ଗଲୁ । ପହଞ୍ଚି ଦେଖିଲି ବଡ଼ବାପା ନିରବ ବିଶ୍ରାମରେ, ଫୁଲମାଳ ଭିତରେ, ଆମ୍ବୁଲାନ୍ସରେ ଶୋଇଥିଲେ । ତାଙ୍କ ମୁହଁ ଏତେ ଶାନ୍ତ ଦେଖାଯାଉଥିଲା, ସତେ ଯେମିତି ହସୁଥିଲେ । ଲୋକେ ମିଛ ଭାବିବେ କିନ୍ତୁ ସ୍ୱର୍ଗଦ୍ୱାର ପହଞ୍ଚିବା ସମୟରେ ତାଙ୍କ ମୁହଁରେ ହସ ଆହୁରି ସ୍ପଷ୍ଟ ହୋଇ ଦିଶୁଥିଲା । ସେହି ମୁହୂର୍ତ୍ତରେ, ମୋ ଅନ୍ତରର କିଛି ଅଶାନ୍ତ ଭାବନା ଶାନ୍ତ ହୋଇଗଲା । ମୁଁ ବୁଝିଗଲି ଯେ ତାଙ୍କର ଏଠାକାର ଯାତ୍ରା ଶେଷ ହୋଇଗଲା । ଏବଂ ସେ ଚାଲିଗଲେ ଯନ୍ତ୍ରଣାରେ ନୁହେଁ ବରଂ ଶାନ୍ତିରେ ।

ବଡ଼ବାପା ଜଣେ ଡାକ୍ତର ଥିଲେ, ଜଣେ ସର୍ଜନ, ଲୋକଙ୍କୁ ସୁସ୍ଥ କରୁଥିଲେ । ଅଳ୍ପଭାଷୀ ଥିଲେ, କେତେକ ସମୟରେ ନୀରବ ମଧ୍ୟ ଥିଲେ, କିନ୍ତୁ କେବେ ଶୀତଳ ନ ଥିଲେ । ସେ ଗଭୀର ଭାବପ୍ରବଣ ବ୍ୟକ୍ତିତ୍ୱ ଥିଲେ ଯାହା ଅନେକ ସବୁବେଳେ ଦେଖି ନ ଥିବେ । ଯେତେବେଳେ ମୋ ବୁଢ଼ୀମା ମାନେ ତାଙ୍କ ମା' ଇହଲୋକ ତ୍ୟାଗ କଲା, ମୁଁ ତାଙ୍କୁ କାନ୍ଦିବାର ଦେଖିଲି । ତାଙ୍କ ଶେଷ ମୂହୁର୍ତ୍ତରେ ସେ ତା ପାଖରେ ବସି ଭାଗବତ ଗୀତା ପଢୁଥିଲେ, ସ୍ୱର ଥରି ଉଠୁଥିଲା, ଆଖି ଛଳ ଛଳ ଥିଲା । ଯେତେବେଳେ ଶଶା ନନା ହଠାତ୍ ହୃଦ୍‌ଘାତରେ ମୃତ୍ୟୁବରଣ କଲେ, ମୁଁ ତାଙ୍କର ସେ ରୂପ ପୁଣି ଦେଖିଥିଲି । ତାଙ୍କର ଭାବପ୍ରବଣତା ମଧ୍ୟରେ ତାଙ୍କର ଶକ୍ତି ଥିଲା । ସେ ଅନ୍ୟମାନଙ୍କ ଦୁଃଖରେ ଦୁଃଖି ହେଉଥିଲେ ଏବଂ ଭାଙ୍ଗି ନ ପଡ଼ି ତାଙ୍କ ପାଇଁ ଗୋଟେ ଦସ୍ତିଲା କାନ୍ଥ ଭଳି ଠିଆ ହେଉଥିଲେ । ଯେତେବେଳେ ମୋ ମାଆ ଚାଲିଗଲା ଓ ମୋ ବାପା ଆମ ଯତ୍ନ ନେବା ସ୍ଥିତିରେ ନ ଥିଲେ, ବଡ଼ବାପା ମୋତେ ତାଙ୍କ ଘରେ ରଖିଥିଲେ । କୌଣସି ହୋ ହା ନାହିଁ, କୌଣସି ମହାନ ଘୋଷଣା ନାହିଁ - କେବଳ ଜଣେ ବ୍ୟକ୍ତିଙ୍କ ନୀରବ ଶକ୍ତି ଯିଏ ଜାଣିଥିଲେ କ'ଣ କରିବାକୁ ପଡ଼ିବ ।

ତାଙ୍କ ହାତରେ ଯେମିତି ଯାଦୁ ଥିଲା । ଯାହାକୁ ଇଂରାଜୀରେ କହନ୍ତି 'ଗ୍ରୀନ ଥମ୍ବ' । ତାଙ୍କୁ ଗୋଟେ ଟାଙ୍ଗରା ଭୂଇଁ ଦେଲେ ବି ସେ ତାକୁ ପାରିଜାତ ବଗିଚାରେ ପରିଣତ କରିଦେଇପାରିବେ । ସରକାରୀ ଡାକ୍ତର ଭାବରେ ତାଙ୍କର ପ୍ରତ୍ୟେକ ଗ୍ରାମୀଣ ପୋଷ୍ଟିଂରେ ତାଙ୍କ କାମ ସହିତ ନୁହେଁ, ସେ ଅଞ୍ଚଳ ମଧ୍ୟ ଜୀବନ୍ତ ହୋଇଉଠୁଥିଲା । ସେ ଯେଉଁଠାକୁ ଯାଉଥିଲେ ସବୁଠି ସୁନ୍ଦର ବଗିଚାଟିଏ ଛାଡ଼ିଯାଉଥିଲେ - ତାଙ୍କର ଚିହ୍ନ ।


ପିଲାବେଳେ, ମୁଁ ତାଙ୍କୁ ଟିକେ ଭୟ କରୁଥିଲି । ବେଶି କଥା କହୁ ନ ଥିଲେ । କିନ୍ତୁ ସେ ନ୍ୟାୟବାନ ଥିଲେ । ମୋର ମନେ ଅଛି, ଘରକୁ ଆସିଲେ ପକେଟରେ ଥିବା ଖୁଚୁରା ପଇସା ପାପୁ ନନା, ଟିକିଲି ନାନୀ ଆଉ ମୋ ଭିତରେ ସମାନ ଭାବେ ବାଣ୍ଟି ଦେଉଥିଲେ- ଯାହାକୁ ଆମେ ନିଜ ନିଜ କୁମ୍ପିରେ ରଖୁଥିଲୁ ।

ମୁଁ ତାଙ୍କୁ ଶେଷଥର ପାଇଁ ଗତବର୍ଷ ରଜ ପୂର୍ବରୁ ଦେଖିଥିଲି । ମୁଁ ମୋ ବାପାଙ୍କ ସହିତ ଭଦ୍ରକ ଯାଇଥିଲି ତାଙ୍କୁ ଦେଖିବା ପାଇଁ । ରାସ୍ତାରେ ମୁଁ ପାଚିଲା ପଣସଟିଏ କିଣି ନେଇଥିଲି । ଯେତେବେଳେ ବଡ଼ ମା' ତାଙ୍କୁ କହିଲେ, "ମିଲି ପଣସ ଆଣିଛି", ତାଙ୍କ ମୁହଁ ଖୁସିରେ ଉଜ୍ଜ୍ୱଳ ହୋଇଗଲା । ବାରମ୍ବାର ପଚାରିଲେ - ମିଲି ପଣସ ଆଣିଥିଲା ପରା, କେତେବେଳେ ବାହାର କରିବ । ମୁଁ ନିଜେ ଛଡ଼େଇ କିଛିଟା ତାଙ୍କୁ ଖୁଆଇ ଦେଇଥିଲି । ଗୋଟେ ନୂଆ ଟି-ସାର୍ଟ ଆଣିଥିଲି ତାଙ୍କ ପାଇଁ । ବଡ଼ମା କହିଲେ ପିନ୍ଧେଇଦେ, ସେ ଖୁସି ହେବେ । ପିନ୍ଧେଇଦେଇ ତାଙ୍କର ବାପା ଆଉ ପିଉସୀନାନୀଙ୍କ ସହ ଗୋଟେ ଫଟୋ ଉଠେଇଥିଲି । ସେ କ୍ୟାମେରା ପାଇଁ ହସୁଥିଲେ । ମୁଁ ଜାଣିନଥିଲି ଯେ ସେଇଟା ଆମର ଶେଷ ଦେଖାହେବ । କିନ୍ତୁ ମୁଁ ଖୁସି ଯେ ଆମର ଶେଷ ଦେଖାଟି ବହୁତ ସୁନ୍ଦର ଥିଲା ।

ସେ ଶରୀର ଛାଡ଼ିବାର ଗୋଟେ ବର୍ଷ ହୋଇଗଲା । ମୁଁ କିନ୍ତୁ କେବେ କହିପାରିବିନି ଯେ ସେ ଆମକୁ ଛାଡ଼ି ଚାଲିଯାଇଛନ୍ତି । ନା, ସେ ଅଛନ୍ତି । ତାଙ୍କ ସୁନ୍ଦର ବୋନସାଇ ବଗିଚା, ଫୁଲଗଛ, ଆମ୍ବ ସପେଟା ଗଛରେ, ତାଙ୍କ ଦ୍ୱାରା ସୁସ୍ଥ ହେଇଥିବା ଲୋକମାନଙ୍କ ସ୍ମୃତିରେ, ଯେଉଁ ମୂଲ୍ୟବୋଧ ସହ ସେ ବଞ୍ଚିଥିଲେ ଏବଂ ଆଗକୁ ବଢୁଥିଲେ, ସେଥିରେ ତାଙ୍କ ପରିବାର ସହ ସେ ଅଛନ୍ତି ।

ବଡ଼ବାପା ଯାଇନାହାଁନ୍ତି । ବାସ୍ ଆଉ କୋଉଠି ଆଉ ଗୋଟେ ସୁନ୍ଦର ବଗିଚା ତିଆରି କରୁଛନ୍ତି ।

❐



ବିଜ୍ଞାନ ସ୍ୱତନ୍ତ୍ର

ଦ୍ୱିତୀୟ ସୂର୍ଯ୍ୟ : ଅସମ୍ଭବ ଆଜି ସମ୍ଭବ ହୋଇଛି

ଉଦ୍ଧବ

କେବଳ ବିଜ୍ଞାନଭିତ୍ତିକ ତଥ୍ୟ ଓ ପ୍ରମାଣ ଆଧାରରେ ନୁହେଁ, ଶାସ୍ତ୍ରୀୟ ମତ ଅନୁଯାୟୀ ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଉତ୍ସ ସୂର୍ଯ୍ୟଙ୍କର ସନ୍ତୁଳିତ ଆଲୋକ ଓ ଉତ୍ତାପ ଯୋଗୁଁ ପୃଥିବୀ ପୃଷ୍ଠରେ ଜୀବନଧାରଣ ସମ୍ଭବ ହୋଇଛି ଏବଂ ଏହି ପ୍ରକ୍ରିୟା ନିରନ୍ତର ଜାରି ରହିଛି । ସେଥିପାଇଁ ଆମ ଶାସ୍ତ୍ରରେ ସୂର୍ଯ୍ୟଙ୍କୁ ଦେବତା ଭାବେ ବରଣ କରି ଉପାସନା କରାଯାଇଛି । ପବିତ୍ର ଋଗ୍‌ବେଦ ଦଶମ ମଣ୍ଡଳର ୧୨୧ତମ ମନ୍ତ୍ର 'ହିରଣ୍ୟଗର୍ଭାୟ ସୂକ୍ତମ୍' ସୂର୍ଯ୍ୟଦେବତାଙ୍କୁ ସମର୍ପିତ । ସନାତନ ବ୍ରହ୍ମାଣ୍ଡ ବିଜ୍ଞାନରେ ସୂର୍ଯ୍ୟଦେବତା ହେଉଛନ୍ତି ହିରଣ୍ୟଗର୍ଭ ଏବଂ ସେହି ଆଧାରରେ ତାଙ୍କୁ ଜୀବନୀଶକ୍ତିର ଉତ୍ସ ଭାବେ ବର୍ଣ୍ଣନା କରାଯାଇଛି । ଯଜୁର୍ବେଦ (୩୦.୩)ରେ ସୂର୍ଯ୍ୟଦେବତାଙ୍କୁ ଉପାସନା କରାଯାଇଛି – 'ଓଁ ବିଶ୍ୱାନି ଦେବ ସବିତୁର୍ ଦୁରିତାନି ପରାସୁବ, ଯଦ୍ ଭଦ୍ରଂ ତନ୍ନ ଆସୁବ' । ସରଳ ଶବ୍ଦରେ କହିଲେ- 'ହେ ସକଳ ବିଶ୍ୱର ଆରାଧ୍ୟ ସବିତା ! ଆପଣ ହିଁ ସକଳ ଆଲୋକ ଓ ଆନନ୍ଦର ଉତ୍ସ । ଆମ ଜୀବନରୁ ଅଜ୍ଞାନ ଓ ଅନ୍ଧକାର ଦୂର କରି ଆମକୁ ମଙ୍ଗଳମୟ ମାର୍ଗରେ ପ୍ରେରିତ କରାନ୍ତୁ ।' ଏହିଭଳି ଭାବେ ଅନନ୍ତକାଳରୁ ବିଶୁଦ୍ଧ ମଙ୍ଗଳମୟ ଜୀବନୀଶକ୍ତିର ଉତ୍ସ ଭାବେ ସୂର୍ଯ୍ୟ ଦେବତା ଆମ ଜନମାନସକୁ ପ୍ରଭାବିତ କରି ଆସିଛନ୍ତି ।

କ୍ରମଶଃ ଜ୍ଞାନର ପରିସୀମା ପରିବ୍ୟାପ୍ତ ହେବା ପରେ ଆଜକୁ ପ୍ରାୟ ଶହେ ବର୍ଷ ପୂର୍ବେ ବିଜ୍ଞାନୀମାନେ ପୃଥିବୀ ପୃଷ୍ଠରେ ଏକ ଦ୍ୱିତୀୟ ସୂର୍ଯ୍ୟ ନିର୍ମାଣ କରିବା ପାଇଁ ଯୋଜନା କଲେ । ୨୦୨୫ ମସିହାରେ ସେହି ଯୋଜନା ସଫଳ ରୂପ ନେଇଛି କହିଲେ ଅତିରଞ୍ଜିତ ହେବ ନାହିଁ । ଆମେ ଜାଣିଛନ୍ତି, ସୂର୍ଯ୍ୟ ହେଉଛନ୍ତି ସୌର ମଣ୍ଡଳର ସବୁଠାରୁ ଉତ୍ତପ୍ତ

ପିଣ୍ଡ । ଏହାର ଅନ୍ତଃସ୍ଥଳ, ଯେଉଁ ସ୍ଥାନରେ ନିରନ୍ତର ପରମାଣୁ ସମ୍ମିଶ୍ରଣ ପ୍ରକ୍ରିୟା ଅବ୍ୟାହତ ରହିଥାଏ, ତାହାର ତାପମାତ୍ରା ପ୍ରାୟ ୧୫ ନିୟୁତ ଡିଗ୍ରୀ ସେଲସିୟସ; କିନ୍ତୁ ସୂର୍ଯ୍ୟର ପୃଷ୍ଠଭାଗ, ଯାହା ଫଟୋସ୍ଫିୟର ନାମରେ ଅଭିହିତ, ତାହାର ତାପମାତ୍ରା ୫୫୦୦ ଡିଗ୍ରୀ ସେଲସିୟସ । ବିଜ୍ଞାନାଗାରରେ ଏତେ ଉଚ୍ଚ ତାପମାନ ଘୂର୍ଣ୍ଣନମାନ ବସ୍ତୁର ନିର୍ମାଣ କେତେ କଷ୍ଟସାଧ୍ୟ, ତାହା ଆକଳନ କରାଯାଇପାରେ । ତଥାପି ୨୦୨୫ ମସିହା ଜାନୁଆରୀ ୨୦ତାରିଖରେ ଚୀନର ହେଫେଇ ସହରରେ ଅବସ୍ଥିତ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସ ଅନ୍ତର୍ଗତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲାଜମା ଫିଜିକ୍ସ ସଂସ୍ଥା ଦ୍ୱାରା ଏହି ଅସାଧ୍ୟ ସାଧନ ସମ୍ଭବ ହୋଇଛି । ଚୀନର ବୈଜ୍ଞାନିକମାନେ କୃତ୍ରିମ ସୂର୍ଯ୍ୟ ନିର୍ମାଣରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛନ୍ତି । ଏହି ପ୍ରକଳ୍ପର ନାମ ରହିଛି 'ଏକ୍ସପେରିମେଣ୍ଟାଲ ଆଡଭାନ୍ସଡ୍ ସୁପରକଣ୍ଡକ୍‌ଟିଂ ଟୋକାମାର୍କ (ସଂକ୍ଷେପରେ-EAST) । ଏହି କୃତ୍ରିମ ସୂର୍ଯ୍ୟର ଘୂର୍ଣ୍ଣନ ପ୍ରକ୍ରିୟା ୧୦୦ ନିୟୁତ ଡିଗ୍ରୀ ସେଲସିୟସ ତାପମାନରେ ୧୦୦୬ ସେକେଣ୍ଡ (ପ୍ରାୟ ୧୭ ମିନିଟ)ସମୟ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ୨୦୨୩ ମସିହାରେ ଏହି ପ୍ରକ୍ରିୟା ପ୍ରାୟ ୪୦୦ ସେକେଣ୍ଡ ପର୍ଯ୍ୟନ୍ତ ସ୍ଥିର ଥିଲା; କିନ୍ତୁ ସୂର୍ଯ୍ୟଙ୍କଠାରେ ଏହି ପ୍ରକ୍ରିୟା ନିରନ୍ତର ଜାରି ରହିଥାଏ ।

ଏହି ପରୀକ୍ଷାର ପ୍ରାୟ ଗୋଟିଏ ମାସ ପରେ ଫେବୃଆରୀ ୧୮ ତାରିଖରେ ଫ୍ରାନ୍ସର ବିଜ୍ଞାନାଗାରରେ ବୈଜ୍ଞାନିକମାନେ ଆଉ ପାଦେ ଆଗକୁ ଯାଇ ଆଉ ଏକ କୃତ୍ରିମ ସୂର୍ଯ୍ୟର ଘୂର୍ଣ୍ଣନ ପ୍ରକ୍ରିୟାକୁ ୨୦ ମିନିଟ ପର୍ଯ୍ୟନ୍ତ ସ୍ଥିର ରଖିପାରିଛନ୍ତି ଓ ଫ୍ରାନ୍ସରେ ନିର୍ମିତ ହେଉଥିବା ଏହି କୃତ୍ରିମ ସୂର୍ଯ୍ୟ ନିର୍ମାଣ ପ୍ରକଳ୍ପରେ ବିଶ୍ୱର ୩୫ଟି ରାଷ୍ଟ୍ର ସମ୍ପୃକ୍ତ ଅଛନ୍ତି : ପ୍ରମୁଖ ଆମେରିକା, ଚୀନ, ଭାରତ, ଦକ୍ଷିଣ କୋରିଆ, ଜାପାନ, ରୁଷିଆ ଏବଂ ୟୁରୋପୀୟ ସଂଘ । ୟୁରୋପୀୟ ସଂଘ ପ୍ରକଳ୍ପ ନିର୍ମାଣର ସିଂହ ଭାଗ ଅର୍ଥ ବହନ କରୁଥିବାବେଳେ, ଅନ୍ୟ ରାଷ୍ଟ୍ର ସମୂହ ସମାନ ଭାବେ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିଥାନ୍ତି ।

ଏହି ଦୁଇଟି ପ୍ରକଳ୍ପର ଆଭିମୁଖ୍ୟ - ସୂର୍ଯ୍ୟ ଏବଂ ନକ୍ଷତ୍ରକୁ ଇନ୍ଧନ ଯୋଗାଉଥିବା ଶକ୍ତିର ସହାୟତାରେ ପୃଥିବୀରେ ଅଙ୍ଗାରକାମ୍ଳ ଓ ପ୍ରଦୂଷଣମୁକ୍ତ ଶକ୍ତି ପୁନଃ ଉତ୍ପାଦନ କରିବା ।

କୃତ୍ରିମ ସୂର୍ଯ୍ୟ କାହିଁକି ? ବିଂଶ ଶତାବ୍ଦୀର ଆଦ୍ୟ ସୋପାନରୁ ଗ୍ରୀନ୍ ହାଉସ ଗ୍ୟାସ ପ୍ରଭାବରେ ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପରିଣତି ସମ୍ପର୍କରେ ଅବଗତ ହେବା ପରେ ବୈଜ୍ଞାନିକମାନେ ବିଶୁଦ୍ଧ ବିକଳ୍ପ ଶକ୍ତି ସମ୍ପର୍କରେ ଗମ୍ଭୀରତାର ସହିତ ଚିନ୍ତା କରିବାକୁ ଲାଗିଲେ । ୧୯୦୫ ମସିହାରେ ଆଲବର୍ଟ ଆଇନ୍‌ଷ୍ଟାଇନଙ୍କ ଯୁଗାନ୍ତକାରୀ ଆପେକ୍ଷିକ ତତ୍ତ୍ୱ, ଶକ୍ତିର ଅପରିମିତ ଦିଗନ୍ତ ସମ୍ପର୍କରେ ନୂତନ ତଥ୍ୟ ସାମନାକୁ ଆଣିଲା । ସେହି ତତ୍ତ୍ୱ ଆଧାରରେ ବୈଜ୍ଞାନିକ ଆର୍ଥର ଏଡିଙ୍ଗଟନ୍ ପ୍ରମାଣ କଲେ - ଦୁଇ

କିମ୍ବା ଅଧିକ କ୍ଷୁଦ୍ରତମ ମୌଳିକ ବସ୍ତୁର ପରମାଣୁ ସମ୍ମିଶ୍ରଣରେ ଗୋଟିଏ ବୃହତ୍ ମୌଳିକ ବସ୍ତୁ ସୃଷ୍ଟି ହୁଏ ଏବଂ ସେହି ପ୍ରକ୍ରିୟାରେ ଅସୀମିତ ଶକ୍ତି ନିର୍ଗତ ହୁଏ । ଦୃଷ୍ଟାନ୍ତ : ସୂର୍ଯ୍ୟଙ୍କ ଗର୍ଭଗୃହରେ ଅତ୍ୟନ୍ତ ଅଧିକ ତାପମାନ ଏବଂ ଚାପର ପ୍ରଭାବରେ ହାଇଡ୍ରୋଜେନ ଆଟମର ସମ୍ମିଶ୍ରଣରେ ହିଲିୟମ ସୃଷ୍ଟି ହୁଏ ଏବଂ ଏହି ପ୍ରକ୍ରିୟାରେ ଆଲୋକ ଓ ଉତ୍ତାପ ନିର୍ଗତ ହୁଏ । ଯେଉଁ ପ୍ରକ୍ରିୟାରେ ଏହି ରାସାୟନିକ ସମ୍ମିଶ୍ରଣ ସଂଗଠିତ ହୁଏ, ତାହା ନ୍ୟୁକ୍ଲିୟର ଫ୍ୟୁଜନ ନାମରେ ଅଭିହିତ । ହାଇଡ୍ରୋଜେନର ପାରମାଣବିକ ବସ୍ତୁତ୍ୱ (ଆଟମିକ ମାସ) ହେଉଛି ୧ ଏବଂ ହିଲିୟମର ୪ । ବିଜ୍ଞାନ ଆଧାରରେ ବସ୍ତୁର ଚାରିଟି ପର୍ଯ୍ୟାୟ ରହିଛି : କଠିନ, ତରଳ, ଗ୍ୟାସ ଏବଂ ପ୍ଲାଜମା । ପ୍ରଥମ ତିନିଟି ସ୍ଥିତି ସହିତ ଆମେ ପ୍ରାୟ ପରିଚିତ । ଯେତେବେଳେ ଗ୍ୟାସକୁ ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ ସଞ୍ଚାଳିତ କରାଯାଏ, ତାହା ପ୍ଲାଜମା ସ୍ଥିତିରେ ଉପନୀତ ହୁଏ । ଆହୁରି ସରଳ ଭାଷାରେ କହିଲେ-ପ୍ଲାଜମା କଣିକା ବିଦ୍ୟୁତ୍ ଓ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ପ୍ଲାଜମା ସ୍ଥିତିର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛି - ବଜ୍ରପାତ । ଯେତେବେଳେ ବଜ୍ରପାତ ହୁଏ, ତାହା ଅତ୍ୟନ୍ତ ଉଜ୍ଜ୍ୱଳ ଓ ଉତ୍ତପ୍ତ ଗ୍ୟାସୀୟ ପ୍ଲାଜମା ସ୍ଥିତିରେ ଥାଏ । ସୂର୍ଯ୍ୟଙ୍କ ଗର୍ଭରେ ଗ୍ୟାସ ପ୍ଲାଜମା ସ୍ଥିତିରେ ଥାଏ ।

ଫ୍ୟୁଜନ ଶକ୍ତି ପ୍ରଭାବଶାଳୀ କାହିଁକି ? ପରମାଣୁ କେନ୍ଦ୍ରରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ରିଆକ୍ଟର ସହାୟତାରେ ଫ୍ୟୁଜନ ଶକ୍ତି ଉତ୍ପନ୍ନ ହୋଇଥାଏ । ଗୋଟିଏ ଗ୍ରାମ ଇନ୍ଧନରେ ପ୍ରାୟ ୮ ଟନ୍ କୋଇଲା ସମତୁଲ ପରିମାଣର ଶକ୍ତି ଉତ୍ପନ୍ନ ହୋଇଥାଏ । ପରମାଣୁ ହେଉଛି ପ୍ରତିଟି ବସ୍ତୁର ମୌଳିକ ସୂକ୍ଷ୍ମ ଅଂଶ । ପ୍ରତିଟି ପରମାଣୁର କେନ୍ଦ୍ରଭାଗର ନାମ ନ୍ୟୁକ୍ଲିୟସ । ନ୍ୟୁକ୍ଲସ ଭିତରେ ପ୍ରୋଟୋନ ଏବଂ ନ୍ୟୁଟ୍ରନ ରହିଥାଏ ଏବଂ ତାହା ଚାରିପଟେ ଇଲେକ୍ଟ୍ରୋନ ଘୂରୁଥାଏ । (ହାଇଡ୍ରୋଜନ ପରମାଣୁରେ କେବଳ ପ୍ରୋଟୋନ ଥାଏ, ନ୍ୟୁଟ୍ରନ ନ ଥାଏ ।) ଜୀବନ ଓ ପ୍ରକୃତିର ପ୍ରତିଟି ବସ୍ତୁ ପରମାଣୁ ଦ୍ୱାରା ଗଠିତ ଓ ପରମାଣୁ ଫ୍ୟୁଜନ ଓ ପରମାଣୁ ଫିସନ ଏହି ଦୁଇ ପ୍ରକ୍ରିୟାରେ ପରମାଣୁ ଶକ୍ତି ନିର୍ଗତ ହୋଇଥାଏ । ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ଏହି ଯେ - ପରମାଣୁର ନ୍ୟୁକ୍ଲିୟସ ଦୁଇ କିମ୍ବା ଅଧିକ ଅଂଶରେ ବିଖଣ୍ଡିତ ହେଲେ ତାହା ପରମାଣୁ ଫିସନ ଏବଂ ଦୁଇ କିମ୍ବା ଅଧିକ ନ୍ୟୁକ୍ଲିୟସ୍ ମିଶି ଗୋଟିଏ ନିଉକ୍ଲିୟସ ନିର୍ମାଣ କଲେ ତାହା ପରମାଣୁ ଫ୍ୟୁଜନ ନାମରେ ଅଭିହିତ । ନ୍ୟୁକ୍ଲିୟର ଫିସନ୍ ଅତ୍ୟନ୍ତ ବିପଦପୂର୍ଣ୍ଣ ପ୍ରକ୍ରିୟା, କାରଣ ଏଥିରୁ ଅତ୍ୟଧିକ ତେଜସ୍କ୍ରିୟ ବର୍ଜ୍ୟବସ୍ତୁ ନିର୍ଗତ ହୋଇଥାଏ, ଯାହା ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଜୀବନ ପ୍ରତି କ୍ଷତିକାରକ ଅଟେ । ମାତ୍ର ନ୍ୟୁକ୍ଲିୟର ଫ୍ୟୁଜନ ପ୍ରକ୍ରିୟାରେ କୌଣସି କ୍ଷତିକାରକ ବର୍ଜ୍ୟବସ୍ତୁ ନିର୍ଗତ ହୋଇ ନ ଥାଏ । ତେଣୁ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ବିଶୁଦ୍ଧ ଏବଂ ମାନବ ସମାଜ

ପାଇଁ ଅତ୍ୟନ୍ତ ଲାଭଦାୟକ । ସୂର୍ଯ୍ୟଙ୍କର ଗର୍ଭଗୃହରେ ଏବଂ ତାହାରି ଅନୁକରଣରେ ବିଜ୍ଞାନାଗାରରେ ନିର୍ମିତ କୃତ୍ରିମ ସୂର୍ଯ୍ୟର କେନ୍ଦ୍ରରେ ଯେଉଁ ପରମାଣୁ ଫ୍ୟୁଜନ ପ୍ରକ୍ରିୟା ଜାରି ରହିଛି, ତାହା ହେଉଛି ମାନବ ସମାଜ ପାଇଁ ନିରନ୍ତର ଅସୀମିତ ବିଶୁଦ୍ଧ ଶକ୍ତିର ଉତ୍ସ ।

୨୦୨୫ ମସିହା ଫେବୃଆରୀ ୧୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସ ଗସ୍ତ ସମୟରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ କୃତ୍ରିମ ସୂର୍ଯ୍ୟ ପ୍ରକଳ୍ପ 'ଇଣ୍ଟରନାସନାଲ ଥର୍ମୋନ୍ୟୁକ୍ଲିୟର ଏକ୍ସପେରିମେଣ୍ଟାଲ ରିଆକ୍ଟର'(ଆଇଟିଇଆର୍) ପରିଦର୍ଶନ କରିଥିଲେ । ସାତଜଣ ଆଇଟିଇଆର୍ ସଦସ୍ୟଙ୍କ ମଧ୍ୟରୁ ଭାରତ ଅନ୍ୟତମ ଏବଂ କୌଣସି ରାଷ୍ଟ୍ରମୁଖ୍ୟଙ୍କ ପକ୍ଷେ ଏହା ହେଉଛି ପ୍ରଥମ ଗସ୍ତ । ଏହି ପ୍ରକଳ୍ପରେ ୨୦୦ ଭାରତୀୟ ବୈଜ୍ଞାନିକଙ୍କ ସମେତ ବହୁ ଭାରତୀୟ କମ୍ପାନୀ ସମ୍ପୃକ୍ତ ରହିଛନ୍ତି । ଆଗାମୀ ଦଶନ୍ଧି ମଧ୍ୟରେ ଏହି ପ୍ରକଳ୍ପ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି । ଚୀନର ଇଏଏସ୍ଟି ଏବଂ ଫ୍ରାନ୍ସର ଆଇଟିଇଆର୍ ପ୍ରତିଟି ପ୍ରକଳ୍ପର ଆନୁମାନିକ ମୂଲ୍ୟ ଏକ ଟ୍ରିଲିୟନ ଡଲାର । ଏହାକୁ ବାଦ୍‌ଦେଇ ୨୦୨୫ ମସିହା ସୁଦ୍ଧା କୃତ୍ରିମ ସୂର୍ଯ୍ୟ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ଉପରେ ଏବେ ବିଭିନ୍ନ ଦେଶର ୧୩୦ଟି ପ୍ରକଳ୍ପ କାର୍ଯ୍ୟକରୁଛି । ଏଥିରେ ପ୍ରମୁଖ ହେଉଛି ଦକ୍ଷିଣ କୋରିଆର କେଏସ୍‌ଟିଏଆର୍ । ଏଗୁଡିକ ବିଭିନ୍ନ ଡିଜାଇନ ଓ ଫୋକସ୍ ସହିତ ନିୟନ୍ତ୍ରିତ ପରମାଣୁ ଫ୍ୟୁଜନ ହାସଲ ଦିଗରେ ସାମଗ୍ରିକ ପ୍ରଗତିରେ ଯୋଗଦାନ କରୁଛନ୍ତି । ତେଣୁ କୃତ୍ରିମ ସୂର୍ଯ୍ୟ ନିର୍ମାଣକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିବା ଭଳି ମନେହୁଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପରମାଣୁ କେନ୍ଦ୍ରସମୂହର ସୁରକ୍ଷା । ୧୯୮୬ ମସିହାରେ ସଂଗଠିତ ପୂର୍ବତନ ସୋଭିଏତ ସଂଘ (ଏବେକାର ୟୁକ୍ରେନରେ ଅବସ୍ଥିତ) ଚେର୍ଣ୍ଣୋବିଲ ପରମାଣୁ କେନ୍ଦ୍ର ବିପର୍ଯ୍ୟୟର ପ୍ରଭାବରୁ ବିଶ୍ୱ ଏବେ ମଧ୍ୟ ମୁକ୍ତ ହୋଇପାରିନାହିଁ । ଦୁର୍ଘଟଣାର ଗୋଟିଏ ସପ୍ତାହ ମଧ୍ୟରେ ୩୦ଜଣ ବ୍ୟକ୍ତି ଏବଂ ଜାତିସଂଘର ରିପୋର୍ଟ ଅନୁଯାୟୀ ୨୦୦୫ ମସିହା ସୁଦ୍ଧା ୪୦୦୦ ବ୍ୟକ୍ତି ପ୍ରାଣ ହରାଇଛନ୍ତି, କିନ୍ତୁ ପର୍ଯ୍ୟାୟକ୍ରମେ ପ୍ରାୟ ୮୫ଲକ୍ଷ ବ୍ୟକ୍ତି ତେଜସ୍କ୍ରିୟ ବିକିରଣର ସମ୍ମୁଖୀନ ହୋଇ ବିକଳାଙ୍ଗ ହୋଇଛନ୍ତି । ୨୦୧୧ ରେ ଜାପାନର ଫୁକୁସିମା ଆଣବିକ ଦୁର୍ଘଟଣା ଏବେ ମଧ୍ୟ ଜନମାନସରେ ସତେଜ ରହିଛି । ତେଣୁ କୃତ୍ରିମ ସୂର୍ଯ୍ୟ ନିର୍ମାଣ ମାନବ ସମାଜ ପାଇଁ ଯେତିକି ଉଜ୍ଜ୍ୱଳ ସମ୍ଭାବନାର ଦିଗ୍‌ବଳୟ ପରିବ୍ୟାପ୍ତ କରେ, ଏ ସମସ୍ତ ପରମାଣୁ କେନ୍ଦ୍ରର ସୁରକ୍ଷା ପ୍ରସଙ୍ଗ ଆହୁରି ଅଧିକ ଗୁରୁତ୍ୱ ବହନ କରେ ।

❐

କବିତା ସ୍ୱତନ୍ତ୍ର

ଭାଗ୍ୟ କାହିଁ ମୋର

ଡ. ସରୋଜିନୀ ଷଡ଼ଙ୍ଗୀ



ତୋ ବୃତ୍ତ ବାହାରେ ଆଉ
ଭାଗ୍ୟ କାହିଁ ମୋର ?
ତୋ ଚେତନା... ତୋ' ବାସନା
ତୋର ଯେତେ ସୁଖ-ଦୁଃଖ-
ଅଧିକାର-ଅନୁଭବ-ସଂଯୋଗ-ବିଯୋଗ
ତୋ' ଘଟଣ-ଅଘଟଣ
ପ୍ରେମ-ପ୍ରୀତି-ନିଆଁ-ଜଳ
ତୋ' ସୌରମଣ୍ଡଳ
ତୋ' ପାଇବା-ନ ପାଇବା
ତୋ' ଦେଖିବା-ନ ଦେଖିବା
ତୋ' ସ୍ୱପ୍ନ ବାହାରେ ଆଉ
ସ୍ୱପ୍ନ କାହିଁ ମୋର ?
ତୋ' ରଙ୍ଗ ତୂଳୀରେ ଅଙ୍କା
ଆଖି-ନାକ-ଚିବୁକ-କପାଳ
ଅନଭ୍ୟସ୍ତ ହାତରେ ତୋ'
ଆଙ୍କିଦେଲୁ ମୋ ମନରେ
ଯେଉଁ ଯେଉଁ ଶବ୍ଦର ପାର୍ବଣ !
ଇନ୍ଦ୍ରଧନୁ ରଙ୍ଗ ବିଞ୍ଚି
ହୃଦୟରେ ସୃଷ୍ଟି କଲୁ
ଯେତେ ଯେତେ ରୂପର ପ୍ଲାବନ
ପ୍ରୀତିରେ ପ୍ରତିମା କଲୁ
ପ୍ରଣୟ ବା ପରିଚୟ ଦେଲୁ
ଭାବରୁ ଭାସ୍ୱତୀ କଲୁ
ବଞ୍ଚିବାର-ବଞ୍ଚିବାର
ମଧୁର ମୁହୂର୍ତ୍ତ ଦେଲୁ,
ସଂପ୍ରୀତିର ଶୃଙ୍ଗାରରେ ଶ୍ରଦ୍ଧା ଦେଲୁ
ଶରଶଯ୍ୟା ଦେଲୁ,
କହ ଏବେ
ତୋ ଶଲ୍ୟ ବାହାରେ ଆଉ
ଭାଗ୍ୟ କାହିଁ ମୋର ?

ଲିଙ୍କ୍‌ରୋଡ଼, କଟକ-୧୨
ଦୂରଭାଷା - ୯୪୩୭୦୫୫୦୦୭


ଅନାମଧେୟ

ପୀତାମ୍ବର ତରାଇ



ପାଦତଳେ ଥାଏ ବୋଲି ମାଟିର ନିବିଡ଼ ପଣ
ଜୀବନ ତମାମ ଘେନିଥାଏ ଧୂଳିବେଶ
ଜିଆ ପରି ଖାଉଥାଏ ମାଟିର ଶସ ବୋଲି
ଗାଇଥାଏ ମାଟି ଗୁଣର ସୁଗମ ସଂଗୀତ
ମରୁଭୂମିର ଓଟ ପରି ବୋହିଥାଏ
ମାଟି ଋଣର ରମ୍ୟବୋଝ
ତଥାପି କହିପାରେନାହିଁ ଧରିତ୍ରୀ ମୋର ।


ମଥା ଉପରେ ନୀଳରଙ୍ଗର ଅସୀମ ଉଚ୍ଛ୍ୱାସ
ସୂର୍ଯ୍ୟ ଚନ୍ଦ୍ର ତାରାଙ୍କ ମେଲଣ
ମନାଅଛି, କହିପାରିବିନାହିଁ
ଆକାଶ ମୋର ।



ବେଳାଭୂଇଁରେ ଗଢ଼ିପାରିବି ଆଶାର
ଅଗଣିତ ବାଲିଘର, ମନାଅଛି
ଆଖିପାଇଁ ଆଣିପାରିବି ନାହିଁ
ସୁବିଶାଳ ସମୁଦ୍ର ଦୃଶ୍ୟ
ଶୋଷ ପାଇଁ ପିଇପାରିବି ଅଜସ୍ର ଜଳ
କହିପାରିବିନାହିଁ ନଈରେ ଅଛି ଅଧିକାର ।

ଲାଗୁଛି, ମୋ ଅଖଣ୍ଡ ନୀରବତାର କେହି
ନେଇଯାଇଛି ସୁବର୍ଣ୍ଣ ସୁଯୋଗ
ହତୋତ୍ସାହିତ ଜୀବନପଣରୁ
ଆଉ କାହା କଳ୍ପନା ମୂଲକରେ
ଲୋଟିପଡିଛି ମୋ ରକ୍ତର ଉଲ୍ଲାସ
ସମତାଳରେ ଚାଲି ନ ପାରିବାର
ଅଯୋଗ୍ୟତାରୁ ନେଇଯାଇଛି
ମୋର ଅନାଗତ ପୃଥିବୀରୁ ସ୍ୱପ୍ନବୀଜ
ମନସ୍କାମନାର ମେହେନତରୁ
କଳାକୃତିର କନକ ଫୁଲ ।

କେହି ଜଣେ ଲୁଟିନେଇଛି ନିରୂପାୟର
ଦାସତ୍ୱରୁ ଭାଗ୍ୟ ଉଦୟର ସୁଖ ସକାଳ
ବିବସ୍ତ୍ର କରିଛି ବଂଚିବାର ଆପାଦ ମସ୍ତକ
ନଷ୍ଟ କରିଛି ପ୍ରେମର ପରିମଣ୍ଡଳ
ହଁ, କେହି ନା କେହି ମୋତେ ଘେରିଛି
ଘାରୁଛି, ଘୋରୁଛି କାଳ ପରେ କାଳ ।
ଏବେ ଜାଣିଲି ତମେ ସେହି ଜନ
ମୁଁ ଯେଉଁଠି ପ୍ରାଣରକ୍ଷା ପାଇଁ ଖୋଜୁଛି
ରକ୍ତ ବୋତଲ, ତମେ ସେଇଠି
ଦେହ ଗନ୍ଧ ପାଇଁ ଦାମୀ ଅତର ସହ
କରୁଛ ମୂଲଚାଲ
ମୁଁ ଯେଉଁଠି ପଥର, ତମେ ସେଇଠି
ପାଲଟି ଯାଉଛ ଦେଉଳର ପରିଚୟ
ମୁଁ ଯେଉଁଠି ଧାନ, ତମେ ସେଇଠି
ଧୋବ ଫରଫର ଭାତ
ମୋ ଭୋକ ସହିତ ଖେଳି ଚାଲିଛ
ଅନବରତ ହାରାମୀ ଖେଳ
ମୁଁ ଯେଉଁଠି ଅକ୍ଷର, ତମେ ସେଇଠି




ଶାସ୍ତ୍ର, ପୁରାଣ, ଜ୍ଞାନର ଭଣ୍ଡାର
ଦଖଲ କରୁଛ ଚେତନା, ଚିନ୍ତା ରାଜ୍ୟ ।

ଏକଦା ଯେଉଁଠି ଥିଲି ମୁଁ, ତମେ ନ ଥିଲ
ନଈ ହୋଇ ବହିଛି, ମେଘ ହୋଇ ବର୍ଷିଛି
ନିଆଁ ହୋଇ ଅନ୍ଧାର ସହ ଲଢ଼ିଛି
ଜୀବନ କ'ଣ ଜାଣିଲା ବେଳକୁ ମୁଁ ନାହିଁ
ତମେ ଅଛ ।

ଧୀରେଧୀରେ ଜନ ଗଣ ମନ ଭିତରୁ
ହଜିଯାଉଛି ଯେଉଁ ଶେଷ ଲୋକଟିର
ଆକାର ପ୍ରକାର, ସେ ଜଣକ ମୁଁ
ମୁଁ ଦେଶର ଅଥଚ ଦେଶ ନୁହେଁ ମୋର ।


ଅଶ୍ରୁନୀଡ଼
ମଙ୍ଗରାଜପୁର, କୁଜଙ୍ଗ,
ଜଗତ୍‌ସିଂହପୁର
ଫୋନ୍: ୯୪୩୭୧୬୩୪୨୧



ପ୍ରକାଶ ପାଇଛି
ଶ୍ରୀମତୀ ନିରୁପମା ମିଶ୍ରଙ୍କ
ପୁସ୍ତକ
ପ୍ରତିଧ୍ୱନି

ପରାଜିତ ସୈନିକ

ରଘୁନାଥ ପାତ୍ର



ଗୋପପୁରେ ଶୁଭୁନାହିଁ ମୁରଲୀର ସ୍ୱନ
ବହୁନାହିଁ ଯମୁନା ଉଜାଣି
କାହ୍ନୁ ନାଁ ଧରି ଡାକୁନାହିଁ
ଆଗପରି ଗାଈଆଳ ଟୋକା
ଗୋପଦାଣ୍ଡୁ ଯମୁନାର ଘାଟଯାଏ
ଛାଇ ଯାଇଛି ବିରହର ରଙ୍ଗ ।
କିଏ ଆଞ୍ଜୁଳା ପାତି ତୋଳିନେବ
ଗୋପବାଳାର ଆଖିର ଟପଟପ ଲୁହକୁ ।
ଉଦ୍ଧବ !
ସେ ନିଜେ ତ ଅବୁଝା,
କାହାକୁ ବୁଝାଇବ ସେ ?
ଅକ୍ରୂର ରଥରେ
ଏକମୁଁହା ହୋଇ ଯାଇଥିବା
ଲୋକଟା ଯେ ଅଟକି ଯିବ
ଫେରିବାର ନାଁ ଧରିବନି
ଏକଥା କିଏ ବା ଜାଣିଥିଲା ?
ଏ ସବୁଦିନର ଆଲୁଅ ପରି
ସତକଥାଟାକୁ
କେମିତି ଅଣ୍ଟିରେ ପୂରାଇ
ତାହାମିଛ କହିବ ଉଦ୍ଧବ ?
ସବୁ ନାଁ ଭିତରେ ହଁ ର ସମ୍ଭାବନା
କହ୍ନେଇ ଫେରିବେ
କଦମ୍ବ ବନରେ ପୁଣି ମୁରଲୀ ଝୁରିବ
ବିବାସନା ପ୍ରାୟ ଗୋପବାଳା
ଏକମୁହାଁ ହୋଇ ଦରାଣ୍ଡିବେ
ଗୋପପୁର ଯମୁନା କୂଳକୁ ।



ଉଦ୍ଧବ ଚାଳନାର ଜାଲ ବୁଣି ଆଶ୍ୱସ୍ତ କରନ୍ତି
ତୁମ କୃଷ୍ଣ ଗୋପୀର ବଲ୍ଲହବ ଏଠି ସେଠି
ସବୁଠି ଯେ
କେମିତି ବୁଝାଇ ଅବା କହିବି ତୁମକୁ ?
ଗୋପୀର ନିରାଶା ଓଠର ତାତ୍ପର୍ଯ୍ୟର
ଶବ୍ଦବାଣେ ଉଦ୍ଧବ ନିରବ ।
ସତରେ ମୁଁ ପରାଜିତ ସୈନିକଟେ
ତୁମ ପ୍ରେମ ଆକଳନ ମୋ ସାମର୍ଥ୍ୟ ବାହାରେ
ଗୋପଦାଣ୍ଡ ପଦରେଣୁ ମୁଣ୍ଡେମାରି
ବାହୁଡ଼ିଲେ ଦ୍ୱାରକା ଭୁବନେ
ବାହୁଡ଼ିଲେ ଦ୍ୱାରକା ଭୁବନେ ।

ତମେ, ତମେ ହେଇ ଆସ

ଡାକ୍ତର ନୀଳମାଧବ କର



ନିଜର ସବୁ ଆବରଣ ଖୋଲି ଦେଇ
ଶୋଇବା ଘରର ଦୁଆର ସେପଟେ
ଅଜାଡି ଦେଇ ସବୁ ଦୁଃଖକଷ୍ଟ,
ଈର୍ଷ୍ୟା, ଦୋଷ, ରୋଷ, ଆଉ ହିଂସା
ଓହ୍ଲେଇ ଦେଇ ପାପ, ପାପବୋଧ
ଝାଡିଦେଇ ଅନ୍ୟ ଯେତେ ଅଳବୁସବୁକୁ
ଜଳେଇ ଦେଇ ପୃଥିବୀ ଜଞ୍ଜାଳ
ଲଙ୍ଗଳା ହୋଇ ଆସ ତମେ
ଶୋଇବା ଘରକୁ
ମୋ ଭିତରକୁ
ମିଛ, ସତ, ରାଗ, ରୁଷା
ଏମିତିକି ଅଭିମାନ, ଗର୍ବ ଓ ଗୌରବ
ତୁଳନାରେ ଅର୍ଥହୀନ ରେଖା,
ସବୁ ଖୋଲିଦେଇ
ତମେ ଆସ ଲଙ୍ଗଳା
ଆମ ଶୋଇବା ଘରକୁ
କେବଳ ନିଜେ ହେଇ,
ନିଜର ହେଇ,
ତମ ମୋ ସଂପର୍କ ଭିତରେ
ଖାଲି ତମେ ଆଉ ମୁଁ




ନା' ପାଣି, ନା' ପବନ, ଭୂତ ନା ଭବିଷ୍ୟ
ଏମିତିକି ଦେବତାଙ୍କୁ ବି ଅନୁମତି ନାହିଁ
ଏ ଘର ଭିତରକୁ
ସବୁ ଅଙ୍ଗବସ୍ତ୍ର ଓହ୍ଲେଇ ଦେଇ
କେବଳ ତମେ ତମେ ହୋଇ ଆସ,
ପୂର୍ଣ୍ଣ ହେବାପାଇଁ
ଦିଓଟି ଅପୂରଣୀୟ ମନ ଓ ଶରୀର,
ଏକାଠି ଏକାତ୍ମ ହେବାକୁ
ଆସ ତମେ
ଆମର ଏ ମନ୍ଦିରକୁ ।

ଲଣ୍ଡନ , ୟୁରୋପ

ମୋ ଗାଆଁ

ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି



ଅଙ୍କାବଙ୍କା ନଈକୂଳେ ଗାଆଁଟିଏ ମୋର
ଏ ଗାଆଁର ମାଟି ମୋର ଅତି ଆପଣାର,
ଗାଆଁ ମାଟି, ଗଛଲତା, ପାଣି ଓ ପବନ
ମୋ ପ୍ରାଣରେ ଭରିଦିଏ ପ୍ରୀତି ଅସାମାନ୍ୟ ।

ଗାଆଁ ମୋର ଦିଏ ମୋତେ ମାଆର ମମତା
ଶୁଣାଏ ସେ ପ୍ରାଣେ ପ୍ରାଣେ ପ୍ରୀତିର କବିତା,
ଦେଇଥାଏ ଖାଦ୍ୟଶସ୍ୟ ବସ୍ତ୍ର ବାସଗୃହ
କ୍ଷୀର ସମ ନୀର ଦେଇ କରଇ ନିର୍ଭୟ ।

ମୋ ଗାଆଁର ଜଳବାୟୁ ଅତୀବ ଉତ୍ତମ
ପ୍ରାକୃତିକ ସୁଷମାରେ ସଦା ମନୋରମ,
ଗାଆଁମାଟି ନୀର-କ୍ଷୀର ଫଳ ବି ଅମୃତ
ପବନ ଝରାଏ ପୁଷ୍ପ ବାସ ଅବିରତ ।

ଦେହ ମନ ସୁସ୍ଥ ରହେ ଜନ୍ମିଣ ଗାଆଁରେ
ମହାନନ୍ଦ ମିଳେ ନାମ ଜପିଲେ ଏଠାରେ,
ମୋ ଗାଆଁର ମଙ୍ଗଳା ଓ ପ୍ରଭୁ ଜଗନ୍ନାଥ
ପୂର୍ଣ୍ଣ କରିଥା'ନ୍ତି ସଦା ମୋର ମନୋରଥ ।

ଗାଆଁ ମୋର ଅତି ପ୍ରିୟ ରହେ ତା ଅଙ୍ଗନେ
ହସିଖେଳି ତା କୋଳରେ ବଞ୍ଚେ ମୁଁ ସପନେ,
ସଦା ଉଜାଗର ଥାଏ ଗାଆଁ ମାଟି ସ୍ମୃତି
ସେ ସ୍ମୃତିରୁ ଝରୁଥାଏ ମଧୁମୟ ଗୀତି ।

ବେତଡ଼ା, ବାସୁଦେବପୁର, ଭଦ୍ରକ
ମୋ.: ୯୪୩୯୫୯୫୦୦୫



ନିଜକୁ ଶୂନ ଭାବିଦେଲେ

ଜ୍ୟୋତି ପ୍ରକାଶ କର



ନିଜକୁ ଥରେ ଶୂନ ଭାବିଦେଲେ
ଅକାମୀ ହେଇଯିବ ଅହମିକା
ସ୍ୱାର୍ଥ ଓ ସିର୍ତ୍ତରେ ଉବୁଟୁବୁ ଅହନ୍ତା ପଣ,
ଲଭିଯିବ ଜୀବନର ଟିପାଖାତାରେ ଦରଜ
ଯୋଗ ବିୟୋଗର ଯେତ ଦସ୍ତାବିଜ ।
'ମୁଁ ' ନିଃସ୍ୱ ନିସହାୟ ହେଇ
ଖାଲି ହାତେ ଉର୍ଦ୍ଧ୍ୱବାହୁରେ,
ନଚେତ୍ ନତଯାନୁ ହେଇ
ଶରଣାଗତ ହେଲେ
ମୁକ୍ତ ହେଇଯିବ ମୁକ୍ତି ର ଯେତେପଥ ।
ଉଦାର ଚିତ୍ତରୁ ଝରିଯିବ ଉତ୍ସର୍ଗର ଧାରା
ତୁଚ୍ଛ ହେଇଯିବ ତନୁ ,ତନ୍ୱୀ,ତନୟ,ତନୟା
ଅପସରିଯିବ ତ ?ଷ୍ଣା ତିକ୍ତତା ତାମସିକତା,
ନିରର୍ଥକ ହେବ ଦୁଃଖର ବିନାଶ
ସମର୍ପିତ ହେଇଯିବ ଆପେଆପେ
ତିତିକ୍ଷାର ତୀର୍ଥକ୍ଷେତ୍ରେ ।
ଧରାକୁ ଆସିବା ଓ ଯିବା ତ ଅବଧିର ଧାରା
ସବୁତ ଅବଧାରିତ
ଅଦ ?ଷ୍ଟ ଅସ୍ପଷ୍ଟ ସେଇ ଚଲାପଥ,
ଅଦ ?ଶ୍ୟରୁ ଦ ?ଶ୍ୟକୁ ରୂପାନ୍ତର
ଆଗମନରୁ ତିରୋଧାନ ର ଲମ୍ବାରାସ୍ତା ।

ଥରେ ଭାବିଦେଲେ ' ମୁଁ ' ମୂଲ୍ୟହୀନ
ନଇଁ ଆସିବ ନମ୍ରତାର ନିରବତା
ଭୂଲୁଣ୍ଠିତ ହେବ ମୁଣ୍ଡର ମୁକୁଟ ,ମର୍ଯ୍ୟାଦା
ଓହ୍ଲେଇ ଆସିବ ମୁଗ୍ଧ 'ମୁଁ'କାର
ଦରବାରର ଦଧିନଉତିରୁ
ଦଣ୍ଡବତ ଦଣ୍ଡବତିର ମାୟାରୁ
ଦୟନୀୟ ଦାନବ ଦଶାନନ ପରି
'ମୁଁ'ର ମ ?ତ୍ୟୁ ହେବ ମୁହୂର୍ତ୍ତକରେ ।

ପ୍ଲଟ ନଂ ୪୯/ସି,ଶକ୍ତି ନଗର
ଲିଙ୍କ ରୋଡ୍ କଟକ,୭୫୩୦୧୨
ମୋ ୯୪୩୮୫୩୨୪୫୭ ।

ଆହ୍ୱାନ

ରସାନନ୍ଦ ମହାପାତ୍ର



ମୁଁ କାହାର ମର୍ଜିରେ ଜୀଇଁବାକୁ ଘୃଣା କରେ,
ମୋତେ ଏଲର୍ଜି ହୁଏ ଦୋବଲା କଥାରେ,
ମୋର ମତ,
ସମର କରିବାକୁ ଚାହଁ ତ ସାମ୍ନା ହୁଅ ।
କିଏ ଜିତୁ, କିଏ ହାରୁ, ପରବାୟ ନାହିଁ ।
କପଟତା ଠାରୁ ଦୂରେଇ ଯାଇ
ସତ୍ୟକୁ ସାଲିସ୍ କରିବାରେ ଅଛି ଆନନ୍ଦ ।
କିଛି ସତ୍ୟବାଦୀ ଅଛନ୍ତି ବୋଲି
ସୂର୍ଯ୍ୟ ଆତଯାତ ହେଉଛନ୍ତି,
ଚନ୍ଦ୍ର ମଧ୍ୟ ତାରାଙ୍କ ମେଳରେ
ଅର୍କେଷ୍ଟ୍ରା ରଚୁଛନ୍ତି ଆକାଶରେ !

ଏବେ ସମୟ ବଦଳି ଯାଇଛି,
ମଣିଷପଣିଆ ଧୀରେ ଧୀରେ
ଲୋପ ପାଇଯାଉଛି ଇହଲୋକରୁ,
ବିଶ୍ୱାସରେ ବିଷ ମିଶାଯାଉଛି ବକ୍ର ଦୃଷ୍ଟିରେ,
ଲୁହର ମୂଲ୍ୟ ଲହୁ ଠାରୁ ଓଜନଦାର,
ଏକଥା ଭୁଲିଯାଉଛି ମଣିଷ ।

ମନେରଖ,
ବନ୍ଧୁକ ମୁନରେ ହାର୍ ମାନୁଥିବା ସର୍ତ୍ତ
ସାଲିସ ହୁଏ ସହମତିରେ ।
ପାରୁଛ ଯଦି ପାଟି ଚୁପ୍କର,
ପରଖି ନିଅ,
କ'ଣ ସବୁ ଘଟିବାକୁ ଯାଉଛି
ଏ ଦ୍ୟାବା ପୃଥିବୀରେ ।

ଏଠି ମଣିଷ ଦିନକୁ ଦିନ
ସ୍ୱାର୍ଥପର ହୋଇ ଇପ୍ସିତ ଇଚ୍ଛାକୁ
ସଫଳ କରିବା ପାଇଁ ତତ୍ପର,
ସେ ଭୁଲି ଯାଉଛି ଭବିତବ୍ୟ,
ସେ ଭୁଲି ଯାଉଛି
ତା' ଠାରୁ ଅନେକ
ମାହୋଲ୍ ଅଛନ୍ତି ଚରାଚରେ ।


ତମେ ଟିକେ ନୀରବି ଯାଅ,
ଦେଖ,
କିପରି ସାଂଘାତିକ ସମର
ଆରମ୍ଭ ହେବାକୁ ଯାଉଛି
ଯୁଦ୍ଧ କ୍ଷେତ୍ରରେ ।

ଜାଣିରଖ,
କବି ରଚିପାରେ ସଂଗ୍ରାମ ଇତିହାସର,
ବେଳେବେଳେ ସେ ନିଜେ ମଧ୍ୟ
ସାରଥୀରୁ ରଥୀ ହୁଏ,
ଅଦୃଶ୍ୟରେ ଅସି ଚାଳନା କରେ
ଗୁଳି ଫୁଟାଏ,
ଯୁଝୁ ଯୁଝୁ ମୃତ୍ୟୁକୁ ସାମନା କରିନିଏ,
ହେଲେ
କେବେ ବି ସାଲିସ୍ କରେ ନାହିଁ
ବାଧ୍ୟ ବାଧକତାରେ,
ବେଲାଳସେନର କଟାମୁଣ୍ଡ ପରି
ସେ ପରଖୁ ଥାଏ ଆତୁଆଳରେ !



କବି ନିଜ ପାଇଁ
ବ୍ୟୁହ ରଚନା କରିପାରେ,
ମରିପାରେ,
ପୁର୍ନଜନ୍ମ ବି ନେଇପାରେ
ଅନ୍ୟାୟାସରେ ।

ସଭାପତି , କାନ୍ତ ସାହିତ୍ୟ ପରିଷଦ
ଧାମନଗର, ଭଦ୍ରକ, ମୋ-୯୯୩୭୮୪୮୦୬୦



ପ୍ରକାଶ ପାଇଛି
ଶରତ କୁମାର ସାହୁଙ୍କ
ପୁସ୍ତକ
ଶ୍ରୀଜଗନ୍ନାଥ

ଯଦି ମିଳେ ଆଉ ଗୋଟେ ଜନ୍ମ

କିଶୋର ପାଣିଗ୍ରାହୀ



ମୁନ୍ଦାଏ କି ବୁନ୍ଦାଏକୁ ତକେଇ ତକେଇ
ଗୋହିରୀ, ପାଟ
ସୁଦୁ ଠକଠକ,
ଡାହାତୁରୁଷାରେ ଢକାସି ଢକାସି
ଗଲା ଚତୁରି ଚାରିମାସ ।

ଏବେ ଦେଖ,
ରଣକୁହୁଡ଼ିକୁ ଅଦିନିଆ ବଢ଼ି,
ତମ, ଆମ କଥା ଛାଡ଼;
ଦେଖ, କେମିତି
ଧରମଛଡ଼ା ଦୋଉଚି ଖୋଦ୍ ପ୍ରକୃତି !

ଖାଲି କୋଳକୁ ଅନେଇଅନେଇ
ବାଞ୍ଝକୁନ୍ଥାଣରେ ବିତିଲା ଯୁଆନ,
ଅକାଳରେ ଗାଈପଣିଆ କଲା ତ ଭାରି ଅଶୁଭ,
ଭୋଦୁଅ ବିଆଣକୁ ବନବାସ ଯୋଗ;
କିଏ ଜାଣିଥିଲା,
ଦେଖୁଦେଖୁ ବାଡ଼କଡ଼ର
ଓଲ ଗଛ ଫୁଲ ଫୁଟିଯିବ !

ଦେଖା ନାଇଁ
ଦିନରେ ଖରା
କି ରାତିରେ ତରା,
କାଉଁଳିଆରେ ଦିନ ସରି ସଂଜ ନଇଁଲା,
ଘରକଣରେ ସଳିତା ଛୁଉଁନି
ତଳିଧରା ତେଲ,

ସୁକୁସୁକୁ ଶୁଆସିଆ ଧାରେ
ଆଲୁଅ
କୋଉ ଗୋଟା ରାତିକୁ ଅଣ୍ଟିବ ?

ଅନ୍ଧାରର କାନ୍ଥରେ ଲଟକି
ପରମାୟୁ କହୁଚି ଟିକ୍ ଟିକ୍,
"ଆଉ ଗୋଟେ ଜନ୍ମକୁ
ଅପେକ୍ଷା କରିବା ଚାଲ ।
କୋଉ ବନ୍ଦୀଶାଳରେ
କି ମେଣ୍ଢାଗୁହାଳରେ
କ'ଣ ଉଆଁସିଆ ଜହ୍ନ ଉଇଁବ !"

ବିରୁହାଁ, ଜାହାଙ୍ଗୀର, ଭଦ୍ରକ,
ଫୋନ୍: ୭୦୦୮୧୧୭୯୬୪

ବୟସ ବଢ଼ିଲେ

ସୁରଞ୍ଜନ ପାତ୍ର



ବୟସ ବଢ଼ିଲେ ବୁଢ଼ା ବରଗଛ
ଅଲୋଡ଼ା ସବୁରି ପାଇଁ
କିଏ ମନେ ରଖେ ନାଉରିକୁ ସତେ
ପାରି ହେଲା ପରେ ନଈ ।

କିଏ ଝୁରିହୁଏ ଘନତମସାକୁ
ଯେଉଁ ଦ୍ୱୀପ ନାଶି ଥାଏ
ଶବଦାହ ପରେ ଯୂପକାଠ ଦୁଃଖ
କିଏ ସେ ପରଖେ ହାୟେ ।

ସଉଦା ସରିଲେ ନୀରବତା କୋଳେ
ସହର ପଡ଼ଇ ଶୋଇ
ବୟସ ବଢିଲେ ବୁଢ଼ା ବରଗଛ
ଅଲୋଡ଼ା ସବୁରି ପାଇଁ ।

କିଏ ମାପେ ବସି ଅତୀତ ପକ୍ଷୀର
ଦରଜକୁ କୁହ ଏଠି
ରାତି ପାହିଗଲେ ସପନ ମୁହାଣେ
ଜହ୍ନ ତ ପଡ଼ଇ ଲୋଟି ।

ବେଉଷଣପରେ କ୍ଷେତର ଜଖମ
କାହାରିକୁ ଦିଶେ ନାହିଁ
ବୟସ ବଢିଲେ ବୁଢ଼ା ବରଗଛ
ଅଲୋଡ଼ା ସବୁରି ପାଇଁ ।



ସଂପାଦକ, ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର,
ବାଲେଶ୍ୱର-୭୫୬୦୪୫
ମୋ - ୮୧୭୮୦୫୯୫୯

ବୟସ ନଦୀର ତୀରେ

ବେଣୁଧର ସୂତାର



ଅଳସୀ ରାତିର ବିଳାସୀ ସପନ
ଅମିୟ ପୁଲକ ତୋଳେ
ରୂପ ଚନ୍ଦ୍ରିକାର ରୋମାଞ୍ଚିତ ଧାରା
ବୟସର ଆଡୁଆଳେ
ସପନର ଫୁଲ ଝରେ
ପ୍ରୀତି ପାରିଜାତ ପ୍ରଣୟ କୁଞ୍ଜରେ
ନୀଳ ସମ୍ମୋହନ ଭରେ
ଏଇ, ବୟସ ନଦୀର ତୀରେ
ସାଉଣ୍ଟୁ ଥିଲି ମୁଁ ସୁଧାମୟ ମଧୁ
ସ୍ୱପ୍ନ ଭିଜା ରଜନୀରେ
ପ୍ରୀତି ସୁଧା ଖୋଜେ ମନ ପ୍ରଜାପତି
ପ୍ରିୟା ଓଠ ଧାରେ ଧାରେ
ମିଠା ସପନର ପୁରେ
ସପନ ସୁନ୍ଦରୀ ମହକ ମାଧୁରୀ
ମନ ଆନମନା କରେ
ଏଇ, ବୟସ ନଦୀର ତୀରେ
ଲାବଣ୍ୟବତୀର ରୂପ ପସରାରେ
ଅମାନିଆ ପ୍ରୀତି ଛନ୍ଦ
ଭିଜା ନିଶିଥର ମାଧୁର୍ଯ୍ୟ ମଧୁରେ
ଝରୁଥିଲା ମକରନ୍ଦ
ପ୍ରୀତିମୟ ଉପଚାରେ
ମନ ଝୁମିଯାଏ ମୋହିନୀ ମାୟାରେ
ଅଳକାନନ୍ଦାର ଧାରେ
ଏଇ, ବୟସ ନଦୀର ତୀରେ ॥
ମନ ମଧୁଶାଳା ପୀରତି ଉଛୁଳା
ମୁକୁଳା ଯୌବନ ବନେ
ମାତବରୀ ଏଇ ବୟସ ଝୁମଇ
ପ୍ରିୟା ପ୍ରୀତି ସୁଧା ପାନେ
ପ୍ରେମ ରଙ୍ଗ ଅଭିସାରେ
ସପନ କୁଞ୍ଜର ରେଶମୀ ଶେଯରେ
ପ୍ରୀତି ପଦ୍ମରାଗ ଝରେ
ଏଇ, ବୟସ ନଦୀର ତୀରେ ॥
ସପନେ ସପନେ ମନ ଉପବନେ
ମତୁଆଲା ପ୍ରୀତି ନିଶା
ଖୋଲିଗଲା ଯହିଁ ନୟନ ପେଟିକା
ମଉଳିଲା ସ୍ୱପ୍ନ ଆଶା
ପ୍ରିୟା ମୋ ରହିଲା ଦୂରେ
ବିରହ ବ୍ୟଥାରେ ବିଦୀର୍ଣ୍ଣ ବୁକୁରେ
ବେଦନା ଲହରି ମାରେ
ଏଇ, ବୟସ ନଦୀର ତୀରେ ॥
ବୟସ ନଦୀର ତୀରେ ମୁଁ ଖୋଜଇ
ପ୍ରିୟା ମୃଦୁ ପାଦ ଚିହ୍ନ
ବିତିଗଲା ମୋର ରୂପରୁ ବୟସ
ଉଜୁଡିଲା ଯଉବନ
ପିଆସୀ ପରାଣ ଝୁରେ
ମାନସେ ପ୍ରିୟାର ରୂପ ଚିତ୍ର ଆଙ୍କେ
ସପନର ବାଲି ଘରେ
ଏଇ, ବୟସ ନଦୀର ତୀରେ ॥

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

କଳାକାର


ଶ୍ରୀମତୀ ବସନ୍ତ ମିଶ୍ର



ଏହି ଦୁନିଆର ରଙ୍ଗମଞ୍ଚରେ
କଳାକାରଟିଏ ମୁହିଁ
ସାଜିଛି ନାୟକ କେତେ ନାଟକରେ
ହିସାବ ତା ରଖିନାହିଁ ।୦।

କେବେ ହୋଇଅଛି ଖଳନାୟକ ବା
କେବେ ହାସ୍ୟ ଅଭିନେତା
ଝୁମାଇଛି କାହିଁ ଖୁସିରେ କାହାକୁ
ଭିଜାଇଛି ଆଖି ପତା
କରିଛି ଉଦ୍ୟମ ଅଭିନୟକୁ ମୋ
ସଫଳ କରିବା ପାଇଁ
ଏହି ଦୁନିଆର ରଙ୍ଗମଞ୍ଚରେ
କଳାକାରଟିଏ ମୁହିଁ ।୧।

ଦେଇନି ସୁଯୋଗ ମନ ତଳ ଦୁଃଖ
ଆନ କାରେ ପଢିବାକୁ
ଚାପି ଛାତି ତଳେ କୋହ ମୁଁ ହସିଛି
ଆନ ଲୁହ ପୋଛିବାକୁ
ରଙ୍ଗ ମାଖି ମୁଖେ ନାନା ଭୂମିକାରେ
ମ*କୁ ଆସିଛି ଧାଇଁ
ଏହି ଦୁନିଆର ରଙ୍ଗମଞ୍ଚରେ
କଳାକାରଟିଏ ମୁହିଁ ।୨।



ଅଭିନୟ କରି କରି ପଡିଲାଣି
ହାତଗୋଡ ମୋର ଥକି
ଜାଣେନି ଜୀବନ ନାଟକ ମୋହର
ଅଛି ଆଉ କେତେ ବାକି
କାଳର ନିର୍ଦ୍ଦେଶେ ଶେଷ ଯବନିକା
କେବେ ଯେ ଆସିବ ନଇଁ
ଏହି ଦୁନିଆର ରଙ୍ଗମଞ୍ଚରେ
କଳାକାରଟିଏ ମୁହିଁ ।୩।

ସମ୍ପାଦିକା, 'ଆମ ବ୍ୟଙ୍ଗ ପସରା'
ମଣିସାହି, ମାଧବନଗର,
ଭଦ୍ରକ - ୭୫୬୧୮୧
ମୋ- ୯୪୩୯୫୫୪୯୬୪

ମୁଁ ଯେ ଅମୃତର ବିନ୍ଦୁ

ଦେବସ୍ମିତା ମିଶ୍ର



କିଏ ବା ସୃଜିଛି ଏ ମନକୁ,
ଦୋଷ ଦେଇ ଅବୁଝା ବେଳାର ନିରୋଳା କୋହକୁ ?
ଅରଣ୍ୟର ସବୁତକ ସୃଜନ କି ଆରଣ୍ୟକ !
ପ୍ରତୀକ୍ଷିତ ସବୁତକ ମୁହୂର୍ତ୍ତର ଥାଏ କିବା ଶେଷହୀନ ଅନ୍ତ !
ନା...ନା... ପାରେ ନାହିଁ
ଲଦି ଦେଇ ଦୋଷ ସବୁ କାହାପରେ
ନିଜ ଜୀବନକୁ ଗଢ଼ି ।
ଖୁବ୍ ଅଝଟ ମୁକୁଳା ପବନ
ବାଦଲରେ ପିଟି ହେଇ ଫୁଲାଇନି ଛାତି,
ସ୍ତବ୍ଧ ତଥାପି ବିଭୋର କାନନେ ସୁମନ,
ଅଗଣାରେ ଖେଳିବାର ରଖି ନାହିଁ ମତି ।
ଆଞ୍ଜୁଳାଏ ନିଶ୍ୱାସରେ ଡେଣା ଝାଡ଼ିଦେଲେ
ଅସୀମତା ଲୋଟିପଡ଼େ ନାହିଁ ।
ଫୁଥି କରି ଲିଭାଇଲେ ବତୀ
ଦୀପ ତା'ର ଧର୍ମ ଛାଡ଼େ ନାହିଁ ।
ନିଦାଘର ତୀକ୍ଷ୍ଣ ଦୀର୍ଘଶ୍ୱାସେ
ବର୍ଷା ତା'ର ଶ୍ୟାମଳ ଅତନୁ ସ୍ୱର୍ଶ
କ୍ଷିତି ପରେ କେବେ ହେଲେ ନାହିଁ ।

ମୁଁ ଯେ ନିବିଡ଼ ଆକାଂକ୍ଷିତ
- ନୁହେଁ ଅବାଞ୍ଛିତ
ଅନନ୍ତ କୋଳରେ,
ପାରି ନାହିଁ ବୋଲି କିଛି
ଅବଶୋଷ ନାହିଁ ମୋ ପରିଧିରେ ।
କାହାକୁ ବା ଦୋଷ ଦେବି
ଦୋଷ ଦେଇ ଜୀବନକୁ
ପାରିଛି କେ ଗଢ଼ି ? ? ?
ମୁଁ କାହା ପରି ହେବି ବା କେମିତି ?
ମୋ ପାରିଲା ପଣରେ ମୁଁ ନିଜେ ହିଁ ଏକାକୀ,
ଗୋଟିଏ ଆତ୍ମା, ଗୋଟିଏ ସ୍ପନ୍ଦନ,
ଗୋଟିଏ ଉଚ୍ଛ୍ୱାସ
ମୁଁ ନିଜେ ନିଜର ଅଖଣ୍ଡ ବିଶ୍ୱାସ,
ଅପାରଗପଣ ପାଇଁ ଏ ଜୀବନ ନୁହେଁ ନିର୍ବାପିତ ।



ଅର୍ଷପାଳ, ଭଦ୍ରକ,ମୋ : ୯୯୩୮୦୭୯୬୪୧

ଗୋଟେ ଲମ୍ବା ରାତିର କଥା

ପ୍ରଜ୍ଞା ପାରମିତା ମିଶ୍ର




ଗୋଟେ ସଞ୍ଜ ଗୁଞ୍ଜୁଗୁଞ୍ଜୁ ରାତିରୁ ବାଟଭୁଲି
ସେ ଡେଇଁ ଆସିଥିଲା
କୋଉ ଦୂର ଗାଁର ନୀଳ ପାହାଡ଼ !

ବୋହିଆଣିଥିଲା ସାଙ୍ଗରେ
କ୍ଲାନ୍ତ ଡେଣା,
ତଣ୍ଟିଏ ଶୋଷ,
ଆଖିଏ ଭୋକର ବୋଝ !


ତା ଅଜାଣତରେ ଉଡ଼ିଆସିଲା ସେ
ତାଳବଣର ତତଲା ପବନରେ ଦୋହଲୁଥିବା
ଗୋଟେ ବାଇୟାର ଛଣକୁଟାର ଦରଜ ଭିତରକୁ !
ବାଇୟା ଡରିଯାଏ ଦେଖି
ତା.....
ଥକାପଣର ଅସ୍ତିତ୍ୱ,
ସମୁଦ୍ରକୂଳର ଶୋଷ,
ଆଉ କୋଉ ଦଶବ୍ଦିର ଭୋକ !

କେବେଦିନେ ପିଙ୍ଗୁଡ଼ିଭାଇକୁ ବଞ୍ଚେଇଥିବା
ବାଇୟା ଭରଷାରେ ସେ ମାଗିବସେ
ପାଣି, ଖୁଦ ଆଉ ନିଦ ।

ବାଇୟା ନଭୁଲି ଭୁଲିଯାଏ
କାଳବୈଶାଖୀ ଝଡ଼ ବେଳେ
ତାଳବଣରେ ସାପ ଦଂଶନର ଦୁଃଖ
ବିଷ ଜ୍ୱାଳାରେ ପୋଡୁଥିବା ତା ପାଦ !



ଡରି ଡରି ଯାଚିବସେ
ଖୁଦ ନାହିଁ ବୋଲି ସେ ଖାଉଥିବା ମଲା ପୋକ !




ବାଇୟା କାନ୍ଧଉପରେ ସେ ଦେଖୁଥିବା ପୃଥିବୀ ଉପରୁ
ବାଇୟା ମାପେ, ତା ଅତଳ ସମୁଦ୍ରର ଗଭୀରତା
ବୁଡ଼ିଯାଏ, ତା ଲୁଣି ପାଣିର ଲହଡ଼ି ଭିତରେ !

ସେ ବାଇୟା ଆଖିରେ ପଡ଼େ ପୃଥ୍ୱୀଯାକର ଚିନ୍ତା
ଖୋଜେ ନିଖୋଜ ଗଳିର ରାସ୍ତା
ପଚାରେ ଅନେକ ଉତ୍ତର ନଥିବା ପ୍ରଶ୍ନ
ଆଉ ବାଇୟା ଚେଷ୍ଟାକରେ ଶୁଣିବାକୁ
ତା କୋଳାହଳମାନଙ୍କ ନୀରବତା !

ଅମା ଅନ୍ଧାରରେ ଝାସ୍ସା ଦିଶୁଥିବା ମୁହଁ
ଆଉ ବାସ୍ପରୁଦ୍ଧ କୋହସବୁକୁ
ପହିଲି କିରଣ ସ୍ପର୍ଶରେ ଭଲକରି ଚିହ୍ନେ ବାଇୟା !
ଜାଣିପାରେ, ସେ ଗୋଟେ ଖୁବଚିହ୍ନା
ଓଳିତଳିଆ ବାସ୍ନା, ଚମ ଚଟିଆ ।

ଅରୁଣୋଦୟ ନଗର
କଟକ, ମୋ: ୭୯୭୮୯୪୨୧୩୮




ପ୍ରକାଶ ପାଇଛି
ସ୍ନିଗ୍ଧା. ଜି. ମହାପାତ୍ରଙ୍କ
ପୁସ୍ତକ
ବୋଉ

ଶରତ

ଶୁଭ୍ରାଂଶୁ ଶେଖର ମାହୁନ୍ତ



ନିର୍ମେଘ ଆକାଶେ ଭରିଛି ଶୁଭ୍ରତା
ଶରତର ଆଗମନେ,
ପ୍ରକୃତିରାଣୀର ଅପରୂପ ଶୋଭା
ଜଗାଏ ପୁଲକ ମନେ ।
ଲୁଚକାଳି ଖେଳେ ବାଦଲ ଉହାଡ଼େ
ଅତି ସନ୍ତର୍ପଣେ ଜହ୍ନ,
ଜ୍ୟୋସ୍ନାଭିଳାଷୀ କୁମୁଦ ଓଠରେ
ସକରୁଣ ନିବେଦନ ।
ହେମକାନ୍ତି ଜିଣି ଜହ୍ନିଫୁଲ ଖେଳେ
ମୃଦୁମନ୍ଦ ସମୀରରେ,
କାଶତଣ୍ଡୀ ଫୁଲ ଚାମର ହଲେଇ
ହସଇ ତଟିନୀ ତୀରେ ।
ପକ୍ୱ ଧାନକେଣ୍ଡା ଭୁରୁଭୁରୁ ବାସ୍ନା
ଚହଟଇ ଚଉପାଶ,
ସବୁରି ପ୍ରାଣରେ ହରଷ ଖେଳାଏ
ମଧୁମୟ ପରିବେଶ ।
ରୂପ ସମ୍ଭାରରେ ପରିପୂର୍ଣ୍ଣ ସତେ
ନବୀନ ଉଲ୍ଲାସେ ଧରା,
ଶରତ ପରଶେ ମଞ୍ଜୁଳ ପ୍ରକୃତି
ବିପୁଳ ସୁଷମାଭରା ।



ଗୋଳାପୋଖରୀ, ତିହିଡ଼ି, ଭଦ୍ରକ
ଫୋନ୍ - ୮୭୪୯୦୦୨୨୯୧

ସେଇ ଜ୍ଞାନ ବୁଦ୍ଧି ଦିଅ

ଅନନ୍ତ କୁମାର ସେନାପତି




ଗଛ କେବେ କାହିଁ କରିନି ଆପତ୍ତି ଦେବାକୁ ଛାଇ
କାଠ, ଫଳ, ଫୁଲ, ଅମଳଜାନ ସେ ଦିଏ ଯୋଗାଇ ।
ନଦୀ କେବେ କାହିଁ କହିଛି କି ଥରେ ଦେବନି ପାଣି ।
କଷ୍ଟ ହେଉ ପଛେ ନିଇତି ଯୋଗାଏ ଯେଉଁଠୁ ଆଣି ।
ବିଶାଳ ଆକାଶ ନମ୍ରତା ଗୁଣରେ ରହିଛି ନଇଁ
ସୁରୁଯ ଚନ୍ଦ୍ରମା ଲକ୍ଷ ଲକ୍ଷ ତାରା ଛନ୍ତି ତା' ପାଇଁ ।
ଯେତେ କଷ୍ଟ ହେଉ ମାଆ ଶୁଣାଏନି ନିଜ କଷଣ
ସବୁ ଦୁଃଖ ପିଇ ସନ୍ତାନକୁ ଦିଏ ସୁଖ ଭୂଷଣ ।
ମାଟି ତ କହିନି ଏତେ ଓଜନକୁ ପାରୁନି ସହି
ସୃଷ୍ଟି ଆରମ୍ଭରୁ ତା' ପାଇଁ ସଭିଏଁ ପାରିଛୁ ରହି ।
ଯେତେ ଦଳିଦିଅ ଅବା ପୋଡ଼ିଦିଅ କହେନି ଘାସ
ବରଷା ଠୋପାରେ ପୁଣି ଜିଇଁ ଉଠି କରିଛି ବାସ ।
ସୃଷ୍ଟି ଆରମ୍ଭରୁ ଏମାନେ ଅଛନ୍ତି ଆମରି ପାଇଁ
ଜୀବନେ ତାଙ୍କର ପାଉଛନ୍ତି ସୁଖ ଆନକୁ ଦେଇ ।
ସେହି ଜ୍ଞାନ ବୁଦ୍ଧି ଭରିଯାଉ ପ୍ରଭୁ ସବୁରି ମନ,
ଦୂର ହୋଇଯିବ ଯେତେ ଅନ୍ଧକାର
ଆଲୋକିତ ହେବ ଏଇ ଜୀବନ ।

ବାଣ୍ଡୁପଡ଼ା, ରେଲୱେ ସାଇଡ଼ିଙ୍ଗ, ରାଜଗାଙ୍ଗପୁର
ସୁନ୍ଦରଗଡ଼, ପିନ୍ - ୭୭୦୦୧୭
ମୋ : ୭୦୦୮୩୦୪୨୨୫

କାନ୍ତକବିଙ୍କ ସ୍ମରଣେ



ଗୋଲକ ପ୍ରସାଦ ବୈୟାରୀ



କାନ୍ତକବି; ଆହେ କାନ୍ତକବି ହେ,
କିସ ବା ଉପମା ଦେବି ମୁହିଁ ହେ
ଝୁରୁଅଛି ତାଳପଦା, ଝୁରୁଛି ଉତ୍କଳ
ତୁମପରି କବି ସତେ ଜଗତେ ବିରଳ । ॥ ୧ ॥

ଏକାଧାରେ ତୁମେ କବି, ଗାଳ୍ପିକ, ଲେଖକ
ସାହିତ୍ୟ ସାଧନା କରି ରଖିଗଲ ଟେକ । ॥ ୨ ॥

ବନ୍ଦେ ଉତ୍କଳ ଜନନୀ ଲେଖାଟି ତୁମର
ଯୁଗେ, ଯୁଗେ କରିଅଛି ତୁମକୁ ଅମର । ॥ ୩ ॥

ଆହା କି ସୁନ୍ଦର ତୁମ ଜୀବନ ସଙ୍ଗୀତ
ମୁଗ୍ଧ କରେ ସର୍ବଜନ, ତନୁ, ମନ, ଚିତ୍ତ । ॥ ୪ ॥

କୋମଳ, ମଧୁର ଅଟେ କାନ୍ତକବି ନାମ
ଧନ୍ୟ ଆଜି ତୁମ ପାଇଁ ତାଳପଦା ଗ୍ରାମ । ॥ ୫ ॥

ଖୋଜୁଅଛି କଣାମାମୁଁ ଓ ବୁଢ଼ାଶଙ୍ଖାରୀ
ଭଣଇ କବିଗୋଲକ, ପୁଣି ଆସ ଫେରି । ॥ ୬ ॥

ଅଚକ, ପୋ : ମହରମପୁର, ଭଦ୍ରକ
ମୋ : ୬୮୭୩୯୧୬୭୪୪

ତୁମ ଗାଁ ଶୀତ

ମନୋଜ ଭଳ



ତମ ଗାଆଁ ଶୀତ କାହିଁକି କେଜାଣି ଆମ ଏ ଗାଁକୁ ଆସିଛି
ବାରଣ ସତ୍ତ୍ୱେ କାହାକୁ ନ ମାନି ସବୁଆଡ଼େ ଘୂରି ବୁଲୁଛି ।
ହେମାଳ ପବନ ପ୍ରେମର ପଣତେ ଢ଼ାଙ୍କି ହୋଇ ଗୋଟାପଣେ
ଉନ୍ମାଦିତ ହୋଇ ଜାଡ଼ର ଜାଲକୁ ବିଛାଉଛି ଏଣେତେଣେ ।
ଗହମ କ୍ଷେତ ଓ ଶାଗପଟାଳିରେ ଜମଉଛି ତା'ର ଖଟି
ତାହା ଯୋଗୁଁ ଏଠି ସାଇପଡ଼ିଶାରେ ପଡ଼ି ଯାଉଅଛି ତାଟି ।
ଦୁଆର ଆମର ଖୋଲା ଥିଲାବେଳେ ପଶୁଛି ଧସେଇ ହୋଇ
ମୋ ଶେଯେ ଶୋଇ ମତେ ଗୋଡ଼ଉଛି ବାଘପରି ଲମ୍ଫ ଦେଇ ।
କମ୍ବଳ ଘୋଡ଼େଇ ଶୋଉଛି ଏକା ମୁଁ ତାକୁ ଯେବେ କରି ପର
ତମ ଭଳି ସିଏ ଅଭିମାନ କରି ମୁହଁ ଫୁଲଉଛି ତା'ର ।
ବୁଝି ମୁଁ ପାରୁନି ତମ ଗାଆଁ ଶୀତ କେଡ଼େ ଅଲାଜୁକୀ ସତେ
ତମେ ଥାଉଥାଉ କାହିଁକି ସିଏ ମୋ ପଛରେ ପଡ଼ିଛି ଏତେ ?
କହିଦିଅ ତାକୁ ପାଇବାକୁ ଇଚ୍ଛା ତା ହେଉଛି ଯେବେ
ତୁମ ପାଇଁ ଯେଉଁ ହୃଦୟ ରଖିଛି ଦାବି ନ କରୁ ସେ କେବେ ।

ଚଞ୍ଚଳା ନିବାସ, ପ୍ରତାପପୁର, ନାଲଗୁଣ୍ଡା,
ମତୋ, ଭଦ୍ରକ - ୭୫୬୧୩୨
ଦୂରଭାଷା: ୯୯୩୭୪୯୮୬୯୩



ଝରେ

ରମେଶ ଚନ୍ଦ୍ର ଦାସ



ଝରଇ ଗଗନୁ ସୂରୁଜ କିରଣ
ଆଲୋକିତ କରେ ଧରାକୁ
ଝରଇ ରୂପେଲି ଜହ୍ନର ଜୋଛନା
ଚାନ୍ଦିନୀ ରାତିର କୋଳକୁ ॥
ଝରି ଟିପିଟିପି ବରଷାର ବାରି
ସବୁଜିମା କରେ ଧରାକୁ
ଝରେ ଝରଝର ପାହାଡୁ ଝରଣା
ନାଚିନାଚି ଧାଏଁ ଆଗକୁ ॥
ଝରଇ ଶୀତୁଆ ହେମାଳ କାକର
ମୁକୁତା ପିନ୍ଧାଏ ଘାସକୁ
ଝରେ ମାତା ଥନୁ ଅମୃତର ଧାରା
କଅଁଳା ଶିଶୁର ପାଟିକୁ ॥
ଝରଇ ମେଘରୁ ଇନ୍ଦ୍ରଧନୁ ଆହା
ଦେହେମାଖି ସାତ ରଙ୍ଗକୁ
ଟିକିତାରା ଠାରୁ ଆଲୋକ ଝରଇ
ଶୋଭାମୟ କରେ ନଭକୁ ॥
ଝରେ ଫୁଲଝରି ରଙ୍ଗିନୀ ଆଲୋକ
ଚକ ମକ କରେ ଆଖିକୁ
ଝରେ ଜୀବନରୁ ଦିବ୍ୟ ଜ୍ୟୋତିରେଖା
ସାଥେ ଧରିଆସେ ମୃତ୍ୟୁକୁ ॥

ଝରେ ଜୀବନର ସୁଖ ଦୁଃଖ ସ୍ମୃତି
ମନେମନେ ଭାଳି ଗତକୁ
ଝରେ ନୟନରୁ ଅମାନିଆଁ ଲୁହ
ତିନ୍ତାଇ ଶୁଖିଲା ଓଠକୁ ॥
ଝରେ ବୁଢାବେଳେ ପାକଳ ପତର
ଗଛଡାଳ ଛାଡ଼ି ଭୂଇଁକୁ
ଝରିଝରି ଯାଏ ଆତ୍ମା ପରମାତ୍ମା
ଛାଡ଼ି ଏ ନଶ୍ୱର ଦେହକୁ ॥
ଝରେ ନିତି ପ୍ରତି ସୁଶୀଳ ପ୍ରଭାତ
ଶୁଭମୟ କରି ଧରାକୁ
ଝରେ ସତ୍ୟ,ପ୍ରେମ,ଶାନ୍ତି ଚିରନ୍ତନ
ସୁମରି ଜଗତ ପିତାଙ୍କୁ ॥

ମୋ: ୮୨୪୯୩ ୪୯୬୦୩



ପ୍ରକାଶ ପାଇଛି
ଅରବିନ୍ଦ ସ୍ୱାଇଁଙ୍କ
ପୁସ୍ତକ
ଖଜୁରୀ ଗଛର
କି ଗୁଣ ଗାଇବି

ସଜୀବ ପୂଜା

ସ୍ୱର୍ଗତ ପଦ୍ମନାଭ ବେହେରା

ପଥ ଦିଅ ଛାଡ଼ି ପଥର ଦେଉଳେ
ଦେଖିବ ମୁଁ କିଏ ଅଛି
କିଏସେ ମହାତ୍ମା କାହାଲାଗି ଅବା
ଏତେ ଗହଳି ଲାଗିଛି ।
ନୁହେଁ ଏ ତ ଗାନ୍ଧି ନୁହେଁ ଗୋପବନ୍ଧୁ
ନୁହେଁ ଏ ତ ବିଶ୍ୱକବି
ନୁହେଁ ଏ ବିପ୍ଳବୀ ନେତାଜୀ ଯେ ବିଶ୍ୱେ
ଆଙ୍କିଲା ନୂତନ ଛବି ।
ପଥର ପ୍ରତିମା ପୂଜୁଅଛ କିମ୍ପା
ଆଜି ଏ ନବୀନଯୁଗେ
ଏ ସଭ୍ୟ ଦୁନିଆ ମଧ୍ୟେ ଏ କିମ୍ପା
ଅନ୍ଧ ବିଶ୍ୱାସ ଜାଗେ ?
ନିର୍ଜୀବ ମୂରତି ଅର୍ଚ୍ଚନା ନ କର
କର ଆଦର୍ଶର ପୂଜା
ଆଦର୍ଶ ନିଷ୍ଠାରେ ପୁଣ୍ୟ ଆଚରଣେ
ଉଠିବ ମା, ଦଶଭୂଜା ।
ବାହ୍ୟ ଆଚରଣ ବାହ୍ୟ ଅନୁଷ୍ଠାନ
ଦିଅ ଆଜି ବିସର୍ଜନ
ଅନ୍ତରକୁ କରି ଶୁଦ୍ଧ ଓ ପବିତ୍ର
କରହେ ବ୍ରତ ପାଳନ ।

ବିଶ୍ୱରେ ସହସ୍ର ସଜୀବ ମରନ୍ତି
ମୁଠାଏ ଅନ୍ନ ନ ପାଇ
ତାଙ୍କ ଆର୍ତ୍ତନାଦ ତାଙ୍କ ହାହାକାର
ଶୁଣିବାକୁ କେହି ନାହିଁ ।
ଗଦାଗଦା ଅର୍ଥ ଧନୀ ପୁଞ୍ଜିପତି
ନିତି କରୁଅଛି ଠୁଳ
ଭୋକରେ ଆତୁର ହୁଏ ଦୀନଦୁଃଖୀ
ଝରେ ତାରେ ଅଶ୍ରୁଜଳ ।
ନିର୍ମଳ ମନରେ ଦୀନ ସେବାକର
ଦୁର୍ନୀତିକୁ କର ଦୂର
ନିର୍ଜୀବ ମୂରତି ପୂଜାତେଜି ଶୁଣ
ସଜୀବର ହାହାକାର ।
ନିରନ୍ନକୁ ଅନ୍ନ ନିରାଶ୍ରୟେ ବାସ

ନିଃସ୍ୱେଦିଅ ଆଶ୍ୱାସନା
ନୂତନ ଯୁଗର ତାହାହିଁ ଯେ ବ୍ରତ
ତାହା ହିଁ ଯେ ଆରାଧନା ।



ଜୀବନ

ରମେଶ ଚନ୍ଦ୍ର ସ୍ୱାଇଁ



ସକାଳ ସଞ୍ଜ ଯନ୍ତ୍ରଣାର ଗଞ୍ଜ
କେତେ ମାନ ଅଭିମାନ
କାହାକୁ କହିବି କିଏ ବା ଶୁଣିବ
ମୋ ମନର ଅଭିମାନ ।
ଯାହାକୁ କରିଛି ଜୀବନ ନାଟିକା
ସବୁ ସ୍ୱାର୍ଥର ମହଲ,
ରକତ ଭୂଲିଛି ରକତ ସମ୍ପର୍କ
ଜୀବନଟା କଲବଲ ।
ସୁଖ ବୋଲି ଯାହା ଆଖିକୁ ଦିଶୁଛି
ମରୁ ମରୀଚିକା ସମ
ତଥାପି ମୁଁ ମିଛେ ଦଉଡ଼ି ଚାଲିଛି
ପାଇବାକୁ ମିଛ ପ୍ରେମ ।
ଚାରୋଟି ଅବସ୍ଥା ଜୀବନ ବ୍ୟବସ୍ଥା
ଆଜି ଅପରାହ୍ନ ଡାକ,
ସ୍ମୃତିରେ ନାଚଇ ସବୁ କାରନାମା
ଅବସୋସ ଆଉ ଭୋକ ।
ଚାଲିଯିବି ଦିନେ ମଶାଣୀ ଭୂଇଁକୁ
ଯେଉଁଠି ସବୁର ଶେଷ ।
କେତେ ସ୍ୱପ୍ନନେଇ ଗଢ଼ିଥିଲି ଘର
ମୁଁ ସେଇ ବିଚିତ୍ର ମଣିଷ ।



ବାଇପାସ, ଭଦ୍ରକ
ମୋ : ୮୩୨୮୮୦୦୧୮୪

ବାସ୍ତବ ର ଆଢୁଆଳେ

ନିରୁପମା ପାଣି



ସମୟ ଆସିବ ଦିନେ
ସମୟ ଆସିବ,
ଟଙ୍କା ପଛେ ଧାଇଁବାଟା
ନିଶ୍ଚେ କଷ୍ଟଦବ ।

ଖଟିବାରେ ସରିଯିବ
ବାରଣା ଆୟୁଷ,
ତା'ପରେ ବାର୍ଦ୍ଧକ୍ୟକରେ
ଶରୀରକୁ ଗ୍ରାସ ।

ପାଟି ଥିବ ପେଟ ଥିବ
ଦାନ୍ତ ଯେ ନଥିବ,
ଇଚ୍ଛା ଥିବା ଖାଦ୍ୟ ସେ ଯେ
ଖାଇ ନପାରିବ ।

ପାଦ ଥିବ ରାସ୍ତା ଥିବ
ବଳ ତ ନଥିବ,
ଆଗକୁ ଯିବାକୁ ମନ
ପଛଘୁଞ୍ଚା ଦେବ ।

ଆୟ ଅଳଂକାର ଥିବ
ଦେହ ନେବ ନାହିଁ,
ପୁରୁଣା ଲୁଗା ଖଣ୍ଡିରେ
ଦିନ ସରିବଇଁ ।

ଯାନିଯାତ୍ରା ଭ୍ରମଣରେ
ଆଶା ଡାକୁଥିବ,
ଯାହାକୁ ଆଶା କରିବ
ସେ ଯେ ଧୋକା ଦେବ ।

ମୃଷା ପରି ନେବେ ହରି
ଧନ ରତ୍ନ ପିଲା,
କେହି କହିବେନି ଏତ
ଆପଣାର ଥିଲା ।

ପେଟକୁ ନଖାଇ ଦାନା
ଦେଇଛି ପିଲାଙ୍କୁ ,
ବାର୍ଦ୍ଧକ୍ୟରେ ଆମେ ସେବା
କରିବା ଏଟାକୁ ।

ସମୟଟା ଚାଲିଗଲେ
ଆଉ ସେ ଫେରେନା,
ସଂସାର ସଂସାର ବାଇ
ବେଶୀ କେ ହୁଅନା ।


କର୍ତ୍ତବ୍ୟ ସହିତ ଦେଖ
ଆପଣା ଖୁସିକୁ,
ଶେଷବେଳେ ଅବସୋସ
ନ ଆସୁ ମନକୁ ।

ଚାନ୍ଦବାଲି , ଭଦ୍ରକ,
ମୋ-୬୩୭୨୨୧୪୪୫୯

ତୁମେ ଗଲା ପରେ

ସୁରଥ କୁମାର ରାଉତ

ଯେଉଁ କଲମରେ ତୁମ ପାଇଁ ପ୍ରିୟା
ଲେଖୁଥିଲି ଚିଠି ନିତି
ସେଇ କଲମକୁ ଅତି ଯତନରେ
ରଖିଛି ଆଜି ସାଇତି ।
ଅଜଣା ପୁଲକେ ପୁଲକିତ ମନ
ଆପଣାର କଲା ପରେ
କଲମ ମୁନରେ ବାନ୍ଧି ରଖେ ଶବ୍ଦ
କାଗଜର ଟୁକୁଡ଼ାରେ ।
ଭାବନାର ତାଳେ ଲେଖି ଲେଖି ଚାଲେ
ଭୁଲି ପାରୁନାହିଁ ସ୍ମୃତି
ଯେଉଁ କଲମରେ ତୁମ ପାଇଁ ପ୍ରିୟା
ଲେଖୁଥିଲି ଚିଠି ନିତି !
ସେ କଲମେ ଆଉ ଲେଖୁନାହିଁ ଚିଠି
ତୁମେ ଛାଡ଼ିଗଲା ପରେ
ଭାରି ଭାରି ଲାଗେ ଇନ୍ଦ୍ରଧନୁ ରଙ୍ଗ
ଆଜି କାହିଁ ଆକାଶରେ ।
ଭାବନାରେ ଆଉ ଆସୁନାହିଁ ଶବ୍ଦ
ଏକା ଏକା ବିତେ ରାତି
ଯେଉଁ କଲମରେ ତୁମ ପାଇଁ ପ୍ରିୟା
ଲେଖୁଥିଲି ଚିଠି ନିତି ।



ସଭାପତି, ପରିବାର ସାହିତ୍ୟ ସଂସଦ
ବନ୍ଧୁପୁର, ସମିତଙ୍ଗା
କଟକ - ୭୫୪୧୩୧



ଆର୍ଯ୍ୟ ଦାସର ଆତ୍ମଲିପି

ସୂର୍ଯ୍ୟବଂଶୀ ସୂରଜ

ଦେଶସେବାର ଆବେଗିକ ଉଦ୍‌ଘୋଷ 'ବନ୍ଦେ ମାତରମ୍'

ଭାରତ ଏକ ଆଲୌକିତ ଭୂଖଣ୍ଡ । ପୌରାଣିକ, ଆଧ୍ୟାତ୍ମିକ, ଶାସ୍ତ୍ରୀୟ ତଥା ଲୌକିକ ଚେତନା ଏହାର ଭିତ୍ତି । ଭାରତ କେବଳ ଭୌଗୋଳିକ ସୀମା ଭିତରେ ଆବଦ୍ଧ ଭୂଖଣ୍ଡ ନୁହେଁ; ଏହା ଜ୍ଞାନ, ପ୍ରଜ୍ଞା, ଚେତନା ଓ ମହାକରୁଣାର ଭୂମି । ବାତ୍ସଲ୍ୟର ବଡ଼ଦାଣ୍ଡ ହେଉଛି ଭାରତ । କେଉଁ ବୈଦିକ କାଳରୁ ଏହି ଭାରତବର୍ଷକୁ ମା' ବୋଲି ସମ୍ବୋଧନ କରି ଆସୁଛୁ । ଅଥର୍ବ ବେଦର 'ଭୂମିସୂକ୍ତ'ରେ ବର୍ଣ୍ଣିତ 'ମାତା ଭୂମି ପୁତ୍ର ଅହଂ ପୃଥିବ୍ୟା' ଏହି ଉଦ୍ଦାତ୍ତ ଉଚ୍ଚାରଣର ପ୍ରତିଭୂ । ମାଆ ଯେମିତି ତା'ର ସନ୍ତାନକୁ ସର୍ବସ୍ୱ ପ୍ରଦାନ କରେ, ସେହିପରି ଭାରତମାତା ତା'ର ସମସ୍ତ ସନ୍ତାନକୁ ପରିପାଳିତ, ପରିତୋଷିତ କରେ । "ବୟଂ ତ୍ୱାଂ ବଳିହୃତ ଶ୍ୟାମ' ଏହି ମମତାର ମୁଖଶାଳା ପାଲଟେ । ଏହି ସ୍ୱର୍ଣ୍ଣପ୍ରସୂ ଭାରତମାତା କେତେ ଝଡ଼ଝଂଜା ଦେଇ ଗତି କରିଛି । ବୈଦେଶିକ ଆକ୍ରମଣ, ଲୁଣ୍ଠନ, ଅବଦମନ ସବୁକୁ ସାକ୍ଷୀ ଓ ପ୍ରତ୍ୟକ୍ଷ କରିଛି । କେବେ ଚନ୍ଦ୍ରଗୁପ୍ତ, ଖାରବେଳ ଓ କପିଳେନ୍ଦ୍ରଙ୍କୁ ଦେଖିଛି ତ କେବେ ପୁଣି ପରାଧୀନତାର ଗ୍ଲାନିରେ ଝାଉଁଳିଯାଇଛି । ତଥାପି ସ୍ୱୟଂପ୍ରଭା, ସମୁଜ୍ଜଳା ଏ ଧରିତ୍ରୀ କାହାରିକୁ କାଣିଚାଏ ସ୍ନେହରୁ ବଞ୍ଚିତ କରିନାହିଁ । ତା'ର ମାଟିକୁ ଚନ୍ଦନ କରି ମଥାରେ ଲେପିବାର ଉପକ୍ରମ ସମାଗତ ।

ଡଚ୍, ପ୍ରେଞ୍ଚ, ପର୍ତ୍ତୁଗୀଜ୍ ଓ ଇଂରେଜମାନଙ୍କ ଦ୍ୱାରା ଭାରତ ଶାସିତ ହେବା ଦିନ ଠାରୁ ଏହାର ଅଧଃପତନ ଆରମ୍ଭ ହେଲା କହିଲେ ଅତ୍ୟୁକ୍ତି ହେବନାହିଁ । ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାରତ ଶୋଷଣର ଶିକାର ହେଲା । ପାଇକ ସଂଗ୍ରାମ, ୧୮୫୭ର ସିପାହୀ ସଂଗ୍ରାମ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପକାଇଥିଲା । ସ୍ୱାଧୀନତା ଆନ୍ଦୋଳନ ଏକ ଦୂରଦର୍ଶୀ ଚିନ୍ତନ ଥିଲା, ଯେଉଁଠି ସବୁ ବର୍ଗର ବ୍ୟକ୍ତି ଏପରିକି ଋଷି, ମୁନି, ସନ୍ନ୍ୟାସୀ ; ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଯୋଗଦେଲେ ।

ସ୍ୱାଧୀନତାର ବହ୍ନି ଓ ମୁକ୍ତିର ମଶାଲ୍ ଜାଳିବା ପାଇଁ କବିତା ଓ ସାହିତ୍ୟ ହୋଇଥିଲା

ସହାୟକ । 'ଅସି ଠାରୁ ମସୀର ଶକ୍ତି ବେଶୀ' ନ୍ୟାୟରେ ଅନେକ ଉଦ୍‌ବୋଧନଧର୍ମୀ କବିତା ଜନପ୍ରାଣକୁ ଆନ୍ଦୋଳିତ, ଉଦ୍‌ବୁଦ୍ଧ କରିଥିଲା । ତନ୍ମଧ୍ୟରୁ ମହର୍ଷି ବଙ୍କିମଚନ୍ଦ୍ରଙ୍କ ରଚିତ ବନ୍ଦେ ମାତରମ୍ ଥିଲା ଅଗ୍ରଗଣ୍ୟ ।

ନଭେମ୍ବର ୭ ତାରିଖ ୧୮୭୫ ମସିହାର ଅକ୍ଷୟ ନବମୀରେ ଏହି ଗୀତ ରଚିତ ହୋଇଥିଲା । ଜଗଦ୍ଧାତ୍ରୀ ପୂଜାର ପାବନ ଅବସରରେ ରଚିତ 'ବନ୍ଦେ ମାତରମ୍' କୋଟି କୋଟି ପ୍ରାଣରେ ସ୍ୱାଧୀନତାର ଉଚ୍ଛ୍ୱାସ ଓ ଫୁକାର ଭରିଦେଇଥିଲା । ପ୍ରଥମେ ଏହା ବଙ୍ଗଦର୍ଶନ ପତ୍ରିକାରେ ପ୍ରକାଶିତ ହୋଇ ପରବର୍ତ୍ତୀ ସମୟରେ ପ୍ରସିଦ୍ଧ ଉପନ୍ୟାସ 'ଆନନ୍ଦ ମଠ'ର ଏକ ଅଂଶରୂପେ ସ୍ଥାନ ପାଇଥିଲା । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଏହାର ସଙ୍ଗୀତ ଦେଇଥିଲେ ଓ ପ୍ରଥମଥର ପାଇଁ ୧୮୯୬ କଂଗ୍ରେସର କଲିକତା ଅଧିବେଶନରେ ଗାନ କରିଥିଲେ । 'ବନ୍ଦେ ମାତରମ୍' ସଙ୍ଗୀତର ମୂର୍ଚ୍ଛନା ଓ ଆବେଦନର ଅନନ୍ୟତା, ସ୍ୱତନ୍ତ୍ରତା ଯୋଗୁଁ ଏହାକୁ ୧୯୦୫ର ବନାରସ କଂଗ୍ରେସ ଅଧିବେଶନରେ କବି ସରଳାଦେବୀ ଚୌଧୁରାଣୀ ସଗର୍ବେ ଗାନ କରିଥିଲେ । ୧୯୦୭ ମସିହାରେ ମାଡାମ୍ ଭିକାଜୀ କାମା 'ବନ୍ଦେ ମାତରମ୍' ତ୍ରିରଙ୍ଗା ବର୍ଲିନ୍‌ରେ ଉଡ଼ାଇଥିଲେ । ବନ୍ଦେ ମାତରମ୍ ଏହି ମହତ୍ତ୍ୱପୂର୍ଣ୍ଣ କାଳଖଣ୍ଡର ସାକ୍ଷୀ- ଅଫୁରନ୍ତ ପ୍ରେରଣା ଓ ଅଦମ୍ୟ ଉତ୍ସାହର ମୂଳସ୍ରୋତ । ଭାରତମାତାଙ୍କ ସମ୍ମୁଖରେ ମଥାନତ କରି ଏକତା, ଅଖଣ୍ଡତା ଓ ଅନନ୍ତ ସୌଭାଗ୍ୟ ଓ ଗୌରବ ମାଗିବାର ଗୀତ ।

ବନ୍ଦେ ମାତରମ୍ ଜାତୀୟ ଜାଗରଣର ପ୍ରତିଧ୍ୱନି । ଏହା ଆମର ସାମୂହିକ ଶକ୍ତି ଓ ଭାବନା, ଜାତୀୟତା ଓ ଜାଗରୁକତାର ଜ୍ୱଳନ୍ତ ପ୍ରମାଣ । ସ୍ୱାଧୀନତା ସଂଗ୍ରାମୀ, ବିଦ୍ରୋହୀ, ଦେଶଭକ୍ତଙ୍କର ନବୀନ ମନ୍ତ୍ର ଥିଲା 'ବନ୍ଦେ ମାତରମ୍' । ଖୁଦିରାମ ବୋଷଙ୍କଠାରୁ ଶ୍ରୀଅରବିନ୍ଦଙ୍କ ପର୍ଯ୍ୟନ୍ତ, ଭଗତ୍ ସିଂହ ଠାରୁ ରାଜଗୁରୁଙ୍କ ଯାଏ; ସମସ୍ତଙ୍କ ମୁହଁରେ ଥିଲା 'ବନ୍ଦେ ମାତରମ୍' ଉଚ୍ଚାରଣ । ମହାନ୍ ସ୍ୱାଧୀନତା ସଂଗ୍ରାମୀ ମଦନଲାଲ ଡିଙ୍ଗ୍‌ରାଙ୍କୁ ଯେତେବେଳେ ଇଂଲଣ୍ଡରେ ଫାଶୀ ଦିଆଗଲା ସେ ନିର୍ଭୀକ ଭାବରେ କେବଳ 'ବନ୍ଦେ ମାତରମ୍' ଉଚ୍ଚାରଣ କରି ଭାରତମାତାର ଜୟଗାନ କରିଥିଲେ । ଏହି ସାହସ, ଶୌର୍ଯ୍ୟ, ଅତୁଳିତ ପରାକ୍ରମ 'ବନ୍ଦେ ମାତରମ୍'ରୁ ଆହରିତ ହେଉଥିଲା । ଭାରତୀୟ ସାଂସ୍କୃତିକ ଚେତନାର ଏହା ଉତ୍ତୁଙ୍ଗ ପରିଚୟ ବୋଲି ପ୍ରତିଭାତ ହେଉଥିଲା ।

ଜାତୀୟତାର ଅମର ଗୀତ, ମା ଭାରତୀଙ୍କ ପ୍ରବୁଦ୍ଧ ବୁଦ୍ଧ ବର୍ଣ୍ଣନା ଭିତରେ 'ବନ୍ଦେ ମାତରମ୍' ଦେଶପ୍ରେମର ଝଙ୍କାର ତୋଳିବାରେ ସକ୍ଷମ ହୋଇଛି । ଆନନ୍ଦର ବିଷୟ, ମହର୍ଷି ବଙ୍କିମଚନ୍ଦ୍ର ଓଡ଼ିଶା ଭୂମିରେ କର୍ମମୟ ଜୀବନ ଅତିବାହିତ କରିଛନ୍ତି । ତାଙ୍କର ସାରସ୍ୱତ, ଆଧ୍ୟାତ୍ମିକ ଆଦର୍ଶର ଯାତ୍ରାରେ ଓଡ଼ିଶାର ପ୍ରେରଣା ଅନସ୍ୱୀକାର୍ଯ୍ୟ । କାନ୍ତକବିଙ୍କ 'ପୂତ ପୟୋଧି ବିଧୌତ ଶରୀରା' ଏବଂ ବଙ୍କିମ ଚନ୍ଦ୍ରଙ୍କ 'ସୁଜଳାଂ, ସୁଫଳାଂ'ର ବାର୍ତ୍ତା ଭିତରେ ଭାରତୀୟ ଚେତନାର ଓ ବନସ୍ପତିର ପ୍ରଭାବ ସ୍ପଷ୍ଟ ଦେଖିବାକୁ ମିଳେ । 'ବନ୍ଦେ ମାତରମ୍' କେବଳ ଭାରତମାତାଙ୍କ ଆରାଧନା ନୁହେଁ ବରଂ ଏ ଭୂମିର ଋଣ ପରିଶୋଧର

ମନ୍ତ୍ରପାଠ । ଏହା ସ୍ୱରାଜ, ସ୍ୱତନ୍ତ୍ରତା ଓ ବିମୁକ୍ତି ଚେତନାର ଆସ୍ଥା-ପୀଠ । ମାତୃଭୂମିର ରକ୍ଷା ପରମ ଧେୟ - ଏହି ବିଚାରକୁ ଆଗକୁ ନେଇ ବନ୍ଦେ ମାତରମ୍ ରଚିଥିଲା ଇତିହାସ ବକ୍ଷରେ ଏକତାର ଜୈତ୍ରଯାତ୍ରା । ୨୦ ମଇ ୧୯୦୬ ମସିହାରେ ୧୦,୦୦୦ ହିନ୍ଦୁ ଓ ମୁସଲମାନ ଭାଇ ବାରିସାଲ୍ (ବର୍ତ୍ତମାନର ବାଂଲାଦେଶ)ରେ ଏହି ଗୀତ ଗାଇ ଗାଇ ପଦଯାତ୍ରା କରିଥିଲେ । ବିପିନ୍ ଚନ୍ଦ୍ର ପାଲ୍ 'ବନ୍ଦେ ମାତରମ୍' ନାମକ ଏକ ଇଂରାଜୀ ଦୈନିକ ସଂପାଦନା କରୁଥିଲେ ଏବଂ ଶ୍ରୀଅରବିନ୍ଦ ଥିଲେ ଅନ୍ୟତମ ସହାୟକ । ଏହି ସଂଗୀତର ଜନପ୍ରିୟତା ଏତେ ପ୍ରଖର ଥିଲା ଯେ ବ୍ରିଟିଶମାନେ ଏହାର ଗାନରେ ପ୍ରତିବନ୍ଧକ ଲଗାଇ ଥିଲେ ।

'ବନ୍ଦେ ମାତରମ୍' ଗାନ ଯୋଗୁଁ ଅନେକ ଦେଶପ୍ରେମୀ, ସଂଗ୍ରାମୀଙ୍କୁ ଦଣ୍ଡିତ ହେବାକୁ ପଡ଼ିଥିଲା । ଏହା ସତ୍ତ୍ୱେ ବନ୍ଦେ ମାତରମ୍ ପାଲଟିଥିଲା ସଂଗ୍ରାମର ଦୀପ୍ତ ଓ ବୈପ୍ଳବିକ ସ୍ୱର । ଏପରିକି ବିଦେଶରେ ମଧ୍ୟ ଜନଗଣ ଏହି ସଂଗ୍ରାମୀ ଗୀତର ଅନ୍ତର୍ମର୍ମରେ ଅଭିଭୂତ ହୋଇ ସ୍ୱାଧୀନତା ପାଇଁ ଏ ଗୀତକୁ ଗାନ କରୁଥିଲେ । ଅନେକ ବ୍ୟକ୍ତିକୁ ସ୍ୱାଧୀନତା ସଂଗ୍ରାମରେ ଯୋଡ଼ିବା ପାଇଁ ବନ୍ଦେ ମାତରମ୍ ସାଜିଥିଲା ସେତୁ ।

ଏପରି ଗୀତର ବିକଳ୍ପ ନାହିଁ । ଗୀତ ତ ନୁହେଁ, ସ୍ୱାଧୀନତାର ବୀଜ ମନ୍ତ୍ର । ସମ୍ବିଧାନ ପ୍ରଣୟନ ସଭା ଉଭୟ ଜନ, ଗଣ, ମନ (ଜାତୀୟ ସଂଗୀତ) ଓ ବନ୍ଦେ ମାତରମ୍ (ରାଷ୍ଟ୍ରୀୟ ଗୀତ)କୁ ଜାତୀୟ ପ୍ରତୀକ ଭାବରେ ଗ୍ରହଣ କରିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ଗୀତ ମଧ୍ୟ ରାଜନୀତିର ଶୀକାର ପାଲଟିଥିଲା । ୧୮୯୬ ରୁ ୧୯୨୨ ପର୍ଯ୍ୟନ୍ତ ସବୁ ରାଷ୍ଟ୍ରୀୟ କଂଗ୍ରେସ ଅଧିବେଶନରେ ଏହାକୁ ଗାନ କରାଯାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ବିରୋଧ ଯୋଗୁଁ ଅର୍ଦ୍ଧାଧିକ ଅଂଶ କାଟି ଦିଆଯାଇଥିଲା । ଭାରତର ବିଭାଜନ ପରି ଗୀତର ବିଭାଜନ ଅତ୍ୟନ୍ତ ପରିତାପର ବିଷୟ ।

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି , ସାଂପ୍ରତିକ ସମୟ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ । ଏକତାର ସୂତ୍ରରେ ନୂତନ ଭାରତର ନିର୍ମାଣ, ଅମୃତ କାଳର ଅନୁସରଣକୁ ସ୍ୱାଗତ କରିବା ଏହାର ଲକ୍ଷ୍ୟ । ଆତ୍ମଚେତନା ଓ ଏକାତ୍ମତାର ପୁନର୍ଜାଗରଣ ନିମନ୍ତେ 'ବନ୍ଦେ ମାତରମ୍' ବହୁ ଭାବେ ସହାୟକ ହେବ । ଆତ୍ମନିର୍ଭରତା, ସ୍ୱଦେଶୀ, ନବାଚାର ଓ ରାଷ୍ଟ୍ରୀୟ ସ୍ୱାଭିମାନ 'ବନ୍ଦେ ମାତରମ୍' ଶିକ୍ଷା ଦେଇଛି । ଭୌଗୋଳିକ ପରିସୀମାର ଉର୍ଦ୍ଧ୍ୱକୁ ଯାଇ ବିଶ୍ୱକୁ ପ୍ରେରିତ କରିବାର ବଜ୍ର ଉଦ୍‌ଘୋଷ ହେଉଛି 'ବନ୍ଦେ ମାତରମ୍' । ଯଦି ଆମେ 'ବନ୍ଦେ ମାତରମ୍'ର ପ୍ରକୃତ ଅର୍ଥ ହୃଦୟଙ୍ଗମ କରିବା, ତେବେ ଏହା ଭାରତ ସମେତ ସମଗ୍ର ବିଶ୍ୱକୁ ଅଭିମନ୍ତ୍ରିତ ଓ ଉଦ୍‌ବୁଦ୍ଧ କରିବ । ଆସନ୍ତୁ, ସେହି ମହାନ୍ ଗୀତର ସ୍ମୃତି ଓ ସ୍ୱାକ୍ଷରକୁ ବହନ କରି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବା ।

ସୁନୀତାବଂଶୀ ସୁରଭି

❐